ଛୋଟରାୟ ଗୀତିନାଟ୍ୟ ସଂକଳନ

ଗୋପାଳ ଛୋଟରାୟ

Digitized by srujanika@gmail.com

ଛୋଟରାୟ

ଗୀତିନାଟ୍ୟ ସଂକଳନ

ଗୋପାଳ ଛୋଟରାୟ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ : ତପନ କୁମାର ମହାପାତ୍ର
ଅପ୍ରତିମା (ଅଫ୍‌ସେଟ୍) ପ୍ରିଣ୍ଟସ୍
ସୂତାହାଟ, କଟକ-୧

ପ୍ରଥମ ମୁଦ୍ରଣ : ଜୁନ୍, ୧୯୯୫

ମୂଲ୍ୟ : ଟ ୧୦୦/-
ସାଦାବନ୍ଧେଇ : ଟ ୯୦/-

Digitized by srujanika@gmail.com

ଉତ୍ସର୍ଗ

ସ୍ନେହଭାଜନେଷୁ
ଶ୍ରୀ ଅଭିରାମ ମହାପାତ୍ର....

ପରମ ହିତାକାଂକ୍ଷୀ
ଗୋପାଳ ଛୋଟରାୟ

Digitized by srujanika@gmail.com

ଭୂମିକା

ଓଡ଼ିଆ ନାଟ୍ୟକ୍ଷେତ୍ରରେ ବର୍ତ୍ତମାନ ଯେଉଁ ଗୀତିନାଟ୍ୟର ଧାରା ଓ ପ୍ରଚଳନ ଚାଲିଚି ତା'ର ପ୍ରାଣପ୍ରତିଷ୍ଠାତା ଥିଲେ ସ୍ୱର୍ଗତ ଗଣକବି ବୈଷ୍ଣବପାଣି । ପାଣିକବିଙ୍କର ସମସାମୟିକ ଅନ୍ୟ ଗୀତିନାଟ୍ୟକାରମାନେ ହେଲେ ସ୍ୱର୍ଗତ ଗୋପାଳ ଦାସ, ଜଗନ୍ନାଥ ପାଣି ଓ ଅନ୍ୟମାନେ । ପାଣିକବି ତାଙ୍କର ପ୍ରଥମ ଗୀତିନାଟ୍ୟ ଓ ଗୀତାଭିନୟ ଆଦି ରଚନା କଲେ ଏଇ ବିଂଶ ଶତାବ୍ଦୀର ଦ୍ୱିତୀୟ ପାଦ ଅର୍ଥାତ୍ ୧୯୨୦ ମସିହା ପ୍ରାରମ୍ଭରେ । ଏହା ପୂର୍ବରୁ ଅବଶ୍ୟ ଆମ ନାଟ୍ୟକଳାକ୍ଷେତ୍ରରେ ରାମଲୀଳା, କୃଷ୍ଣଲୀଳା, ନୌଟଙ୍କି, ମୋଗଲ ତାମ୍ସା ପ୍ରଭୃତିର ସମ୍ୟକ୍ ପ୍ରଚଳନ ଥିଲା । ପାଣିକବି କିନ୍ତୁ ଏସବୁର ସୀମା ସ୍ପର୍ଶ ନକରି, ଗୀତିନାଟ୍ୟ ଗୀତାଭିନୟ ଆଦି ରଚନା କରି ସେ ସବୁର ଅଭିନୟ ପ୍ରଦର୍ଶନ କରାଇଲେ । ଏସବୁ ଲେଖା ଆରମ୍ଭ ମୁହୂର୍ତ୍ତରୁ ହିଁ ସେ ଏ କ୍ଷେତ୍ରରେ ବିସ୍ମୟକର ପ୍ରସିଦ୍ଧି ଲାଭ କରିପାରିଥିଲେ । ଏହା ପରଠୁ ସେ ଆଉ ପଛକୁ ଫେରିଚାହିଁନାହାନ୍ତି । ଏଇ ଗୀତିନାଟ୍ୟର ଯୁଗ ୧୯୪୦ ମସିହା ପରେ ଯେ କୌଣସି କାରଣରୁ ହେଉ ଓଡ଼ିଶାଭୂମିରୁ ବିଚ୍ଛିନ୍ନ ହୋଇଗଲା ।

୧୯୬୦ ମସିହା । ମୁଁ କଟକ ଆକାଶବାଣୀ କେନ୍ଦ୍ରରେ ଜଣେ ନାଟ୍ୟକାର ଭାବରେ ଯୋଗଦେଇଥାଏ । ଆକାଶବାଣୀରେ ଅପେରା ବା ଗୀତିନାଟ୍ୟ ପ୍ରସାରଣର ପ୍ରସ୍ତାବ ଆସିଲା । ମୁଁ ଏ ପ୍ରସ୍ତାବକୁ ସମର୍ଥନ କଲି । କେହି ଜଣେ ବିରୋଧ କରି କହିଲେ— ଆକାଶବାଣୀରେ ବୈଷ୍ଣବପାଣି ପ୍ରଭୃତିଙ୍କ ଯାତ୍ରା ସ୍ଥାନପାଇବା ଉଚିତ ନୁହେଁ । ଏଥିରେ ଆକାଶବାଣୀର ମର୍ଯ୍ୟାଦା ହାନି ଘଟିବ । ମୁଁ କହିଲି— ଦେଖନ୍ତୁ, ଯାତ୍ରା

Digitized by srujanika@gmail.com

ଅର୍ଥ ଅପେରା ବା ଗୀତିନାଟ୍ୟ ନୁହେଁ । ଏଇସବୁ ଗୀତିନାଟ୍ୟ ମୁଖ୍ୟତଃ ଯାତ୍ରା ଆଦି ଉତ୍ସବମାନଙ୍କରେ ପ୍ରଦର୍ଶିତ ହୋଇଥାଏ ବୋଲି କେତେକ ମହଲରେ ଏହାକୁ ଯାତ୍ରା ବୋଲି କୁହାଯାଇଥାଏ । ଅପେରା ହେଉଚି ଏକ ଇଂରେଜୀ ଶବ୍ଦ । ଏହାର ଆଭିଧାନିକ ଅର୍ଥ ହେଲା- Musical Drama, ଆଉ ଏଇ ଇଂରାଜୀ ଶବ୍ଦ ଦୁଇଟିର ଓଡ଼ିଆ ଅନୁବାଦ ହେଲା– 'ଗୀତିନାଟ୍ୟ' । ଏହାପରେ ଆଉ କାହାରି କିଛି କହିବାର ନଥିଲା । କଟକ ଆକାଶବାଣୀରେ ସର୍ବପ୍ରଥମେ ବୈଷ୍ଣବପାଣିଙ୍କ ସେଇ ଅମରକୃତି ରଙ୍ଗସଭା ଗୀତିନାଟ୍ୟ ସେଇ ବର୍ଷ ଅର୍ଥାତ୍ ୧୯୬୦ ମସିହା ନଭେମ୍ବର ମାସ ୧୬ ତାରିଖଦିନ ପ୍ରସାରିତ ହେଲା । ଆକାଶବାଣୀ ତରଫରୁ ଏ ଗୀତିନାଟ୍ୟର ବେତାର ନାଟ୍ୟରୂପ ଓ ପ୍ରଯୋଜନା ଆଦି ସମସ୍ତ ଦାୟିତ୍ୱ ବ୍ୟକ୍ତିଗତ ଭାବେ ମୁଁ ଗ୍ରହଣ କରିଥିଲି । ରିହାର୍ସଲ୍ ଆରମ୍ଭ ହେଲା । କଳାକାରମାନେ ଆସିଗଲେଣି । ମୁଁ ଷ୍ଟୁଡ଼ିଓକୁ ଗଲି, ଦରଜା ଖୋଲି ଦେଖିଲି ସଙ୍ଗୀତ ପରିଚାଳକ ଶ୍ରୀ ଭୁବନେଶ୍ୱର ମିଶ୍ର ଦରଜା ଆଡ଼କୁ ମୁହଁ କରି ବସିଚନ୍ତି । ସେ ମତେ ଦେଖିଲେ । ତାଙ୍କ ସମ୍ମୁଖରେ ଜଣେ ନାରୀ ସଙ୍ଗୀତ ଶିଳ୍ପୀ ମତେ ପଛକରି ବସିଚନ୍ତି, ସେ ମତେ ଦେଖିପାରିନାହାନ୍ତି । ମୁଁ ଷ୍ଟୁଡ଼ିଓ ଭିତରେ ପାଦ ରଖିଲାମାତ୍ରେ ଶୁଣିଲି ସିଏ ଟିକିଏ ଉତ୍ତ୍ୟକ୍ତ ଗଳାରେ ଭୁବନେଶ୍ୱରବାବୁଙ୍କୁ କହୁଚନ୍ତି– ଅପେରା ହେଲା ନାଟକ ବିଭାଗର ଦାୟିତ୍ୱ । ଆମେ ସଙ୍ଗୀତ ଶିଳ୍ପୀ, ଆପଣ ଆମକୁ କାହିଁକି ଏ ଗୀତିନାଟ୍ୟ ପ୍ରୋଗ୍ରାମ୍‌ରେ ବୁକ୍ କଲେ ? ଆମର କ'ଣ ମାନ-ମର୍ଯ୍ୟାଦା ନାହିଁ ଯେ ଆମେ ଯାତ୍ରା ସଙ୍ଗୀତ ଗାଇବୁ ? ...ଏତିକି ତାଙ୍କ ମୁଖରୁ ଶୁଣିଲାପରେ ମୁଁ ନୀରବରେ ଷ୍ଟୁଡ଼ିଓରୁ ବାହାରି ଆସିଲି । ଏ ଶିଳ୍ପୀଙ୍କୁ କୃଷ୍ଣ ଚରିତ୍ରରେ ଭାଗ ନେବାପାଇଁ ବୁକ୍ କରାହୋଇଥିଲା । ସେ ଯଦି ଏହି ମନୋବୃତ୍ତି ନେଇ ଏଥିରେ ଭାଗନେବେ ତା'ହେଲେ ସେ କେବେହେଲେ ନିଷ୍ଠାର ସହିତ ଗାଇପାରିବେନି । ତାଙ୍କୁ ଏଥିରୁ ବାଦ୍ ଦେବା ସକାଶେ ମୁଁ ଷ୍ଟେସନ୍ ଡାଇରେକ୍ଟରଙ୍କ ନିକଟକୁ ଫୋନ୍ କରିବାପାଇଁ ଯାଉଚି,

Digitized by srujanika@gmail.com

ଏତିକିବେଳେ ଶ୍ରୀ ବାଳକୃଷ୍ଣ ଦାସ ଆସିଲେ । ତାଙ୍କୁ ଏକଥା କହିଲି । ଟିକେ ରହି ସେ ମତେ କହିଲେ– ଆସନ୍ତୁ । ଆମେ ଦୁହେଁ ଷ୍ଟୁଡ଼ିଓ ଭିତରକୁ ଗଲୁ । ବାଳକୃଷ୍ଣବାବୁ କଂସ ଭୂମିକାରେ ଅଭିନୟ କରିବା କଥା । କଟକ ବେତାର କେନ୍ଦ୍ରରେ ଗୀତିନାଟ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେଲାବୋଲି ଷ୍ଟୁଡ଼ିଓ ଭିତରେ ବାଳକୃଷ୍ଣ ବାବୁ ତାଙ୍କ ସ୍ୱଭାବସିଦ୍ଧ ଗଳାରେ କହିଲେ । ଗଣକବି ବୈଷ୍ଣବପାଣି ଗୀତିନାଟ୍ୟ ରଙ୍ଗସଭାର ଏପରିକି ମୋର ପ୍ରଶଂସା ଗାନକରି କହିଲେ ଯେ ଆମେ ଏଇ କେତେଜଣ କଳାକାରଙ୍କ ପରମ ସୌଭାଗ୍ୟ, ଆମେ କଟକ ଆକାଶବାଣୀର ପ୍ରଥମ ଗୀତିନାଟ୍ୟ 'ରଙ୍ଗସଭା'ରେ ଅଂଶ ଗ୍ରହଣ କରିବାର ସୁଯୋଗ ଲାଭକରିପାରିଚୁ ।

ସେଇଠି ପୁଣି ସେ ସତର୍କ କରାଇଦେଲେ ଯେ, ଯେହେତୁ ଏହା ଆମ ସମସ୍ତଙ୍କ ପାଇଁ ଏକ ନୂତନ ପଦକ୍ଷେପ, ଏଥିରେ ଆମର କାହାରି ଯେମିତି ଟିକେ ହେଲେ ବିଚ୍ୟୁତି ନ ଘଟେ । ବାସ୍ତବରେ ତାହାହିଁ ହେଲା । ଓଡ଼ିଶାର ଅଗଣିତ ଶ୍ରୋତାମାନଙ୍କୁ ଆନନ୍ଦସାଗରରେ ଭସାଇ ୧୯୬୦ ମସିହା ନଭେମ୍ବର ୧୬ ତାରିଖରେ କଟକ ଆକାଶବାଣୀର ପ୍ରଥମ ଗୀତିନାଟ୍ୟ 'ରଙ୍ଗସଭା' କାର୍ଯ୍ୟକ୍ରମ ପ୍ରସାରିତ ହେଲା । ସେଦିନ ରାତିରେ ଆମ ଷ୍ଟେସନ୍ ଡାଇରେକ୍ଟର ଶ୍ରୀଯୁକ୍ତ ପି. ଭି. କୃଷ୍ଣମୂର୍ତ୍ତି ପ୍ରଥମେ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କଠାରୁ ଟେଲିଫୋନ୍ ପାଇଲେ- ଡକ୍ଟର ପରିଜା ଫୋନ୍‌ରେ କହୁଚନ୍ତି– କଂଗ୍ରାଚୁଲେସନ୍ ଶ୍ରୀ କୃଷ୍ଣମୂର୍ତ୍ତି... Your Station is reborn today. Please don't look back. ଏହାପରେ ବୈଷ୍ଣବପାଣି, ବାଳକୃଷ୍ଣ ମହାନ୍ତି ପ୍ରଭୃତିଙ୍କର ସେ ସମୟର କର୍ଣ୍ଣବଧ, ପ୍ରହ୍ଲାଦ, ଅମରବିଳାସ ଓ ବାଣାପରାଜୟ ଆଦି କେତେଗୋଟି ଗୀତିନାଟ୍ୟର ବେତାରରୂପ ମୁଁ ପ୍ରଦାନ କଲି ଓ ସେସବୁ ବେତାର କେନ୍ଦ୍ରରୁ ପ୍ରସାରିତ ହେଲା ।

ଏହାପରେ ଯଥା ସମୟରେ ମୋର ପ୍ରଥମ ଗୀତିନାଟ୍ୟ 'ଗଣେଶ' କଟକ ଆକାଶବାଣୀରେ ପ୍ରଚାରିତ ହେଲା । ଏଠି ଏ କଥାଟି

Digitized by srujanika@gmail.com

ଉଲ୍ଲେଖ ନ କରି ମୁଁ ରହିପାରୁନି ଯେ 'ଗଣେଶ' ଗୀତିନାଟ୍ୟ ପ୍ରସାରଣ ପରେ ଶ୍ରୋତାମାନଙ୍କଠାରୁ ପ୍ରଶଂସାସୂଚକ ଏକଶହରୁ ଅଧିକ ପତ୍ର ବେତାରକେନ୍ଦ୍ରକୁ ଆସିଥିଲା । ସେ ପର୍ଯ୍ୟନ୍ତ କୌଣସି ଗୋଟିଏ କାର୍ଯ୍ୟକ୍ରମ ସପକ୍ଷରେ ଏତେ ସଂଖ୍ୟକ ପତ୍ର ବେତାରକେନ୍ଦ୍ରକୁ ଏଇ ପ୍ରଥମ ଆସିଲା । ପୁଣି ଏଇ 'ଗଣେଶ' ଗୀତିନାଟ୍ୟ ବେତାରରୁ ଶୁଣି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନା ସାହିତ୍ୟ ଓ କଳାର କ୍ରିଟିକ୍ ଶ୍ରୀମତୀ ଅମିତା ମଲ୍ଲିକ୍ ଏଇ କାର୍ଯ୍ୟକ୍ରମଟିର ଉଚ୍ଚ ପ୍ରଶଂସା କରି Times of India ରବିବାର ସଂଖ୍ୟା ପତ୍ରିକାରେ ଏକ ସୁବିସ୍ତୃତ ଆଲୋଚନା କରିଥିଲେ ।

(ଶାଳୀନତା ବା ଶିଷ୍ଟାଚାର ଦୃଷ୍ଟିରୁ ଗୀତିନାଟ୍ୟ ସମ୍ପର୍କରେ ମୋର ଉପରୋକ୍ତ ବକ୍ତବ୍ୟ ପ୍ରକାଶ କରିବା ହୁଏତ ଉଚିତ ନ ଥିଲା । କିନ୍ତୁ ମୋ' ବ୍ୟକ୍ତିଗତ ପ୍ରଚେଷ୍ଟାରେ ଗଣକବିଙ୍କ 'ରଙ୍ଗସଭା' ଗୀତିନାଟ୍ୟ ଓ ସେ ସାଙ୍ଗେ ସାଙ୍ଗେ ସେଇ ବୈଷ୍ଣବପାଣି ଓ ବାଳକୃଷ୍ଣ ମହାନ୍ତିଙ୍କ ଅନ୍ୟ ଗୀତିନାଟ୍ୟସବୁର ସଫଳ ପ୍ରସାରଣ ଦ୍ୱାରା ତଦବଧି ଲୁପ୍ତ ଆମ ନାଟ୍ୟଜଗତର ମହାନ୍ ସମ୍ପଦ ପାରମ୍ପରିକ ଗୀତିନାଟ୍ୟର ଯେଉଁ ଅଭୂତପୂର୍ବ ପୁନରୁତ୍ଥାନ ହେଲା ଓ ସେଇ ସମ୍ପର୍କରେ ଅଗଣିତ ବେତାର-ଶ୍ରୋତା ଓ ସୁଧୀ ସମାଲୋଚକମାନଙ୍କର ମୂଲ୍ୟବାନ୍ ମତାମତ ଯଦି ମୁଁ ଏଠି ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିନଥା'ନ୍ତି, ତେବେ ମୁଁ ସେମାନଙ୍କ ନିକଟରେ ନିଶ୍ଚିତ ଭାବେ ଅକୃତଜ୍ଞ ରହିଯାଇଥା'ନ୍ତି ।)

ମୋ ଲିଖିତ ଗୀତିନାଟ୍ୟ ପୁସ୍ତକ ସମୂହର ଏଇ ସଙ୍କଳନଟି ପ୍ରକାଶ ପାଉଅଛି । ଏଇ ଅବସରରେ ଏକ ସିଂହାବଲୋକନରେ ମୁଁ ଅନୁଭବ କରିପାରୁଚି ଯେ ଆମର ଏଇ ପାରମ୍ପରିକ ଗୀତିନାଟ୍ୟ, ଯାହାକୁ ଆମେ ନିଃସଙ୍କୋଚରେ ଆମ ନାଟ୍ୟଜଗତର ଏକ ଉଜ୍ଜ୍ୱଳ ମଣିର ଆଖ୍ୟା ଦେଇପାରିବା, ତାହା ବହୁକାଳଧରି ଏକ ଅଜ୍ଞାତ କାରଣରୁ ନିଶ୍ଚିହ୍ନ ହୋଇଯାଇଥିଲା । ଆଜି ଏକଥା ଏଠି ଉଲ୍ଲେଖ କରିବାକୁ ମୁଁ କୌଣସି ଦ୍ୱିଧା ଅନୁଭବ କରୁନାହିଁ ଯେ ମୋର ବ୍ୟକ୍ତିଗତ

Digitized by srujanika@gmail.com

ପ୍ରଚେଷ୍ଟାରୁହିଁ ଗତ ୧୯୬୦ ମସିହାରେ ସେଇ ଗୀତିନାଟ୍ୟ ତାର ସମସ୍ତ ନାଟ୍ୟବିଭବ ସହ ଫେରିଆସି ଆମର ସବୁଶ୍ରେଣୀର ନାଟ୍ୟପ୍ରେମୀମାନଙ୍କର ପାରଂପରିକ ଶ୍ରଦ୍ଧା ଓ ପ୍ରଶଂସା ଲାଭକରି ତାର ଗୌରବମୟ ସ୍ଥିତିକୁ ରକ୍ଷାକରିପାରିଚି । ଆଜି ଏକଥା ଏଠି ମୁଁ ଉଲ୍ଲେଖ ନ କରି ରହିପାରୁନି ଯେ, ମୋର ଗୀତିନାଟ୍ୟ ପୁସ୍ତକ 'ତିନୋଟି ଅପେରା ଏକତ୍ର' ୧୯୬୯ ମସିହାଠାରୁ ୧୯୭୩ ମସିହା ପର୍ଯ୍ୟନ୍ତ ପ୍ରକାଶିତ ସମସ୍ତ ଓଡ଼ିଆ ପୁସ୍ତକମାନଙ୍କ ମଧ୍ୟରୁ କାବ୍ୟ, କବିତା, ନାଟକ ଓ ଏକାଙ୍କିକା ବିଭାଗରେ ସର୍ବଶ୍ରେଷ୍ଠ ବିବେଚିତ ହୋଇଥିଲା ଓ ଏଇ ପୁସ୍ତକର ରଚୟିତାଭାବେ ମତେ ୧୯୭୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା । ଏଇ ଘଟଣାଟି ଆମର ପାରମ୍ପରିକ ଗୀତିନାଟ୍ୟର ପୁନରୁତ୍ଥାନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସ୍ଥାନ ପାଇଛି ବୋଲି ମୁଁ କହିବି । ପୁଣି ଏକବର୍ଷ ପରେ ଏଇ 'ତିନୋଟି ଅପେରା ଏକତ୍ର' ପୁସ୍ତକଟି କେନ୍ଦ୍ରସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଁ ଅନ୍ତିମ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । କିନ୍ତୁ ଏକ ହାସ୍ୟାସ୍ପଦ ତଥା ରହସ୍ୟାବୃତ କାରଣରୁ ପୁସ୍ତକଟି ଏକାଡ଼େମୀଦ୍ୱାରା ପୁରସ୍କୃତ ହୋଇପାରିଲାନାହିଁ ।

ମୋ ରଚିତ ଗୀତିନାଟ୍ୟଗୁଡ଼ିକ ପୁସ୍ତକାକାରରେ ପ୍ରକାଶପାଇବା କଥା ମୁଁ ଚିନ୍ତା କରିନଥିଲି । ଏତିକିବେଳେ ଜଣେ ପୁସ୍ତକ ପ୍ରକାଶକଙ୍କ ସହିତ ଏ ସମ୍ପର୍କରେ କିଛି ଆଲୋଚନା ହୋଇଥିଲା । କିନ୍ତୁ ତାଙ୍କ ସହିତ ମୁଁ ଆଉ ଯୋଗସୂତ୍ର ରକ୍ଷାକରିପାରିଲିନି । ସେତବେଳକୁ 'ଗଣେଶ', 'ନପାହୁରାତି...' ଓ 'ମହିଷମର୍ଦ୍ଦିନୀ' ଏଇ ତିନିଗୋଟି ଗୀତିନାଟ୍ୟ ବେତାରରେ ପ୍ରସାରିତ ହୋଇଥାଏ । ସେଦିନ ମୁଁ ବିନୋଦବିହାରୀ ମାର୍କେଟ୍‌ରେ ଚାଲିଥାଏ, ହାତରେ ଏଇ ଗୀତିନାଟ୍ୟ ତିନୋଟିର ପାଣ୍ଡୁଲିପି । ଗ୍ରନ୍ଥମନ୍ଦିର ପ୍ରକାଶନ ସଂସ୍ଥାର କର୍ମକର୍ତ୍ତା ଶ୍ରୀ ଅଭିରାମ ମହାପାତ୍ରଙ୍କ ସହିତ ଭେଟହେଲା । ସାମାନ୍ୟ କିଛି ଆଲୋଚନା ପରେ ସେ ପାଣ୍ଡୁଲିପି ତିନୋଟି ଗ୍ରହଣ କଲେ । ଏହା ୧୯୭୨ ମସିହାରେ

Digitized by srujanika@gmail.com

ପ୍ରଥମେ ପ୍ରକାଶିତ ହେଲା ଓ ଲୋକପ୍ରିୟତାର ଚରମ ସୀମା ସ୍ପର୍ଶକଲା । ସେଇଦିନଠାରୁ ଏଇ ତିନୋଟି ଗୀତିନାଟ୍ୟ ସହିତ ମୋର ଅନ୍ୟ ସବୁ ଗୀତିନାଟ୍ୟକୁ ଏ ଅବଧି ଅଭିରାମବାବୁ ସନ୍ତାନର ଲାଳନପାଳନ କଲାପରି ନିୟମିତ ପ୍ରକାଶ କରିଆସୁଛନ୍ତି । ଆଜି ଏଇ ସଂକଳନଟି ପ୍ରକାଶ ପାଇବା ଅବସରରେ ମୁଁ ତାଙ୍କୁ ମୋ ଅନ୍ତରର ସାଧୁବାଦ ଜ୍ଞାପନ କରୁଅଛି ।

ଗୋପାଳ ଛୋଟରାୟ

ଦଶହରା, ୧୯୯୫

ଆଲାମଚାନ୍ଦ ବଜାର, କଟକ-୨

Digitized by srujanika@gmail.com

ସୂଚୀ

୧.	ଗଣେଶ	୧
୨.	ସୀତା ଲବକୁଶ	୨୮
୩.	ଜନ୍ମାଷ୍ଟମୀ	୪୮
୪.	ନପାହୁରାତି, ନମରୁ ପତି	୯୩
୫.	ମହିଷମର୍ଦ୍ଦିନୀ	୧୨୧
୬.	ଶ୍ରୀମତୀ ସଂମାର୍ଜନୀ	୧୪୭
୭.	ଶ୍ରୀ ଜଗନ୍ନାଥ	୧୭୯
୮.	ଘରବରଦେଖା	୨୦୫
୯.	ବିନ୍ଦୁସାଗର	୨୩୦
୧୦.	ବୋଲେ ହୁଁଟି	୨୬୩
୧୧.	ଚମ୍ପୂବିନୋଦ	୨୮୨
୧୨.	ସଂପୂର୍ଣ୍ଣ ରାମାୟଣ	୩୦୮

□□□

Digitized by srujanika@gmail.com

ଗଣେଶ

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[ଗିରିକନ୍ଦର କୈଳାସ । କୈଳାସପତି ଶିବ ଅନୁପସ୍ଥିତ । ପାର୍ବତୀ ଏକାକିନୀ । ଦେଖିଲେ ଜଣାଯାଏ, ସେ ସ୍ୱାମୀଙ୍କ ପ୍ରତୀକ୍ଷାରେ ଅଛନ୍ତି । କିଛି ସମୟ ପରେ ଗିରିକନ୍ଦରରେ ଶିବ ପ୍ରବେଶ କଲେ । ସେ ବିଷଣ୍ଣ-ଅବସନ୍ନ ।]

ପାର୍ବତୀ – ଏ କ'ଣ ପ୍ରଭୁ ? ତୁମେ ଏପରି ବିମର୍ଷ ଦେଖାଯାଉଚ ? ତୁମ ମୁଖମଣ୍ଡଳରେ ବିଷାଦର ଛାୟା । କ'ଣ ହେଇଚି ଭୂତନାଥ ?

ଶିବ – ଭାଗ୍ୟବଳରୁ ଗୋଟାଏ ଅତି ଅଘଟଣରୁ ମୁଁ ରକ୍ଷାପାଇଗଲି ।

ପାର୍ବତୀ – କି ଅଘଟଣ କୈଳାସପତି ?

ଶିବ – ଅତୀତ କଥା ସ୍ମରଣ କର ଉମା ! ତୁମକୁ ମୁଁ ଗୁପ୍ତମନ୍ତ୍ର ଦାନ କଲାବେଳେ ଯେଉଁ ଶୁକପକ୍ଷୀ ବୃକ୍ଷଡାଳରେ ଲୁଚିରହି ମୋ ଅଜ୍ଞାତରେ ମନ୍ତ୍ରଶିକ୍ଷା କରୁଥିଲା, ସେ ପକ୍ଷୀ ମୋ ଭୟରେ ତ୍ରିଭୁବନ ପରିକ୍ରମା କରି, କେଉଁଠି ସ୍ଥାନ ନ ପାଇ, ଶେଷରେ ବ୍ୟାସଦେବଙ୍କ ପତ୍ନୀଙ୍କ ଗର୍ଭରେ ଯାଇ ଆଶ୍ରୟ ନେଲା ।

ପାର୍ବତୀ – ତା'ପରେ ?

ଶିବ – ଶୁକପକ୍ଷୀକୁ ମୁକ୍ତି ଦେବାଲାଗି ମୁଁ ବ୍ୟାସପତ୍ନୀଙ୍କୁ କହିଲି; ମାତ୍ର ସେ ମୋ କଥାରେ କର୍ଣ୍ଣପାତ କଲେନାହିଁ ।

ପାର୍ବତୀ – ଦେବଦେବ ମହାଦେବଙ୍କ ଆଜ୍ଞାକୁ ବ୍ୟାସପତ୍ନୀ ଅବଜ୍ଞା କଲେ ?

ଶିବ – ହଁ ପ୍ରିୟେ, ଫଳରେ ମୋର ସର୍ବାଙ୍ଗ କୋପ-ପ୍ରଜ୍ୱଳିତ ହେଲା । ଥରିଉଠିଲା ହାତର ଡମ୍ବରୁ – ତ୍ରିନୟନରୁ ଅଗ୍ନି ସ୍ଫୁରଣ ହେଲା । ତ୍ରିଶୂଳ ପ୍ରହାର କରି ମୁଁ ବ୍ୟାସପତ୍ନୀଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ ହେଲି ।

ପାର୍ବତୀ – ପ୍ରଭୁ ! (ପାର୍ବତୀ ଆତଙ୍କଗ୍ରସ୍ତା ହୋଇଉଠିଲେ)

Digitized by srujanika@gmail.com

ଶିବ – ଠିକ୍ ଏତିକିବେଳେ ସ୍ୱୟଂ ବ୍ୟାସଦେବ ଆସି ପହଞ୍ଚିଲେ । ବହୁ ଅନୁନୟ ବିନୟ କରି ମୋ କ୍ରୋଧ ଶାନ୍ତ କରାଇଲେ । ବ୍ୟାସପତ୍ନୀଙ୍କ ଜୀବନ ରକ୍ଷାହୋଇଗଲା ।

ପାର୍ବତୀ – କିନ୍ତୁ ହେ ମହେଶ୍ୱର ! ଏଇ ସାମାନ୍ୟ କଥାରୁ ତୁମେ ଯେ ସ୍ତ୍ରୀ-ହତ୍ୟା ଅପରାଧରେ ଭାଗୀ ହୋଇଥା'ନ୍ତ !

ଶିବ – ବ୍ୟାସଦେବ ମଧ୍ୟ ମତେ ଠିକ୍ ଏହି କଥା କହିଲେ । ଆଉ ସେଇ ଚିନ୍ତାରେ . . .

ପାର୍ବତୀ – କିନ୍ତୁ କେବଳ ଚିନ୍ତାକଲେ ତ ତମର ଏ ନିଷ୍ଠୁରପଣ ପାଇଁ କେହି ତମକୁ ନିର୍ଦ୍ଦୋଷ ବୋଲି କହିବ ନାହିଁ ।

(ଗୀତ)

କାଳେ କାଳେ ଶିବ ହେ, ତମ ନିଷ୍ଠୁର ଭାବ
ତେଜି ନ ପାରିଲ – ହେଜି ନ ପାରିଲ
ନାରୀହନ୍ତା କାହିଁ ନ ପାଏ ଠାବ । ୦ ।

ଶିବ – ଯେଉଁ ଅପରାଧରୁ ମୁଁ କ୍ଷାନ୍ତ ହେଲି, ସେଥିପାଇଁ ମତେ ଆଉ ଭର୍ତ୍ସନା କରୁଚ କାହିଁକି, ଗୌରୀ ?

ପାର୍ବତୀ – ଏ କଥା ମୁଁ ଯେତେ ଚିନ୍ତା କରୁଚି, ମୋ ମନରେ ବିଷର ଜ୍ୱାଳା ସେତେ ଭରିଯାଉଚି ।

(ଗୀତ)

ତ୍ରିଭୁବନକରତା ଯିଏ,
ତାଙ୍କୁ ଏହା ଶୋଭା କି ପାଏ ?
ଶିବ ହୋଇ ନିଜେ ଅଶିବ ହୋଇଲେ
କେ ଚାଳିବ କହ ସଂସାର-ନାବ ।
କାଳେ କାଳେ ଶିବ ହେ ... । ୧ ।

ରକ୍ଷକ ହୋଇ ନିଜେ ଭକ୍ଷକ ହେଲେ ଏ ସଂସାର ଚଳିବ କେମିତି ପ୍ରଭୁ ? ଆଉ କିଏ ବା କାହିଁକି ଶିବପୂଜା କରିବ ?

ଶିବ – ତୁମେ ମୋ ଉପରେ ବୃଥା ଦୋଷାରୋପ କରୁଚ ଭବାନି ! ତମ ପ୍ରତି ତ ମୁଁ କେବେ କିଛି ଅନ୍ୟାୟ ଆଚରଣ କରିନାହିଁ; ସବୁବେଳେ ତମ ପ୍ରତି ମୋର ସ୍ନେହ ଶ୍ରଦ୍ଧା ପୂର୍ଣ୍ଣ ରହିଚି ।

Digitized by srujanika@gmail.com

ପାର୍ବତୀ—ସେ କଥା ମତେ ଆଜି ଏଠି ମୁହଁ ଖୋଲି କହିବାକୁ ପଡୁଚି ପ୍ରଭୁ !

(ଗୀତ)

ସ୍ନେହ କଥା କୁହ ଯେ ସାଇଁ
ମନ ମଧ ଟିକିଏ ନାହିଁ,
ଇନ୍ଲେ ଇନ୍ଲେ ମତେ କରିଥାଅ ହତ
ସେ କଥା ଟିକିଏ ହୃଦରେ ଭାବ ।
କାଳେ କାଳେ ଶିବ ହେ... । ୨ ।

ଶିବ – (ରାଗି) ଉମା, ତମ ମନରେ ଯଦି ଏ ଭାବନା ଅଛି, ତେବେ ଆଜି ତୁମେ ଏ କୈଳାସପୁରୀ ଛାଡ଼ି ଚାଲିଯାଅ । ତମ ସହିତ ମୋର କୌଣସି ସମ୍ପର୍କ ନାହିଁ ।

ପାର୍ବତୀ – ଏ କ'ଣ କହୁଚ ସ୍ୱାମୀ – ମତେ ତୁମେ ତ୍ୟାଗ କରିବ ? ଏହାର ପରିଣାମ କ'ଣ ହେବ ଭାବିଚ ?

ଶିବ – ପରିଣାମ ଯାହା ହେଉନା କାହିଁକି, ତୁମେ ଯାଅ – ଚାଲିଯାଅ !

(ଗୀତ)

ଭାଙ୍ଗୀପଡୁ ପଛେ କଇଳାସ ଚୂଡ଼ା
ଅମ୍ବର ଯାଉ ଫାଟି,
ଫାଟିଯାଉ ପଛେ ଧାର ଧାର ହୋଇ
ଧରଣୀ ତଳର ମାଟି ।
ଟଳମଳ ହେଉ ବାସୁକୀ ଆସନ
ସାତ ଖଣ୍ଡ ହେଉ ଧରା,
ବଜ୍ର ବିଜୁଳି ଏକାକାର ହେଇ
ବରଷୁ ମୂଷଳ ଧାରା ।
ଏ ମୋର ଆଦେଶ ଶୁଣ ଭଗବତୀ
ନିମିଷକେ ହୁଅ ଦୂର,
ଯହିଁ ଇଚ୍ଛା ତହିଁ ଚାଲିଯାଅ ଏବେ
ତେଜି କଇଳାସପୁର ।

ପାର୍ବତୀ – କେବେ ତୁମ ଆଦେଶ ଅମାନ୍ୟ କରିନି । ଶ୍ରୀଚରଣତଳେ ପ୍ରଣାମକରି ବିଦାୟ ନେଉଛି । (ପ୍ରସ୍ଥାନ)

Digitized by srujanika@gmail.com

ଦ୍ଵିତୀୟ ଦୃଶ୍ୟ

[ନଦୀକୂଳ । ଶିବ-ପରିତ୍ୟକ୍ତା ପାର୍ବତୀ କୈଳାସକନ୍ଦରରୁ ଆସି ନଦୀକୂଳରେ ଖଣ୍ଡିଏ ପ୍ରସ୍ତର ଉପରେ ଉପବେଶ ନ କରିଛନ୍ତି । ମୁଖମଣ୍ଡଳରେ ବିଷାଦର ଛାୟା ସୁସ୍ପଷ୍ଟ । ଏତିକିବେଳେ ଦେବର୍ଷି ନାରଦ ଆସିଲେ ।]

ନାରଦ – ନାରାୟଣ . . . ନାରାୟଣ . . .

ପାର୍ବତୀ – ପ୍ରଣାମ ଗ୍ରହଣ କରନ୍ତୁ ଦେବର୍ଷେ !

ନାରଦ – ଏ କ'ଣ ? ମୋ' ଦୃଷ୍ଟିଶକ୍ତିରେ ବିଭ୍ରମ ଘଟିନାହିଁ ତ ? ଶୈଳସୁତା ଦେବୀ ଭଗବତୀ ଏ ନଦୀକୂଳରେ ଏକାକିନି ! ସାଥିରେ କୈଳାସପତି ନାହାନ୍ତି !

ପାର୍ବତୀ – କୈଳାସପତିଙ୍କ ପାଖରେ ମୋର ଆଉ ସ୍ଥାନ ନାହିଁ । ଅତି ସାମାନ୍ୟ କଥାରୁ ସେ ମତେ ତ୍ୟାଗ କରିଛନ୍ତି ।

ନାରଦ – ନାରାୟଣ . . . ନାରାୟଣ . . . ଭୋଳାନାଥ ସେ – କୋପେ ବର କି ତପେ ବର । ସାମାନ୍ୟ ଅସାମାନ୍ୟ ବିଚାର ତାଙ୍କର ନାହିଁ । ଦେବୀ, ତେବେ ବର୍ତ୍ତମାନ ଯିବେ କୁଆଡ଼େ ?

ପାର୍ବତୀ – କାର୍ତ୍ତିକେୟ ନିକଟକୁ ଯାଉଥିଲି – କିନ୍ତୁ . . .

ନାରଦ – ସେ ମଧ ତାଙ୍କ ପୁରରେ ସ୍ଥାନ ଦେଲେ ନାହିଁ ?

ପାର୍ବତୀ – ନା ।

ନାରଦ – ଗୋଟିଏ ପୁଅର ମା' ହେଲେ ଏଇ ଅବସ୍ଥା ଭୋଗିବାକୁ ହୁଏ । ଯଦି ଆଉ ଗୋଟିଏ ପୁଅ ଥା'ନ୍ତା, ତେବେ ଏ ପୁଅ ତଡ଼ିଦେଲେ ସେ ପୁଅ ଆଦର କରି ଘରେ ସ୍ଥାନ ଦିଅନ୍ତା ।

ପାର୍ବତୀ – ମତେ ଉପାୟ କହିଦିଅନ୍ତୁ ଦେବର୍ଷି ନାରଦ – ମୁଁ କି ବୁଦ୍ଧି କରିବି ? ଶିବଙ୍କୁ ପୁଣି କିପରି ପ୍ରାପ୍ତ ହେବି ?

ନାରଦ – ତପସ୍ୟା . . . ଯୁଗେ ଯୁଗେ ତପସ୍ୟାବଳରେ ହର-ପାର୍ବତୀଙ୍କ ମିଳନ ଘଟିଛି । ଏଥର ମଧ ସେଇ ତପ ଆଚରଣ କରନ୍ତୁ ।

(ଗୀତ)

ଯୁଗେ ଯୁଗେ ଯତି ଶ୍ମଶାନପତି
ତପବଳେ ତାଙ୍କ ଟଳିଚି ମତି ।

Digitized by srujanika@gmail.com

ହର ସେବି ବର ପାଇଚି ଯିଏ
ତା'ର ସମ ଭାଗ୍ୟବତୀ ବା କିଏ,
ଆସିଚି ପୁଣି ସେ ଯୋଗ ଯେ,
ସାଜି ତପସ୍ୱିନୀ ଦେବୀ କାତ୍ୟାୟନୀ
ଆଚରନ୍ତୁ ତପ-ଯାଗ ଯେ । ୧ ।

ପାର୍ବତୀ – ଯଦି ମୋ' ତପସ୍ୟାବଳରେ ତାଙ୍କ ଟାଣପଣ ନ ଭାଙ୍ଗେ ?

ନାରଦ – ଏ କଥା କହି ମତେ ଆଉ ଲଜ୍ଜା ଦିଅନ୍ତୁ ନାହିଁ ଦେବି ! ଗୌରୀଙ୍କ ତପସ୍ୟାରେ ପୁଣି ହରଙ୍କ ଟାଣପଣ ଭାଙ୍ଗିବ ନାହିଁ ? ଆଉ ବିଳମ୍ବ ନ କରି ତପସ୍ୟା ଆରମ୍ଭ କରନ୍ତୁ ।

(ଗୀତ)

ସୁବାସିତ ରାଗ କୁଙ୍କୁମ ବୋଳି
ତଟିନୀ ପୟରେ ତନୁ ପଖାଳି,
ଗୈରିକ ବସନେ ହୋଇ ଶୋଭିତା
ଗିରିଗୁହା କୋଳେ ଗିରିଦୁହିତା, ହେ
ଗୂଢ଼ ତପ କର ବସି ଯେ,
ଯଥାକାଳେ ପୁଣି ଦରଶନ ଦବ
କଳିହା ନାରଦ ଆସି ଯେ । ୨ ।

ନାରଦ – ମୁଁ ଏବେ ବିଦାୟ ନେଉଚି ଦେବି ! ନାରାୟଣ . . . ନାରାୟଣ !

(ପ୍ରସ୍ଥାନ)

ପାର୍ବତୀ – ନାରଦ ମୁନି ଠିକ୍ କହିଯାଇଛନ୍ତି । ମୁଁ ତପ ଆଚରଣ କରିବି, ଆଉ ଦେଖିବି ମତେ ତ୍ୟାଗ କରି ପ୍ରଭୁ କେତେ ଦିନ ଏକାକୀ ରହିପାରିବେ ।

(ଅଦୂରବର୍ତ୍ତୀ କିଷ୍କିନ୍ଧ୍ୟା ପର୍ବତର ଗୁମ୍ଫା ମଧ୍ୟକୁ ପ୍ରବେଶ କଲେ । କିଛିକାଳ ଅତିବାହିତ ହେଲା । ସେଦିନ ପାର୍ବତୀ ପୁଣି ଗୁମ୍ଫାଦ୍ୱାରକୁ ଆସିଲେ ।)

ପାର୍ବତୀ – ଦିନ ବିତିଯାଉଚି, ବହୁକାଳୁ ସ୍ନାନ କରିନି । କୁଙ୍କୁମ ଆଦି ଅଙ୍ଗରାଗ ପ୍ରଲେପ କରି ଯାଏ ନଦୀରେ ସ୍ନାନକରିଆସେ – (ଅଜ୍ଞାତରେ ନିଜ ଅଙ୍ଗଛଡ଼ା ମଳୁଖରେ ପିତୁଳାଟିଏ ଗଢୁଥାନ୍ତି ।) ଏଁ – ଏ କ'ଣ ! ଦେହର ମଳୁଖ ଛଡ଼ାଇ ଫିଙ୍ଗିଦେବାକୁ ଯାଉଥିଲି – କିନ୍ତୁ ମୋର

Digitized by srujanika@gmail.com

ଅଜାଣତରେ ସେଇ ମଳୁଖ ପିଣ୍ଡୁଳାରେ ଗୋଟିଏ ପିତୁଳା ଗଢ଼ିସାରିଲିଣି । ମୋ ଅଙ୍ଗଜାତ ପିତୁଳା ଏ । ଯଦି ଇଏ ଜୀବନ୍ୟାସ ପାଇପାରନ୍ତା !! ପ୍ରଭୁ ଗୋଲୋକବିହାରୀ – ସତେ ମୋ' ମନକାମନା ପୂର୍ଣ୍ଣ ହେବ ! (ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ବିଷ୍ଣୁ ଆବିର୍ଭୂତ ହେଲେ ।)

ବିଷ୍ଣୁ – ତମର ମନକାମନା ପୂର୍ଣ୍ଣ ହେଇଚି ଦେବି ! ତମ ଅଙ୍ଗମଳୁଖଗଢ଼ା ପିତୁଳାକୁ ମୁଁ ଜୀବନ୍ୟାସ କରୁଚି । ତମ ମାନସପୁତ୍ର ଏ ବାଳକ ମହାଜ୍ଞାନୀ ସିଦ୍ଧିଦାତା ଗଣନାୟକ ହେବ । ସବୁ ଦେବାଦେବୀଙ୍କ ଅଗ୍ରେ ଏ ପୂଜାପାଇବ । ଜୀବନ୍ୟାସ ସଙ୍ଗେ ସଙ୍ଗେ ମୁଁ ଏହାକୁ ମହାଶକ୍ତି ପ୍ରଦାନ କରୁଚି । (ବିଷ୍ଣୁ ଅନ୍ତର୍ହିତ ହେବା ସଙ୍ଗେ ସଙ୍ଗେ ପାର୍ବତୀ ଦେଖିଲେ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ କିଶୋର କୁମାର ଗଣେଶ ।)

ପାର୍ବତୀ – ପୁତ୍ର ପୁତ୍ର ମୋର – ଗଣନାୟକ – ଗଣେଶ !

ଗଣେଶ – ମୋର ପ୍ରଣାମ ଗ୍ରହଣ କର ମାତା !

ପାର୍ବତୀ – ଆଶୀର୍ବାଦ କରୁଛି ବତ୍ସ ! ତୁ ସର୍ବଶକ୍ତି ଲାଭ କର ।

(ଗୀତ)

ରଙ୍କରତନ ମୋ ଧନ ରେ, ମୋର ଅଙ୍ଗମଉଳି,
ମୋ' ଅଙ୍ଗମଉଳି,
ବାଟେ ତୋତେ ଘାଟେ ପାଇଚି, ଆହା ମୋ ଗଳାମାଳି । ୧ ।
ମାନସପୁତ୍ର, ତୋ' ଜନମ ହରି କୃପାବଳରେ,
ସେ କୃପାବଳରେ,
ମନସାଗର ମୋ' ଉଛୁଳେ, ତୋତେ ଲଭି କୋଳରେ । ୨ ।
ଅଭାଗିନୀ ମୁଁ ଯେ ଦୁଃଖିନୀ, ପତି ମୋ'ଠାରେ କୋପ,
ସେ ମୋ'ଠାରେ କୋପ,
କୋପ ଶାନ୍ତି ପାଇଁ କନ୍ଦରେ ବସି ଆଚରେ ତପ । ୩ ।

ଗଣେଶ – ମୋତେ ତେବେ ଆଦେଶ କର ମାତା, ମୁଁ କ'ଣ କରିବି ?

ପାର୍ବତୀ – (ଗୀତ)

ଏତିକି ଅଳି ମୋ' ବାବୁ ରେ ଗୁହାଦ୍ୱାର ଜଗିବୁ,
ତୁ ଦ୍ୱାର ଜଗିବୁ,
ଗୁହା ଭିତରକୁ କାହାକୁ କେବେ ଛାଡ଼ି ନ ଦେବୁ । ୪ ।

Digitized by srujanika@gmail.com

ମୋ ତପ ଯେପରି ଭଙ୍ଗ ନହୁଏ, ସେଥିପାଇଁ ଗୁମ୍ଫାଦ୍ୱାରରେ ତୁ ପ୍ରହରୀ ରହିବୁ । କାହାରିକୁ ଛାଡ଼ିଦବୁ ନାହିଁ । ଏତିକି କରିପାରିବୁ ବାପ ?

ଗଣେଶ – (ଗୀତ)

ଜୀବନ ପଣ ମୁଁ କରୁଚି ତବ ଚରଣ ଛୁଇଁ
ମୁଁ ଚରଣ ଛୁଇଁ,
ଜନନୀ ଗୋ, ଦିବା-ରଜନୀ ଦ୍ୱାର ଜଗିବି ମୁହିଁ । ୫ ।
ଦେବତା ହେଉ କି ଦାନବ ଯକ୍ଷ ନର କିନ୍ନର,
ସେ ନର କିନ୍ନର,
ଭିତରକୁ ଛାଡ଼ି ନ ଦେବି ଏଇ ଶପଥ ମୋର । ୬ ।

ଏଇ ଯଷ୍ଟି ହାତରେ ମୁଁ ଦ୍ୱାର ଜଗି ରହିଲି ! ତମେ ନିଶ୍ଚିନ୍ତ ମନରେ ଗୁମ୍ଫା ଭିତରେ ତପସ୍ୟା କର ।

ପାର୍ବତୀ – ଯଶସ୍ୱୀ ହୁଅ ବତ୍ସ – ଜୟ ଲାଭ କର ! ମୋର ତପସ୍ୟାର ବେଳ ହୋଇଗଲା – ମୁଁ ଯାଉଚି ।

(ପାର୍ବତୀ ଗୁମ୍ଫା ମଧ୍ୟକୁ ପ୍ରବେଶ କଲେ । ତାଙ୍କ କଣ୍ଠନିଃସୃତ ଶିବ-ସ୍ତୁତିଗାନରେ କୈଳାସ ପର୍ବତ ପର୍ଯ୍ୟନ୍ତ ମୁଖରିତ ହୋଇଉଠିଲା ।)

ତୃତୀୟ ଦୃଶ୍ୟ

[କୈଳାସ ପର୍ବତ । କୈଳାସପତି ଧ୍ୟାନମଗ୍ନ । ଏତିକିବେଳେ ତାଙ୍କ କର୍ଣ୍ଣରେ ପ୍ରତିଧ୍ୱନିତ ହେଲା ପାର୍ବତୀଙ୍କ ବାଣୀ –
ଓଁ ନମଃ ଶିବାୟ ! ଓଁ ନମଃ ଶିବାୟ ! ଓଁ ନମଃ ଶିବାୟ !]

ଶିବ – କିଏ – କିଏ ମତେ ସ୍ମରଣ କଲା ? କାହାର ତପୋବଳରେ ମୋର ଧ୍ୟାନ ଭଙ୍ଗ ହେଲା – କିଏ, କିଏ ସେ ?

(ପୁଣି ଶୁଣାଗଲା ପାର୍ବତୀଙ୍କ କଣ୍ଠସ୍ୱର – ଓଁ ନମଃ ଶିବାୟ !)

ଶିବ – ପାର୍ବତୀ ! ପାର୍ବତୀ ମତେ ସ୍ମରଣ କରୁଚି ! ବହୁକାଳ ହେଲାଣି– ଅଭିମାନ କରି ପାର୍ବତୀ କୈଳାସ ଛାଡ଼ି ଚାଲିଯାଇଥିଲା । ଏ ପର୍ଯ୍ୟନ୍ତ ଫେରିନାହିଁ ସେ । କାହିଁ – କୋଉଠି ସେ ? ପାର୍ବତୀ . . . ପାର୍ବତୀ ! ହେ ଗିରିରାଜ – ହେ ବୃକ୍ଷଲତା, ବନ ଉପବନ – ମତେ କୁହ, ପାର୍ବତୀ ମୋର କାହିଁ ? କ'ଣ ସମସ୍ତେ ନିରୁତ୍ତର ? କେହି ତେବେ ମୋ ପ୍ରଶ୍ନର

Digitized by srujanika@gmail.com

ଉତ୍ତର ଦେବେ ନାହିଁ ? ଜାଣିନାହାନ୍ତି ମୁଁ ଜଟାତ୍ରିଶୂଳଧାରୀ ଧ୍ୱଂସକର୍ତ୍ତା ପ୍ରଳୟକାରୀ ରୁଦ୍ର ! ମୁଁ ଧୂର୍ଜଟି – ମୁଁ ପିନାକୀ ! ଆଖିପିଛୁଳାକେ ଏ ତ୍ରିଭୁବନ ମୁଁ ଧ୍ୱଂସ କରିଦେବି ।

(ଧରଣୀ ବକ୍ଷରେ ଡମ୍ବରୁ ଆଘାତ କଲେ । ସଙ୍ଗେ ସଙ୍ଗେ ଧରଣୀ ଏକ ଧେନୁ ରୂପରେ ଦେଖାଦେଲେ ।)

ଧରଣୀ – ପ୍ରଭୁ !

ଶିବ – କିଏ ? କିଏ ତୁ ବତ୍ସା ?

ଧରଣୀ – ମୁଁ ବସୁନ୍ଧରା ଧରଣୀ – ଧେନୁରୂପ ଧାରଣ କରି ଆସିଛି ।

ଶିବ – କ'ଣ ତୁ ଚାହୁଁ ?

ଧରଣୀ – ମୁଁ କିଛି ଚାହେଁ ନାହିଁ ଦେବ ! ଆପଣ କ୍ରୋଧଜର୍ଜରିତ ହୋଇ ଡମ୍ବରୁକୁ ଭୂମିରେ ପିଟିବାରୁ ମୋର ବକ୍ଷ ଫାଟିଗଲା ପରି ବୋଧହେଲା । ମୁଁ ଜାଣିପାରୁନାହିଁ ସତୀନାଥ – ମୋର କି ଦୋଷ ଯୋଗୁଁ ମୋ ପ୍ରତି ଏପରି ଦଣ୍ଡବିଧାନ କଲେ ?

ଶିବ – ତୋର କିଛି ଦୋଷ ନାହିଁ ସତ— କିନ୍ତୁ ମୋ ପାର୍ବତୀ କାହିଁ ?

ଧରଣୀ – ଆପଣ ଦେବୀ ପାର୍ବତୀଙ୍କୁ ଖୋଜୁଛନ୍ତି ?

ଶିବ – ହଁ, ମୋ ପାର୍ବତୀ କାହିଁ ?

(ଗୀତ)

ଶିବ – କହ ଲୋ ଧରଣୀ ମୋତେ ପାର୍ବତୀ ସମ୍ବାଦ,
ଧରଣୀ – ଗିରିବାଳା ତୁଳେ କିବା ଲାଗିଚି ବିବାଦ ।
ଶିବ – ବହୁକାଳ ହେଲା ଉମା ତେଜିଛି କୈଳାସ,
ଧରଣୀ – ତେବେ ତୁମ୍ଭ କ୍ରୋଧ ହେତୁ ବୁଝିଲି ମହେଶ । ୨ ।
ଶିବ – ଖୋଜି ଖୋଜି ଅବଶ ମୁଁ ପାଉନି ତାହାରେ,
ଧରଣୀ – ପାଇବେ କିପରି ସେ ତ ଛ'ନ୍ତି ବହୁ ଦୂରେ । ୩ ।
ଶିବ – କେତେ ଦୂର କହ ବତ୍ସା, କେଉଁଠି ସେ ଦେଶ,
ଧରଣୀ – କିଷ୍କିନ୍ଧ୍ୟା ଗିରିରେ ତାଙ୍କୁ ଭେଟିବେ ଅବଶ୍ୟ । ୪ ।
ଶିବ – ପ୍ରିୟା ମୋର ଏକାକିନୀ କରୁଥିବ କିବା ?
ଧରଣୀ – ଗୁହା ମଧ୍ୟେ ଅହର୍ନିଶ ଧ୍ୟାନରତା ଶିବା । ୫ ।
ଶିବ – ସତ୍ୟ ତେବେ କିଷ୍କିନ୍ଧ୍ୟାରେ ଭେଟିବି ଶିବାନୀ ?

Digitized by srujanika@gmail.com

ଧରଣୀ – ମିଥ୍ୟା ହେଲେ ଶୂଳମୂନେ ବିନ୍ଧିବେ ମେଦିନୀ । ୬ ।
ଧରଣୀ – କିଷ୍କିନ୍ଧ୍ୟା ପର୍ବତର ଗୁମ୍ଫା ଭିତରେ ବସି ଦେବୀ ପାର୍ବତୀ ତପ କରୁଛନ୍ତି । ସେଇଠିକି ଗଲେ ତାଙ୍କୁ ଅବଶ୍ୟ ଭେଟିବେ ।
ଶିବ – ବେଶ୍ . . . ତେବେ ମୁଁ ଏଇ ମୁହୂର୍ତ୍ତରେ କିଷ୍କିନ୍ଧ୍ୟା ଯାତ୍ରା କରୁଚି ।

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[କିଷ୍କିନ୍ଧ୍ୟା ପର୍ବତର ଗୁମ୍ଫାଦ୍ୱାର । ଦ୍ୱାରଦେଶରେ ଯଷ୍ଟିହସ୍ତରେ ଗଣେଶ ଦଣ୍ଡାୟମାନ । ଶିବଙ୍କର ପ୍ରବେଶ ।]
ଶିବ – ଏଇ ତ କିଷ୍କିନ୍ଧ୍ୟା ପର୍ବତ – ଏହି ସେ ଗୁମ୍ଫା ... କିନ୍ତୁ ... କିନ୍ତୁ ଗୁମ୍ଫାଦ୍ୱାରରେ ଏ ବାଳକଟି କିଏ ? ସୁନ୍ଦର ବଳିଷ୍ଠ ଶରୀର – ଦେବୋପମ ମୁଖର କାନ୍ତି । ଏହାକୁ ଦେଖିଲାକ୍ଷଣି ମୋ ହୃଦୟରେ ସ୍ପନ୍ଦନ ଜାତ ହେଉଛି କାହିଁକି ? କିଏ ଏହି ? (ଗଣେଶକୁ) କିଏ ତୁ ବାଳକ ?
ଗଣେଶ – ଦ୍ୱାରପାଳ ।
ଶିବ – (ହସି) ଏ ସଂସାରରେ ଏଭଳି ନିର୍ବୋଧ କେହି ଅଛି, ଯିଏ ତୋ ପରି କିଶୋର କୁମାରକୁ ଦ୍ୱାରପାଳ ରଖିଚି ?
ଗଣେଶ – ସେଥିରେ ତମର ପ୍ରୟୋଜନ ?
ଶିବ – ନା – ପ୍ରୟୋଜନ କିଛି ନାହିଁ, ବରଂ ମୁଁ ସ୍ୱୀକାର କଲି ତୁ ଏଠାକାର ଦ୍ୱାରପାଳ । ... ଆଚ୍ଛା ଦ୍ୱାରପାଳ, ଆଡ଼ହୋଇଯା, ମୁଁ ଭିତରକୁ ଯିବି ।
ଗଣେଶ – ନା ।
ଶିବ – ନା ! (ହସି) ମୁଁ ଭିତରକୁ ଯାଇ ପାରିବି ନାହିଁ ?
ଗଣେଶ – ବ୍ରହ୍ମା, ବିଷ୍ଣୁ, ମହେଶ – କାହାରିକୁ ଛାଡ଼ିବି ନାହିଁ ।
ଶିବ – ଏତେ ଶକ୍ତି ?
ଗଣେଶ – ପରୀକ୍ଷା କରିପାର ।
ଶିବ – ମୁହଁଟାଣ ତ କମ୍ ନୁହେଁ ଦେଖୁଛି । ମାନିଲି ବାଳକ ! ବ୍ରହ୍ମା ବୃଦ୍ଧ ହେଲେଣି – ବିଷ୍ଣୁ ଅତି ସୁଧାର – ଏମାନେ ଯାଇ ନ ପାରନ୍ତି; କିନ୍ତୁ

Digitized by srujanika@gmail.com

ମହେଶ – ମହେଶ ନିଶ୍ଚୟ ଯିବେ ।

ଗଣେଶ – (ଜୋରରେ) ନା ।

ଶିବ – ନିର୍ବୋଧ ବାଳକ, ଜାଣୁ ମୁଁ କିଏ ?

(ଗୀତ)

ରେ ନିର୍ବୋଧ ଶିଶୁ, ତୋର ଏଡ଼ିକି ସାହସ ?
ମୋହ ସାଥେ ପୁଣି ତୁହି କରୁ ପରିହାସ
ଜାଣୁ ମୁହିଁ ଶିବ ରେ,
କଇଳାସପତି ମହାଦେବ ରେ । ୧ ।

ଗଣେଶ – (ଗୀତ)

ଜାଣେନା ମୁଁ କିଏ ଶିବ କେଉଁଠି ତା' ଘର,
ମାତାଙ୍କ ଆଦେଶେ ମୁହିଁ ଜଗିଅଛି ଦ୍ୱାର
ମାତା ଧ୍ୟାନମଗ୍ନ ହେ,
ଘଟାଇ ନ ଦେବି ତହିଁ ବିଘ୍ନ ହେ । ୨ ।

ମାତା ମୋର ଗୁମ୍ଫା ଭିତରେ ତପ କରୁଛନ୍ତି । ଭିତରକୁ ଗଲେ ତପରେ ବିଘ୍ନ ଘଟିବ । ମୁଁ ଏହା କଦାପି କରାଇଦେବି ନାହିଁ ।

ଶିବ – (ସ୍ୱଗତ) ଇଏ ପାର୍ବତୀର ପୁତ୍ର ! ଅସମ୍ଭବ । ମୋ ସହିତ ଇଏ ଛଳନା କରୁଚି । (ଗଣେଶକୁ) ରେ ବାଳକ, ମୁଁ ଶେଷ କଥା ତୋତେ କହୁଚି ଦ୍ୱାର ଛାଡ଼ିଦେ ।

(ଗୀତ)

ଭଣାମି ତୋ ଶୁଣିବାକୁ ନାହିଁ ମୋର ବେଳ
କାଳସର୍ପ ସଙ୍ଗେ କିପାଁ ଖେଳୁଛୁ ତୁ ଖେଳ
ଛାଡ଼ି ଦେ' ତୁ ବାଟରେ,
ନ ହେଲେ ଭେଟିବୁ ଜନ୍ତୁରାଟ ରେ । ୩ ।

ଶିବ – ରେ ଶିଶୁ, ବାଟ ଛାଡ଼ି ଦେ କହୁଚି

ଗଣେଶ – ତମର ନିର୍ଲଜ୍ଜପଣ ଦେଖି ଲାଜରେ ମୋ ମୁଣ୍ଡ ତଳକୁ ହେଇଯାଉଚି ।

ଶିବ – ତେବେ ତୁ ମୋ ସହିତ ଶକ୍ତି ପରୀକ୍ଷା କରିବାକୁ ଚାହୁଁ ?

ଗଣେଶ – ଆଉ କେତେ ଥର ସେ କଥା କହିବି ?

Digitized by srujanika@gmail.com

ଶିବ – ବେଶ୍, ଏବେ ତୋର ମୂର୍ଖପଣର ପ୍ରତିଫଳ ଭୋଗ କର ।
(ଶିବ ଓ ଗଣେଶଙ୍କର ଯୁଦ୍ଧ । ଯୁଦ୍ଧରେ ଶିବ ପରାଜିତ ।)
ଗଣେଶ – (ହସ)
ଶିବ – କି ଆଶ୍ଚର୍ଯ୍ୟ ! ମୋର ସମସ୍ତ ଶକ୍ତି ପ୍ରୟୋଗକରି ମୁଁ ତ୍ରିଶୂଳ ଆଘାତ କଲି – କିନ୍ତୁ ପିଲାଟା ସାମାନ୍ୟ ଯଷ୍ଟିପ୍ରହାରରେ ମୋତେ ବାରମ୍ବାର ପରାସ୍ତ କଲା ! . . . ମୁଁ କ'ଣ ଏମିତି ଶକ୍ତିହୀନ ହେଇପଡ଼ିଚି ! ନା– ବର୍ତ୍ତମାନ ଆଉ ତା' ସହିତ ଯୁଦ୍ଧ କରିବି ନାହିଁ । ପୁଣି ପରାସ୍ତ ହେଲେ ଲଜ୍ଜା ଆଉ ଅପମାନର ସୀମା ରହିବ ନାହିଁ । ମୁଁ ଯାଉଚି ମୋର ଅନୁଚର ଶିବଗଣଙ୍କୁ ପଠାଇବି । (ପ୍ରସ୍ଥାନ)
ଗଣେଶ – ଶକ୍ତି ପରୀକ୍ଷା କରୁଥିଲ ପରା – ଚୋରଙ୍କ ପରି ପଳାଇ ଯାଉଚ କାହିଁକି ? ଯାଅ – ଆଉ ଗୁମ୍ଫାଦ୍ୱାର ମାଡ଼ିବ ନାହିଁ ।

ଦ୍ୱିତୀୟ ଦୃଶ୍ୟ

[ଗଣେଶଙ୍କ ଦ୍ୱାରା ପରାଜିତ ହୋଇ ଶିବ ଆସି କୈଳାସ କନ୍ଦରରେ ବସିଛନ୍ତି । ସମ୍ମୁଖରେ ନନ୍ଦି ଓ ଭୃଙ୍ଗୀ ।]
ନନ୍ଦି – ଏ ଅସମୟରେ ଆମକୁ ସ୍ମରଣ କଲେ କାହିଁକି, ଜଟାଧାରୀ ?
ଶିବ – ଓଃ, କି ଲଜ୍ଜା – କି ଅପମାନ !
ଭୃଙ୍ଗୀ – କ'ଣ ହେଇଚି ପ୍ରଭୁ ! ରାଗ ଆଉ କ୍ରୋଧରେ ଆପଣଙ୍କ ଚକ୍ଷୁରୁ ଯେପରି ଅଗ୍ନି ସ୍ଫୁରଣ ହେଉଚି !
ଶିବ – ଶୁଣ ମୋର ଅନୁଚର ଶିବଗଣ – ଶୁଣ ନନ୍ଦି, ଭୃଙ୍ଗୀ ! କିଷ୍କିନ୍ଧ୍ୟା ପର୍ବତ ଗୁହାଦ୍ୱାର ଜଗିରହିଛି ଗୋଟେ ଶିଶୁ – ହାତରେ ତାର ଯଷ୍ଟି । ସେ ମୋତେ ଗୁହା ଭିତରକୁ ଛାଡ଼ିଲା ନାହିଁ ।
ନନ୍ଦି – ଛାଡ଼ିଲା ନାହିଁ ?
ଶିବ – ନା, ଯଷ୍ଟି ପ୍ରହାରରେ ମୋତେ ପରାସ୍ତ କଲା ।
ଭୃଙ୍ଗୀ – ଅସମ୍ଭବ . . . ଅସମ୍ଭବ ଏ କଥା !
ଶିବ – ସେଇ ଅପମାନରେ ମୁଁ ସେଠୁ ପଳାଇ ଆସିଲି ।
ନନ୍ଦି – ତେବେ ଚାଲନ୍ତୁ ପିତା – ସେ ଶିଶୁ ନିକଟକୁ ଚାଲନ୍ତୁ – ଆମେ ଦେଖିବୁ ତାର କେତେ ଶକ୍ତି !

Digitized by srujanika@gmail.com

ଶିବ – ନା, ମୁଁ ଯିବି ନାହିଁ ।

(ଗୀତ)

ଶୁଣ ଶୁଣ ଅନୁଚରେ ଲାଗେ ବଡ଼ ଭୟରେ,
ଛାର ଶିଶୁ ଗୋଟା ମୋତେ ଦେଲା ପରାଜୟରେ । ୦ ।

ଭୃଙ୍ଗୀ – ଛାର ଗୋଟାଏ ଶିଶୁକୁ ଆପଣ ଭୟକରୁଛନ୍ତି ?

(ଗୀତ)

ଶିବ –ଗଳାଧକ୍କା ଦେଲା ମୋତେ ଯଷ୍ଟିରେ ପିଟିଲା,
ଗୁହାଦ୍ୱାରୁ ସେ ଅଧମ ତିଳେ ନ ହଟିଲା ରେ । ୧ ।

ନନ୍ଦି – ଆମକୁ ତେବେ ଆଦେଶ ଦିଅନ୍ତୁ ପ୍ରଭୁ – ତା' ଯଷ୍ଟି ସହ ତାକୁ ଏଠିକି ବାନ୍ଧି ଆଣିବୁ ।

ଶିବ – କିନ୍ତୁ ତୁମେ ଦୁହେଁ ଏକା ଯାଅ ନାହିଁ ।

(ଗୀତ)

ଦଳବଳ ନେଇ ସର୍ବେ ଗୁମ୍ଫାଦ୍ୱାରେ ଯାଅ ହେ,
ଶିବ ଅପମାନଯୋଗ୍ୟ ପ୍ରତିଶୋଧ ନିଅ ହେ . . .
ଗର୍ବ ଭାଙ୍ଗିବ, ତା' ଗର୍ବ ଭାଙ୍ଗିବ,
ତାକୁ ଅତଳ ଜଳରେ ଫିଙ୍ଗିବ . . . ଗର୍ବ ଭାଙ୍ଗିବ,
ତା' ଗର୍ବ ଭାଙ୍ଗିବ ।
ଶିବ ଶକ୍ତି ସେ ପାମର ବୁଝିବ . . . ଗର୍ବ ଭାଙ୍ଗିବ,
ତା' ଗର୍ବ ଭାଙ୍ଗିବ ।
ତେବେ ଯାଇ କ୍ରୋଧ ମମ ବିଲୟ ହୋଇବ ହେ । ୨ ।

ନନ୍ଦି – ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ । ଦଳବଳ ନେଇ ଆମେ ଯାଉଛୁ– ଗୁମ୍ଫାଦ୍ୱାର ଆକ୍ରମଣ କରିବୁ । ଜୟ, ଶିବଶକ୍ତିର ଜୟ !

ତୃତୀୟ ଦୃଶ୍ୟ

[କିଷ୍କିନ୍ଧ୍ୟା ଗୁମ୍ଫାର ଅଭ୍ୟନ୍ତର । ପାର୍ବତୀଙ୍କ ନିକଟରେ ଅଛନ୍ତି ତାଙ୍କର ଦୁଇ ସହଚରୀ – ଜୟା ଓ ବିଜୟା]

ପାର୍ବତୀ – ସଖୀ ଜୟାବିଜୟା, ଗୁମ୍ଫାଦ୍ୱାରକୁ ଯାଇଥିଲ ତୁମେମାନେ ?

ଜୟା – ଯାଇଥିଲୁ ଠାକୁରାଣୀ !

Digitized by srujanika@gmail.com

ପାର୍ବତୀ – କ'ଣ ହେଇଚି ସେଠି ? ମୋ ପୁତ୍ର ଉପରେ କିଛି ବିପତ୍ତି ପଡ଼ିଲା କି ?

ବିଜୟା – ଗୁମ୍ଫାଦ୍ୱାରରେ ବହୁ ସୈନ୍ୟସାମନ୍ତ ରୁଣ୍ଡ ହେଇଚନ୍ତି ।

ପାର୍ବତୀ – ସୈନ୍ୟସାମନ୍ତ ?

ଜୟା – ଶିବଙ୍କ ଅନୁଚର ସେମାନେ – ପ୍ରମଥଗଣ ।

ପାର୍ବତୀ – ସେମାନେ କାହିଁକି ଆସିଛନ୍ତି ?

ବିଜୟା – ତୁମକୁ ଖୋଜି ଖୋଜି ପ୍ରଥମେ ନିଜେ କୈଳାସପତି ଆସିଲେ । କିନ୍ତୁ ତୁମର ପୁତ୍ର ତାଙ୍କୁ ଗୁମ୍ଫା ଭିତରକୁ ଛାଡ଼ିଲେ ନାହିଁ ।

ପାର୍ବତୀ – ସେଇଠୁ ?

ଜୟା – ଦୁହିଁଙ୍କର ଯୁଦ୍ଧ ହେଲା – ଯୁଦ୍ଧରେ ହାରି ଶିବ ପଳାଇଗଲେ ।

ପାର୍ବତୀ – କ'ଣ କହୁଚୁ ତୁ ? ତାଙ୍କ ସହିତ ଯୁଦ୍ଧରେ ତେବେ ମୋ ପୁତ୍ର ଜୟଲାଭ କରିଚି ?

ବିଜୟା – ହଁ, ଦେବି ! ଯୁଦ୍ଧରେ ହାରିଯାଇ ଶିବ ତାଙ୍କ ଅନୁଚର ଶିବଗଣଙ୍କୁ ପଠାଇଚନ୍ତି – ସାଙ୍ଗରେ ନନ୍ଦି, ଭୃଙ୍ଗୀ ।

ଜୟା – କ'ଣ କହିବୁ ମା' – ସେମାନଙ୍କର ଯେଉଁ ତେଜ – ଯୋଉ କିଳିକିଳା ରାବ !

ଜୟା, ବିଜୟା – (ଗୀତ)

କି କହିବୁ ଠାକୁରାଣୀ
କି କହିବୁ ଠାକୁରାଣୀ
ନନ୍ଦି ଭୃଙ୍ଗୀଙ୍କର କି ଠାଣିମାଣି ହେ
ସତେ ସରଗ ଯିବେ କି ଜିଣି, ଶିବାନୀ ଗୋ । ୧ ।

ବିଜୟା – ନାଚି କୁଦି ଗଗନ ଫଟଉଚନ୍ତି ପରା । ଧରାକୁ ସରା ମଣୁଚନ୍ତି ।

ଜୟା, ବିଜୟା – (ଗୀତ)

ହସେ କେ ବିକଟ ହସ
ହସେ କେ ବିକଟ ହସ
ବାହା ଫୁଟାଇ କେ ମୋଡୁଚି ନିଶ ଯେ
ରାବେ ଭାଙ୍ଗିପଡ଼େ ଦଶ ଦିଶ, ଭବାନୀ ଗୋ । ୨ ।

ପାର୍ବତୀ – ଆଉ ମୋର ପୁତ୍ର ?

Digitized by srujanika@gmail.com

ଜୟା, ବିଜୟା – (ଗୀତ)

କିଶୋର କୁମାର ବୀର
କିଶୋର କୁମାର ବୀର
ଅଟଳ ମେରୁ କି ଟେକିଚି ଶିର ଯେ
ଲବେ ନ ଛାଡ଼ିବେ ଗୁମ୍ଫାଦ୍ୱାର, ଜନନୀ ଗୋ । ୩ ।

ପାର୍ବତୀ – ମୁଁ ଜାଣେ, ପୁତ୍ର ମୋର ଶପଥ କରିଛି – ଗୁମ୍ଫାଦ୍ୱାର ଛାଡ଼ିବ ନାହିଁ ।

ଜୟା – ସେମାନେ କ'ଣ କହୁଚନ୍ତି ଜାଣ ଦେବୀ ? କହୁଚନ୍ତି – ଆମେ ସବୁ ଶିବପୁତ୍ର, ଆମକୁ ଦ୍ୱାର ଛାଡ଼ିଦେ ।

ପାର୍ବତୀ – ଏ କଥା ଯେବେ ସେମାନେ କହୁଚନ୍ତି, ତେବେ ସଖୀ ଜୟା ବିଜୟା, ତୁମେ ଦୁହେଁ ଯାଅ । ପୁଅକୁ ମୋର କହିବ, ଯେପରି ଠିକ୍ ଉତ୍ତର ସେ ସେମାନଙ୍କୁ ଦେବ ।

ବିଜୟା – କି ଉତ୍ତର ସେ ଦେବେ ?

ପାର୍ବତୀ – (ଗୀତ)

ତୁମେ ଯେବେ ଶିବପୁତ୍ର
ତୁମେ ଯେବେ ଶିବପୁତ୍ର
ମୁଁ କ'ଣ ନୁହଁଇ ଶିବାଙ୍କ ପୁତ୍ର ଯେ,
ମୁଁ ଯେ ଏକାକୀ ତୁମେ ବହୁତ । ୪ ।

ପାର୍ବତୀ – ଯାଅ ଜୟା ବିଜୟା – ପୁତ୍ର ମୋର ଏଇ କଥା ସେମାନଙ୍କୁ କହିବ ଯେ, 'ତୁମେ ସବୁ ଶିବଙ୍କ ପୁତ୍ର ହେଲେ ମୁଁ ଶିବାଙ୍କ ପୁତ୍ର । ମୁଁ ତୁମକୁ ଡରିବି ନାହିଁ ।'

ଜୟା – ଯାଉଚୁ ଦେବି ! (ଦୁହିଁଙ୍କର ପ୍ରସ୍ଥାନ)

ପାର୍ବତୀ – ଗୁମ୍ଫାଦ୍ୱାରକୁ ଥରେ ଆସି ଯେତେବେଳେ ଫେରିଯାଇଚନ୍ତି – ପୁଣି ଆସିବେ । ମୋର ମନ କହୁଚି, କୈଳାସପତି ପୁଣି ନିଶ୍ଚୟ ଆସିବେ ।

(ଧ୍ୟାନରେ ବସିଲେ)

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

[କିଷ୍କିନ୍ଧ୍ୟା ପର୍ବତ ଗୁମ୍ଫାଦ୍ୱାର । ଯଷ୍ଟିହାତରେ ଦ୍ୱାର ଜଗି ରହିଚନ୍ତି କୁମାର ଗଣେଶ । ତାଙ୍କୁ ବେଢ଼ି ରହିଚନ୍ତି ନନ୍ଦି, ଭୃଙ୍ଗୀ ଓ ଶିବସେନାଗଣ ।]

ଗଣେଶ — ଶୁଣିଲ ତ ମୁଁ କ'ଣ କହିଲି ? ତୁମେ ସବୁ ଶିବପୁତ୍ର — ମୁଁ ଶିବାପୁତ୍ର । ତୁମେ ଅସଂଖ୍ୟ, ମୁଁ ଏକାକୀ । ଆସ, ଶକ୍ତି ପରୀକ୍ଷା କର ।

ନନ୍ଦି — ତେବେ ତୁ ଭଲରେ ଗୁମ୍ଫାଦ୍ୱାରରୁ ହଟିବୁ ନାହିଁ ?

ଗଣେଶ — ଭଲରେ ନୁହେଁ କି ମନ୍ଦରେ ନୁହେଁ ।

ଭୃଙ୍ଗୀ — ଜାଣୁ ଏହାର ପରିଣାମ କ'ଣ ?

ଗଣେଶ — ମୋର ଜୟ, ତୁମର ପରାଜୟ ।

ନନ୍ଦି — ତୋ'ର ଏତେ ସାହସ ?

ଭୃଙ୍ଗୀ — ସାମାନ୍ୟ ଛୁଆ ଖଣ୍ଡେ — ତୁ ଶିବଶକ୍ତିର ବିରୁଦ୍ଧାଚରଣ କରୁଚୁ ?

ନନ୍ଦି — ଦେଖୁଚୁ ଏ ଖଡ୍‌ଗ ? ଏକ ଆଘାତରେ ତୋର ଗଣ୍ଡି ମୁଣ୍ଡ ଅଲଗା କରିଦେବି ।

ଭୃଙ୍ଗୀ — ଏ ଗଦା ପ୍ରହାରରେ ତୋ ମୁଣ୍ଡ ଫଟାଇ ଛତୁ କରିଦେବି ।

ନନ୍ଦି — ଏ ବର୍ଚ୍ଛା ମୁନରେ ତୋ ବକ୍ଷ ଭେଦ କରିବି ।

ଭୃଙ୍ଗୀ — ଏ ବଜ୍ରମୁଷ୍ଟିର ଆଘାତରେ ତୋ ମେରୁଦଣ୍ଡ ଖଣ୍ଡ ଖଣ୍ଡ କରିଦେବି ।

ନନ୍ଦି — ଏଇ ପଥର ଖଣ୍ଡରେ ତୋତେ ବାନ୍ଧି ଅତଳ ସମୁଦ୍ରରେ ନିକ୍ଷେପ କରିବି ।

ଗଣେଶ — ଶୁଣ ଭାଇ, ଆଉ କଥା ଶୁଣିବାକୁ ମୋତେ ବେଳ ନାହିଁ । ମନ ଅଛି ତ ଶକ୍ତି ପରୀକ୍ଷାକର ।

(ଗୀତ)

ଶିବ ପୁତ୍ରଗଣ ଏ'କି କର ହେ
ବୃଥା ବାହୁସ୍ଫୋଟ କିପାଁ ମାର ହେ । ୧ ।
ତୁମ ବୀରପଣିଆର ଛଟକ
ଖାଲି କଥାରେ ରହିଛି ଅଟକ । ୨ ।
ଶିବାତନୟ ମୁଁ ଏକ ବାଳୁତ
ଶିବପୁତ୍ର ତୁମେ ଅଛ ବହୁତ । ୩ ।

Digitized by srujanika@gmail.com

ଅସ୍ତ୍ରଶସ୍ତ୍ର ତୁମ ଅସୁମାର ହେ
ହାତେ ଯଷ୍ଟିଖଣ୍ଡି ମୋର ସାର ହେ । ୪ ।
ଛୁଇଁ ମାତାଙ୍କ ଚରଣକମଳ
ମୁଁ ତ କରିଛି ପ୍ରତିଜ୍ଞା ଅଟଳ । ୫ ।
ଗୁହାଦ୍ୱାର ଜଗିଥିବି ସତତ
ମାତା-ଆଜ୍ଞା ପାଳି ପ୍ରାଣ ଉଷତ । ୬ ।
ଯେବେ ପିତାଙ୍କର ତୁମ ଆଦେଶ
ବଳେ ଗୁମ୍ଫାରେ କରିବ ପ୍ରବେଶ । ୭ ।
ସେଇ ପିତାଙ୍କୁ ସୁମରି ଆସ ହେ
ମୋହ ସଙ୍ଗେ ରଣେ ଦିଅ ଝାସ ହେ । ୮ ।

ନନ୍ଦି – ଦେଖୁଚ ଭୃଙ୍ଗୀ, ଟୋକା ଖଣ୍ଡକ କେମିତି ବଢ଼ି ବଢ଼ି କଥା କହୁଚି ?

ଭୃଙ୍ଗୀ – ଯମପୁରରୁ ତାକୁ ଡକରା ଆସିଲାଣି । ଆସ ଭାଇମାନେ, ସମସ୍ତେ ଏକ ସଙ୍ଗେ ତାକୁ ଆକ୍ରମଣ କର । ଜୟ, ଶିବଶକ୍ତିର ଜୟ !

ଗଣେଶ – ଜୟ, ମାତୃଶକ୍ତିର ଜୟ !

(ଯୁଦ୍ଧ । ନନ୍ଦି, ଭୃଙ୍ଗୀଙ୍କ ସହିତ ସୈନ୍ୟଗଣଙ୍କ ପରାଜୟ ଓ ପଳାୟନ ।)

ପଞ୍ଚମ ଦୃଶ୍ୟ

(ଗୁମ୍ଫାର ଅଭ୍ୟନ୍ତର । ଆନନ୍ଦରେ ଅଧୀରା ହୋଇ ଜୟା, ବିଜୟା ଆସିଲେ ।)

ଜୟା – ଠାକୁରାଣୀ . . . ଠାକୁରାଣୀ . . .

ପାର୍ବତୀ – କ'ଣ ସମ୍ବାଦ, ଜୟା-ବିଜୟା ?

ବିଜୟା – ପଳେଇଗଲେ ।

ପାର୍ବତୀ – କିଏ ପଳେଇଗଲେ ?

ଜୟା – ସେଇଗୁଡ଼ାକ ମ – ଯିଏ ଆମ କୁମାରଙ୍କ ସାଙ୍ଗରେ ଲଢ଼େଇ କରିବାକୁ ଆସିଥିଲେ ।

ବିଜୟା – ଯେତକ ତ ମଲେ ମଲେ – ଆଉ ଯେତକ ଗୋଡ଼ ଭାଙ୍ଗିଲେ ଆଉ ଯିଏ ବଞ୍ଚିଲେ, ପଳେଇଗଲେ ।

ଜୟା – ଯିମିତି କିଳିକିଳା ରାବ କରି ଆସିଥିଲେ, ସିମିତି କିଲିବିଲି ହେଇ ପଳେଇଗଲେ ।

Digitized by srujanika@gmail.com

ପାର୍ବତୀ – ପୁତ୍ର ମୋର ଯୁଦ୍ଧରେ ଜିତିଛି – ଏଇ ନିଅ ଜୟା ବିଜୟା – ତୁମ ପୁରସ୍କାର । (ମାଳା ପ୍ରଦାନ କଲେ)

ଜୟା, ବିଜୟା – ଦେବୀଙ୍କ ମନକାମନା ପୂର୍ଣ୍ଣ ହେଉ ।

ଷଷ୍ଠ ଦୃଶ୍ୟ

(କୈଳାସ – ଉପସ୍ଥିତ ଶିବ ଓ ନନ୍ଦି, ଭୃଙ୍ଗୀ)

ଶିବ – ଏଡ଼ିକି ନିର୍ଲଜ୍ଜ ତୁମେମାନେ – ଏମିତି ଭୀରୁ, କାପୁରୁଷ ! ସାମାନ୍ୟ ଗୋଟାଏ ବାଳକ ପାଖରେ ପରାସ୍ତ ହୋଇ ମୋ ପାଖକୁ ଆସିଚ ! ! କାହିଁକି – କାହିଁକି ଆଉ ଏଠିକି ଆସିଲ ? ସେଇ ଯୁଦ୍ଧକ୍ଷେତ୍ରରେ ନିଜ ଅସ୍ତ୍ର ନିଜ ଛାତିରେ ଭୁସି ଆତ୍ମହତ୍ୟା କରି ମଲ ନାହିଁ କାହିଁକି ?

ନନ୍ଦି – ଆମର କିଛି ଉପାୟ ନଥିଲା ପ୍ରଭୁ ! ଆମେ ଶିବଗଣ ଏକ ସଙ୍ଗରେ ତାକୁ ଆକ୍ରମଣ କଲୁ; କିନ୍ତୁ ପଥର ଦେହରେ ମାଟିପିଣ୍ଡୁଳା ବାଜିଲା ପରି ଆମ ଦଶା ହେଲା ।

ଭୃଙ୍ଗୀ – ଆମେ ଦୁହେଁ – ନନ୍ଦି ଭୃଙ୍ଗୀ – ତା' ସହିତ ମଲ୍ଲଯୁଦ୍ଧ କଲୁ । ମୁଁ ତା' ଡାହାଣ ଜାନୁକୁ ଟାଣିଲି ।

ନନ୍ଦି – ମୁଁ ଟାଣିଲି ବାମ ଜାନୁ ।

ଭୃଙ୍ଗୀ – କିନ୍ତୁ ଅଟ୍ଟହାସ କରି ଆମକୁ ଏମିତି ଧକ୍‌କା ମାରିଲା ଯେ, ଆମେ ଦୁହେଁ ଶହେହାତ ଦୂରରେ ପଡ଼ିଲୁ ।

ନନ୍ଦି – ସିଏ ଶିଶୁ ନୁହେଁ – କାଳାନ୍ତକ ଯମ ! ପଳେଇ ଆସି ନ ଥିଲେ ଶିବଗଣ ସେଠି ପ୍ରାଣ ହରାଇଥା'ନ୍ତେ ।

ଶିବ – ଭଲହୋଇଥାନ୍ତା – ଖୁବ୍ ଭଲହୋଇଥାନ୍ତା ! ତମମାନଙ୍କର ଏ ନିର୍ଲଜ୍ଜ ମୁହଁ ଆଉ ମୁଁ ଦେଖି ନଥା'ନ୍ତି ।

(ଗୀତ)

ଆରେ ଶିବଗଣ ଏଡ଼େ ତୁମେ ହୀନ
(ତୁମ) ଶିବଶକ୍ତି ଗଲା କାହିଁ ?
ଛାର ଶିଶୁ ଗୋଟା କଲା ହଟହଟା
ଜହର ମିଳିଲା ନାହିଁ ? । ୦ ।

ଯୁଦ୍ଧଭୂଇଁରୁ ପଳାଇଆସିବା ଆଗରୁ ବିଷ ଜହର ଖାଇ ମଲନାହିଁ କାହିଁକି ?

Digitized by srujanika@gmail.com

ନନ୍ଦି – ଆପଣ ଆମକୁ ବୃଥା ଲାଞ୍ଛନା ଦେଉଛନ୍ତି ପିତା !

ଭୃଙ୍ଗୀ – ଆମେ ଦୁଇ ଭାଇ ଆମ କର୍ତ୍ତବ୍ୟରେ ଆଦୌ ହେଳା କରିନାହୁଁ ।

ଶିବ – କରିନାହଁ ? (ଗୀତ)

ଷଣ୍ଢାପରି ତୁମେ ଭେଣ୍ଡା ଦୁଇଭାଇ
ହୁଣ୍ଡାପରି କିଆଁ ଆସିଲ ପଳାଇ,
ମେଣ୍ଢାପଲ ପରି ଦଣ୍ଡିଲା ତୁମକୁ
ଶିଶୁଗୋଟା ଥିଲା କାହିଁ । ୧ ।

ନନ୍ଦି – ସେ ଶିଶୁକୁ ଯୁଦ୍ଧରେ ଜିତିବା ଅସମ୍ଭବ ପ୍ରଭୁ !

ଭୃଙ୍ଗୀ – ତା' ପାଖରେ ଶରଣ ପଶିଲେ ସେ ଗୁମ୍ଫାଦ୍ୱାର ଛାଡ଼ିଦେବ ।

ଶିବ – କ'ଣ କହିଲୁ ଭୃଙ୍ଗୀ – ମୁଁ ତା' ପାଖରେ ଶରଣ ପଶିବି ?

(ଗୀତ)

ଆରେ ନନ୍ଦି ଭୃଙ୍ଗୀ ହେଲ କି ପାଗଳ
ଚନ୍ଦ୍ରଚୂଡ଼ କଣ ଏଡ଼େ ହୀନବଳ,
ଶାର୍ଦ୍ଦୂଳ କି କେବେ ଶୃଗାଳ ଚରଣେ
ଶରଣ ପଶିଚି ଯାଇ ? । ୨ ।

ଶିବ – ପାର୍ବତୀ ମୋର ସ୍ତ୍ରୀ । ସାମାନ୍ୟ ଗୋଟାଏ ନାରୀ – ତାକୁ ସନ୍ତୁଷ୍ଟ କରିବାପାଇଁ ତା'ର ଭୃତ୍ୟ ଗୋଟାଏ ଶିଶୁ ପାଖରେ ମୁଁ ଶରଣ ପଶିବି ! କେବେ ନୁହେଁ ! ତାକୁ ଉପଯୁକ୍ତ ଶିକ୍ଷା ନ ଦବାଯାଏଁ ମୋ ମନରେ ଶାନ୍ତି ନାହିଁ । ତୁମ୍ଭେମାନେ ବର୍ତ୍ତମାନ ମୋ ସମ୍ମୁଖରୁ ଯାଅ – ସମସ୍ତେ !

(ନତମସ୍ତକରେ ନନ୍ଦି, ଭୃଙ୍ଗୀଙ୍କର ପ୍ରସ୍ଥାନ)

ସପ୍ତମ ଦୃଶ୍ୟ

[କିଷ୍କିନ୍ଧ୍ୟା ଗୁମ୍ଫାର ଅଭ୍ୟନ୍ତର]

ଜୟା – ତୁମ ପୁଅ ଯୁଦ୍ଧରେ ଜିଣିଲା – ତୁମେ ମନ ଦୁଃଖ କରି ବସିଚ କାହିଁକି ଠାକୁରାଣୀ ?

ବିଜୟା – ଆଉ ପୁଣି କ'ଣ ଭାବୁଚ ଦେବୀ ?

ପାର୍ବତୀ – ଶିବଙ୍କ କୋପ କଥା କିଏ ନ ଜାଣେ ? ସେ ଯେବେ କୋପ କରିବେ, ତ୍ରିଭୁବନ ଧ୍ୱଂସ ହୋଇଯିବ । ତାଙ୍କ ଅନୁଚରମାନେ ହାରିଗଲେ

Digitized by srujanika@gmail.com

ବୋଲି ଯଦି ସେ ମୋ ପୁତ୍ର ଉପରେ ପ୍ରତିଶୋଧ ନେବେ...

(ପ୍ରବେଶ କଲେ ନାରଦ)

ନାରଦ – ନାରାୟଣ, ନାରାୟଣ !

ଜୟା – ନାରଦ ମୁନି ଆସିଲେଣି !

ପାର୍ବତୀ – ପ୍ରଣାମ ଦେବର୍ଷି !

ନାରଦ – (ଗୀତ)

ଉମାରାଣୀ ଦେବୀ ଭବାନୀ
କାହିଁକି ଭଲା ଏ ବିରସ ମୁହଁ ? ପଦ ।
ଯିଏ ସ୍ୱୟଂ ଜଗତମାତା
ପୁଅ ଯା'ର ଜଗତଜିତା,
ସ୍ୱାମୀ ଯା'ର ଦେବଦେବ ମହାଦେବ
ସେ କିଆଁ ଢାଳିବ ଆଖିର ଲୁହ । ୧ ।

ନାରଦ – ବହୁ ଦିନ ପରେ ଦେବୀଙ୍କ ଦର୍ଶନ ପାଇଲି; କିନ୍ତୁ ଉମାରାଣୀଙ୍କର ଏ ବିରସ ମୁହଁ କାହିଁକି ?

ପାର୍ବତୀ – ଦେବର୍ଷିଙ୍କୁ କେଉଁ କଥା ଅଜଣା ? ଯୁଦ୍ଧରେ ହାରିଯାଇ ଶିବ କୋପମୂର୍ତ୍ତି ଧାରଣ କରିଥିବେ ।

ନାରଦ – ଏଥିରେ ସନ୍ଦେହ କିଛି ଅଛି ?

ପାର୍ବତୀ – ତା'ହେଲେ ତାଙ୍କ କୋପରୁ ମୋ ପୁଅ କିପରି ରକ୍ଷା ପାଇବ, ମହାମୁନି ?

ନାରଦ – ସେ କଥା ଅବଶ୍ୟ ଚିନ୍ତା କରିବା କଥା । ରୁଦ୍ରଙ୍କ କୋପ... ସ୍ୱୟଂ ନାରାୟଣ ମଧ୍ୟ ପ୍ରମାଦ ଗଣନ୍ତି ।

ପାର୍ବତୀ – କୁହନ୍ତୁ ମୁନିରାଜ, ମୁଁ କି ଉପାୟ କରିବି ?

ନାରଦ – (ଗୀତ)

ଆଦ୍ୟାଶକ୍ତି ହେ ମହାମାୟା
ଉପହାସ କରୁଚ କିଆଁ,
ଶକ୍ତିର ଅଭାବ ଅଛି କିବା ତବ
ମୁହିଁ କି ଉପାୟ କହିବି କୁହ ? ୨ ।

ପାର୍ବତୀ – ତେବେ ମୋ'ର ଶକ୍ତି ମୁଁ ପ୍ରୟୋଗ କରିବି ?

Digitized by srujanika@gmail.com

ନାରଦ—ନିଶ୍ଚୟ ! ମା'ହେଇ ପୁଅକୁ ରକ୍ଷା ନ କଲେ ଆଉ ରକ୍ଷା କରିବ କିଏ ?

ପାର୍ବତୀ – ତେବେ, ତେବେ ଦେଖନ୍ତୁ ମହାମୁନି – ଆପଣଙ୍କ ସମ୍ମୁଖରେ ମୁଁ ଦୁଇ ଶକ୍ତି ସୃଷ୍ଟି କରୁଛି ।

(ପାର୍ବତୀଙ୍କ ମୁଖମଣ୍ଡଳ ତେଜୋଦ୍ଦୀପ୍ତ ହୋଇଉଠିଲା – ଚକ୍ଷୁରୁ ସ୍ଫୁଲିଙ୍ଗ ଛୁଟିଲା । ଶୂନ୍ୟରେ ମହାଶବ୍ଦ ଶୁଣାଗଲା ।)

ପାର୍ବତୀ – ପ୍ରଥମ ଶକ୍ତିର ନାମ ମହାମୁଖା – ଦ୍ଵିତୀୟ ଶକ୍ତିର ନାମ ଅସଂଖ୍ୟ ବାହୁଶାଳିନୀ । ବିଜୁଳିଠାରୁ ବଳି ଅଧିକ ଗତି; କୋଟିସୂର୍ଯ୍ୟଠାରୁ ବଳି ଅଧିକ ତେଜ । ମୋର ଏହି ଦୁଇ ମହାଶକ୍ତିକୁ ମୁଁ ମୋର ପୁତ୍ର ଗଣେଶକୁ ଦାନ କଲି । ଆଉ ତା'ର ଶିବକୋପକୁ ଭୟ ନାହିଁ ।

ନାରଦ – ନାରାୟଣ, ନାରାୟଣ ! ମତେ ବର୍ତ୍ତମାନ ବିଦାୟ ଦିଅନ୍ତୁ ।

(ପ୍ରସ୍ଥାନ)

ଅଷ୍ଟମ ଦୃଶ୍ୟ

[କୈଳାସ ପର୍ବତ – ନନ୍ଦି, ଭୃଙ୍ଗୀ ଓ ଶିବ]

ନନ୍ଦି – ଆଉ କେତେବେଳ ଏମିତି ମନ ଦୁଃଖ କରି ବସିବେ ପିତା ? କିଛି ହେଲେ ଉପାୟ ଚିନ୍ତା କରନ୍ତୁ । (ନାରଦଙ୍କ ପ୍ରବେଶ)

ନାରଦ – ନାରାୟଣ ନାରାୟଣ . . .

ଭୃଙ୍ଗୀ – ଏଇ, ନାରଦମୁନି ଆସିଲେଣି ।

ନାରଦ – କୈଳାସପତିଙ୍କର ଜୟ ହେଉ !

ଶିବ – ଆସନ୍ତୁ ଦେବର୍ଷି, ଆସନ ଗ୍ରହଣ କରନ୍ତୁ ।

ନାରଦ – (ଗୀତ)

ଉମାପତି ହେ ମହାଯତି,
କାହିଁକି ଭଲା ଏ ବିରସ ମୁହଁ ?
କିପାଁ ଅବସାଦ ମନେ କିପାଇଁ ଖେଦ,
କିପାଇଁ ପରାଣେ ଜାଗିଛି କୋହ ? । ୧ ।

ଶିବ – ଦେବର୍ଷିଙ୍କୁ କୋଉ କଥା ଅଜଣା ଅଛି ? ସାମାନ୍ୟ ଗୋଟାଏ ଶିଶୁ ନିକଟରେ ଶିବଶକ୍ତି ଆଜି ପରାଜିତ !

ନାରଦ – ଅବଶ୍ୟ . . . ଅବଶ୍ୟ । ଏ ଅପମାନଠୁ ବଳି ଆଉ ଅପମାନ

Digitized by srujanika@gmail.com

ନାହିଁ । ଏଭଳି ଅପମାନ ରୁଦ୍ରଦେବ ଆଉ କେବେ କୋଉଠି ପାଇ ନଥିବେ; ଏପରିକି ଦକ୍ଷଯଜ୍ଞର ଅପମାନଠୁ ଏ ଅପମାନ ବଳିଯାଇଚି ।

ଶିବ – କିନ୍ତୁ ଦେବର୍ଷି ! ଏ ଅପମାନର ପ୍ରତିଶୋଧ ନେବାକୁ ଯେତେବେଳେ ମୋ ରୁଦ୍ରକୋପ ପ୍ରକାଶ ପାଇବ – ହାତର ଡମ୍ବରୁ କମ୍ପି ଉଠିବ– ତ୍ରିଶୂଳରୁ ଅଗ୍ନି ବର୍ଷଣ ହେବ – ତ୍ରିଲୋଚନ ପ୍ରଜ୍ୱଳିତ ହେବ – ଜଟାଜୁଟ ପିଙ୍ଗଳବର୍ଣ୍ଣ ଧାରଣ କରିବ . . .

ନାରଦ – କିଛି ଲାଭ ହେବ ନାହିଁ, ଭୋଳାନାଥ ! ସେ ଶିଶୁ ବର୍ତ୍ତମାନ ମହାମୁଖା ଓ ଅସଂଖ୍ୟ ବାହୁଶାଳିନୀ – ଏ ଦୁଇ ମହାଶକ୍ତିର ଅଧିକାରୀ । ରୁଦ୍ରକୋପ ତା'ର କେଶ ସୁଦ୍ଧା ସ୍ପର୍ଶ କରିପାରିବ ନାହିଁ ।

ଶିବ – କିଏ... କିଏ ଦେଲା ତାକୁ ଏ ମହାଶକ୍ତି ? ପାର୍ବତୀ ?

ନାରଦ – ଆଉ କିଏ ? ନାରୀ ବୋଲି କ'ଣ ତାଙ୍କର ମାନ-ଅପମାନ ଜ୍ଞାନ ନାହିଁ ?

ଶିବ – ତା'ହେଲେ କୁହନ୍ତୁ ମୁନି – ମୁଁ କି ଉପାୟ କରିବି ?

ନାରଦ – ଉପାୟ . . . ଉପାୟ ହେଉଚନ୍ତି ଗୋଲୋକବିହାରୀ ବିଷ୍ଣୁ ।

ଶିବ – ବିଷ୍ଣୁ ତେବେ ଉପାୟ ବତାଇଦେବେ ?

ନାରଦ – ହଁ, ସେହି ମାୟାବୀ ବିଷ୍ଣୁ ସବୁ ଉପାୟ ବତାଇଦେବେ ।

(ଗୀତ)

ବିଷ୍ଣୁ ଯେବେ ହେବେ ସହାୟ
ଆଉ କିଛି ନ ଥିବ ଭୟ,
ସହି ଅପମାନ ଦେବ ତ୍ରିଲୋଚନ
ନୀରବେ ରହିବା ଉଚିତ ନୁହଁ । ୨ ।

ଶିବ – ମୁଁ ତେବେ ବିଷ୍ଣୁଙ୍କୁ ସ୍ମରଣ କରୁଚି ।

ନାରଦ – ଏଇ ସାଙ୍ଗେ ସାଙ୍ଗେ । ଆଉ କେତେ କାଳ ଅପମାନ ସହି ତୁନି ହୋଇ ବସିବେ ? – ହଉ, ମତେ ଏବେ ବିଦାୟ ଦିଅନ୍ତୁ । ନାରାୟଣ... ନାରାୟଣ... (ପ୍ରସ୍ଥାନ)

(ଶିବ ଧ୍ୟାନମଗ୍ନ ହେଲେ । ଅଳ୍ପ ସମୟ ପରେ ବିଷ୍ଣୁଙ୍କର ଆବିର୍ଭାବ ହେଲା ।)

ଶିବ – ଆସନ୍ତୁ ଗୋଲୋକବିହାରୀ... ଆସନ ଗ୍ରହଣ କରନ୍ତୁ ।

Digitized by srujanika@gmail.com

ବିଷ୍ଣୁ – କୁହନ୍ତୁ, କାହିଁକି ଏ ଅସମୟରେ ସ୍ମରଣ କଲେ ?

ଶିବ – ମତେ ଏ ବିପଦରୁ ରକ୍ଷା କରନ୍ତୁ ଦେବ ! ସାମାନ୍ୟ ଗୋଟାଏ ବାଳକ ମତେ ଯୋଉ ଅପମାନ ଦେଇଚି, ତାହା ସମସ୍ତ ଦେବତାକୁଳଙ୍କୁ ଅପମାନ ।

ବିଷ୍ଣୁ – ସ୍ୱୀକାର କରୁଚି . . . ଦେବକୁଳ ଏଥିରେ ଅପମାନିତ ହୋଇଚନ୍ତି; କିନ୍ତୁ ଆପଣ ସେ ବାଳକକୁ ସାମାନ୍ୟ ମନେକରୁଚନ୍ତି କାହିଁକି ?

ଶିବ – ତା'ହେଲେ ଗୋଟାଏ ଅବୋଧ ଶିଶୁ ମତେ ଅପମାନ ଦେବ, ଆଉ ଆପଣ ଦେବକୁଳର ରକ୍ଷକ ହୋଇ ମହାଆନନ୍ଦରେ କ୍ଷୀରସାଗରରେ ନିଦ୍ରା ଯିବେ !

ବିଷ୍ଣୁ – ମୁଁ କ'ଣ କହିଲି ଏ କଥା ? ଆପଣ କଥା-କଥାକେ ରାଗିଯିବେ, ଆଉ ଅନ୍ୟମାନଙ୍କୁ ଦୋଷ ଦେବେ । କିଛି କୁଆଡୁ ନଥିବ, ହଠାତ୍ ଏମିତି ଗୋଟିଏ ପରିସ୍ଥିତି ସୃଷ୍ଟି କରିବେ, ଯୋଉଥିରେ ଆପଣ ନିଜେ ଅସୁବିଧା ଭୋଗିବେ ଅନ୍ୟମାନଙ୍କୁ ମଧ୍ୟ ଅସୁବିଧାରେ ପକେଇବେ ।

ଶିବ – ଆପଣ କ'ଣ ମତେ ଏଇସବୁ ଦୋଷ ଦେବାକୁ ଏଠିକି ଆସିଚନ୍ତି ? ଏଇଥିପାଇଁ ମୁଁ ଆପଣଙ୍କୁ ସ୍ମରଣ କଲି ?

ବିଷ୍ଣୁ – କି ଦରକାର ଥିଲା ଭୃଗୁ ଋଷିଙ୍କ ସ୍ତ୍ରୀକୁ ହତ୍ୟା କରିବାକୁ ଯିବା ? ପୁଣି ଦେବୀ ପାର୍ବତୀଙ୍କ ଭଳି ସ୍ତ୍ରୀକୁ ଘରୁ ତଡ଼ିଦେଉଥିଲେ ବା କାହିଁକି ?

ଶିବ – ସିଏ ତ ମୋ' ନିଜ କଥା । ଘର କରି କ'ଣ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳିକଜିଆ ହୁଏନାହିଁ ?

ବିଷ୍ଣୁ – କିନ୍ତୁ ସେଇ ଘରକଳିରୁ ଯେ ସାରା ସଂସାର ପ୍ରମାଦ ଗଣିଲାଣି ।

ଶିବ – ସେଇଥିପାଇଁ ତ ଆପଣଙ୍କୁ ସ୍ମରଣ କରିଚି – ସଂସାରକୁ ରକ୍ଷାକରନ୍ତୁ – ମତେ ଅପମାନରୁ ବଞ୍ଚାନ୍ତୁ ।

ବିଷ୍ଣୁ – ଆପଣ ଗଣନାଥ ବିରୁଦ୍ଧରେ ପୁଣି ଯୁଦ୍ଧଯାତ୍ରା କରନ୍ତୁ ।

ଶିବ – ପୁଣି ଯୁଦ୍ଧଯାତ୍ରା କରିବି ? ପୁଣି ଅପମାନ ଭୋଗିବି ? ଜାଣନ୍ତି ସେ ଶିଶୁ ଦୁଇ ମହାଶକ୍ତିର ଅଧିକାରୀ ? ଆପଣ ମତେ ଏଇ ଉପଦେଶ ଦେଉଛନ୍ତି ?

ବିଷ୍ଣୁ – ଶୁଣନ୍ତୁ, ମୋ କଥା ଆଗେ ଶୁଣନ୍ତୁ । ଆପଣ ଯୁଦ୍ଧ କରନ୍ତୁ । ତ୍ରିଶୂଳ ପ୍ରୟୋଗ କଲାବେଳେ ମୁଁ ମାୟା ବିସ୍ତାର କରିବି – ତା'ର ଶକ୍ତି ଅଚଳ

Digitized by srujanika@gmail.com

ହୋଇପଡ଼ିବ । ତ୍ରିଶୂଳରେ ତା'ର ଶିରଚ୍ଛେଦ ହେବ ।

ଶିବ – କମଳାପତି ବିଷ୍ଣୁଙ୍କର ଜୟ ହେଉ ! ଯାଅ ନନ୍ଦି ଭୃଙ୍ଗୀ – ଯୁଦ୍ଧଯାତ୍ରା ପାଇଁ ଆଦେଶ ଦିଅ ।

ନବମ ଦୃଶ୍ୟ

[ଗୁମ୍ଫାଦ୍ୱାର – ଏକ ପଟରେ ଗଣେଶ ଓ ଅନ୍ୟ ପଟରେ ଶିବ, ବିଷ୍ଣୁ ଓ ଅନ୍ୟମାନେ ।]

ଶିବ – ରେ ମୂର୍ଖ ଶିଶୁ–ବର୍ତ୍ତମାନ ଶେଷ ଯୁଦ୍ଧପାଇଁ ପ୍ରସ୍ତୁତ ହୋଇ ରହ ।

ଗଣେଶ – ମୁଁ ତ ଆରମ୍ଭରୁ ପ୍ରସ୍ତୁତ ରହିଛି – ତୁମେ ସିନା ଥରକୁ ଥର ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଉଚ ।

ଶିବ – ଗୁମ୍ଫାଦ୍ୱାର ଛାଡ଼ିବୁ ନା ନାହିଁ ?

ଗଣେଶ – ମୋ' ମାତାଙ୍କ ପାଖରେ ଶରଣ ପଶିଲେ ଛାଡ଼ିଦେବି ।

ଶିବ – ଏଡ଼େ ଗର୍ବ ?

ଗଣେଶ – ଗର୍ବ ନୁହେଁ କର୍ତ୍ତବ୍ୟ ।

ଶିବ – ଦେଖୁଛନ୍ତି ତ ବିଷ୍ଣୁ ! ତା'ର ତେଜ ଆଉ ଶକ୍ତି !

ବିଷ୍ଣୁ – ଆପଣ ପ୍ରସ୍ତୁତ ରହନ୍ତୁ – ମୁଁ ମାୟା ବିସ୍ତାର କଲି ।

(ବିଷ୍ଣୁ ଚକ୍ର ଉତ୍ତୋଳନ କଲେ । ଶୂନ୍ୟରୁ ମହାଶବ୍ଦର ସୃଷ୍ଟି ହୋଇ କିଷ୍କିନ୍ଧ୍ୟା ଗିରିଗୁହା ପ୍ରକମ୍ପିତ ହେଲା । ଦେଖାଗଲା କୁମାର ଗଣେଶ ଧୀରେ ଧୀରେ ଶକ୍ତିହୀନ ହୋଇପଡୁଛନ୍ତି ।)

(ଗୀତ)

ଶିବ – ରେ ନିର୍ବୋଧ ଶିଶୁ, ସ୍ମର ତୋର ଇଷ୍ଟନାମ,

ଗଣେଶ – ଜାଣେନା ମୁଁ କିଏ ଇଷ୍ଟ କାହିଁ ତାର ଧାମ ।

ଶିବ – ତୋ'ର ମୂଢ଼ପଣିଆର ଭୋଗ ପ୍ରତିଫଳ,

ଗଣେଶ – ବୁଝିପାରୁନାହିଁ କିମ୍ବା ହୁଏ ହୀନବଳ ।

ଶିବ – ଏଇ ଦେଖ ତ୍ରିଶୂଳ ମୁଁ କରିଲି ପ୍ରହାର,

ଗଣେଶ – କାହିଁ ଅଛ ମାତା, ତବ ପାଦେ ନମସ୍କାର... ଆଃ... ।

(ଶିବଙ୍କର ତ୍ରିଶୂଳ ପ୍ରହାରରେ ଗଣେଶଙ୍କର ମୃତ୍ୟୁ ହେଲା ।)

ନନ୍ଦି – ଏକାବେଳକେ ଗଣ୍ଡି ମୁଣ୍ଡ ଦି'ଖଣ୍ଡ ହେଇଯାଇଚି ।

Digitized by srujanika@gmail.com

ଶିବ – ତା'ର ଉପଯୁକ୍ତ ପ୍ରତିଫଳ ସେ ପାଇଚି – ମୁଁ ଯାଏ, ଏବେ ଗୁମ୍ଫା ମଧ୍ୟରେ ପ୍ରବେଶ କରେ ।

ଦଶମ ଦୃଶ୍ୟ

[ଗୁମ୍ଫାର ଅଭ୍ୟନ୍ତର – ଶିବଙ୍କ ଆଗମନ]

ଶିବ – ପାର୍ବତୀ, ପାର୍ବତୀ – କାହିଁ ଗଲ ପାର୍ବତୀ ?

ପାର୍ବତୀ – ତୁମେ ଆସିଚ ପ୍ରଭୁ ! ଏ ଦୀନାର ତପସ୍ୟା ତେବେ ସଫଳ ହେଇଚି ? ଆସନ ଗ୍ରହଣ କର ଦେବ ! ଆଗେ ପାଦପୂଜା କରେ ।

ଶିବ – ପାର୍ବତୀ !

ପାର୍ବତୀ – ଗୁମ୍ଫା ଦ୍ଵାରରେ ଶିଶୁ ପ୍ରହରୀ ଥିଲା – ତୁମେ ଆସିଲ କେମିତି ?

ଶିବ – ତୁମେ ଜାଣିନାହଁ ଗୌରୀ – ସେଇ ଶିଶୁ ପାଇଁ ଖଣ୍ଡପ୍ରଳୟ ହେଇଗଲାଣି । ଗୁମ୍ଫା ଭିତରକୁ ମତେ ଛାଡ଼ିଲା ନାହିଁ । ଶେଷକୁ ତା ସହିତ ଯୁଦ୍ଧ କରି ତାକୁ ବଧକରି ଆସିଲି ।

ପାର୍ବତୀ – କ'ଣ, କ'ଣ କହିଲ ପ୍ରଭୁ – ତାକୁ ତୁମେ ବଧ କରିଚ ? ମୋ' ଗଣନାଥ ଆଉ ନାହିଁ ?

(ଗୀତ)

ଏଡ଼ିକି ନୃଶଂସ ପ୍ରଭୁ ଏ କି କର୍ମ କଲ,
ନିଜ ହାତେ ମୋ ସନ୍ତାନ ପରାଣକୁ ନେଲ,
ସଂସାରେ, କି ଯଶ ପାଇଲ । ୧ ।

ଶିବ – ସେ . . . ସେ . . . ସେ ତୁମର ସନ୍ତାନ ?

ପାର୍ବତୀ – (ଗୀତ)

ମୋ ଅଙ୍ଗକୁଙ୍କୁମ-ରାଗ ମଳୁଖରୁ ଜାତ
ଜୀବନ୍ୟାସ ଦେଲେ ହରି ନାମ ଗଣନାଥ,
ସ୍ଵାମୀହେ, ତୁମେ ତା'ର ତାତ । ୨ ।

ଶିବ – ଏସବୁ କ'ଣ ତୁମେ କହୁଚ ପାର୍ବତୀ ?

(ଗୀତ)

ପାର୍ବତୀ – କାହିଁ ଗଲା ଧନ ମୋର ରକ୍ଷୁଣୀରତନ,
ମାତା ଲାଗି ବୀର ଶିଶୁ ଦେଲା ତା' ଜୀବନ,

Digitized by srujanika@gmail.com

ବିଧାତା, ଧିକ ଏ ଜୀବନ । ୩ ।

ଶିବ— ତୁମେ ବିଶ୍ୱାସ କର, ପାର୍ବତୀ ! ଏସବୁ କଥା ମୁଁ କିଛି ଜାଣେ ନାହିଁ ।

(ଗୀତ)

ପାର୍ବତୀ — ଯେଉଁ ହାତେ ଛେଦ କଲ ମୋ ପୁତ୍ରର ଶିର
ସେଇ ହାତେ ବୁକୁରେ ମୋ' ଶୂଳ ଭେଦ କର
ଏତିକି, ମାଗୁଣି ମୋହର । ୪ ।

ହାତରେ ତୁମର ତ୍ରିଶୂଳ ଅଛି ପ୍ରଭୁ, ମତେ ବଧ କର ।

ଶିବ — ଶୁଣ ପାର୍ବତୀ, ମୋ କଥା ଶୁଣ ।

ପାର୍ବତୀ — କ'ଣ ଆଉ ଶୁଣିବି ? ପୁତ୍ର ମୋର ଯାଇଚି, ମତେ ମଧ ବଧ କର ।

ଶିବ — ଗୁମ୍ଫାଦ୍ୱାରକୁ ଆସ ପାର୍ବତୀ — ପୁତ୍ରକୁ ମୁଁ ଜୀବଦାନ କରିବି ।

ପାର୍ବତୀ — ଜୀବଦାନ !

ଶିବ — ହଁ, ଆସ । (ଦୁହିଁଙ୍କର ପ୍ରସ୍ଥାନ)

ଏକାଦଶ ଦୃଶ୍ୟ

[ଗୁମ୍ଫାଦ୍ୱାର — ଶିବ ଓ ପାର୍ବତୀ ଆସିଲେ; କିନ୍ତୁ ଦେଖାଗଲା ସେଠି ଗଣେଶଙ୍କର ମସ୍ତକବିହୀନ ଶବ ପଡ଼ିଚି ।]

ଶିବ — ଏଁ . . . ଏ କ'ଣ ? କେବଳ ଶରୀର ପଡ଼ିଚି ଶିର ନାହିଁ । ଶିର ନ ହେଲେ ଶିଶୁ ବଞ୍ଚିବ କେମିତି ?

ପାର୍ବତୀ — ଉପାୟ ଅଛି ପ୍ରଭୁ !

ଶିବ — କି ଉପାୟ ଦେବୀ ?

ପାର୍ବତୀ — ପୂର୍ଣ୍ଣ ଦଶମାସ ଗର୍ଭଧାରଣ ପରେ ଯେଉଁ ମାତା ପୁତ୍ର ଜନ୍ମ କରିଥିବ, ଆଉ ସେ ପୁତ୍ର ତା'ର ପ୍ରଥମ ସନ୍ତାନ ହୋଇଥିବ . . .

ଶିବ — ତା'ପରେ ?

ପାର୍ବତୀ — ସେ ପୁତ୍ରକୁ ମାତା ତା'ର ପିଠିକରି ଉତ୍ତରମୁଖା ହୋଇ ଶୋଇଥିବ . . . ସେଇ ଶିଶୁର ମଥା . . .

ଶିବ — ସେ ଶିଶୁର ମଥା କାଟି ଆଣି ଗଣେଶର ଶରୀର ସହିତ ଯୋଡ଼ି ଜୀବଦାନ ଦେଲେ ପୁତ୍ର ତମର ବଞ୍ଚିବ ?

Digitized by srujanika@gmail.com

ପାର୍ବତୀ – ହଁ, ପ୍ରଭୁ !

ଶିବ – ଶୁଣ ନନ୍ଦି, ଭୃଙ୍ଗୀ ! ତୁମେମାନେ ବିଜୁଳିଗତିରେ ଯାଇ ଅନ୍ୱେଷଣ କର । ଏଭଳି ଶିଶୁ ଯେଉଁଠି ପାଇବ, ତା'ର ଶିର କାଟି ଆଣିବ– ଯାଅ ।

ନନ୍ଦି ଓ ଭୃଙ୍ଗୀ – ଯଥା ଆଜ୍ଞା ପିତା ! (ଦୁହିଁଙ୍କର ପ୍ରସ୍ଥାନ)

ଶିବ – ଆମ ଅନୁଚରଗଣ ଏଠି ପ୍ରହରୀ ରହିଚନ୍ତି । ତୁମେ ଆସ ଦେବୀ, ଗୁମ୍ଫା ମଧ୍ୟରେ ଅପେକ୍ଷା କର ।

(ଶିବ ଓ ପାର୍ବତୀଙ୍କର ପ୍ରସ୍ଥାନ)

ଶେଷ ଦୃଶ୍ୟ

[ଗୁମ୍ଫାଦ୍ୱାର– ନନ୍ଦି, ଭୃଙ୍ଗୀ ଫେରିଆସିଚନ୍ତି । ହାତରେ ଏକ ହସ୍ତି ଶାବକର ଶିର]

ଶିବ – କି ସମ୍ବାଦ ନନ୍ଦି, ଭୃଙ୍ଗୀ ?

ନନ୍ଦି – ଆପଣଙ୍କ ଆଜ୍ଞାରେ ତ୍ରିଭୁବନ ବୁଲିଲୁ; କିନ୍ତୁ ଏଭଳି ଶିଶୁ କୋଉଠି ପାଇଲୁ ନାହିଁ ।

ଭୃଙ୍ଗୀ – ଠିକ୍ ସେଇଭଳି ଅବସ୍ଥାରେ ହାତୀଟିଏ ପିଲା ଜନ୍ମକରି ଶୋଇଥିଲା । ସେଇ ହାତୀପିଲାର ଶିର କାଟି ଆଣିଛୁ ।

ଶିବ – ପାର୍ବତୀ . . .

ପାର୍ବତୀ – ସେଇ ହସ୍ତୀଶିରକୁ ଯୋଡ଼ି ଜୀବଦାନ ଦିଅ । ମୋ ପୁଅ କିପରି ବଞ୍ଚୁ ।

ଶିବ – ବେଶ୍, ମୁଁ ଜୀବଦାନ କରୁଚି ।

(ହସ୍ତୀଶିରକୁ ଯୋଡ଼ି ଶିବ ଜୀବଦାନ ଦେଲେ । ଗଣେଶ ଉଠି ଠିଆହେଲେ ।)

ଗଣେଶ – ମା' !

ପାର୍ବତୀ – ଧନରେ, ମୋ ଭାଗ୍ୟ ମୁଁ ତତେ ଫେରିପାଇଲି ! ଏଇ ତୋର ପିତା କୈଳାସପତି ମହାଦେବ – ତାଙ୍କୁ ପ୍ରଣାମ କର ।

(ଗୀତ)

ଚାହିଁ ଦେଖ ବାବୁ ଅଗ୍ରତେ ଉଭା କୈଳାସପତି,
ସେ କୈଳାସପତି,
ଜୀବନଦାତା ତୋ' ଜନକ ବେଗେ କର ପ୍ରଣତି ।

Digitized by srujanika@gmail.com

ଗଣେଶ – ପ୍ରଣାମ ପିତା !

ଶିବ – ଆଶୀର୍ବାଦ କରୁଚି ବତ୍ସ – ତୁ ମହାଜ୍ଞାନୀ, ମହାପଣ୍ଡିତ ହେବୁ । ଦେଖ ପାର୍ବତୀ, ଏଇ ତୁମର ପୁତ୍ର ଗଜାନନ, ଗଣପତି, ଅପୂର୍ବ ଦେବ-ଦୁର୍ଲଭ କାନ୍ତି !

ପାର୍ବତୀ – ପୁତ୍ର ମୋ ଗଣନାୟକ – ସବୁ ଦେବଦେବୀଙ୍କ ମଧ୍ୟରେ ସେ ଅଗ୍ରେ ପୂଜା ଲାଭ କରିବ ।

ଶିବ – ଏଣେ ଦେଖ ପ୍ରିୟେ, ଗଣନାଥର ଦର୍ଶନ ଆଉ ଭଜନ ପାଇଁ ସବୁ ଦେବଦେବୀ ରୁଣ୍ଡ ହେଲେଣି । ଅତି ଆନନ୍ଦର ଦିନ ଆଜି ! ଆସ ତୁମେ– ଗଣେଶଙ୍କୁ କୋଳରେ ଧରି ଏଇ ଶିଳାସନରେ ବସି ସମସ୍ତଙ୍କୁ ଦର୍ଶନ ଦିଅ ।

(ଗଣେଶଙ୍କୁ କୋଳରେ ଧରି ପାର୍ବତୀ ଶିଳାସନରେ ବସିଲେ । ଉପସ୍ଥିତ ସମସ୍ତେ ସ୍ତବ ଗାନ କଲେ)

(ସ୍ତବ)

ନମୋ ନମୋ ଗଣପତି ନମୋ ଲମ୍ବୋଦର
ଯା ନାମ ସ୍ମରଣେ ନଷ୍ଟ ହୁଏ ପାପଭାର । ୧ ।
ତୁମ୍ଭେ ଦେବ ଏକଦନ୍ତ ତୁମ୍ଭେ ଚତୁର୍ଦ୍ଦନ୍ତ
ତ୍ରିନୟନ ଗଜାନନ ତୁମ୍ଭେ ରକ୍ତନେତ୍ର । ୨ ।
ଅମ୍ବିକେୟ ବରଦାତା ଜୟ ବିବର୍ଦ୍ଧନ
ତବ ପାଦପଦ୍ମ ଦୁଇ କରୁଛୁ ବନ୍ଦନ । ୩ ।
ମଦମତ୍ତ ବିରୂପାକ୍ଷ ତୁମେ ମହାମତି
କୋଟି ସୂର୍ଯ୍ୟ ଦୀପ୍ତିମାନ ସୁନିର୍ମଳ କାନ୍ତି । ୪ ।
କଟିତଟେ ରକ୍ତବସ୍ତ୍ର କରିଛ ଧାରଣ
ତବ ପାଦପଦ୍ମେ ଦେବ ପଶୁଛୁ ଶରଣ । ୫ ।

□ □ □

Digitized by srujanika@gmail.com

ସୀତା ଲବକୁଶ

[ବାଲ୍ମୀକି ତପୋବନ । ଉପସ୍ଥିତ ବାଲ୍ମୀକି, ସୀତା ଓ ଲବକୁଶ]

ବାଲ୍ମୀକି – ଆମ ଅଯୋଧ୍ୟା ଯାତ୍ରାର ସମୟ ହୋଇଗଲା ଲବକୁଶ । ମାତାଙ୍କ ଚରଣ ବନ୍ଦନା କରି ତାଙ୍କଠୁଁ ବିଦାୟ ନେଇ ଆସ ।

ଲବ ଓ କୁଶ – ଆମକୁ ବିଦାୟ ଦିଅ ମାତ !

ସୀତା – ଆଶୀର୍ବାଦ କରୁଛି ବତ୍ସ . . . (ରୁଦ୍ଧକଣ୍ଠରେ) ଆଶୀର୍ବାଦ କରୁଛି– ଅଯୋଧ୍ୟାପୁରୀରେ ବାଲ୍ମୀକି ତପୋବନର ସୁନାମ ରକ୍ଷାକରି ତୁମେ ଦୁହେଁ ସର୍ବଶୁଭରେ ଫେରିଆସିବ ।

ବାଲ୍ମୀକି – କଣ ହେଲା ମା' ଜାନକୀ ? କଣ୍ଠ ତୋର ରୁଦ୍ଧ ହୋଇ ଆସୁଛି... ଆଖି ଲୁହ ଢଳଢଳ ...

ସୀତା – ରଘୁପତି ଯଜ୍ଞ କରୁଚନ୍ତି – ଅଶ୍ୱମେଧ ଯଜ୍ଞ । ରାଜା ମହାରାଜା ଋଷି ମୁନିଙ୍କ ମେଳରେ ଅଯୋଧ୍ୟାର ଯଜ୍ଞପୀଠ ହସିଉଠୁଥିବ । ଆଉ ସେଇ ଯଜ୍ଞ ସଭାକୁ ଯିବେ ରଘୁବଂଶ ଅବତଂସ ରାଜା ରାମଚନ୍ଦ୍ରଙ୍କର ଏ ଦୁଇ କୁଳପ୍ରଦୀପ – ମାତ୍ର ଦୁଇଜଣ ସାମାନ୍ୟ ଦର୍ଶକ ହୋଇ !

ବାଲ୍ମୀକି – ଛି, ମା' ! ତୋ ମନରେ ପୁଣି ଏ ଦୁର୍ବଳତା ସ୍ଥାନ ପାଉଚି !! . . . ଆଉ, କିଏ ତତେ କହିଲା ତୋର ପୁତ୍ର ଦୁହେଁ ସେଠିକି କେବଳ ଦର୍ଶକ ହୋଇ ଯାଉଚନ୍ତି ? ମୋର ପ୍ରିୟ ଶିଷ୍ୟ ଦୁହେଁ ସେଠି ରାମାୟଣ ଗାନ କରିବେ । ଲବକୁଶଙ୍କ ସୁଲଳିତ କଣ୍ଠ ସ୍ୱରରେ ଅଯୋଧ୍ୟାବାସୀଙ୍କ ମନ କର୍ଣ୍ଣ ତୃପ୍ତ ହୋଇଉଠିବ । ସମସ୍ତେ ଧନ୍ୟ ଧନ୍ୟ କହିବେ । ଦେ ମା', ଏଥର ହସି ହସି ଆମକୁ ବିଦାୟ ଦେ ।

କୁଶ – ଯଦି ରଘୁପତି ଆମର ପରିଚୟ ଜାଣିବାକୁ ଚାହାନ୍ତି ?

ବାଲ୍ମୀକି – ପରିଚୟ ! ଠିକ୍ କଥା । କହ ମା' ଜାନକୀ – ତୁ କହ, ତୋର ପୁତ୍ର ଦୁହେଁ ଅଯୋଧ୍ୟା ରାଜସଭାରେ ତାଙ୍କର କି ପରିଚୟ ଦେବେ ?

Digitized by srujanika@gmail.com

ସୀତା – ଯଦି ପ୍ରଭୁ ରଘୁକୁଳସାଇଁ ତମର ପରିଚୟ ଚାହାନ୍ତି – ତେବେ ତାଙ୍କୁ କହିବ . .

ଲବ – ଅଟକି ଗଲ କାହିଁକି – କୁହ ମା’ କ’ଣ ତାଙ୍କୁ କହିବୁ ?

ସୀତା – (ଗୀତ)

ଯୋଡ଼ ହସ୍ତ ହୋଇ ତାଙ୍କୁ କହିବ ବୁଝାଇ
ବାଲ୍ମୀକି ମୁନିଙ୍କ ଶିଷ୍ୟ ଆମେ ଦୁଇ ଭାଇ । ୦ ।
ଆଶ୍ରମ ବାଳକ ଆମେ
ମାତୃ ସ୍ନେହେ ଗଢ଼ା ଆମେ
ଅନ୍ୟ ପରିଚୟେ କିଛି ପ୍ରୟୋଜନ ନାହିଁ ,
ବାଲ୍ମୀକି ମୁନିଙ୍କ ଶିଷ୍ୟ ଆମେ ଦୁଇ ଭାଇ । ୧ ।

ବାଲ୍ମୀକି – ଠିକ୍ କହିଚୁ ମା’ । ଯାହା ଏମାନଙ୍କର ପ୍ରକୃତ ପରିଚୟ ସେକଥା ପ୍ରକାଶ କରିବାର ସମୟ ଏପର୍ଯ୍ୟନ୍ତ ଆସି ନାହିଁ ।

କୁଶ – ଆମକୁ ଏବେ ବିଦାୟ ଦିଅ ମା’ ।

ସୀତା – ଯାଅ ଲବକୁଶ ! ଗୁରୁଦେବଙ୍କ ଆଜ୍ଞା ପାଳନରେ ଯେପରି ତିଳେ ହେଲେ ତ୍ରୁଟି ନ ଘଟେ – ଯାଅ ।

[ଅଯୋଧ୍ୟାର ଯଜ୍ଞପୀଠ । ବାଲ୍ମୀକି ଓ ଲବକୁଶ ଆସିଲେ]

ବାଲ୍ମୀକି – ରଘୁକୁଳପତି ରାଜା ରାମଚନ୍ଦ୍ରଙ୍କର ଜୟହେଉ ।

ରାମ – ଆସନ୍ତୁ – ଆସନ୍ତୁ ମହର୍ଷି ବାଲ୍ମୀକି । ମୋର ମହାଭାଗ୍ୟ, ଆପଣ ଯଜ୍ଞସ୍ଥଳୀରେ ପଦାର୍ପଣ କରିଛନ୍ତି ।

ଲବ ଓ କୁଶ – ସୀତାପତି ରାଜା ରାମଚନ୍ଦ୍ରଙ୍କ ଚରଣକମଳରେ ଆମେ ପ୍ରଣତି ଜଣା କରୁଛୁ ।

ରାମ – (ସ୍ୱଗତ) ସୀତାପତି ରାଜା ରାମଚନ୍ଦ୍ର ! ସୀତାପତି ...

ବାଲ୍ମୀକି– କଣ ଭାବୁଚନ୍ତି ଅଯୋଧ୍ୟା ଈଶ୍ୱର ? ଚିହ୍ନିପାରୁନାହାନ୍ତି ଏମାନଙ୍କୁ ? ଏ ବାଳକ ଦୁହେଁ ମୋର ଆଶ୍ରମବାସୀ ଶିଷ୍ୟ ।

ରାମ –(ସ୍ୱଗତ) ଆଶ୍ରମବାସୀ ବାଳକ ! ବଲ୍‌କଳ କୌପୀନ ପରିବର୍ତ୍ତେ ରାଜପୋଷାକ ପିନ୍ଧିଲେ କିଏ କହିବ ଏମାନେ ରାଜପୁତ୍ର ନୁହନ୍ତି ! ...କିନ୍ତୁ ...କିନ୍ତୁ କହାର ପୁତ୍ର ଏମାନେ ? କିଏ ସେ ଭାଗ୍ୟବାନ୍ ରାଜା ?

Digitized by srujanika@gmail.com

ବାଲ୍ମୀକି – ଅଶ୍ୱମେଧ ଯଜ୍ଞର ଆନନ୍ଦ ଉତ୍ସବ ମଧ୍ୟରେ ରଘୁପତି ଯେପରି ବିଚଳିତ ଜଣାପଡୁଚନ୍ତି ...

ରାମ – ଏଁ ! ନା... ନା... ! ମୁଁ ଆଶୀର୍ବାଦ କରୁଚି ମୁନିକୁମାର – ତୁମେ ଦୁହେଁ ଯାଗ, ଯୋଗ, ଶୌର୍ଯ୍ୟ, ବୀର୍ଯ୍ୟ, ବିଦ୍ୟା, ବୁଦ୍ଧି ସବୁଥିରେ ଅପାର ସିଦ୍ଧି ସାଧନକରି ତ୍ରିଭୁବନରେ ଯଶ କୀର୍ତ୍ତି ଲାଭକର । ...ହଁ ମହର୍ଷି–

ବାଲ୍ମୀକି – କହନ୍ତୁ ଅଯୋଧ୍ୟାପତି !

ରାମ – ଆପଣଙ୍କ... ଆପଣଙ୍କ ଆଶ୍ରମ... (କଣ୍ଠରୁଦ୍ଧ)

ବାଲ୍ମୀକି – କୁହନ୍ତୁ...

ରାମ – ଆଶ୍ରମର ସବୁ ଶୁଭ... ସବୁ ମଙ୍ଗଳ ତ ?

ବାଲ୍ମୀକି – ଆପଣ ରାଜା ରାମଚନ୍ଦ୍ର – ଆପଣଙ୍କ ଆଦର୍ଶ ହେଲା ପ୍ରଜାର ଶୁଭ ଚିନ୍ତା – ମଙ୍ଗଳ ଚିନ୍ତା । ଆମେ ଆଶ୍ରମବାସୀ ଏ ସୌଭାଗ୍ୟରୁ ବଞ୍ଚିତ ହେବୁ କାହିଁକି ?

ଲବ – ମଙ୍ଗଳ ଆରତିର ଆରାଧନାରେ ହୁଏ ଆମ ଆଶ୍ରମରେ ପ୍ରଭାତ ।

କୁଶ – ସଂଧ୍ୟା ହୁଏ ଶୁଭ ପ୍ରଦୀପର ଆଲୋକ ଶିଖାରେ ।

ରାମ – ଶୁଣି ତୃପ୍ତହେଲି ବତ୍ସ ! ହଁ, କୁଳଗୁରୁ ବଶିଷ୍ଠ, ମହର୍ଷି ଆଉ କୁମାର ଦୁହିଁଙ୍କ ବିଶ୍ରାମ . . .

ବଶିଷ୍ଠ – ସେ ସମସ୍ତ ବ୍ୟବସ୍ଥା କୁମାର ଭରତ କରିଚନ୍ତି ।

ଭରତ – ହଁ, ସବୁ ବ୍ୟବସ୍ଥା ହେଇଚି । ଆସନ୍ତୁ ମହର୍ଷି – ଆସ କୁମାର ।

[ଯଜ୍ଞସ୍ଥଳୀର ବିଶ୍ରାମ କୁଟୀର]

ବାଲ୍ମୀକି – ପ୍ରଭାତ ହେଇଚି ଲବକୁଶ !

ଲବ – ଆମେ ପ୍ରସ୍ତୁତ ଗୁରୁଦେବ !

ବାଲ୍ମୀକି – ଏବେ ଦୁହେଁ ଯାଅ – ପଥଧାରରେ ବସି ରାମାୟଣ ଗାନକର । ମୁଁ ଯାହା ଯାହା ନିର୍ଦ୍ଦେଶ ଦେଇଚି . . .

କୁଶ – ଆମେ ଅକ୍ଷରେ ଅକ୍ଷରେ ପାଳନ କରିବୁ ।

ବାଲ୍ମୀକି – ଯାଅ ।

Digitized by srujanika@gmail.com

[ପଥଧାରରେ ବସି ଲବକୁଶ ରାମାୟଣ ଗାନକରୁଛନ୍ତି]

ଲବ ଓ କୁଶ – (ଗୀତ)

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ମହେଶ୍ୱର
ଆଦ୍ୟରେ ବନ୍ଦିଲୁ ଆମେ ଶ୍ରୀଗୁରୁ ପୟର ।
ତାପରେ ବନ୍ଦିଲୁ କ୍ରମେ ସର୍ବ ଦେବ ପାଦ
ସଭାଜନେ ବନ୍ଦି ଏବେ ଆରମ୍ଭିଲୁ ପଦ ।

ଲବ – ଦଶରଥ ଅଯୋଧ୍ୟାର ନରେଶ
ପାତ୍ର ମନ୍ତ୍ରୀଙ୍କୁ ବିହିଲେ ଆଦେଶ ।

କୁଶ – ପୁତ୍ର ଲାଭ ଅର୍ଥେ ଯଜ୍ଞ କରିବି
ସବୁ ଦେବତା ବ୍ରାହ୍ମଣେ ବରିବି ।

ଲବ – ଋଷ୍ୟଶୃଙ୍ଗ ମୁନି ତହିଁ ଆସିଲେ
ଲୋମପାଦଦେଶେ ଇନ୍ଦ୍ର ବର୍ଷିଲେ ।

କୁଶ – ହୋମ ଅଗ୍ନିରୁ ଯେ ଚରୁ ଉପୁନ
ତିନି ରାଣୀ ତା କରିଲେ ଭକ୍ଷଣ ।

ଲବ – ଦେଖ ବିଧାତା ପୁରୁଷ ଭିଆଣ
ତିନିରାଣୀଙ୍କର ଗର୍ଭ ଧାରଣ ।

କୁଶ – ଦଶମାସ ଅବସାନ ହୋଇଲା
ରାଜପୁରେ ଶୁଭ ବାଦ୍ୟ ବାଜିଲା ।

ଲବ – ଜାତ କଉଶଲ୍ୟା ଗର୍ଭୁ ଶ୍ରୀରାମ
ଭରତ ଯେ କଇକେୟୀ ସନ୍ତାନ ।

କୁଶ – ସୁମିତ୍ରାଙ୍କ ଗର୍ଭୁ ହେଲେ ଜନମ
ଦୁଇ ଭାଇ ସେ ଲକ୍ଷ୍ମଣ ଶତ୍ରୁଘ୍ନ ।

ଲବ – କାଳେ ସବୁ ପୁତ୍ର ବିଦ୍ୟା ଶିଖିଲେ

କୁଶ – ଧନୁ ବିଦ୍ୟାରେ ପାରଙ୍ଗ ହୋଇଲେ ।

ଜଣେ ଦର୍ଶକ – ପଥଧାରରେ ବସି ପିଲା ଦୁଇଟି କି ସୁନ୍ଦର ରାମାୟଣ ଗାନ କରୁଚନ୍ତି ।

ଅନ୍ୟଜଣେ – ରୁହ – ଖେଦା ଓଲଟାଉଛନ୍ତି । ଆଉ ଗୋଟିଏ ନୂଆ ସର୍ଗ ଆରମ୍ଭ କରିବେ କି କଣ ।

Digitized by srujanika@gmail.com

[ପରିପୂର୍ଣ୍ଣ ରାଜସଭା]

ରାମ – ସେମାନଙ୍କ ନିକଟକୁ ଚାର ପଠାହେଇଚି ଭରତ ?

ଭରତ – ପଠାହେଇଚି ଭ୍ରାତୃଦେବ ! ସେ ଦୁହେଁ ଏଠିକି ଆସି ଆପଣଙ୍କ ସମ୍ମୁଖରେ ରାମାୟଣ ଗାନ କରିବେ ।

ରାମ – ଶୁଣିଲି କିଶୋର ବାଳକ ଦୁଇଟି ରାମାୟଣ ଗାନରେ ସମସ୍ତଙ୍କୁ ମୁଗ୍ଧ କରୁଚନ୍ତି ।

ଭରତ – ରାମାୟଣ ଗାନ ଶୁଣି ବଣିକର ବଣିଜ ବନ୍ଦ ହେଇ ଯାଉଚି । ଗୃହିଣୀ ଗୃହକର୍ମ ଛାଡ଼ି ପଥଧାରକୁ ଚାଲିଆସୁଚି . . . ଏଇତ ସେମାନେ ଆସିଲେଣି । (ଲବକୁଶ ଆସିଲେ)

ଲବ ଓ କୁଶ – ଅଯୋଧ୍ୟା ନରପତିଙ୍କର ଜୟହେଉ !

ରାମ – ହାତରେ ତମର ସେ କି ଗ୍ରନ୍ଥ ?

ଲବ – ରାମାୟଣ – ଗୁରୁଦେବ ବାଲ୍ମୀକିଙ୍କ ରଚନା ।

ରାମ – ଏଠି ରାମାୟଣ ଗାନ ଶୁଣାଇବାରେ ତମର ଆପତ୍ତି ନାହିଁ ତ ?

କୁଶ – ଶୁଣାଇପାରିଲେ ଆମେ ଧନ୍ୟ ହେବୁ । ଅନୁମତି ଦିଅନ୍ତୁ ।

ରାମ – ଅନୁମତି ଦେଲି ବାଳକ । ଏ ଅଯୋଧ୍ୟା ରାଜସଭାରେ ରାମାୟଣ ଗାନ କର । ଆସ .

(ରାଜସଭାରେ ଗୁଞ୍ଜନ)

ଲବ ଓ କୁଶ – ଅଯୋଧ୍ୟା ରାଜସଭାର ସଭାଜନଙ୍କୁ ବନ୍ଦନା କରି ଆମେ ରାମାୟଣ ଗାନ ଆରମ୍ଭ କରୁଛୁ ।

ବଶିଷ୍ଠ – କି ସୁନ୍ଦର ରୂପ, କି ତେଜ, ପୁଣି କି ବିନୟ ଭାବ !

(ରାମାୟଣ ଗାନ)

ଲବ –କିଛି କାଳ ଅନ୍ତେ ବିଶ୍ୱାମିତ୍ର ମୁନିବର
ପ୍ରବେଶ ହୋଇଲେ ଯାଇ ଅଯୋଧ୍ୟା ନଗର ।
ଦେଖି ଦଶରଥ ପୂଜା ବିଧିମାନ କଲେ
କି କାରଣେ ଆଗମନ ବିନୟେ ପୁଛିଲେ ।

କୁଶ –ଏହା ଶୁଣି ବିଶ୍ୱାମିତ୍ର କହନ୍ତି ଉତ୍ତର
ଯାଗ ଆରମ୍ଭିଲୁ କଉଶିକ ନଦୀ ତୀର ।

Digitized by srujanika@gmail.com

ଦୈତ୍ୟଗଣ ତହିଁ କରୁଛନ୍ତି ଉପଦ୍ରବ
ଶ୍ରୀରାମ ଲକ୍ଷ୍ମଣ ନେବି ଯାଗ ରକ୍ଷା ହବ ।
ଲବ –ମୁନି ସଙ୍ଗେ ଦୁଇ ଭାଇ ଅରଣ୍ୟେ ଗମିଲେ
ତାଡ଼କା ସୁବାହୁ ଆଦି ଦୈତ୍ୟଙ୍କୁ ବଧିଲେ ।
କୁଶ –ପାଷାଣ ରୂପରେ ଥିଲା ଅହଲ୍ୟା ସୁନ୍ଦରୀ
ପାଦ ସ୍ପର୍ଶେ ରାମ ତାକୁ ଶାପରୁ ଉଦ୍ଧାରି ।
ଲବ –ମିଥିଳାକୁ ଯିବା ଲାଗି ଯାତ୍ରା ଆରମ୍ଭିଲେ
ଭାଗୀରଥି କୂଳେ ଯାଇ ପ୍ରବେଶ ହୋଇଲେ ।
ସ୍ୱର – ଆହା !

(ରାମାୟଣ ଗାନ)

ଲବ ଓ କୁଶ – ମୁନି ବୋଲନ୍ତି ଶ୍ରୀରାମ ହେ,
ଏ'ତ ସାଗର ସଙ୍ଗମ
ଚତୁର୍ଦ୍ଦିଗ ଲୋକେ ବିଖ୍ୟାତ ହେଉଚି ପତିତପାବନ ନାମ । ୧ ।
ଭଗୀରଥ ତପବଳେ ହେ
ବିଳେକଳେ ବଳେବଳେ
ସାଗର ପୁତ୍ରଙ୍କୁ ମୁକତି ସେ ଦେଲେ ସାଗର ସଂଗମ ମେଳେ । ୨ ।
ଏ ବିଷ୍ଣୁ ଚରଣ ନୀର ହେ
ଅଭିଷେକ ଶିବ ଶିର
ଜାହ୍ନବୀ ସାଗର ତୁମରି ବଂଶର ଏ କିରତି ରଘୁବୀର । ୩ ।
ଏକସ୍ୱର – ରଘୁବଂଶର ଅମର କୀର୍ତ୍ତି ଗାଥା ।

(ରାମାୟଣ ଗାନ)

ଲବ –ତହୁଁ ଚଳିଗଲେ ବୀର ଶ୍ରୀରାମ ଲକ୍ଷ୍ମଣ
ମୁନି ସଙ୍ଗେ ମିଳିଲେ ସେ ମିଥିଳା ଭୁବନ ।
କୁଶ –ସ୍ୱୟମ୍ବର ସଭାରେ ସେ ପ୍ରବେଶ ହୋଇଲେ
ଶିବଧନୁ ଭାଙ୍ଗିବାକୁ ଋଷି ଆଜ୍ଞା ଦେଲେ ।
ଲବ ଓ କୁଶ – ସିଂହ ଯେପରି ହସ୍ତୀକୁ ବନେ ନିରେଖଇ
ସେହିମତି ଧନୁକୁ ଶ୍ରୀରାମ ଦେଲେ ଚାହିଁ ।

Digitized by srujanika@gmail.com

ଏକ ଲୟେ ଭୂମିତଳୁ ଧନୁ ଉଠାଇଲେ
ଦକ୍ଷିଣ କର୍ଣ୍ଣ ପର୍ଯ୍ୟନ୍ତ ଓଟାରି ଆଣିଲେ ।
ମଧ୍ୟଭାଗୁଁ ଭାଙ୍ଗି ଧନୁ ହେଲା ନବଖଣ୍ଡ
ଥରହର କମ୍ପିଲା ଅବନୀ ନବଖଣ୍ଡ ।

ଲବ –ଏହିରୂପେ ରାମ ଶିବଧନୁ ଭଗ୍ନକଲେ
ସୀତାଙ୍କୁ ବିବାହ କରି ପୁରେ ବାହୁଡ଼ିଲେ ।

କୁଶ - ମାର୍ଗରେ ପରଶୁରାମ ଗର୍ବ ଚୂର୍ଣ୍ଣ କରି
ପ୍ରବେଶ ହୋଇଲେ ଆସି ଅଯୋଧ୍ୟା ନଗରୀ ।

ବଶିଷ୍ଠ – ଧନ୍ୟ ଧନ୍ୟ ରାଜକୁମାର ! ଏଇ ଅପୂର୍ବ କାବ୍ୟଗୀତି ଗାଇ ତୁମେ ଦୁହେଁ ଏ ଅଯୋଧ୍ୟା ରାଜସଭାକୁ କୃତାର୍ଥ କରିଚ ।

ରାମ – ମୋରି କୀର୍ତ୍ତି – ମୋରି କାହାଣୀ – ମୋରି ରାଜସଭାରେ ଗାନ କରି ତୁମେ ଦୁହେଁ ମତେ ଶୁଣାଉଛ ବାଳକ ! ଏଇ ପବିତ୍ର ରଘୁବଂଶର କାହାଣୀ ଶୁଣୁ ଶୁଣୁ ମୋ ନିଜକୁ ମୁଁ ଭୁଲିଯାଉଚି । କୁଳଗୁରୁ ବଶିଷ୍ଠ ଠିକ୍ କହିଚନ୍ତି – ତୁମ ଦୁହିଁଙ୍କ ଯୋଗୁ ଏ ରାଜସଭା କୃତାର୍ଥ ହେଇଚି । ...ହଁ ବାଳକ, ତମର ପରିଚୟ ତ ଆମେ ପାଇଲୁ ନାହିଁ !

ଲବ – ଆଶ୍ରମବାସୀ ଦୁଇଜଣ ବାଳକ ଆମେ – ଏଇ ଆମର ପରିଚୟ ।

ରାମ – ଏତିକି ? ଆଉ କିଛି ନାହିଁ ?

କୁଶ – ଆମର ସବୁଠୁଁ ବଡ଼ ପରିଚୟ ହେଉଚି – ଆମେ ମହର୍ଷି ବାଲ୍ମୀକିଙ୍କର ଶିଷ୍ୟ ।

ରାମ – (ଦୀର୍ଘଶ୍ୱାସ) ହୁଁ . . . ମହର୍ଷି ବାଲ୍ମୀକି ଆଶ୍ରମକୁ ଫେରି ଯାଇଚନ୍ତି । ତୁମ ଦୁହିଁଙ୍କର କିଛି ଅସୁବିଧା ହେଉନାହିଁ ତ ?

ଲବ – ନା ମହାରାଜ !

କୁଶ – ଆଜି କଣ ଆଉ ନୂଆ ସର୍ଗ ଆରମ୍ଭ କରିବୁ ?

ରାମ – ନା, ନା, ଆଜି ଏତିକିରେ ବନ୍ଦ ରହୁ । ମୋ ମନପ୍ରାଣରେ ତୁମେ ଦୁହେଁ ଯୋଉ ଆନନ୍ଦର ଲହରୀ ଖେଳାଇଦେଇଚ, ତାକୁ ମୁଁ ଗୋଟିଏ ଦିନରେ ଶେଷ କରିଦେବାକୁ ଚାହେଁନା । ପରେ ପୁଣି ମୁଁ ତମର ରାମାୟଣ ଗାନ ଶୁଣିବି ।

ଲବ – ଆଜି ତେବେ ଆମକୁ ବିଦାୟ ଦିଅନ୍ତୁ ।

Digitized by srujanika@gmail.com

ରାମ – ବିଦାୟ . . . ହଁ, ଭରତ !

ଭରତ – ପ୍ରଭୁ !

ରାମ – ଯାଅ ଭାଇ, କୁମାର ଦୁହିଁଙ୍କୁ ତାଙ୍କ କୁଟୀରରେ ପହଞ୍ଚାଇଦିଅ ।

ଭରତ – ଆସ ଲବକୁଶ ।

[ରାଜଉଦ୍ୟାନ । ରାମଚନ୍ଦ୍ର ଏକାକୀ]

ରାମ – (ସ୍ୱଗତ) ଲବକୁଶ ! କିଏ ଏଇ ଲବକୁଶ ? ଦିନ ପରେ ଦିନ ରାମାୟଣ ଗାନକରିଯାଉଛନ୍ତି । ସବୁ ମୋରି କଥା– ମୋରି ସୁଖଦୁଃଖର କାହାଣୀ । ଜନ୍ମ – ଚଉଦବର୍ଷ ବନବାସ – ସୀତାହରଣ – ଲଙ୍କା ଦହନ– ରାବଣ ବଧ – ସବୁ – ସବୁ କାହାଣୀ ସେ ଦୁହିଁଙ୍କ ସୁଲଳିତ କଣ୍ଠସ୍ୱରରେ ଭାସି ଆସି ମତେ ମୋହାଚ୍ଛନ୍ନ କରିରଖୁଚି । ଯେତେ ମୁଁ ଶୁଣୁଛି, ସେହି ଦୁହିଁଙ୍କ ନିକଟକୁ ସେତିକି ଟାଣିହେଇଯାଉଚି । ...ଶୁଣିଲି, ଆଜି ଏଇ ଉଦ୍ୟାନ ସେପାଖ ଅଶ୍ୱତ୍ଥ ବୃକ୍ଷ ତଳେ ବସି ରାମାୟଣ ଗାନ କରିବେ –ଏଇ ଉଦ୍ୟାନରେ ବସି ମୁଁ ସେମାନଙ୍କ ଗାନ ଶୁଣିବି ।

(ରାମାୟଣ ଗାନ)

ଲବ ଓ କୁଶ – ଶୁଣ ଏବେ ବୁଧଜନେ ମନ କର୍ଣ୍ଣ ଦେଇ
ଅନଳ ପରୀକ୍ଷା ଦେବେ ସତୀ ବଇଦେହୀ ।
ଶ୍ରୀରାମଙ୍କୁ ପ୍ରଦକ୍ଷିଣ କରି ସେ ବହନ
କରଯୋଡ଼ି ଅଗ୍ନିକୁଣ୍ଡ କଲେ ପ୍ରଦକ୍ଷିଣ ।
ବୋଇଲେ ହେ ଅଗ୍ନିଦେବ ମୋ ଉକତି ଶୁଣ
ଅସତୀ ଯଦି ମୋ' ପିଣ୍ଡ କର ତୁ ଦହନ ।
ଏତେ ବୋଲି ସତୀ ଅଗ୍ନି ଭିତରେ ପଶିଲେ
ନିମିଷକେ କୁଣ୍ଡ ମଧ୍ୟେ ଅଦୃଶ୍ୟ ହୋଇଲେ ।

ରାମ – (ସ୍ୱଗତ) ଆଃ – ସେ ଦିନର ସେଇ କରୁଣ ଦୃଶ୍ୟ ଆଜି ପୁଣି ଥରେ ମୋ' ଆଖି ଆଗରେ ଭାସିଉଠୁଚି ।

(ରାମାୟଣ ଗାନ)

ଲବ –ନିରେଖି ଏ ଦୃଶ୍ୟ ରାମ ହୁଅନ୍ତି ଆକୁଳ
ବେନି ନୟନରେ ପୂର୍ଣ୍ଣ ହେଲା ଅଶ୍ରୁଜଳ ।

Digitized by srujanika@gmail.com

କୁଶ –ଦଶଦିଗ ଚାହିଁ କିଛି ବୁଦ୍ଧି ନ ଦିଶଇ
ବୋଲନ୍ତି ମୁଁ ବୃଥା ନାଶ କଲି ବଇଦେହୀ ।
ଲବ –ନର ବାନର ଦାନବ ହାହାକାର କଲେ
ବୋଲନ୍ତି ଶ୍ରୀରାମଚନ୍ଦ୍ର କି କଲେ କି କଲେ ।
ରାମ – (ସ୍ୱଗତ) ନା ! ମୁଁ ପାରୁନି – ମୁଁ ସହିପାରୁନି ଜାନକୀ – ମୁଁ ପାରୁନି ।

(ରାମାୟଣ ଗାନ)

ଲବ ଓ କୁଶ– ଏସମୟେ ସୀତାଙ୍କୁ ଘେନିଣ ବୈଶ୍ୱାନର
କୋଳେଧରି ସମର୍ପିଲେ ଶ୍ରୀରାମ ଛାମୁର ।
ବୋଲନ୍ତି ହେ ରାମ ତୁମ୍ଭ ସୀତୟାଙ୍କୁ ନିଅ
ନିର୍ଦ୍ଦୋଷ ଅଟନ୍ତି ଏହୁ ଜନକର ଝିଅ ।
ତହୁଁ ରଘୁପତି ସୀତା ସଙ୍ଗେ ମୋଦଭରେ
ବାହୁଡ଼ିଲେ ଅଯୋଧ୍ୟାକୁ ପୁଷ୍ପକ ରଥରେ ।
ରାମ – (ଆଶ୍ୱସ୍ତ) ଆଃ ! . . . ଏ ପୋଡ଼ା ପ୍ରାଣରେ ଲବକୁଶ ଦୁହେଁ ଯେମିତି ଶୀତଳ ଚନ୍ଦନ ଲେପିଦେଲେ – ଶୀତଳ ଚନ୍ଦନ ।

[କିଛିଦିନ ପରର ଘଟଣା]

ରାମ – (ମନକୁମନ) କିନ୍ତୁ କିଏ ଏଇ ଲବକୁଶ ? କେମିତି ଏ ଚିନ୍ତା, ଏ ଦହନରୁ ମୁଁ ମୁକ୍ତି ପାଇବି ? ସେମାନଙ୍କୁ ଯେତେ ଦେଖୁଚି, ଯେତେ ସେମାନଙ୍କ ସ୍ୱର ଶୁଣୁଚି, ସେତେ ସେମାନଙ୍କ ନିକଟରେ ମୋ' ନିଜକୁ ମୁଁ ହଜାଇଦେଉଚି ! ...ଲବକୁଶ – ଯାଆଁଳାଭାଇ ଆଜି ପୁଣି ରାଜସଭାରେ ସେମାନେ ରାମାୟଣ ଗାନ କରିବେ । ଏ ଦୁଇ ଭାଇଙ୍କୁ ରାଜପୋଷାକ ପିନ୍ଧାଇଦେଲେ ଯେ କେହି କହିବ – ସଭାସ୍ଥଳରେ ଗୋଟିଏ ରାମ ନୁହେଁ ତିନୋଟି ରାମ ଉପସ୍ଥିତ ଅଛନ୍ତି ! ...ଯୋଉଠି ଏତେ ସାମଞ୍ଜସ୍ୟ, ଏତେ ଆକର୍ଷଣ – ଏତେ ବିହ୍ୱଳ ବିଚଳିତ ମନର ଭାବ, ସେଠି କାହିଁକି ଏ କଥା ମୁଁ ସ୍ପଷ୍ଟ ଜଣାଇ ଦେବିନାହିଁ ଯେ ଆଶ୍ରମବାସୀ ଏଇ ଦୁଇଭାଇ ଲବ କୁଶ ଆଉ କେହି ନୁହନ୍ତି – ସେ ଦୁହେଁ ମୋରି ସନ୍ତାନ – ମୋରି ପୁତ୍ର । ତାଙ୍କ ମାତାଙ୍କ ନିର୍ଦ୍ଦେଶ ମାନି ଛଦ୍ମବେଶରେ ମୋ ନିକଟକୁ

Digitized by srujanika@gmail.com

ଆସିଚନ୍ତି ସେମାନେ । (ଭରତ ଆସିଲେ)
ଭରତ – ରଘୁପତି . . .
ରାମ – (ଚମକି) କିଏ ? ଓ, ଭରତ !
ଭରତ – ସଭାସ୍ଥଳକୁ ବିଜେକରନ୍ତୁ । ରାମାୟଣ ଗାନ ପାଇଁ ଲବକୁଶ ଅପେକ୍ଷା କରିଚନ୍ତି ।
ରାମ – ଲବ . . . ଲବକୁଶ . . .
ଭରତ – କିଛି କହିବେ ?
ରାମ – ନାଁ . . . ଚାଲ ।

[ରାଜସଭା]

(ରାମାୟଣ ଗାନ)

ଲବ – ରାମ ପ୍ରବେଶ ଅଯୋଧ୍ୟା କଟକ
କୁଶ – ଇନ୍ଦ୍ରପୁରୀ ସମ କିବା ଛଟକ ।
ଲବ – ଏବେ ପୂରିଲା ଚଉଦ ବରଷ
କୁଶ – ପୁରବାସୀ ଗଣ ମହା ଉଲ୍ଲାସ ।
ଲବ – ସ୍ୱର୍ଣ୍ଣସିଂହାସନ କଲେ ମଣ୍ଡନ
କୁଶ – ରାହୁଦଶା ଏବେ ହେଲା ଖଣ୍ଡନ ।
ଲବ – ରାମରାଜ୍ୟେ ରାମ ହେଲେ ପାଳକ
କୁଶ – ସୁଖେ ପାଳିଲେ ସେ ପ୍ରଜା ପାଟକ ।
(ସଭାରେ ଆହା-ହା-ସୁନ୍ଦର ସୁନ୍ଦର ପ୍ରଭୃତି ଶବ୍ଦର ଗୁଞ୍ଜରଣ)
ଲବ ଓ କୁଶ– କାହିଁ ଥିଲା ରଜକିନୀ ସେ
କହେ ସ୍ୱାମୀକୁ ତା'ର
ସୀତା ଯଦି ସତୀ ହୋଇଲେ
କିବା ଦୋଷ ମୋହର ?
ଚଉଦ ମାସ ସେ ରହିଲେ
ପର ପୁରଷ ଘରେ
ଦୋଷୀହେଲି ରାତି କଟିଲା ବୋଲି
ମୋ ବାପ ଘରେ ?

Digitized by srujanika@gmail.com

ଏଇ ଉଲୁଗୁଣା ବାଧିଲା
ରଘୁପତିଙ୍କୁ ଭାରି
ସୀତା ହେବେ ବନବାସିନୀ
ଆଦେଶିଲେ ହକାରି ।

ଲବ – ପାଞ୍ଚ ମାସ ଗର୍ଭ ଧାରଣ
ସତୀ ଅଯୋଧ୍ୟା ଲକ୍ଷ୍ମୀ,

କୁଶ – ସମାଦରେ ତାଙ୍କୁ ପାଳିଲେ
ତପୋବନେ ବାଲ୍ମୀକି ।

ଲବ – ଯଥାକାଳେ ଜାତ ହୋଇଲେ
ଦୁଇ ଯମଜ ସୁତ,

କୁଶ – ଯଥାକାଳେ ଶାସ୍ତ୍ର ବିଧି ସେ
ଶିକ୍ଷା କଲେ ବହୁତ ।

ଲବ ଓ କୁଶ– ଅଶ୍ୱମେଧ ଯଜ୍ଞ ହେଉଛି
ପରା ଅଯୋଧ୍ୟାପୁରେ,
ଶୁଣି ସୀତା ବେନି ନୟନୁ
ଖାଲି ଲୋତକ ଝରେ ।
ପତ୍ନୀ ତେଜି ବନବାସରେ
ସ୍ୱାମୀ କରନ୍ତି ଯାଗ,
ହାଏରେ ଦାରୁଣ ବିଧାତା
ମତେ ଦେଲୁ ଏ ଭୋଗ ।
ଆସିଥିବେ ଯଜ୍ଞ ଦର୍ଶନେ
କେତେ ରାଜକୁମାର,
ଯିବେନାହିଁ କିବା ସେଠାବେ
ମୋର ଦୁଇ କୁମର ?

(କିଛି କ୍ଷଣ ପୂର୍ଣ୍ଣ ନୀରବତା)

ବଶିଷ୍ଠ – ଏତକ ରାମାୟଣ ଗାନ ହେଲା ପରେ ଏତେ ବଡ଼ ସଭାମଣ୍ଡଳୀ କେମିତି ନୀରବ ନିସ୍ପନ୍ଦ ହେଇଗଲା – ଏମିତିକି କାହାରି ନିଃଶ୍ୱାସ ସୁଦ୍ଧା ବାରିହେଉନି ।

Digitized by srujanika@gmail.com

ରାମ – ବନ୍ଦକଲ କାହିଁକି ଲବକୁଶ ?

ଲବ – ବାକି ଯା’ ରହିଲା ଅଶ୍ୱମେଧ ଯାଗ ସମାପ୍ତ ହେଲା ପରେ ଗାନକରିବୁ ।

ରାମ – ଏହା କଣ ତମ ଗୁରୁଦେବଙ୍କ ନିର୍ଦ୍ଦେଶ ?

ଲବ – ଆଜ୍ଞା ।

କୁଶ – ଆପଣଙ୍କର ଦୁଇ ଆଖିରୁ ଧାର ଧାର ଲୁହ କାହିଁକି ଗଡ଼ି ଆସୁଚି ମହାରାଜ ?

ରାମ – ଲବ କୁଶ !

ଲବ – ଆଦେଶ କରନ୍ତୁ ସୀତାପତି !

ରାମ – ତୁମେ ଦୁହେଁ ଆସ ବାବୁ, ମୋ’ ପାଖକୁ ଆସ ।

କୁଶ – ଆମେ ତ ଆପଣଙ୍କ ପାଖରେ ଅଛୁ – ଆପଣଙ୍କର ଠିକ୍ ସମ୍ମୁଖରେ !

ରାମ – ନା, ନା, ଆହୁରି ପାଖକୁ . . .

(ଗୀତ)

ଆସ ବାବୁ ଦୁଇ କୁମର
ଆସ ବାବୁ ମୋର ସିଂହାସନକୁ,
ଅତି ଅଭାଜନ ସ୍ନେହକାଙ୍ଗାଳ ମୁଁ
ଆସ ବାରେ ମୋର ଶୂନ୍ୟ କୋଳକୁ । ପଦ ।

ଲବ – ଆପଣଙ୍କ କୋଳରେ ବସିବାପାଇଁ ତ ଆମେ ଉପଯୁକ୍ତ ନୋହୁଁ ମହାରାଜ !

ରାମ – (ଗୀତ) କ୍ଷଣକାଳ ପାଇଁରେ ଧନ
ନୁହେଁ ମୁହିଁ ତୁମ ରାଜନ,
ହଜିଯାଇଥିଲା ମୋ କୋଳରୁ ଯାହା
ପାଇଛି ମୁଁ ଆଜି ସେଇ ଧନକୁ । ୧ ।

ଲବ ଓ କୁଶ – ରଘୁପତି !

ରାମ – ନା, ନା, ମୁଁ ରଘୁପତି ନୁହେଁ । ମୁଁ ପ୍ରଜାନୁରଂଜକ ରାଜା ରାମଚନ୍ଦ୍ର ନୁହେଁ । ମୁଁ . . . ମୁଁ . . .

ଭରତ – ଅନ୍ତଃପୁରରୁ ସମ୍ବାଦ ଆସିଚି ଜ୍ୟେଷ୍ଠଭ୍ରାତା !

Digitized by srujanika@gmail.com

ରାମ – କି ସମ୍ବାଦ ଭରତ ?

ଭରତ – ଲବକୁଶ ଦୁହିଁଙ୍କୁ ଅନ୍ତଃପୁରରୁ ଡାକରା ଆସିଚି ।

ରାମ – ଅନ୍ତଃପୁର ! ଲବକୁଶ ଦୁହେଁ ଅନ୍ତଃପୁରକୁ ଯିବେ ?

ବଶିଷ୍ଠ – ନ ଯିବେ କାହିଁକି ? ଆଜିର ରାମାୟଣ ଗାନ ପରେ ଆଉ ବାଧା କଣ ରହିଲା ?

ରାମ – ଆପଣଙ୍କର ଇଙ୍ଗିତ ମୁଁ ବୁଝୁଚି କୁଳଗୁରୁ ବଶିଷ୍ଠ ! ମୁଁ ଅନୁମତି ଦେଲି – ସେମାନେ ଅନ୍ତଃପୁରକୁ ଯା'ନ୍ତୁ ।

ଭରତ – କଞ୍ଚୁକି, ଲବକୁଶ ଦୁହିଁଙ୍କୁ ଅନ୍ତଃପୁରକୁ ନେଇଯାଅ ।

[ଲବକୁଶ ଦୁହିଁଙ୍କର ପ୍ରସ୍ଥାନ]

ରାମ – କିନ୍ତୁ କୁଳଗୁରୁ, ଦେବୀ ଜାନକୀ ନିର୍ବାସନରେ ଥିବାପର୍ଯ୍ୟନ୍ତ ଲବକୁଶ ଦୁହିଁଙ୍କୁ ଅଯୋଧ୍ୟାର ରାଜପୁତ୍ର ବୋଲି କିଏ ସ୍ୱୀକାର କରିବ ?

ବଶିଷ୍ଠ – ସେଇ ସୁଯୋଗ ଆଜି ଉପସ୍ଥିତ ରାଜା ! ମହାସତୀ ସୀତା ଚିରଦିନ କଳଙ୍କଶୂନ୍ୟା । ଆପଣ ସୀତାଙ୍କୁ ଆଶ୍ରମରୁ ଫେରାଇ ଆଣନ୍ତୁ । ଏଠି ପିତା ପୁତ୍ର ଓ ମାତାର ମହାମିଳନ ଘଟିବ ।

ରାମ – ଭଲକଥା – ସୀତା ଫେରିଆସନ୍ତୁ । ଫେରିଆସି ଏଇ ରାଜସଭାରେ ସେ ଶପଥ କରି ତାଙ୍କ ସତୀତ୍ୱର ପରିଚୟ ଦିଅନ୍ତୁ ।

ଭରତ – ପୁଣି ଶପଥ ? ପୁଣି ପରୀକ୍ଷା ?

ରାମ – ହଁ ଭରତ । ରାଜଦଣ୍ଡ ହାତରେ ଧରି ଏଇ ରାଜସଭାରେ ମୁଁ ତାଙ୍କୁ ନିର୍ବାସନ ଦଣ୍ଡ ଦେଇଥିଲି । ସେଥିପାଇଁ ପୁଣି ଥରେ ଏଇ ରାଜସଭାରେ ସେ ଶପଥ କରି କୁହନ୍ତୁ –

ଭରତ – କିନ୍ତୁ କାହିଁକି ? କାହିଁକି ?

(ଗୀତ)

ଭରତ – ଏ'କି ଶୁଣେ ପୁଣି ସୀତାପତି ମୁଖେ
(ଏ) ଅବିଚାର କଥା ଉଠେ କାହିଁକି,
ସୁବର୍ଣ୍ଣ ଝଳିରେ ଝଟକିଲା ପରେ
ଆଉ କି ପରୀକ୍ଷା ରହିଚି ବାକି ? । ପଦ ।
ଅଗ୍ନି ପରୀକ୍ଷାରେ ମାନିଲାନି ମନ
ଭୋଗିଲେ ପୁଣି ସେ ଦଣ୍ଡ ନିର୍ବାସନ,

Digitized by srujanika@gmail.com

କେଉଁ ଅପରାଧେ ଠିଆ ହେବେ ପୁଣି
ରାଜସଭା ତଳେ ଦେବୀ ଜାନକୀ ? ୧ ।

ରାମ – ତୁମେ ନିଶ୍ଚୟ ଉତ୍ୟକ୍ତ ହେଇପଡ଼ିଚ ଭରତ ! ମାତ୍ର ମୋର ଏ ଆଦେଶ – ତୁମେ ଲକ୍ଷ୍ମଣ ଓ ବିଭୀଷଣ ପ୍ରଭୃତିଙ୍କୁ ସାଥିରେ ନେଇ ଯାଅ – ସୀତା ଓ ବାଲ୍ମୀକିଙ୍କୁ ନେଇ ଅଯୋଧ୍ୟା ଆସିବ ।

[ବାଲ୍ମୀକି ତପୋବନ । ଦୁଇଜଣ
ଋଷିବାଳକଙ୍କ କଣ୍ଠରୁ ସଂଗୀତ ଭାସିଆସୁଛି ।]

(ଗୀତ)

ସେପଟେ ଅଯୋଧ୍ୟାପୁରେ ରାମାୟଣ ଗାନ
ଏପଟେ ଜାନକୀ ସତେ କେଡ଼େ ଅଭାଜନ ।
ଯଜ୍ଞପୀଠେ ଥପା ହେଲେ ସୁବର୍ଣ୍ଣର ସୀତା
ଆଶ୍ରମବାସିନୀ ହେଲେ ଜନକ ଦୁହିତା ।
ଯଥାକାଳେ ଯାଗକର୍ମ ହେବ ସମାପନ
ପୂର୍ଣ୍ଣାହୁତି ପାଇଁ ଦେବୀ ନୁହନ୍ତି ଭାଜନ ।
ଝୁରି ଝୁରି ବଇଦେହୀ ତନୁ ହୁଏ କ୍ଷୀଣ
ନୟନୁ ଲୋତକ ଝରୁଥାଏ ଅନୁକ୍ଷଣ ।
ଏକାଳେ ଶୁଭିଲା ରଥ ଆଗମନ ଶବ୍ଦ
ଚକିତେ ଚାହିଁଲେ ଦେବୀ ସମ୍ମୁଖେ ଭରତ ।

ଭରତ – ପ୍ରଣାମ ଗ୍ରହଣ କରନ୍ତୁ ଦେବୀ !

ସୀତା – ଅଯୋଧ୍ୟାପୁରୀର ସମ୍ବାଦ କଣ ଭରତ ?

ଭରତ – ଅଯୋଧ୍ୟାରେ ସମସ୍ତେ ସର୍ବଶୁଭରେ ଅଛନ୍ତି । ପ୍ରଭୁଙ୍କ ନିର୍ଦ୍ଦେଶରେ ଅଯୋଧ୍ୟାରୁ ରଥ ଆସିଛି – ଦେବୀ ଅଯୋଧ୍ୟା ଯାତ୍ରା କରିବେ ।

ସୀତା – ଓ ! (ବାଲ୍ମୀକି ଆସିଲେ)

ଭରତ – ପ୍ରଣାମ ମହର୍ଷି ।

ବାଲ୍ମୀକି – ରାଜା ରାମଚନ୍ଦ୍ର ରଥ ପଠାଇଛନ୍ତି ?

ଭରତ – ହଁ ମୁନିଶ୍ରେଷ୍ଠ ! ଦେବୀ ଅଯୋଧ୍ୟା ଫେରିଯିବେ । ଅଯୋଧ୍ୟା ରାଜସଭାରେ ପୁଣି ଶପଥ କରି . . .

Digitized by srujanika@gmail.com

ବାଲ୍ମୀକି – ମୁଁ ଜାଣିଥିଲି – ଜାଣିଥିଲି ଭରତ, ରଘୁପତି ଜାନକୀଙ୍କୁ ଦିନେ ଫେରାଇନେବେ । ତା' ନହୋଇଥିଲେ ଲବକୁଶଙ୍କୁ ଅଯୋଧ୍ୟାରେ ଛାଡ଼ି ଆସିନଥାନ୍ତି ।

ଭରତ – ଦେବୀଙ୍କ ସହିତ ଆପଣ ମଧ୍ୟ ଅଯୋଧ୍ୟା ଯାତ୍ରା କରିବେ ।

ବାଲ୍ମୀକି – ଯିବି ଭରତ, ମୁଁ ମଧ୍ୟ ତୁମମାନଙ୍କ ସହିତ ଯିବି । ସେଠି ରାଜସଭାରେ ମୋର ସମସ୍ତ କଥା ରାମଚନ୍ଦ୍ରଙ୍କୁ ଜଣାଇବି । କିନ୍ତୁ ରାଜସଭାରେ ମା' ଜାନକୀର ଶପଥ କରିବା କଥା

ସୀତା – ମୁଁ ତ ଆପଣଙ୍କୁ କହିଚି ପିତା, ଏଥିରେ ମୋର ତିଳେ ହେଲେ ଆପତ୍ତି ନାହିଁ । ଥରେ ଅଗ୍ନିପରୀକ୍ଷା ଦେଇଛି । ପ୍ରଭୁ ଯେବେ ଚାହିଁବେ, ଆଉ ପାଞ୍ଚଥର ପରୀକ୍ଷା ଦେବି । ଯାହାଙ୍କ ଚରଣକମଳ ବିନା ମୋ ଜୀବନର ଗତି ମୁକ୍ତି ନାହିଁ – ମୋର ଧ୍ୟାନଧାରଣା, କାମନା, ବାସନା ସବୁକିଛି ଯାହାଙ୍କ ପାଦପଦ୍ମରେ ନିବେଦିତ, ମୋର ସେଇ ପରମ ଆରାଧ୍ୟ ପତିଦେବତାଙ୍କୁ ଲୋକନିନ୍ଦାରୁ ରକ୍ଷାକରିବାପାଇଁ ମୁଁ ଅଯୋଧ୍ୟା ରାଜସଭାରେ ଅଗ୍ନିପରୀକ୍ଷାଠୁ ବଳି ଆହୁରି କଠିନ ପରୀକ୍ଷାର ସମ୍ମୁଖୀନ ହେବି । ମୋ ଜୀବନର ଏଇ ଶୁଭମୁହୂର୍ତ୍ତ ପାଇଁ ମୁଁ ଅପେକ୍ଷା କରୁଥିଲି ।

ବାଲ୍ମୀକି – ବର୍ତ୍ତମାନ ତା'ହେଲେ ଅଯୋଧ୍ୟା ଯାତ୍ରା କରିବା ?

ସୀତା – ହଁ, ବର୍ତ୍ତମାନ ।

ଭରତ – ରଥ ପ୍ରସ୍ତୁତ ଦେବୀ – ଅସନ୍ତୁ, ରଥକୁ ଅସନ୍ତୁ ।

ସୀତା – ମୁଁ ଜାଣେ ଭରତ, ତୁମେ ଅତି ବିଜ୍ଞ – ଅତି ଜ୍ଞାନୀ । ଏକଥା ତୁମେ କହୁଛ କିପରି ? ପିତା ବାଲ୍ମୀକି ତ ରଥରେ ଯିବେ ନାହିଁ, ଚାଲି ଚାଲି ଯିବେ – ଆଉ ମୁଁ ଯିବି ରଥରେ ! ଚଉଦବର୍ଷ ବନବାସ ଜୀବନ ମୋର ଏଇ ପାଦରେ ଚାଲି ଚାଲି କଟିଚି ।

ଭରତ – କିନ୍ତୁ ଅଯୋଧ୍ୟାର ମହାରାଣୀ ପାଦରେ ଚାଲି ଚାଲି ଅଯୋଧ୍ୟା ନଗରୀକୁ ଫେରିବେ ଏ ନିର୍ଦ୍ଦେଶ ତ ମୁଁ ପାଇନି ଦେବୀ !

ସୀତା – ନିର୍ଦ୍ଦେଶ ଯେବେ ପାଇନ ଭରତ, ତେବେ ସେ ନିର୍ଦ୍ଦେଶ ଅଯୋଧ୍ୟାର ମହାରାଣୀ ବର୍ତ୍ତମାନ ଦେଉଚନ୍ତି । ଚାଲ – ଆସନ୍ତୁ ପିତା ।

[ଅଯୋଧ୍ୟା ରାଜସଭା । ଉପସ୍ଥିତ ସୀତା ଓ ବାଲ୍ମୀକି]

ବାଲ୍ମୀକି – ମହାନ୍ ସୂର୍ଯ୍ୟବଂଶର ଏ ଅଯୋଧ୍ୟା ରାଜସଭା । ପରିପୂର୍ଣ୍ଣ

Digitized by srujanika@gmail.com

ସଭାଗୃହରେ ସମସ୍ତେ ଦେବୀ ଜାନକୀଙ୍କ ବିଚାର ଅପେକ୍ଷାରେ ରହିଛନ୍ତି । . . . ମୋର ସମ୍ମୁଖରେ ପ୍ରଜାନୁରଂଜନ ପ୍ରଜାବତ୍ସଳ ରାଜା ରାମଚନ୍ଦ୍ର । ଗୋଟିଏ ପାର୍ଶ୍ୱରେ ଇକ୍ଷ୍ୱାକୁ ବଂଶର କୁଳଲକ୍ଷ୍ମୀ ସୀତା – ଅନ୍ୟ ପାର୍ଶ୍ୱରେ ମୋର ଦୁଇ ପ୍ରିୟ ଶିଷ୍ୟ ଲବକୁଶ । ଆଉ ମୁଁ . . . ଆଜୀବନ ଯୋଗ ସାଧକ ତ୍ରିକାଳଦର୍ଶୀ ଋଷି ବାଲ୍ମୀକି । ସେଦିନର କଥା । କୁମାର ଲକ୍ଷ୍ମଣ ନେଇ ସୀତାଙ୍କୁ ମୋ ଆଶ୍ରମରେ ଛାଡ଼ିଦେଇ ଆସିଲେ । ମୋର ଦିବ୍ୟଜ୍ଞାନ, ଦିବ୍ୟଦୃଷ୍ଟି ବଳରେ ମୁଁ ଜାଣିପାରିଲି ସୀତା କଳଙ୍କଶୂନ୍ୟା – ସେ ସନ୍ତାନସମ୍ଭବା । ସେହି ମୁହୂର୍ତ୍ତରେ ଅଯୋଧ୍ୟାର କୁଳଲକ୍ଷ୍ମୀ ଏଇ ମହାସତୀ ସୀତାଙ୍କୁ ମୁଁ ମୋର କନ୍ୟାରୂପେ ଗ୍ରହଣ କଲି । ଜନ୍ମ ନେଲେ ରାଜା ରାମଚନ୍ଦ୍ରଙ୍କ ଔରସଜାତ ଏଇ ଯମଜ ସନ୍ତାନ ଲବକୁଶ । ...ବର୍ତ୍ତମାନ ମୁଁ ପରମବ୍ରହ୍ମ ପରମେଶ୍ୱରଙ୍କ ନାମ ସ୍ମରଣକରି ଅନୁରୋଧ କରୁଚି, ରଘୁପତି ତାଙ୍କ ପରମା ସତୀ ସ୍ତ୍ରୀ ଓ ତାଙ୍କ ଦୁଇ ପୁତ୍ରଙ୍କୁ ଏ ସଭାଗୃହରେ ଗ୍ରହଣ କରନ୍ତୁ । ସଭାସ୍ଥଳୀ ଆନନ୍ଦ ଉଲ୍ଲାସରେ ଉଛୁଳିଉଠୁ ।

ରାମ – ମୁଁ ସ୍ୱୀକାର କରୁଚି, ମହର୍ଷି ବାଲ୍ମୀକିଙ୍କ କଥା ଅନ୍ୟଥା ହେବାର ନୁହେଁ । ରାଜଧର୍ମ ରକ୍ଷା କରିବାପାଇଁ ମୁଁ କେବଳ ଏତିକି କହୁଛି, ମହର୍ଷି ଯାହା ଯାହା ଏଠି କହିଗଲେ, ସେ ସବୁ ସତ ବୋଲି ଦେବୀ ଜାନକୀ ଏଇ ସଭାରେ ଶପଥ କରନ୍ତୁ । ତା'ହେଲେ ଅଯୋଧ୍ୟାବାସୀଙ୍କ ମନରେ ଆଉ କିଛି ସନ୍ଦେହ ରହିବ ନାହିଁ ।

ଭରତ – ଆପଣଙ୍କ ଆଦେଶ ଫେରାଇ ନିଅନ୍ତୁ ଭ୍ରାତୃଦେବ । ମହର୍ଷି ବାଲ୍ମୀକିଙ୍କ ଘୋଷଣା ପରେ ଆଉ ଦେବୀଙ୍କର ଶପଥର ପ୍ରୟୋଜନ ନାହିଁ ।

ସୀତା – ଅଛି । ଅଯୋଧ୍ୟା ରାଜସିଂହାସନର ଆଦେଶକୁ ଅମାନ୍ୟ କରିବାର ଅଧିକାର କାହାରି ନାହିଁ । ଏଠି ଉପସ୍ଥିତ ମୋର ସ୍ୱାମୀ, ସନ୍ତାନ ଓ ମୋର ପିତୃପ୍ରତିମ ଗୁରୁଦେବ ପବିତ୍ର ରଘୁବଂଶର ପୁଣ୍ୟଶ୍ଳୋକ ନରପତିମାନଙ୍କ ପାଦପଦ୍ମକୁ ସ୍ମରଣ କରି ମୁଁ ଶପଥ କରି କହୁଚି – ଏଠି ମହର୍ଷି ବାଲ୍ମୀକି ଯାହା କହିଗଲେ ସେସବୁ ସତ୍ୟ । (କାନ୍ଦୁଥା'ନ୍ତି)

ସ୍ୱର – ମୁଁ ଜଣେ ଅଯୋଧ୍ୟାବାସୀ ପ୍ରଜା । ଯୋଡ଼ହସ୍ତରେ ମୁଁ ଅଯୋଧ୍ୟାର ମହାରାଣୀଙ୍କୁ ପୃଚ୍ଛା କରୁଛି – ଏହା ସତ କି ମିଛ ଜାଣିବା ପାଇଁ ମହାରାଣୀ କି ପରୀକ୍ଷା ଦେବେ ?

Digitized by srujanika@gmail.com

ସୀତା – ପରୀକ୍ଷା ?

(ଗୀତ)

ସବୁ ପରୀକ୍ଷାକୁ ପଛରେ ପକାଇ
କରୁଛି ଶପଥ ମୁହିଁ,
ଧର୍ମ ସଭା ଏଇ ରାଜସଭାତଳେ
ମୋ ଅଯୋଧ୍ୟା ମାଟି ଛୁଇଁ ।
ଶୋଭୁଥାଏ ଯଦି ମୋର ଏ କପାଳେ
ସତୀସୀମନ୍ତିନୀ ଟିକା
ମୋ ପତିଙ୍କ ସଙ୍ଗେ ହେଉ ଆଜି ଏଠି
ଏଇ ମୋର ଶେଷ ଦେଖା ।

ରାମ – (ଖୁବ୍ ବିଚଳିତ) ଦେବୀ !

ସୀତା – ହଁ, ମୋର କଥା ଯଦି ସତ୍ୟ ହୋଇଥାଏ – ମୋ ଶିରା ପ୍ରଶିରାରେ ଯଦି ପତିବ୍ରତା ସତୀ ନାରୀର ରକ୍ତ ପ୍ରବାହିତ ହେଉଥାଏ, ତେବେ ମୋର ପତିଦେବତାଙ୍କ ସହିତ ଆଜି ଏଇ ମୋର ଶେଷଦେଖା ।

ଭରତ – ନା, ନା, ମାତା ଜାନକୀ !

ସୀତା – ମୁଁ ପୁଣି ଶପଥ କରି କହୁଚି, ମୋର ସ୍ୱାମୀ ଏଇ ପରମପୁରୁଷ ରାଜୀବଲୋଚନ ରଘୁପତିଙ୍କ ଭିନ୍ନ ଅନ୍ୟ କେଉଁ ପୁରୁଷର କଥା ମୋ ଜୀବନରେ ମୁଁ ଚିନ୍ତା ସୁଦ୍ଧା କରିନାହିଁ । ସେଇ ମୋର ସ୍ୱାମୀ – ମୋର ଇହକାଳ ପରକାଳର ଦେବତା । ମୋର ମନ-ପ୍ରାଣ-ଶରୀର କେବଳ ତାଙ୍କରିଠାରେ ସମର୍ପିତ ।

ସ୍ୱର – ଏହାର ପ୍ରମାଣ ?

ସୀତା – ପୁଣି ପ୍ରମାଣ ? ଭଲକଥା । ମୁଁ ପ୍ରମାଣ ଦେବୀ – କିନ୍ତୁ ଅନ୍ୟ କାହାରି ପାଖରେ ନୁହେଁ । ମୁଁ ପ୍ରମାଣ ଦେବି ମୋ' ଜନ୍ମଦାତ୍ରୀ ମା' ବସୁନ୍ଧରାଙ୍କ ପାଖରେ । ମୁଁ ଯଦି ସତୀ ହୋଇଥିବି, ତେବେ ସେ ମତେ ଏଠୁ ନେଇ ତା' କୋଳରେ ସ୍ଥାନ ଦେବ ।

ସୀତା – (ଗୀତ)

ମାଆ ବସୁନ୍ଧରା, ମାଆ ବସୁନ୍ଧରା,
(ତୁ) ଜଗତ କଷଣ ସହୁ ଜଗତର ଭାରା ସହୁ

Digitized by srujanika@gmail.com

ମୋ ଦୁଃଖ ପସରା ଘେନି ଉଭା ମୁଁ ଲୋ ତୋ ଦୁଆରେ
ତୁହି ମୋ ଦୁଃଖ ପାସୋରା
ମାଆ ବସୁନ୍ଧରା । ୧ ।
ତୋ ବକ୍ଷରେ ଜାଳି ଅଗ୍ନି ଦେଲି ମୁଁ ପରୀକ୍ଷା
ସହିଥିଲୁ ତୁହି,
ତୋ ଝିଅ ମୁଁ ବିନା ଦୋଷେ ହେଲି ନିର୍ବାସିତା
କାନ୍ଦିଥିଲୁ ତୁହି,
ଆଉ କି ପରୀକ୍ଷା ଦେବି ?
କହଭଲା ମାଆ ମୋର ମା' ବସୁନ୍ଧରା । ୨ ।
ସତ୍ୟ ଯେବେ ତୋର କୋଳୁଁ ଜନମିଛି ମୁହିଁ
(ମୁହିଁ) ଯେବେ ସତୀ ସୀତା
ଯେଉଁ କୋଳେ ମତେ ତୁ ଲୋ ଦେଇଛୁ ଜନମ
ସେହି କୋଳକୁ ତୁ
ଫେରାଇ ନେ' ଲୋ ମୋତେ ମାଆ ବସୁନ୍ଧରା । ୩ ।

[ଧରଣୀ ଦୁଇଭାଗ ହୋଇଗଲା ଓ ତନ୍ମଧ୍ୟରେ ସୀତା ଅନ୍ତର୍ହିତା ହୋଇଗଲେ ।]

ବହୁସ୍ୱର — ଏ କଣ ହେଲା... ଏ କଣ ହେଲା !

ବଶିଷ୍ଠ — ଏ' କି ଅଦ୍ଭୁତ ଅଲୌକିକ କଥା ! ଆଖି ପିଛୁଳାକେ ଦେବୀଙ୍କ ପାଦତଳ ଧରଣୀ ଦୁଇଫାଳ ହେଇଗଲା ଆଉ ଦେବୀ ଅନ୍ତର୍ହିତା ହୋଇଗଲେ !

ଲବ — ମା', ତୁମେ କୁଆଡ଼େ ଗଲ ମା' ?

କୁଶ — ଆମକୁ ଏଠି ଛାଡ଼ି ଯାଅନାହିଁ ମା' ! ତୁମ ସାଥିରେ ଆମକୁ ନେଇଯାଅ ।

ଭରତ — କଣ ଆଉ ଦେଖୁଛନ୍ତି ଜ୍ୟେଷ୍ଠ ଭ୍ରାତ ? ଆଉ କି ପରୀକ୍ଷା କରିବେ ? କୁହନ୍ତୁ, ଆଉ କି ପରୀକ୍ଷା କରିବେ ? . . . ଏଣେ ଦେଖନ୍ତୁ, ସୀତା ନାହାନ୍ତି ବୋଲି ତାଙ୍କ ସ୍ୱର୍ଣ୍ଣ ପ୍ରତିମା କିପରି ମଉଳିଗଲାଣି ।

ରାମ — ନା, ନା – ନା ! ମତେ ଛାଡ଼ି ଜାନକୀ ମୋର ଯାଇ ପାରିବେ ନାହିଁ । ଫେରିଆସ — ଫେରିଆସ ଦେବୀ । ତମର ଏଇ ମୁଢ଼ ଅକିଞ୍ଚନ ସ୍ୱାମୀର ଆକୁଳ ଆହ୍ୱାନ ରକ୍ଷାକରି ତମେ ଫେରି ଆସ । . . . ମାତା

Digitized by srujanika@gmail.com

ବସୁନ୍ଧରା, ସୀତାଙ୍କ ଜନନୀ ତୁମେ – ମୋର ପୂଜନୀୟା । ତୁମ ଚରଣ ବନ୍ଦନା କରି ମୁଁ ପ୍ରାର୍ଥନା କରୁଚି – ମୋର ସୀତାଙ୍କୁ ମୋତେ ଫେରାଇଦିଅ । ଅଯୋଧ୍ୟାର ରାଜା ମୁଁ . . . ରାବଣ ଅରି ରଘୁବୀର ରାମଚନ୍ଦ୍ର – କୋଟି ପ୍ରଜାର ରକ୍ଷକ – ମୁଁ ଜାନୁପାତି କୃତାଞ୍ଜଳିପୁଟରେ ନିବେଦନ କରୁଚି – ମୋ ସୀତାଙ୍କୁ ମତେ ଫେରାଇଦିଅ – ଫେରାଇ ଦିଅ । (କିଛିକ୍ଷଣ ନୀରବତା) . . . ଫେରାଇ ଦେବ ନାହିଁ ତେବେ ? ମୋ' ନିବେଦନ ରକ୍ଷା କରିବ ନାହିଁ ? ମୁଁ ଶାନ୍ତ ସରଳ ଶିଶୁଟି ପରି ତମର ଦୟା ଭିକ୍ଷାକଲି ବୋଲି ମୋ' ପ୍ରତି ତମର ଏଇ ଅବହେଳା !! ତମେ ତା'ହେଲେ ମୋର ସେଇ ତ୍ରିଭୁବନ ଧ୍ୱଂସକାରୀ – ସେଇ ପ୍ରଳୟଙ୍କର ରୂପ ଦେଖିବାକୁ ଚାହଁ ?

ବାଲ୍ମୀକି – ଆର୍ଯ୍ୟ ... ଆର୍ଯ୍ୟ ରାମଚନ୍ଦ୍ର !

ରାମ – ଶୁଣ ବସୁନ୍ଧରା ! ମୁଁ ଆଦେଶ କରୁଚି, ଏହି ମୁହୂର୍ତ୍ତରେ ତୁମେ ସୀତାଙ୍କୁ ଫେରାଇଦିଅ । ତା' ନହେଲେ ତମର ଯୋଉ ବକ୍ଷରେ ତମେ ସୀତାଙ୍କୁ ଆଶ୍ରୟ ଦେଇଚ ...

ବାଲ୍ମୀକି – ନା – ନା –

ରାମ – ତମର ସେଇ ବକ୍ଷକୁ ମୋର ଏ ଶର ମୁନରେ ବିଦୀର୍ଣ୍ଣ କରି...

ବାଲ୍ମୀକି – (ଶାନ୍ତଗଳାରେ) କ୍ରୋଧ ସମ୍ବରଣ କର ରଘୁପତି !

ରାମ – ନା,... ମୁଁ... ମୁଁ...

ବାଲ୍ମୀକି – ଶାନ୍ତହୁଅ । ନିଜର ଦିବ୍ୟଜ୍ଞାନ ବଳରେ ତମର ସେଇ କାନ୍ତ କୋମଳ ମର୍ଯ୍ୟାଦାପୁରୁଷ ରୂପ ପ୍ରକାଶ କର । ଯାହା ବିଧିନିର୍ଦ୍ଦେଶ ତାକୁ ଏଡ଼ାଇବ କିଏ ?

ରାମ – ବିଧିନିର୍ଦ୍ଦେଶ ?

ବାଲ୍ମୀକି – ଶ୍ରୀରାମଘରଣୀ ସୀତା ହେଉଚନ୍ତି ବିଷ୍ଣୁପ୍ରିୟା ଲକ୍ଷ୍ମୀଙ୍କ ପ୍ରତିକାୟା– ଗୋଲୋକ ଛାଡ଼ି ମର୍ତ୍ତ୍ୟପୁରୀକୁ ଆସିଥିଲେ । ମର୍ତ୍ତ୍ୟର ଲୀଳା ଶେଷକରି ପାତାଳପୁରବାସିନୀ ହେଲେଣି । ତୁମେ ଇହଲୋକରେ ତୁମ କର୍ତ୍ତବ୍ୟ ସମାପନ କଲା ପରେ ପୁଣି ଗୋଲୋକଧାମରେ ତୁମ ସହିତ ମିଳିତ ହେବେ । ଏଠି ଆଉ ତୁମେ ତାଙ୍କୁ ପାଇବ ନାହିଁ । ଚାଲ, ସବୁ ଦୁଃଖ ଭୁଲି ଯଜ୍ଞ ସମାପ୍ତ କର ।

Digitized by srujanika@gmail.com

ରାମ – କିନ୍ତୁ ଯଜ୍ଞ ସମାପ୍ତ ହେବ କେମିତି ମହାମୁନି ? କୁଳଗୁରୁ କହୁଥିଲେ ଯଜ୍ଞର ଶେଷ ଆହୁତି ଜାନକୀ ନିଜ ହାତରେ ଦେଇଥା'ନ୍ତେ !

ବାଲ୍ମୀକି – ମୁଁ ତ କହିଚି, ବିଧିର ବିଧାନକୁ କେହି ଏଡ଼ାଇ ଦେଇପାରିବେ ନାହିଁ । ସୀତା ଆଶ୍ରମବାସିନୀ ଥିଲାବେଳେ ଯଜ୍ଞ ଆରମ୍ଭ ହୋଇଥିଲା । ସେ ପାତାଳପୁରବାସିନୀ ହେଲେଣି । ଯଜ୍ଞ ଶେଷ ହେବ . . . ତା' ନହେଲେ ରାମାୟଣ ଗ୍ରନ୍ଥ ସମାପ୍ତ ହେବ କିପରି ? ଲବକୁଶଙ୍କର ଯେଉଁ ରାମାୟଣ ଗାନ ଯୋଗୁଁ ଏତେ ଏତେ ଘଟଣା ଘଟିଗଲା, ଯଜ୍ଞ ଶେଷ ନହେଲେ ତା'ର ଶେଷସର୍ଗ ମୁଁ ଲେଖିବି କେମିତି ? ଆସ, ସମସ୍ତେ ଯଜ୍ଞପୀଠକୁ ଆସ ।

[ଯଜ୍ଞପୀଠରେ ମନ୍ତ୍ରପାଠ ଓ ବିଭିନ୍ନ ବାଦ୍ୟ ଧ୍ୱନି ଆରମ୍ଭ ହେଲା ।]

(ରାମାୟଣ ଗାନ)

ଯଜ୍ଞ କୁଣ୍ଡେ ଜଳେ ଦେଖ ହୁତୁ ହୁତୁ ଅନଳ
ଚହଟେ ମଧୁର ବାସ ଦଶଦିଗ ଉଜ୍ଜ୍ୱଳ । ୧ ।
ବେଦୀପରେ ଉଭା ଆହା ଯୋଡ଼ହସ୍ତେ ଶ୍ରୀରାମ
ଆଖିରେ ଲୋତକ, ମାତ୍ର ଶାନ୍ତ ପ୍ରଭୁ ବଦନ । ୨ ।
ଦୁଇ ପାଶେ ଲବ କୁଶ ଦୁଇ ରାଜକୁମାର
ମାତୃହରା ଲଭିଛନ୍ତି ପିତୃସ୍ନେହ ଅପାର । ୩ ।
ଯଜ୍ଞରେ ଶେଷ ଆହୁତି ଦେଲେ ରଘୁନନ୍ଦନ
ଏ ସର୍ଗ ହେଲା ସମାପ୍ତ ବନ୍ଦେ ରାମ ଚରଣ । ୪ ।

□ □ □

Digitized by srujanika@gmail.com

ଜନ୍ମାଷ୍ଟମୀ

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[ମଥୁରା ରାଜପୁରୀ । ପ୍ରମୋଦଭବନରେ ମଥୁରାଧିପତି ଉଗ୍ରସେନଙ୍କ ଜ୍ୟେଷ୍ଠପୁତ୍ର କଂସ ଆନନ୍ଦ-ଉଲ୍ଲାସରେ ମତ୍ତ । ହସର ଲହରିରେ ପ୍ରମୋଦପୁରୀ ଉଚ୍ଛୁଳି ଉଠୁଛି । ଏତିକିବେଳେ ଦୂରରେ ଶୁଣାଗଲା ଦେବର୍ଷି ନାରଦଙ୍କ କଣ୍ଠରେ ପ୍ରଭୁ ନାରାୟଣଙ୍କ ନାମଭଜନ । କିନ୍ତୁ କଂସର ହସଲହରି ସେହିପରି ଚାଲିଥାଏ । ନାରଦ ପ୍ରବେଶ କଲେ ।]

ନାରଦ – ନାରାୟଣ . . . ନାରାୟଣ . . .

(ନାରଦଙ୍କୁ ଦେଖି କଂସ ତାଙ୍କୁ ଯଥାରୀତି ଅଭ୍ୟର୍ଥନା ସହ ପାଛୋଟି ଆଣିଲା ।)

କଂସ – ଆରେ, ଦେବର୍ଷି ନାରଦ ! କି ସୌଭାଗ୍ୟ ମୋର ? ଆସନ୍ତୁ, ଆସନ ଗ୍ରହଣ କରନ୍ତୁ । (ନାରଦ ଉପବେଶନକଲେ)

ନାରଦ – ବାଧା ଦେଇନାହିଁ ତ ?

କଂସ – ବାଧା ? କି ବାଧା ? କାହାକୁ ?

ନାରଦ – ଏଇ ଯେଉଁ ହସର ଲହରି ଏଠି ଖେଳିଯାଉଥିଲା . . .

କଂସ – ନା-ନା, ବରଂ ଆପଣ ବିଜେକରିଥିବାରୁ ମୋ ଆନନ୍ଦ ଦ୍ୱିଗୁଣ ବଢ଼ିଯାଇଛି । ଭୋଜବଂଶର ମହାମହିମ ରାଜା ଉଗ୍ରସେନଙ୍କ ଜ୍ୟେଷ୍ଠପୁତ୍ର ମୁଁ ରାଜକୁମାର . . .

ନାରଦ – (ବାଧାଦେଇ) କିନ୍ତୁ ତୁ ନିଜେ ରାଜା ନୋହୁ ।

କଂସ – ମୋ ପିତାଙ୍କ ଅନ୍ତେ ଏ ସିଂହାସନର ଅଧିକାରୀ ତ ମୁଁ ।

ନାରଦ – ସେ ପର୍ଯ୍ୟନ୍ତ ବଞ୍ଚିରହିଲେ ତ ?

କଂସ – ମହାମୁନି !

Digitized by srujanika@gmail.com

ନାରଦ – (ଗୀତ)

ଭୋଜବଂଶ ଅବତଂସ ଦ୍ରୁମିଳନନ୍ଦନ କଂସ . . .

କଂସ – (ବାଧାଦେଇ) ନା, ନା, ନା, ଦେବର୍ଷି ! ଆପଣ ଏ ଅସମ୍ଭବ କଥା କହୁଛନ୍ତି କିପରି ? ମୋର ପିତା ରାଜାଧିରାଜ ଉଗ୍ରସେନ ...ମାତା ରାଣୀ ଇନ୍ଦୁମତୀ ! ମୁଁ ଦାନବରାଜ ଦ୍ରୁମିଳନନ୍ଦନ ହେଲି କିପରି ?

ନାରଦ – ମୁଁ କଟୁକଥା କହେ ...ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତ୍ରିପୁରରେ କଳିର ମଞ୍ଜି ରୋପଣ କରେ । କିନ୍ତୁ ହେ ବୀରାଧିବୀରବର କଂସ, ମୁଁ କେବେ ମିଥ୍ୟା କୁହେନା !

କଂସ – ଜାଣେ ...ଜାଣେ ମୁନିବର ! ସ୍ୱୟଂ ନାରାୟଣଙ୍କ ପ୍ରତି ଏ ଦୋଷାରୋପ କରାଯାଇପାରେ ... କିନ୍ତୁ ନାରାୟଣ ଭକ୍ତ ନାରଦ କେବେ ମିଥ୍ୟା କୁହନ୍ତି ନାହିଁ ।

ନାରଦ – ତୋ'ର ମାତା ମହାସତୀ ଇନ୍ଦୁମତୀ ଆଉ ଏଇ ତ୍ରିକାଳଦର୍ଶୀ ମୁନି ନାରଦ ବ୍ୟତୀତ ଅନ୍ୟ କେହି ତୋ' ଜନ୍ମରହସ୍ୟ ଜାଣନ୍ତି ନାହିଁ ।

କଂସ – ମୋର ଜନ୍ମରହସ୍ୟ ?

ନାରଦ – (ଗୀତ)

ଭୋଜବଂଶ ଅବତଂସ ଦ୍ରୁମିଳନନ୍ଦନ କଂସ

ଏ ତୋ'ର ଜନ୍ମରହସ୍ୟ ଶୁଣ ସଧୀରେ,

ଧରି ଉଗ୍ରସେନ ରୂପ କପଟୀ ଦ୍ରୁମିଳ ଭୂପ

ଭୁଲାଇଲା ଇନ୍ଦୁମତୀ ତଟିନୀତୀରେ

ତହୁଁ ତୋର ହେଲା ଜନମ,

କାହାକୁ ନିନ୍ଦିବୁ ଏହୁ ବିଧାତାକର୍ମ । ୧ ।

କଂସ – ଦାନବରାଜ ଦ୍ରୁମିଳ ମାୟାରେ ମୋ ପିତାଙ୍କ ରୂପ ଧାରଣ କରି... ନା, ନା, ମୁନିଶ୍ରେଷ୍ଠ... ମୋ ରାଜକୁଳର ଏ କଳଙ୍କ ମୁଁ ସହିପାରିବି ନାହିଁ ।

ନାରଦ – ପବିତ୍ର ଭୋଜବଂଶର କୁଳଲକ୍ଷ୍ମୀ ଇନ୍ଦୁମତୀର ଗର୍ଭରୁ ତୋ'ର ଜନ୍ମ; ପୁଣି ତୋ ଦେହରେ ଅଛି ଅସୁରର ରକ୍ତ । ତୋ'ର ଏହି ଅସୁରସ୍ୱଭାବ ଯୋଗୁଁ ତୁ ମୁନିଋଷି, ଦେବତା, ବ୍ରାହ୍ମଣ ସମସ୍ତଙ୍କୁ ପଦଦଳିତ କରି ହେବୁ ତ୍ରିପୁରବିଜୟୀ – କଳଙ୍କ କଥା ତୁ ଚିନ୍ତା କରୁଚୁ କାହିଁକି ? ତୋର ଅନ୍ୟ ଚିନ୍ତାର କାରଣ ରହିଚି ।

Digitized by srujanika@gmail.com

କଂସ – ଆଉ କି ଚିନ୍ତା ?

ନାରଦ – (ଗୀତ)

ଶୁଣିଲୁ ଜନମଭେଦ ମନେ ଯେବେ ନାହିଁ ଖେଦ
ଶୁଣ ତୋ' ମରଣଭେଦ ବିହିଲିଖନ,
ଦେବକୀଗର୍ଭୁ ସମ୍ଭୂତ ହେବ ଯେ ଅଷ୍ଟମସୁତ
ତା'ହାତେ ଅଛି ନିହିତ ତୋ'ର ନିଧନ ।
ଅଛି ଯେବେ ଜୀବନେ ଆଶ,
ସହୋଦରାସୁତେ ବାବୁ କର ବିନାଶ । ୨ ।

କଂସ – ବନ୍ଦ କରନ୍ତୁ . . . ବନ୍ଦ କରନ୍ତୁ ମହାମୁନି ! ଏମିତି ଗୋଟିଏ ଗୋଟିଏ କଥା କହି ମୋ' ମନରେ ଆଉ ଭୟ, ଭ୍ରାନ୍ତି, ଆଶଙ୍କା ସୃଷ୍ଟି କରାନ୍ତୁ ନାହିଁ ।

ନାରଦ – ଭୟ ନହେଲେ ତୁ ନିର୍ଭୟର ବାଟ ଖୋଜିବୁ କେମିତି ? ଭ୍ରାନ୍ତି ନଥିଲେ ତୁ ତ୍ରିଭୁବନରେ ଅଶାନ୍ତି ସୃଷ୍ଟି କରିବୁ କିପରି ? ଆଶଙ୍କା ନ ଥିଲେ ତୋତେ ଦେଖି ସୁର, ନର, ଯକ୍ଷ, ଦାନବ ଶଙ୍କା କରିବେ କାହିଁକି ? ମନେରଖିଥା ବାବୁ, ମୁଁ ଯାହା କହିଗଲି ତା ଅକ୍ଷରେ ଅକ୍ଷରେ ସତ୍ୟ ।

କଂସ – ତା'ହେଲେ ମୋର ଭଗ୍ନୀ ଦେବକୀର ଅଷ୍ଟମ ପୁତ୍ର-ସନ୍ତାନ ହାତରେ ଅଛି ମୋର ଜୀବନନାଟିକା ?

ନାରଦ – ଠିକ୍ !

କଂସ – ଆଉ ତାକୁ ମୁଁ ନିହତ କଲେ . . .

ନାରଦ – ତୁ ହେବୁ ଅମର, ଅଜେୟ, ତ୍ରିପୁରବିଜୟୀ କଂସାସୁର . . . ଜଳରେ ବୁଡ଼ିବୁ ନାହିଁ . . . ଅଗ୍ନିରେ ପୋଡ଼ିବୁ ନାହିଁ ।

କଂସ – ମୋର ଏ କର୍ମରେ ମତେ ସହାୟ ହେବ କିଏ ?

ନାରଦ – ଅଷ୍ଟମଲ୍ଲ . . .

କଂସ – କାହାନ୍ତି ସେମାନେ ?

ନାରଦ – ସିଦ୍ଧମନ୍ତ୍ର ଜପି ସ୍ମରଣ କଲେ ସେମାନେ ଆସି ତୋ ସଭାରେ ଉପସ୍ଥିତ ହେବେ ।

କଂସ – ହାଃ ହାଃ ହାଃ ! ହାଃ ହାଃ ହାଃ ! ମୁନିଶ୍ରେଷ୍ଠ, ଆପଣ ମୋର ସୁପ୍ତ ଚେତନାକୁ ଜାଗ୍ରତ କରିଦେଇଛନ୍ତି । ମୁଁ ସେ ପାପୀୟସୀ ଦେବକୀର

Digitized by srujanika@gmail.com

ଅଷ୍ଟପୁତ୍ରଙ୍କୁ ମୋର ଏଇ ହାତରେ ଗୋଟି ଗୋଟି କରି ହତ୍ୟା କରିବି । କଅଁଳା ଶିଶୁର କୁଆଁ କୁଆଁ ରାବ ଶୁଭିବା ପୂର୍ବରୁ ତା'ର କରୁଣ ଚିତ୍କାର ଶୁଣାଯିବ । ମା' ବକ୍ଷରୁ କ୍ଷୀରପାନ କରିବା ପୂର୍ବରୁ ମୁଁ ତାର ରୁଧିର ପାନ କରିବି । ତା'ହେଲେ ମୁଁ ହେବି ମହାପ୍ରତାପୀ ବୀରାଧିବୀରବର ତ୍ରିପୁରଧ୍ୱଂସକାରୀ ରାଜା କଂସ ।

ନାରଦ — ନାରାୟଣ . . . ନାରାୟଣ . . . ନାରାୟଣ ! (ପ୍ରସ୍ଥାନ)

କଂସ — ନାରଦ ମୁନି ଅନ୍ତର୍ହିତ ହୋଇଗଲେ; କିନ୍ତୁ ମୋର ଶିରା-ପ୍ରଶିରାରେ ଭରିଦେଇଗଲେ ଶତସିଂହର ବଳ . . . ଭରିଦେଇଗଲେ ପାପତାପ ଅନ୍ୟାୟ ଅତ୍ୟାଚାରର ମୂଳମନ୍ତ୍ର ।

କଂସ — (ଗୀତ)

ମାନିବି ନାହିଁ ମୁଁ ଧରମ-କରମ
ଦେବଦେବୀ ପୂଜାପାର୍ବଣ,
ମାନିବି ନାହିଁ ମୁଁ ଗୁରୁ ଗୁରୁଜନ
ସେବା ଆରାଧନା ତର୍ପଣ । ୦ ।
ମାନିବି ନାହିଁ ମୁଁ ଜନମିଛି କେହି
ମର କି ଅମର ମୋହ ପରା ଦେହୀ,
ନାହିଁ ବିଧି ନାହିଁ ବିଧାନ ମୋ'ଠାରେ
ନାହିଁ ଦୟା ମାୟା ବନ୍ଧନ । ୧ ।
ଜନକ ଯାହାର ଭ୍ରଷ୍ଟ ଦୁରାଚାରୀ
ଭଣଜା ଯାହାର ଆଜନ୍ମ ବଇରୀ,
ଝଣଝଣ ରଣ ତରବାରି ତାର
କରିବ ରକତ ତର୍ପଣ । ୨ ।
ଆହେ ଅଷ୍ଟମଲ୍ଲ କରୁଚି ସ୍ମରଣ
ସିଦ୍ଧମନ୍ତ୍ର ଜପି କରୁଚି ବରଣ,
ଜାଳି ମୁଁ ରଖିଲି ଅନଳର ଶିଖା
ତୁମେ ଢାଳିଦେବ ଇନ୍ଧନ । ୩ ।

(କଂସ ଧ୍ୟାନମଗ୍ନ ହୋଇ ଅଷ୍ଟମଲ୍ଲଙ୍କୁ ସ୍ମରଣ କଲା ।)

Digitized by srujanika@gmail.com

କଂସ – ହେ ଅଷ୍ଟମଲ୍ଲ ! କାଳନେମୀ-ଅଙ୍ଗଜାତ ହେ ମୋର ଅଷ୍ଟସଖା। ଷଣ୍ଢା, ଶକଟା, ଚାଣୁର, ବତ୍ସା, ବକା, କେଶୀ, ମୁଷ୍ଟିକ, ଧେନୁକା ! ମୁଁ ସିଦ୍ଧମନ୍ତ୍ର ଜପି ତୁମକୁ ଆମନ୍ତ୍ରଣ କରୁଚି । ଅଙ୍ଗିରା ନଦୀକୂଳ ବିଜୟବନ ପରିତ୍ୟାଗ କରି ମୋ ନିକଟକୁ ଚାଲିଆସ . . . ଓଁ ଐଁ, ହ୍ରୀଁ ଶ୍ରୀଂ କ୍ଲୀଂ ସ୍ୱାହା ଗନ୍ଧର୍ବ ନର ଯକ୍ଷ (ତିନିଥର) ।

(କିଛିକ୍ଷଣ ପରେ ଅଟ୍ଟହାସ ସହ ଅଷ୍ଟମଲ୍ଲ ଆବିର୍ଭୂତ ହେଲେ)

କଂସ – ଆସ . . . ଆସ ମୋର ଅଷ୍ଟବନ୍ଧୁ ପ୍ରାଣସୋଦର ଅଷ୍ଟମଲ୍ଲ ! ତୁମ ଆଗମନରେ ମୋ’ ରାଜପୁରୀ ଧନ୍ୟ ହେଲା । ତୁମକୁ ସମ୍ଭାଷଣ କରି ମୋ’ ଜୀବନ ସାର୍ଥକ ହେଲା । ଆସ, ଆସନ ଗ୍ରହଣକର, ସଭା ମଣ୍ଡନକର ।

ମଲ୍ଲ – ଏତେ କାଳ ଆମେ ତମରି ଅପେକ୍ଷାରେ ଥିଲୁ, ଆଜି ତମକୁ ଆମେ ପାଇଲୁ । ଆମର ନବଜୀବନ ଲାଭ ହେଲା । ଆମ ଅଷ୍ଟମଲ୍ଲଙ୍କ ଶରୀରରେ ଅଷ୍ଟୋତ୍ତର ଶତସିଂହର ବଳ। ତମ ଆଦେଶ ପାଇଲେ ଆମେ ଅସାଧ୍ୟ ସାଧନ କରିବୁ । ଆଦେଶ ଦିଅ ବୀର !

କଂସ – ତେବେ ଯାଅ . . . ଯାଅ ବୀରବୃନ୍ଦ ! ମଥୁରା କଟକରେ ଆତଙ୍କ ଖେଳାଇଦିଅ । ହତ୍ୟା କର, ଲୁଣ୍ଠନ କର, ଯାଦବକୁଳ ଧ୍ୱଂସ କର... ଏହା ମୋର ଆଦେଶ । ତମ ପଦାଘାତରେ ପୃଥିବୀ ପ୍ରକମ୍ପିତ ହେଉ; ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତ୍ରିପୁରବାସୀ ପ୍ରମାଦ ଗଣନ୍ତୁ . . . ସମସ୍ତେ ଜାଣନ୍ତୁ ରାଜା କଂସର ଶକ୍ତି କେତେ !

ମଲ୍ଲ – ଯଥା ଆଦେଶ !

ଦ୍ୱିତୀୟ ଦୃଶ୍ୟ

[ମଥୁରା ରାଜପଥ । ଗୀତ ଗାଇ ଗାଇ ଡଗର ପ୍ରବେଶ କଲା ।]

ଡଗର – (ଗୀତ)

ମଥୁରା କଟକ ହାଟ ଲୋ, ଯମୁନା ନଈର ଘାଟ ।।
ମୁଁ କଂସର ଡଗର ଧାଏଁ ତରତର
ଛାଡ଼ିଦେ ଛାଡ଼ିଦେ ବାଟ ଲୋ,
ଛାଡ଼ିଦେ ବାଘୁଣୀ ବାଟ । ୧ ।

Digitized by srujanika@gmail.com

ଉଗ୍ରେସେନ ରାଜା ସୁଖେ ପାଳେ ପ୍ରଜା
ଚାଟଘର ପିଲା ଚାଟ,
କାହିଁ ଥିଲା ମୂଷା ଡୋଲେ କଲା ବସା
ଫିଟିଲା କଂସାକବାଟ ଲୋ,
ଛାଡ଼ିଦେ ଛାଡ଼ିଦେ ବାଟ । ୨ ।

(ଜଣେ ନାଗରିକ ଡଗର ନିକଟକୁ ଆସିଲା ।)

ନାଗରିକ – ହୋ ହୋ ଭାଇ ! ହୋ ଡଗରପୁଅ !

ଡଗର – କିଏ ତୁମେ ବାପା ?

ନାଗରିକ – ଦେଖିବୁଝିପାରୁନ ? ଏ ମଥୁରା ରାଜ୍ୟର ଜଣେ ପ୍ରଜା ।

ଡଗର – ଏଠି ସମସ୍ତେ ତ ମଥୁରା ରାଜ୍ୟର ପ୍ରଜା . . . ତୁମକୁ ଆଉ ଦେଖିବି କ'ଣ, ବୁଝିବି କ'ଣ ?

ନାଗରିକ – ତୁମେ ନ ବୁଝିଲେ ନାଇଁ, ମତେ ଟିକିଏ ବୁଝେଇଦେଲ ।

ଡଗର – କୋଉ କଥା ?

ନାଗରିକ – ଏଇ ଯୋଉ ଗୀତପଦକ ତୁମେ ଗାଇଲ !

ଡଗର – ବୁଝିପାରିଲ ନାହିଁ ?

ନାଗରିକ – ବୁଝିପାରିଲି ନାହିଁ କ'ଣ କି . . . ଗୀତର ମରମକଥାଟା ଠିକ୍ ଠିକ୍ ବୁଝିପାରିଲି ନାହିଁ ।

ଡଗର – ହଉ, ଭଗବାନଙ୍କୁ ଡାକ . . . ଯଦି ଆଉ ପାଞ୍ଚ ଦଶ ବରଷ ବଞ୍ଚିବ, ତେବେ ମରମ କରମ ଧରମ ସବୁ ଧୀରେ ଧୀରେ ବୁଝିପାରିବ । ବାଟ ଛାଡ଼ . . . ମୁଁ ଯାଏ ।

(ନାଗରିକ କିନ୍ତୁ ବାଟ ଓଗାଳି ଠିଆହେଲା)

ନାଗରିକ – ରଜାଘର ଡଗର ତୁମେ . . .

ଡଗର – ରଜାଘର ଡଗର ହେଇଚି ରାଜ୍ୟକଥା ରାଜାଙ୍କୁ ବୁଝେଇବି, ନା ରଜାଘର କଥା ତମକୁ ବୁଝେଇବି ? ଆଚ୍ଛା ଲୋକ ଇଏ !

ନାଗରିକ – ହଉ ହେଲା . . . ହେଲା । ହେଲେ ଭାଇ, ଟିକିଏ ତମେ କାନଟା ମୋ ମୁହଁ ପାଖକୁ ଆଣିବଟି – କାନରେ କହିବି ।

(ଡଗର କଥା ରକ୍ଷାକଲା)

ଡଗର – ହୁଁ, କୁହ !

Digitized by srujanika@gmail.com

ନାଗରିକ – (ଅନୁଚ୍ଚ ସ୍ୱରରେ) କଂସ ରାଜାଙ୍କ ଅଷ୍ଟମଲ୍ଲ ରାଜ୍ୟସାରା ଖେଦିଯାଇ ପ୍ରଜାପାଟକଙ୍କୁ ଯେ ମାରୁଚନ୍ତି – ହାଣୁଚନ୍ତି– ଆଉ... ଆଉ...

ଡଗର – ହୁଁ-ହୁଁ – କହିଯାଅ . . . ଧନସମ୍ପତ୍ତି ଲୁଟି ନେଉଚନ୍ତି . . . ଝିଅ-ବୋହୂଙ୍କୁ ହରଣ କରୁଚନ୍ତି . . . ଏଇଆ ତ ?

ନାଗରିକ – ହଁ – ଏ ସମାଚାର ରାଜାଙ୍କୁ ଯାଇ କ'ଣ ବୁଝାଇବ ?

ଡଗର – ଠିକ୍ ଠିକ୍ ବୁଝେଇବି । ରାଜା ଉଗ୍ରସେନ ଯଦି ପଚାରିବେ ରାଜ୍ୟ ସମାଚାର କ'ଣ – କହିବି, ମହାରାଜ ! ରାଜ୍ୟର ସବୁ ମଙ୍ଗଳ । ଆଉ ରାଜା କଂସ ଯଦି ପଚାରନ୍ତି, ରାଜ୍ୟ କେମିତି ଚାଲିଛି – କହିବି, ରାଜ୍ୟକୁ ଛାମୁ ଯେମିତି ଚଳେଇଚନ୍ତି ସେମିତି ଚାଲିଚି । ଅଷ୍ଟମଲ୍ଲଙ୍କ ବୀରପଣିଆ ଯୋଗୁ ସବୁ ପ୍ରଜାଙ୍କର ବର୍ତ୍ତମାନ ଶନି ଅଷ୍ଟମ ।

ନାଗରିକ – ବାଃ ! ଭଲ କଥା ତ ! ଭଲ ପାଠ ମତେ ପଢ଼େଇଲ ।

ଡଗର – ପାଠ ମୁଁ ତମକୁ ପଢ଼ଉ ନାହିଁ . . . ଏ ପାଠ ରାଜାଘର ଆମକୁ ପଢ଼େଇଚନ୍ତି ।

ଡଗର – (ଗୀତ)

(ଆରେ) ରଜା ଆଗେ ପୁଅ ରାଣୀ ଆଗେ ଝିଅ
ଏ'ତ ରଜାଘର ପାଠ;
ଭଲା, ଏ'ତ ରାଜଧାନୀ ପାଠ ।
ବାଘ ମିରିଗର ନାଟ ଦେଖାଇବି
ହାତେ ମୋ' ଫିରିକି ଛାଟ ଲୋ,
ଛାଡ଼ିଦେ ଛାଡ଼ିଦେ ବାଟ । ୩ ।

(ଗୀତ ଗାଇ ଗାଇ ଡଗରର ପ୍ରସ୍ଥାନ । ନାଗରିକ ଚାହିଁରହିଥାଏ ।)

ତୃତୀୟ ଦୃଶ୍ୟ

[କଂସର ସଭାଗୃହ । ଉପସ୍ଥିତ କଂସ ଓ ଅଷ୍ଟମଲ୍ଲ ।]

କଂସ – ବୀରଗଣ ଅଷ୍ଟମଲ୍ଲ ! ତୁମ୍ଭେମାନେ ଯେଉଁ ଅଲୌକିକ ଶକ୍ତିର ପରିଚୟ ଦେଇଚ, ସେଥିରେ ତ୍ରିପୁରବାସୀ ଆତଙ୍କିତ । ବର୍ତ୍ତମାନ ତୁମମାନଙ୍କ ଗହଣରେ ମୁଁ ଦିଗ୍‌ବିଜୟ ଯାତ୍ରାରେ ଯିବାପାଇଁ ସ୍ଥିର କରିଚି ।

ମଲ୍ଲ – ତା'ପୂର୍ବରୁ ମଥୁରା ରାଜସିଂହାସନରେ ତୁମର ଅଭିଷେକ ହବା

Digitized by srujanika@gmail.com

ଉଚିତ ।

କଂସ – କିନ୍ତୁ ମୋର ପିତା ରାଜା ଉଗ୍ରସେନ ଯେ ଜୀବିତ ?

ମଲ୍ଲ – ତୁମ ପରି ବୀରପୁତ୍ର ଥାଉ ଥାଉ ଉଗ୍ରସେନଙ୍କ ହାତରେ ଥାଉ ରାଜଦଣ୍ଡ ଶୋଭାପାଏନା । ତାଙ୍କୁ ସିଂହାସନଚ୍ୟୁତ କରି ତୁମେ ରାଜ୍ୟଭାର ଗ୍ରହଣକର ।

କଂସ – (ସ୍ୱଗତ) ମଲ୍ଲବୀର ଠିକ୍ କଥା କହୁଚି । ମୁଁ ରାଜା ନ ହେଲେ ଦେବକୀଗର୍ଭରୁ ଯୋଉ ସନ୍ତାନ ଜନ୍ମ ହେବ . . .

ମଲ୍ଲ – ଆଉ କ'ଣ ଭାବୁଚ ବୀର କଂସ ?

କଂସ – ଏଁ ! ନା-ନା . . . ତୁମେ ଠିକ୍ କହିଚ । କିଏ ଅଛି ଡଗର !

(ଡଗରର ପ୍ରବେଶ)

ଡଗର – ଆଦେଶ କରନ୍ତୁ ଛାମୁ !

କଂସ – ପିତାଙ୍କୁ ସମ୍ବାଦ ଦିଅ . . . ମୁଁ ବର୍ତ୍ତମାନ ତାଙ୍କ ସହିତ ସାକ୍ଷାତ କରିବି ।

ଡଗର – ଯଥା ଆଜ୍ଞା ପ୍ରଭୁ ! (ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ

[ମଥୁରା ରାଜସଭା । ପାତ୍ରମନ୍ତ୍ରୀ ଗହଣରେ ଉଗ୍ରସେନ ସିଂହାସନରେ ଆସୀନ ।]

ଉଗ୍ରସେନ – ମହାମନ୍ତ୍ରୀ !

ମନ୍ତ୍ରୀ – କୁହନ୍ତୁ ମହାରାଜ !

ଉଗ୍ରସେନ – ମୋର ବୀରପୁତ୍ର କଂସର ଅତ୍ୟାଚାର କାହାଣୀ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଚି । ପ୍ରତି ରାତ୍ର ପ୍ରଭାତ ହେବା ପୂର୍ବରୁ ରାଜଦରବାରରେ ଯେଉଁସବୁ ସମ୍ବାଦ ଆସି ପହଞ୍ଚୁଚି . . .

ମନ୍ତ୍ରୀ – କ୍ଷମା କରିବେ ମହାରାଜ ! ଯେତିକି ସମ୍ବାଦ ଆପଣ ପାଉଛନ୍ତି ତା'ଠୁଁ ବହୁଗୁଣରେ ଅତ୍ୟାଚାର ଘଟିଯାଉଚି । ଆତଙ୍କିତ ପ୍ରଜାକୁଳ ରାଜଦରବାରକୁ ଆସିବାକୁ ସାହସ କରୁନାହାନ୍ତି ।

ଉଗ୍ରସେନ – ମୋର ପ୍ରିୟପୁତ୍ର ସେ . . . ମୋ' ଜୀବନରୁ ଅଧିକ ।

ମନ୍ତ୍ରୀ – ରାଜ୍ୟର ପ୍ରଜାକୁଳଙ୍କ ଜୀବନ ରକ୍ଷା ମଧ୍ୟ ରାଜାଙ୍କ ପ୍ରଧାନ କର୍ତ୍ତବ୍ୟ ।

Digitized by srujanika@gmail.com

ଉଗ୍ରସେନ – କଂସ ମୋର ଜ୍ୟେଷ୍ଠପୁତ୍ର . . . ଏ ସିଂହାସନର ଅଧିକାରୀ ।

ମନ୍ତ୍ରୀ – ତା ସହିତ ଏ ସିଂହାସନର ମର୍ଯ୍ୟାଦା ରକ୍ଷା କରିବାର ଦାୟିତ୍ୱ ମଧ ତାଙ୍କର ରହିଚି ।

ଉଗ୍ରସେନ – କିନ୍ତୁ ମହାମନ୍ତ୍ରୀ, କଂସ ଯଦି ସେ ଦାୟିତ୍ୱ ପାଳନ ନକରେ ?

ମନ୍ତ୍ରୀ – ଆପଣ ତାଙ୍କୁ ଆଦେଶ ଦେବେ . . . ଉପଦେଶ ଦେବେ ।

ଉଗ୍ରସେନ – ଆଉ . . . ଆଉ ମୋର ଆଦେଶ . . . ମୋର ଉପଦେଶକୁ ଯଦି ସେ ଅବହେଳା କରେ ?

ମନ୍ତ୍ରୀ – ତେବେ ଜ୍ୟେଷ୍ଠପୁତ୍ର କଂସ ପରିବର୍ତ୍ତେ କନିଷ୍ଠପୁତ୍ର ସୁନାସ ହେବେ ମଥୁରାର ରାଜା ।

ଉଗ୍ରସେନ – ନା-ନା ମହାମନ୍ତ୍ରୀ ! ବୀରାଧିବୀରବର କଂସ ମୋର ଜ୍ୟେଷ୍ଠପୁତ୍ର । ତା'ପ୍ରତି ଏ ଅବିଚାର ମୁଁ କରିପାରିବି ନାହିଁ ।

ଡଗର – ମହାରାଜାଙ୍କର ଜୟ ହେଉ ।

ଉଗ୍ରସେନ – କି ସମ୍ବାଦ ଡଗର ?

ଡଗର – ବୀରଚୂଡ଼ାମଣି କଂସ ଶ୍ରୀଛାମୁଙ୍କ ସାକ୍ଷାତ ପାଇଁ ବିଜେ ହଉଚନ୍ତି !

ଉଗ୍ରସେନ – ଶୁଣିଲ ତ ମହାମନ୍ତ୍ରୀ . . . କଂସ ମୋ' ସହିତ ସାକ୍ଷାତ କରିବ । ତାର ଅପକର୍ମ ପାଇଁ ସେ ନିଶ୍ଚୟ ମୋ' ପାଖରେ ଅନୁତାପ କରିବାକୁ ଆସୁଛି । ଏଇ ତ . . . ଆସିଲାଣି !

(କଂସର ପ୍ରବେଶ)

କଂସ – ପ୍ରଣାମ ଗ୍ରହଣ କରନ୍ତୁ ପିତା !

ଉଗ୍ରସେନ – ଆ ବାପ, ଆ । ତୋର ସବୁ କୁଶଳ ତ ?

କଂସ – ମୋର ସବୁ କୁଶଳ ସବୁ ମଙ୍ଗଳ ଗୋଟିଏ କଥା ଉପରେ ନିର୍ଭରକରେ ।

ଉଗ୍ରସେନ – କି କଥା ବାପ ?

କଂସ – ମୁଁ ଚାହେଁ ମଥୁରାର ରାଜସିଂହାସନ ।

ଉଗ୍ରସେନ – ବୁଝିପାରିଲି ନାହିଁ !

କଂସ – ମଥୁରାର ରାଜସିଂହାସନରେ ମୁଁ ଅଭିଷିକ୍ତ ହେବି – ଆଜିଠୁ ମୁଁ ହେବି ମଥୁରାର ରାଜା ।

ମନ୍ତ୍ରୀ – ଏକି ଅସମ୍ଭବ କଥା କହୁଚ ରାଜକୁମାର !

Digitized by srujanika@gmail.com

କଂସ – ମୁଁ ରାଜକୁମାର ନୁହେଁ, ରାଜା ।

ମନ୍ତ୍ରୀ – ପିତା ଯେ ତୁମର ଜୀବିତ ?

କଂସ – ପୁତ୍ରର ଶକ୍ତି ସାମର୍ଥ୍ୟ ଗୌରବ ଗରିମାର ପରିଚୟ ପାଇ ସୁଦ୍ଧା ଯେଉଁ ମନ୍ତ୍ରୀ ପିତାଙ୍କୁ ଏଭଳି କୁମନ୍ତ୍ରଣା ଦେଇପାରନ୍ତି . . . (ମନ୍ତ୍ରୀଙ୍କ ପ୍ରତି କଂସର କ୍ରୋଧଭାବ ସୁସ୍ପଷ୍ଟ । ଉଗ୍ରସେନ ବାଧାଦେଲେ . . .)

ଉଗ୍ରସେନ – ଶୁଣ୍ ଶୁଣ୍ ବାପ ! ତୁ ମୋର ନୟନର ମଣି . . . ମୋ'ର ଜ୍ୟେଷ୍ଠପୁତ୍ର । ଏ ସିଂହାସନ ତ ତୋ'ର !

କଂସ – ମୁଁ ତ ସେତିକି ଚାହୁଁଚି ।

ଉଗ୍ରସେନ – ତୁ ଯାହା ଚାହୁଁଚୁ ତା' ପାଇବୁ । ହେଲେ ତା ପୂର୍ବରୁ ମୋର କେଇପଦ କଥା . . .

କଂସ – କି କଥା ?

ଉଗ୍ରସେନ – (ଗୀତ)

ବୀରପଣ ନୁହେଁ ତ ଖାଲି ରକତେ ଲେଖା
ଧୀରପଣ ଯିଏ କରେ ପରିହାର
ସେ କାହୁଁ ହୋଇବ ବୀରରେ ଲେଖା,
ସେ କାହୁଁ ହୋଇବ . . . . . . । ୦ ।
ରାଜଦଣ୍ଡ ରାଜମୁକୁଟ
ନୁହେଁ ଖାଲି ହଟଚମଟ,
ପ୍ରଜାନୁରଞ୍ଜନ ନୁହେଁ ଯା'ର ଧ୍ୟାନ
ସେ କାହୁଁ ହୋଇବ ରାଜାରେ ଲେଖା,
ସେ କାହୁଁ ହୋଇବ . . . . . . । ୧ ।
ଲୋଭ ଦମ୍ଭ ସ୍ୱାର୍ଥସାଧନ
ନୁହେଁ ଖାଲି ମାନବଧର୍ମ,
ପର ଲାଗି ଯିଏ ପରାଣ ନ ଦିଏ
ମଣିଷପଣରେ ନୁହେଁ ସେ ଲେଖା
ମଣିଷପଣରେ ନୁହେଁ . . . . . . । ୨ ।

କଂସ – ଏସବୁ କଥାର ମୂଲ୍ୟ ମୋ ନିକଟରେ କିଛି ନାହିଁ ।

ଉଗ୍ରସେନ – ନାହିଁ !

Digitized by srujanika@gmail.com

କଂସ – ନା, ଯୋଉ ବିଧାତା ମତେ ଜନ୍ମ ଦେଇଚି, ସିଏ ମତେ ସତ୍‌ମାର୍ଗ ସଦ୍‌ବୁଦ୍ଧି କିଛି . . . କିଛି ଦେଇନି ।

ଉଗ୍ରସେନ – (ଉତ୍ତେଜିତ ହୋଇ) କଂସ !

କଂସ – ମୁଁ ଜାଣିବାକୁ ଚାହେଁ . . . ଆଜି ମୁଁ ଏ ସିଂହାସନରେ ଅଭିଷିକ୍ତ ହେଉଚି ନା ନାହିଁ ?

ଉଗ୍ରସେନ – ତା ପୂର୍ବରୁ ମୁଁ ଜାଣିବାକୁ ଚାହେଁ, ଏ ସିଂହାସନର ମର୍ଯ୍ୟାଦା ରକ୍ଷା କରିବା ପାଇଁ ତୁ ମୋର ପାଦ ଛୁଇଁ ଶପଥ ନବୁ ନା ନାହିଁ ?

କଂସ – ଏ ସିଂହାସନ ମୋର । ମୋ' ନିଜର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଦରକାର ହେଲେ ଏ ସିଂହାସନକୁ ମୁଁ ପଦାଘାତ କରିପାରେ ।

ଉଗ୍ରସେନ – କ'ଣ, କ'ଣ କହିଲୁ ରେ କୁଳାଧମ ! ରାଜବଂଶରେ ଜନ୍ମ ହୋଇ ତୁ ରାଜସିଂହାସନ ପ୍ରତି ଅବମାନନା କରୁଚୁ ? ଜାଣୁ, ମୁଁ ଇଚ୍ଛାକଲେ ଏଇ ମୁହୂର୍ତ୍ତରେ ତୋତେ ଏ ରାଜ୍ୟରୁ ନିର୍ବାସିତ କରିପାରେ !

କଂସ – ନିର୍ବାସିତ ! ହାଃ-ହାଃ-ହାଃ । ମୁଁ ହେବି ନିର୍ବାସିତ ! ବେଶ୍ . . . କିନ୍ତୁ ମଥୁରା ସିଂହାସନର ଏ ଆଦେଶ ପାଳିତ ହେବା ପୂର୍ବରୁ ମଥୁରାଧିପତିଙ୍କ ସହିତ ଥରେ ଏଠି ଶକ୍ତି ପରୀକ୍ଷା ହୋଇଯାଉ । (ତରବାରି କୋଷମୁକ୍ତକଲା)

ଉଗ୍ରସେନ – ମୋ ସହିତ ତୋର ଶକ୍ତି ପରୀକ୍ଷା . . . ସେଥିପାଇଁ ତୋର ହାତରେ ଏ ଉନ୍ମୁକ୍ତ ତରବାରି !

କଂସ – ନିଶ୍ଚୟ ।

(ଏ କଥାରେ ଉଗ୍ରସେନ ଯେପରି ଏକାବେଳକେ ଉପାୟଶୂନ୍ୟ ହୋଇପଡ଼ିଲେ ।)

ଉଗ୍ରସେନ – ନା ! ତୁ ମୋର ପ୍ରିୟତମ ପୁତ୍ର . . . ଏ ବଂଶର ମଉଡ଼ମଣି । ପରମାତ୍ମା ପରମେଶ୍ୱର ମୋ' ଅନ୍ତର ଭିତରେ ମତେ ନିର୍ଦ୍ଦେଶ ଦେଉଚନ୍ତି, ତୋ' କାର୍ଯ୍ୟରେ ମୁଁ ବାଧା ଦେବିନାହିଁ । ଆ ବାପ, ଏ ରାଜମୁକୁଟ ମୁଁ ତୋ ମଥାରେ ପିନ୍ଧାଇଦେଉଚି । (ପିନ୍ଧାଇଦେଲେ) ଆଜିଠୁ ଏ ମଥୁରା କଟକର ତୁ ରାଜା । ମହାମନ୍ତ୍ରୀ ! ଏ ସମ୍ବାଦ ରାଜ୍ୟସାରା ଘୋଷଣା କରିଦିଅ । ସମସ୍ତେ କଂସରାଜାର ଅଭିଷେକ ଉତ୍ସବ ପାଳନକରନ୍ତୁ । ରାଜସଭା ନୃତ୍ୟଗୀତରେ ମୁଖରିତ ହେଉ ।

Digitized by srujanika@gmail.com

ପଞ୍ଚମ ଦୃଶ୍ୟ

[ମଥୁରା ରାଜସଭା । ରାଜବେଶରେ କଂସ ସିଂହାସନରେ ଉପବିଷ୍ଟ । ନର୍ତ୍ତକୀମାନଙ୍କର ନୃତ୍ୟଗୀତ ଆରମ୍ଭହେଲା ।]

(ଗୀତ)

ଆସ ହେ ସୁନ୍ଦର ଆସ
ଆସ ବୀରବର ଆସ ।
ଆସ ମଧୁପୁର
ରାଜରାଜେଶ୍ୱର
ଆଜି ମଥୁରାରେ ମଧୁରାସ । ୦ ।
ଚାନ୍ଦରୁ ଚନ୍ଦନ ତୋଳି
ଶ୍ରୀଅଙ୍ଗେ ଦେବୁ ଗୋ ବୋଳି,
ନନ୍ଦନବନରୁ
କୁଞ୍ଜ-କାନନରୁ
ଆଣିଚୁ ଫୁଲର ମଧୁବାସ । ୧ ।
ଢାଳିଦେଲୁ ତୁମ ପାହାଚ ପଥରେ
ଆମ ଏଇ ତନୁଲତା,
ଚାଲିନିଅ ତୁମେ ଶ୍ରୀପଦ-ପଙ୍କଜ
ଚାପି ଚାପି ଆମ ମଥା
ତୁମ ଅଭିଷେକ ଜାଣି
ଠୁଳକଲୁ ସବୁ ଆଣି,
ଅଳକାର ନୀର
କ୍ଷୀରାବ୍ଧିର କ୍ଷୀର
ମେଘରୁ ବିଜୁଳିକନ୍ୟା ହାସ । ୨ ।

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ମଥୁରାର ରାଜପଥ । ଡଗର ମନକୁମନ ଗୀତ ପଦେ ଗାଇ ଗାଇ

Digitized by srujanika@gmail.com

ଯାଉଥିଲା, ବାଟରେ ନାଗରିକ ସହିତ ଭେଟହେଲା ।]

ଡଗର – (ଗୀତ) ମଥୁରା କଟକ ହାଟ ଲୋ
ନୂଆ ରାଜାଙ୍କର ଥାଟ . . .

ନାଗରିକ – (ବାଧାଦେଇ) ମୁଁ ଏଇଠି ଅଛି ।

ଡଗର – ଜାଣେ । ଆଚ୍ଛା, ଏମିତି କ'ଣ କିଛି କଥା ରହିଛି ଯେ ଯେତେବେଳେ ମୁଁ ଏଇ ବାଟେ ଯିବି ତମ ସାଙ୍ଗରେ ମୋର ଏଇଠି ଭେଟହେବ ?

ନାଗରିକ – ମୁଁ ପରା ତମରି ଅନିଷାରେ ଥିଲି ।

ଡଗର – ତମ ରାଶି କ'ଣ ?

ନାଗରିକ – ତମେ ପୁଅ ଜ୍ୟୋତିଷବିଦ୍ୟା ଜାଣ କି ?

ଡଗର – ହୁଁ ହୁଁ . . . ତମେ କୁହ – ରାଶି କ'ଣ ?

ନାଗରିକ – ମେଷ ।

ଡଗର – ମୋ' ରାଶି କ'ଣ ଜାଣ . . . ସିଂହ ।

ନାଗରିକ – ମୋ ବୋପାଲୋ !

ଡଗର – ଆଉ ଦିନେହେଲେ ମୋ' ଅନିଷାରେ ରହିବନାହିଁ । ସିଂହ ମେଷ ଭେଟାଭେଟି ହେଲେ କ'ଣ ହୁଏ ଜାଣିଚ ଟି ?

ନାଗରିକ – କଂସ ରାଜା ରାଜ୍ୟରେ ଘର କରି ରହିଚି . . . ଜାଣିନାହିଁ ?

ଡଗର – କ'ଣ କହିଲ ?

ନାଗରିକ– ନାଇଁ ମ ପୁଅ, ରାଜା ଆମର ଯେ ଦିଗ୍‌ବିଜୟ କରି ଯାଇଚନ୍ତି...

ଡଗର – ହଁ, ଯାଇଚନ୍ତି ତ । କେତେ କେତେ ଦେଶ ଜୟ କରି ସାରା ସ୍ୱର୍ଗରାଜ୍ୟଟା ଜୟକରିଗଲେଣି ।

ନାଗରିକ – ହଉ, ଭଲ ଭଲ । ଆହୁରି ଜୟ କରି ସେଇଠି ରାଜା ହେଇ ରହନ୍ତୁ . . . ଆଉ ମଥୁରା ନଫେରନ୍ତୁ ।

ଡଗର – କ'ଣ ହେଲା ?

ନାଗରିକ – ତମେ ଦେଖିବ ପୁଅ ! ଏତେ ରାଜ୍ୟ ସେ ଜୟକଲେଣି . . . ଆଉ ମଥୁରା ଫେରିବେନାହିଁ ।

ଡଗର – ସତେ ! (ହସି) ଏଇଥିପାଇଁ ତମେ ମନେ ମନେ ଗୁଡ଼ ଖାଇ ବସିଚ ପରା !

Digitized by srujanika@gmail.com

(ଗୀତ)ଦିନ ଗଣୁଥା ଗଣୁଥା ମେଷ ଛୁଆଟି
ରାତି ନ ପାହୁଣୁ ମଥୁରା କଟକେ
ବିଜେ ହେବେ ପୁଣି କଂସ ନାହାଟି । ୦ ।

ନାଗରିକ – ସତ କହୁଚ ଡଗରପୁଅ, କଂସରାଜା ପୁଣି ଆସୁଚନ୍ତି ?

ଡଗର – ଆସିଲେଣି କୁହ । ପୁଣି ଏକା ନୁହନ୍ତି . . . ସାଙ୍ଗରେ ପଞ୍ଚାଏ ଦେବତାଙ୍କୁ ବାନ୍ଧିଆଣିଚନ୍ତି ।

ନାଗରିକ – କାହିଁକି ହେ ? ଦେବତାଏ ଏଠି କ'ଣ କରିବେ ?

ଡଗର – ଦେବତାଙ୍କ ପାଇଁ କ'ଣ ଏଠି କାମ ନାହିଁ ?

(ଗୀତ)କୁଟି କୁଟି କୁଟି ଚୁଡ଼ା, ଦେବରାଜ ହେବେ ବୁଢ଼ା,
ସାରୁକିଆରିକୁ ପାଣି ବୋହି ବୋହି
ପିତାମହ ହେବେ କୁଆବୁଆଟି । ୧ ।

ଅରୁଣ ବରୁଣ ଅଗ୍ନି
ଖଟିବେ ଛାମୁଖଟଣି,
କୁବେର ଧରିବେ ଝୁଲାମୁଣି ଯେବେ
ତୁମ ପାଇଁ କୁହ କିଏ ସାହାଟି ? । ୨ ।

ନାଗରିକ – ଆମ କଥା ପଚାରେ କିଏ ହୋ ! ସ୍ୱର୍ଗର ଦେବତାମାନେ ପୁଣି ଏମିତି ହିନସ୍ତା ହେବେ ?

ଡଗର – ତମ କଥା ଶୁଣି ହସ ମାଡୁଚି ।

(ଗୀତ)ପିତା ପଦ ଯା'ର ପିତା,
ତାକୁ ଆଉ କିସ ମିଠା,
ସବୁ ଦେଖି ଶୁଣି ଡଗର ବାପୁଡ଼ା
ପିଟି ପିଟି ଯାଏ ଦୁଇ ବାହାଟି । ୩ ।

ଦ୍ୱିତୀୟ ଦୃଶ୍ୟ

[କଂସର ମନ୍ତ୍ରଣାକକ୍ଷ । କଂସ ଏକାକୀ ପଦଚାରଣ କରୁଚି । ପ୍ରବେଶ କଲେ ନାରଦ ।]

ନାରଦ – ନାରାୟଣ . . . ନାରାୟଣ . . .

କଂସ – ଆରେ ! ଦେବର୍ଷି ନାରଦ ! ପ୍ରଣାମ ଗ୍ରହଣ କରନ୍ତୁ । ଆପଣ

Digitized by srujanika@gmail.com

ହଠାତ୍ ?

ନାରଦ – ସବୁ ଭୁଲିଗଲୁ ?

କଂସ – ଆପଣ ଏ କ'ଣ କହୁଚନ୍ତି ? ମଥୁରା ସିଂହାସନରେ ଅଭିଷିକ୍ତ ହୋଇ, ତ୍ରିପୁର ବିଜୟ କରି ଦେବତାମାନଙ୍କୁ ବନ୍ଦୀ କରି ଆଣିଚି... ଭୁଲିଲି ଆଉ କ'ଣ ?

ନାରଦ – ଦେବକୀଗର୍ଭର ସନ୍ତାନ କଥା ?

କଂସ – ଏଁ ! ସତେ ତ ! ମୋର ଯାହା ଜୀବନମରଣ ସମସ୍ୟା ମୁଁ ତାକୁ ଭୁଲିଲି କିମିତି ! ନାଁ-ନାଁ, ଏଇ ଦେଖନ୍ତୁ ଦେବର୍ଷେ ! ଏଇ ମୁହୂର୍ତ୍ତରେ ମୁଁ . . .

(ଇତ୍ୟବସରରେ ନାରଦ ଅନ୍ତର୍ହିତ ହୋଇଯାଇଛନ୍ତି ।)

ଏଁ ! ଦେବର୍ଷି ଅନ୍ତର୍ହିତ ହୋଇଗଲେ ! କାହିଁକି ? ଏହା କ'ଣ ଅଶୁଭର ଲକ୍ଷଣ ? ନାଁ . . . ମୋ ନିକଟରେ ଶୁଭ ଅଶୁଭ କିଛି ନାହିଁ । (ଡାକିଲା) କିଏ ଅଛି ? ଦୌବାରିକ ! (ଦୌବାରିକ ପ୍ରବେଶ କଲା) ଯାଅ, ଏଇ ମୁହୂର୍ତ୍ତରେ ଦେବକୀ ବସୁଦେବଙ୍କୁ ମୋ' ଛାମୁରେ ହାଜର କରାଅ । (ଦୌବାରିକ ପ୍ରସ୍ଥାନ କଲା । କଂସ ଅଳ୍ପ ସମୟ ପାଇଁ ଭିତରକୁ ଯାଇ ପୁଣି ଫେରିଆସିଲା । ଧୀରେ ଧୀରେ କଂସର ମୁଖଭାବ ପରିବର୍ତ୍ତିତ ହେଉଥାଏ । ଛଳନା କରି ସେ ଯଥାସମ୍ଭବ ପ୍ରସନ୍ନ ମନରେ ଦେବକୀ ଓ ବସୁଦେବଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ଅପେକ୍ଷା କରି ରହିଲା । କିଛି ସମୟ ପରେ ଦେବକୀ ଓ ବସୁଦେବ ପ୍ରବେଶ କଲେ ।)

କଂସ – ଆସ ଆସ, ମୋର ପ୍ରାଣର ଭଉଣୀ ଦେବକୀ ! ଆସ ରାଜା ବସୁଦେବ ! ଆସନ ଗ୍ରହଣ କର ।

ଦେବକୀ – ଦୂତ ସମ୍ବାଦ ଦେଲାକ୍ଷଣି ଆମେ ବସିଲା ସ୍ଥାନରୁ ଉଠି ଆସିଚୁ ।

ବସୁଦେବ – ମନରେ ଆମର ଉଦ୍‌ବେଗ ! ତ୍ରିପୁରବିଜୟୀ କଂସ କାହିଁକି ଆମକୁ ଏମିତି ଅସମୟରେ ସ୍ମରଣ କଲେ ?

(କଂସର ଇଙ୍ଗିତରେ ପରିଚାରିକା ଡାଲାଭର୍ତ୍ତି ବସ୍ତ୍ର-ଅଳଙ୍କାର ଆଣି ରଖିଲା ।)

ଦେବକୀ – ଏଁ ! ଏ ସବୁ କ'ଣ ? ଏ ଆୟ-ଅଳଙ୍କାର . . . ଥାକ ଥାକ ପାଟବସ୍ତ୍ର . . . ହୀରାନୀଳା ମୋତିମାଣିକ୍ୟର ଡାଲା ?

Digitized by srujanika@gmail.com

କଂସ – ତୁମ ଦୁହିଁଙ୍କ ଶ୍ରୀହସ୍ତରେ କଂସ ରାଜାର ଏ ଭେଟି ।

ବସୁଦେବ – ଭେଟି ? କାହିଁକି ରାଜା ? ତୁମେ ଆମକୁ ସ୍ମରଣ କଲ . . . ତୁମପରି ଦିଗ୍‌ବିଜୟୀ ବୀରର ଦର୍ଶନ ଆମେ ପାଇଲୁ . . . ତାହା ହିଁ ତ ଆମର ମହାଭାଗ୍ୟ ।

କଂସ – ତ୍ରିପୁର ବିଜୟ କଲି ବୋଲି ମୋର ସହୋଦରା ଜେଷ୍ଠା ଭଗିନୀକୁ ମୁଁ ଭୁଲିଯିବି ? ତା' ପ୍ରାପ୍ୟରୁ ତାକୁ ବଞ୍ଚିତ କରିବି ?

ଦେବକୀ – ଚିରଞ୍ଜୀବୀ ହୁଅ ବାବୁ, ମଥୁରା କଟକରେ ନିଷ୍କଣ୍ଟକ ରାଜ୍ୟ ଭୋଗକର ।

ବସୁଦେବ – ତୁମର ସବୁ କୁଶଳ ତ ରାଜା ? ସବୁ ମଙ୍ଗଳ ତ ?

କଂସ – ସବୁ ମଙ୍ଗଳ ଭିତରେ ଗୋଟିଏ ଅମଙ୍ଗଳ ଗ୍ରହ ମୋ' ଜୀବନନାଟିକାକୁ ଘେରିରହିଚି ।

ଦେବକୀ – ଅମଙ୍ଗଳ ଗ୍ରହ . . . ଜୀବନନାଟିକା – ଏ ସବୁ ତୁ କ'ଣ କହୁଚୁରେ କଂସ ?

କଂସ – (ଗୀତ) ଶୁଣ ଲୋ ଭଗିନୀ ଶୁଣ
ଦୁଃଖ ଯା' କହୁଚି ଶୁଣ
ଘୁଞ୍ଚାଇ ପାରିଲେ ଜନମେ ଜନମେ
ଶୁଝୁଥିବି ତୋର ଋଣ । ୧ ।
ତ୍ରିପୁର କଲି ମୁଁ ଜୟ
ଚରାଚରେ ନାହିଁ ଭୟ
ତୋ ହାତେ ଅଛି ମୋ ଜୀବନନାଟିକା
ଦେଇ କି ପାରିବୁ କହ । ୨ ।

ଦେବକୀ – (ଗୀତ) କହୁ କେତେ ବଡ଼ କଥା
କଟିଯାଉ ମୋର ମଥା
ତୋହ ପରା ଭାଇ ଏ ଜଗତେ କାହିଁ
ଫିଟାଇ କହ ତୋ ବ୍ୟଥା । ୩ ।

ଦେବକୀ– ତୋ' କଥା ଶୁଣି ମୋ ସର୍ବାଙ୍ଗ ଥରୁଚି । କହ, କ'ଣ ହୋଇଚି ?

କଂସ – (ଗୀତ) ମୋ'ଠାରେ ଯେବେ ତୋ ଆଶ
ନ ଯିବି ଯେବେ ମୁଁ ନାଶ

Digitized by srujanika@gmail.com

ତିନିବାର ସତ୍ୟ କରି କହ ମତେ
ନ ହେବି ଯେହ୍ନେ ନିରାଶ । ୪ ।

ବସୁଦେବ – ଆମକୁ ଆଉ ସଂଶୟ-ସାଗରରେ ବୁଡ଼ାଇ ରଖ ନାହିଁ ରାଜା ! ତମ ମନକଥା ଖୋଲି କହ ।

କଂସ – କହିଲି ତ – ତିନିବାର ସତ୍ୟ କଲେ ମୋ' କଥା କହିବି ।

ବସୁଦେବ – ତ୍ରିପୁରବିଜୟୀ କଂସକୁ ଆମର ଅଦେୟ କ'ଣ ଅଛି ଯେ ତୁମେ ଅଧୀର ହୋଇପଡୁଚ ?

ଦେବକୀ – ମଥୁରାପୁରୀର ଗୌରବ ତୁ . . . ଭୋଜବଂଶର ମଉଡ଼ମଣି । ତୋ ପାଇଁ ମୋ ଜୀବନ ମୁଁ ଉତ୍ସର୍ଗ କରିଦେଉଚି । ତଥାପି ତୁ କହୁଚୁ ଯଦି ମୁଁ ସତ୍ୟ କରୁଚି ।

କଂସ – ତୁ ଏକା ନୋହୁଁ – ତୁମେ ଦୁହେଁ ସତ୍ୟ କର ।

ବସୁଦେବ – ଦୁହେଁ ?

କଂସ – ହଁ, ସ୍ୱାମୀ ସ୍ତ୍ରୀ ଦୁହେଁ ।

(ସ୍ୱଳ୍ପକାଳ ପାଇଁ ଦେବକୀ ଓ ବସୁଦେବ ପରସ୍ପରକୁ ଚାହିଁରହିଲେ ।)

ଦେବକୀ – ବେଶ୍, ଆମେ ଦୁହେଁ ସତ୍ୟ କରୁଚୁ !

ଦେବକୀ ଓ ବସୁଦେବ – (ଗୀତ)

ତ୍ରିବାର କରୁଛୁ ସତ୍ୟ ସଙ୍ଗେ ଟେକି ପାଣି
ତ୍ରିବାର କରୁଛୁ ସତ୍ୟ ସାକ୍ଷୀ ଚକ୍ରପାଣି ।
ହୃଦପଦ୍ମେ ରଖି ହସ୍ତ
କରୁଛୁ ତ୍ରିବାର ସତ୍ୟ
ବହିଲେ ବହିବ ପଛେ ଯମୁନା ଉଜାଣି
ଟଳିବନି କଥା କେବେ ଢଳିବନି ବାଣୀ । ୧ ।

କଂସ – ଶୁଣ ତେବେ । ମୁଁ ତ୍ରିପୁର ଜୟ କରିଚି । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ କେଉଁଠି କାହାରିକୁ ମୋର ଭୟ ନାହିଁ; କିନ୍ତୁ ମୋର ଶତ୍ରୁ ଅଛି ଏଇଠି-- ଏଇ ମଥୁରାରେ ।

ଦେବକୀ – କିଏ ସେ ?

କଂସ – ତୋ'ରି ଗର୍ଭରୁ ଯେଉଁ ସନ୍ତାନ ଜନ୍ମ ହେବ ତା'ରି ହାତରେ ମୋର ମୃତ୍ୟୁ ନିହିତ . . . ସେଇ ମୋର ଶତ୍ରୁ ।

Digitized by srujanika@gmail.com

(ଉଭୟ ଦେବକୀ ଓ ବସୁଦେବ ଆତଙ୍କିତ ହୋଇଉଠିଲେ ।)

ବସୁଦେବ – ଏ ଅସମ୍ଭବ କଥା କହୁଚ କିପରି ମହାରାଜ କଂସ ?

ଦେବକୀ – ଏକା ମା' ଗର୍ଭର ଭାଇଭଉଣୀ ଆମେ ! ମୋର ସନ୍ତାନ ତୋର ଭଣଜା ହେବ ସେ . . . ସିଏ ପୁଣି ତୋର ଶତ୍ରୁ ! ନା-ନା କଂସ, ଏ କଥା ତୁ କହନା ।

କଂସ – ତୁ ଜାଣୁ ତୋର କେତୋଟି ସନ୍ତାନ ଜନ୍ମ ହେବେ ?

ଦେବକୀ – ନା . . .

କଂସ – ମୁଁ ଜାଣେ – ଆଠଗୋଟି । ମୋର ଭିକ୍ଷା . . . ଜନ୍ମ ହେବାକ୍ଷଣି ଗୋଟିକ ପରେ ଗୋଟିଏ କରି ତୋ'ର ସବୁ ସନ୍ତାନକୁ ତୁ ମତେ ଦେଇଦେବୁ ।

ବସୁଦେବ – ତା'ପରେ ?

କଂସ – କ'ଣ ତା'ପରେ ?

ଦେବକୀ – ମୋ ସନ୍ତାନମାନଙ୍କୁ ନେଇ ତୁ କରିବୁ କ'ଣ ?

କଂସ – ଯିଏ ମୋର ଶତ୍ରୁ ତାକୁ ତ ଖଣ୍ଡକ୍ଷୀର ଦେଇ ପୋଷିବି ନାହିଁ – ଗୋଟି ଗୋଟି କରି ସମସ୍ତଙ୍କୁ ହତ୍ୟାକରିବି ।

ଦେବକୀ ଓ ବସୁଦେବ – କଂସ !!

କଂସ – ତୁମେ ଦୁହେଁ ସତ୍ୟ କରିଚ . . . ତ୍ରିବାର ସତ୍ୟ !

ଦେବକୀ – ହାତରେ ତୋର ଶାଣିତ ତରବାରି – ସେଇଥିରେ ମତେ ଦି'ଗଡ଼ କରିଦେ – ସବୁ ଅଡୁଆ ତୁଟିଯିବ !

କଂସ – ତୁ ତ ମୋର ଶତ୍ରୁ ନୋହୁ ।

ଦେବକୀ – ଆଉ . . . ଆଉ ମୋ ଗର୍ଭର ସନ୍ତାନ ? ଏନ୍ତୁଡ଼ିଶାଳର କଅଁଳା ଶିଶୁ . . . ସିଏ ତୋର ଶତ୍ରୁ ?

କଂସ – ମୁଁ ଶେଷବାର ପାଇଁ ତ୍ରିବାର ସତ୍ୟକଥା ସ୍ମରଣ କରାଇଦେଉଚି ।

(ବେଳକୁବେଳ ଦେବକୀ ଅସହାୟ ହୋଇପଡୁଥା'ନ୍ତି ।)

ବସୁଦେବ – ମୁଁ ମଧ୍ୟ ସେଇକଥା କହୁଚି ଦେବକୀ ! ଆମେ ସତ୍ୟ କରିଚେ । ଆମ ପାଖରେ ଜୀବନ ଅପେକ୍ଷା ବଚନର ମୂଲ୍ୟ ବେଶି !

(ଦେବକୀଙ୍କ ଚକ୍ଷୁରୁ ଅଶ୍ରୁର ବନ୍ୟା ଛୁଟିଚାଲିଥାଏ ।)

ଦେବକୀ – ମୋର ସହୋଦର ଭାଇ ତୁ . . . ମହାବୀର ମହାପ୍ରତାପୀ

Digitized by srujanika@gmail.com

କଂସ । ତୁ ନ ବଞ୍ଚି ମୋର ସନ୍ତାନ ବଞ୍ଚିବେ ? ନା, ମୋ ସତ୍ୟ ମୁଁ ରକ୍ଷାକରୁଚି । ଜନ୍ମହେବାମାତ୍ରେ ଗୋଟି ଗୋଟି କରି ମୋର ଆଠଗୋଟି ସନ୍ତାନଙ୍କୁ ମୁଁ ତୋ'ରି ହାତରେ ଟେକିଦେଲି . . . ହଁ, ତୋରି ହାତରେ . . . ମୋ' ଭାଇ ହାତରେ . . . ମହାବୀର କଂସ ହାତରେ . . . ମଥୁରା ରାଜବଂଶର କୁଳପ୍ରଦୀପ ମହାରାଣୀ ଇନ୍ଦୁମତୀଙ୍କ ପୁତ୍ର ମୋ' ପ୍ରାଣର ଭାଇ ତୁ – ତୋ'ରି ହାତରେ ।

ବସୁଦେବ – ଆସ ଦେବକୀ . . . ଆସ । (ଦୁହିଁଙ୍କର ପ୍ରସ୍ଥାନ)

କଂସ – ହାଃ-ହାଃ-ହାଃ . . . ହାଃ ହାଃ – (ଡଗର ପ୍ରବେଶକଲା)

ଡଗର – ଛାମୁ !

କଂସ – କିଏ ? ଓ ଡଗର ! . . . ହଁ, ଯାଅ ଶୀଘ୍ର – ପିତା ଉଗ୍ରେସେନଙ୍କୁ ସମ୍ବାଦ ଦିଅ ।

ଡଗର – ଛାମୁ ଯାଇ ତାଙ୍କୁ ସାକ୍ଷାତ କରିବେ ?

କଂସ – ନା – ସେ ଆସି ମୋତେ ସାକ୍ଷାତ କରନ୍ତୁ ।

ଡଗର – ଆଜ୍ଞା, ଆଜ୍ଞା ଛାମୁ ! (ପ୍ରସ୍ଥାନ)

କଂସ – ହୁଁ . . . (ତିନିଥର ତାଳି ମାରିଲା । ମୃଦୁସ୍ମୃଳୀର ପ୍ରବେଶ)

ମୃଦୁସ୍ମୃଳୀ – ମଣିମା !

କଂସ – ଶୁଣ୍ ମୃଦୁସ୍ମୃଳୀ – ମୋର ଭଉଣୀ ଦେବକୀ . . .

ମୃଦୁସ୍ମୃଳୀ – ଗଲେ ତ ମଣିମା . . . ମୁଁ ଦେଖିଚି କାନ୍ଦି କାନ୍ଦି ଏଠୁ ଗଲେ ।

କଂସ – କାନ୍ଦି ନାହିଁ, ସେ ଆହୁରି କାନ୍ଦିବ । ତା' ଆଖିରୁ ଲୁହ ପୋଛିବାକୁ ମୁଁ ତୋତେ କହୁନି ।

ମୃଦୁସ୍ମୃଳୀ – ନାଇଁ ମଣିମା ।

କଂସ – ତୁ ତା' ପାଖେ ପାଖେ ରହିବୁ ।

ମୃଦୁସ୍ମୃଳୀ – ଭଲକଥା ମଣିମା ! ଏଇ ଉଆସର ରାଜଜେମା ସେ !

କଂସ – (ରାଗି) ଚୁପ୍ କର !

ମୃଦୁସ୍ମୃଳୀ – ମ . . . ମଣିମା !

କଂସ – ଯେତେବେଳେ ତା'ର ସନ୍ତାନ ଜନ୍ମ ହେବ ମତେ ସାଙ୍ଗେ ସାଙ୍ଗେ ଆସି ଜଣାଇବୁ . . . ବୁଝିଲୁ ?

ମୃଦୁସ୍ମୃଳୀ – ମଣିମା !

Digitized by srujanika@gmail.com

କଂସ – ସାଙ୍ଗେ ସାଙ୍ଗେ . . .
ମୁଦ୍ରସୁଲୀ – ସାଙ୍ଗେ ସାଙ୍ଗେ ।
କଂସ – ଯାଅ ।
ମୁଦ୍ରସୁଲୀ – ଆଜ୍ଞା ମଣିମା !
(ମୁଦ୍ରସୁଲୀର ପ୍ରସ୍ଥାନ । ଡଗର ସହ ଉଗ୍ରସେନଙ୍କ ପ୍ରବେଶ)
ଉଗ୍ରସେନ – କାହିଁ, କାହିଁ ମୋର ବୀରପୁତ୍ର ?
ଡଗର – ଆସନ୍ତୁ ମଣିମା . . . ବିଜେ କରନ୍ତୁ । ମଥୁରାରାଟ ଏଇ କକ୍ଷରେ ଅପେକ୍ଷା କରିଚନ୍ତି - ଆସନ୍ତୁ ।
ଉଗ୍ରସେନ – ତୁ ମତେ ସ୍ମରଣ କରିଚୁ ବାପ ?
କଂସ – ଦେବକୀ ପରି ଝିଅକୁ ଜନ୍ମ ଦେଇ ମନ ମାନିଲା ନାହିଁ ଯେ ମତେ ନ ଜଣାଇ ମୋର ଅନୁମତି ନ ନେଇ ବସୁଦେବ ସହିତ ତାର ବିବାହ ଦେଲ ?
ଉଗ୍ରସେନ – ଏ କଥା କାହିଁକି କହୁଚୁ ?
କଂସ – ତୁମେ ମତେ କୁହ . . . ମଥୁରା କଟକରେ ରାତି ଜଗୁଆଳ କାମ ଠିକ୍ ଚାଲିଚି ତ ?
ଉଗ୍ରସେନ – ମୁଁ ଯାହା ଜାଣେ ଠିକ୍ ଚାଲିଚି ।
କଂସ – ମୁଁ ସେଥିରେ ସନ୍ତୁଷ୍ଟ ନୁହେଁ । ଆଜିଠୁଁ ତୁମେ ହେବ କଟୁଆଳ ।
ଉଗ୍ରସେନ – ମୁଁ କଟୁଆଳ ହେବି ?
କଂସ – ହଁ । ଦିନରେ ରାଜପୁରୀ କଥା ବୁଝିବ, ରାତିରେ ହବ କଟୁଆଳ ।
ଉଗ୍ରସେନ – ମୁଁ କଟୁଆଳ ହେଲେ ତୋତେ ଶୋଭା ପାଇବ ତ ?
କଂସ – ମୋ' ଶୋଭା କଥା ମୁଁ ଜାଣେ । ମୋର ଆଦେଶ – ତୁମେ ହବ କଟୁଆଳ ।
(ଦୁଃଖ, କ୍ଷୋଭ ତଥା ବିସ୍ମୟଭାବ ଉଗ୍ରସେନଙ୍କ ମୁହଁରେ ସୁସ୍ପଷ୍ଟ ।)
ଉଗ୍ରସେନ – ଆଦେଶ ଶିରୋଧାର୍ଯ୍ୟ ।
କଂସ – ମଥୁରା କଟକରୁ କେହି ଯେପରି ପଳାଇନଯା'ନ୍ତି ।
(ସେ କଥାରେ ଉଗ୍ରସେନଙ୍କ ମୁହଁରେ କ୍ଷୋଭଭରା ଶୁଷ୍କ ହସ ଫୁଟିଉଠିଲା ।)
ଉଗ୍ରସେନ – ରଜାଘର ପୁଅ କଟୁଆଳ ହେଲେ ସେ କ'ଣ କାହାକୁ କେଭେଁ ଛାଡ଼ିଦେବ ?

Digitized by srujanika@gmail.com

କଂସ – ଏହା ଅନ୍ୟଥା ହେଲେ ଉପଯୁକ୍ତ ଶାସ୍ତି ଭୋଗିବ – ଯାଅ !
(ଉଗ୍ରସେନଙ୍କର ପ୍ରସ୍ଥାନ)

ତୃତୀୟ ଦୃଶ୍ୟ

[ମଥୁରା ରାଜପଥ । ପ୍ରାଣଖୋଲା ହସ ହସି ଡଗର ଆସିଲା ।]

ଡଗର – (ଗୀତ)

ମଥୁରାଗଡ଼ ହେଲା ଆକଟ
ହାତେ ହାତକଡ଼ି ଗୋଡ଼େ ଲୁହାବେଡ଼ି
ପଡ଼ିଯିବ ଠିକେ ହୁଡ଼ିଲେ ବାଟ । ୧ ।
ଅଙ୍ଗେ ଭିଡ଼ି କାଳିଆ ଅଙ୍ଗା
ହାତେ ଧରି ବାଉଁଶ ଠେଙ୍ଗା
ଭାରି ସେ ପ୍ରବଳ ନୂଆ କଟୁଆଳ
ଦେଖିଲେ ପଡୁଚି ତାଟି-କବାଟ
କି ଛୁଟୁଛି ଘଟ । ୨ ।

(ନାଗରିକ ଅପେକ୍ଷା କରି ରହିଚି)

ନାଗରିକ – ହେଇତି . . .

ଡଗର – ପୁଣି ?

ନାଗରିକ – ମୁଁ ଜ୍ୟୋତିଷୀଙ୍କୁ ପଚାରିଥିଲି । ସେ କହିଲେ ସିଂହ ରାଶି ଆଉ ମେଷ ରାଶି ନବପଞ୍ଚକ – ରାଜଯୋଟକ ।

ଡଗର – ତମର ମୋର ରାଜଯୋଟକ ?

ନାଗରିକ – ହଁ . . . ସେଇଥିପାଇଁ ତମ କଥାଗୁଡ଼ାକ ମୋ' ମନକୁ ଭାରି ପାଏ ।

ଡଗର – କି କଥା ?

ନାଗରିକ – ସବୁ କଥା ! ସେଦିନ ଯେମିତି କହିଲ – ରଜାଙ୍କ ଆଗରେ ପୁଅ, ରାଣୀଙ୍କ ଆଗରେ ଝିଅ ।

ଡଗର – ଭୁଲ କହିଥିଲି ? ଭୁଲ କହିଥିଲି କି ! ଦେଖିଲ ତ ସେଇ ନୀତିରେ କାମ ଚାଲିଚି । ଦିନରେ ରାଜକାର୍ଯ୍ୟ . . . ରାତିରେ କଟୁଆଳ ।

ନାଗରିକ – ଆଉ ତମ କଥା ?

Digitized by srujanika@gmail.com

ଡଗର – ମୋ କଥା ଛାଡ଼ ଭାଇ ! ମୋର ବାପା ନାହାନ୍ତି କି ପୁଅ ନାହିଁ ଯେ ମୁଁ କାହାକୁ ଆଦେଶ ଦେବି କି ମତେ କିଏ ଆଦେଶ ଦବ । ମୋ ମନ ଖାଲି ଉଡୁଚି କି ବୁଡୁଚି । ଦିନରାତି କଥା କିଏ ପଚାରେ – ମୁଁ ଏ ଜନମରେ ଥାଇ ଆର ଜନମ କଥା ଭାବିଲିଣି ।

ଡଗର – (ଗୀତ)

ଦିନବେଳେ ରଜାଙ୍କ ଦୂତ
ରାତିରେ ମୁଁ ବାବନାଭୂତ
କି ପବନସୁତ
ଏ ଜନମେ ମୁହିଁ ରଜାର ଡଗର
ସେ ଜନମେ ହେବି ମନ୍ତ୍ରୀଙ୍କ ଚାଟ
କି ସାଜିବି ନଟ । ୩ ।

ଚତୁର୍ଥ ଦୃଶ୍ୟ

[ରାଜପୁରୀରେ କଂସ ବିଶ୍ରାମରତ । ମୃଦୁସୁଲୀ ଆସିଲା ।]

ମୃଦୁସୁଲୀ – ମଣିମା, ମଣିମା !

କଂସ – କିଏ ? ମୃଦୁସୁଲୀ ! କି ସମ୍ବାଦ ?

ମୃଦୁସୁଲୀ – ପୁଅ ହେଇଚି ।

କଂସ – ଦେବକୀର ପୁଅ ?

ମୃଦୁସୁଲୀ – ହଁ, ଭାରି ସୁନ୍ଦର – ଗୁଲୁଗୁଲିଆ . . . ଲମ୍ବା ନାକ, ବଡ଼ ବଡ଼ ଆଖି . . .

କଂସ – (ମୃଦୁସୁଲୀ କଥାରେ ବାଧାଦେଇ) କ'ଣ କରିବି . . . କଅଣ କରିବି ! ମୃଦୁସୁଲୀ, ତୁ' ଯା । ନା ନା . . . ମୁଁ ନିଜେ ଯିବି –ନିଜେ –ନିଜେ । (ପ୍ରସ୍ଥାନ)

ପଞ୍ଚମ ଦୃଶ୍ୟ

[ଦେବକୀ ଓ ବସୁଦେବଙ୍କ ଶୟନକକ୍ଷ । ଦେବକୀଙ୍କ କୋଳରେ ତାଙ୍କର ପ୍ରଥମ ପୁତ୍ରସନ୍ତାନ । ଉପସ୍ଥିତ ବସୁଦେବ ।]

ଦେବକୀ – ସ୍ୱାମୀ, ଦେଖ ଥରେ . . . ଏଣେ ଚାହିଁ ଦେଖ ।

Digitized by srujanika@gmail.com

ବସୁଦେବ – ଦେଖୁଚି ଦେବକୀ . . . ଆମର ପ୍ରଥମ ସନ୍ତାନ . . . ତା'ର ସୁନ୍ଦର ସୁକୁମାର ରୂପ । କିନ୍ତୁ ତାକୁ ଦେଖି ଆନନ୍ଦ ଉଲ୍ଲାସ କରିବାର ଅବକାଶ ଆମର ନାହିଁ ।

ଦେବକୀ – ମୁଁ କହୁଚି, ଚାଲ ପୁଅକୁ ନେଇ ଆମେ ମଥୁରା ଛାଡ଼ି ଚାଲିଯିବା ।

ବସୁଦେବ – ତୁମେ ସତ୍ୟବଦ୍ଧ ଦେବକୀ ! ପୁଣି ଆମେ ନାମକୁମାତ୍ର ରାଜପୁରୀରେ ରହିଛୁ । ବନ୍ଦୀଶାଳାଠୁ ବଳି ଆମର ଏ ନିବାସକକ୍ଷ । ଦାସୀ ପରିବାରୀ ମୃଦୁସୁଲୀଙ୍କ ସତର୍କ ଦୃଷ୍ଟି ସବୁବେଳେ ଆମ ଉପରେ ରହିଚି ।

ଦେବକୀ – କଅଣ କରିବି ମୁଁ ତେବେ କୁହ ? କଂସ ଯଦି ଆସେ ? ପୁଅକୁ ମୋର ନେଇଯିବାକୁ କୁହେ ?

ବସୁଦେବ – ଛାତିକୁ ପଥର କରି, ଆଖିର ଲୁହକୁ ଆଖିତଳେ ଚାପି...

ଦେବକୀ – ନା . . . ନା . . .

କଂସ – (ବାହାରୁ) ଦେବକୀ . . . ଦେବକୀ !

ଦେବକୀ – ହେ ଭଗବାନ୍ . . . ହେ ଗୋଲୋକବିହାରୀ ବିଷ୍ଣୁ !

(କଂସ ଭିତରକୁ ଆସିଲା)

କଂସ – ଦେବକୀ ! କାହିଁ ତୋର ପୁତ୍ର ? ଏଇତ . . . ତୋର କୋଳରେ । ଦେ ମତେ ଦେ ! କ'ଣ କିଛି କହୁନୁ ଯେ ? ରାଜା ବସୁଦେବ ! (ବସୁଦେବ ଅସହାୟ ଦୃଷ୍ଟିରେ ଦେବକୀ ଆଡ଼େ ଚାହିଁଲେ)

ବସୁଦେବ – ଦେବକୀ !

ଦେବକୀ – ସେଦିନ . . . ସେଦିନ ଯେଉଁ ପରମାତ୍ମାଙ୍କୁ ସାକ୍ଷୀ ରଖି ସତ୍ୟ କରିଥିଲି . . . ଆଜି ତାଙ୍କୁଇ ସ୍ମରଣ କରି . . .

କଂସ – (ଗର୍ଜିଉଠି) ତୋର ବାକ୍‌ଚାତୁରୀ ଶୁଣିବାକୁ ମୋର ବେଳ ନାହିଁ । ଦେ ସେ ନରାଧମ ଶିଶୁକୁ ଦେ ।

(ଦେବକୀ କୋଳରୁ ଶିଶୁକୁ ଛଡ଼ାଇଆଣିଲା)

ଦେବକୀ – ସ୍ୱାମୀ ! (କାନ୍ଦି କାନ୍ଦି ଲୋଟିଗଲେ)

ବସୁଦେବ – ଦେବକୀ . . . ଦେବକୀ !

କଂସ – ହାଃ-ହାଃ-ହାଃ . . . (ଶିଶୁକୁ ନେଇ ବାହାରକୁ ଚାଲିଆସିଲା ।)

Digitized by srujanika@gmail.com

(ଗୀତ)

ଆରେ ମୂଢ଼ ଶିଶୁ କିଆଁ କଲୁ ଏଡ଼େ କର୍ମ
କି ସାହସେ ମୋ' ଅରାତି ରୂପେ ନେଲୁ ଜନ୍ମ,
ମୁହିଁ ରାଜା କଂସ ରେ
ନିମିଷେ କରିବି ତୋତେ ଧ୍ୱଂସରେ । ୧ ।
କେଉଁ ଜନମରେ ତୁ'ଟା କଲୁ କେଉଁ ପାପ
କେଉଁ ରୋଷାନଳେ କିଏ ଦେଲା ଅଭିଶାପ,
ଥିଲା ଏହି ଭୋଗରେ,
ଜନମିଲୁ ନେଇ ମୃତ୍ୟୁଯୋଗରେ । ୨ ।
ସୁକୁମାର ତନୁ ତୋର ସହି ନ ପାରିବି
ଦର୍ପଣଶିଳାରେ ତୋତେ କଚାଡ଼ି ମାରିବି,
ନାହିଁ କାହିଁ ଠାବରେ । ୩ ।

କଂସ – ମୂଢ଼ ନରାଧମ ! ମୋ'ରି କଟକରେ ତୁ ମୋର ଶତ୍ରୁ ହୋଇ ଜନ୍ମ ହେବୁ ? ତୋର ଏ ଦୁଇ ପାଦକୁ ଧରି ଶିଳାରେ କଚାଡ଼ି ତୋତେ ମାରିବି । ଏଇ ସେ ଦର୍ପଣଶିଳା – ଏଇ . . . ହାଃ-ହାଃ-ହାଃ . . . (ଶିଶୁର ଦୁଇପାଦକୁ ଧରି ଶିଳାରେ କଚାଡ଼ି ମାରିଲା ।)

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ଗୋଲୋକ – ଶ୍ରୀବିଷ୍ଣୁ ବିଶ୍ରାମରତ । ପ୍ରବେଶକଲେ ନାରଦ ।]

ନାରଦ – ନାରାୟଣ . . . ନାରାୟଣ . . .

ବିଷ୍ଣୁ – ଆସନ୍ତୁ ଦେବର୍ଷେ ! ମୁଁ ଆପଣଙ୍କ ଅପେକ୍ଷାରେ ହିଁ ଥିଲି ।

ନାରଦ – ଏ ଚରାଚର ବିଶ୍ୱ ଯାହାଙ୍କ ଅପେକ୍ଷାରେ, ସିଏ ପୁଣି ମତେ ଅପେକ୍ଷା କରିଚନ୍ତି ! ଏ ବ୍ରହ୍ମଚାରୀକୁ ଭୁଲାଇ ଦେବାର ଚେଷ୍ଟା କରନ୍ତୁ ନାହିଁ ନାରାୟଣ !

ବିଷ୍ଣୁ – (ଅଳ୍ପ ହସି) ସମ୍ବାଦ କ'ଣ କହନ୍ତୁ ?

ନାରଦ – ଭୂମିନନ୍ଦନ କଂସର ଅତ୍ୟାଚାରର ସମାପ୍ତି କ'ଣ ହେବନାହିଁ ?

Digitized by srujanika@gmail.com

ଦେବକୀ-ବସୁଦେବର କରୁଣ କାହାଣୀ କ'ଣ ଆପଣଙ୍କ ମନକୁ ବିଚଳିତ କରୁନାହିଁ ?

ବିଷ୍ଣୁ – କଂସର ବନ୍ଦିଶାଳାରୁ ମୁକ୍ତ ହୋଇ ଦେବଗଣ ମୋ' ନିକଟକୁ ଆସିଥିଲେ । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା . . . କଂସର ଅତ୍ୟାଚାରରୁ ଆମକୁ ରକ୍ଷାକର ।

ନାରଦ – ଭାଗ୍ୟ ! ବୃହସ୍ପତିଙ୍କ ଉପଦେଶ ମାନି କଂସ ଦେବତାମାନଙ୍କୁ ମୁକ୍ତ କରିଦେଇଚି . . . ତା' ନ ହେଲେ ଏପର୍ଯ୍ୟନ୍ତ ସେମାନେ ସେଇଠି ପଡ଼ିରହିଥା'ନ୍ତେ ।

ବିଷ୍ଣୁ – ମୁଁ ସ୍ୱୀକାର କରୁଚି ଦେବର୍ଷେ, କଂସ ଆଉ ବେଶିଦିନ ବଞ୍ଚିରହିଲେ ତା'ର ଅତ୍ୟାଚାର ସହସ୍ରଗୁଣ ବଢ଼ିଯିବ । ଏବେଠୁଁ ତା'ର ମୃତ୍ୟୁର ଉପାୟ ଚିନ୍ତା କରିବାକୁ ହେବ ।

ନାରଦ– ସେଇଥିପାଇଁ ତ ହତଭାଗିନୀ ଦେବକୀଗର୍ଭରେ ଆପଣ ଜନ୍ମଗ୍ରହଣ କରି ତାକୁ ଯୁଗ-ଯୁଗ ପାଇଁ ମହାଭାଗ୍ୟବତୀ ନାରୀର ସମ୍ମାନ ଦେବେ ।

ବିଷ୍ଣୁ – ଦେବକୀଙ୍କ ଗର୍ଭରେ ଜନ୍ମଗ୍ରହଣ . . . ଏଥିପାଇଁ କି କଷ୍ଟ ସ୍ୱୀକାର, କି ଅସାଧ ସାଧନ କରିବାକୁ ଯେ ପଡ଼ିବ . . .

ନାରଦ – ଏ ଜଗତର କଲ୍ୟାଣ ପାଇଁ ଜଗତନାଥ ବିଷ୍ଣୁଙ୍କୁ ତ ସୃଷ୍ଟିର ଆରମ୍ଭରୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଚି !

ବିଷ୍ଣୁ – ଭବିଷ୍ୟତ ପାଇଁ ତାହାହିଁ ମୋର ପ୍ରଧାନ ସମ୍ବଳ . . . ଏକ ମାତ୍ର ସାନ୍ତ୍ୱନା ।

ନାରଦ – ମୁଁ ଯାଏଁ ତେବେ . . . ଦେବଗଣଙ୍କୁ ଏ ସୁସମ୍ବାଦ ଦିଏ । ନାରାୟଣ . . . ନାରାୟଣ . . . (ପ୍ରସ୍ଥାନ)

ବିଷ୍ଣୁ – ମାତା ଦେବକୀ, ତମ ପବିତ୍ର ଗର୍ଭରେ ମୁଁ ସ୍ଥାନ ପାଇବି – ଜାଣେନା ଏ ସୌଭାଗ୍ୟ ତମର କି ମୋର । ଏଇଠି ଥାଇ ମୁଁ ନିବେଦନ କରୁଚି, ସେ ପର୍ଯ୍ୟନ୍ତ ତୁମେ ଧୈର୍ଯ୍ୟ ଧରି ରୁହ ।

ଦ୍ୱିତୀୟ ଦୃଶ୍ୟ

[ରାଜପୁରୀର ଏକ ଆବଦ୍ଧ ଅଂଶ । ଦେବକୀ ଓ ବସୁଦେବଙ୍କ ଶୟନକକ୍ଷ । ଦେବକୀ ଅତି ଆକୁଳରେ କାନ୍ଦୁଥାନ୍ତି ।]

Digitized by srujanika@gmail.com

ଦେବକୀ – (କାନ୍ଦି କାନ୍ଦି) ଧୈର୍ଯ୍ୟ ! ଧୈର୍ଯ୍ୟଧରି ରହିବି ! କିନ୍ତୁ କେତେ କାଳ ? ଆଉ କାହିଁକି ବା ଧୈର୍ଯ୍ୟ ଧରି ରହିବି ? କି ଆଶା – କାହା ଭରସାରେ ? କୁହ, କୁହ ତୁମେ !

ବସୁଦେବ – କହିବାର କଥା ମୋ ତୁଣ୍ଡରେ ଥିଲେ ପ୍ରତିକାର ଶକ୍ତି ମଧ୍ୟ ମୋର ଥାନ୍ତା ଦେବକୀ ! କିନ୍ତୁ ମୁଁ ନିରୁପାୟ । ନିଜର ବିବେକର ଦ୍ୱାହି ଦେଇ ଯେଉଁ ସତ୍ୟ ତୁମେ କରିଚ . . .

ଦେବକୀ – ସତ୍ୟ-ସତ୍ୟ-ସତ୍ୟ . . . ଏକ ମା' ରକ୍ତର ଭାଇ ଯିଏ ତାର ଜୀବନ ରକ୍ଷା ପାଇଁ ମୁଁ ଅନ୍ଧୁଣୀ ହୋଇ ସତ୍ୟକରିଥିଲି । ହେଲେ ତୁମେ ଆଜି ତ୍ରିଭୁବନ ବୁଲିଆସି ମୋତେ କୁହ – ସତ୍ୟ ପାଳନ ଲାଗି କୋଉ ମାଆ ଗୋଟିଏ ନୁହେଁ . . . ଦୁଇଟି ନୁହେଁ . . . ତା'ର ଛ'-ଛ'ଟି ସନ୍ତାନକୁ ମରଣ ମୁହଁକୁ ଟେକିଦେଇଚି !

ବସୁଦେବ – ଦେବକୀ !

ଦେବକୀ – ଛ'ଟି ସନ୍ତାନ ମୋର . . . ଛ'ପୁଅ । କାହାନ୍ତି ସେମାନେ ? କେଉଁଠି–କୁହ ତୁମେ ! ମୋ ଛ'ପୁଅକୁ କିଏ ମତେ ଆଣିଦେବ ? କିଏ ଆଣିଦେବ ମୋ ଛ'ପୁଅକୁ ? ମୋତେ ଆଉ ମା' ବୋଲି କିଏ ଡାକିବ . . . କିଏ ?

ଦେବକୀ – (ଗୀତ)

ସତ୍ୟ କରି ଯେବେ ସକଳ ହାରିଲି
ଧରି ଭଗବାନ ତୁମରି ନାମ
ମାଆପଣ ଯେବେ ସଂସାରୁ ବୁଡ଼ିଲା
କାହିଁ ଥିବ ତୁମ ଗୋଲକଧାମ,
ହେ ବିଷ୍ଣୁ ଶ୍ରୀରାମ,
କାହିଁ ଥିବ ପୁଣି ଏ ତିନି ଧାମ । ୧ ।
ଭାଇ ବୋଲି ଯେବେ ପରାଣ ଡାକିଲି
ପଥରପୁରୀରେ ହେଲା ମୋ ବାସ,
ରାଜାର ନନ୍ଦିନୀ ରାଜାର ଭଗିନୀ
ସେଇ ରାଜା ହେଲା ଗଳାକୁ ଫାଶ,
ସେ ଏଡ଼େ ନୃଶଂସ,

Digitized by srujanika@gmail.com

ଭାଇ ହେଇ କଲ୍ଲା ମୋ ବଂଶ ନାଶ । ୨ ।

ବସୁଦେବ – ସବୁ ବୁଝି ତୁମେ ଅବୁଝା ହୁଅ ନାହିଁ ଦେବକୀ ! ତୁମେ ସତ୍ୟ କରିଚ . . . ମହାସତ୍ୟ । ସତ୍ୟକୁ ଛାଡ଼ି ଏ ସଂସାର ମୁହୂର୍ତ୍ତକ ପାଇଁ ସୁଦ୍ଧା ଚଳିପାରିବନାହିଁ ।

ବସୁଦେବ – (ଗୀତ)

ରବି ଚନ୍ଦ୍ର ତାରା ମାତା ବସୁନ୍ଧରା
ସବୁ ସତ୍ୟ, ସତ୍ୟ ମହାଆକାଶ,
ସତ୍ୟ ପାଳି ତୁମେ ସତୀଶିରୋମଣି
ସତ୍ୟର ଅନଳେ ଦେଇଚ ଝାସ,
ସତ୍ୟର ନାଶ
କରେ ଯିଏ ବରେ ନରକବାସ । ୩ ।

ତୃତୀୟ ଦୃଶ୍ୟ

[ଗୋପପୁର । ନନ୍ଦରାଜାଙ୍କ ବାସଭବନ । ଗବାକ୍ଷଧାରରେ ଯଶୋଦା ଠିଆହୋଇଥାନ୍ତି । ନନ୍ଦ ପ୍ରବେଶକଲେ ।]

ନନ୍ଦ – ରାଣୀ ଯଶୋମତୀ !

ଯଶୋଦା – ଗୋପର ଗୋପାଳମାନେ ଲଉଡ଼ି ଖେଳୁଥିଲେ . . . ଠିଆହୋଇ ଦେଖୁଥିଲି ।

ନନ୍ଦ – ମୁଁ ମଧ ଦେଖୁଥିଲି । ହେଲେ ତମକୁ ଦେଖି ମୁଁ ଗୋଟାଏ କଥା ବୁଝିପାରୁଚି ।

ଯଶୋଦା – କ'ଣ ?

ନନ୍ଦ – ତମ ମନ ସବୁବେଳେ ପ୍ରଫୁଲ୍ଲ । ହସଖୁସିରେ ତମ ମନ ଯେମିତି ଉଚ୍ଛୁଳିଉଠୁଛି ।

ଯଶୋଦା – ସତ କହୁଚି, ଏ କେତେଦିନ ହେବ ମୁଁ ସବୁବେଳେ ଶୁଭ ଶକୁନ ଦେଖୁଚି । ବାମ ଆଖି ସ୍ଫୁରୁଚି, ଶଙ୍ଖଚିଲ ଉଡ଼ିଯାଉଚି . . .

ନନ୍ଦ – ଏ ଶୁଭ ଶକୁନର ଅର୍ଥ କଣ ଜାଣ ? ପୁତ୍ରଲାଭ । (ଟିକିଏ ରହି) ନା-ନା, ମୁଁ ପରିହାସ କରୁନାହିଁ । ତମେ ଦେଖିବ, ପ୍ରଭୁ ଦୀନବାନ୍ଧବ ଆମର ଦୁଃଖ ନିଶ୍ଚୟ ଦୂର କରିବେ । ସବୁଦିନ ସମାନ ଯାଏ ନାହିଁ

Digitized by srujanika@gmail.com

ଯଶୋଦା ! ଏ ନନ୍ଦରାଜା ସବୁଦିନ ଅପୁତ୍ରକ ରହିବ ନାହିଁ . . . ତା'ର କୁଳ ଉଜ୍ଜ୍ୱଳ ହବ – ଏ ଗୋପଦାଣ୍ଡ ହସିଉଠିବ ।

ଯଶୋଦା – ସେଇ ଦୟାମୟଙ୍କ ଇଚ୍ଛା !

ନନ୍ଦ – (ବାହାରକୁ ଚାହିଁ) ଏଇ ତମ ସଖୀ ମନ୍ଦାକିନୀ ତେଣେ ତମକୁ ଅପେକ୍ଷା କରିଚି ।

ଯଶୋଦା – ହଁ, ମୁଁ ଆଜି ଯମୁନାସ୍ନାନକୁ ଯାଉଚି ।

ନନ୍ଦ – ଓ . . . ଆଚ୍ଛା ଆଚ୍ଛା, ଯାଅ ।

ଚତୁର୍ଥ ଦୃଶ୍ୟ

[ଯମୁନା ନଈ – ଏ ପଟରେ ମୁଦୁସୁଲୀ ଓ କ୍ରନ୍ଦନରତା ଦେବକୀ । ଅନ୍ୟ ପଟରେ ସ୍ନାନରତା ଯଶୋଦା ଓ ମନ୍ଦାକିନୀ ।]

ମୁଦୁସୁଲୀ – ଗୋଟାଏ ଯୁଗ ବିତିଲାଣି – ଘରୁ ଗୋଡ଼ କାଢ଼ିନଥିଲ । ଆଜି ଯମୁନା ନଈକୁ ସ୍ନାନ କରି ଆସିଲ ଯେ ଏଠି ପୁଣି କାନ୍ଦୁଚ ?

ଦେବକୀ – ତୁ ତ ସବୁ ଦେଖୁଚୁ ମୁଦୁସୁଲୀ ! ତୋ ରାଜା ହାତରେ ମୋର ଛ' ପୁଅ ମଲେ । ସପ୍ତମ ଗର୍ଭ ଶୂନ୍ୟରେ ଉଭେଇଗଲା । ରାଜାଘରେ ଜନ୍ମ ହେଇ ମୁଁ ଏ ଦୁର୍ଦ୍ଦଶା ଭୋଗୁଚି । ନଈକୂଳରେ ବସି ମୋ ତୃଷା ମେଣ୍ଟିଲା ନାହିଁ – ସମୁଦ୍ର ଭିତରେ ପଶି ମୋ ପାଦ ତିନ୍ତିଲା ନାହିଁ । ମୁଁ ଆଉ ବଞ୍ଚିବି କାହିଁକି ?

(ଅନ୍ୟ ପଟରୁ ଯଶୋଦା ଲକ୍ଷ୍ୟକରୁଥାନ୍ତି)

ଯଶୋଦା – ଆଲୋ ମନ୍ଦାକିନୀ !

ମନ୍ଦାକିନୀ – କଣ ମହାଦେଈ ?

ଯଶୋଦା – ନଈ ସେ କୂଳରେ ସେ ସ୍ତ୍ରୀଲୋକଟି କିଏ କାନ୍ଦୁଚି କି ?

ମନ୍ଦାକିନୀ – ହଁ ତ – ଭାରି ବିକଳ ହୋ ସେ କାନ୍ଦୁଚି !

ଯଶୋଦା – କିଏ ସେ ?

ମନ୍ଦାକିନୀ – ଏ କୂଳରେ ଥାଇ ଚିହ୍ନିହେଉନାହିଁ ।

ଯଶୋଦା – ଚାଲିଲୁ ଯାଇ ଦେଖିବା ।

ମନ୍ଦାକିନୀ – ମଲା, ସିଏ ତ ତା'ର କାନ୍ଦୁଚି . . . ତମେ ଯାଇ କ'ଣ ଦେଖିବ ?

Digitized by srujanika@gmail.com

ଯଶୋଦା – ନାଇଁ ମ, ନଈରେ ତ ବେଶି ପାଣି ନାହିଁ . . . ଚାଲ ।

ମନ୍ଦାକିନୀ – ପାରିହବନାଇଁ ଆଉ ତମକୁ ! ହଉ ଚାଲ ।

(ଦୁହେଁ ଏପଟକୁ ଆସିଲେ)

ଯଶୋଦା – ତୁମେ – ତୁମେ କଂସର ଭଉଣୀ ବସୁଦେବଘରଣୀ ଦେବକୀ ଟି ? ମତେ ଚିହ୍ନିପାରୁଚ ? ମୁଁ ଯଶୋଦା ।

ଦେବକୀ – (କାନ୍ଦି କାନ୍ଦି) ନନ୍ଦରାଜାଙ୍କ ରାଣୀ ଯଶୋଦା ! ମହାଭାଗ୍ୟବତୀ ତୁମେ । ମୋ ପରି ହୀନକପାଳୀଟା ପାଖକୁ କାହିଁକି ଆସିଲ ?

ଯଶୋଦା – ମୁଁ ସବୁ ଜାଣେ ଦେବକୀ ! ତମ ଦୁଃଖର କାହାଣୀ ମୁଁ ସବୁ ଶୁଣିଚି । ହେଲେ ରାଜବଂଶରେ ତୁମର ଜନ୍ମ । ତମେ ଏମିତି ଡହଳବିକଳ ହୋଇ କାନ୍ଦିବା ତୁମକୁ ଶୋଭାପାଏନା ଭଉଣୀ !

ଦେବକୀ– କାନ୍ଦିବା ଛଡ଼ା ମୋର ଆଉ ଉପାୟ କ'ଣ ଅଛି କହିଲ ଭଉଣୀ ?

ଯଶୋଦା – ଏ ସଂସାରର ଗତି ବଡ଼ ବିଚିତ୍ର । ତୁମେ ଛ'ପୁଅ ହରାଇଚ ସତ, ହେଲେ ସବୁଦିନ ସମାନ ଯାଏ ନାହିଁ ।

ମନ୍ଦାକିନୀ – ହଁ ପରା . . . ସେଇ କଥା ଆଜି ନନ୍ଦରାଜା ଆମ ରାଣୀ ଯଶୋମତୀଙ୍କୁ କହୁଥିଲେ ।

ଯଶୋଦା – ଆଜି ତୁମେ ପୁତ୍ରହୀନା – ଏମିତି ଦିନ ପୁଣି ଆସିବ, ଯେଉଁ ଦିନ ତୁମ ପୁଅର ଗୁଣ ତ୍ରିଜଗତରେ ବିକଶିବ । ଆଉ ମୁଁ ତୁମକୁ କହୁଚି . . . ଏ ଯମୁନା ନଈର ପାଣି ତମ ହାତକୁ ଟେକିଦେଇ କହୁଚି – ମୋର ପୁଅ କି ଝିଅ ଯାହା ହବ – ତା'କୁ ମୁଁ ତମକୁ ଦେଇଦେବି ।

ଦେବକୀ – ଯଶୋଦା !

ଯଶୋଦା– ତାକୁ ତ ଆଉ କଂସ ରାଜା ମାରିପାରିବ ନାହିଁ । ସୁନା ଭଉଣୀଟା ପରା, ଆଉ କାନ୍ଦ ନାହିଁ । ସ୍ନାନ ସାରି ଭଲ ମନରେ ଗଡ଼କୁ ଫେରିଯାଅ ।

ପଞ୍ଚମ ଦୃଶ୍ୟ

[ଦେବକୀ ବସୁଦେବଙ୍କ ଶୟନକକ୍ଷ । ଶୋକାକୁଳ ମନରେ ଦେବକୀ ବସିଚନ୍ତି । ପାଖରେ ବସୁଦେବ । ସମୟ ଅର୍ଦ୍ଧରାତ୍ର ।]

ବସୁଦେବ – ଦେବକୀ ! ପୁଣି କାନ୍ଦିଲ ଦେବକୀ !

ଦେବକୀ – (ଲୁହ ପୋଛି) ନା – ମୁଁ ଆଉ କାନ୍ଦୁନାହିଁ ସ୍ୱାମୀ ! ଯଶୋଦା

Digitized by srujanika@gmail.com

ରାଣୀଙ୍କ କଥା ମାନି ମୁଁ ଆଉ ଲୁହ ଢାଳୁନାହିଁ ।

ବସୁଦେବ – ତାହା ହିଁ ହେଉ ରାଣୀ ! ତମ ଆଖିର ଲୁହ ସବୁଦିନ ପାଇଁ ପୋଛିହୋଇଯାଉ ।

ଦେବକୀ – ହେଲେ . . . ହେଲେ ଅଷ୍ଟମ ଗର୍ଭର ସନ୍ତାନ ଏଯାଏଁ ମୋ କୋଳକୁ ଆସିନାହିଁ ସ୍ୱାମୀ ! ଲୁହ ପୋଛିହେବ କେମିତି ?

ବସୁଦେବ – ଥାଉ ଦେବକୀ ! ସେ ଚିନ୍ତା ଆଉ କରନାହିଁ । ରାତି ଦ୍ୱିତୀୟ ପ୍ରହର ଅତୀତ ହେଲାଣି . . . ଶୋଇପଡ଼ ।

ଦେବକୀ – (ଦୀର୍ଘଶ୍ୱାସ ସହ) ହଁ ଶୋଇବି ।

[ଦୁହେଁ ଶଯ୍ୟା ଗ୍ରହଣ କଲେ । ଧୀରେ ଧୀରେ ଦୁହେଁ ନିଦ୍ରାଭିଭୂତ ହୋଇପଡ଼ିଲେ । କିଛି ସମୟ ପରେ ଦେବକୀଙ୍କ ସ୍ୱପ୍ନରାଜ୍ୟରେ ଆବିର୍ଭୂତ ହେଲେ ଭଗବାନ ବିଷ୍ଣୁ ।]

ବିଷ୍ଣୁ – ମାତା ଦେବକୀ ଗାଢ଼ନିଦ୍ରାରେ ଅଭିଭୂତା । ନା, ଏବେ ନିଦ୍ରାଭଙ୍ଗ କରିବି ନାହିଁ । ଆଗେ ଏଇଠି ତାଙ୍କ ପାଦ ପାଖରେ ବସି ସ୍ୱପ୍ନରେ ତାଙ୍କୁ ଦର୍ଶନ ଦେବି ।

(ଗୀତ)ଘେନ ପ୍ରଣିପାତ ଦେବୀ ଗୋ, ତୁମେ ଦୁଃଖିନୀ ଅତି,
ଗୋ ଦୁଃଖିନୀ ଅତି,
ଦୁଃଖନିଶି ଘୁଞ୍ଚୁ ଏଥର, ହୁଅ ସୌଭାଗ୍ୟବତୀ । ୧ ।
ସହି ନ ପାରିଲି ମାତା ଗୋ, ଆଉ ତୁମ୍ଭ କଷଣ,
ଗୋ ତୁମ୍ଭ କଷଣ,
ଗୋପନରେ ଆସି ସପନେ ଏବେ ଦେଲି ଦର୍ଶନ । ୨ ।
ସ୍ୱପନବିଭୋର ନୟନେ ଦେଖ ମୋ ବିଶ୍ୱରୂପ,
ଗୋ ମୋ ବିଶ୍ୱରୂପ
ଦେଖ ପୁଣି କଲି ଧାରଣ କ୍ଷଣେ ନିଜ ସ୍ୱରୂପ । ୩ ।
ଶଙ୍ଖ ଚକ୍ର ଗଦା ଧରିଚି ପୁଣି ଧରିଚି ପଦ୍ମ,
ଗୋ ଧରିଚି ପଦ୍ମ,
ଗୋଲୋକବିହାରୀ ବିଷ୍ଣୁ ମୁଁ ନମେ ତୋ ପାଦପଦ୍ମ । ୪ ।
ଠାବ ଦିଅ ମତେ ଲବେ ଗୋ ତବ ଜଠରେ ମାତ,
ଗୋ ଜଠରେ ମାତ,

Digitized by srujanika@gmail.com

ମାନବ ରୂପରେ ମରତେ ହେବି ତମଠୁଁ ଜାତ । ୫ ।

[ବିଷ୍ଣୁଙ୍କ କରସ୍ପର୍ଶରେ ଦେବକୀଙ୍କ ନିଦ୍ରାଭଙ୍ଗ ହେଲା ।]

ଦେବକୀ – କିଏ ? କିଏ ତୁ ?

ବିଷ୍ଣୁ – ନିଦ୍ରା ଭାଙ୍ଗିଚି ତେବେ ?

ଦେବକୀ – କିନ୍ତୁ କିଏ ତୁ ? ସବୁଆଡ଼େ ପ୍ରହରୀ . . . ସବୁ ଦ୍ୱାର ରୁଦ୍ଧ । ତୁ ଏଠିକି ଆସିଲୁ କେମିତି ?

ବିଷ୍ଣୁ – ବୁଝିପାରିଲ ନାହିଁ ଦେବୀ ? ସ୍ୱପ୍ନରେ ଯାହାସବୁ ଦେଖିଲ, ଯାହା ଶୁଣିଲ . . .

ଦେବକୀ – ସ୍ୱପ୍ନ ! ତୁ ତେବେ ସ୍ୱୟଂ ଗୋଲୋକବିହାରୀ ବିଷ୍ଣୁ ! ମୁଁ ଅନ୍ୟାୟ କରିଚି – ମୁଁ ଅପରାଧ କରିଚି ।

ବିଷ୍ଣୁ – ନା ଜନନୀ, ତୁମେ ଅପରାଧ କରିନା . . . ଅପରାଧ ମୁଁ କରିଚି । ସୃଷ୍ଟିର ପାଳନକର୍ତ୍ତା ହୋଇ ଏତେ ଦିନ ତୁମର ଦୁଃଖ ମୋଚନ କରିପାରିଲି ନାହିଁ । ସେଥିପାଇଁ ତ ହାତରେ ଭିକ୍ଷାଝୁଲି ଧରି ଆଜି ଆସିଚି । ତୁମ ପବିତ୍ର ଗର୍ଭରେ ମୋତେ ସ୍ଥାନ ଦିଅ ।

ଦେବକୀ – ନାଇଁ ଚିନ୍ତାମଣି, ତୁ ଏ ଭ୍ରମ କର ନାହିଁ । ଦୁରାଚାରୀ କଂସ ପାଖରେ ଦେବ, ଦାନବ, ମାନବ କେହି ତିଷ୍ଠିପାରିବେ ନାହିଁ ।

(ଗୀତ)କାହିଁ ପାଇଁ ଧନମଣି ତୁ

ବରଣ କରିବୁ ମରଣ ଯୋଗ,

ତୋର ମାତା ହେବି, କୋଳରେ ଧରିବି

ଏ ଜନମେ ମୋର କାହିଁ ସେ ଭାଗ୍ୟ । ୦ ।

ଭାଇ ମୋର କଂସରାଜନ

ସରି ତାକୁ ନୁହେଁଟି ଯମ,

ଷଡ଼ପୁତ୍ର ମୋର କଚାଡ଼ି ମାରିଚି

ନିଶ୍ଚେ ଦେବ ତୋତେ ସେ ଅନିଭୋଗ । ୧ ।

ମୁଁ ମଥୁରା ରାଜନନ୍ଦିନୀ

କର୍ମବଳେ ହେଲି ବନ୍ଦିନୀ,

ରାଜପୁରୀ ନୁହେଁ ପାଷାଣ-ପୁରୀ ଏ

ଘେରିରହିଚନ୍ତି ଚାରି ନିଯୋଗ । ୨ ।

Digitized by srujanika@gmail.com

ଅଭିମାନ କରିଚି କେତେ
ନିନ୍ଦା ତୋର ରଚିଚି ଯେତେ,
କ୍ଷମା କରି ସବୁ ଫେରି ଯା' ତୁ ବାବୁ
ଗୋଲୋକେ କରିବୁ ଅମୃତଭୋଗ । ୩ ।

ବିଷ୍ଣୁ – ଫେରିଯାଉଚି ମାତ . . . ଫେରିଯାଉଚି, ପୁଣି ତୁମ କୋଳକୁ ଫେରିଆସିବା ପାଇଁ ।

ଦେବକୀ – ମୁଁ . . . ମୁଁ . . . କିଛି ବୁଝିପାରୁନାହିଁ ।

ବିଷ୍ଣୁ – ଯଥାକାଳରେ ସବୁ ବୁଝିପାରିବ ଦେବି ! ମୋର ଏ କରସ୍ପର୍ଶରେ ପୁଣି ତୁମେ ଶାନ୍ତିରେ ନିଦ୍ରାଯାଅ । ସ୍ୱପ୍ନପରି ଏସବୁ କଥା ଏବେ ଭୁଲିଯାଅ ।

[ଦେବକୀ ପୁଣି ନିଦ୍ରାଗଲେ ଓ ବିଷ୍ଣୁ ଅନ୍ତର୍ହିତ ହୋଇଗଲେ]

ଷଷ୍ଠ ଦୃଶ୍ୟ

[କଂସର ଶୟନକକ୍ଷ । କଂସ ଗାଢ଼ନିଦ୍ରାରେ ଅଭିଭୂତ । ଅଦୂରରେ ଅନ୍ୟ ଏକ ପଲଙ୍କରେ କଂସ-ପତ୍ନୀ ହେତି ମଧ ନିଦ୍ରିତା । ନିଦ୍ରିତ ଅବସ୍ଥାରେ କଂସ ହଠାତ୍ ଅସ୍ୱାଭାବିକ ଭାବେ ହସିଉଠିଲା । କଂସର ହସ ଶୁଣି ସନ୍ତର୍ପଣରେ ପ୍ରବେଶ କଲା ମୃଦୁସ୍ୱଲୀ ।]

ମୃଦୁସ୍ୱଲୀ – (ଅନୁଚ୍ଚ ସ୍ୱରରେ) କ'ଣ ହେଲା ? ଛାମୁ ଥାଉ ରାଣୀମା' ବିହେଁ ତା ଗାଢ଼ନିଦ୍ରାରେ ଶୋଇଥିଲେ । ଛାମୁ ଏମିତି ବିକଟାଳିଆ ହସ ହସୁଚନ୍ତି କାହିଁକି . . . ଦେଖେ ।

(ଦେଖିଲା କଂସ ପୂର୍ବଭଳି ନିଦ୍ରାଯାଇଚି)

ମୃଦୁସ୍ୱଲୀ – ଓ, ମହାରାଜା ନିଦରେ ଶୋଇ ସପନରେ ହସୁଚନ୍ତି । ହଉ ହଉ ହସନ୍ତୁ । ମୁଁ ଯାଏ ଲୋ ମା' !

(ମୃଦୁସ୍ୱଲୀର ପ୍ରସ୍ଥାନ । କଂସର ସ୍ୱପ୍ନରାଜ୍ୟରେ ଦେଖାଗଲା ବିଜୁଳିକନ୍ୟା ।)

ବିଜୁଳି – ମୃଦୁସ୍ୱଲୀ ଗଲା . . . ମୁଁ ଆସିଲି । ମୁଁ ଆସିଚି ତମ ସ୍ୱପ୍ନରେ । ମୋ ନାଁ ବିଜୁଳିକନ୍ୟା । ସ୍ୱପ୍ନ ଦେଖି ତୁମେ ହସୁଚ ପରା, ହଉ ହସ ।

କଂସ – (ସ୍ୱପ୍ନରେ ଅଳ୍ପ ହସି)

ବିଜୁଳି – (ଗୀତ) ହସ-ହସ-ହସ ।

Digitized by srujanika@gmail.com

କଂସ – (ସ୍ୱପ୍ନରେ ଅଟ୍ଟ ହସ)
ବିଜୁଳି – (ଗୀତ) ସପନେ ତୁ ହସ ।
କଂସ – (ସ୍ୱପ୍ନରେ ଅଟ୍ଟ ହସ)
ବିଜୁଳି – (ଗୀତ)

ହସ ମୋର କଂସ ରଜା
ମନେ ମନେ ଖାଇ ଖଜା,
ସପନ ତୁଟିଲା ପରେ ତୁଟିବ ସାହସ,
ହସ, ହସ, ହସ, ହସ ରାଜା କଂସ, ସପନେ ତୁ ହସ । ୧ ।

କଂସ – (ସ୍ୱପ୍ନରେ ବିକଟ ହସ)
ବିଜୁଳି– ହସ-ହସ-ହସ, ସପନେ ତୁ ହସ

ହସ ମୋର କଂସରଜା ମନେ ମନେ ଖାଇ ଖଜା
ସପନ ତୁଟିଲା ପରେ ତୁଟିବ ସାହସ
ହସ, ହସ, ହସ, ହସ ରାଜା କଂସ, ସପନେ ତୁ ହସ । ୨ ।

କଂସ – (ସ୍ୱପ୍ନରେ ବିକଟ ହସ)
ବିଜୁଳି – (ଗୀତ)

କଥାଟିଏ ତୋତେ କହୁଚି ଶୁଣିଥା ମଣିମା,
ପାଖେ ତୋ ପଲଙ୍କେ ଶୋଇଚି ଗାଢ଼ନିଦେ ରାଣୀମା' ।
ହାତପାପୁଲି ସେ ଯୋଡ଼ିଚି ରଖି କପାଳପାଖେ
ତୋର ମୁଷ୍ଟି ମାତ୍ର ଆବଦ୍ଧ ତୋ'ର ବିଶାଳ ବକ୍ଷେ ।
ସପନ ସେ ଦେଖୁଚି ବିଧାତାରେ ଡାକୁଚି
ପୁଅଟିଏ ପାଇବ ମା'-ଡାକ ଶୁଣିବ,
ତୁ ଦେଖୁଚୁ ସପନ କେବେ ହବ ଜନମ
ଦେବକୀର ଗରଭୁ ତା' ଅଷ୍ଟମ ସନ୍ତାନ ।
ବେକ ତା'ର ମୋଡ଼ିମାଡ଼ି ଶିଳାରେ ତାକୁ କଚାଡ଼ି
ହସିବୁ ପିଶାଚ ପରି ତୁ ବିକଟ ହସ !

କଂସ – (ବିକଟ ହସ)
ବିଜୁଳି – (ଗୀତ)

ହସ ହସ ହସ – ସପନେ ତୁ ହସ

Digitized by srujanika@gmail.com

ହସ ମୋର କଂସରଜା ମନେ ମନେ ଖାଇ ଖଜା
ସପନ ତୁଟିଲା ପରେ ତୁଟିବ ସାହସ
ହସ ହସ ହସ । ୩ ।

(ବିଜୁଳିକନ୍ୟା ଅନ୍ତର୍ହିତ ହୋଇଗଲା । ସଙ୍ଗେ ସଙ୍ଗେ କଂସର ହେଲା ନିଦ୍ରାଭଙ୍ଗ । ସେ ଭୟଭୀତ ହୋଇପଡ଼ିଛି । ଏଣେ ଧୀର ଧୀରେ ରାତ୍ରି ପ୍ରଭାତ ହୋଇଆସୁଚି ।)

କଂସ – କିଏ ? କିଏ ମୋତେ କହିଗଲା ଦେବକୀର ଅଷ୍ଟମଗର୍ଭ କଥା ? କାହିଁ କେହି ତ ନାହାନ୍ତି ? ମୁଁ ତେବେ ସ୍ୱପ୍ନ ଦେଖୁଥିଲି . . . ଅଦ୍ଭୁତ ଅସମ୍ଭବ ସ୍ୱପ୍ନ ! ମୋର ସର୍ବାଙ୍ଗ କମ୍ପୁଚି । ନା, ଆଉ ନୁହେଁ । ଦେବକୀର ଅଷ୍ଟମ ସନ୍ତାନ ଜନ୍ମ ସମୟ ନିକଟ ହୋଇଆସିଲାଣି । କିଏ ଅଛି ! ଡଗର !

(ଡଗର ପ୍ରବେଶ)

ଡଗର – ଆଜ୍ଞା ମଣିମା !

କଂସ – ତୁ ମୋର ଅତି ପ୍ରିୟ, ଅତି ବିଶ୍ୱାସୀ ।

ଡଗର – ଆଦେଶ କରନ୍ତୁ ମଣିମା !

କଂସ – ଆଜିଠୁ ଦେବକୀ ଆଉ ବସୁଦେବ ବନ୍ଦିଶାଳାରେ ରହିବେ । ବଜ୍ରଠୁଁ ବଳି ଶକ୍ତ ଲୁହାର କବାଟ ଦିନରାତି ବନ୍ଦ ରହିବ . . . ପିମ୍ପୁଡ଼ି ଗଳିବାକୁ ଛିଦ୍ର ରହିବ ନାହିଁ । ବାହାରେ ଅଶ୍ୱାରୋହୀ, ଗଜାରୋହୀ ଦିନରାତି ପହରାଦେବେ । ପୁଣି ଘେରିରହିବେ ଅଷ୍ଟମଲ୍ଲ । ରାଜା ଉଗ୍ରସେନ କଟୁଆଳ । କେହି କାହାରି କର୍ତ୍ତବ୍ୟରୁ କାଣିଚାଏ ସୁଦ୍ଧା ହେଳା କରିବେ ନାହିଁ । କଲେ ପ୍ରାଣଦଣ୍ଡ, ଯାଅ ।

ସପ୍ତମ ଦୃଶ୍ୟ

[ବନ୍ଦିଶାଳାର ଏକ ପ୍ରକୋଷ୍ଠରେ ଦେବକୀ ଓ ବସୁଦେବ । ସମୟ ମଧ୍ୟରାତ୍ର । ଦେବକୀ କୋଳରେ ତାଙ୍କ ଅଷ୍ଟମଗର୍ଭଜାତ ପୁତ୍ରସନ୍ତାନ ।]

ବସୁଦେବ – ଦେବକୀ ! ତୁମକୁ ଆଉ କଷ୍ଟ ହେଉନାହିଁ ତ ?

ଦେବକୀ – ନା ସ୍ୱାମୀ ! ମୋର ଆଉ କିଛି କଷ୍ଟ ନାହିଁ । ମୋର ଏଇ ଅଷ୍ଟମ ସନ୍ତାନ . . . ମୋ' ଧନମାଳୀକୁ ଦେଖୁ ଦେଖୁ ମୋର ସବୁ ପ୍ରସବବେଦନା ଦୂରହୋଇଗଲାଣି ।

Digitized by srujanika@gmail.com

ବସୁଦେବ – ଏ ଅନ୍ଧକାର ବନ୍ଦିଶାଳା . . . ଆଜି ଭାଦ୍ର କୃଷ୍ଣ-ଅଷ୍ଟମୀ, ରୋହିଣୀ ନକ୍ଷତ୍ର । ପୁଅ ତମର ଜନ୍ମ ହେବାମାତ୍ରେ ଏ କାରା-କୋଠରି ଯେମିତି ଆଲୋକିତ ହୋଇଉଠିଲା ।

ଦେବକୀ – ମୋର ସେଦିନ୍‌ର ସେ ସ୍ୱପ୍ନ କଥା କ'ଣ ତେବେ ସତ ହୋଇଛି ?

ବସୁଦେବ – ସେ କଥା ସେଇ ନାରାୟଣ ଜାଣନ୍ତି । ବାହାରେ ସବୁ ପ୍ରହରୀ ଜଗୁଆଳି ସୁପ୍ତ, ସବୁ ଦ୍ୱାର ରୁଦ୍ଧ । ଆମ ପୁତ୍ର ଜନ୍ମକଥା କେହି ଜାଣନ୍ତି ନାହିଁ ।

ଦେବକୀ – କିନ୍ତୁ . . . କିନ୍ତୁ ଯେତେବେଳେ ଜାଣିବେ, କଂସ ଯେତେବେଳେ ଜାଣିବ . . . ଜାଣିବ ଯେ ଦେବକୀର ଅଷ୍ଟମ ସନ୍ତାନ ଜାତ ହେଇଚି . . .

ବସୁଦେବ – ନା ନା ଦେବକୀ . . . ତୁମେ ଏ ଦୁଶ୍ଚିନ୍ତା କର ନାହିଁ । ଆଖି ଆଗରେ ଆମ ପୁଅକୁ ଦେଖି ମୋ' ମନପ୍ରାଣ ପୁଲକିତ ହେଇଉଠୁଚି . . . ଦେହରେ ରୋମାଞ୍ଚ ଜାତହେଉଚି ।

ଦେବକୀ – ଠିକ୍ କହିଚ ତୁମେ । କ୍ଷଣକ ପାଇଁ ଯେମିତି ଆମର ସବୁ ଆଶଙ୍କା ଉଦ୍‌ବେଗ ଦୂରହେଇଯାଉଚି ।

(ଗୀତ)

ଦେବକୀ – ମୋର ରୁକ୍ମଣୀରତନ ମୋର ସାତରାଜାଧନ
ମୋର ଜୀବର ଜୀବନ ଅଷ୍ଟନିଧିରେ,
ବସୁଦେବ – ତୋର ଶ୍ୟାମ ଅପଘନ ତୋ'ର ରାଜୀବଲୋଚନ
କେହ୍ନେ ଖଞ୍ଜିଚି ଯତନେ କହ ବିଧିରେ । ୦ ।
ଦେବକୀ – ତୋ'ର ଛଣାସୁଧା ଜିଣି ମୁଖଇନ୍ଦୁ,
ବସୁଦେବ – ତୋ'ର ଭୂରୁ ଯେହ୍ନେ ଦୁଇ ନୀଳ ସିନ୍ଧୁ,
ଦୁହେଁ – ତୋର ଚରଣଯୁଗଳ କିବା ବିକଚ କମଳ
ରୂପ କୋଟି କନ୍ଦରପ ଯାଏ ନିନ୍ଦିରେ । ୧ ।
ଦେବକୀ – ଜାଣୁ ହନ୍ତା ତୋର ରାଜା କଂସାସୁର,
ବସୁଦେବ – ନିଶି ଦିନ ଜଗାଇଚି ଆମ ପୁର,
ଦୁହେଁ– କହ କହ ତୁ କୁମର କେହ୍ନେ ରହିବ ତୋ ଶିର
କି କରିବୁ ଆମେ ନ ଦିଶଇ ବୁଦ୍ଧିରେ । ୨ ।

Digitized by srujanika@gmail.com

ଦେବକୀ – ନା, ନା, ମୁଁ ଦେବିନାହିଁ । ମୋ ଧନମାଳୀ – ସେ ରାକ୍ଷସ ହାତରେ ମୁଁ ତୋତେ ଦେବି ନାହିଁ । ତୋତେ କୋଳରେ ଧରି ମୁଁ ଏ ମାଟିର ମିଶିଯିବି . . . ପବନରେ ଉଡ଼ିଯିବି ।

ବସୁଦେବ – ଶୁଣ ଦେବକୀ, ଯେତେହେଲେ ବି ତମେ ଦୁର୍ବଳ ହୋଇପଡ଼ିଚ । ରାତି ତ ବହୁତ ଅଛି . . . ତୁମେ ଟିକିଏ ଶୋଇପଡ଼ ।

ଦେବକୀ – ଶୋଇବି !

ବସୁଦେବ – ହଁ, ମୁଁ ଜଗିଛି, ତୁମେ ଶୋଇପଡ଼ ।

(ପୁତ୍ରକୁ କୋଳରେ ଧରି ଦେବକୀ ନିଦ୍ରା ଗଲେ ।)

ବସୁଦେବ – ମନର ସବୁ ଆଶଙ୍କା ଉଦ୍‌ବେଗକୁ ଚାପିରଖି ଦେବକୀ ଗାଢ଼ନିଦରେ ଶୋଇପଡ଼ିଲାଣି । କୋଳରେ ନବଜାତ ଶିଶୁ । କ'ଣ କରିବି ମୁଁ ! ସମ୍ବାଦ ପାଇଲାମାତ୍ରେ କଂସ ଆସି ଶିଶୁକୁ ଛଡ଼ାଇନବ । (କାହାକୁ ଯେପରି ଆସିବାର ଦେଖି) କିଏ . . . କିଏ ଆସୁଚି ? କାହାର ଏ ଛାୟାମୂର୍ତ୍ତି ? ତେବେ କଣ କଂସ ? (ଆର୍ତ୍ତସ୍ୱର) କିଏ, କିଏ ତୁମେ ?

(ଶୂନ୍ୟପଥରେ ଚିତ୍ରସେନ ଗନ୍ଧର୍ବର ପ୍ରବେଶ)

ଚିତ୍ରସେନ – ଭୟ ନାହିଁ ବସୁଦେବ ! ମୁଁ କଂସ ନୁହେଁ, ଚିତ୍ରସେନ ଗନ୍ଧର୍ବ ।

ବସୁଦେବ – ତୁମେ . . . ତୁମେ ଭିତରକୁ ଆସିଲ କିପରି ?

ଚିତ୍ରସେନ – ବିଷ୍ଣୁମାୟାରେ ସମସ୍ତେ ମୋହନିଦ୍ରା ଯାଇଚନ୍ତି । ଇନ୍ଦ୍ରଙ୍କ ଆଦେଶରେ ମୁଁ ଏ ବୈଜୟନ୍ତୀ ମାଳା ନେଇ ଶୂନ୍ୟ ପଥରେ ତୁମ ପାଖକୁ ଧାଇଁଆସିଚି । ତୁମେ ଭୁଲିଯାଅ ନାହିଁ ଯେ ତୁମର ପୁତ୍ର ହେଉଛନ୍ତି ସ୍ୱୟଂ ନାରାୟଣ । ଏଇ ମୁହୂର୍ତ୍ତରେ ଏ ତମ୍ବାପାତ୍ରରେ ତାଙ୍କୁ ନେଇଯାଅ ।

ବସୁଦେବ – ମୁଁ ଯିବି କୋଉଠିକି ?

ଚିତ୍ରସେନ – ଗୋପପୁର ନନ୍ଦରାଜାଙ୍କ ଗୃହକୁ । ଯଶୋଦାଙ୍କର ଆଜି ଠିକ୍ ଏଇ ସମୟରେ ଏକ କନ୍ୟା ଜନ୍ମ ହୋଇଛି । ତୁମେ ତୁମ ପୁଅକୁ ତାଙ୍କ କୋଳରେ ଶୁଆଇଦେଇ କନ୍ୟାକୁ ନେଇ ଫେରିଆସିବ । କଂସ ଜାଣିବ ଯେ ତୁମର କନ୍ୟା ଜାତ ହେଇଚି । ଯାଅ . . . ଆଉ ବିଳମ୍ବ କରନାହିଁ । କଂସ ଜାଣିବା ପୂର୍ବରୁ ତୁମେ ମଥୁରାଗଡ଼ ଛାଡ଼ି ଚାଲିଯାଅ । ଏଇ ଦେଖ, ବିଷ୍ଣୁମାୟାରେ ଲୁହା କବାଟ ଆପେ ଆପେ ଖୋଲିଗଲା । ଯାଅ ତୁମେ । (ଚିତ୍ରସେନର ନିର୍ଦ୍ଦେଶରେ ଶିଶୁପୁତ୍ରକୁ ତମ୍ବାପାତ୍ରରେ ବହନ କରି ବସୁଦେବ

Digitized by srujanika@gmail.com

ବନ୍ଦିଶାଳାରୁ ବାହାରି ଆସିଲେ । ବାହାରେ ବର୍ଷା, ଘଡ଼ଘଡ଼ି ।)

ବସୁଦେବ – ହେ ସୃଷ୍ଟିକର୍ତ୍ତା, ହେ ପରମେଶ୍ୱର ! ଏ ତମ୍ୱାପାତ୍ରରେ ଭରି ମୁଁ ମୋ ନବଜାତ ପୁତ୍ରକୁ ନେଉନାହିଁ – ନେଉନାହିଁ କେବଳ ନାରାୟଣଙ୍କୁ; ମୋ ମଥାରେ ଏ ସମସ୍ତ ସୃଷ୍ଟିର ବୋଝ ବହନ କରି ମୁଁ ଚାଲିଛି । ବୋଝ ରକ୍ଷା ହେଲେ ସୃଷ୍ଟି ରକ୍ଷା ହେବ । ଓଃ, କି ବର୍ଷା ! ଆଜି କ'ଣ ଚାରିମେଘ ଠୁଳ ହୋଇଚନ୍ତି ? (ଦୂରରୁ ଉଗ୍ରସେନର ସ୍ୱର ଶୁଣାଗଲା)

ଉଗ୍ରସେନ – ସାବଧାନ, ସାବଧାନ !

ବସୁଦେବ – କିଏ ଯେ ? ରକ୍ଷକ, ପ୍ରହରୀ, ଜଗୁଆଳ ସମସ୍ତେ ନିଦ୍ରିତ... ଏ କିଏ ଡାକ ଦେଇ ଚାଲିଚି ?

ଉଗ୍ରସେନ – ସା-ବ-ଧା-ନ !

ବସୁଦେବ – ରାଜା ଉଗ୍ରସେନ ! ସମସ୍ତ ମଥୁରାପୁରୀ ନିଦ୍ରା ଯାଇଚି – ଏକା ଉଗ୍ରସେନ କଟୁଆଳ ଜାଗ୍ରତ । କ'ଣ କରିବି ମୁଁ – କୁଆଡ଼େ ଯିବି ? (ଉଗ୍ରସେନର ଦୃଷ୍ଟି ବସୁଦେବଙ୍କ ଉପରେ ପଡ଼ିଚି ।)

ଉଗ୍ରସେନ – କିଏ ? କିଏ ତୁ ଚୋର ପରି ପଳାଇଯାଉଚୁ ? ସାବଧାନ, ଯା' ନାହିଁ, ଆଉ ପାଦେ ଆଗେଇଲେ ଗଣ୍ଡିମୁଣ୍ଡ ଅଲଗା କରିଦେବି । (ପାଖକୁ ଆସି) ହଁ, କହ, କହ ତୁ କିଏ ? ଏ ବର୍ଷା ଅନ୍ଧାର, ମୁହଁକୁ ମୁହଁ ଦିଶୁନାହିଁ – କିଏ ତୁ ?

(ଗୀତ)

କିଏ ତୁ ରେ ନରାଧମ ଯାଉଅଛୁ କାହିଁରେ
ଘୋଡ଼ାଇ ରଖିଚୁ ମୁହଁ ପାଟି ଫିଟୁ ନାହିଁରେ ।
ଶୂନ୍ୟ ସବୁ ପଥ ଘାଟ
ପଡ଼ିଚି ତାଟି କବାଟ
କରି କାହା ଧନ ଚୋରି ଯାଉ ତୁ ପଳାଇରେ । ୧ ।
ମୁହିଁ ଉଗ୍ରସେନ ରାଜା
ଦିନରେ ପାଳଇ ପ୍ରଜା
ରାତିରେ ମୁଁ କଟୁଆଳ ଜଣା କିବା ନାହିଁରେ ? । ୨ ।

ଉଗ୍ରସେନ – କହ ତୁ କିଏ ?

ବସୁଦେବ – ମୁଁ . . . ମୁଁ ବସୁଦେବ !

Digitized by srujanika@gmail.com

ଉଗ୍ରସେନ – ବସୁଦେବ ! ମୋର ଜାମାତା ! ମଥାରେ ଏ କ'ଣ ? ଏଁ ନବଜାତ ଶିଶୁ ! ଦେବକୀର ଅଷ୍ଟମଗର୍ଭ ସନ୍ତାନକୁ ନେଇ ତୁ ମଥୁରା ଛାଡ଼ି ଚାଲିଯାଉଚୁ ? ମୂର୍ଖ . . . ପାଷଣ୍ଡ ! ଶୁଣିନାହୁଁ ତୁ କଂସର ଆଜ୍ଞା ? ଜାଣିନାହୁଁ ତୁ କଂସର ପ୍ରତାପ ?

ଉଗ୍ରସେନ – (ଗୀତ)

ମୋହର ଜାମାତା ହୋଇ
ହେଲୁ ତୁହି ରାଜଦ୍ରୋହୀ,
ଚାଲ ତୁ ଭେଟିବୁ ଏବେ କଂସ ନରସାଇଁ ରେ । ୩ ।

ବସୁଦେବ – ଏ ସନ୍ତାନ ଦେହରେ ତମର ରକ୍ତ ମଧ ପ୍ରବାହିତ ରାଜା ! ମୋତେ ଛାଡ଼ିଦିଅ ।

ଉଗ୍ରସେନ – ଛାଡ଼ିଦେବି ! ହାଃ-ହାଃ-ହାଃ- ଛାଡ଼ିଦେବି ନା ତୋ'ର କେଶ ଆକର୍ଷଣ କରି ତୋତେ କଂସ ଆଗରେ ନେଇ ଠିଆକରାଇବି !

[ନିମିଷକେ ତମ୍ୱାପାତ୍ର ଉଦ୍‌ଭାସିତ ହୋଇଉଠିଲା । ଉଭବ ହେଲା ବିଷ୍ଣୁଙ୍କ ସ୍ୱରୂପ । ଏ ସମସ୍ତ ବସୁଦେବଙ୍କ ଅଗୋଚରରେ ଘଟିଲା ।]

ବିଷ୍ଣୁ – (ଗୀତ)

ରୋଷ ତେଜ ଉଗ୍ରସେନ ହେ
ଶୁଣ ମୋ କାହାଣୀ କହୁଛି ଯାହା,
ମୁହିଁ ଦଇତାରି ଗୋଲୋକବିହାରୀ
ବିସ୍ତାରିଲି ଦେଖ ମୋ ଚାରିବାହା । ୧ ।

ଉଗ୍ରସେନ – ଏଁ ! ମୁଁ ସ୍ୱପ୍ନ ନା ଜାଗ୍ରତ ! ମୋ ଆଖି ଆଗରେ ମୁଁ ଦେଖୁଛି ତମ୍ୱାପାତ୍ର ଭିତରେ ଉଭା ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ସ୍ୱୟଂ ବିଷ୍ଣୁ, ପରମେଶ୍ୱର !

ବିଷ୍ଣୁ – ସନ୍ଦେହ ମୋଚନ ହେଲା ? ଜାଣିଲ ତ ମୁଁ କିଏ ?

(ଗୀତ)

ଧରଣୀରୁ ପାପର ଭାର
ନିବାରିବି ଲକ୍ଷ୍ୟ ମୋହର,
ମଥୁରାରେ ନେଇ ଜନମ, ଯାଉଚି
ଗୋପପୁରେ ବିରଚିବି ମୋ' ମାୟା । ୧ ।

Digitized by srujanika@gmail.com

ଉଗ୍ରସେନ – ମୋ ଦୋଷ କ୍ଷମାକର ପ୍ରଭୁ, କ୍ଷମାକର . . . ନଜାଣି ମୁଁ ମହା ଅପରାଧ କରିଚି ।

ବିଷ୍ଣୁ – ନା, ତୁମେ କିଛି ଅପରାଧ କରିନା । କଂସର ଆଜ୍ଞାରେ ତୁମ ତୁମ କର୍ତ୍ତବ୍ୟ ପାଳନ କରିଚ ।

ଉଗ୍ରସେନ – ଆଃ, ମୋର ଆଜି କି ଆନନ୍ଦ ! ମୋ'ରି କନ୍ୟାଗର୍ଭରେ ସ୍ୱୟଂ ନାରାୟଣ ସ୍ଥାନ ପାଇଛନ୍ତି – ମୋର କି ଆନନ୍ଦ ! ରାଜା ହୋଇ ମୁଁ ଯେ କଟୁଆଳ, ମୋର ଏ ଦୁର୍ଦ୍ଦଶା ଆଜି ମୁଁ ଭୁଲିଯାଉଚି ।

ବିଷ୍ଣୁ – ତମର ଏ ଦୁର୍ଦ୍ଦଶା ଆଉ ବେଶି ଦିନ ରହିବ ନାହିଁ ରାଜା ! ଆସ, ତୁମେ ମୋ ନିକଟକୁ ଆସ ।

[ଉଗ୍ରସେନ ମଥାରେ ବିଷ୍ଣୁ ପଟ୍ଟବସ୍ତ୍ର ବାନ୍ଧିଲେ]

(ଗୀତ)

ଶିରେ ତୁମ ବାନ୍ଧିଲି ପାଟ
ତୁମେ ଯେଣୁ ମଥୁରା ରାଟ,
କଂସ ଯିବ ନାଶ, ଅରଜିବ ଯଶ
ହୋଇ ତୁମେ ପ୍ରଜାକୁଳର ସାହା । ୨ ।

ଉଗ୍ରସେନ – ଭାଗ୍ୟ ! ଏ ଅଧମ ଶିରରେ ତୁମ ଶ୍ରୀହସ୍ତରେ ତୁମେ ଶିରପା ବାନ୍ଧିଦେଲ ! ମହାଭାଗ୍ୟବାନ୍ ମୁଁ . . . କିନ୍ତୁ ପ୍ରଭୁ ଏ ବସୁଦେବ . . .

ବିଷ୍ଣୁ – ଶୁଣ ରାଜା ! ମୋ ମାୟାବଳରେ ଏଠି ଯାହା ଯାହା ଘଟିଯାଉଚି ବସୁଦେବ ସେ ସବୁ କିଛି ଜାଣନ୍ତି ନାହିଁ କି ଜାଣି ପାରିବେ ନାହିଁ । ବର୍ଷାପାଣିରୁ ରକ୍ଷା ପାଇଁ ଅନନ୍ତବାସୁକୀ ମୋ ମଥା ଉପରେ ଫଣା ଟେକିଛନ୍ତି – ଏହା ମଧ ସେ ଜାଣନ୍ତି ନାହିଁ । ତୁମଠୁ କେବଳ ଅନୁମତି ପାଇଲେ ସେ ଚାଲିଯିବେ ।

ଉଗ୍ରସେନ – ଯଥା ଆଜ୍ଞା ପ୍ରଭୁ ! ବସୁଦେବ, ତୁମେ ଯାଅ ।

ବସୁଦେବ – ଯିବି ?

ଉଗ୍ରସେନ – ହଁ, କଂସ ଜାଣିବା ପୂର୍ବରୁ ତୁମେ ମଥୁରା ଛାଡ଼ି ଚାଲିଯାଅ . . . ଯାଅ ।

ବସୁଦେବ – ତୁମର ଜୟ ହେଉ ରାଜା, ତୁମର ଜୟ ହେଉ । (କ୍ଷିପ୍ର ପଦକ୍ଷେପରେ ଯିବାକୁ ଲାଗିଲେ) କାହିଁ – ଗୋପପୁର କେତେ ଦୂର !

Digitized by srujanika@gmail.com

ଜାଣେନା ପ୍ରଭୁ, ଆଉ କେତେ ବିଷମ ପରୀକ୍ଷାରେ ପହଞ୍ଚିବି !

(ଗୀତ)

ସତେ କି ଗୋପଦାଣ୍ଡରେ
ଥୋଇ ମୁଁ ପାରିବି ପାଦ,
ପାରିବି କି ଅତିକ୍ରମି
ଏ'ତ ବଡ଼ ପରମାଦ । ୦ ।
ଘନ ଅନ୍ଧକାର ଧରା
ବରଷା ମୂଷଳଧାରା,
ବିଜୁଳି କଢ଼ାଏ ବାଟ
ପୂରିବ କି ମନସାଧ । ୧ ।

[ବସୁଦେବ ଯମୁନା ନଈ କୂଳରେ ଯାଇ ପହଞ୍ଚିଲେ । ଭରା ନଈ । ବସୁଦେବଙ୍କ ଗତି ରୋଧ ହେଲା ।]

(ଗୀତ)

ପଥେ ଏ ଯମୁନା ନଈ
ବହୁଚି ଦି'କୂଳ ଖାଇ,
ଆଉ କି ପାରିବି ଯାଇ
ସାଧିଲା ଅବା କେ ବାଦ । ୨ ।

ବସୁଦେବ — କ'ଣ କରିବି ? ଭରା ଯମୁନା ଉଛୁଳି ଉଠୁଛି — କେମିତି ମୁଁ ପାରିହେବି ? (ଟିକିଏ ଚିନ୍ତାକରି) ନା, ଭାଗ୍ୟରେ ଯାହା ଥାଉ ପଛେ, ମୁଁ ନଦୀ ପାରିହେବି ।

[ବିଷ୍ଣୁନାମ ସ୍ମରଣ କରି ଦୁଇହାତରେ ତମ୍ୱାପାତ୍ରକୁ ଦୃଢ଼ ଭାବରେ ଟେକିଧରି ପାଣିରେ ପଶିଲେ ।]

ଏଁ ! ପାଣି ଯେ ବଢ଼ି ବଢ଼ି ଚାଲିଛି । ମୁଁ ଥଳକୂଳ ପାଉ ନାହିଁ ! . . . ନା, ଭାସିଯିବି ପଛେ ମୋ ନାରାୟଣଙ୍କୁ ଛାଡ଼ିବି ନାହିଁ । ନିଜେ ବୁଡ଼ିଯିବି ପଛେ— ମୋ ଚିନ୍ତାମଣିଙ୍କୁ ବୁଡ଼େଇବି ନାହିଁ । ତମ୍ୱାପାତ୍ରକୁ ଏମିତି ଟେକିଧରିଥିବି ।

[ବସୁଦେବଙ୍କ ଅଗୋଚରରେ ବିଷ୍ଣୁଙ୍କ ସ୍ୱର ଶୁଣାଗଲା ।]

ବିଷ୍ଣୁ — ହେ ପୁଣ୍ୟତୋୟା ଯମୁନା ! ଅଚିରେ ତୋ'ରି କୂଳ କଦମ୍ବ-ମୂଳରେ

Digitized by srujanika@gmail.com

ମୁଁ ବହୁ ଲୀଳାଖେଳା ପ୍ରକଟ କରିବି । ମୋର ଆଦେଶ, ବସୁଦେବ ଯିବା ପାଇଁ ତୁ ତୋ' ବକ୍ଷର ଜଳକୁ ଦୁଇ ଭାଗ କରିଦେ ।

[ପର ମୁହୂର୍ତ୍ତରେ ଦେଖାଗଲା, ଯମୁନାର ଜଳ ଦୁଇ ଭାଗ ହୋଇଯାଇଚି ।]

ବସୁଦେବ– ଏଁ ! ଏ' କଣ ? ଆଖିପିଛୁଳାକେ ପାଣି ଦି'ଭାଗ ହେଇଗଲା !! ପାଣି ମାତ୍ର ବଳାଗଣ୍ଠିଏ । ତୁମରି କୃପା ପ୍ରଭୁ, ଏସବୁ ତୁମରି କୃପା ।

(ଗୀତ)

ଶିରେ ମୋ' ବସିଚି ଯିଏ
ସବୁରି ରକ୍ଷକ ସିଏ,
ଭାଗ୍ୟବଳେ ବସୁଦେବ
ଲଭିଲା ତାର ପ୍ରସାଦ । ୩ ।

[ନଦୀ ପାର ହୋଇ ବସୁଦେବ ଗୋପ ଅଭିମୁଖେ ଯାତ୍ରା କଲେ ।]

ଅଷ୍ଟମ ଦୃଶ୍ୟ

[ପୂର୍ବର ସେଇ ରାତ୍ରି । ଉଦ୍‌ବିଗ୍ନ ଚିତ୍ତରେ କଂସ ଅଳିନ୍ଦରେ ପଦଚାରଣ କରୁଛି । ତ୍ରସ୍ତପଦରେ ମୃଦୁସ୍ମୂଳୀ ଆସିଲା ।]

ମୃଦୁସ୍ମୂଳୀ – ଛାମୁ !

କଂସ – କି ସମ୍ବାଦ ମୃଦୁସ୍ମୂଳୀ ?

ମୃଦୁସ୍ମୂଳୀ – ଦେବକୀର ଅଷ୍ଟମଗର୍ଭ ସନ୍ତାନ ଜନ୍ମ ହୋଇଛି ।

କଂସ – କେତେବେଳେ ?

ମୃଦୁସ୍ମୂଳୀ – ମଧ୍ୟରାତ୍ରରୁ ।

କଂସ – ଏ ପର୍ଯ୍ୟନ୍ତ ମତେ କହି ନଥିଲୁ କାହିଁକି ? (ମୃଦୁସ୍ମୂଳୀ ନିରୁତ୍ତର) କହ, ଉତ୍ତର ଦେ' ।

ମୃଦୁସ୍ମୂଳୀ – ଶୋଇପଡ଼ିଥିଲି ।

କଂସ – (କ୍ରୋଧରେ ଜଳିଉଠି) ଶୋଇପଡ଼ିଥିଲୁ ?

ମୃଦୁସ୍ମୂଳୀ – କାଳନିଦ୍ରା ଘୋଟିଲାପରି ସମସ୍ତଙ୍କୁ ନିଦ ଘୋଟିଗଲା ।

କଂସ – କାଳନିଦ୍ରା ଘୋଟିନଥିଲା ଯେ କାଳନିଦ୍ରା ଏବେ ଘୋଟିବ । (କଂସର ଖଡ୍‌ଗ ଆଘାତରେ ମୃଦୁସ୍ମୂଳୀ ମୃତ୍ୟୁବରଣ କଲା ।) ଏହା ହିଁ ତୋ ଅବହେଳାର ପ୍ରତିଫଳ ।

(କ୍ଷିପ୍ରଗତିରେ ପ୍ରସ୍ଥାନ)

Digitized by srujanika@gmail.com

[ବନ୍ଦିଶାଳା । ପୂର୍ବର ସେଇ ରାତ୍ର । ଦେବକୀଙ୍କ ନିଦ୍ରା ଭଙ୍ଗ ହେଲା । ଦେଖିଲେ, କୋଳରେ ତାଙ୍କର ପୁତ୍ର ନାହିଁ । ସେ ଅସ୍ଥିର ହୋଇ ଉଠିଲେ ।]

ଦେବକୀ – ଏଁ ! ମୋ ପୁଅ କାହିଁ ? କାହିଁ ମୋ ପୁଅ ? ପୁଅକୁ ମୋର କିଏ କୁଆଡ଼େ ନେଲା ? ସ୍ୱାମୀ – ସ୍ୱାମୀ . . .

[ଏତିକିବେଳେ ବିଜୁଳିକନ୍ୟାକୁ କୋଳରେ ଧରି ଦେବକୀଙ୍କ ଅଗୋଚରରେ ବସୁଦେବ ଭିତରକୁ ଆସିଲେ ।]

ବସୁଦେବ – ଦେବକୀ !

ଦେବକୀ – କେଉଁଠି ଥିଲ ତୁମେ ? ମୋ କୋଳ ଶୂନ୍ୟ କରି ପୁଅକୁ ମୋର କୁଆଡ଼େ ନେଇଥିଲ ? ଦିଅ, ମୋ ଧନକୁ ମତେ ଦିଅ । (କୋଳକୁ ନେଇ) ଏଁ ! କାହାର ଏ ଝିଅ ? ମୋ' ପୁଅ କାହିଁ ?

ବସୁଦେବ – ଏ ସବୁ ସେଇ ଦୟାମୟ ବିଷ୍ଣୁଙ୍କ ମାୟା ଦେବକୀ ! ତାଙ୍କରି ନିର୍ଦ୍ଦେଶରେ ପୁଅକୁ ତୁମର ନେଇ ନିଦ୍ରିତା ଯଶୋଦା ରାଣୀଙ୍କ କୋଳରେ ଶୁଆଇ ତାଙ୍କର ଏଇ ନବଜାତ ବିଜୁଳିକନ୍ୟାକୁ ନେଇ ଆସିଚି । ଏ କନ୍ୟା ବର୍ତ୍ତମାନ ତୁମର । କଂସ ଜାଣିବ ତୁମର ପୁତ୍ର ଜନ୍ମ ହୋଇନାହିଁ ।

ଦେବକୀ – (ଆନନ୍ଦରେ) ହେ ପ୍ରଭୁ, ହେ କରୁଣାମୟ ! ତୁମର ଏତେ ଦୟା ! ଏ ଅଭାଗିନୀ ପ୍ରତି ତୁମର ଏତେ କରୁଣା ! (ବସୁଦେବଙ୍କୁ) ହଁ, ତୁମେ ମତେ ଖୋଲି କୁହ, ପୁଅ ମୋର . . .

ବସୁଦେବ – କହିଲି ତ ବନ୍ଦିଶାଳାରୁ ଯାଇ ରାଜପୁରୀରେ ଅଛି । ଯମମୁହଁରୁ ଯାଇ ଅମରପୁରୀରେ ଅଛି । ଗୋଟିଏ ମା' କୋଳରୁ ଯାଇ ଆଉ ଗୋଟିଏ ମା' କୋଳରେ ଶୋଇଚି । ତମର ଆଉ ଦୁଃଖ କ'ଣ... କୁହ ?

ଦେବକୀ – ନା, ମୋର ପୁଅ ପାଇଁ ମୋର ଆଉ କିଛି ଦୁଃଖ ନାହିଁ... କିଛି ଦୁଃଖ ନାହିଁ । ହେଲେ ଏ କନ୍ୟା . . .

ବସୁଦେବ – କହିଲି ପରା ଏ କନ୍ୟା ତମର ।

ଦେବକୀ – ମୁଁ ସେଇ କଥା କହୁଛି । କଂସ ମୋର ଛଅ ପୁଅଙ୍କୁ ମାରିଚି । ମୁଁ ସେମାନଙ୍କର ମା' . . . ସେ ଦୁଃଖ ମୁଁ ସହିଥିଲି । ମାତ୍ର ଯଶୋଦା ରାଣୀଙ୍କ କନ୍ୟା ଇଏ । ମୋ କୋଳରୁ ଛଡ଼େଇ ନେଇ କଂସ ଯାକୁ ମାରିବ – ମୁଁ ସହିପାରିବି ନାହିଁ । ମୋର ଦୁଃଖ ଦେଖି ଯିଏ ଯାଚିହେଇ

Digitized by srujanika@gmail.com

ତାଙ୍କ ଜନ୍ମିତ ସନ୍ତାନଙ୍କୁ ମତେ ଦେବାକୁ କହିଥିଲେ, ମୁଁ ତାଙ୍କୁ ବିଶ୍ୱାସରେ ବିଷ ଦେବି କେମିତି ?

ବସୁଦେବ – ଏବେ ଆଉ ଉପାୟ କ'ଣ କୁହ ?

ଦେବକୀ – ପୁଅକୁ ମୋର ଯେମିତି ନେଇ କୋଉଠି ଛାଡ଼ିଆସିଲ, ବିଜୁଳିକନ୍ୟାକୁ ସେମିତି ନେଇ କୋଉଠି ଛାଡ଼ିଆସ । ଉଠ, ଯାଅ, ଆଉ ବେଳ ନାହିଁ । କିଏ ଜାଣେ କେତେବେଳେ କଂସ ଆସି . . . (ଏତିକିବେଳେ କଂସର ପ୍ରବେଶ)

କଂସ – ଦେବକୀ . . . ଦେବକୀ ! କାହିଁ ତୋର ପୁତ୍ର ? ଦେ' ମୋତେ । ଚାହୁଁଚୁ କ'ଣ . . . ଦେ ।

ଦେବକୀ – ପୁତ୍ର ନୁହେଁରେ କଂସ . . . କନ୍ୟା ।

କଂସ – କନ୍ୟା ! ! ! ତୋର ଅଷ୍ଟମ ଗର୍ଭରୁ କନ୍ୟା ଜାତ ହେଇଚି ? କାହିଁ ସେ କନ୍ୟା ? ଏଁ ! ଏ କଅଣ ମୁଁ ଦେଖୁଛି ! ସେଦିନ ସ୍ୱପ୍ନରେ ଯେଉଁ ରୂପ ମୁଁ ଦେଖିଥିଲି, ସେଇ କନ୍ୟା ଇଏ ! ସୂର୍ଯ୍ୟର ତେଜ . . . ବିଜୁଳିର ଚମକ ! ଏ ମାୟା ନୁହେଁ ତ ? ପ୍ରହେଳିକା ନୁହେଁ ତ ? ନୀରବ ରହିଲୁ ଯେ ? ଦେ, ଦେ ସେ ପାପୀୟସୀ କନ୍ୟାକୁ !

ଦେବକୀ – ପୁତ୍ର ନୁହେଁ ଯେ ତୋର ଶତ୍ରୁ ହେବ । ନିର୍ଦୋଷ କନ୍ୟାଟାକୁ ମାରିବୁ କାହିଁକି ?

କଂସ – ଦେ କହୁଚି !

ଦେବକୀ – ନା ।

କଂସ – ଦେ, ଛାଡ଼ିଦେ । (କୋଳରୁ ଛଡ଼ାଇନେଇ)

ଦେବକୀ – ଏଡ଼େ ନିଷ୍ଠୁର . . . ଏଡ଼େ ନିର୍ଦ୍ଦୟ ତୁ ! (କାନ୍ଦୁଥାନ୍ତି)

କଂସ – ପୁତ୍ର କନ୍ୟା ନାରୀ ପୁରୁଷର ପ୍ରଭେଦ ମୋ ନିକଟରେ କିଛି ନାହିଁ । ଦେବକୀ ଗର୍ଭରୁ ଯିଏ ଜନ୍ମ ହେଇଚି, ସେ ମୋର ଶତ୍ରୁ । ଏଇ ଦର୍ପଣଶିଳାରେ . . .

(ଶିଳାରେ ପିଟିବାକୁ ଉଦ୍ୟତ ହେଲାବେଳେ ବିଜୁଳିକନ୍ୟା କଂସ ହାତରୁ ଖସିଯାଇ ଶୂନ୍ୟରେ ବିଲୀନ ହୋଇଗଲା ।)

କଂସ – ଏଁ ! ଏ କ'ଣ ହେଲା ?

(ଶୂନ୍ୟମାର୍ଗରୁ ବିଜୁଳିକନ୍ୟାର ଖିଲ୍‌ଖିଲ୍ ହସ ଶୁଣାଗଲା)

Digitized by srujanika@gmail.com

କଂସ – କିଏ ତୁ ? କୋଉଠି ଥାଇ ହସୁଚୁ ?

ବିଜୁଳି – (ଶୂନ୍ୟଦେଶରୁ) ଏଇ ଦେଖ ମୋର ରୂପ ।

କଂସ – ଶିଳାରେ ପିଟିବା ପୂର୍ବରୁ ମୋ ହାତରୁ ଖସିଯାଇ ଇଏ କି ବିକଟାଳ ରୂପ ତୁ ବିସ୍ତାର କରିଚୁ ? ଲତାବିଜୁଳି ପରି ଦେହ . . . ହସ୍ତରେ ଖଣ୍ଡା ଖର୍ପର . . . ଗଳାରେ ମନ୍ଦାରମାଳ . . . କିଳିକିଳି ନାଦ . . . ଟହଟହ ହସ ! କିଏ . . . କିଏ ତୁ ମାୟାବିନୀ, କୁହୁକିନୀ ନାରୀ ! ତୁ ଜାଣୁ, ମୁଁ ଦେବଦର୍ପଦଳନକାରୀ ତ୍ରିଭୁବନବିଜୟୀ କଂସ !

ବିଜୁଳି – (ଶୂନ୍ୟପଥରୁ) ମାତ୍ର ଏ ଜନ୍ମରେ ତୁ ମତେ ଜୟ କରିପାରିବୁ ନାହିଁ । ତୋ' ପରାଜୟ ବେଳ ଆସିଗଲା . . . ଆସିଗଲା ତୋର ମରଣମୂହୂର୍ତ୍ତ ।

କଂସ – ମୋ' ମରଣ ! ମୋ' ମରଣ ତୋ' ହାତରେ !! ହାଃ-ହାଃ-ହାଃ ।

ବିଜୁଳି – (ଗୀତ)

ଶୁଣ ଶୁଣ ତୁ କଂସ ରାଜନ ରେ,
ମତି ହୋଇଲାଣି ତୋର ଛିନ୍ନ ରେ ।
ଷଡ଼ ଶିଶୁକୁମାରଙ୍କୁ ମାରି ରେ
ମୃତ୍ୟୁ ମୁଖରୁ ହବୁ କି ପାରିରେ ।
  ମୋର ଏ ବିରାଟ କାୟା –
  ନୁହେଁ ମିଛ, ନୁହେଁ ମାୟା,
ଆଦିଶକ୍ତି ଠାକୁରାଣୀ ମୁହିଁରେ
ମୋର ଛାଇ ନ ପାରିବୁ ଛୁଇଁ ରେ ।
ଶୁଣ ଶୁଣ ତୁ କଂସ ରାଜନରେ,
ଆଉ ନ କର ତୋ' ମତି ଭ୍ରମରେ । ୧ ।

କଂସ – ନା-ନା, ତୋ ଛଳନାରେ ମୁଁ ଭୁଲିଯିବି ନାହିଁ । ନାରଦ ମୁନିଙ୍କ କଥା ମିଥ୍ୟା ହୋଇ ନ ପାରେ । ପାପୀୟସୀ ଦେବକୀର ଅଷ୍ଟମଗର୍ଭ ସନ୍ତାନ ତୁ . . . ମୋର କାଳଶତ୍ରୁ । ତୋତେ ମୁଁ ହତ୍ୟା କରିବି !

ବିଜୁଳି – (ଗୀତ)

ହସ ଲାଗେ ଶୁଣି ତୋର କଥାରେ
ଭାରି ବୋଲାଉ ତୁ ସାମରଥା ରେ ।

Digitized by srujanika@gmail.com

ଯିଏ କରିବ ତୋତେ ନିଧନରେ
ସିଏ ବଢୁଛି ଗୋପଭୁବନରେ ।
ଦେଖ୍ ତାର ବିଶ୍ୱରୂପ
ଶୁଣ ରେ ମଥୁରାଭୂପ,
ମଞ୍ଜୁ ପଡ଼ି ଯିବ ତୋର ପ୍ରାଣ ରେ
ଆଉ ନାହିଁ ନାହିଁ ପରିତ୍ରାଣ ରେ ।
ମୁହିଁ ବିଜୁଳିକନ୍ୟା ମୋ' ନାମ ରେ
ଭଜୁଥିବୁ ତୁ ଦିବସ-ଯାମରେ । ୨ ।

(ଗୀତ ସଙ୍ଗେ ସଙ୍ଗେ ବିଜୁଳିକନ୍ୟାର ହସ ମହାଶୂନ୍ୟରେ ଉଭେଇଗଲା ।)

କଂସ – ଏଁ ! ନିମିଷକରେ ବିଜୁଳିକନ୍ୟାର ବିରାଟ ରୂପ କୁଆଡ଼େ ଉଭେଇଗଲା; ହସ ମିଳେଇଗଲା ! ଦ୍ରୁମିଳନନ୍ଦନ କଂସ ମୁଁ । ମୋର ନାମ ସ୍ମରଣରେ ତ୍ରିଜଗତ ଆତଙ୍କିତ ହୁଏ । ଗୋଟାଏ ନାରୀର ରୂପଦର୍ଶନରେ ମୋର ହୃତ୍‌କମ୍ପ ଜାତ ହେଉଚି କାହିଁକି ? କାହିଁକି ମୋର ସମସ୍ତ ଅଙ୍ଗ ଅବଶ ହୋଇଯାଉଚି ? ମୋର ନିଧନକର୍ତ୍ତା ପୁଣି ବଢୁଚି ଗୋପରେ . . . ଗୋପପୁରରେ !

(କ୍ରମେ କ୍ରମେ ତାର ସମସ୍ତ ଶରୀର ଯେମିତି ଅବଶ ହୋଇପଡୁଥାଏ ।)

□ □ □

Digitized by srujanika@gmail.com

ନପାହୁ ରାତି, ନମରୁ ପତି

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[କାଳ – ପୁରାଣଯୁଗ । ସ୍ଥାନ – ନଗରର ନଟୀ ସୁନ୍ଦରୀ ଲକ୍ଷହୀରାର ରଙ୍ଗଭବନ । ରାତ୍ରି ଦ୍ୱିତୀୟ ପ୍ରହର ଉତ୍ତୀର୍ଣ୍ଣ ହୋଇଯାଇଚି । ଲକ୍ଷହୀରା ଗୀତଗାଉଚି । ତା'ର ଅନୁଚରୀ କାନ୍ତି ନୃତ୍ୟକରୁଚି । ଉପସ୍ଥିତ ନଗରର ଦୁଇଜଣ ଶ୍ରେଷ୍ଠୀ – ଧନପତି ଓ ବିଦ୍ୟାପତି ।]

ଲକ୍ଷହୀରା – (ଗୀତ)

ହୀରା ଆଣିଚ ବନ୍ଧୁ, ନୀଳା ଆଣିଚ ବନ୍ଧୁ,
ମାଣିକ ମେଳରେ ମୋତି ଆଣିଚ ବନ୍ଧୁ ।ପଦ ।
(ଆଜି) ଚହଳ ପଡ଼ିଚି କଞ୍ଚ ରାଇଜ ଭରି,
ସରି ନୁହେଁ ମୋ ପାଦକୁ ସରଗପରୀ,
ଲକ୍ଷହୀରା ମୁଁ ତ ଲକ୍ଷ ହୃଦୟରାଣୀ
ରାଇଜର ରାଜା ଭୁଲେ ତା ପାଟରାଣୀ ।
ଲକ୍ଷେ ହୀରାର ଥଳି ଦିଅ ଚରଣେ ଢାଳି
ରଜନୀ ବିତିବ ଚାଖି ଅଧର ମଧୁ । ୧ ।

ଧନପତି – ଦେବୀ ! ଦେବୀ ଲକ୍ଷହୀରା !

ଲକ୍ଷହୀରା – କୁହନ୍ତୁ ।

ଧନପତି – କହିବି ଯେ – କିନ୍ତୁ ମୁଁ ଯେମିତି କିଛି ବୁଝିପାରୁନାହିଁ ! ମୁଁ ଅଛି କେଉଁଠି ? ଏଇଟା କୋଉ ସ୍ଥାନ ?

ବିଦ୍ୟାପତି – ସତ କହୁଛନ୍ତି ଧନପତି ମହାଶୟ ? ବୁଝିପାରୁନାହାନ୍ତି ?

ଧନପତି – ନା ବନ୍ଧୁ ବିଦ୍ୟାପତି – ମୁଁ ବୁଝିପାରୁନାହିଁ ।

ଲକ୍ଷହୀରା – ଜାଣେ, ବୁଝିପାରିବେ ନାହିଁ ।

Digitized by srujanika@gmail.com

(ଗୀତ)ଏଇ ମୋ ରଙ୍ଗଭବନ, ଏ କେଳିପୁର
ଯମପୁରୀ ନୁହେଁ – ନୁହେଁ ଅଳକାପୁର ।
ନୁହେଁ ରାଜବାଟୀ – ନୁହେଁ ରାଣୀ ଉଆସ
ରାଜପୁତ୍ର ନାହିଁ – ନାହିଁ ଜେମା ନିବାସ ।
ଭାନୁମତୀ କୁହୁକ – ଜବାଫୁଲେ ମହକ
କେ ଜାଣିବ ଝରେ କାହୁଁ ମନର ମଧୁ ।
ହୀରା ଆଣିଚ ବନ୍ଧୁ . . . । ୨ ।

(ନୃତ୍ୟ ଗୀତ ବନ୍ଦ ହେଲା । ଧନପତି ବିସ୍ଫାରିତ ନେତ୍ରରେ ଲକ୍ଷହୀରାକୁ ଚାହିଁରହିଥାନ୍ତି ।)

ବିଦ୍ୟାପତି – ଏବେ ବୁଝିଲେ ତ ଧନପତି ମହାଶୟ ?

ଧନପତି – ବୁଝିଲି । ଏବେ ଟିକିଏ ଦର୍ଶନର ଲାଳସା ରହିଲା ।

ଲକ୍ଷ – ଏଇତ . . . ମୁଁ ଆପଣଙ୍କ ସମ୍ମୁଖରେ । ମତେ ଦେଖୁଚନ୍ତି । ଆଉ କି ଦର୍ଶନ ?

ଧନପତି – ନୃତ୍ୟ ।

ଲକ୍ଷ – ଦେଖୁଥିଲେ ତ ମୁଁ ଗାଉଥିଲି – କାନ୍ତି ନାଚୁଥିଲା ।

ଧନପତି – ନା, ନା, କହୁଥିଲି – ଦେବୀଙ୍କ ପଦରଜ . . .

ବିଦ୍ୟାପତି – କ'ଣ କହିଲେ ! ପଦରଜ ! ଏଠି ଏ ମର୍ମର ଗାଲିଚା . . . ସ୍ଫଟିକର ଚଟାଣ – ଏଠି ପଦରଜ କାହୁଁ ଆସିବ ?

ଧନପତି – ଆହା, ତୁମେ ବୁଝିପାରିଲ ନାହିଁ ବିଦ୍ୟାପତି ! ମୁଁ କହୁଥିଲି ପଦରଜ ଅର୍ଥାତ୍ . . .

କାନ୍ତି – ଆଜି ବସୁମାତା ରଜ ପାଳୁଚନ୍ତି । ଶ୍ରେଷ୍ଠୀ ଧନପତି କ'ଣ ସେଇ ରଜ କଥା କହୁଚନ୍ତି ?

ଧନପତି – ନା, ନା କାନ୍ତିଦେବୀ, ମୁଁ ସେକଥା କହୁନାହିଁ । ମୁଁ କହୁଥିଲି ଦେବୀ ଲକ୍ଷହୀରା ଯଦି ଟିକିଏ ପାଦ ଉଠାନ୍ତେ . . .

ଲକ୍ଷ – ଓ ! ଆପଣ ମୋ ନୃତ୍ୟ ଦେଖିବେ ?

ଧନପତି – ଯଦି ସେତିକି ଅନୁଗ୍ରହ ଦେବୀଙ୍କର ହବ ?

ଲକ୍ଷ – ନଗରୀର ନଟୀ ମୁଁ . . . ବାରାଙ୍ଗନା . . . ମୋ ରଙ୍ଗଶାଳାରେ ଗୋଟିଏ ରାତିର ରହଣି ପାଇଁ ଆପଣ ମତେ ଏକ ଲକ୍ଷ ହୀରା

Digitized by srujanika@gmail.com

ଦେଉଛନ୍ତି । ଆପଣଙ୍କ କଥା ମୁଁ ପୁଣି ରଖିବି ନାହିଁ ?

ଧନପତି – ଭାଗ୍ୟ . . . ଭାଗ୍ୟ . . . ମୋ ଭାଗ୍ୟ ! ଆପଣ ନୃତ୍ୟ କରିବେ ଆଉ କାନ୍ତି ଗାଇବେ ।

କାନ୍ତି – ମୁଁ କି ଗୀତ ଗାଇବି ? ମତେ ତ ଭଲ ଗୀତ ଗାଇ ଆସେ ନାହିଁ । ଏଣୁ ତେଣୁ କ'ଣ ଗାଇଦେବି ।

ଧନପତି – ଆହା, ତୁମେ ଯାହା ଗାଇବ ତାହା ଅମୃତ !

କାନ୍ତି – ହଉ, ହେଲା ।

(ଧନପତିଙ୍କ ନିର୍ବୋଧତାରେ ଅନ୍ୟମାନେ ଆମୋଦ ଅନୁଭବ କରୁଥାନ୍ତି । ଏଇ ଅବସ୍ଥାରେ କାନ୍ତି ଗୀତ ଗାଇଲା ଓ ଲକ୍ଷହୀରା ନୃତ୍ୟ କଲା ।)

କାନ୍ତି–(ଗୀତ) କୋଇଲି ଡାକିଲା କୁହୁ ଗୋ
ଚାରୁ ଚନ୍ଦ୍ରବଦନ,
ଶୁଆ ଶାରୀ ଦୁହେଁ ମୁରୁକି ହସିଲେ,
ମୁହଁ ମୋଡ଼ିଦେଲା କାଉ ଗୋ ଚାରୁ ଚନ୍ଦ୍ରବଦନ । ୧ ।

ଧନପତି – ଆହା-ହା-ଅମୃତ-ଅମୃତ !

କାନ୍ତି–(ଗୀତ) କଳା କାଇଁଚର ପେଡ଼ି ଗୋ
ଚାରୁ ଚନ୍ଦ୍ରବଦନ,
ପେଡ଼ିରୁ ବାହାରି ଭାନୁମତୀ ରାଣୀ
ଶୂନ୍ୟ ପଥେ ଯାଏ ଉଡ଼ି ଗୋ
ଚାରୁ ଚନ୍ଦ୍ରବଦନ । ୨ ।

ବିଦ୍ୟାପତି – ଏ ଗୀତ ତୁମକୁ ଭଲ ଲାଗୁଚି ବନ୍ଧୁ ଧନପତି !
(ଲକ୍ଷହୀରାଙ୍କ ଓଷ୍ଠରେ ମୃଦୁ ହସ)

ଧନପତି – ତୁମେ ନିର୍ବୋଧ । ଚାହିଁ ଦେଖ, ଏ ଗୀତ ଶୁଣୁ ଶୁଣୁ ସୁନ୍ଦରୀ ରାଣୀ ଲକ୍ଷହୀରାଙ୍କ ଓଷ୍ଠଧାରରେ ଯାହା ଫୁଟିଉଠୁଚି ତାହା ଅମୃତ ।

କାନ୍ତି–(ଗୀତ) ରାତି ଆସେ ପାହି ପାହି ଗୋ,
ଚାରୁ ଚନ୍ଦ୍ର ବଦନ
କି ବୁଦ୍ଧି କରିଲି ପରବାସ କଲି
ନିଜ ବାସେ ରାହା ନାହିଁ ଗୋ,
ଚାରୁ ଚନ୍ଦ୍ରବଦନ । ୩ ।

Digitized by srujanika@gmail.com

(ନୃତ୍ୟ ଗୀତ ଶେଷ ହେଲା)

ଧନପତି – ଆହା, ଅପୂର୍ବ . . . ଅପୂର୍ବ !

ବିଦ୍ୟାପତି – ଏଣେ ପୂର୍ବଦିଗକୁ ଚାହଁ, ରାତି ପାହିଲାଣି । ନିଜ ବାସରେ ରାହା ମିଳିବ ନାହିଁ ଯେ ! ଉଠିଆସ । (ପ୍ରସ୍ଥାନ)

ଧନପତି – ହାୟ, ହାୟ ! ଏ ରାତି ଯଦି ନପାହିଥା'ନ୍ତା !!

(ଅନିଚ୍ଛାସତ୍ତ୍ୱେ ବିଦାୟ ନେଲେ । ଲକ୍ଷହୀରା ଓ କାନ୍ତି ହସୁଥାନ୍ତି ।)

ଦ୍ୱିତୀୟ ଦୃଶ୍ୟ

[ନଗର ଉପକଣ୍ଠରେ ଭିକାରି ବ୍ରାହ୍ମଣ ବିଷ୍ଣୁଦାସର ଜୀର୍ଣ୍ଣ କୁଟୀରର ବହିର୍ଭାଗ । ବିଷ୍ଣୁଦାସ ବୟସରେ ତରୁଣ, କିନ୍ତୁ ଉତ୍କଟ ବ୍ୟାଧିଗ୍ରସ୍ତ ହୋଇଥିବା ଯୋଗୁଁ ବିକଳାଙ୍ଗ । ସମୟ – ପ୍ରଭାତ । ବିଷ୍ଣୁଦାସ କୁଟୀର ଦ୍ୱାରରେ ଠିଆହୋଇ ଅତି ଉତ୍କଣ୍ଠାର ସହିତ ରାଜପଥକୁ ଚାହିଁ ରହିଚି । ବିଷ୍ଣୁଦାସର ଅସାମାନ୍ୟ ରୂପଲାବଣ୍ୟଭରା ସ୍ତ୍ରୀ ଅନସୂୟା ସୂର୍ଯ୍ୟଙ୍କୁ ପ୍ରଣାମ ଜଣାଇ ବନ୍ଦନା କରୁଚି ।]

ଅନସୂୟା – (ଶ୍ଳୋକ)

ଜବାକୁସୁମସଂକାଶଂ କାଶ୍ୟପେୟଂ ମହାଦ୍ୟୁତିଂ
ଧ୍ୱାନ୍ତାରିଂ ସର୍ବପାପଘ୍ନଂ ପ୍ରଣତୋସ୍ମି ଦିବାକରଂ ।

(ଗୀତ)– ସପ୍ତାଶ୍ୱରଥବାହନ ହେ ପ୍ରଭୁ ସୂର୍ଯ୍ୟଦେବତା,
ଉଷାନାଥ ଗ୍ରହନାଥ ତମସାହରଣକର୍ତ୍ତା ।ପଦ ।
ଏ ଦାସୀର ନମସ୍କାର,
ଘେନ ପ୍ରଭୁ ଦିବାକର
ପଙ୍କଜିନୀ ହୃଦନିଧି ସର୍ବମଙ୍ଗଳ କରତା । ୧ ।
ସ୍ୱାମୀ ମୋର ହୀନବୁଦ୍ଧି
ଦିଅ ତାଙ୍କୁ ସର୍ବସିଦ୍ଧି
ଏ କଳୁଷପଙ୍କୁ ବାରେ ଉଦ୍ଧାର କର ହେ ଧାତା । ୨ ।

ଅନସୂୟା – ସୂର୍ଯ୍ୟୋଦୟ ହେଲାଣି କେତେବେଳୁ । ଏ ଯାଏ ସୂର୍ଯ୍ୟଙ୍କୁ ନମସ୍କାର କରିନାହଁ । କ'ଣ, ଶୁଭୁନାହିଁ ମୋ କଥା ?

ବିଷ୍ଣୁ – (ମନକୁ ମନ) ଲକ୍ଷହୀରା, କିଏ ସେ ନିର୍ବୋଧ ଯିଏ ମାତ୍ର

Digitized by srujanika@gmail.com

ଏକ ଲକ୍ଷ ହୀରାରେ ତମ ମୂଲ୍ୟ ନିରୂପଣ କରିଛି ?

ଅନ – କ'ଣ କହୁଚି ପରା ମୁଁ ! ଯେତେ ଔଷଧ ମହୌଷଧି କଲେ ବି ତମର ଏ ଘା' ସବୁ ଭଲ ହେଲା ନାହିଁ । ସେଦିନ ଶମ୍ଭୁଗୋସେଇଁ କହିଗଲେ, ସକାଳୁ ଉଠି ସୂର୍ଯ୍ୟଙ୍କୁ ନମସ୍କାର କଲେ . . .

ବିଷ୍ଣୁ – ସେ କଥା ମୁଁ ଜାଣେ । ତୁ ଯା' ଏଠୁ !

ଅନ – ତୁମେ ଆସ . . . ମୁହଁ ହାତ ଧୋଇବ ।

ବିଷ୍ଣୁ – ଯା' . . . ମତେ ବିରକ୍ତ କରନାଇଁ ।

ଅନ – ହୁଁ ! ସଖୀମେଳରେ ଲକ୍ଷହୀରା ପ୍ରତିଦିନ ଏଇ ବାଟରେ ନଈଘାଟକୁ ଯାଏ । ଆଜି ବି ତ ଏଇ ଯାଉଚି – ଆଉ ତମେ ତା' ବାଟ ଚାହିଁ ଏଠି ଠିଆ ହୋଇ ରହିଚ । ଆଖିରେ ତମର ପଲକ ପଡୁନି, କାହିଁକି ?

ବିଷ୍ଣୁ – ତୁ ମୋର ସ୍ତ୍ରୀ – ମୋର କିଙ୍କରୀ, ଦାସୀ । ମତେ ଏ ପ୍ରଶ୍ନ ପଚାରିବାର ଅଧିକାର ତୋର ନାହିଁ ।

ଅନ – ସ୍ୱର୍ଗର ଅପ୍‌ସରାଠୁ ବଳି ସୁନ୍ଦରୀ ହେଲେ ବି ଲକ୍ଷହୀରା ଗୋଟାଏ ବାରନାରୀ . . . ବେଶ୍ୟା . . . ତା'ର ମୁହଁ ଚାହିଁବା ପାପ ।

ବିଷ୍ଣୁ – ତୁନି ହ' । ସାଇପଡ଼ିଶା ପାଁଜଣ ତତେ ଭାରି ସୁନ୍ଦରୀ ଆଉ ସତୀ କୁହନ୍ତି ବୋଲି ତୋର ଗର୍ବ ଖୁବ୍ ବଢ଼ିଯାଇଚି – ନା ?

ଅନ – ହେଲେ ସାଇପଡ଼ିଶା ଯାଏ କଥା ଯାଉଚି କାହିଁକି ? ମୁଁ ସୁନ୍ଦରୀ କି ଅସୁନ୍ଦରୀ . . . ସତୀ କି ଅସତୀ . . . ସେକଥା ତମଠୁଁ ତ ଆଉ କେହି ବେଶୀ ଜାଣନ୍ତି ନାହିଁ ! ପାଣି ଦଉଚି ଆସ, ଗାଧୋଇବ । (ଭିତରକୁ ଗଲା)

ବିଷ୍ଣୁ – ମୁଁ ଦୀନହୀନ ଗରିବ । ଭିକ୍ଷା କରି ପେଟ ପୋଷେ । ଉତ୍କଟ ବ୍ୟାଧିରେ ମୋ ଦେହ ବିକଳାଙ୍ଗ ହୋଇଯାଇଚି । ମତେ ଦେଖିଲେ ଲୋକେ ଘୃଣା କରନ୍ତି । କିନ୍ତୁ ମୁଁ ଲକ୍ଷହୀରାକୁ ଦେଖି ପାଗଳ ହୋଇଯାଉଚି । ଲକ୍ଷହୀରା ବିନା ମୋ ଜୀବନରେ ଗତି ନାହିଁ – ମୁକ୍ତି ନାହିଁ । (କୁଟୀର ସମ୍ମୁଖ ଚଉପାଢ଼ୀରେ ଶୋଇଲା – ଅନସୂୟା ଆସିଲା)

ଅନ – ଏ କ'ଣ – ତୁମେ ପୁଣି ଶୋଇଲଣି ଯେ ?

ବିଷ୍ଣୁ – କ'ଣ ଆଉ କରିବି ?

ଅନ – ଗାଧୋଇସାରି କ'ଣ ଦି'ଟା ମୁହଁରେ ଦେଇ . . .

Digitized by srujanika@gmail.com

ବିଷ୍ଣୁ – (ବାଧାଦେଇ) ଓଃ, ସତେ ଯେମିତି ମୋ'ପାଇଁ ଖଜା ମାଳପୁଆ କରି ରଖିଦେଇଚି ।

ଅନ – ହସି ହସି ତମର ସେବା କରିପାରିଲେ ମୋ ହାତର ଖୁଦ ଚାଉଳ ଭଜା କ'ଣ ଖଜାପିଠା ସଙ୍ଗେ ସମାନ ନୁହେଁ ? ଆସ, ଗାଧୋଇସାରିଲେ ଭିକ୍ଷା କରି ଯିବ ।

ବିଷ୍ଣୁ – ନା, ମୁଁ ଆଜି ଭିକ୍ଷା କରି ଯିବି ନାହିଁ ।

ଅନ – ଯିବ ନାହିଁ ? ଆଜି ଏ ବେଳା ଭିକ୍ଷା ନ ଆଣିଲେ ଆର ବେଳାକୁ ଯେ ଉପାସ ରହିବାକୁ ପଡ଼ିବ !

ବିଷ୍ଣୁ – କହୁଚି ମୁଁ ଭିକ୍ଷା କରି ଯିବି ନାହିଁ – ଯିବି ନାହିଁ ।

ଅନ – ହଉ, ତମ ଇଚ୍ଛା ! (ପ୍ରସ୍ଥାନ)

ତୃତୀୟ ଦୃଶ୍ୟ

[ଏ ମଧ୍ୟରେ ତିନ ଦିନ ବିତିଯାଇଛି । ବିଷ୍ଣୁ ଦାସ ସେମିତି ଶୋଇରହିଚି ।]

ଅନ – (କାନ୍ଦି) ତିନି ଦିନ ତିନି ରାତି ହୋଇଗଲା – ମୁହଁରେ ପାଣି ଟୋପାଏ ଦଉନ – ଯେତେ ପଚାରିଲେ କିଛି କହୁନ ।

ବିଷ୍ଣୁ – କାହାରିକୁ ମୋର କିଛି କହିବାର ନାହିଁ ।

ଅନ – ତମ ପାଦ ଧରି ଅଳି କରୁଚି – ମତେ କୁହ, କ'ଣ ତମର ହୋଇଚି । କାହିଁକି ଏ ନିଷ୍ଠୁର ପଣ ତୁମେ କରୁଛ ? . . . କୁହ ।

ବିଷ୍ଣୁ – ଶୁଣିବୁ ? ସେ ଧୈର୍ଯ୍ୟ ତୋର ଅଛି ?

ଅନ – ଯେତେ ଦିନ ଯାଏ ତୁମେ ମୋ ପାଖରେ ଅଛ, ମୋର ଦମ୍ଭ ମୋର ଧୈର୍ଯ୍ୟ କେବେ ତୁଟିବ ନାହିଁ ।

ବିଷ୍ଣୁ – ଶୁଣ ତା'ହେଲେ – ମୁଁ ଚାହେଁ ଲକ୍ଷହୀରାକୁ !

ଅନ – ଲକ୍ଷହୀରାକୁ !!

ବିଷ୍ଣୁ – ହଁ – ଲକ୍ଷହୀରାକୁ ନ ପାଇଲେ ମୁଁ ବଞ୍ଚିପାରିବିନାହିଁ । ସେଥିପାଇଁ ଏ ମୃତ୍ୟୁ ପଣ ମୁଁ କରିଚି ।

ଅନ– ନା-ନା, ଏ ପାପ-ଅନାଚାର କଥା କୁହନାଇଁ ତୁମେ – କୁହନାଇଁ ।

(ଗୀତ)

ଏ କି ପଣ କର ହେ ଜୀବନେଶ୍ୱର

Digitized by srujanika@gmail.com

ଘେନାକର ଦାସୀ ଗୁହାରି,
ବାରନାରୀ ବାରାଙ୍ଗନା ଭଲା କେବେ
ହେଇଚି ନିଜର କାହାରି ? । ୦ ।
ଲକ୍ଷେ ହୀରା ଯା'ର ରାତିକର ମୂଲ
ଲକ୍ଷେ ସଂସାର ଯେ କରିପାରେ ଚୂର
ତାହାଲାଗି ତୁମେ ସଂସାରୀ ପୁରୁଷ
ଯାଉଚ ସଂସାରୁ ବାହାରି । ୧ ।

ବିଷ୍ଣୁ – ତୁ ଚାଲିଯା – ଚାଲିଯା ଏଠୁ ! ମୋ ପ୍ରତିଜ୍ଞାରୁ କେହି ମୋତେ ଟଳାଇ ପାରିବ ନାହିଁ । ତୁ ଚାଲିଯା !

(ଗୀତ)

ଯେ' ପଣ କରିଚି, ଜୀବନ ବିକିଚି
ପାରିବ କେ ତାହା ରୋଧ କରି ?
କରିଛି ଶପଥ ତିନିବାର ସତ୍ୟ
ମୋ ଇଷ୍ଟ ଦେବତା ନାମ ସ୍ମରି । ୦ ।
ଲକ୍ଷହୀରା ଲକ୍ଷରମଣୀ-ମଣି ସେ,
ମୋ ଜୀବନ-ଗଗନ ଧ୍ରୁବତାରା,
ସେହି ମୋ ସଂସାର, ସେହି ମୋ ବିଚାର
ଗତି ମୁକ୍ତି ମୋ ଜୀବନତରୀ । ୧ ।
ମୁଁ ଦୀନ କାଙ୍ଗାଳ, ନାହିଁ ମୋ ସମ୍ବଳ
ଦେଇପାରିବିନି ତାର ମୂଲ,
ବଞ୍ଚିବାର ଆଶା ତୁଟାଇଦେଇଚି
ମରଣ ପଥ ମୁଁ ନେଲି ବରି । ୨ ।

ଅନ – ଏଇ ତେବେ ତମ ମନର କଥା !

ବିଷ୍ଣୁ – ହଁ । ମୁଁ ଜାଣେ, ମୁଁ ଲକ୍ଷହୀରାର ଯୋଗ୍ୟ ନୁହେଁ । ମୁଁ ତାକୁ ପାଇପାରିବି ନାହିଁ । ସେଇଥିପାଇଁ ମୁଁ ପଣ କରିଚି – ଏମିତି ନ ଖାଇ ନ ପିଇ ଶୁଖି ଶୁଖି ମରିବି ।

ଅନ – ନା ! (ଅନସୂୟାର ସ୍ୱର ଦୃଢ଼ତାବ୍ୟଞ୍ଜକ)

ବିଷ୍ଣୁ – ନା ?

Digitized by srujanika@gmail.com

ଅନ – ଲକ୍ଷହୀରାକୁ ତୁମେ ପାଇବ ।

ବିଷ୍ଣୁ – ଏଁ, ତୁ କ'ଣ କହୁଚୁ ଅନସୂୟା ?

ଅନ – ଠିକ୍ କହୁଚି । ନାରୀର ସେବା ଆଉ ତ୍ୟାଗ ନିକଟରେ ଏ ସଂସାରରେ କିଛି ଅସମ୍ଭବ ନୁହେଁ । ତୁମେ ଲକ୍ଷହୀରାକୁ ପାଇବ – ଆଉ ମୁଁ ପାଇବି ମୋ ସ୍ୱାମୀଙ୍କ ଜୀବନ ।

ବିଷ୍ଣୁ –ଅନୁ !! (ବିଷ୍ଣୁଦାସର ମୁଖମଣ୍ଡଳରେ ବିସ୍ମୟ ଓ ଆନନ୍ଦର ଚିହ୍ନ)

ଚତୁର୍ଥ ଦୃଶ୍ୟ

[ଲକ୍ଷହୀରାର ବାସଭବନର ସମ୍ମୁଖଭାଗ]

ଲକ୍ଷ – ଆଲୋ କାନ୍ତି, ଆଜି କ'ଣ ସିଏ ପୁଣି ଆସିଚି ?

କାନ୍ତି – ହଁ, ଦେବି ! ଆଜି ବି ରାତି ନପାହୁଣୁ ଆସି ଦାଣ୍ଡଦୁଆର ବାରିଦୁଆର ସବୁ ଖରକିଲାଣି ।

ଲକ୍ଷ – ଚାଲିଲୁ ଦେଖେ ।

କାନ୍ତି – ଆସ . . . ଏଇ ଦେଖ ।

(ଲକ୍ଷହୀରା ଦେଖିଲା ହାତରେ ସମ୍ମାର୍ଜନୀ ଧରି ଅନସୂୟା ବାହାର ଅଗଣା ଖରକୁଚି ।)

ଲକ୍ଷ – ଆହା, ଏଡ଼େ ସୁନ୍ଦରୀ ସ୍ତ୍ରୀ ତ ମୁଁ କେବେ କୋଉଠି ଦେଖି ନ ଥିଲି ! ଏ ସୁନ୍ଦର ରୂପ – ଏ ସୁକୁମାର ତନୁଲତା – ପୁଣି ଉଚ୍ଚ କୁଳର ବୋହୂଭଳି ଜଣାଯାଉଚି । ଅଥଚ ହାତରେ ଝାଡୁ ଧରି ମୋ ଦୁଆର ଖରକୁଚି କାହିଁକି ? (ଅନସୂୟାକୁ) କିଏ ତୁମେ ଭଉଣୀ – କୁହ ତୁମେ କିଏ ? କାହିଁକି ଆସି ମୋର ଏ ସେବା କରୁଚ ?

ଅନ – ତମର ଏ ସୁନ୍ଦର ରୂପକୁ ଏତେ ପାଖରେ କେବେ ଦେଖିନଥିଲି, ଆଗେ ଥରେ ଆଖି ପୂରେଇ ଦେଖିସାରେ !

ଲକ୍ଷ – ମୁଁ ସୁନ୍ଦରୀ ସତ – ହେଲେ ଆକାଶରେ ଚାନ୍ଦ ଉଇଁଲେ କୁଆଁତାରାର ତେଜ ବି ମଉଳିଯାଏ ।

ଅନ – ମାତ୍ର ଚାନ୍ଦର ଦୁର୍ଭାଗ୍ୟ ତା ଜୀବନରେ ଆସେ ଅମାବାସ୍ୟା – ଠିକ୍ ଯେମିତି ମୋ ଜୀବନ-ଆକାଶରେ ଆଜି ଅମାବାସ୍ୟାର ଅନ୍ଧାର ଘୋଟିଆସିଚି ।

Digitized by srujanika@gmail.com

ଲକ୍ଷ – କିଏ ତୁମେ – କ'ଣ ହେଇଚି ତମର ?

ଅନ – ତମେ ନଦୀକୁ ଗାଧୋଇଯିବା ବାଟରେ ଭଗବତୀ ମନ୍ଦିର ପଛ ଭଙ୍ଗା କୁଡ଼ିଆର ଦୁଆର ମୁହଁ ଧରି ଯେଉଁ ଭିକାରି ବ୍ରାହ୍ମଣ ଜଣକ ତମ ବାଟ ଚାହିଁ ଠିଆହୋଇଥାଏ . . .

ଲକ୍ଷ – ବୁଝିଲି । ପ୍ରତିଦିନ ଏକଲୟରେ ସେ ମୋତେ ଚାହିଁ ରହିଥାଏ ।

କାନ୍ତି – ଇହି, କି ବିକଳାଙ୍ଗ ଅସନା ରୂପ ସେଇଟାର ।

ଅନ – ସେଇ ମୋର ସ୍ୱାମୀ । ମୋ ନାଁ ଅନସୂୟା ।

ଲକ୍ଷ – ତୁମେ – ତୁମେ ତା'ର ସ୍ତ୍ରୀ ! କାଇଁ ତୁମକୁ ତ ମୁଁ କେବେ ଦେଖିନି ସେଠି ?

ଅନ – ଦେଖିବ କେମିତି ? ମୁଁ ଉଚ୍ଚ କୁଳର ବୋହୂ । ତମ ମୁହଁ ଚାହିଁବା ତ ମୋର ଉଚିତ ନୁହେଁ ।

କାନ୍ତି – ହେ, କଣ ଏମିତି ବଢ଼ି ବଢ଼ି କଥା କହୁଚୁ ? ଚାଲିଯା' ଏଠୁ ।

ଅନ – ମତେ ଭଉଣୀ ବୋଲି ଡାକିଚ ଲକ୍ଷହୀରା – ଶୁଣିବ ନାହିଁ ମୋ କଥା ?

ଲକ୍ଷ– ଶୁଣିବି । କୁହ, ସ୍ୱାମୀ ତମର କାହିଁକି ପ୍ରତିଦିନ ଏକଲୟରେ ମୋତେ ଚାହିଁରହନ୍ତି ? ଦରିଦ୍ର ବୋଲି ମୋ'ଠାରୁ କ'ଣ କିଛି ଭିକ୍ଷା ଚାହାନ୍ତି ?

ଅନ – ନା !

ଲକ୍ଷ – ତେବେ କ'ଣ ସେ ଚାହାନ୍ତି ?

ଅନ – (ଗୀତ) ଅଘଟନ କଥା କହୁଚି

ଶୁଣ ସୁଦୟା ବହି, ଗୋ ସୁଦୟା ବହି,
ଅଭାଗିନୀ ମୁଁ ଯେ ଦୁଃଖିନୀ
ପ୍ରାଣ ହୁଏ ମୋ ଦହି । ୧ ।
ଦେଖି ତୁମ ରୂପଲାବଣ୍ୟ
ସ୍ୱାମୀ ପାଗଳ ପ୍ରାୟ, ସେ ପାଗଳ ପ୍ରାୟ,
ବୁଝନ୍ତିନି କିଛି କଥା ସେ
କିଛି ନ୍ୟାୟ ଅନ୍ୟାୟ । ୨ ।

ଲକ୍ଷ – ତମର କ'ଣ ହିତାହିତ ଜ୍ଞାନ ଲୋପପାଇଲାଣି ଅନସୂୟା ? ତୁମେ ବ୍ରାହ୍ମଣ କୁଳର ସ୍ତ୍ରୀ ନା ?

Digitized by srujanika@gmail.com

(ଗୀତ)

ଏ'କି ବିବେଚନା ତୁମର
ତୁମେ କୁଳର ବୋହୂ,   ଗୋ କୁଳର ବୋହୂ,
ଏତିକିରେ ରହୁ ଏ କଥା
ଆଉ ପ୍ରଘଟ ନୋହୁ । ୩ ।
ସ୍ୱାମୀ ତୁମ ସର୍ବ ଦେବତା
ସର୍ବ କରମେ ସାର,   ସେ କରମେ ସାର,
ପର ନାରୀଠାରେ ବଖାଣ
କିପାଁ ତାଙ୍କ ବେଭାର । ୪ ।

ଅନ –

କ୍ଷମ ଅପରାଧ ଦେବୀ ଗୋ
ମୋର ଅଛି କି ଚାରା,   ମୋ' ଅଛି କି ଚାରା,
ତୁମେ ତାଙ୍କ ଗତି-ମୁକତି
ତାଙ୍କ ହୃଦୟ-ହାରା । ୫ ।
ତୁମେ ଯେବେ ପ୍ରାପ୍ତ ନୋହିବ,
ଦେବେ ଜୀବନ ବଳି,   ସେ ଜୀବନ ବଳି,
ଏ ଦୁଃଖରୁ ସିନା ସେ ଦୁଃଖ
ମୋର ଯାଉଚି ବଳି । ୬ ।

ଅନ – ପଣକରିଚନ୍ତି – ତମକୁ ନପାଇଲେ ନଖାଇ ନ ପିଇ ଶୁଖି ଶୁଖି ମରିବେ । ସେଥିପାଇଁ ହାତରେ ଝାଡୁ ଧରି – ହୀନ ଚଣ୍ଡାଳୁଣୀ ପରି ମୁଁ ତମର ସେବା କରୁଚି । ମତେ ତମେ ଦୟାକର ।

ଲକ୍ଷ – ତୁମେ ଭୁଲ କରୁଚ ଅନସୂୟା – ତୁମେ ଭୁଲିଯାଉଚ ମୋ ଅବସ୍ଥା ଆଉ ତୁମ ଅବସ୍ଥାର କଥା ।

(ଗୀତ)

ରାଜା ମହାରାଜା ସାମନ୍ତ
ଶ୍ରେଷ୍ଠୀ ବଣିକକୁଳ,   ସେ ବଣିକ କୁଳ,
ପାଦତଳେ ଯାର ଲୋଟନ୍ତି
ଯାହା ପାଇଁ ଆକୁଳ । ୭ ।

Digitized by srujanika@gmail.com

ସେ ଦେଲା ତମକୁ ଯେବେ ତା'
ଭଉଣୀର ଆସନ,   ସେ ଭଉଣୀର ଆସନ,
ଏଇ ଫଳ ଦେଲ ! ଫେରି ଯା'
ଏବେ ନିଜ ଭବନ । ୮ ।

ଅନ – ଏମିତି ଖାଲି ହାତରେ ମୁଁ ତମ ପାଖରୁ ଫେରିଯାଇ ପାରିବି ନାହିଁ ଲକ୍ଷହୀରା ! ଧନପତିମାନଙ୍କ ପାଇଁ ତମ ଦୁଆର ରାତିକ ସକାଶେ ବନ୍ଦ ହେଲେ ତମ ରତ୍ନଭଣ୍ଡାର କିଛି ଊଣା ହୋଇଯିବ ନାହିଁ । ହେଲେ ମୋ' ସ୍ୱାମୀ ଯଦି ତୁମକୁ ନ ପା'ନ୍ତି ତେବେ ମୋ ସଂସାର ଉଚ୍ଛନ୍ନ ହୋଇଯିବ । ମୁଁ ହେବି ବିଧବା – ଅଲକ୍ଷଣୀ ।

ଲକ୍ଷ – ମୋ କଥା ମୁଁ କହିସାରିଚି ।

ଅନ – ନା-ନା, ମତେ ଦୟାକର !

କାନ୍ତି – ଏଇଟା କଥା କାହିଁକି ଶୁଣୁଚ ମ ଦେବି ! ସିଏ ସେମିତି ହଉଥାଉ, ତମେ ଭିତରକୁ ଚାଲ ।

ଅନ – ଲକ୍ଷହୀରା, ଥରେ ଚାହିଁ ମତେ – ଦୟାକର ! ସବୁ ବିଧିବିଧାନକୁ ପଛରେ ପକାଇ ମୁଁ ତମ ଦ୍ୱାରକୁ ଧାଇଁ ଆସିଚି – ତମ ସେବା କରିଚି । କହିବ ତ ତମ ପାଦସେବା କରିବି । ତମ ବସ୍ତ୍ର ପଖାଳିବି । (ଅନସୂୟାର ଏ କାତର ପ୍ରାର୍ଥନାରେ ଲକ୍ଷହୀରା ବିଚଳିତା ହୋଇଉଠିଲେ ।)

ଲକ୍ଷ – ଅନସୂୟା . . .

ଅନ – ଦୟାକର ଦେବୀ, ମୋ ସ୍ୱାମୀଙ୍କୁ ବଞ୍ଚାଅ !

ଲକ୍ଷ – ମୁଁ ରାଜି, ଅନସୂୟା !

କାନ୍ତି – ଦେବି !

ଲକ୍ଷ – ମୁଁ କଥା ଦେଉଚି – ଆଜି ରାତିରେ ତମ ସ୍ୱାମୀ ମୋର ଅତିଥି ହେବେ – ତମେ ଯାଅ ।

ଅନ – ତମର . . . ତମର ଜୟ ହେଉ ଲକ୍ଷହୀରା ! ତମେ ସୌଭାଗ୍ୟବତୀ ହୁଅ ।   (ପ୍ରସ୍ଥାନ)

ପଞ୍ଚମ ଦୃଶ୍ୟ

[ଲକ୍ଷହୀରାର ରଙ୍ଗଭବନ । ସମୟ – ରାତ୍ରି । ଉପସ୍ଥିତ ଧନପତି ଓ ବିଦ୍ୟାପତି । ଦୁହିଁଙ୍କ ଅବସ୍ଥାରୁ ଜଣାଯାଏ ଯେ ଦୁହେଁ ଅତି ଉତ୍କଣ୍ଠାର

Digitized by srujanika@gmail.com

ସହିତ ଲକ୍ଷହୀରାର ଆଗମନକୁ ଅପେକ୍ଷା କରି ରହିଚନ୍ତି; କିନ୍ତୁ ଲକ୍ଷହୀରା ନ ଆସିବାରୁ ଦୁହେଁ ବେଳକୁବେଳ ଅସ୍ଥିର ଓ ହତାଶ ହୋଇପଡୁଛନ୍ତି ।]

ଧନପତି – କବି ବନ୍ଧୁ ବିଦ୍ୟାପତି !

ବିଦ୍ୟାପତି – କୁହନ୍ତୁ ଧନପତି ବନ୍ଧୁ !

ଧନ – କ'ଣ ଦେଖୁଛନ୍ତି ?

ବିଦ୍ୟା – ଆପଣ ଯାହା ଦେଖିପାରୁନାହାନ୍ତି ।

ଧନ – ମୁଁ ତ ଲକ୍ଷହୀରାଙ୍କୁ ଦେଖିପାରୁନାହିଁ !

ବିଦ୍ୟା – ଓଃ !

ଧନ – ଆପଣ ତାଙ୍କୁ ଦେଖୁଚନ୍ତି କି ?

ବିଦ୍ୟା – ସେ କଥା ଆପଣ ଜାଣି ଲାଭ କ'ଣ ?

ଧନ – ତା ଅର୍ଥ ଆପଣ ଯାହା ଦେଖୁଚନ୍ତି ମୁଁ ତାହା ଦେଖିପାରୁନାହିଁ ।

ବିଦ୍ୟା – ତାହା ହିଁ ମୁଁ ଭାବୁଚି ।

ଧନ – ଛାଡ଼ନ୍ତୁ – ଆପଣ ମିଛ କହୁଚନ୍ତି । ଲକ୍ଷହୀରା ଏ ଯାଏଁ ରଙ୍ଗଭବନକୁ ଆସିନାହାନ୍ତି ।

ବିଦ୍ୟା – ଏତେବେଳକେ କଥାଟା ତା'ହେଲେ ଆପଣଙ୍କର ବୋଧଗମ୍ୟ ହେଲା ।

ଧନ – ଲକ୍ଷହୀରାଙ୍କର ଏ ଅନ୍ୟାୟ । ଏତେ ବେଳ ହେଲାଣି, ଆମେ ଅପେକ୍ଷା କରି ବସିଛୁ – ସେ ଆସୁନାହାନ୍ତି ।

ବିଦ୍ୟା – କ'ଣ ତେବେ କରିବା ?

ଧନ – ଯେତେ ଚେଷ୍ଟା କଲେ ବି ଖାଲି ହାଇମାରିବା ଛଡ଼ା ଆଉ କିଛି କରିପାରୁ ନାହିଁ । ଏଇ ଆସିଲେ !

ବିଦ୍ୟା – ଆସିଲେ ?

ଧନ – ଏଇ ଦେଖନ୍ତୁ, ସେ ପରଦା ସେ ପାଖରେ ।

ବିଦ୍ୟା – ସେ ନୀଳ ପରଦା ?

ଧନ – ନା !

ବିଦ୍ୟା – ତା' ସେପଟକୁ ସେ ସବୁଜ ପରଦା ?

ଧନ – ନା !

ବିଦ୍ୟା – ଓ' – ତା' ସେପଟକୁ ସେ ଲୋହିତ ପରଦା ?

Digitized by srujanika@gmail.com

ଧନ – ହଁ, ଦେଖନ୍ତୁ – ପରଦା ତଳ ଅଶଂଟା ଅଙ୍କ ଅଙ୍କ ହଲୁଚି ।
ବିଦ୍ୟା – ତା' ଅର୍ଥ ?
ଧନ – ଦେବୀ ଆସିବେ ଆସିବେ ହଉଚନ୍ତି, ଅଥଚ ଆସି - ପାରୁନାହାନ୍ତି ।
ବିଦ୍ୟା – ତା'ହେଲେ ?
ଧନ – ମୋର ଗୀତଟିଏ ଗାଇବାକୁ ମନ ବଳୁଚି ।
ବିଦ୍ୟା – ମୋର ଶୁଣିବାକୁ ବି ମନ ବଳୁଚି – ଗା'ନ୍ତୁ ।
ଧନ – (ଗୀତ)

ସେ ପଟର ମାୟା ଭୁଲି
ଏ ପଟକୁ ଆସ ବାରେ
କଟ କଟ କଟିଦେଶ
ବସି ବସି ହାଇ ମାରେ . . .
ଖାଲି, ବସି ବସି ହାଇ ମାରେ । ୦ ।
ମଠ ମଠ କର ଯେତେ, ଛଟପଟ ହୁଏ ସେତେ
ଉକୁଟିବ ନାହିଁ କିବା
ନାଲି ଓଠେ ହସ ଧାରେ । ୧ ।
କରୁଚ କିଆଁ କପଟ – ମାରୁଚ କିଆଁ ଚମଟ
କେତେ ହେବି ଭଟ ଭଟ
ଶୁଖି ତ ଯାଉଚି କଣ୍ଠ
ଦାନ୍ତ ମୂଳ ରଟ ରଟ
ଛାଡ଼ିଯାଉଅଛି ଘଟ ।

ବିଦ୍ୟା – (ବାଧାଦେଇ) ବନ୍ଧୁ ଧନପତି !
ଧନ– ଆରେ ଯାଃ ହଟ୍ ହଟ୍ !
ନଦୀତଟ କଳ୍ପବଟ
ଶେଷକୁ ଆଶ୍ରୟ ମଠ
ଡାରେ ଡାରେ ନାରେ ନାରେ
କି ଡାରେ ଡାରେ ନାରେ ନାରେ । ୨ ।
ବିଦ୍ୟା – ଏଇ ଆସିଲେ !
ଧନପତି – ମୁଁ ଜାଣିଥିଲି, ମୋ' ଗୀତ ଶୁଣି ଦେବୀ ନ ଆସି ରହିପାରିବେ

Digitized by srujanika@gmail.com

ନାହିଁ । (ଲକ୍ଷହୀରାର ପ୍ରବେଶ)

ଲକ୍ଷ – ମତେ କ୍ଷମା କରିବେ !

ଧନପତି – ଆହା, ବହୁ ଆଗରୁ ସେ ଅଡୁଆ ତୁଟିଯାଇଚି । ଏଇ ଦେଖ ଦେବୀ, ଏକଲକ୍ଷ ହୀରାର ଏ ଥଳି ।

ବିଦ୍ୟା – ମୁଁ କବି – ହୀରା ଦବାର କ୍ଷମତା ମୋର ନାହିଁ । ସେଥିପାଇଁ ଏକଲକ୍ଷ ଶ୍ଳୋକ ମୁଁ ରଚନା କରି ଆଣିଚି ।

ଲକ୍ଷ – ଆଗେ ଶୁଣନ୍ତୁ ମୋ' କଥା ।

ଧନ ଓ ବିଦ୍ୟା – ତା' ପୂର୍ବରୁ ଆମ କଥା ଶୁଣ ଦେବି !

(ଗୀତ)

ଧନ– ପାଟବସନ ଥଳିରେ ଏକଲକ୍ଷ ହୀରା
ଘେନାକର ଶ୍ରୀହସ୍ତରେ ଦେବୀ ଲକ୍ଷହୀରା । ୧ ।
ବିଦ୍ୟା–ଭୂର୍ଜ ପତ୍ରେ ଲେଖିଚି ମୁଁ ଶ୍ଳୋକ ଏକଲକ୍ଷ
ଛୁଟାଇଚି ନେତ୍ରୁ ନୀର ଫଟାଇଚି ବକ୍ଷ । ୨ ।
ଧନ– ହୀରାକୁଦ ହୀରା ଏହି ଦଶଟି ହଜାର
ଦେଖି ଛାତି ଫାଟିଗଲା ସେ ଦେଶ ରଜାର । ୩ ।
ବିଦ୍ୟା–ଏହି ଶ୍ଳୋକେ ଅଛି ମୋର ଅତି ଗୂଢ଼ ଛନ୍ଦ
ବିରହର ବିଷଜ୍ୱାଳା ମିଳନର ଗନ୍ଧ । ୪ ।
ଧନ– ଜମ୍ବୁ ଦ୍ୱୀପ ହୀରା ଇଏ ଜମ୍ବୁ ଦ୍ୱୀପେ ସାର
ଗଢ଼ି ଆଣିଚି ଏଥିରେ ସାତ ସରି ହାର । ୫ ।
ବିଦ୍ୟା–ଗନ୍ଧମାଦନ ଚୂଡ଼ାରେ ରାତିସାରା ବସି
ଏ ଶ୍ଳୋକ ମୁଁ ବିରଚିଲି ସାକ୍ଷୀ ତାରା ଶଶୀ । ୬ ।
ଧନ– ସାତ ସମୁଦ୍ର ସେପଟୁ ଏ ହୀରା ଆଣିଚି
ବିଦ୍ୟା–ସାତତାଳ ପଙ୍କେ ପଶି ଏ ଶ୍ଳୋକ ଭଣିଚି । ୭ ।

ଧନ – ଏ ହୀରା ମୁଁ ଆଣିଅଛି –

ବିଦ୍ୟା – ଏ ଶ୍ଳୋକ ମୁଁ ଲେଖିଅଛି –

ଲକ୍ଷ – ଶୁଣନ୍ତୁ – ଶୁଣନ୍ତୁ ମୋ' କଥା ! ଆପଣମାନଙ୍କ ହୀରା ଓ ଶ୍ଳୋକ ନେଇ ଆପଣମାନେ ଫେରିଯାନ୍ତୁ ।

ଧନ ଓ ବିଦ୍ୟା – କାହିଁକି ?

Digitized by srujanika@gmail.com

ଲକ୍ଷ – ଏଇ ଦେଖନ୍ତୁ ସେ ଘରେ ଯିଏ ବସିଚନ୍ତି –

ଧନ – (ଭିତରକୁ ଚାହିଁ ଦେଖି) ସେଇ ବିକଳାଙ୍ଗ ଭିକାରି ବ୍ରାହ୍ମଣ ବିଷ୍ଣୁଦାସ !

ଲକ୍ଷ – ହଁ, ସେଇ ବିଷ୍ଣୁଦାସ ଆଜି ମୋର ଅତିଥି !

ଧନ – ନା-ନା – ଲକ୍ଷହୀରା . . .

ଲକ୍ଷ – କହିଲି ପରା ଆପଣମାନେ ଯା'ନ୍ତୁ !

ବିଦ୍ୟା – ଆସନ୍ତୁ ଧନପତି ମହାଶୟ, ଉଠନ୍ତୁ !

ଧନ – କିନ୍ତୁ ଯିବା କୁଆଡ଼େ ? ଅଦ୍ୟ ରାତ୍ରିରେ ତ ସ୍ୱଗୃହ ପ୍ରତ୍ୟାବର୍ତ୍ତନର ବାସନା ମୋର ନଥିଲା ।

ବିଦ୍ୟା – ମଠ – ଯୋଉ ମଠ . . . ଗୀତ ଗାଉଥିଲେ !

ଧନ – ଚାଲନ୍ତୁ – ଏବେ ମଠ ହିଁ ଆମ ଆଶ୍ରୟ ।

ଲକ୍ଷ – କାନ୍ତି ! (ଦୁହିଁଙ୍କର ପ୍ରସ୍ଥାନ)

(କାନ୍ତିର ପ୍ରବେଶ)

କାନ୍ତି – ଦେବି !

ଲକ୍ଷ – ଅନସୂୟା କ'ଣ କରୁଚି ?

କାନ୍ତି – ଭିତର ଅଳିନ୍ଦରେ ବସିଚନ୍ତି – ଡାକିବି ?

ଲକ୍ଷ – ନା, ବିଷ୍ଣୁଦାସଙ୍କୁ ଆସିବାକୁ କୁହ ।

(ଟିକିଏ ପରେ ବିଷ୍ଣୁ ଦାସ ଆସିଲେ । ସେ ବିବ୍ରତ, ବିହ୍ୱଳିତ ।)

ଲକ୍ଷ – ଆସ, ଏଇଠି – ଏଇ ଆସନରେ ବସ । ଏ କ'ଣ ? ତୁମେ ଏମିତି ଥରୁଚ କାହିଁକି ?

ବିଷ୍ଣୁ – ନା ତ – ନା ତ !

ଲକ୍ଷ – ନା !! ଏଇ ତ ତମ ମୁହଁରେ ବିନ୍ଦୁ ବିନ୍ଦୁ ଝାଳ ଦେଖା ଦେଲାଣି ! ଓ ବୁଝିଲି, ମୋର ଏ ବେଶ ଭୂଷା – ସାଜ ସଜ୍ଜା ଦେଖି ତମର ବୋଧହୁଏ ଏଣୁ ତେଣୁ ଭ୍ରମ ହେଉଚି । କ'ଣ କରିବି କୁହ – ଏଇଟା ତ ଆମ କୁଳର କଥା ! କେତେ କେତେ ରାଜା, ଧନୀବଣିକ ଏଠିକି ଆସୁଚନ୍ତି । ସେମାନଙ୍କ ମନ ନେବାକୁ ହେଲେ . . . କ'ଣ ଶୋଷ ହେଉଚି ? ପାଣି ପିଇବ ?

ବିଷ୍ଣୁ – ହଁ, ଟିକେ ପାଣି ପିଇବି ।

Digitized by srujanika@gmail.com

ଲକ୍ଷ – ହଉ ଆଣୁଚି ! (ପ୍ରସ୍ଥାନ)

ବିଷ୍ଣୁ – (ମନକୁମନ) ମୁଁ ବୁଝିପାରୁନାହିଁ କ'ଣ ମୁଁ କରିବି ! ମନରେ ଯେଉଁ ଆଶା, ଯେଉଁ ବାସନା ନେଇ ଏଠିକି ଆସିଥିଲି – ଏଠି ଆସି ଦେଖୁଚି ସେ ସବୁ ଯେମିତି ସ୍ୱପ୍ନ, ମାୟା ।

(ହାତରେ ଦୁଇଟି ପାଣିଭରା ପାତ୍ର ନେଇ ଲକ୍ଷହୀରା ଆସିଲା ।)

ଲକ୍ଷ – ଏଇ ପାଣି ନିଅ ।

ବିଷ୍ଣୁ – ଏ କ'ଣ ଦୁଇଟି ପାତ୍ରରେ ପାଣି ?

ଲକ୍ଷ – ହଁ, ଦୁଇଟି ପାତ୍ର – ଇଏ ସୁନାର ପାତ୍ର, ଆଉ ଇଏ ମାଟିର ।

(ଗୀତ)

ହେ ପୂଜ୍ୟ ଅତିଥି, ହେ ବନ୍ଧୁବର,
ଦୁଇ ପାତ୍ରେ ଭରିଅଛି ମୁଁ ଜଳ ।
ସ୍ୱର୍ଣ୍ଣ ପାତ୍ର ଜଳ ଏ ସୁବାସିତ
ସେଥି ସଙ୍ଗେ ପୁଣି ମଧୁ ମିଶ୍ରିତ ଯେ
ମାଟି ପାତ୍ରର ଏ ଜଳ ଯେ,
ପବିତ୍ର ଗୋ'କନ୍ୟା ନଦୀରୁ ଆଣିଚି
ଶୁଦ୍ଧପୂତ ନିରିମଳ ଯେ । ୧ ।

ବିଷ୍ଣୁ – (ଗୀତ)

ବୁଝି ନ ପାରେ ଏ ରହସ୍ୟ କିବା
ଭିନ୍ନ ପାତ୍ରେ ଭିନ୍ନ ଜଳ ରଖିବା ।
ସ୍ୱର୍ଣ୍ଣ ପାତ୍ର ତୁମ ଯୋଗ୍ୟ ବେଭାର
ମାଟି ପାତ୍ର ସିନା ତୁଚ୍ଛ ଅସାର ଯେ
କିପାଇଁ ତେବେ ଏ ଭ୍ରମ ଯେ,
କହ ଗୋ ଫିଟାଇ କେଉଁ ଜଳ ପିଇ
ତୃଷା ମେଣ୍ଟାଇବି ମୋର ଯେ । ୨ ।

ଲକ୍ଷ– (ଗୀତ)

ନାହିଁ କିଛି ଭ୍ରମ ନାହିଁ ରହସ୍ୟ,
ନାହିଁ ଏଥି ବିଷ ନାହିଁ ପିୟୁଷ ।
ତୁମେ ଆଜି ମୋର ପ୍ରିୟ ଅତିଥି

Digitized by srujanika@gmail.com

ଲକ୍ଷ୍ୟ ତୁମ ଲକ୍ଷହୀରାର ପ୍ରୀତି ଯେ
କି କଥାକୁ ଆଉ ଡର ଯେ,
କେଉଁ ଜଳପାନେ ତୃଷା ଦୂର ହେବ
ସେ ବିଚାର ନିଜେ କର ଯେ । ୩ ।

ଲକ୍ଷ – ଲକ୍ଷହୀରାକୁ ପାଇବା ପାଇଁ ଯଦି ମରଣ ପଣ କରିପାରିଲ, ତେବେ ନଦୀଜଳ କି ସୁବାସିତ ଜଳ କେଉଁଥିରେ ତମ ତୃଷା ମେଣ୍ଟିବ ସେ ବିଚାର କରିପାରୁନ ?

ବିଷ୍ଣୁ – ସେ ବିଚାର ମୁଁ କଲି, ଦେବୀ ଲକ୍ଷହୀରା ! ଏଇ ମାଟିପାତ୍ରର ପବିତ୍ର ନିର୍ମଳ ଜଳ ମୁଁ ପିଉଚି । (ପିଇଲା)

ଲକ୍ଷ – ମଧୁର ସୁବାସିତ ଜଳ ଥାଉ ଥାଉ ନଦୀଜଳ ପିଇଲ ?

ବିଷ୍ଣୁ – ହଁ ।

(ଗୀତ)

ସ୍ୱର୍ଣ୍ଣ ପାତ୍ର ଜଳ ମଧୁ ମିଶ୍ରିତ
ଶୋଷୀ ଜନେ ମାତ୍ର କରେ ଅହିତ,
ରସନା ଲାଳସେ ବଢ଼େ ବାସନା
ମେଣ୍ଟେ ନାହିଁ ଶୋଷ ବଢ଼େ ଯାତନା ଯେ
ମତେ ଭଲ ମାଟି ପାତ୍ର ଯେ,
ନାହିଁ ବାସ ନାହିଁ ବାସନା ଏଥିରେ
ଏ ଜଳ ପିଇ ମୁଁ ତୃପ୍ତ ଯେ । ୪ ।

ସୁବାସିତ ମଧୁର ଜଳରେ ଶୋଷ ମେଣ୍ଟେ ନାହିଁ, ବରଂ ବଢ଼େ । ସେଇଥିପାଇଁ ଏ ନଦୀଜଳ ମୁଁ ପିଇଲି । ଏଥିରେ ମୁଁ ତୃପ୍ତ ।

ଲକ୍ଷ – ଏତିକି – ଏତିକି ମୁଁ ତୁମଠୁଁ ଶୁଣିବାକୁ ଚାହୁଁଥିଲି । (ଡାକିଲା) ଅନସୂୟା – ଅନସୂୟା ! (ଅନସୂୟା ଆସିଲା)

ଅନ – ମତେ – ମତେ ଡାକିଲ ?

ଲକ୍ଷ – ହଁ, ଆସ, ଏଠିକି ଆସ । ତମର ଜୟ ହୋଇଚି ।

ଅନ – ଜୟ ହୋଇଚି ?

ଲକ୍ଷ – ହଁ, ତମ ସ୍ୱାମୀଙ୍କ ବିଚାରରେ ହିଁ ତମର ଜୟ ହୋଇଚି – ଆଉ ତାଙ୍କର ହୋଇଚି ପରାଜୟ ।

Digitized by srujanika@gmail.com

ବିଷ୍ଣୁ – ମୋର ବିଚାରରେ ?

ଲକ୍ଷ – ମୁଁ ଆଉ ଅନସୂୟା – ମୋର ଏ ବେଶଭୂଷା ଆଉ ଅଳଙ୍କାର ଭିତରେ ମୁଁ ହେଉଚି ସୁନାପାତ୍ରର ସୁବାସିତ ଜଳ । ଆଉ ଏ ସାଦା ବେହେରଣ ଖଣ୍ଡକ ପିନ୍ଧି ତମର ସତୀ ଅନସୂୟା ହେଉଚି ପବିତ୍ର ଗୋକନ୍ୟା ନଦୀର ଜଳ । ତମେ ବର୍ତ୍ତମାନ ଏଇ ନଦୀଜଳ ପିଇଲ । କୁହ ତା'ହେଲେ, ତମ ଜୀବନକୁ ଧନ୍ୟ କରିବ କିଏ – ମୁଁ ନା ଏଇ ସତୀ ସାଧ୍ୱୀ ଅନସୂୟା ?

ବିଷ୍ଣୁ – ମତେ କ୍ଷମାକର ଦେବୀ – ମୁଁ ପାପୀ, ଅଧମ । ମୋର ଭ୍ରମ ମୁଁ ବୁଝିପାରିଚି । ମତେ କ୍ଷମାକର !

ଲକ୍ଷ – ଅନସୂୟା – ଯାଅ ଭଉଣୀ, ସ୍ୱାମୀଙ୍କୁ ନେଇ ଏଥର ଘରକୁ ଫେରିଯାଅ । ଏ କ'ଣ – ତମ ଆଖିରେ ଲୁହ ?

ଅନ – ଜନ୍ମ ଜନ୍ମ ପାଇଁ ମୁଁ ତୁମ ନିକଟରେ ଋଣୀ ରହିଗଲି ଭଉଣୀ । ସଂସାର ଆଖିରେ ତୁମେ ଯାହା ହୁଅନା କାହିଁକି – ମୋ ଆଖିରେ ତୁମେ ଦେବୀ । (ପଦଧୂଳି ନେଲା)

ଲକ୍ଷ – ଆରେ ଆରେ, ଏ କ'ଣ କରୁଚ ଅନସୂୟା ? ମୋର ପଦଧୂଳି ନେଉଚ ? ସାମାନ୍ୟ ଗୋଟାଏ ବାରନାରୀ ମୁଁ . . .

(ଗୀତ)

ଅନ – ବାରନାରୀ ତୁମେ ନୁହଁ ଗୋ ଭଉଣୀ
 ଦେବୀ ତୁମେ ବରନାରୀ,
ଅନୁଗ୍ରହେ ତୁମ ଅନସୂୟା ହେଲା
 ସଙ୍କଟ ସାଗର ପାରି ଗୋ ଭଉଣୀ,
 ଦେବୀ ତୁମେ ବରନାରୀ । ୧ ।
ଲକ୍ଷହୀରା ନାମ ବହିଚ ଜଗତେ
 ନାରୀ ମଧ୍ୟେ ତୁମେ ହୀରା
ଭାଗ୍ୟବଳେ ସିନା ସ୍ୱାମୀଙ୍କୁ ଜିତିଲି
 ତୁମ ପାଖେ ଗଲି ହାରି ଗୋ ଭଉଣୀ
 ଦେବୀ ତୁମେ ବରନାରୀ । ୨ ।
ଏ ଅମା ରଜନୀ ଘୋଟିଚି ଅବନୀ

Digitized by srujanika@gmail.com

ଆକାଶରେ ନାହିଁ ଜହ୍ନ,
ମୋ ଆକାଶେ ତୁମେ ସାତ ଜହ୍ନପରି
ଜୋଛନା ଦେଇଛି ଢ଼ାଳି ଗୋ ଭଉଣୀ,
ଦେବୀ ତୁମେ ବରନାରୀ । ୩ ।

ଲକ୍ଷ – ଯାଅ ଭଉଣୀ, ସ୍ୱାମୀଙ୍କୁ ସାଥିରେ ନେଇ ଯାଅ । ମୁଁ ଠାକୁରଙ୍କୁ ଜଣାଉଛି ସ୍ୱାମୀ ତୁମର ରୋଗମୁକ୍ତ ହୁଅନ୍ତୁ । ସ୍ୱାମୀ ସନ୍ତାନ ନେଇ ସୁଖରେ ଘର ସଂସାର କର । କିନ୍ତୁ ଏ ଅନ୍ଧକାରରେ ମୁହଁକୁ ମୁହଁ ଦିଶୁନି–ଯିବ କେମିତି ?

ଅନ – କହିଛ ପରା ମୋର ଜୟ ହୋଇଚି ! ଏ ଅନ୍ଧାର ଆମକୁ ବାଧା ଦେଇପାରିବନି । ଯାଉଚୁ ଆମେ । (ଦୁହିଁଙ୍କର ପ୍ରସ୍ଥାନ)

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ଅମାବାସ୍ୟାର ରାତି । ପଥଧାରରେ ଆଗ୍ନିକ ଋଷି ଶୂଳିଦଣ୍ଡ ଭୋଗୁଛନ୍ତି । ଯନ୍ତ୍ରଣାରେ ସେ ଅସ୍ଥିର ।]

ଆଗ୍ନିକ – ହେ ଭଗବାନ୍, ବିନା ଦୋଷରେ ମତେ ଏ ଗୁରୁଦଣ୍ଡ ଦେଲ ! ରାଜନବରରୁ ଧନରତ୍ନ ଚୋରିକରି ଚୋରମାନେ ଅରଣ୍ୟରେ ଯାଇ ଲୁଚିଲେ । ମୁଁ ନିରୀହ ଋଷି, ନୀରବରେ ବସି ଧ୍ୟାନ କରୁଥିଲି । ରାଜକର୍ମଚାରୀମାନେ ମତେ ମିଥ୍ୟାରେ ସନ୍ଦେହ କଲେ । ରାଜା ଅବୁଝା–ମତେ ଶୂଳିଦଣ୍ଡ ଆଦେଶ ଦେଲା । ମୁଁ ଏ ଶୂଳିଦଣ୍ଡ ଭୋଗୁଛି । ଜାଣେନା, କେତେ କାଳ ଯାଏ ମୁଁ ଏ ଯମ-ଯନ୍ତ୍ରଣା ଭୋଗ କରୁଥିବି । ଆଃ-ଆଃ . . . (ସେଇବାଟରେ ବିଷ୍ଣୁଦାସ ଓ ଅନସୂୟା ଲକ୍ଷହୀରା ନିକଟରୁ ଫେରିଆସୁଛନ୍ତି ।)

ବିଷ୍ଣୁ – ଅନୁ, ଧୀରେ ଚାଲ ଅନୁ ! ଅନ୍ଧାରରେ କାଳେ କେଉଁଠି ଝୁଣ୍ଟିବ ।

ଅନ – ସତ କହୁଚି – ଆଜି ମୋ ପାଖରେ ଆଲୁଅ ଅନ୍ଧାରର ଭେଦ କିଛି ନାହିଁ । ତମକୁ ମୁଁ ଫେରି ପାଇଚି – ମୋର ଯେମିତି ନବଜନ୍ମ ହୋଇଚି ।

Digitized by srujanika@gmail.com

ବିଷ୍ଣୁ – ଓଃ . . .
ଅନ – କ'ଣ ହେଲା ? ତମକୁ ଚାଲିବାକୁ କଷ୍ଟ ହେଉଚି ?
ବିଷ୍ଣୁ – ନା, ଏ ଡାହାଣ ପାଦଟା . . .
ଅନ – ଶୁଣ, ମୋ କାନ୍ଧରେ ଭରାଦେଇ ତୁମେ ଆସ ।
ବିଷ୍ଣୁ – ଏମିତି ଚାଲିପାରିବ ତୁମେ ?
ଅନ – ହଁ, ଆସ ।
(ଏଇପରି ଭାବେ ଚାଲୁଥିବା ଅବସ୍ଥାରେ ଅନସୂୟା ଅନ୍ଧାରରେ ଜାଣି ନ ପାରି ଆଗ୍ନିକ ଋଷିଙ୍କୁ ଝୁଣ୍ଟିଲା ।)
ଆଗ୍ନିକ – ଆଃ-ଆଃ . . . (ଚିତ୍କାର କରି) କିଏ ? କିଏ ମୋତେ ଝୁଣ୍ଟିଲା ? ଯନ୍ତ୍ରଣାରେ ମୋ ମେରୁଦଣ୍ଡ ହାଡ଼ ଭାଙ୍ଗି ଚୂନା ହୋଇଯାଉଚି । କିଏ ମତେ ଝୁଣ୍ଟିଲା ?
ବିଷ୍ଣୁ – ଆପଣ . . . ଆପଣ . . . କିଏ ?
ଆଗ୍ନିକ – ମୁଁ ଆଗ୍ନିକ ଋଷି ।
ଅନ – ମତେ କ୍ଷମା କରନ୍ତୁ ମହାତ୍ମା – ଅନ୍ଧାରରେ ମୁଁ ବାଟ ବାରିନପାରି...
ଆଗ୍ନିକ – ମିଥ୍ୟା କଥା । ଯୋଗ ବଳରେ ମୁଁ ସବୁ ଜାଣିପାରିଚି । ତୋର ସ୍ୱାମୀକୁ ତୁ ଫେରିପାଇଚୁ ବୋଲି ଗର୍ବ ଅହଙ୍କାରରେ ତୁ ଧରାକୁ ସରା ଜ୍ଞାନ କରୁଚୁ ।
ଅନା – ନା-ନା, ମହାମୁନି . . .
ଆଗ୍ନିକ – ତୋ ଆଖିରେ ସମସ୍ତେ ତୁଚ୍ଛ – ହେୟ – ନଗଣ୍ୟ !! ଗର୍ବରେ ଅନ୍ଧ ହେଇ ତୁ ମତେ ପଦାଘାତ କରିଚୁ । ସେଥିପାଇଁ ମୁଁ ତତେ ଅଭିଶାପ ଦେଉଚି ।
ଅନ – ଅଭିଶାପ !!
ଆଗ୍ନିକ – ହଁ, ହଁ – ମୁଁ ତୋତେ ଅଭିଶାପ ଦେଉଚି । ଯୋଉ ସ୍ୱାମୀ ପାଇଁ ତୋର ଏ ଗର୍ବ, ଏ ଅହଙ୍କାର – ଯାହାପାଇଁ ତୁ ମୁନି ଋଷିଙ୍କୁ ମଧ୍ୟ ଅବମାନନା କରୁଚୁ – ଆଜିର ଏ ରାତି ପାହିଲାମାତ୍ରେ ତୋର ସେ ସ୍ୱାମୀ ପ୍ରାଣତ୍ୟାଗ କରିବ ।
ଅନ – ପ୍ରଭୁ, ଏ କି ଦଣ୍ଡ ଦେଉଛନ୍ତି ? ମୁଁ ଆପଣଙ୍କ ପାଦ ଛୁଇଁ କହୁଚି ଜାଣିଶୁଣି କିଛି ଅପରାଧ ମୁଁ କରିନାହିଁ । ମତେ କ୍ଷମା କରନ୍ତୁ !

Digitized by srujanika@gmail.com

ଆଗ୍ନିକ – ନା, ଏ ଅପରାଧର କ୍ଷମା ନାହିଁ । ଋଷିବାକ୍ୟ ଅନ୍ୟଥା ହୋଇପାରେନା ।

(ଗୀତ)

ଲୋ ନିର୍ବୋଧ ନାରୀ, ତୁହି କଲୁ ଯେଉଁ କର୍ମ
ନଁ ମାନିଲୁ ଇନ୍ଦ୍ର ଚନ୍ଦ୍ର ନ ମାନିଲୁ ଧର୍ମ
ତାର ଫଳ ଭୋଗ ଲୋ,
ଭୋଗ ଏବେ ବଇଧବ୍ୟ ଯୋଗ ଲୋ । ୧ ।
ଏ ରାତି ଯେ କାଳେ ପାହି ପ୍ରଭାତ ହୋଇବ
ସ୍ୱାମୀ ତୋର ଶମଶାନ ଚିତାରେ ଶୋଇବ
ଏହା ଧ୍ରୁବ ସତ୍ୟ ଲୋ,
ମୁନିବାକ୍ୟ ନହୁଏ ଅସତ୍ୟ ଲୋ । ୨ ।

ଅନ– ଦୟା କରନ୍ତୁ ମୁନିଶ୍ରେଷ୍ଠ, ଦୟା କରନ୍ତୁ ! ଏ ଅଭିଶାପ ଫେରାଇନିଅନ୍ତୁ ।

ବିଷ୍ଣୁ – ମୁଁ ମୋ ପାଇଁ ଆପଣଙ୍କ ନିକଟରେ ଅଳି କରୁନାଇଁ ମହାମୁନି– ଅନସୂୟାର ଅବସ୍ଥା ଦେଖନ୍ତୁ – ତା' ପ୍ରତି ଦୟା କରନ୍ତୁ ।

ଆଗ୍ନିକ – (ଗୀତ)

ବ୍ରହ୍ମଶକ୍ତି ଜାଣୁନାହିଁ ତୁ ଅଜ୍ଞାନ ମୂଢ଼,
ଇନ୍ଦ୍ର ଶକ୍ତି ଠାରୁ ବ୍ରହ୍ମ-ଶକ୍ତି ଅଟେ ଗୂଢ଼,
ସେଇ ବ୍ରହ୍ମ କୋପରେ,
କରି ଦେଇ ପାରେ ସୃଷ୍ଟି ଲୋପରେ । ୩ ।

ଆଗ୍ନିକ – ଯାଅ ଏବେ – ତୁମେ ଦୁଇଟା ଚାଲିଯାଅ ମୋ ସମ୍ମୁଖରୁ, ଚାଲିଯାଅ । ଆଃ . . .

ଅନ – ଏ ରାତି ପାହିଲେ ମୁଁ ମୋ ସ୍ୱାମୀଙ୍କୁ ହରାଇବି – ମୁଣ୍ଡ ଉପରେ ଏ ଅଭିଶାପର ବୋଝ ନେଇ ମୁଁ ଏଠୁଁ ଯାଇପାରିବିନାହିଁ । ମହାମୁନି, ମତେ ଦୟା କରନ୍ତୁ ! (କାନ୍ଦୁଥାଏ)

ଅନ – (ଗୀତ)

ଅପରାଧ ମୁହିଁ କରିଚି ଋଷି ହେ
ମତେ ଦିଅ ଅଭିଶାପ,
କରେ ନର୍କ ବାସ ଯାଉ ବସବାସ

Digitized by srujanika@gmail.com

ଘାରୁ ପଛେ ଘୋର ତାପ ।
ଏ ରୂପ କୁରୂପ ହେଉ
ଛନ୍ନେ ଛନ୍ନେ ସାତ ଛନ୍ନେ
ଏ ରୂପ କୁରୂପ ହେଉ,
ଚଉଦ ଭୁବନେ କାହିଁ
ଏ ଆତ୍ମା ଶାନ୍ତି ନ ପାଉ । ୧ ।
ମହା ଆତ୍ମା ମହା ପୁରୁଷ ତୁମେ ହେ
ମୋ ଦୁଃଖ ବିଚାର କର,
ମୋ ଜୀବନ ନେଇ ମୋ ସ୍ୱାମୀ ଦେବତା
ଜୀବନକୁ ରକ୍ଷାକର ।
ବ୍ରହ୍ମ ତେଜେ ଜାଳି ମତେ,
ସ୍ୱାମୀଙ୍କୁ ମୋ ରକ୍ଷାକର ।
ଏତିକି ଅଳି ହେ ପ୍ରଭୁ, ସ୍ୱାମୀଙ୍କୁ ମୋ ରକ୍ଷାକର । ୨ ।

ଅନ – ଅପରାଧ ମୁଁ କରିଚି ପ୍ରଭୁ – ମୋ ଜୀବନ ନେଇ ମୋ ସ୍ୱାମୀଙ୍କ ଜୀବନ ରକ୍ଷାକରନ୍ତୁ । ପତିବ୍ରତା ସତୀ ନାରୀ ମୁଁ – ବୈଧବ୍ୟ ଦଶାରୁ ମୋତେ ମୁକ୍ତ କରନ୍ତୁ ।

ଆତ୍ମିକ – ନା-ନା, ମୁଁ କିଛି ଶୁଣିବି ନାହିଁ । କାହାରି କଥା ଶୁଣିବି ନାହିଁ ।

(ଗୀତ)

ଦେବଲୋକଠାରୁ ନାଗଲୋକଯାଏ
ସର୍ବେ ହୋଇ ଯେବେ ଯୋଡ଼ହସ୍ତ,
ଜାନୁପାତି ମୋର ପାଦତଳେ ବସି
ସର୍ବେ କରି ଯେବେ ମଥା ନତ,
କଳେ ମତେ ଅଳି ଯିବି ନାହିଁ ଭଳି
ଟାଳିଯିବ ନାହିଁ ମୋର କଥା,
ଆତ୍ମିକ ଋଷି ମୁଁ ବୁଝେ ନାହିଁ କିଏ
ସତୀ ଆଉ କିଏ ପତିବ୍ରତା ।

ଅନ – ତା'ହେଲେ ଶୁଣନ୍ତୁ ମୁନିବର – ନିର୍ଦ୍ଦୋଷ ମୁଁ – ମୁଁ ଏ ଅନ୍ୟାୟ ସହିପାରିବିନାହିଁ । (ଅନସୂୟା କଣ୍ଠରେ ଦୃଢ଼ତା)

Digitized by srujanika@gmail.com

ଆଗ୍ନିକ – ସହି ପାରିବୁ ନାହିଁ ?

ଅନ – ନା ।

ଆଗ୍ନିକ – ତୁ ସହିବା ପୂର୍ବରୁ ଏ ରାତି ପାହିଥିବ ।

ଅନ – ନା – ଏ ରାତି ପାହିବ ନାହିଁ । ମୁଁ ଯଦି କାୟ ମନ ବାକ୍ୟରେ ସତୀ ହୋଇଥାଏ – ମୋର ପତିବ୍ରତା ଧର୍ମ ଯଦି ମୁଁ ପାଳନ କରିଥାଏ– ତେବେ ମୁଁ କହୁଚି – ଏ ରାତି ପାହିବ ନାହିଁ ।

ବିଷ୍ଣୁ – ଅନ !

ଆଗ୍ନିକ – ତୋର ଏ ଗର୍ବ, ଏ ଅହଙ୍କାର . . .

ଅନ – ହଁ, ମୁନି ବାକ୍ୟ ଯଦି ଅନ୍ୟଥା ନ ହୁଏ, ତେବେ ସତୀ ବାକ୍ୟ ମଧ୍ୟ ଅନ୍ୟଥା ହେବନାହିଁ ।

(ଗୀତ)

ଦେବଲୋକଠାରୁ ନାଗଲୋକ ଯାଏ
ସମସ୍ତଙ୍କୁ ଯୋଡ଼ି ହସ୍ତ,
ସବୁ ଦେବ ଦେବୀ ପାଦତଳେ ମୁହିଁ
କରି ମୋର ମଥା ନତ,
ଜଣାଣ କରୁଚି ପରାଣଆକୁଳେ
ସତୀ ମାନ ରକ୍ଷା ପାଇଁ,
ସତୀ ଯେବେ ମୁହିଁ ପତିବ୍ରତା ନାରୀ
ଏ ରାତି ପାହିବ ନାହିଁ । ୧ ।
ସତୀ ମା' କମଳା, ସତୀ ଗିରିବାଳା,
ସତୀ ମାତା ମହାମାୟା,
ସାକ୍ଷୀ ତୁମେ ମାଏ, ଡାକି ଡାକି କହେ
କହେ ସତୀ ଅନସୂୟା –
ନ ପାହୁ ରାତି, ନ ମରୁ ପତି
ଏକ ରାତି ହେଉ ସପତ ରାତି । ୨ ।

(ସଙ୍ଗେ ସଙ୍ଗେ ଆକାଶ ପୃଥିବୀ ପ୍ରକମ୍ପିତ କରି ଏକ ଶବ୍ଦ ଶୁଣାଗଲା ଓ ରାତ୍ରି ଗାଢ଼ରୁ ଗାଢ଼ତର ହେବାକୁ ଲାଗିଲା । ସମସ୍ତ ଜୀବଜଗତ ପ୍ରମାଦ ଗଣିଲା । ଏଇ ଅବସ୍ଥାରେ ଆତଙ୍କିତ ନାଗରିକମାନଙ୍କର ସ୍ୱର ଶୁଣାଗଲା ।)

Digitized by srujanika@gmail.com

ପ୍ରଥମ ସ୍ୱର – ଏ କ’ଣ ? ଏ କି ଅସମ୍ଭବ କଥା ? ଏ ରାତି ପାହୁନାହିଁ କାହିଁକି ?

ଦ୍ୱିତୀୟ ସ୍ୱର – କୁଆଁତରା ଉଦୟ ହୋଇ ପହର ପହର ବିତିଗଲାଣି, କିନ୍ତୁ ସିନ୍ଦୂରା ନ ଫାଟି ଆହୁରି ଅନ୍ଧାର ମାଡ଼ିଆସୁଛି !

ସ୍ୱ ୧ – ଏ ଅଘଟନ ଘଟୁଚି କାହିଁକି ? ଏ ରାତି କ’ଣ ପାହିବ ନାହିଁ ?

ସ୍ୱ ୨ – ଏ ସୃଷ୍ଟି କ’ଣ ଧ୍ୱଂସ ହୋଇଯିବ ?

ସ୍ୱ ୧ – ଏଇ ତ, ଜନବସତି ଭିତରେ ସିଂହ ବାଘ ଆଦି ହିଂସ୍ର ଜନ୍ତୁ ପ୍ରବେଶ କଲେଣି – ଅସୁରମାନଙ୍କର ବିକଟ ଚିତ୍କାର ଶୁଣାଯାଉଚି ।

ସ୍ୱ ୨ – ହେ ଭଗବାନ୍, ବିଷ୍ଣୁ – ରକ୍ଷାକର – ରକ୍ଷାକର !

ସ୍ୱ ୧ – ହେ ପ୍ରଭୁ ସୂର୍ଯ୍ୟଦେବତା – ଆଉ କୂଟ ନ କରି ପୂର୍ବ ଦିଗରେ ଉଦୟ ହୁଅ ପ୍ରଭୁ – ଉଦୟ ହୁଅ !

(ମିଳିତ କଣ୍ଠରେ ଗୀତ)

ସୂର୍ଯ୍ୟ ହେ – ହେ ସୂର୍ଯ୍ୟ, ହେ ଛାୟାକାନ୍ତ,
ଅଂଶୁମାଳୀ ହେ ଆଦିତ୍ୟ,
କୁହ ପ୍ରଭୁ, କୁହ କେବେ ଏ ନିଶି ହେବ ପ୍ରଭାତ ?
ଲୋକ-ଲୋଚନରୁ ଅନ୍ତର ହୋଇ
କେଉଁଠି ରହିଲ ରବି,
କେଉଁ ଗଗନରେ ହଜିଗଲା ତୁମ
ଉଦୟ କାଳର ଛବି !
କାହିଁ ଗଲେ ତୁମ ସପତ ଅଶ୍ୱ
କାହିଁ ଗଲା ତୁମ ରଥ,
ଅନ୍ତହୀନ ଏ ତମିସ୍ର ରଜନୀ
କାହିଁ ତୁମ ଛାୟାପଥ ?
ସୂର୍ଯ୍ୟ ହେ . . . ସୂର୍ଯ୍ୟ ହେ,
ଏ’କି ସୃଷ୍ଟିର ଅବସାନ !
ଏ’କି ପ୍ରଳୟର ଅଭିଯାନ !
ହେ ସୂର୍ଯ୍ୟ, ହେ ଛାୟାକାନ୍ତ,
ଅଂଶୁମାଳୀ, ହେ ଆଦିତ୍ୟ,

Digitized by srujanika@gmail.com

କୁହ ପ୍ରଭୁ, କୁହ କେବେ
ଏ ନିଶି ହେବ ପ୍ରଭାତ । ୧ ।
ଆଉ ନିର୍ଦ୍ଦୟ ହୁଅନା ଦେବ,
ଦିଅ ଆଲୋକ ଦୁଆର ଖୋଲି,
ତିମିର ତଳୁ ଏ ଜୀବ
ଚାହୁଁ ଥରେ ଆଖି ମେଲି ।
ଅନ୍ଧକୂପ ତଳୁ କୋଟି ମାନବର
ଶୁଣିକି ପାରୁନ ତ୍ରାହି ତ୍ରାହି ସ୍ୱର
ଏ'କି ଜୀବଜଗତର ଶେଷ
କିଛି ରହିବନି ଅବଶେଷ !
ସୂର୍ଯ୍ୟ ହେ . . . ସୂର୍ଯ୍ୟ ହେ,
ହେ ସୂର୍ଯ୍ୟ, ହେ ଛାୟାକାନ୍ତ,
ଅଂଶୁମାଳୀ ହେ ଆଦିତ୍ୟ,
କୁହ ପ୍ରଭୁ, କୁହ କେବେ ଏ ନିଶି ହେବ ପ୍ରଭାତ । ୨ ।

ଦ୍ୱିତୀୟ ଦୃଶ୍ୟ

[ସ୍ୱର୍ଗପୁର । ଜୀବ-ଜଗତର ଏ ଦୁର୍ଦ୍ଦଶାରେ ବିଚଳିତ ହୋଇ ବ୍ରହ୍ମାଙ୍କ ସହ ଦେବଗଣ ବିଷ୍ଣୁଙ୍କ ନିକଟରେ ଉପସ୍ଥିତ ହୋଇଛନ୍ତି ।]

ବ୍ରହ୍ମା – ଏଥର କୁହନ୍ତୁ ପରମେଶ୍ୱର, ଏ ସୃଷ୍ଟି କଣ ଧ୍ୱଂସ ହୋଇଯିବ ?

ବିଷ୍ଣୁ – ଆପଣ ତ ସୃଷ୍ଟିକର୍ତ୍ତା, ବ୍ରହ୍ମା ! ଏ ପ୍ରଶ୍ନ ଆପଣ ମତେ ପଚାରୁଚନ୍ତି କାହିଁକି ?

ବ୍ରହ୍ମା – ମୁଁ ସୃଷ୍ଟିକର୍ତ୍ତା ସତ – ଆପଣ ହେଉଚନ୍ତି ପାଳନକର୍ତ୍ତା । ଏ ସୃଷ୍ଟି ରକ୍ଷାର ଦାୟିତ୍ୱ ଆପଣଙ୍କର । ସାତ ଦିନ ସାତ ରାତି ହୋଇଗଲା – ମର୍ତ୍ତ୍ୟରେ ସୂର୍ଯ୍ୟୋଦୟ ହୋଇନାହିଁ ।

ବିଷ୍ଣୁ – ମୁଁ ନିରୁପାୟ ପିତାମହ ! ସତୀ ଅନସୂୟାଙ୍କ ବାକ୍ୟ କେବେ ଅନ୍ୟଥା ହେବ ନାହିଁ । ସତୀ ତାଙ୍କ ବାକ୍ୟ ଫେରାଇ ନ ନେଲେ ଏ ମହାରାତ୍ରର ଅବସାନ ହେବ ନାହିଁ ।

ବ୍ରହ୍ମା – କିନ୍ତୁ ସତୀ ତାଙ୍କ ବାକ୍ୟ ଫେରାଇ ନେଲେ ତାଙ୍କ ସ୍ୱାମୀଙ୍କ ଜୀବନ

Digitized by srujanika@gmail.com

ରକ୍ଷା . . .

ବିଷ୍ଣୁ – ସେଇଥି ପାଇଁ ତ କହୁଚି – ମୁଁ ନିରୁପାୟ !

ବ୍ରହ୍ମା – ଆପଣ ଆଉ ଛଳନା କରନ୍ତୁ ନାହିଁ ଗୋଲୋକବିହାରୀ । କହନ୍ତୁ, ଉପାୟ କ'ଣ ?

ବିଷ୍ଣୁ – ଏକମାତ୍ର ଉପାୟ – ସତୀ ଯଦି ସ୍ୱଦେହରେ ସ୍ୱର୍ଗକୁ ଆସିପାରିବେ . . .

ବ୍ରହ୍ମା – କିନ୍ତୁ ଅନସୂୟା ଯେ ମାନବୀ ?

ବିଷ୍ଣୁ – ସେ ଉପାୟ ଆପଣ କରିବେ । ଆପଣ ବିଧାତା ପୁରୁଷ । ଆପଣ ବର ଦେଲେ ସତୀ ସ୍ୱଦେହରେ ସ୍ୱର୍ଗକୁ ଆସିପାରିବେ ।

ବ୍ରହ୍ମା – ଧନ୍ୟ ଆପଣ ଛଳନାମୟ ! ବେଶ୍, ମୁଁ ଏଇ ମୁହୂର୍ତ୍ତରେ ବର ପ୍ରଦାନ କରୁଚି – ଅନସୂୟା ସ୍ୱଦେହରେ ସ୍ୱର୍ଗକୁ ଆଗମନ କରନ୍ତୁ । (ଧ୍ୟାନରତ ବ୍ରହ୍ମା ଊର୍ଦ୍ଧ୍ୱକୁ ବାହୁ ପ୍ରସାରଣ କରି ବର ପ୍ରଦାନ କଲେ । ପର ମୁହୂର୍ତ୍ତରେ ପଟ୍ଟବସ୍ତ୍ର-ସୁଶୋଭିତା ଅନସୂୟା ଦେବଲୋକରେ ଉପସ୍ଥିତ ହେଲେ ଓ ଆଖିର ପଲକରେ ଦେବଦେବୀଙ୍କ ଗହଣରେ ସମସ୍ତ ସ୍ୱର୍ଗପୁରୀ ଦେଖିଆସିଲେ ।)

ବିଷ୍ଣୁ – ସମସ୍ତ ସ୍ୱର୍ଗପୁରୀ ତ ବୁଲି ଦେଖିଲ – ଏବେ କୁହ ସତୀ ଅନସୂୟା, ମର୍ତ୍ତ୍ୟପୁରୀକୁ କି ସମ୍ବାଦ ନେଇ ଫେରିଯିବ ? କ'ଣ ଏଠି ଦେଖିଲ ?

ଅନ – ନନ୍ଦନକାନନରୁ ନରକପୁରୀ ସବୁଠି ମୋ' ଆଖି ଆଗରେ ଭାସିଉଠିଲା ସେଇ ଗୋଟିଏ ଚିତ୍ର ।

ବିଷ୍ଣୁ – କ'ଣ ସେ ଚିତ୍ର ?

ଅନ – ପ୍ରଭୁ ଗୋଲୋକବିହାରୀ ଭଗବାନ୍ ବିଷ୍ଣୁ – ସବୁଠି ସେ ବିଦ୍ୟମାନ ।

ବିଷ୍ଣୁ – ମୁଁ କିନ୍ତୁ ତମ ମୁହଁରୁ ଏ ସ୍ତୁତିଗାନରେ କେବଳ ସନ୍ତୁଷ୍ଟ ହୋଇ ପାରିବି ନାହିଁ । ତମ ପାଖରେ ମୋର ନିବେଦନ ଅଛି ।

ଅନ – ନିବେଦନ ?

ବିଷ୍ଣୁ – ମର୍ତ୍ତ୍ୟ ଆକାଶରେ କ'ଣ ସୂର୍ଯ୍ୟ ଉଇଁବେ ନାହିଁ ? ମର୍ତ୍ତ୍ୟର ଏ କାଳରାତ୍ରି କ'ଣ ପାହିବ ନାହିଁ ?

ଅନ – ଏ ପ୍ରଶ୍ନର ଉତ୍ତର ମୁଁ ଦେବି ?

ବିଷ୍ଣୁ – ହଁ, ତୁମେ ।

Digitized by srujanika@gmail.com

(ଗୀତ)

ଆଜି ଏ ଗୋଲୋକ ଧାମେ
ଗୋଲୋକବିହାରୀ ଯେ
ସତୀ ଅନସୂୟା ପାଶେ ଜଣାଏ ଗୁହାରୀ ଯେ । ୦ ।
ଲକ୍ଷ୍ମଣର ଶକ୍ତିଭେଦ
ଗନ୍ଧମାଦନୁଁ ଔଷଧ
ଏକ ରାତ୍ରି ମଧ୍ୟେ ହନୁ ଆଣିଲା କିପରି ଯେ । ୧ ।
ତୁମ ବାକ୍ୟ ବଳେ ସତୀ
ରାତି ହେଲା ସାତ ରାତି
ସୁମିତ୍ରାନନ୍ଦନ ଚେତା ପାଇଲେଣି ଫେରି ଯେ । ୨ ।
ଜଣାଇଲି ସବୁ ଭେଦ
ମନେ ଯଦି ନାହିଁ ଖେଦ
କୁହ ମନ କଥା ଖୋଲି ସଂଶୟ ନ କରି ଯେ । ୩ ।

ଅନ –

(ଗୀତ)

ତୁମ କୃପାବଳେ ନାଥ,
ଜାଣିଲି ସବୁ ବୃତ୍ତାନ୍ତ
ସବୁ ସିନା ତୁମ ଚକ୍ର ପ୍ରଭୁ ଚକ୍ରଧାରୀ ହେ,
ଶୁଣ ମୋ ଦୟିନୀ ପ୍ରଭୁ ଗୋଲୋକବିହାରୀ ହେ ।
ଜଗତ କଲ୍ୟାଣ ପାଇଁ
ମୋ' ବାକ୍ୟ ନେଲି ଫେରାଇ
ମର୍ତ୍ତ୍ୟରୁ ଏ କାଳରାତ୍ରି ଯାଉ ଅପସରି ହେ !
ଶୁଣ ମୋ ଦୟିନୀ . . . । ୪ ।

ବିଷ୍ଣୁ – ସବୁ ତ ଶୁଣିଲ ଦେବି ! ତୁମେ ତୁମ ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ପ୍ରାଣପାତ କରୁଥିବା ବେଳେ ଲଙ୍କା ଯୁଦ୍ଧରେ ଲକ୍ଷ୍ମଣଙ୍କ ବକ୍ଷରେ ଶକ୍ତିଭେଦ ହେଲା । ରାତ୍ରି ପାହିବା ପୂର୍ବରୁ ଗନ୍ଧମାଦନ ପର୍ବତରୁ ଔଷଧ ନ ଆସିଲେ ଲକ୍ଷ୍ମଣ ବଞ୍ଚିବେ ନାହିଁ । ଔଷଧ କିନ୍ତୁ ଆସିବ କିପରି ? ଆଉ କଥା ତେଣିକି ଥାଉ, ପବନସୁତ ହନୁମାନ ମଧ୍ୟ ସାତଦିନ ସାତ

Digitized by srujanika@gmail.com

ରାତି ପୂର୍ବରୁ ଏ ଦୁରୂହ କାର୍ଯ୍ୟ କରିପାରିବେ ନାହିଁ । ସେଇଥିପାଇଁ ଏ ମହାଯୋଗ ଘଟିଲା । ତୁମ ବାକ୍ୟ ବଳରେ ଏକ ରାତି ସାତ ରାତି ହେଲା - ହେଲା ଲକ୍ଷ୍ମଣଙ୍କର ଜୀବନ ରକ୍ଷା । ବର୍ତ୍ତମାନ ତୁମେ ଚାହିଁଲେ ଏ ଜୀବଜଗତ ରକ୍ଷାହେବ ।

ଅନ – ମୋ' ସ୍ୱାମୀଙ୍କ ମଙ୍ଗଳ ପାଇଁ ମୁଁ ମୋ' ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥିଲି । ବର୍ତ୍ତମାନ ଜଗତର ମଙ୍ଗଳ ପାଇଁ ମୁଁ ମୋର ସାଂସାରିକ ସ୍ୱାର୍ଥ ତ୍ୟାଗ କରୁଚି – ମର୍ତ୍ତ୍ୟର ଏ ରାତି ଏବେ ପାହୁ ।

ବିଷ୍ଣୁ – ତୁମର ପରୀକ୍ଷା ଶେଷ ହୋଇଚି ଦେବି ! ତୁମେ ସ୍ୱଦେହରେ ସ୍ୱର୍ଗ ଦର୍ଶନ କରିଚ । ତୁମର ଏଇ ପୁଣ୍ୟବଳରେ ସ୍ୱାମୀ ତୁମର ରୋଗମୁକ୍ତ ହୋଇ ଦୀର୍ଘ ଜୀବନ ଭୋଗ କରିବେ । ଆଉ, ତୁମର ଏ ଅଲୌକିକ କାହାଣୀ ଯୁଗ ଯୁଗ ଧରି ଲୋକମୁଖରେ ପ୍ରଚଳିତ ରହିବ –

ନପାହୁ ରାତି, ନମରୁ ପତି,
ଏକ ରାତି, ହେଉ ସପତ ରାତି ।

□ □ □

ମହିଷମର୍ଦ୍ଦିନୀ

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[କାଳ – ପୁରାଣ ଯୁଗ । ସ୍ଥାନ – ଜୈନାବଳୀପୁର ରାଜ୍ୟର ରାଜପ୍ରାସାଦ । ତିନି ଦାନବ ବୀର - ମହିଷାସୁର, ଶୁମ୍ଭ ଓ ନିଶୁମ୍ଭ ଉପସ୍ଥିତ ।)

ମହିଷା – ହାଃ-ହାଃ-ହାଃ . . . ଏଣିକି ଆଉ ଦେବଗ୍ଣ ମଥା ଗୁଞ୍ଜିବାକୁ ସୁଦ୍ଧା କେଉଁଠି ସ୍ଥାନ ପାଇବେ ନାହିଁ । ମୋର ଦିଗ୍‌ବିଜୟ ପଥରେ – ତୁମେ ଦୁଇ ଦାନବ ବୀର ଶୁମ୍ଭ, ନିଶୁମ୍ଭ – ତୁମ ସ୍ୱହିତ ମୋର ଏହି ଯେ ମିତ୍ରତା ହେଲା, ଏଥିରେ ଦେବଗଣ ମଧ୍ୟ ପ୍ରମାଦ ଗଣିବେ । ସେମାନଙ୍କୁ ପୁଣି ତୁମେ ଭୟ କରୁଛ ?

ଶୁମ୍ଭ – ଭୟ ! ହାଃ-ହାଃ-ହାଃ . . . । ଭୟ ଆମେ କାହାକୁ କରୁନା ଦାନବରାଜ ! ମାତ୍ର ଯେଉଁ ଦେବତାମାନଙ୍କର ବର ଲାଭ କରି ଆମେ ବଳୀୟାର ହୋଇଛୁ, ସେମାନେ ଯେତେବେଳେ ଜାଣିବେ ଯେ ପ୍ରବଳ ପ୍ରତାପୀ ମହିଷାସୁର ସହିତ ଶୁମ୍ଭ ନିଶୁମ୍ଭ ତ୍ରିପୁର ବିଜୟ କରିବାକୁ ସ୍ଥିର କରିଛନ୍ତି . . .

ମହିଷା – ସେମାନଙ୍କ ମନରେ ଦୁଃଖ ହେବ – ସେମାନେ ଅନୁତାପ କରିବେ – ଏଇଆ ତ ?

ନିଶୁମ୍ଭ – ଠିକ୍ ସେଇକଥା ଆମେ କେବଳ ମହିଷାସୁରଙ୍କୁ ଚେତାଇ ଦେଉଥିଲୁ ।

ମହିଷା – ବୀରଭୋଗ୍ୟା ଏ ବସୁନ୍ଧରା ! କିଏ ଦୁଃଖ କଲା ବୋଲି ଆମେ କାପୁରୁଷ ପରି ଲୁଚି ରହିବୁ ନାହିଁ । ଆମ ବାହୁବଳରେ ଯାହା ଆମ ହାତମୁଠାକୁ ଆସିବ, ଆମେ ତାହା ଭୋଗ କରିବୁ । କେହି ବାଧା ଦେଲେ ତାର ସମୁଚିତ ପ୍ରତିଫଳ ସେ ଭୋଗକରିବ ।

Digitized by srujanika@gmail.com

(ଗୀତ)

ମେଦିନୀ କମ୍ପିବ ବାସୁକୀ ଟଳିବ
ଇନ୍ଦ୍ରପୁରୀ ହେବ ଥରହର,
କ୍ଷଣକେ ତ୍ରିପୁର କରିପାରୁ ଚୁର
ବିଫଳ ନୁହେଁ ତ ବ୍ରହ୍ମା-ବର । ପଦ ।
ଦେବଲୋକ ଠାରୁ ନାଗଲୋକ ଯାଏ
ବରଣ କରିବେ କିଙ୍କର ପରାଏ,
ଶରଣ ପଶିବେ ଦାନବ ଚରଣେ
ମରଣକୁ ଯେବେ ଥାଏ ଡର । ୧ ।

ଶୁମ୍ଭ — ଧନ୍ୟ, ଧନ୍ୟ ତୁମ୍ଭେ ବୀର ମହିଷାସୁର ! ଆମ୍ଭେ ଶୁମ୍ଭ ନିଶୁମ୍ଭ ତୁମ୍ଭ ମଥାରେ ବିଜୟ ମୁକୁଟ ପିନ୍ଧାଇ ଦେଉଚୁ । ଆଜିଠୁ ତୁମ୍ଭେ ଏ ଜେନାବଳୀପୁର ରାଜ୍ୟର ରାଜା ।

(ମଥାରେ ମୁକୁଟ ପିନ୍ଧାଇଦେଲେ)

(ଗୀତ)

ରକ୍ଷକୁଳରାଟ ହେ ମହିଷାସୁର
ଭୋଗକର ତୁମେ ଜେନାବଳୀପୁର
କୁଳାବତୀ ନଗ୍ର ରାଜତ୍ୱ ଆମର
କି କରିବେ ଅବା ବିଷ୍ଣୁ ହର । ୨ ।

ମହିଷା — ଯୋଗ୍ୟ ସହିତ ଯୋଗ୍ୟର, ମହତ୍ ଜନ ସହିତ ମହତ୍ ଜନର ମିଳନ ଘଟିଚି । ଏଣିକି ଦାନବକୁଳ ନିଷ୍କଣ୍ଟକ ।

ନିଶୁମ୍ଭ — ଆମକୁ ଏବେ ବିଦାୟ ଦିଅ ଦାନବ ବୀର ! ଥାଟବାଟ ନେଇ ଆମେ କୁଳାବତୀପାଟଣା ଫେରିଯାଉଚୁ । ଯଥାକାଳରେ ଆମକୁ ସ୍ମରଣ କରିବେ । (ଶୁମ୍ଭ ଓ ନିଶୁମ୍ଭର ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ

[କୁଳାବତୀପାଟଣା ରାଜପ୍ରାସାଦ । ଶୁମ୍ଭ ଓ ନିଶୁମ୍ଭ ସିଂହାସନରେ ଆସୀନ । ନାରଦ ପ୍ରବେଶକଲେ ।]

ନାରଦ — ନାରାୟଣ ! ନାରାୟଣ !

Digitized by srujanika@gmail.com

ଶୁମ୍ଭ – ଆସନ୍ତୁ, ଆସନ୍ତୁ ଦେବର୍ଷି ନାରଦ ! ଆସନ ଗ୍ରହଣ କରନ୍ତୁ । ଆଗମନର ଉଦ୍ଦେଶ୍ୟ ?

ନାରଦ – ତମର ଏ ରାଜପୁରୀ ବୁଲି ଦେଖିଆସିଲି । ଅପୂର୍ବ ! କେବଳ ଅମରାବତୀ ହିଁ ଏହାର ପଟାନ୍ତର ! ହେଲେ, ବାବୁ ଶୁମ୍ଭ ନିଶୁମ୍ଭ . . .

ନିଶୁମ୍ଭ – କହନ୍ତୁ ମୁନି ! ଅଟକିଗଲେ କାହିଁକି ?

(ଗୀତ)

ନାରଦ – ଦାନବକୁଳ-ଚନ୍ଦ୍ରମା
କୁଳାବତୀ ନଗ୍ର ରାଏ,
ଶତ ରାଜା ଧନ ଥାଇ (ତୁମ)
କିଛି ନ ଥିଲାର ପ୍ରାୟେ । ପଦ ।

ଶୁମ୍ଭ – କି ଅସମ୍ଭବ କଥା କହୁଛନ୍ତି ଋଷି ! ଯେଉଁ ରାଜପୁରୀରେ ଦାସଦାସୀମାନେ ସ୍ୱର୍ଗର ଦେବତାମାନଙ୍କଠୁଁ ବଳି ସୁଖରେ ଥାଆନ୍ତି, ସେଠି ପୁଣି କିଛି ନାହିଁ ?

ନାରଦ – ନାଁ, କିଛି ନାହିଁ । ମାତ୍ର ଚାରିଗୋଟି ପଦାର୍ଥ ଏଠି ନାହିଁ ବୋଲି ଏହା ଅମରାବତୀର ସମକକ୍ଷ ନୁହେଁ ।

ନିଶୁମ୍ଭ – କ'ଣ ସେ ପଦାର୍ଥ ?

(ଗୀତ)

ନାରଦ – ଉଚ୍ଚୈଃଶ୍ରବା ଐରାବତ
ରମ୍ଭା ନାରୀ ପାରିଜାତ
ଏ ଚାରି ପଦାର୍ଥ ବିନା
ରାଜୁତି କି ଶୋଭାପାଏ ? । ୧ ।

ନିଶୁମ୍ଭ – ଏସବୁ ତ ଇନ୍ଦ୍ରର ସମ୍ପତ୍ତି ?

ନାରଦ – ଇନ୍ଦ୍ରପୁରୀ ତ ଏଠୁଁ ବେଶି ଦୂର ନୁହେଁ ?

ଶୁମ୍ଭ – ବେଶ୍, ଆମେ ଏଇ ମୁହୂର୍ତ୍ତରେ ସ୍ୱର୍ଗପୁର ଆକ୍ରମଣ କରିବୁ ।

ନାରଦ – ସାଙ୍ଗେ ସାଙ୍ଗେ ଆକ୍ରମଣ !

ନିଶୁମ୍ଭ – ଆପଣ ତାହେଲେ କ'ଣ କହୁଛନ୍ତି ?

ନାରଦ – ମୋର ଏଥିରେ କି ସ୍ୱାର୍ଥ ଅଛି ? ମୁଁ ବା କ'ଣ କହିବି ? ତେବେ . . .

Digitized by srujanika@gmail.com

(ଗୀତ)

ଇନ୍ଦ୍ରକୁ ଚିଟାଉ ଲେଖ
ଦୂତ ପଠିଆଇ ଦେଖ,
ଦେବ ଜଣେ ନେବ ଜଣେ
(ଏ) ନାରଦର କିବା ଥାଏ । ୨ ।

ଶୁମ୍ଭ – ଆପଣଙ୍କ କଥା ମାନି ଆମ୍ଭେ ଇନ୍ଦ୍ରକୁ ଚିଟାଉ ଲେଖିବୁ ସତ; କିନ୍ତୁ ଇନ୍ଦ୍ର ଯଦି ଅସ୍ୱୀକାର କରେ ?

ନାରଦ – ଏ ମୁନିଟାକୁ ଅଡୁଆ ଭିତରକୁ ଟାଣୁଚ କାହିଁକି ବାବା ? ଗଲି ଅଇଲି – ଯା' ସତକଥା ତା' କହିଲି ।

(ଗୀତ)

ତିନି ପୁରେ ମୋର ଗତି,
କାହାକୁ ନଥାଏ ଭୀତି,
ସତକଥା କହି କହି
ବିଷ୍ଣୁ ନାମ ଗାଇ ଗାଇ
ନାରଦ ବୀଣା ବଜାଏ । ୩ । (ପ୍ରସ୍ଥାନ)

ନିଶୁମ୍ଭ – ନାରଦ ମୁନି ତ ଚାଲିଗଲେ . . .

ଶୁମ୍ଭ – ତାଙ୍କର ଆଉ ରହିବା ପ୍ରୟୋଜନ କ'ଣ ? ଆସ, ବର୍ତ୍ତମାନ ଇନ୍ଦ୍ର ନିକଟକୁ ପତ୍ର ଲେଖିବା ।

(ଗୀତ)

ଆଦ୍ୟେ ଶୁମ୍ଭ ନିଶୁମ୍ଭର ମାନ୍ୟ ହେ
ସୁରପୁରପତି ଇନ୍ଦ୍ର ଘେନ ହେ । ୧ ।
କୁଳାବତୀ ନଗ୍ର ସମାଚାର ହେ
ଲେଖି ଜଣାଇଲୁ ଧାତିକାର ହେ । ୨ ।
ବ୍ରହ୍ମା-ବରେ ଯିଏ ମହାବୀର ହେ
ରୂପେ କୋଟି କନ୍ଦର୍ପ ସୁନ୍ଦର ହେ । ୩ ।
ସେହି ମହିଷା ଅସୁର ନାମେ ହେ
ଚାର ପଠାଇଲୁ ତୁମ ଧାମେ ହେ । ୪ ।
ରମ୍ଭା ଅପସରା ପାରିଜାତ ହେ

Digitized by srujanika@gmail.com

ଉଚ୍ଚୈଃଶ୍ରବା ପୁଣି ଐରାବତ ହେ । ୫ ।
ତୁମ୍ଭେ ନୁହଁ ଏ ସବୁର ଯୋଗ୍ୟ ହେ
ଏହା ଅସୁର କୁଳର ଭୋଗ୍ୟ ହେ ।୬ ।
ଘେନି ଏହି ଦ୍ରବ୍ୟ ଚାରିଗୋଟି ହେ
ଆମ ଚରଣରେ ଦିଅ ଭେଟି ହେ । ୭ ।
ଯେବେ ଇନ୍ଦ୍ର ପଦେ ଥାଏ ଆଶ ହେ
ଥାଟପାଟ ଘେନି ବେଗେ ଆସ ହେ । ୮ ।
ଏଠି ସର୍ବ କୁଶଳ ଆମ୍ଭର ହେ
ସୁଖେ ପାଳୁଚୁ ପ୍ରଜା-ନିକର ହେ । ୯ ।
ତୁମ୍ଭ କୁଶଳକୁ ଦେବ-ନାହା ହେ
ବୀର ମହିଷା ଅସୁର ସାହା ହେ । ୧୦ ।

ଶୁମ୍ଭ – ଦୂତ !

ଦୂତ – (ପ୍ରବେଶ କରି) ଆଜ୍ଞା, ମହାରାଜ !

ଶୁମ୍ଭ – ଆଖିର ପଲକେ ଅମରାବତୀ ଯାଇ ଇନ୍ଦ୍ରକୁ ଚିଟାଉ ଦିଅ ।

ନିଶୁମ୍ଭ – ଇନ୍ଦ୍ରକୁ କହିବ, ଯଦି ସେ ଆମ ଆଜ୍ଞାକୁ ଅବଜ୍ଞା କରେ, ତେବେ ତା ସ୍ଥାନରେ ଆଉ ଜଣେ ଇନ୍ଦ୍ର ତା ସିଂହାସନରେ ବସିବ ।

ଦୂତ – ଯଥା ଆଜ୍ଞା, ଦୈତ୍ୟରାଜ ! (ପ୍ରସ୍ଥାନ)

ତୃତୀୟ ଦୃଶ୍ୟ

[ଇନ୍ଦ୍ରପୁରୀ । ଦେବରାଜ ଇନ୍ଦ୍ର ସିଂହାସନରେ ଅସୀନ । ଯଥାରୀତି ସଭାସଦ୍‌ଗଣ ଉପସ୍ଥିତ । ଅପ୍‌ସରାମାନଙ୍କର ନୃତ୍ୟ ଚାଲିଚି । ନୃତ୍ୟ ଶେଷ ହେଲା । ଅପ୍‌ସରାଗଣ ବିଦାୟନେଲେ । କିଛିକ୍ଷଣ ପରେ କୁଳାବତୀପାଟଣାର ଦୂତ ଦେବସଭାରେ ପ୍ରବେଶ କଲା ।]

ଦୂତ – ଦେବାଧିଦେବ ଶଚୀପତି ଇନ୍ଦ୍ରଦେବଙ୍କର ଜୟ ହେଉ !
(ପ୍ରଣାମ କଲା)

ଇନ୍ଦ୍ର – କିଏ ତୁହି ?

ଦୂତ – କୁଳାବତୀପାଟଣାର ଦୂତ । ଚିଟାଉ ଆଣିଚି ।

ଇନ୍ଦ୍ର – ଚିଟାଉ ? ଦେଖେଁ । (ପଢ଼ି) କ’ଣ – ସାମାନ୍ୟ ଦୈତ୍ୟ ପୁଣି

Digitized by srujanika@gmail.com

ତାହେଁ ଅଧିକାର କରିବ ମୋର ଐରାବତ ହସ୍ତୀ, ଉଚ୍ଚୈଃଶ୍ରବା ଅଶ୍ୱ, ପାରିଜାତ ପୁଷ୍ପ ଆଉ ଅପ୍ସରା ରମ୍ଭାକୁ !

ଦୂତ – ଦାନବକୁଳତିଳକ ମହିଷାସୁର ଆଉ ଶୁମ୍ଭ ନିଶୁମ୍ଭକୁ ଆପଣ ସାମାନ୍ୟ ମଣନ୍ତୁ ନାହିଁ, ଦେବରାଜ !

ଇନ୍ଦ୍ର – କ'ଣ କହିଲୁ ନିର୍ବୋଧ ? ସାମାନ୍ୟ ମଣିବି ନାହିଁ – କ'ଣ ତାଙ୍କ ପାଦରେ ନେଇ ଭେଟିଦେବି ? କିଏ ଅଛି – ଅଙ୍ଗାର ପନ୍ନଗ !

ପନ୍ନଗ – ଆଦେଶ କରନ୍ତୁ, ପ୍ରଭୁ !

ଇନ୍ଦ୍ର – ଏଇ ମୁହୂର୍ତ୍ତରେ ଏ ଦୂତଟାକୁ ନେଇ ହତ୍ୟା କର । ଦେଖିବି, କୋଉ ମହିଷାସୁର ଆସି ରକ୍ଷାକରିବ – ଯାଅ ।

(ସଭାର ଏକ ପ୍ରାନ୍ତରେ ଅଙ୍ଗାରପନ୍ନଗ ଦୂତକୁ ହତ୍ୟାକଲା ।)

ଇନ୍ଦ୍ର – ହାଃ-ହାଃ-ହାଃ . . . ! ଥାଟପାଟ ନେଇ ଇନ୍ଦ୍ର ଯିବ ଛାର ଦୈତ୍ୟଗୁଡ଼ାଙ୍କର ପାଦପୂଜା କରିବାକୁ – ନା ! ମୋର କୁଶଳକୁ ପୁଣି ମହିଷାସୁର ସାହା !

(ଦେବର୍ଷି ନାରଦଙ୍କର ପ୍ରବେଶ)

ନାରଦ – ନାରାୟଣ . . . ନାରାୟଣ !

ଇନ୍ଦ୍ର – ଦେବର୍ଷି, ଏ ଅସମୟରେ ଯେ ?

ନାରଦ – ସମୟ ଅସମୟର ଭେଦଭାବ ତ ମୋ' ନିକଟରେ ନଥାଏ, ଦେବରାଜ ! ସେଥିପାଇଁ ଏ କୁସମୟରେ ମଧ୍ୟ ମୁଁ ଇନ୍ଦ୍ରସଭାରେ ଉପସ୍ଥିତ ହୋଇଛି ।

ଇନ୍ଦ୍ର – କୁସମୟ ? ଏକଥା କାହିଁକି କହୁଚନ୍ତି ଦେବର୍ଷି ନାରଦ ?

(ଗୀତ)

ନାରଦ – ଶୁମ୍ଭ ନିଶୁମ୍ଭ ଛାମୁରୁ ଆସିଲା ଯେ ଦୂତ,
ଇନ୍ଦ୍ର – ଅଙ୍ଗାରପନ୍ନଗ ଅସ୍ତ୍ରେ ହେଲାଣି ସେ ହତ । ୧ ।
ନାରଦ – ଦୂତକୁ କରିଚ ହତ୍ୟା ନ ହୁଏ ପ୍ରତ୍ୟୟ,
ଇନ୍ଦ୍ର – ଏଇ ଦେଖ ପଡ଼ିଅଛି ଦୁଷ୍ଟ ମୃତ ଦେହ । ୨ ।
ନାରଦ – ଦୂତଠାରେ ଥାଏ କିବା ଦୁଷ୍ଟ ଇଷ୍ଟ ଭାବ ?
ଇନ୍ଦ୍ର – ଅସୁର ଜନମ ଯେଣୁ, ଅସୁର ସ୍ୱଭାବ । ୩ ।
ନାରଦ – ଅତି ପରାକ୍ରମୀ ସେହି ଶୁମ୍ଭ ଓ ନିଶୁମ୍ଭ,

Digitized by srujanika@gmail.com

ଇନ୍ଦ୍ର – ଏଇ ମୋର ବଜ୍ରାଘାତେ ତୁଟିଯିବ ଦମ୍ଭ । ୪ ।
ନାରଦ – ଏଥିକୁ ଅଛଇ ପୁଣି ଦାନବ ମହିଷା,
ଇନ୍ଦ୍ର – ସହି ନ ପାରିବ କ୍ଷଣେ କୁଳିଶ ବରଷା । ୫ ।
ନାରଦ – ଅନର୍ଥ ଘଟିବ ନିଶ୍ଚେଁ ଲାଗେ ମୋ ସନ୍ଦେହ,
ଇନ୍ଦ୍ର – ଦେବରାଜ ଇନ୍ଦ୍ର ମୁହିଁ ନାହିଁ ତିଳେ ଭୟ । ୬ ।
ନାରଦ – ନାରାୟଣ . . . ନାରାୟଣ ! ମତେ ତେବେ ବିଦାୟ ଦିଅନ୍ତୁ, ଶଚୀପତି !
ଇନ୍ଦ୍ର – ଯା'ନ୍ତୁ ଦେବର୍ଷି ! ଆପଣ ଅଚିରେ ଦେଖିବେ ମୋର ଏଇ ବଜ୍ରାଘାତରେ ଶୁମ୍ଭ, ନିଶୁମ୍ଭ ଓ ମହିଷାର ଦର୍ପ ଚୂର୍ଣ୍ଣ ହୋଇଚି ।
ନାରଦ – ନାରାୟଣ . . . ନାରାୟଣ ! (ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ

[ମହିଷାସୁରର ରାଜଧାନୀ ଜୈନାବଳୀପୁର । ଇନ୍ଦ୍ରସଭାରେ ଦାନବ-ଦୂତର ହତ୍ୟା ସମ୍ବାଦ ଶୁଣି ମହିଷାସୁରର ସର୍ବାଙ୍ଗ କୋପାନଳରେ ଜର୍ଜରିତ ।]

ମହିଷା – କଣ କହିଲେ ମନ୍ତ୍ରୀ ଅନ୍ଧକ ! ମୋର ନାମାଙ୍କିତ ପତ୍ର ନେଇ ଶୁମ୍ଭ ନିଶୁମ୍ଭର ଯେଉଁ ଦୂତ ଯାଇଥିଲା, ତାକୁ ଇନ୍ଦ୍ର ହତ୍ୟା କରିଚି ?
ମନ୍ତ୍ରୀ – ହଁ, ମହାରାଜ ! ମୋର ଦିବ୍ୟଚକ୍ଷୁବଳରେ ମୁଁ ଜାଣିପାରୁଚି, ଇନ୍ଦ୍ରର ଆଦେଶରେ ଅଙ୍ଗାରପନ୍ନଗ ଆମ ଦୂତକୁ ହତ୍ୟା କରିଚି ।
ମହିଷା – ମୂଢ଼ ଇନ୍ଦ୍ର, ତୁ ରାଜସିଂହାସନରେ ବସିବାର ଯୋଗ୍ୟ ନୋହୁ । ରାଜୋଚିତ ଧର୍ମ, କର୍ମ, ନୀତି, ଅନୀତିର ଜ୍ଞାନ ତୋର ନାହିଁ । ସେଥିପାଇଁ ତୁ ବାର୍ତ୍ତାବହ ଦୂତକୁ ହତ୍ୟା କରିଚୁ । ଏବେ ଜାଣିରଖ ମୂର୍ଖ–ଦୂତକୁ ହତ୍ୟାକରି ଦେବ-ଦାନବ ମଧ୍ୟରେ ଯେଉଁ କଳହର ସୂତ୍ରପାତ ତୁ କଲୁ, ତାହାହିଁ ଦେବକୁଳ ବିଲୋପର କାରଣ ହେବ । କିଏ ଅଛି ?
(ପ୍ରହରୀର ପ୍ରବେଶ)

ପ୍ରହରୀ – ଆଦେଶ ଦୈତ୍ୟରାଜ !
ମହିଷା – ଶୁମ୍ଭ ନିଶୁମ୍ଭକୁ ସମ୍ବାଦ ଦିଅ – ସେମାନେ ଏଇ ମୁହୂର୍ତ୍ତରେ ଦଳବଳ ସହ ସ୍ୱର୍ଗପୁର ଆକ୍ରମଣ କରି ଇନ୍ଦ୍ରପଦ ଲୋପକରନ୍ତୁ – ରମ୍ଭା, ଉର୍ବଶୀ, ମେନକା ଆଦି ଅପ୍ସରାଙ୍କୁ ବିକୃତ ବିକଳାଙ୍ଗ କରିଦିଅନ୍ତୁ– ଆଉ

Digitized by srujanika@gmail.com

ନନ୍ଦନକାନନର ମୂଳୋତ୍ପାଟନ କରି ନର୍କକୁଣ୍ଡରେ ନିକ୍ଷେପ କରନ୍ତୁ – ଯାଅ ।
(ପ୍ରହରୀର ପ୍ରସ୍ଥାନ)

ପଞ୍ଚମ ଦୃଶ୍ୟ

[ସ୍ୱର୍ଗପୁରୀ । ଶୁମ୍ଭ ନିଶୁମ୍ଭ ଦୈତ୍ୟବାହିନୀ ସହିତ ପ୍ରବେଶ କଲେ ।]

ଶୁମ୍ଭ – କାହିଁ – କାହିଁ ଅଛି ସେ ନିର୍ଲଜ୍ଜ କାପୁରୁଷ ଇନ୍ଦ୍ର ?

ନିଶୁମ୍ଭ – ଆମ ଦୂତକୁ ହତ୍ୟାକରି କୋଉଠି ଆତ୍ମଗୋପନ କରିଛି ?

(ଅନ୍ୟ ଦିଗରୁ ଇନ୍ଦ୍ର ପ୍ରବେଶ କଲେ)

ଇନ୍ଦ୍ର – ସାବଧାନ ! ସାବଧାନ ମୂଢ଼ ଦୈତ୍ୟ ! ଆଉ ପଦେ ଅଗ୍ରସର ହେଲେ ତୁମ ଦୂତର ଦୁର୍ଦ୍ଦଶା ତୁମେ ଦୁହେଁ ଭୋଗିବ ।

ଶୁମ୍ଭ– ସେ ପରୀକ୍ଷାର ବେଳ ନିକଟ ହୋଇଆସୁଛି । ତା' ପୂର୍ବରୁ ମୁଁ ପୁଣି ତୋତେ ପଚାରୁଛି – ଆମ ପତ୍ରଲେଖା ଚାରି ପଦାର୍ଥ ଦେବୁ ନା ନାହିଁ ?

ଇନ୍ଦ୍ର – ତୋର ଉତ୍ତର ଦେବ ମୋ ହାତର ଏଇ ବଜ୍ର ।

(ଗୀତ)

ଦାନବକୁଳ ଅଧମରେ ଶୁମ୍ଭ ନିଶୁମ୍ଭ
ଏଇ ବଜ୍ରାଘାତେ ଭାଜିଯିବ ସବୁ ଦମ୍ଭ,
ଯେବେ ପ୍ରାଣ ଆଶରେ
ଫେରିଯା – ଫେରିଯା ନିଜ ବାସରେ । ୧ ।

ଶୁମ୍ଭ – ନାମ ବହିଅଛୁ ପରା ଦେବ ସୁନାଶିର
ସେ ଶିରେ ନରଖି ପାଦ ଫେରିବୁ କି ଘର,
ଦାନ୍ତେ ତୃଣ ଧରି ରେ,
ହେବୁ ଏବେ ଆମ ସେବାକାରୀ ରେ । ୨ ।

ଇନ୍ଦ୍ର–ନା, ଆଉ ନୁହେଁ । ତୁମ ଦୁହିଁଙ୍କର ଅନ୍ତିମ ସମୟ ନିକଟ ହୋଇଗଲାଣି !

(ଗୀତ)

କଲ ଯେଉଁ ଖଳ ବୁଦ୍ଧି, ଫଳ ତାର ଭୋଗ,
ଇନ୍ଦ୍ର ସଭା ତଳେ ତୁମ ଥିଲା ମୃତ୍ୟୁଯୋଗ,
ଏବେ ଇଷ୍ଟ ସ୍ମର ରେ,
ଯମପୁର ନୁହେଁ ବେଶି ଦୂରରେ । ୩ ।

Digitized by srujanika@gmail.com

ଶୁମ୍ଭ – ଜାଣୁ ଆମେ, ଏଠୁ ଯମପୁର ଦୂର ନୁହେଁ – ମାତ୍ର ଆଜି ଏ ଅମରପୁରୀରେ ଯମରାଜାର ମଧ୍ୟ ସ୍ଥାନ ରହିବ ନାହିଁ ।

ଇନ୍ଦ୍ର – ବେଶ୍ ! ଶକ୍ତି ପରୀକ୍ଷା ପାଇଁ ମୁଁ ମଧ୍ୟ ପ୍ରସ୍ତୁତ ।

ନିଶୁମ୍ଭ – ଦୈତ୍ୟଗଣ ! କର କର ଆକ୍ରମଣ ।

(ଏକ ପକ୍ଷରେ ଶୁମ୍ଭ, ନିଶୁମ୍ଭ ଓ ସେମାନଙ୍କର ସୈନ୍ୟଗଣ ଏବଂ ଅନ୍ୟ ପକ୍ଷରେ ଇନ୍ଦ୍ର ଓ ଦେବଗଣଙ୍କ ମଧ୍ୟରେ ଯୁଦ୍ଧ । ଯୁଦ୍ଧରେ ଇନ୍ଦ୍ର ଓ ଦେବଗଣଙ୍କ ପରାଜୟ ଓ ପଳାୟନ ।)

ଶୁମ୍ଭ, ନିଶୁମ୍ଭ – ହାଃ-ହାଃ-ହାଃ . . .

ଶୁମ୍ଭ – ଦେଖ, ଦେଖ ନିଶୁମ୍ଭ ! ଯୁଦ୍ଧରେ ପରାଜିତ ହୋଇ ଦେବଗଣ ସହ ଇନ୍ଦ୍ର କିପରି ପଳାୟନ କରୁଚି !

ନିଶୁମ୍ଭ – ଏଇ, ଏଣେ ଦେଖ – କୁବେର ତାର ସମସ୍ତ ଧନ-ସମ୍ପତ୍ତି ଛାଡ଼ି ପ୍ରାଣବିକଳରେ ପଳାଇଯାଉଚି !

ଶୁମ୍ଭ – ଦୈତ୍ୟଗଣଙ୍କୁ ଆଦେଶ ଦିଅ – କୁବେରର ଧନ-ସମ୍ପତ୍ତି ଆଣି ଆମ ପାଦତଳେ ଠୁଳ କରନ୍ତୁ ।

(ଦୂତର ପ୍ରବେଶ)

ଦୂତ – ଦୈତ୍ୟରାଜଙ୍କର ଜୟ ହେଉ !

ଶୁମ୍ଭ – କି ସମ୍ବାଦ ଦୂତ ?

ଦୂତ – ଦାନବଶ୍ରେଷ୍ଠ ମହିଷାସୁର ସ୍ୱର୍ଗପୁର ବିଜେ କରୁଛନ୍ତି ।

ଶୁମ୍ଭ – ଆମେ ତାଙ୍କୁ ହିଁ ଅପେକ୍ଷା କରିଥିଲୁ । (ମହିଷାର ପ୍ରବେଶ) ଏଇ ତ ଆସିଲେଣି !

ମହିଷା – ଧନ୍ୟ, ଧନ୍ୟ ଦୈତ୍ୟବୀର ଶୁମ୍ଭ ନିଶୁମ୍ଭ । ତୁମେ ଦୁହେଁ ଦୈତ୍ୟକୁଳର ମୁଖ ଉଜ୍ଜ୍ୱଳ କରିଛ ।

ଶୁମ୍ଭ – କେବଳ ଆପଣଙ୍କ ନାମ ସ୍ମରଣ କରି ଆମେ ଇନ୍ଦ୍ରଙ୍କୁ ଯୁଦ୍ଧରେ ପରାସ୍ତ କରିଛୁ । ଆପଣ ଏ ଇନ୍ଦ୍ର-ସିଂହାସନର ଅଧିକାରୀ ।

ନିଶୁମ୍ଭ – ଏଇ ସିଂହାସନରେ ଉପବେଶନ କରନ୍ତୁ, ଦୈତ୍ୟରାଜ ! ବାସବର ଏଇ ଅଷ୍ଟନିଧି – ଅଷ୍ଟଅଳଙ୍କାର ପିନ୍ଧାଇ ଆପଣଙ୍କର ଅଭିଷେକ ପୂଜା ଆମେ କରିବୁ ।

ମହିଷା – ମୋର ଅଭିଷେକ ହେବ ସତ; କିନ୍ତୁ ଆଜିଠାରୁ ଏ ସ୍ୱର୍ଗଧାମର

Digitized by srujanika@gmail.com

ପାଳକ ହେବ ତୁମେ ଦୁହେଁ । ଆଜିଠାରୁ ଦେବଗଣ ହେବେ ଆମର ଦାସାନୁଦାସ । ହାତଗୋଡ଼ରେ ବେଡ଼ି ପକାଇ ସେମାନଙ୍କୁ ରଖିବ – ଆସନରେ ବସିବେ ନାହିଁ, ଶଯ୍ୟାରେ ଶୟନ କରିବେ ନାହିଁ । ହୀନ, ଘୃଣ୍ୟ, ନୀଚ ଚଣ୍ଡାଳର ଅବସ୍ଥା ସେମାନେ ଭୋଗିବେ ।

ଶୁମ୍ଭ – ଦୈତ୍ୟରାଜଙ୍କର ଆଦେଶ ଅକ୍ଷରେ ଅକ୍ଷରେ ପାଳିତ ହେବ । ଜୟ ସ୍ୱର୍ଗ-ବିଜୟୀ ଦାନବକୁଳତିଳକ ବୀରାଧିବୀରବର ମହାବୀରବର ମହିଷାସୁରଙ୍କର ଜୟ !

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ଗୋଲୋକପୁରୀ । ଗଜଦନ୍ତ ପଲଙ୍କରେ ଭଗବାନ ବିଷ୍ଣୁ ଆସୀନ । ଦୈତ୍ୟମାନଙ୍କଦ୍ୱାରା ସ୍ୱର୍ଗପୁରୀରୁ ବିତାଡ଼ିତ ଦେବ୍‌ଗଣ ବିଷଣ୍ଣ ବଦନରେ ବିଷ୍ଣୁଙ୍କ ସମ୍ମୁଖରେ ଉପସ୍ଥିତ ।]

ବିଷ୍ଣୁ – ଇଏ କି ବିଚିତ୍ର ଦୃଶ୍ୟ ଆଜି ମୁଁ ଦେଖୁଛି ! ଅଳକାପୁରୀ ଶୂନ୍ୟ କରି ଦେବଗଣ ମୋ' ପୁରରେ ଉପସ୍ଥିତ କାହିଁକି ? ପିତାମହ ବ୍ରହ୍ମା – ଦେବରାଜ ଇନ୍ଦ୍ର – ସମସ୍ତଙ୍କ ମୁହଁ ବିରସ, ନିରାନନ୍ଦ । କ'ଣ ହୋଇଛି ?

(ଗୀତ)

କୁହ ଦେବଗଣ କି'ବା ଅଳକା ସମ୍ବାଦ ହେ,
କି କାରଣେ ଘାରିଅଛି ଏ ଘୋର ବିଷାଦ ହେ ? । ପଦ ।
ଅରୁଣ ବରୁଣ ଚନ୍ଦ୍ର,
ଛନ୍ତି ଯହିଁ ଦେବ ଇନ୍ଦ୍ର,
କୁବେର ସମ୍ପଦ ଥାଇ, ସାଧିଲା କେ ବାଦ ହେ ? । ୧ ।
ପାରିଜାତ ଫୁଲବାସ,
ରମ୍ଭା ମେନକାର ହସ,
ଅମୃତର ସ୍ୱାଦେ ପୁଣି କିବା ଅବସାଦ ହେ । ୨ ।

ପ୍ରଥମ ଦେବତା – ଅନ୍ତର୍ଯ୍ୟାମି ପ୍ରଭୁ ଆମ ଗୋଲୋକବିହାରୀଙ୍କୁ କେଉଁ କଥା ଅଜଣା ଯେ ପ୍ରଭୁ ଆମ ସହିତ ଏ ଛଳନା କରୁଛନ୍ତି ?

Digitized by srujanika@gmail.com

ଦ୍ୱିତୀୟ ଦେବତା – ଶୁମ୍ଭ ନିଶୁମ୍ଭ ଆଉ ମହିଷାସୁରର ଅତ୍ୟାଚାରରୁ ଆମର ସ୍ୱର୍ଗପୁରୀରେ ଆଉ ସ୍ଥାନ ନାହିଁ, ପ୍ରଭୁ !

ବିଷ୍ଣୁ – ଦେବରାଜ ଇନ୍ଦ୍ର, ଇଏ କ'ଣ ମୁଁ ଶୁଣୁଛି ?

ଇନ୍ଦ୍ର – ସେମାନଙ୍କ ସହ ଯୁଦ୍ଧରେ ପରାଜିତ ହୋଇ ମୁଁ ଅଳକାପୁରୀରୁ ବିତାଡ଼ିତ । ମୋର ଇନ୍ଦ୍ର ପଦ ଆଉ ନାହିଁ ।

ବିଷ୍ଣୁ – ପିତାମହ ବ୍ରହ୍ମା ?

ବ୍ରହ୍ମା – ମୋ'ରି ବରରେ ବଳୀୟାନ୍ ହୋଇ ସେମାନେ ମୋ' ବାସଭୂମିରୁ ସୁଦ୍ଧା ମତେ ବିତାଡ଼ିତ କରିଛନ୍ତି ।

ବିଷ୍ଣୁ – ଧନପତି କୁବେର ?

କୁବେର – ମୋ ଧନର କାଣିଚାଏ ସୁଦ୍ଧା ଆଉ ମୋ' ପାଖରେ ନାହିଁ । ସବୁ ସେମାନେ ଅପହରଣ କରିନେଇଛନ୍ତି ।

ବିଷ୍ଣୁ – ବାୟୁଦେବତା ମରୁତ ?

ମରୁତ – ବାୟୁର ଗତି ଥିଲା ବୋଲି ପଳାଇ ଆସିପାରିଲି । ତା' ନ ହେଲେ ଦାନ୍ତରେ ତୃଣ ଧରି ଅସୁରମାନଙ୍କୁ ମୁଣ୍ଡିଆ ମାରୁଥାଆନ୍ତି ।

ବିଷ୍ଣୁ – ଏ ବିଡ଼ମ୍ବନା . . . ଏ ଘଟଣା କଥା ତ ମୁଁ ଚିନ୍ତା କରିପାରୁନାହିଁ ।

(ଗୀତ)

ସବୁର ରକ୍ଷକ ଯିଏ ?
ତାକୁ ବା ରଖିବ କିଏ ?
ଦେବଶୂନ୍ୟ ଦେବଭୂମି ବଡ଼ ପରମାଦ ହେ । ୩ ।

ପ୍ରଥମ ଦେବତା – ଆଉ ଛଳନା କରନ୍ତୁ ନାହିଁ ପ୍ରଭୁ ! ଆପଣ ହିଁ ଦେବକୁଳକୁ ରକ୍ଷାକରିବେ ।

ବିଷ୍ଣୁ – କିନ୍ତୁ ପିତାମହଙ୍କ ବରରେ ସେମାନେ ଯେ ଅମରତ୍ୱ ଲାଭ କରିଛନ୍ତି !

ବ୍ରହ୍ମା – ହଁ କମଳାପତି ! ମୁଁ ସେମାନଙ୍କୁ ଅମର ବର ପ୍ରଦାନ କରିଛି ।

ଇନ୍ଦ୍ର – କିନ୍ତୁ କାହିଁକି, କାହିଁକି ଆପଣ ଏଭଳି ମାରାତ୍ମକ ବର ପ୍ରଦାନ କଲେ ? ଏ ଭୁଲ ଆପଣ କଲେ କାହିଁକି ?

ବ୍ରହ୍ମା – ଏବେ ମତେ ତୁମେ ଦୋଷ ଦେଉଚ ଇନ୍ଦ୍ର ! କିନ୍ତୁ ଯୁଗଯୁଗବ୍ୟାପୀ ସେମାନଙ୍କର କଠୋର ତପସ୍ୟା ଦେଖି ତୁମେ ନିଜେ ଭୟ କଲ ଯେ,

Digitized by srujanika@gmail.com

ଇନ୍ଦ୍ରପଦ ଚାଲିଯିବ – କୁବେର ଭୟ କଲେ ଯେ ତାଙ୍କ ସମ୍ପତ୍ତି ସେ ହରାଇବସିବେ . . .

ପ୍ରଥମ ଦେବତା – ଆଉ ସେଥିପାଇଁ ଆପଣ ଏମିତି ବର ଦେଲେ ଯେ, ଆପଣ ନିଜେ ମଥା ଗୁଞ୍ଜିବାକୁ ସ୍ଥାନ ଟିକିଏ ପାଉନାହାନ୍ତି ।

ଦ୍ୱିତୀୟ ଦେବତା – ସେମାନଙ୍କର ମୃତ୍ୟୁଭେଦ ସେମାନଙ୍କୁ କହିଥିବେ ତ ?

ବ୍ରହ୍ମା – କହିଥିଲି ! କିନ୍ତୁ ଏବେ ତାହା ମୋର ସ୍ମରଣ ନାହିଁ ।

ବିଷ୍ଣୁ – ତା'ହେଲେ ଉପାୟ ?

(ନାରଦଙ୍କର ପ୍ରବେଶ)

ନାରଦ – ନାରାୟଣ . . . ନାରାୟଣ . . .

ବିଷ୍ଣୁ – ଦେବର୍ଷି ନାରଦ !

ନାରଦ – ଦେବତାମାନଙ୍କର ସିନା ସ୍ମରଣ ନାହିଁ – ଏ ଦେବର୍ଷିର କିନ୍ତୁ ସ୍ମରଣ ଅଛି ।

(ଗୀତ)

ଏକ ହାତ ଅନ୍ୟ ଶିରେ
ଶୁମ୍ଭ ନିଶୁମ୍ଭ ରଖିଲେ
ହେବେ ହତ, ମହିଷାର ନାରୀ ମୃତ୍ୟୁ ଭେଦ ଯେ,
ଶୁଣ ଶ୍ରୀ କମଳାପତି ଦାନବ ସମ୍ବାଦ ହେ,
ମେଲାଣି ମାଗୁଛି ଏବେ ଛାମୁରୁ ନାରଦ ହେ । ୪ ।

ନାରଦ – ନାରାୟଣ . . . ନାରାୟଣ . . . (ପ୍ରସ୍ଥାନ)

ବ୍ରହ୍ମା – ଦେବର୍ଷି ଠିକ୍ କଥା କହିଗଲେ । ଜଣେ ଅନ୍ୟ ଜଣକର ଶିରରେ କର ରଖିଲେ ଶୁମ୍ଭ ନିଶୁମ୍ଭର ମୃତ୍ୟୁ ହେବ । ଆଉ ମହିଷାସୁରର ମୃତ୍ୟୁ ହେବ କେବଳ ଜଣେ ନାରୀ ହାତରେ ।

ଇନ୍ଦ୍ର – କିନ୍ତୁ କିଏ ସେହି ନାରୀ ?

ବିଷ୍ଣୁ – ଆଚ୍ଛା, ଆସନ୍ତୁ ଦେବଗଣ – ଏଇ ମେରୁପର୍ବତ ଉପରେ ବସି ମହିଷାସୁର ବିନାଶର ଉପାୟ ଚିନ୍ତା କରିବା ।

ଦେବଗଣ – ଜୟ ଦୁରିତନାଶନ ପ୍ରଭୁ ଭଗବାନ ବିଷ୍ଣୁଙ୍କର ଜୟ ! (ଏହି ସମୟରେ ଶୂନ୍ୟପଥରେ ଭାସିଆସିଲା ମହିଷାର ଅଟ୍ଟହାସ୍ୟ ଓ କଥାର ସ୍ୱର)

Digitized by srujanika@gmail.com

ମହିଷା – ହାଃ-ହାଃ-ହାଃ ! ନିର୍ବୋଧ . . . ନିର୍ବୋଧ ଏଇ ଦେବଗଣ ! ତା’ ନହେଲେ ମହିଷାସୁରର ମୃତ୍ୟୁ ଉପାୟ ଚିନ୍ତା କରିବାକୁ ଏମାନେ ସାହସ କରନ୍ତେ ! ! ଆରେ ଆରେ ହୀନମତି, ହୀନବୀର୍ଯ୍ୟ ଦେବଗଣ ! ଯେଉଁ ମେରୁଶିଖରରେ ବସି ତୁମେମାନେ ମନ୍ତ୍ରଣା କରୁଚ – ଦେଖ, ମୋର ଶିରାଘାତରେ ଏବେ ସେ ମେରୁର ମୂଳୋତ୍ପାଟନ ମୁଁ କରୁଚି । ହାଃ-ହାଃ-ହାଃ . . .

ବିଷ୍ଣୁ – ଏ କ’ଣ ହେଲା ପିତାମହ ? ଗିରିରାଜ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡୁଚି !!

ବ୍ରହ୍ମା – ମହିଷାସୁରର ଆଘାତ ସହିନପାରି ଗିରିରାଜର ପାଷାଣ ବକ୍ଷ ମଧ ଫାଟିପଡୁଚି ।

ପ୍ରଥମ ଦେବତା – ଦେଖୁଛନ୍ତି ତ ପ୍ରଭୁ ମହିଷାର ପ୍ରକୋପ ?

ଦ୍ୱିତୀୟ ଦେବତା – ଏବେ କୁହନ୍ତୁ, ଆମର ସ୍ଥାନ କେଉଁଠି ?

ବିଷ୍ଣୁ – ନାଁ, ଆଉ ନୁହେଁ । ମହିଷାର ଜୀବନନାଟିକ ଶେଷ ହୋଇ ଆସିଲାଣି । ମୂର୍ଖ, ମତେ ମଧ ଅବଜ୍ଞା କରିଚି !

ଇନ୍ଦ୍ର – ଜାଣେ ନାହିଁ ସେ ପ୍ରଭୁ ଚକ୍ରଧାରୀ କୋପ କଲେ ଏ ଚରାଚର ବିଶ୍ୱ ଜଳି ଭସ୍ମହୋଇଯିବ !

ଦ୍ୱିତୀୟ ଦୃଶ୍ୟ

[ଜୈନାବଳୀପୁର, ଉପସ୍ଥିତ ମହିଷା ଓ ମନ୍ତ୍ରୀ]

ମହିଷା – ହାଃ-ହାଃ-ହାଃ !

ମନ୍ତ୍ରୀ – ଦେଖୁଚନ୍ତି, ମହାରାଜ – ଦେଖୁଚନ୍ତି ।

ମହିଷା – ଦେଖୁଛି ମହାମନ୍ତ୍ରୀ – ମୋ’ରି ଶିରାଘାତରେ ମେରୁ ପର୍ବତ କିପରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡୁଛି । ଦେଖୁଚି ମୁଁ ତେତ୍ରିଶ କୋଟି ଦେବଦେବୀଙ୍କର ନରକଯନ୍ତ୍ରଣା ଭୋଗ ।

ମନ୍ତ୍ରୀ – ଆଉ ସେଇ ସାଙ୍ଗେ ସାଙ୍ଗେ ଦେଖନ୍ତୁ – ଦେବଗଣଙ୍କ କୋପ ଫଳରେ କିପରି ବ୍ରହ୍ମ ଅଗ୍ନି, ବିଷ୍ଣୁ ଅଗ୍ନି, ରୁଦ୍ର ଅଗ୍ନି ପିଙ୍ଗଳ ବର୍ଣ୍ଣ ଧାରଣ କରି ମହାଶୂନ୍ୟରେ ଧ୍ରୁବଲୋକ ପର୍ଯ୍ୟନ୍ତ ବ୍ୟାପିଗଲାଣି ।

ମହିଷା – ସେଥିପାଇଁ ମୁଁ ଛାର ଦେବତାଙ୍କୁ ଭୟ କରିବି ! ରେ ରେ ମୂର୍ଖ

Digitized by srujanika@gmail.com

ଦେବଗଣ, ତୁମେ ଜାଣ ନାହିଁ ମୋର ପ୍ରତିଜ୍ଞା – ମୋର ପ୍ରତାପ !

(ଗୀତ)

କରିଚି ମୁଁ ପଣ ଆରେ ଦେବଗଣ
ତ୍ରିପୁରେ ରଖାଇ ଦେବିନାହିଁ
ସରିଗଲା ତୁମ ଦେବ ଭୋଗ, ଆଉ
ଅମୃତ ଚଖେଇ ଦେବି ନାହିଁ । ୦ ।
ଐରାବତ ହସ୍ତୀ ଜଳରେ ବୁଡ଼ିବ,
ଉଚ୍ଚୈଃଶ୍ରବା ଅଶ୍ୱ ଅନଳେ ପୋଡ଼ିବ,
ଇନ୍ଦ୍ରାଣୀ ଗଳାରେ ପାରିଜାତ ହାର
ଆଉ ମୁଁ ପିନ୍ଧାଇ ଦେବି ନାହିଁ । ୧ ।

ମନ୍ତ୍ରୀ – ଆପଣ ଟିକିଏ ଧୀରସ୍ଥିର ହୋଇ ବିଚାର କରନ୍ତୁ ଦୈତ୍ୟରାଜ– ଆପଣଙ୍କ ବରଦାତା ବ୍ରହ୍ମାଙ୍କ କଥା ଭାବନ୍ତୁ ।

ମହିଷା – ମୋର ବରଦାତା ହୋଇ ଯିଏ ମୋ' ମରଣ କାମନା କରୁଚି, ମୁଁ ପୁଣି ତା' କଥା ଚିନ୍ତା କରିବି ? ମୋର ମନ୍ତ୍ରୀ ହୋଇ ଏ ଉପଦେଶ ମତେ ଦେଉଚ ?

(ଗୀତ)

ବ୍ରହ୍ମାପୁର ଦେବି ମାଟିରେ ମିଶାଇ
ଇନ୍ଦ୍ର କରୁ ବଜ୍ର ଦେବି ମୁଁ ଖସାଇ,
କ୍ଷୀରାବ୍ଧି କୋଳରେ ବିଷ୍ଣୁ ଗଜଦନ୍ତ –
ପଲଙ୍କ ପକାଇ ଦେବି ନାହିଁ । ୨ ।
ଇନ୍ଦ୍ରପତ୍ନୀ ହେବ ମୋ ଅଙ୍କଶାୟିନୀ,
ପାଦ ପଖାଳିବ ଲକ୍ଷ୍ମୀ ଠାକୁରାଣୀ,
ସୁଧର୍ମା ସଭାରେ ରମ୍ଭା, ମେନକାର
ନୃତ୍ୟ ମୁଁ କରାଇଦେବି ନାହିଁ । ୩ ।

ମନ୍ତ୍ରୀ – ଦେଖନ୍ତୁ ମହାରାଜ, ଦେବଗଣଙ୍କ ସହ ଅଗ୍ନିଦେବ କ୍ରୋଧରେ ଜର୍ଜରିତ ହୋଇ କିପରି ରକ୍ତଜବା ଆକାର ଧାରଣ କଲେଣି ।

ମହିଷା – ମୁଁ ସେଥିକି ଭ୍ରୂକ୍ଷେପ କରେନା ମନ୍ତ୍ରୀ । ତୁମେ ଆସ ।

(ଦୁହିଁଙ୍କର ପ୍ରସ୍ଥାନ)

Digitized by srujanika@gmail.com

ତୃତୀୟ ଦୃଶ୍ୟ

[ମେରୁଶିଖର – ଉପସ୍ଥିତ ବିଷ୍ଣୁଙ୍କ ସହ ଦେବଗଣ । ସମସ୍ତଙ୍କ ଦୃଷ୍ଟି ଅଦୂରସ୍ଥ ଅଗ୍ନିଶିଖାରେ ନିବଦ୍ଧ ।]

ବ୍ରହ୍ମା – ଦେଖୁଚନ୍ତି ତ ଚକ୍ରଧର – ଅଗ୍ନିଦେବଙ୍କର ଏଇ ପ୍ରଚଣ୍ଡ ତେଜ !

ଇନ୍ଦ୍ର – ଆଉ କ୍ଷଣକାଳ ପରେ ଏଇ ଅଗ୍ନିଶିଖା ଯେପରି ବିଶ୍ୱବ୍ରହ୍ମାଣ୍ଡକୁ ବ୍ୟାପିଯିବ !

ପ୍ରଥମ ଦେବତା – ତେବେ ତ ଏ ସୃଷ୍ଟି ଲୋପପାଇଯିବ, ପ୍ରଭୁ !

ବିଷ୍ଣୁ – ନା, ଲୋପହେବ ନାହିଁ, ଦେବଗଣ – ସୃଷ୍ଟି ରକ୍ଷାପାଇବ । ଏଇ ଦେଖନ୍ତୁ–ଦେଖନ୍ତୁ ପିତାମହ–ସେହି ଲେଲିହାନ ଅଗ୍ନିଶିଖାଗର୍ଭରୁ କିପରି ଜନ୍ମ ନେଉଛନ୍ତି ମହାତେଜୋମୟୀ ନାରୀ – ମହାଦେବୀ – ମହାବୈଷ୍ଣବୀ ! (କ୍ରମେ ଅଗ୍ନିଶିଖା ରୂପାନ୍ତରିତ ହେଲା ଏକ ତେଜୋମୟୀ ନାରୀମୂର୍ତ୍ତିରେ । ଦେବଗଣ ଦେଖିଲେ ତାଙ୍କ ସମ୍ମୁଖରେ ଉଭା ହୋଇଚନ୍ତି ଦଶଭୁଜା ଦୁର୍ଗା)

ବ୍ରହ୍ମା – ଜୟ ମା' ଦୁର୍ଗେ ଦୁରିତନାଶିନୀ !

ଦେବଗଣ – ଜୟ ଦୁରିତନାଶିନୀ ମା' ଦୁର୍ଗାଙ୍କର ଜୟ !

ଦୁର୍ଗା – ଦେବତାମାନଙ୍କର ଦୁର୍ଗତିକାଳରେ ମୁଁ ଅନଳଗର୍ଭରୁ ଜନ୍ମ ନେଇଛି ବୋଲି ପିତାମହ ବ୍ରହ୍ମା ମୋର ନାମକରଣ କଲେ – ଦୁର୍ଗା । କିନ୍ତୁ ଦେବତାମାନଙ୍କୁ କିପରି କି ଦୁର୍ଗତିରୁ ମୁଁ ରକ୍ଷାକରିବି ମୁଁ ତ ଜାଣିନାହିଁ !

ଇନ୍ଦ୍ର – ମହିଷାସୁର ପ୍ରତାପରେ ଶୁମ୍ଭ ନିଶୁମ୍ଭ ଦେବତାମାନଙ୍କ ଉପରେ ଅତ୍ୟାଚାର କରି ସ୍ୱର୍ଗପୁର ଅଧିକାର କରି ରହିଚନ୍ତି ।

ପ୍ରଥମ ଦେବତା – ନିଜେ ଇନ୍ଦ୍ରଦେବ ସ୍ୱର୍ଗପୁରୀରୁ ବିତାଡ଼ିତ ।

ଦ୍ୱିତୀୟ ଦେବତା – ତୁମେ ମହିଷାସୁରକୁ ବଧ ନକଲେ ଦେବତାମାନେ ନରକର କୀଟ ଭଳି ଦୁର୍ଦ୍ଦଶା ଭୋଗିବେ ।

ଦୁର୍ଗା – ମୁଁ ବଧ କରିବି ?

ବିଷ୍ଣୁ – ହଁ, ବ୍ରହ୍ମା ବର ଦେଲାବେଳେ କହିଥିଲେ ଜଣେ ନାରୀ ହାତରେ ହିଁ ମହିଷାର ମୃତ୍ୟୁ ହେବ ।

ବ୍ରହ୍ମା – ହଁ ମା' ଦୁର୍ଗେ – ତୁମରି ହାତରେ ହେବ ମହିଷାର ମୃତ୍ୟୁ ।

ଦୁର୍ଗା – କିନ୍ତୁ ମୋ' ହାତରେ ଅସ୍ତ୍ର ନାହିଁ । ମୋ ହାତ ଯେ ଶୂନ୍ୟ ! ମତେ

Digitized by srujanika@gmail.com

ଅସ୍ତ୍ର ଦିଅନ୍ତୁ ।

(ଗୀତ)

ଦିଅ ଦେବଗଣ ମୋର ଶୂନ୍ୟ ହସ୍ତ ଭରି,
ମୋର ଶୂନ୍ୟ ହସ୍ତ ଭରି
ଦଶ ହସ୍ତେ ମୋର ଦଶ ପ୍ରହରଣ ଧରି
ଭେଟିବି ମୁଁ ଦୈତ୍ୟରାଜ,
ଭେଟିବି ଦୁଷ୍ଟକୁ ରଣେ ପିନ୍ଧି ରଣସାଜ । ୧ ।

ଇନ୍ଦ୍ର – କି ଅସ୍ତ୍ର ଦେବୁ ମାତା ?

ଦୁର୍ଗା – ଦେବଗଣ ନିଜନିଜର ଅସ୍ତ୍ର ମତେ ଦିଅନ୍ତୁ ।

(ଗୀତ)

ଶଙ୍ଖ ଚକ୍ର ଗଦା ବିଷ୍ଣୁ ଦିଅନ୍ତୁ ମୋ କରେ
ବିଷ୍ଣୁ ଦିଅନ୍ତୁ ମୋ କରେ,
ଆବର୍ତ୍ତକ ଚକ୍ର ସୂର୍ଯ୍ୟ ଦିଅନ୍ତୁ ନିକରେ,
ଗଣପତି ନାଗପାଶ,
ତ୍ରିଶୂଳ ପିନାକ ଧନୁ ଦିଅନ୍ତୁ ମହେଶ । ୨ ।
ବଜ୍ରକାଠି ବଜ୍ରଶକ୍ତି ଦିଅନ୍ତୁ ମଘବା,
ମତେ ଦିଅନ୍ତୁ ମଘବା,
କାଳନେମୀ କାଳଦଣ୍ଡ-ଖଡ୍ଗ ବିଶ୍ୱଦେବା
ନୀଳଚକ୍ର ବୈଶ୍ୱାନର,
ମହୌଷଧି ଦିଅନ୍ତୁ ଶ୍ରୀ ଅଶ୍ୱିନୀକୁମାର । ୩ ।

ବିଷ୍ଣୁ – ଏଇ ନିଅ ଦେବୀ, ତେତ୍ରିଶକୋଟି ଦେବଦେବୀଙ୍କର ସମସ୍ତ ଅସ୍ତ୍ର ତୁମକୁ ପ୍ରଦାନ କରୁଚୁ ।

(ସମସ୍ତେ ନିଜନିଜର ଅସ୍ତ୍ର ପ୍ରଦାନ କଲେ ।)

ଦୁର୍ଗା – ଅସ୍ତ୍ର ତ ପାଇଲି – ପୁଣି ବାହନ ?

ଦେବତା – ଦେବୀଙ୍କ ବାହନ ?

(ଗୀତ)

ଦୁର୍ଗା – ଅଙ୍ଗଲାଗି ହେବ ମୋର ଅମଳାନ ପାଟ,
ମୋର ଅମଳାନ ପାଟ,

Digitized by srujanika@gmail.com

ବାହନ ମୋ ସିଂହ ଚଣ୍ଡୀ ଚାମୁଣ୍ଡା ଯେ ଥାଟ,
ସବୁ ଠୁଳ କର ଆଣି,
ବାହନ ବିନେ ଦୈତ୍ୟକୁ ପାରିବି କି ଜିଣି ? । ୪ ।

ଇନ୍ଦ୍ର – ଦେବଗଣଙ୍କ ସମସ୍ତ ବାହନର ଶକ୍ତିକୁ ଏକତ୍ର ଠୁଳକରି ଏଇ ପଶୁରାଜ ସିଂହକୁ ତମଠାରେ ଅର୍ପଣ କଲୁ ଦେବି – ଏଇ ତମର ବାହନ ।

ଦୁର୍ଗା – ଏବେ ତା' ହେଲେ ଦେବଗଣ, ମୋର ଖଣ୍ଡାଖର୍ପରଧାରିଣୀ ସିଂହବାହିନୀ ମୂର୍ତ୍ତି ଦେଖନ୍ତୁ ।

(ପର ମୁହୂର୍ତ୍ତରେ ଦେଖାଗଲା ଦେବୀ ଦଶ ହସ୍ତରେ ଦଶ ପ୍ରହରଣ ଧରି ସିଂହବାହିନୀ ମୂର୍ତ୍ତି ଧାରଣ କରିଛନ୍ତି ।)

ବ୍ରହ୍ମା – ଏ କ'ଣ ମା' କାତ୍ୟାୟନୀ . . . ଏ କି ଭୟଙ୍କର ମୂର୍ତ୍ତି ଆମେ ଦେଖୁଚୁ !

ବିଷ୍ଣୁ – ଯୋଜନ-ଯୋଜନବ୍ୟାପୀ ଏଇ କରାଳ ମୂର୍ତ୍ତି ବିଶ୍ୱବ୍ରହ୍ମାଣ୍ଡକୁ ଗ୍ରାସ କରିବ ନାହିଁ ତ ?

ଦୁର୍ଗା – ଭୟ ନାହିଁ ଦେବଗଣ ! ଦେଖ, ମୋର ସେ କରାଳ ମୂର୍ତ୍ତି ଆଉ ନାହିଁ । ମୁଁ ବର୍ତ୍ତମାନ ମୋହିନୀରୂପ ଧାରଣ କରି ମହିଷାସୁର ରାଜ୍ୟର ରତ୍ନଗିରିକୁ ଯାତ୍ରାକରୁଛି । ଏଇ ଶୂନ୍ୟ ମାର୍ଗରେ ଥାଇ ତୁମେମାନେ ସବୁ ଦେଖିପାରିବ ।

(ମୋହିନୀମୂର୍ତ୍ତି ଧାରଣକରି ଦେବୀଙ୍କର ପ୍ରସ୍ଥାନ ।)

ଚତୁର୍ଥ ଦୃଶ୍ୟ

[ମହିଷାର ରାଜପ୍ରାସାଦ । ଉପସ୍ଥିତ – ମହିଷା ଓ ରାଣୀ ଚନ୍ଦ୍ରାବତୀ]

ଚନ୍ଦ୍ରା – ରତ୍ନଗିରିର ସେ ଭୁବନମୋହିନୀ ନାରୀକୁ ଆଣିବା ପାଇଁ ତୁମେ ଚଣ୍ଡ-ମୁଣ୍ଡଙ୍କୁ ପଠାଇଛ ?

ମହିଷା – ସେଥିପାଇଁ ମହିଷାର ପାଟରାଣୀ ଚନ୍ଦ୍ରାବତୀ ଅସହିଷ୍ଣୁ ହେଉଚନ୍ତି କାହିଁକି ?

ଚନ୍ଦ୍ରା – ମୋ କଥା ମୁଁ କହୁନି ସ୍ୱାମୀ ! କିନ୍ତୁ ଜନ-ମାନବହୀନ ରତ୍ନଗିରିକୁ ଏମିତି ଅପୂର୍ବ ସୁନ୍ଦରୀ ତରୁଣୀ ଆସିଲା କେଉଁଠୁ ?

ମହିଷା–ସେ କଥା ସେ ରାଣୀହଂସପୁରକୁ ଆସିଲା ପରେ ତା'ଠାରୁ ବୁଝିବ ।

Digitized by srujanika@gmail.com

ଚନ୍ଦ୍ରା – ବ୍ରହ୍ମାଙ୍କ ବର କଥା ସ୍ମରଣ ଅଛି ତ ପ୍ରଭୁ ? ଦେବତାମାନଙ୍କ କୋପ ଫଳରେ ଅଗ୍ନିଗର୍ଭରୁ ଯେଉଁ ନାରୀ ଜନ୍ମ ହୋଇଥିଲା . . .

ମହିଷା – ସେଇ ନାରୀ ମୋହିନୀରୂପ ଧାରଣକରି ରତ୍ନଗିରିରେ ମୋ' ପଥ ଚାହିଁ ବସିଚି ! ହାଃ . . . ହାଃ . . . ! କିଏ ? ଦୂତ ? କି ସମ୍ବାଦ ?

ଦୂତ – ଦୁଃସମ୍ବାଦ ପ୍ରଭୁ ! ରତ୍ନଗିରିର ସେହି ଭୁବନମୋହିନୀ ନାରୀ ହାତରେ ସେନାପତି ଚଣ୍ଡ-ମୁଣ୍ଡ ନିହତ ।

ମହିଷା – ମିଥ୍ୟା କଥା !

ଦୂତ – ମିଥ୍ୟା ନୁହେଁ ଦୈତ୍ୟରାଜ ! ଏଇ ଦେଖନ୍ତୁ ସେନାପତି ଦୁହିଁଙ୍କର ମଥାର ମୁକୁଟ ।

ମହିଷା – ଆଶ୍ଚର୍ଯ୍ୟ ! ସାମାନ୍ୟ ଗୋଟାଏ ନାରୀ ବଧ କରିଚି ଚଣ୍ଡ-ମୁଣ୍ଡଙ୍କୁ ! କ'ଣ, କ'ଣ କରିବି ମୁଁ ! ଦୂତ, ଏଇ ମୁହୂର୍ତ୍ତରେ ଯାଇ ଶୁମ୍ଭ ନିଶୁମ୍ଭଙ୍କୁ ସମ୍ବାଦ ଦିଅ – ସେମାନେ ରତ୍ନଗିରିକୁ ଆସନ୍ତୁ ।

ଦୂତ – ଆଜ୍ଞା ମହାରାଜ !

ଚନ୍ଦ୍ରା – ରହ ଦୂତ !

ମହିଷା – ରାଣୀ !

ଚନ୍ଦ୍ରା – ମୋ କଥା ମାନନ୍ତୁ, ସ୍ୱାମୀ !

ମହିଷା – ନା, ମୁଁ କାହାରି କଥା ଶୁଣିବି ନାହିଁ ।

(ଗୀତ)

ଚନ୍ଦ୍ରା – କରୁଚି ମିନତି ହେ ଦନୁଜପତି
ଦାସୀ ମନା ବାରେ ମାନ ହେ,
କୁଳହୀନା ନାରୀ ନୁହେଁ ତ କାହାରି
ନ ବଳା ତା'ଠାରେ ମନ ହେ । ପଦ ।

ମହିଷା – କୁଳ-ଗୋତ୍ର ନୁହେଁ ରାଣୀ – ତା'ର ଅନିନ୍ଦ୍ୟ ରୂପ-ଯୌବନ ମୋତେ ପାଗଳ କରିଚି ।

ଚନ୍ଦ୍ରା–ମୋ ମନରେ କିନ୍ତୁ ପାପ ଛୁଉଁଚି ସ୍ୱାମୀ–ସେ ସାମାନ୍ୟ ନାରୀ ନୁହେଁ ।

(ଗୀତ)

ଯେ ଦିନୁଁ ଏ ରାଜ୍ୟେ ରଖିଲା ସେ ପାଦ,
ଘଟାଇଲା କାହିଁ କେତେ ଯେ ପ୍ରମାଦ,

Digitized by srujanika@gmail.com

ଶୁଭେ ପେଚା ଧ୍ୱନି, ଉଡୁଚି ଶକୁନି,
ଅଶୁଭ ଲକ୍ଷଣମାନ ହେ । ୧ ।

ଚନ୍ଦ୍ରା – ରତ୍ନଗିରିକୁ ସେ ଆସିଲା ଦିନୁ ବିନା ମେଘରେ ବଜ୍ରପାତ ହେଉଚି– ଶୂନ୍ୟରୁ ଅଗ୍ନି ବୃଷ୍ଟି ହେଉଚି ।

ମହିଷା – ତମର ଏ ପ୍ରଳାପ ଶୁଣିବାକୁ ମୋର ବେଳ ନାହିଁ – ଘୁଞ୍ଚିଯାଅ ।

ଚନ୍ଦ୍ରା – ପାପର ସୀମା ଅଛି, ପ୍ରଭୁ ! ଆଉ ଏ ଅନ୍ୟାୟ ଅନୀତି କର ନାହିଁ ।

(ଗୀତ)

ଇନ୍ଦ୍ର ସିଂହାସନେ ଅଭିଷିକ୍ତ ହେଲ,
ବିଧାତା ପୁରୁଷେ ନର୍କଭୋଗ ଦେଲ;
ଏତେ ପାପ କିଆଁ ଧରଣୀ ସହିବ ?
ବ୍ରହ୍ମା-ବାଣୀ କର ଧ୍ୟାନ ହେ । ୨ ।

ମହିଷା – ମୋର ସବୁ ଧ୍ୟାନ-ଧାରଣା ରତ୍ନଗିରିର ସେହି ଭୁବନମୋହିନୀ ନାରୀ ନିକଟରେ । ଆସ ଦୂତ ।

(ଦୂତ ସହ ମହିଷାର ପ୍ରସ୍ଥାନ । ରାଣୀ କାନ୍ଦୁଥା'ନ୍ତି ।)

ପଞ୍ଚମ ଦୃଶ୍ୟ

[ରତ୍ନଗିରି । ଶୁମ୍ଭ ଓ ନିଶୁମ୍ଭର ପ୍ରବେଶ]

ଶୁମ୍ଭ – ରତ୍ନଗିରିର ସେଇ ସୁନ୍ଦରୀ ଯୁବତୀକୁ ବଳାତ୍କାରରେ ଧରିନେଇଯିବାକୁ ମହିଷାସୁର ଆମକୁ ପତ୍ର ଲେଖିଲେ । ପତ୍ର ପାଇ ତୁରନ୍ତ ଆମକୁ ଆସିବାକୁ ପଡ଼ିଲା ।

ନିଶୁମ୍ଭ – ଏଇ ତ ରତ୍ନଗିରି ପର୍ବତ – ଆମେ ଆସି ପହଞ୍ଚିଗଲେଣି ।

ଶୁମ୍ଭ – ହଁ, ରତ୍ନଗିରିରେ ଆମେ ପହଞ୍ଚିଲେଣି; ମାତ୍ର ଛାର ଗୋଟାଏ ନାରୀ ପାଇଁ ଦାନବରାଜ ଏ ଅନର୍ଥ ସୃଷ୍ଟି କରିବା ଉଚିତ ହେଲା ନାହିଁ ।

ନିଶୁମ୍ଭ – ରତ୍ନଗିରିରେ ପହଞ୍ଚିଲାପରେ ଆଉ ଏ ଚିନ୍ତା କରି ଲାଭ କ'ଣ ?

ଶୁମ୍ଭ – ଠିକ୍ କହିଛ, ନିଶୁମ୍ଭ ! ଆଉ ଏ ଚିନ୍ତା କରି ଲାଭ ନାହିଁ । ଆସ– କିଏ ସେ ସୁନ୍ଦରୀ ନାରୀ – କୋଉଠି ଅଛି – ଅନ୍ୱେଷଣ କରି ଦେଖିବା, ଆସ ।

Digitized by srujanika@gmail.com

(ଏତିକିବେଳେ ମୋହିନୀରୂପଧାରିଣୀ ଦୁର୍ଗା ଆସିଲେ । ଅଧରରେ ସ୍ମିତ ହସ – ନୟନରେ କଟାକ୍ଷ । ରୂପଯୌବନର ଏ ସମ୍ଭାର ଦେଖି ଶୁମ୍ଭ ନିଶୁମ୍ଭ ମୁହୂର୍ତ୍ତକରେ ସବୁ କିଛି ଭୁଲିଗଲେ, ନିଜତ୍ୱ ହରାଇବସିଲେ ।)

ଶୁମ୍ଭ – ଆ-ହା-ହା ! ଆ-ହା ! କି ଅପୂର୍ବ ରୂପ – କି ଯୌବନ !

ନିଶୁମ୍ଭ – କି ଆଖି – କି ନାକ – କି କି କି ଦନ୍ତପଙ୍‌କ୍ତି !

ଶୁମ୍ଭ – ଏଭଳି ନାରୀରତ୍ନକୁ ଅଙ୍କଶାୟିନୀ କରିବାପାଇଁ ମହିଷାସୁର ପାଗଳ ହୋଇଯିବା ବିଚିତ୍ର ନୁହେଁ । ଆମେ ତାଙ୍କୁ ବୃଥା ଦୋଷ ଦେଉଥିଲୁ ।

ନିଶୁମ୍ଭ – ମୁଁ ଭାବୁଚି, ଆମେ ବି ପାଗଳ ହୋଇଯିବା ।

ଶୁମ୍ଭ – ଅସମ୍ଭବ କ'ଣ ? ମୋର ତ ମତି ସ୍ଥିର ରହୁନାହିଁ ।

ନିଶୁମ୍ଭ – ମୋର ମଧ୍ୟ । ଏଇ – ଏଣିକି ଆସିଲାଣି ।

(ଦୁର୍ଗା ନିକଟକୁ ଆସିଲେ)

ଶୁମ୍ଭ – ହେ . . . ହେ . . . ମନମୋହିନୀ, ତୁମେ କିଏ ?

ଦୁର୍ଗା – କିଏ ଆଉ ? ତୁମ ମନମୋହିନୀ ।

ନିଶୁମ୍ଭ – କି ଭାଗ୍ୟ – କି ଭାଗ୍ୟ ଆମର !

ଶୁମ୍ଭ – ତୁମ ଘର ?

ଦୁର୍ଗା – ମେରୁସ୍ଥଳୀ ।

ନିଶୁମ୍ଭ – ପିତା ?

ଦୁର୍ଗା – ଅଣାକାର ।

ଶୁମ୍ଭ – ଗୋତ୍ର ?

ଦୁର୍ଗା – ନିରାକାର ।

ନିଶୁମ୍ଭ – ବୁଝିଗଲୁ ।

ଦୁର୍ଗା – ତମର ପରିଚୟ ତ ଦେଲନାହିଁ ?

ନିଶୁମ୍ଭ – ଆମେ ଶୁମ୍ଭ ନିଶୁମ୍ଭ ।

ଶୁମ୍ଭ – ଦାନବବୀର ମହିଷାସୁର ଆମକୁ ଏଠିକି ପଠେଇଛନ୍ତି ।

ଦୁର୍ଗା – ତେବେ ମୁଁ ମଧ୍ୟ ବୁଝିଗଲି ।

(ଗୀତ)

ହେ ଶୁମ୍ଭ ନିଶୁମ୍ଭ ତୁଟିଲା ମୋ ଦମ୍ଭ ବିବେକ ଗଲାଣି ହଜି,
ତୁମ ସହ ମୋର ପ୍ରୀତି-ପୁଷ୍ପଡୋର ବିଧାତା ଥିଲା କି ଖଞ୍ଜି ହେ

Digitized by srujanika@gmail.com

ବେନି ଦୈତ୍ୟକୁମର,
ମୁହିଁ ଅଟେ କି ଯୋଗ୍ୟ ତୁମର ହେ । ୧ ।
ଶୁମ୍ଭ –କଥା କହିଲ କି କୁହୁ ବରଷିଲ ପାରୁନୁ ତ ବାରେ ବୁଝି,
କେଉଁ ପଥେ ମାର ପେଶିଲା ତା ଶର ପାରୁନୁ ସେ ଭେଦ ହେଜି ହେ
ତମ ଚରଣେ ନିକି,
ଦେଲୁ ଏ ବେନି ପରାଣ ବିକି ହେ । ୨ ।
ଦୁର୍ଗା – ମହିଷାର ଆଶେ ଆସିଥିଲି ଶେଷେ ପଡ଼ିଲି ତମ ଫାନ୍ଦରେ,
ହୋଇ ବରବେଶ କରିବ ପ୍ରବେଶ ପୁରେ ଆମ ଆନନ୍ଦରେ ହେ
ହେବି ତୁମ ଘରଣୀ,
ପିତା କରିବେ ବାଟବରଣି ହେ । ୩ ।
ଶୁମ୍ଭ – ଚାଲ ଚାଲ ସୁନ୍ଦରୀ – ବିବାହର ଆୟୋଜନ କରିବା ଚାଲ ।
ନିଶୁମ୍ଭ – ମହିଷାସୁର ଚୁଲିକୁ ଯାଉ – ତୁମେ ଆମ ସାଙ୍ଗରେ ଚାଲ ।
ଦୁର୍ଗା – ଶୁଣ – ଆହୁରି କଥା ଅଛି ।
ଶୁମ୍ଭ – କ'ଣ ?
ଦୁର୍ଗା – ନୃତ୍ୟଗୀତରେ ମୋର ଭାରି ଶରଧା ।
ଶୁମ୍ଭ – କି ଭାଗ୍ୟ ! ଆମେ ତ ନୃତ୍ୟଗୀତରେ ପ୍ରବୀଣ ।
ଦୁର୍ଗା – ଟିକିଏ ତମ ଗୀତ ଶୁଣନ୍ତି – ନୃତ୍ୟ ଦେଖନ୍ତି ।
ଶୁମ୍ଭ – ଏଇ ସାଙ୍ଗେ ସାଙ୍ଗେ ।

(ଗୀତ)

ମୀନନୟନା ରେ ଝୀନବସନା ରେ,
ମନା ଆଉ ତୁ କରନା । ପଦ ।
ସଜ ସରସିଜ ଜିଣି ବଦନ କାନ୍ତି
ମଦନ ଜଳି ମରେ, ଜଳି ମରଇ ରତି,
ଦନୁଜ ଦର୍ପହରା
ଏ ତୋ' ରୂପ ପସରା
କଜ୍ଜଳରେଖା ତଳେ ଚପଳା କରେ ଖେଳା
ସଜନୀ ରଜନୀ ଗୋ ବିଫଳ ନୋହୁଁ ଭଲା
କି ଫଳ ଏ ଜୀବନେ,

Digitized by srujanika@gmail.com

କି ଫଳ ଏ ଜୀବନେ ତୋ ଯଉବନ ବିନା । ୧ ।

ଶୁମ୍ଭ – ଏଥର ତୁମେ ଗାଅ – ଆମେ ନାଚୁଛୁ ।

ଦୁର୍ଗା – ଆଚ୍ଛା, ମାତ୍ର ନାଚିଲାବେଳେ ତୁମେ ତାଙ୍କ ମସ୍ତକରେ ଓ ସେ ତୁମ ମସ୍ତକରେ ହାତ ରଖି ନାଚିବ ।

(ଗୀତ)

ଏ ତୁମ୍ଭ ନୃତ୍ୟ ଗୀତ
ଦେଖି ହେଲି ମୁଁ ପ୍ରୀତ
ହେଲ ଆଜିଠୁଁ ଜାଣ ତୁମେ ମୋ ପ୍ରାଣମିତ,
ଆରୋହଣ ମୂର୍ଚ୍ଛନା ଦେଖିବି ବଳେ ଚିତ୍ତ
ଏକ ମସ୍ତକେ ଆନ ରଖ ଗୋ ନେଇ ହସ୍ତ । ୨ ।

(ଶୁମ୍ଭ ନିଶୁମ୍ଭ ପରସ୍ପରର ମସ୍ତକରେ ହାତ ରଖି ନାଚୁଥା'ନ୍ତି)

ଶୁମ୍ଭ ନିଶୁମ୍ଭ – (ଯନ୍ତ୍ରଣାରେ) ଆଃ . . .

ଶୁମ୍ଭ – ମୋହିନୀ ମାୟାରେ ଅନ୍ଧ ହୋଇ ଆମେ ଏକର କର ଅନ୍ୟ ଶିରରେ ନେଇ ରଖିଲୁ – ବ୍ରହ୍ମାଙ୍କ ବାଣୀ ସତ୍ୟ ହେଲା ।

ନିଶୁମ୍ଭ – ପ୍ରଳୟ ଅଗ୍ନିରେ ଆମେ ଜଳି ଭସ୍ମ ହୋଇଯାଉଚୁ ।

(ଶୁମ୍ଭ ନିଶୁମ୍ଭ ଦୁହିଁଙ୍କର ମୃତ୍ୟୁ)

ଷଷ୍ଠ ଦୃଶ୍ୟ

[ମହିଷାର ମନ୍ତ୍ରଣା ଗୃହ । ଅତି ଉତ୍ତେଜିତ ଅବସ୍ଥାରେ ମହିଷାର ପ୍ରବେଶ । ସଙ୍ଗରେ ମନ୍ତ୍ରୀ ।]

ମହିଷା – ନା, ମୁଁ କାହାରି କଥା ଶୁଣିବି ନାହିଁ ।

ମନ୍ତ୍ରୀ – ଟିକିଏ ଧୀର ଚିତ୍ତରେ ବିଚାର କରନ୍ତୁ ଦୈତ୍ୟରାଜ ! ସେ ନାରୀ ଦୈବିଶକ୍ତି ସମ୍ପନ୍ନା ହୋଇ ନ ଥିଲେ ଶୁମ୍ଭ ନିଶୁମ୍ଭ ପରି ସ୍ୱର୍ଗବିଜୟୀ ଦୈତ୍ୟଙ୍କୁ ବଧ କରିଥାନ୍ତା ?

ମହିଷା – ପ୍ରଳାପ ବନ୍ଦକରି ତୁମେ ମୋର ଚାମର, ବିଡ଼ାଳାକ୍ଷ, ରକ୍ତବୀର୍ଯ୍ୟ, ବୀରଘଣ୍ଟ, କାଳଦଣ୍ଡ ଆଉ ଧୂମ୍ରଲୋଚନ ପ୍ରଭୃତି ଅଷ୍ଟବିଂଶ ସେନାପତିଙ୍କୁ ଆଦେଶ ଦିଅ – ସେମାନେ ରତ୍ନଗିରିକୁ ଯୁଦ୍ଧଯାତ୍ରାକରି ସେ ମାୟାବିନୀ ନାରୀକୁ ହତ୍ୟାକରନ୍ତୁ – ଯାଅ ।

Digitized by srujanika@gmail.com

ସପ୍ତମ ଦୃଶ୍ୟ

[ଯୁଦ୍ଧକ୍ଷେତ୍ର । ମହିଷାର ସେନାପତିମାନଙ୍କ ସହିତ ଦୁର୍ଗାଙ୍କର ଯୁଦ୍ଧ । ...ଯୁଦ୍ଧ କରୁ କରୁ ସେମାନେ ଅନ୍ତରାଳରେ ଅଦୃଶ୍ୟ ହୋଇଗଲେ । ଅନ୍ତରାଳରୁ ଯୁଦ୍ଧର କୋଳାହଳ ଶୁଣାଯାଉଥାଏ । ଏଇ ସମୟରେ ଅନ୍ୟ ଦିଗରୁ ପ୍ରବେଶ କଲେ ବିଷ୍ଣୁଙ୍କ ସହିତ ଇନ୍ଦ୍ର ଓ ଦେବଗଣ ।]

ଇନ୍ଦ୍ର – ଦେଖୁଚନ୍ତି, ଦେଖୁଚନ୍ତି ତ ନାରାୟଣ, ମା' ଦୁର୍ଗାଙ୍କର ଚଣ୍ଡୀ ଚାମଣ୍ଡା ଦଳ କିପରି ମହିଷାର ଅଷ୍ଟବିଂଶ ସେନାପତିଙ୍କୁ ନିର୍ମୂଳ କରିଦେଲେଣି ।

ବିଷ୍ଣୁ – ଏଥର ନିଜେ ମହିଷାର ପାଳି ।

ଦେବଗଣ – ଜୟ ମା' ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କର ଜୟ !

(ସମସ୍ତଙ୍କର ପ୍ରସ୍ଥାନ)

ଅଷ୍ଟମ ଦୃଶ୍ୟ

[ମହିଷାର ମନ୍ତ୍ରଣାଗୃହ । ଯୁଦ୍ଧରେ ବିପର୍ଯ୍ୟୟର କାହାଣୀ ଶୁଣି ମହିଷା ମର୍ମାହତ । ଉପସ୍ଥିତ ରାଣୀ ଚନ୍ଦ୍ରାବତୀ ଓ ମନ୍ତ୍ରୀ ।]

ଚନ୍ଦ୍ରା – ଉଠ ମହାରାଜ ! ଉଠ, ଧୈର୍ଯ୍ୟଧର !

ମନ୍ତ୍ରୀ – ସାରା ରାଜ୍ୟ ବର୍ତ୍ତମାନ ଶ୍ମଶାନପରି ଦେଖାଯାଉଚି । ଏଣିକି ନିଜ ଜୀବନ ରକ୍ଷା କରିବା କଥା । ଆଦେଶ କରନ୍ତୁ, ମୁଁ ରତ୍ନଗିରିକୁ ଯାଇ ସେହି ମହାଶକ୍ତି ମହାଦେବୀଙ୍କର ଶରଣ ଭିକ୍ଷାକରିବି ।

ଚନ୍ଦ୍ରା – ମହାମନ୍ତ୍ରୀ ଠିକ୍ କଥା କହିଛନ୍ତି ସ୍ୱାମୀ ! ତୁମେ ଆସ – ଅନ୍ତଃପୁରକୁ ଆସ ।

(ହଠାତ୍ ଉଠି ବସି ମହିଷା ପୁଣି ଉତ୍ତେଜିତ ଅବସ୍ଥାରେ ପଦଚାରଣ କଲା ।)

ମହିଷା – ରାଣୀ !

ଚନ୍ଦ୍ରା – କୁହ, ମହାରାଜ !

ମହିଷା– ତମେ ମତେ ବୀରବେଶରେ ସଜାଇଦିଅ । ମୁଁ ଯୁଦ୍ଧଯାତ୍ରା କରିବି ।

ଚନ୍ଦ୍ରା–ତମ ପାଦ ଧରି ମିନତି କରୁଚି ସ୍ୱାମୀ–ତୁମେ ଏ ସଂକଳ୍ପ ତ୍ୟାଗକର ।

ମହିଷା – ତୁମେ ବୀରପତ୍ନୀ । କ୍ଷତ୍ରିୟ ରମଣୀ ହୋଇ ମତେ ଏଇ ଉପଦେଶ ଦେଉଚ ? ମୁଁ ଯଦି ସୈନ୍ୟ ସେନାପତି ସବୁ ହରାଇ ନିଃସ୍ୱ ସମ୍ବଳହୀନ

Digitized by srujanika@gmail.com

ହୋଇପଡ଼ିଥାଏ, ତେବେ ଗୋଟାଏ ସ୍ତ୍ରୀ ନିକଟରେ ପ୍ରାଣଭିକ୍ଷାକରି ବଞ୍ଚିରହିବାରେ ମୋର କି ପୌରୁଷ ରକ୍ଷା ହେବ ? ରାଣୀହଂସପୁରରେ ତମର ପଣତ ତଳେ ଲୁଚି ରହିଲେ ତମର ସ୍ୱାମୀ ବୋଲି ତମେ ଗର୍ବ କରିପାରିବ ତ ? କୁହ – କୁହ, ଉତ୍ତର ଦିଅ ।

(ଚନ୍ଦ୍ରା ବିଚଳିତ ହୋଇପଡ଼ିଲେ । ଆଖିରେ ଲୁହ)

ଚନ୍ଦ୍ରା – ନା – ନା ସ୍ୱାମୀ, ମୁଁ ଏହା ଚାହେଁନା । ବୀର ତୁମେ – ବୀରଧର୍ମ ପାଳନ ତୁମର କର୍ତ୍ତବ୍ୟ । ଆସ, ତୁମକୁ ନିଜ ହାତରେ ମୁଁ ବୀରବେଶରେ ସଜାଇଦେଉଚି ।

(ଗୀତ ଗାଇ ଗାଇ ରାଣୀ ମହିଷାକୁ ଯୁଦ୍ଧବେଶରେ ସଜାଇଲେ ।)

(ଗୀତ)

ଶିରେ ଶିରସ୍ତ୍ରାଣ କରୁ ମଣ୍ଡନ
କପାଳରେ ଦେଲି ରକ୍ତ ଚନ୍ଦନ । ୧ ।
ଶୁଭ୍ର ଉପବୀତ ଶୋହୁ ସ୍କନ୍ଧରେ
ସ୍ୱର୍ଣ୍ଣ ବଳୟ ଏ ମଣିବନ୍ଧରେ । ୨ ।
ବାହୁ ବେହରଣ କରୁ କବଚ
ପୃଷ୍ଠଦେଶେ ତାଳ ଧନୁ ନାରାଚ । ୩ ।
ପିଟା ସୁବର୍ଣ୍ଣର ସାଞ୍ଜୁ ବକ୍ଷରେ
ଝୁଲୁ କରବାଳ କଟିଦେଶରେ । ୪ ।
ମାତା ମଙ୍ଗଳାଙ୍କୁ କରି ସ୍ମରଣ
ଆଖିଲୁହରେ ଧୋଇଲି ଚରଣ । ୫ ।
ଶେଷେ ସର୍ବ ଶୁଭେ ଦେଲି ବିଦାୟ
ଶତ୍ରୁ ସଂହାରି ଯୁଦ୍ଧେ କର ଜୟ । ୬ ।

ଶେଷ ଦୃଶ୍ୟ

[ଯୁଦ୍ଧକ୍ଷେତ୍ର – ଯୁଦ୍ଧରତ ମହିଷା ଓ ଦୁର୍ଗା]

ମହିଷା – ମାୟାବିନୀ, କୁହୁକିନୀ ନାରୀ ! ମୋ ହାତରୁ ଏବେ ତୋର ଆଉ ନିସ୍ତାର ନାହିଁ !

ଦୁର୍ଗା – ତା' ପୂର୍ବରୁ ମୋର ଏଇ ଶୂଳ ତୋର ବକ୍ଷ ଭେଦ କରିବ ।

Digitized by srujanika@gmail.com

(ଶୂଳ ପ୍ରୟୋଗ କଲେ । କିନ୍ତୁ ତାହା ମହିଷାର ବକ୍ଷ ଭେଦ କଲା ନାହିଁ ।)

ମହିଷା – ହାଃ-ହାଃ-ହାଃ . . .

(ଅଟ୍ଟହାସ୍ୟ କରି ମହିଷା ଅନ୍ତରାଳକୁ ଚାଲିଗଲା ।)

ଦୁର୍ଗା – ମୁଁ ଥରକୁ ଥର ଶୂଳ ଭେଦକରୁଛି – ମାତ୍ର ତାହା ମହିଷାର ଲୋମମୂଳ ସୁଦ୍ଧା ସ୍ପର୍ଶ କରୁନାହିଁ ! କାହିଁକି – କାହିଁକି ମୋ ଶକ୍ତି ବ୍ୟର୍ଥ ହୋଇଯାଉଚି ?

ଶୂନ୍ୟବାଣୀ – ଶୁଣ ଭବାନୀ, ମୁଁ ସର୍ବମଙ୍ଗଳା ! ତୁମକୁ ସ୍ମରଣ କରାଦେଉଚି– ତୁମେ ତୁମ ବସନଭୂଷଣ ତ୍ୟାଗକରି ବିବସନା ନ ହେଲେ ତୁମ ଅସ୍ତ୍ରରେ ମହିଷାର ମୃତ୍ୟୁ ହେବ ନାହିଁ ।

ଦୁର୍ଗା – ଏଁ ! ମୋ ଅନ୍ତର ଭିତରେ ମା' ସର୍ବମଙ୍ଗଳା ମତେ ଚେତାଇ ଦେଉଚନ୍ତି – ମୁଁ ମୋ ଅଙ୍ଗବସ୍ତ୍ର ତ୍ୟାଗ ନ କଲେ ମୋ ହାତରେ ମହିଷାର ମୃତ୍ୟୁ ହେବନାହିଁ ! କ'ଣ କରିବି ମୁଁ ? ଏଇ ତ, ମହିଷା କରାଳ ମୂର୍ତ୍ତି ଧରି ମୋ ଆଡ଼କୁ ଧାଇଁ ଆସୁଚି । ଆଉ ବିଳମ୍ବ କଲେ ରକ୍ଷା ନାହିଁ । ନା – ଏ ଧରଣୀକୁ ପାପମୁକ୍ତ କରିବାପାଇଁ ମୁଁ ବସନ ଭୂଷଣ ତ୍ୟାଗକରି ବିବସନା ହେବି । (ବସନ ଭୂଷଣ ତ୍ୟାଗ କଲେ)

ମହିଷା – ଏଇ ଥର . . . ଏଇ ଥର ତୋ ନିଜକୁ ତୁ . . . (ଦୁର୍ଗାଙ୍କର ବିବ୍ସନା ରୂପ ଦେଖି ଅଟକିଗଲା) ଇଏ କି ବୀଭତ୍ସ ରୂପ ମୁଁ ଦେଖୁଚି !! ନାରୀ ତୁମେ – ତୁମ ଅଙ୍ଗରେ ବସନ ନାହିଁ, ଭୂଷଣ ନାହିଁ . . .

(ଗୀତ)

ଜାନୁ ଯଉବନ ମୁକ୍ତ ନାହିଁ ଅଙ୍ଗବାସ,
ମୁକ୍ତକେଶ ମୁକ୍ତବେଶ ଦେଖି ଲାଗେ ତ୍ରାସ ।
ଦେଖି ଏ ବିରୂପ ମୁଁ ଯେ ହୁଏ ହୀନବଳ,
ବକ୍ଷ ମୋର ଲକ୍ଷ୍ୟ କରି ଆସଇ ତ୍ରିଶୂଳ ।
ଜାଣିଲି ମୁଁ ବ୍ରହ୍ମବାଣୀ ହେଲା ଏବେ ସତ୍ୟ,
ବିବସନା ନାରୀହସ୍ତେ ହୋଇଲି ମୁଁ ହତ ।

(କ୍ରମେ ମହିଷାସୁର ଅବଶ ହୋଇପଡୁଥାଏ । ଏଇ ଅବସରରେ ଦୁର୍ଗା ମହିଷାର ବକ୍ଷଦେଶରେ ଶୂଳ ଭେଦ କଲେ । ମହିଷାର ମୃତ୍ୟୁ ହେଲା । ଆନନ୍ଦବିଭୋର ଦେବଗଣ ଶୂନ୍ୟରୁ ପୁଷ୍ପ ବୃଷ୍ଟି କଲେ ।)

Digitized by srujanika@gmail.com

ଦେବଗଣ – ଜୟ ମା' ସିଂହବାହିନୀ ମହିଷମର୍ଦ୍ଦିନୀ ଦେବୀ ଦୁର୍ଗାଙ୍କର ଜୟ !

(ବନ୍ଦନା)

ଜୟ ଜୟ ଦୁର୍ଗା ମାଗୋ ଦୁର୍ଗତିନାଶିନୀ
ଜୟ ଜୟ ଦୁର୍ଗା ମାଗୋ ସଙ୍କଟତାରିଣୀ । ୧ ।
ଜୟ ଜୟ ଦୁର୍ଗା ମାଗୋ ସଦାଶିବ ଜାୟା
ଶତଦାହ କନକକୁ ଜିଣି ତୋର କାୟା । ୨ ।
ଦୈତ୍ୟକୁଳ ଦଳିନୀ ମା' ମହିଷମର୍ଦ୍ଦିନୀ
ଦୀନ ଜନ ଅଭାଜନ କରେ ମୁଁ ଦୟିନୀ । ୩ ।
ଜୟ ମା' ସିଂହବାହିନୀ ମାଗୋ ଆଦି ମାତ
ପାଦପଦ୍ମେ ରାୟକବି କରେ ପ୍ରଣିପାତ । ୪ ।

□ □ □

Digitized by srujanika@gmail.com

ଶ୍ରୀମତୀ ସଂମାର୍ଜନୀ

ଉତ୍ସର୍ଗ

ଶ୍ରୀମାନ୍ ଅକ୍ଷୟ ମହାନ୍ତିଙ୍କୁ...
ସଙ୍ଗୀତ ବିଦ୍ୟାରେ ପ୍ରତିଭା ଓ
ସାଫଲ୍ୟର ଯିଏ ଅନନ୍ୟସାଧାରଣ ଅଧିକାରୀ ।

ସୂଚନା

ବ୍ୟାସକବି ଫକୀରମୋହନଙ୍କ ମହାନ୍ ଗଳ୍ପ 'ପେଟେଣ୍ଟ ମେଡ଼ିସିନ୍' ଅବଲମ୍ବନରେ ଏଇ ଗୀତିନାଟିକା ରଚିତ । ଶିକ୍ଷାମୂଳକ ବ୍ୟଙ୍ଗ ଓ ହାସ୍ୟରସ ହେଲା 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପର ପ୍ରଧାନ ସମ୍ବଳ । ଗୀତିନାଟିକା 'ଶ୍ରୀମତୀ ସଂମାର୍ଜନୀ'କୁ ଠିକ୍ ସେହିଭଳି ହାସ୍ୟ ଓ ବ୍ୟଙ୍ଗରସାତ୍ମକ କରିବାର ଯତ୍‌ପରୋନାସ୍ତି ପ୍ରଚେଷ୍ଟା କରାଯାଇଛି ।

'ଶ୍ରୀମତୀ ସଂମାର୍ଜନୀ' ବସ୍ତୁତଃ ଗୀତି-ପ୍ରଧାନ । ଯେଉଁ ସାମାନ୍ୟ ସଂଳାପ ସଂଯୋଜନା ଏଥିରେ କରାଯାଇଛି, ତାହା ମଧ୍ୟ ମୁଖ୍ୟତଃ ଗୀତିଛନ୍ଦରେ ରଚିତ । ଅଭିନୟ କାଳରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବାପାଇଁ ଅନୁରୋଧ ।

ଗୋପାଳ ଛୋଟରାୟ

Digitized by srujanika@gmail.com

ପ୍ରଥମ ଦୃଶ୍ୟ

[କାଳ : ବିଂଶଶତାବ୍ଦୀର ପ୍ରାରମ୍ଭ, ସ୍ଥାନ : କଟକ ସହର]

[ବାବୁ ଚନ୍ଦ୍ରମଣି ପଟ୍ଟନାୟକଙ୍କ ବାସଭବନର ଏକ ପ୍ରକୋଷ୍ଠ । ସମୟ– ପୂର୍ବାହ୍ଣ । ତତ୍‌କାଳୀନ ଧନୀ ଜମିଦାରବଂଶଜ ଚନ୍ଦ୍ରମଣି ବାବୁ ସୁଦର୍ଶନ ପୁରୁଷ । ମଥାରେ ସୁ-କୁଞ୍ଚିତ ଘନକୃଷ୍ଣ କେଶ – ନାକତଳେ ସାମନ୍ତ-ସୁଲଭ ନିଶ । ପରିଧାନ – ସୂକ୍ଷ୍ମ କୁଞ୍ଚକରା ଧୋତି ଓ ଚୁଡ଼ିଦାର ସିଲ୍‌କ ପଞ୍ଜାବୀ । ଅତୀତରେ କେତେକ ଘଟଣାରେ ଚନ୍ଦ୍ରମଣିବାବୁଙ୍କର ଚରିତ୍ରଗତ ଦୁର୍ବଳତା ପ୍ରକାଶ ପାଇଛି । ଏହି କାରଣରୁ ବହୁ ପରିମାଣ ଅର୍ଥର ଅପବ୍ୟୟ ଘଟିଚି । କିପରି ସେ ଭଲ ବାଟକୁ ଆସିବେ, ସେଥିପାଇଁ ତାଙ୍କ ସ୍ତ୍ରୀ ସୁଲୋଚନା ଦେଈ (ସାଧାରଣତଃ ସାନ୍ତାଣୀ ନାମରେ ପରିଚିତା) କଡ଼ା ହୁକୁମ ଜାରି କରିଚନ୍ତି – କି ଦିନ କି ରାତି ବାବୁ ଘରୁ ଗୋଡ଼ କାଢ଼ି କୁଆଡ଼େ ଯାଇ ପାରିବେ ନାହିଁ । ଦୁଇ ମାସ ହୋଇଗଲା – ଚନ୍ଦ୍ରମଣିବାବୁ ସାନ୍ତାଣୀଙ୍କ ହୁକୁମ ମାନି ସବୁବେଳେ ଘରଟି ଭିତରେ ବସିରହିଚନ୍ତି । ଏ ଦଣ୍ଡ ଭୋଗରେ ତାଙ୍କର ଦୁଃଖ, କ୍ଷୋଭ, ରାଗ, ଅଭିମାନ ଓ ଅନୁଶୋଚନାର ସୀମା ନାହିଁ, କିନ୍ତୁ ସାନ୍ତାଣୀଙ୍କୁ ତାଙ୍କର ଭାରି ଭୟ– ମୁହଁ ଖୋଲି କିଛି ପ୍ରତିବାଦ କରିପାରନ୍ତି ନାହିଁ । ସେଥିପାଇଁ ଘର ଭିତରେ ବସିରହି ମନେମନେ ଗୁଣିହେଉଚନ୍ତି – ଘାରିହେଉଚନ୍ତି]

ବାବୁ : (ଗୀତ)

(ଆରେ) ବାବୁ ହେଇ ଯେବେ କାବୁ କଲା ମତେ
ମୋ ଘରେ ମୋହରି ଭାରିଯା,
ଚନ୍ଦ୍ରମଣି, ତୁ ମରିଯା । ୦ ।
ବସିଥିଲି ଯେବେ ଦିନେ
ବେଦୀରେ ହେଇ ମୁଁ ବର
ବରର ହୁକୁମ କେତେ
ବପର କେତେ ଖାତର !
ଦାନ୍ତ ନିକୁଟି ତା' ବାପ

Digitized by srujanika@gmail.com

କରିଥିଲା କନ୍ୟାଦାନ
କିଏ ବା ନଜାଣେ କୁହ
ବର ଶ୍ରେଷ୍ଠ କନ୍ୟା ନ୍ୟୂନ ।
ଆଜି ସେଇ କନ୍ୟା ମୋହରି ଭାରିଯା
ମୋହ ଘରେ ମତେ ହୁକୁମ କରୁଚି
ବସିଯା – ଉଠିଯା
ଚାଲିଯା – ରହିଯା
ଯା ଯା ଯା – ଯା ଯା ଯା
ଏଇ ତ ନମୂନା ଏଇମାନେ ହେଲେ
ଗୋଟିଏ ଗୋଟିଏ ଭାରିଯା
ବିଧାତାରେ, ତୁ ମରିଯା । ୧ ।
[ଦୁଃଖରେ କ୍ଷୋଭରେ ବାବୁ କାନ୍ଦକାନ୍ଦ ହୋଇଉଠୁଥାନ୍ତି ।]
ବାବୁ : ବସି ବସି ଆଉ କେତେ ବା କରିବି ବିଳାପ
କରେ ଏବେ ଟିକେ ଶାସ୍ତ୍ରୀୟ ସଙ୍ଗୀତ ଆଳାପ ।
[ଆଳାପ ଆରମ୍ଭ କଲେ]
ସା ରେ ଗା ମା. . .ଗା ମା ଗା ମା
ଗା ମା ଗା ମା. . .ସା ରେ ସା ରେ
ଝାରେ ଝାରେ
କଣ ଝାରେ ? ଲୁହ ଝାରେ
(କ୍ରମେ ଆଳାପରୁ ଗୀତକୁ ଆସିଲେ)
ଝରଝର ଝରଝର . . . ଝରଝର ଝରି ଯା । ।
ଏ ଆଖିରୁ ଯେତେ ଲୁହ ପାଣି ସବୁ ଝରି ଯା ।
କାହା ପାଇଁ କୁହ ସଞ୍ଚିବି ମୁଁ ଲୁହ
(ମୁଁ) ବାବୁ ହେଇ ଯେବେ କାବୁ କଲା ମତେ
ମୋ ଘରେ ମୋହରି ଭାରିଯା ।
ଚନ୍ଦ୍ରମଣି ତୁ ମରିଯା
ମରି ଏ ସଂସାରୁ ତରିଯା, ତରିଯା, ତରିଯା । ୨ ।
[ଗୀତ ଶେଷବେଳକୁ ବାବୁ କାନ୍ଦିଉଠିଲେ । କାନ୍ଦ ଶୁଣି ଘର ଭିତରକୁ

Digitized by srujanika@gmail.com

ପଶିଆସିଲେ ସାନ୍ତାଣୀ ସୁଲୋଚନା ଦେଈ । କୁଳୀନବଂଶଜା, ସୁଦର୍ଶନା ସୁଗୃହିଣୀ । ଯେହେତୁ ବାବୁଙ୍କୁ ସେ ଭଲ ବାଟକୁ ଆଣିବା ପାଇଁ ଦୃଢ଼ପ୍ରତିଜ୍ଞ— ବାବୁଙ୍କ ପ୍ରତି ତାଙ୍କର ବ୍ୟବହାର କଠୋର ।]

ସାନ୍ତାଣୀ : ଏ ହେ ହେ କାନ୍ଦୁଚ ?
ଆଗୋ କାନ୍ଦୁଚ –
ନା ନୂଆ ଫନ୍ଦି କିଛି ଫାନ୍ଦୁଚ ?

ବାବୁ : କାନ୍ଦୁନି କି ଫାନ୍ଦୁନି
ଏ କରମକୁ ସୁଦ୍ଧା ନିନ୍ଦୁନି ।

ସାନ୍ତାଣୀ : ନ କାନ୍ଦୁଚ ଯେବେ, ନ ଫାନ୍ଦୁଚ ଯେବେ
ଗୁଁ ଗୁଁ ଗୁଉଁ ଗୁଉଁ – ସୁଉଁ ସୁଉଁ ସୁଉଁ ସୁଉଁ
ଥରିଉଠେ କିଆଁ କଳିଜା
କୁହ ପଚାରୁଚି ତମ ଭାରିଯା ।

ବାବୁ : ହୁକୁମ କରିଚ ଜାରି . . .

ସାନ୍ତାଣୀ : କରିଚି ତ ।

ବାବୁ : ଘରକଣେ ବସିଥିବି . . .

ସାନ୍ତାଣୀ : ବସିବ ତ ।

ବାବୁ : ଘରୁ କାହିଁ ଯିବି ନାହିଁ . . .

ସାନ୍ତାଣୀ : ଯିବନି ତ ।

ବାବୁ : ବସି ବସି ଦୁଇ ଘଣ୍ଟା
ବସି ତ ଗଲାଣି ଅଣ୍ଟା . . .

ସାନ୍ତାଣୀ : ଆହା !

ବାବୁ : ହାତଗୋଡ଼ ହେଲା ନାଠି
କଣ୍ଠନଳୀ ଗଲା ଫାଟି
ଗୀତ ଗାଉଥିଲି ବସି ବସି ।

ସାନ୍ତାଣୀ : ଗୀତ !

ବାବୁ : ରାଗ-ସଙ୍ଗୀତର ହାର
ଇମନ କାଫି କେଦାର ।

ସାନ୍ତାଣୀ : ମା'ଲୋ !

Digitized by srujanika@gmail.com

ବାବୁ : ଶୁଦ୍ଧ କଲ୍ୟାଣ ଗାନ୍ଧାର
ବିଶୁଦ୍ଧ ମେଘମହ୍ଲାର
ସତେ କି ଆସିଲା ମେଘ ବରଷି !
ସାନ୍ତାଣୀ : ଏଁ ! ମେଘ କାହିଁ ?
ବାବୁ : ଝର ଝର ଝର ଝର
ଏ ଆଖିରୁ ଝରିଲା
ଘରକଣେ ବସି ମନକଥା ମନେ ମରିଲା ।
(ସାନ୍ତାଣୀ ବାବୁଙ୍କ ମନକଥା ବୁଝିପାରିଲେ)
ସାନ୍ତାଣୀ : ହୁଁ-ଉଁ . . .
ବାବୁ : ହାୟ !
ସାନ୍ତାଣୀ : ଯିବ ତେବେ ବୁଲି ?
ବାବୁ : ଦି' ମିନିଟ୍ ।
ସାନ୍ତାଣୀ : ଖେଳାଇବା ଲାଗି
ବାବୁ : ଏ ଅଣ୍ଡା ପିଠି ।
ସାନ୍ତାଣୀ : (ହେଲେ) ସାମନା ରାସ୍ତାରେ
ବାବୁ : ଚାଲୁଥିବି ।
ସାନ୍ତାଣୀ : ତଳ ମୁହଁ କରି
ବାବୁ : ବୁଲୁଥିବି ।
ସାନ୍ତାଣୀ : ଚାଲୁ ଚାଲୁ ଚାଲି
ବାବୁ : କାହିଁ ଯିବିନାହିଁ ।
ସାନ୍ତାଣୀ : ବୁଲୁ ବୁଲୁ ଭୁଲି
ବାବୁ : ମୁଁ ଯିବିନାହିଁ ।
ସାନ୍ତାଣୀ : ହୁକୁମ ମୋହର
ବାବୁ : ମାନିଥିବି ।
ସାନ୍ତାଣୀ : ଦଶ କଦମରେ
ବାବୁ : ରହିଥିବି ।
ସାନ୍ତାଣୀ : କବାଟ ଫାଙ୍କରେ
ବାବୁ : ଦିଶୁଥିବି ।

Digitized by srujanika@gmail.com

ସାନ୍ତାଣୀ : ମୁଁ ଗଳା ଖଙ୍କାରିଲେ
ବାବୁ : ମୁଁ କାଣୁଥିବି ।
ସାନ୍ତାଣୀ : ଦି' ମିନିଟି ବାଦେ
ବାବୁ : ଫେରିଆସି
ସାନ୍ତାଣୀ : ଗମ୍ଭୀରି ଭିତରେ
ବାବୁ : ଥିବି ବସି ।
ସାନ୍ତାଣୀ : ହଉ ଯାଅ
ବାବୁ : ଗଲି ।

[ଆଉ ମୁହୂର୍ତ୍ତେ ଅପେକ୍ଷା ନକରି ବାବୁ ବାହାରକୁ ଚାଲିଗଲେ]

ଦ୍ୱିତୀୟ ଦୃଶ୍ୟ

[ଚନ୍ଦ୍ରମଣିଙ୍କ ଗୃହ ସମ୍ମୁଖସ୍ଥ ରାସ୍ତା । ସାଆନ୍ତାଣୀଙ୍କ କଥା ରକ୍ଷାକରି ବାବୁ ପାଦରେ କଦମ୍ ମାପି ମାପି ରାସ୍ତାରେ ଟହଲ କରୁଚନ୍ତି ଓ ସେଇ ଅବସରରେ ସୁବିଧା ପାଇଲେ ଏଠୁ ଖସି ଚାଲିଯିବାର ସୁଯୋଗ ଅପେକ୍ଷାରେ ଅଛନ୍ତି ।]

ବାବୁ : [ପାଦ ପକେଇ ପକେଇ] ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛ, ସାତ, ଆଠ, ନଅ, ଦଶ !

[ଏତିକିବେଳେ କବାଟ ଫାଙ୍କରେ ସାନ୍ତାଣୀ ଦେଖାଦେଲେ]

ସାନ୍ତାଣୀ : ବାସ୍ ବାସ୍, ସେଇ ଦଶ ।
ବାବୁ : (ଚମକିଉଠି) ଏଁ ! ହଁ, ସେଇ ଦଶ ।
ସାନ୍ତାଣୀ : ଆମ ଏ ଦୁଆରମୁହଁରୁ ...
ବାବୁ : ହଁ ହଁ, ଦୁଆରମୁହଁରୁ ।
ସାନ୍ତାଣୀ : ଏ ପାଖେ ଦଶ୍ — ସେ ପାଖେ ଦଶ୍ ।
ବାବୁ : ଏ ପାଖେ ଦଶ୍ — ସେ ପାଖେ ଦଶ୍ ।
ସାନ୍ତାଣୀ : କବାଟ ଫାଙ୍କରେ —
ବାବୁ : ଦିଶୁଥିବି ।
ସାନ୍ତାଣୀ : ଗଳା ଖଙ୍କାରିଲେ
ବାବୁ : କାଣୁଥିବି ।
ସାନ୍ତାଣୀ : ହଁଅଁ ! [କବାଟ ବନ୍ଦକରି ସାନ୍ତାଣୀ ଅଦୃଶ୍ୟ ହୋଇଗଲେ ।]

Digitized by srujanika@gmail.com

ବାବୁ : ଏ ପାଖେ ଦଶ୍ – ସେ ପାଖେ ଦଶ୍ ।

(ଗୀତ)

ଏ ପାଖେ ଦଶ ସେ ପାଖେ ଦଶ୍
ଦଶପାଦିଆର ବେଡ଼ି ପଡ଼ିଅଛି
କୋଉ ଗଳିବାଟେ ଖସିବୁ ଖସ୍ ।। ୦ ।।
ପାଦ ଚାଲୁଅଛି ଦଶ କଦମ
କବାଟ ଫାଙ୍କରେ ଚାହିଁଛି ଯମ
ଦଶ କଦମରୁ ଏଗାର ହୋଇଲେ
ପୁଣି ଗମ୍ଭୀରି ଭିତରେ ପଶ।।। ୧ ।।
କଦମ୍ କଦମ୍ ବଢ଼େଇ ଯା
ତକ୍‌ଦିର ଟିକେ ଲଢ଼େଇ ଯା
କଟକ ସହରେ ଘରଟା ଭିତରେ
ଅଟକ ରହିବ କୋଉ ପୁରୁଷ ? ।। ୨ ।।

[ଖୁବ୍ ସନ୍ତର୍ପଣରେ ଆସିଲା ନୋକା – ଜଣେ ଅଳ୍ପବୟସ୍କ ଯୁବକ ।]

ନୋକା : ବାବୁ !

ବାବୁ : କିଏ ?

ନୋକା : ବାବୁ ମୁଁ !

ବାବୁ : କୋଉ ମୁଁ ?

ନୋକା : ସେଇ ମୁଁ ।

ବାବୁ : କୋଉ ମୁଁ ?

ନୋକା : (ଗୀତ)

ଚିହ୍ନିକି ପାରୁନ ବୁଝିକି ପାରୁନ
ପାରୁନ କି ସତେ ଜାଣି,
ଅକାଡ଼ିଚି କେତେ ଡମ ଗିଲାସରେ
ବୋତଲରୁ ସୋଡ଼ା ପାଣି ହେ
ମୋର ନାଁଟି ନୋକା,
ମୁଁ ତ ସେଇ ଭଦ୍ରକିଆ ଟୋକା ହେ
ମୋର ନାଁଟି ନୋକା ।। ୧ ।।

Digitized by srujanika@gmail.com

ବାବୁ : ଆରେ ଆରେ . . . ଚିହ୍ନିଲି ଚିହ୍ନିଲି . . .
ତୁଇ ସେ ଫଟକ ନୋକା
କଦମେ ଏଠି ମୁଁ ବେଦମ ହେଲିଣି
ଆଖିକି ଲାଗିଲା ଧୋକାରେ
କେଣେ ଯାଉଚୁ ବୁଲି,
କିବା ଆସିଲୁ କି ବାଟ ଭୁଲିରେ
କେଣେ ଯାଉଚୁ ବୁଲି ॥ ୨ ॥

ନୋକା : ମତେ ପରା ପଠେଇଚନି . . .

ବାବୁ : ପଠେଇଚନି ?

ନୋକା : ହଁ

ବାବୁ : କିଏ ?

ନୋକା : ସେଇ

ବାବୁ : କିଏ ?

ନୋକା : ସେଇ

ବାବୁ : କିଏ ?

ନୋକା : (ଗୀତ) ସେଇ ନାରୀହୀରା ପୀରତି-ପସରା
ବାଈ ଉସ୍‌ମାନ୍‌ତାରା . . .

ବାବୁ : (ଖୁସିରେ ଚିତ୍କାରକରି) ଉସ୍‌ମାନ୍‌ତାରା . . .

[ଏତିକିବେଳେ ସାନ୍ତାଣୀ ପୁଣି କବାଟ ଫାଙ୍କରେ ଦେଖାଦେଲେ ।]

ସାନ୍ତାଣୀ : ହୁଁ, ହୁଁ . . .

ବାବୁ : ଏଁ ! ହଁ ହଁ !

ସାନ୍ତାଣୀ : କବାଟ ଫାଙ୍କରେ

ବାବୁ : ଦିଶୁଥିବି !

ସାନ୍ତାଣୀ : ଗଳା ଖଙ୍କାରିଲେ

ବାବୁ : କାଶୁଥିବି ।

ସାନ୍ତାଣୀ : ଦି' ମିନିଟି ବାଦେ

ବାବୁ : ଫେରିଆସି

ସାନ୍ତାଣୀ : ଗମ୍ଭୀରି ଭିତରେ

Digitized by srujanika@gmail.com

ବାବୁ : ଥିବି ପଣି ।

ସାନ୍ତାଣୀ : ହଁ । [କବାଟ ଆଉଜାଇ ଅଦୃଶ୍ୟ ହୋଇଗଲେ । ନୋକା କିନ୍ତୁ ବିବ୍ରତ ହୋଇପଡ଼ିଚି ।]

ନୋକା : ବାବୁ ?

ବାବୁ : ବାବୁ ଏଇନେ କାବୁ ।

ନୋକା : ଇଏ ପୁଣି କୋଉ ତରା ?

ବାବୁ : ତରା ନୁହେଁ ଝାଞ୍ଜି ଖରା । (ଟିକିଏ ରହି)
ଆରେ ବାବୁ ନୋକା !

ନୋକା : ଖାଇଯିବି କି ଧୋକା ?

ବାବୁ : ଆରେ ସିଏ ପରା ନ ଥିଲା. . .
କଲିକତା ଯାଇଥିଲା ?

ନୋକା : ଫେରିଲାଣି ।

ବାବୁ : ଫେରିଲାଣି ?

ନୋକା : ହଁ ।

ବାବୁ : ସେଇ ?

ନୋକା : (ଗୀତ) ସେଇ ନାରୀହୀରା ପୀରତି-ପସରା
ବାଣ ଉସ୍‌ମାନ୍‌ତାରା
ଫେରିଲାଣି ବୋଲି ଦିହୁଡ଼ି ଜଳୁଚି
ତେଲେଙ୍ଗାବଜାର ସାରା ହେ,
ବାବୁ ଆସି ଝଟତି
ତମ ବାଟ ଚାହିଁ ବସିଚନ୍ତି ହେ ।। ୩ ।।
ଚିଠି ଦେଇଚନ୍ତି ନାଲିଆ କାଗଜେ
ଶାଗୁଆ କାଳିରେ ଛପା
ଛିଞ୍ଚୁ ଦେଇଚନ୍ତି ଲଫାପା ଉପରେ
କେତକୀଅତର ଠୋପା ହେ
ଯାଏ ବାସ ଚହଟି,
ବାସିଉଠିଲାଣି ମୋ ପାକିଟି ହେ ।। ୪ ।।
(ନୋକା ଚିଠି ଦେଲା)

Digitized by srujanika@gmail.com

ବାବୁ : ହାୟ ହାୟ !
କେତେ ମତେ ପ୍ରେମକରେ !
କେତେ ସୁଖ ପାଏ !
କି ଚିଠି ଲେଖିଛି, ହାୟ . . . ପଢ଼େ । (ଚିଠି ପଢ଼ିଲେ)
ହେ ପ୍ରାଣବାନ୍ଧେବ
ହେ ଚନ୍ଦ୍ରମାଧେବ
ଚିଠିରୁ ଲୁହାର ନେବ ପକାଇଲି ରାଣ
ମୋର ଜୀବଞ୍ଜୀବନ ॥ ୦ ॥
(ଚିଠି ପଢୁ ପଢୁ ଆତ୍ମହରା ହୋଇଉଠୁଥାନ୍ତି)
ବାବୁ : ମୋ ନାଁ ଚନ୍ଦ୍ରମଣି –
ଶ୍ରଦ୍ଧାରେ ଲେଖିଛି ଚନ୍ଦ୍ରମାଧେବ ।
ନୋକା : ପଢ଼, ବାବୁ ପଢ଼ !
ବାବୁ : (ଗୀତ) ହେ ପ୍ରାଣବାନ୍ଧେବ
ହେ ଚନ୍ଦ୍ରମାଧେବ
ଚିଠିରୁ ଲୁହାର
ନେବ ପକାଇଲି ରାଣ
ମୋର ଜୀବଞ୍ଜୀବନ ॥ ୧ ॥
ଖଟରେ ଶୋଉଚି
ହାଉଆ ଖାଉଚି
ସିରପ୍ ପିଉଚି
ପୁଣି ଛାତିତଳ ନିଆଁ
ମୋତେ କରେ ଦହନ
ମୋ ଜୀବଞ୍ଜୀବନ ॥ ୨ ॥
ବାବୁ : କି ଚିଠି ଲେଖିଲା ରେ ?
ନୋକା : ପୁଣି ଗୀତ ଗାଉଚନ୍ତି , . . .
ବାବୁ : କି ଗୀତ ?
ନୋକା : (ଗୀତ) ଆକାଶେ କଇଁଆ
ଚିଲିକାରେ ମାଛ

Digitized by srujanika@gmail.com

ମେଘ କୋଳେ ଜହ୍ନ
କଇଁ ମନ ଛନଛନ
ବାବୁ ଆସ ବହନ,
ମୋର ଜୀବଜୀବନ ॥ ୩ ॥

ନୋକା : ଆସ ।

ବାବୁ : ନାଇଁ ।

ନୋକା : ନାଇଁ ? ମତେ ପରା କହିଚନି !

ବାବୁ : କିସ ?

ନୋକା : (ଗୀତ) ବସିଲା ଥାନରୁ
ଉଠାଇ ଆଣିବୁ
ଉଠି ନ ପାରିଲେ
ଝିଙ୍କି ଝିଙ୍କି ଉଠେଇବୁ
ସେ ମୋ ଜୀବଜୀବନ ॥ ୪ ॥

ବାବୁ : ନାଇଁରେ ନୋକା !
ଯେତେ ତୁ ଝିଙ୍କିଲେ
ଧାରେ ନ ଝୁଙ୍କିବି
ଗାରେ ନ ହୁଙ୍କିବି
ଲକ୍ଷ୍ମଣ ଟାଣିଚି ଗାର,
ଧାପ ଦଶ କଦମ୍
ଜମା ଦଶ କଦମ୍
ମୁଁ ତ ହେଲି ବେଦମ୍ ॥ ୫ ॥

[ସାନ୍ତାଣୀ ପୁଣି କବାଟ ଫାଙ୍କରେ ଦେଖାଦେଲେ ।]

ସାନ୍ତାଣୀ : ହୁଁ ହୁଁ . . .

ବାବୁ : ଏଁ ! ହଁ ହଁ ।

ସାନ୍ତାଣୀ : କବାଟ ଫାଙ୍କରେ

ବାବୁ : ଦିଶୁଥିବି !

ସାନ୍ତାଣୀ : ଗଳା ଖଙ୍କାରିଲେ

ବାବୁ : ଜାଣୁଥିବି ।

Digitized by srujanika@gmail.com

ସାନ୍ତାଣୀ : ବି' ମିନିଟି ବାଦେ

ବାବୁ : ଫେରିଆସି

ସାନ୍ତାଣୀ : ଗମ୍ଭୀରି ଭିତରେ

ବାବୁ : ଥିବି ପଶି ।

ସାନ୍ତାଣୀ : ହଁ । [କବାଟ ଆଉଜାଇ ଅଦୃଶ୍ୟ ହୋଇଗଲେ ।]

ବାବୁ : ନୋକା –

ନୋକା : ବାବୁ !

ବାବୁ : ତୁ' ଯା ।

ନୋକା : ତେମେ ?

ବାବୁ : ଯିବି ।

ନୋକା : ନିଶ୍ଚେ ?

ବାବୁ : ନିଶ୍ଚେ

ନୋକା : ନିଶ୍ଚେ

ବାବୁ : ନିଶ୍ଚେ [ନୋକା ବିଦାୟନେଲା]

ତୃତୀୟ ଦୃଶ୍ୟ

[ବାବୁ ଘର ଭିତରକୁ ଆସିଲେ]

ବାବୁ : ଆଗୋ . . . କାହିଁ ଗଲ ?
କେଣେ . . . ରହିଗଲ ?

(ଗୀତ)

ଆଗୋ କାହିଁଗଲ   କେଣେ ରହିଗଲ
ଏଣେ ଆସିବକି
ଟିକେ ଆସିବକି ? ॥ ୦ ॥
ଖନ୍ଦାରେ ଅଛ କି   ଧନ୍ଦାରେ ଅଛ
ନାଉ ମନ୍ଦାରେ କି   ପାଣି ଦଉଛ
ଏପଟେ ଅଛ କି
ସେପଟେ ଅଛ
କାମ ଛାଡ଼ି ଟିକେ ଆସିବ କି ? ॥ ୧ ॥

Digitized by srujanika@gmail.com

ସାନ୍ତାଣୀ : (ଟିକିଏ ଦୂରରୁ)

ମରିଯାଏ ମୁହିଁ ତରିଯାଏ କି
ଜହ୍ନିଫୁଲ ପରି ଝରିଯାଏକି
କାହିଁ ପାଇଁ ଏତେ ସୁଆଗିଆ ଡାକ
ଅମୃତ ବଚନ ଭାଷିବ କି ? ॥ ୨ ॥

ବାବୁ : ଆଗୋ ଶୁଣିବ କି ଟିକେ ଶୁଣିବ କି ?
ସିନ୍ଦୁକ ଖୋଲି କି ଟଙ୍କା ଗଣୁଚ ?
ଫେରିବାଲାଠୁ କି ଶାଢ଼ୀ କିଣୁଚ ?
ସେବା କରୁଚ କି କୋଥକି ଫିଟେଇ !
ଶୁଣିବ କି ଟିକେ ଶୁଣିବ କି . . . ॥ ୩ ॥

(ସାନ୍ତାଣୀ ଆସିଲେ)

ସାନ୍ତାଣୀ : ଅକାଳେ ନାହିଁ କି ସକାଳେ ନାହିଁ
ଉଜାଣି ବହୁଛି ଯମୁନା ନଈ,
ପଣତ ପଡେଇ ଆସିଲାଣି ଏବେ
ପାଆଁଶ ହଜାର ଗଣିବ କି ? ॥ ୪ ॥

ବାବୁ : (ଯନ୍ତ୍ରଣାର ଛଳନା କରି) ଆଃ . . .

ସାନ୍ତାଣୀ : ଏଁ !

ବାବୁ : ଉଃ . . .

ସାନ୍ତାଣୀ : ଏଁ-ଏଁ

ବାବୁ : ଓଃ . . .

ସାନ୍ତାଣୀ : ଏଁ-ଏଁ-ଏଁ

ବାବୁ : ଭାରୀ କଷ୍ଟ !

ସାନ୍ତାଣୀ : କଷ୍ଟ ?

ବାବୁ : ଭାରୀ ବ୍ୟଥା ?

ସାନ୍ତାଣୀ : ବଥା . . . କି ବଥା ?

ବାବୁ : ମୁଣ୍ଡବଥା . . . ପେଟବଥା
ଛାତିବଥା . . . ଦାନ୍ତବଥା . . .

ସାନ୍ତାଣୀ : ବୁଝିଗଲି . . .

Digitized by srujanika@gmail.com

ବାବୁ : (ଖୁସିରେ) ବୁଝିଲଟି ?

ସାନ୍ତାଣୀ : (ଗୀତ) ବୁଝିଗଲି – ବୁଝିଗଲି – ବୁଝିଗଲି

ବୁଝିଗଲି ଏ ପାରକାପଣ ବୁଝିଗଲି ॥ ୦ ॥
କୋଉଠୁ କିଏ ଡାକ ଦେଲାଣି
କଲାଣି କିଏ ବାଇ
ମନ ହେଲାଣି କା' ଓଳିତଳେ
ପଡ଼ିବ ପୁଣି ଯାଇ ।
ଏ ନୁହେଁ ରୋଗ, କାତୁଚ ଯୋଗ, ବୁଝିଗଲି,
ସବୁ ଚକ୍‌କର, ସବୁ ଫିକର, ବୁଝିଗଲି ॥ ୧ ॥

ବାବୁ : ଭୁଲ ବୁଝିଚ ।

ସାନ୍ତାଣୀ : ଟାଣିଲ ଗଞ୍ଜା ଟାଣିଲ ଗୁଲି
ପିଇଲ ମଦ ତାଡ଼ି,
ଚଟକ କଲ ଶୁଖୁଆ ପୋଡ଼ା
କ୍ଷୀରି କ୍ଷୀରିଶା ଛାଡ଼ି ।

ବାବୁ : ନାଇଁ ମ !

ସାନ୍ତାଣୀ ଦି' ମାସ ହେଲା ଭଲରେ ଥିଲ
ମୋ ସାନକୁହା ମାନି,
ନିଶାପାଣିରୁ ମନ ତୁଟାଇ
ବାଟକୁ ଥିଲି ଆଣି ।
ଏ ନୂଆ ଫନ୍ଦି
ଏ କାରସାଦି, ବୁଝିଗଲି,
ତୁମକୁ ଭଲ ଗମ୍ଭୀରି ଘର, ବୁଝିଗଲି . . . ॥ ୨ ॥

ବାବୁ : ଓଲଟା ବୁଝିଚ ।

ସାନ୍ତାଣୀ : ସତେ ?

ବାବୁ : ମୋର ବିଛା ରାଶି ।

ସାନ୍ତାଣୀ : ହଁ ତ !

ବାବୁ : ବୃଷକୁ ଶନି ଚଳିଲା ।

ସାନ୍ତାଣୀ : ସେଇଠୁ ?

Digitized by srujanika@gmail.com

ବାବୁ : ମୋର ଶନିଶପ୍ତା ।
ସାନ୍ତାଣୀ : (ବିଶ୍ୱାସକରି) ତା' ହେଲେ ?
ବାବୁ : ଭାରୀ ଅଶୁଭ . . .
ସାନ୍ତାଣୀ : କିଏ କହିଲା ?
ବାବୁ : ଖଡ଼ିରତ୍ନେ ।
ସାନ୍ତାଣୀ : ଆସିଥିଲେ ?
ବାବୁ : ହଁ ।
ସାନ୍ତାଣୀ : ଖଡ଼ିରତ୍ନେ !
ବାବୁ : କହିଲି କି ?
ସାନ୍ତାଣୀ : ହଁ ତ !
ବାବୁ : ଭୁଲ କହିଲି . . . ତାଙ୍କ ପୁଏ ।
ସାନ୍ତାଣୀ : ସିଏ ତ ଆଣ୍ଠୁକୁଡ଼ା ।
ବାବୁ : ଯା' ମ – ପୁଣି ଭୁଲ୍ ।
ସାନ୍ତାଣୀ : ଠିକ୍‌ଟା କ'ଣ ?
ବାବୁ : ତାଙ୍କ ଚାକର ଟୋକା ।
ସାନ୍ତାଣୀ : ଚିଠି ଆଣିଥିଲା ?
ବାବୁ : ହଁ
ସାନ୍ତାଣୀ : କାହିଁ ଦେଖି ?
ବାବୁ : ହେ-ଉ୍, ପୁଣି ଭୁଲ୍ !
ସାନ୍ତାଣୀ : କ'ଣ ହେଇଚି କହ ?
ବାବୁ : ଚିଠି ନୁହେଁ, ଚିଠା . . . ଚିଠା !
ସାନ୍ତାଣୀ : ଖଡ଼ିରତ୍ନଙ୍କ ଚିଠା ?
ବାବୁ : ହଁ । (ଖଡ଼ିରତ୍ନଙ୍କ ନାମ ଶୁଣି ବାବୁଙ୍କ କଥାରେ ସାନ୍ତାଣୀଙ୍କର ହୃଦ୍‌ବୋଧ ହେଇଚି ।)
ସାନ୍ତାଣୀ : କ'ଣ ଲେଖିଥିଲେ ?
ବାବୁ : ଲେଖିଲେ . . .

Digitized by srujanika@gmail.com

(ଗୀତ)

ବାବୁ ଚନ୍ଦ୍ରମଣି ଶୁଣ ଚେତାବନି
ଘୋଟିଲାଣି ଶନିସପ୍ତା
ରୋଗବ୍ୟାଧି ସବୁ ତଣ୍ଟି ଚିପିଲେଣି
ପୂରିବନି ଦୁଇ ହପ୍ତା !

ସାନ୍ତାଣୀ : ମୁଁ କ'ଣ କରିବିଟି ?

ବାବୁ : ଧର୍ମ କର୍ମ କର
ପୁଣ୍ୟ କର୍ମ କର
ଟଙ୍କା ଖରଚକୁ ନାହିଁ ଡର ।। ୧ ।।

(ସାନ୍ତାଣୀ ଡରିଗଲେଣି)

ସାନ୍ତାଣୀ : ନାହିଁ ନାହିଁ
ଖରଚକୁ ଡର ନାହିଁ
କୁହ . . . କି ଧର୍ମ . . . କି କର୍ମ ?

ବାବୁ : ଚାଞ୍ଚରା ବିଛାଇ ଏ ଏକଣା ଘରେ
ଧାରଣା ଦେଇ ଶୋଇବ,
ଦିଅଁଙ୍କ ନାଆଁରେ ଟଙ୍କାଥଳିଟିଏ
ତକିଆ ତଳେ ଥୋଇବ,
ରାତି ଯିବ ଗଡ଼ି
ତୁମେ ଥିବ ପଡ଼ି
ଫଳାହାର ନାହିଁ ଜଳାହାର ନାହିଁ
ଖାରା ଉପାସେ ରହିବ . . . ।। ୨ ।।

ସାନ୍ତାଣୀ : (କାନ୍ଦି) ଆହା . . . ହା . . . !
ତୁମେ ଶୁଅ . . . ମୁଁ ଜଗିବସିବି ।

ବାବୁ : ନାହିଁ ନାହିଁ ତୁମେ ସୁଲୋଚନା ଦେଇ
ଏଘରେ ରହିବ ନାହିଁ ।

ସାନ୍ତାଣୀ ଆଗୋ କାହିଁ ପାଇଁ ?
କୁହ କାହିଁ ପାଇଁ ?

ବାବୁ : ଧାରଣା ବେଳରେ ପଡ଼ିବ ନାହିଁ ତ

Digitized by srujanika@gmail.com

ଚିରିଲା ଲୋକର ଛାଇ ।
ଯେତ ଦେବ-ଆଜ୍ଞା
ମହାଦେବ ଆଜ୍ଞା
ଆଜ୍ଞା ନ ପାଳିଲେ ଧାରଣା ବିଗଡ଼
ସୁଫଳ ମିଳିବ ନାହିଁ ।। ୩ ।।

ସାନ୍ତାଣୀ : ଯେତେ ଅଛି ତୁମ ରୋଗ ବଇରାଗ
ସବୁ ମତେ ଦିଅ ଝାଡ଼ି,
ବଳୁ ନାହିଁ ମନ ସେ ଘରେ ରହିବି
ଏ ଘରେ ତୁମକୁ ଛାଡ଼ି ।

ବାବୁ : ଯାଅ, ଖାଇବ ଯାଅ ।

ସାନ୍ତାଣୀ : ଲାଗିଯାଉ ନିଆଁ
ମୋର ଖିଆପିଆ,
ପଠାଇଦଉଚି ମକରା ହାତରେ
ସିନ୍ଦୁକରୁ ଟଙ୍କା କାଢ଼ି . . . ।। ୪ ।।

[ସାନ୍ତାଣୀ ଅନ୍ୟ ଘରକୁ ଗଲେ । ବର୍ତ୍ତମାନ ବାବୁଙ୍କୁ ଦେଖିଲେ ଜଣାଯାଏ ସତେ ଯେମିତି ସେ ଗଡ଼ ଜିତିଯାଇଛନ୍ତି । ଖୁବ୍ ଫୂର୍ତ୍ତି ଆଉ ମନଖୁସିରେ ଘର ସାରା ପଇଁତରା ମାରୁଥାଆନ୍ତି । ଟିକିଏ ପରେ ଆସିଲା ଭୃତ୍ୟ ମକରା । ହାତରେ ତା'ର ଚାଙ୍ଗୁରା, ଚାଦର, କମ୍ବଳ, ଝାଡୁ ଓ ଗୋଟିଏ ଟଙ୍କାଥଳି । ମକରା ଆସି ଝାଡୁରେ ଘର ସଫାକଲା ।]

ବାବୁ : ଆରେ ମକରା !

ମକରା : ବାବୁ ଆଜ୍ଞା !

ବାବୁ : ପକା ଚାଙ୍ଗୁରା . . .

ମକରା : ବାବୁ ଆଜ୍ଞା !

ବାବୁ : ବିଛା ଚାଦର . . .

ମକରା : ବାବୁ ଆଜ୍ଞା !

ବାବୁ : ଫିଟା କମ୍ବଳ . . .

ମକରା : ବାବୁ ଆଜ୍ଞା ! [ମକରା ତା କାମ ଶେଷ କଲା ।]

ମକରା : ଏବେ ଶୁଣନ୍ତୁ ବାବୁ ଆଜ୍ଞା !

Digitized by srujanika@gmail.com

ବିଜେ ହୁଅନ୍ତୁ ବାବୁ ଆଜ୍ଞା !

[ମକରା କଥା ଶୁଣି ବାବୁ ବୀରଦର୍ପରେ ତା' ଆଡ଼େ ଚାହିଁ ଗାଟିଏ ତାଚ୍ଛଲ୍ୟଭରା ହସ ହସିଲେ ।]

ବାବୁ : (ଗୀତ) ମକରା ତୁ ହେଲୁ ପାଗଳ !
ମୁଁ ନୁହେଁ ତୁ — ତୁ ମକୁରାମ
ଶୁଅ ଏଠି ଘୋଡ଼ିହୋଇ କମ୍ବଳ ॥ ୦ ॥

ମକରା : (ଚମକି) ଆଜ୍ଞା ! ଆଜ୍ଞା ପରା ଦେବେ ଧାରଣା
ମା' କରୁଚନ୍ତି ପାରଣା ।

ବାବୁ : ମା' ଜାଣି ତୋର ସିଂହର ଦୁଳଣୀ
ମୁଁ ଗୋଟିଏ ପେଜପିଆ ଛାଗଳ... ॥ ୧ ॥

ମକରା : ଆଜ୍ଞା ପରା . . .

ବାବୁ : କଣ ପରା ?

ମକରା : ଠାକୁରଙ୍କ ନାମ ଭଜିବେ
ମୁଣ୍ଡତଳେ ଟଙ୍କା ରଖିବେ ।

ବାବୁ : (ହସି) ମୁଣ୍ଡତଳେ ନୁହେଁ ପକେଟେ ରଖିବି
ତୁ ଶୋଇବୁ ମୁହିଁ ଗସ୍ତରେ ଯିବି,
ସାଥୀଝାଣୀ ତୋର ଭଜିହେଉଥିବେ
କିଏସେ ଧରିଲା ଭାଲୁ ଲାଙ୍ଗୁଳ ॥ ୨ ॥
(ଟଙ୍କା ଥଳିଟି ନେଇଗଲେ)

ବାବୁ : ମକରା !

ମକରା : ବାବୁ !

ବାବୁ : ଶୁଅ ।

ମକରା : (କାନ୍ଦି) ନାଇଁ !

ବାବୁ : ତୁ କାନ୍ଦୁଚୁ ?

ମକରା : ହଇ . . . (କାନ୍ଦୁଥାଏ)

ବାବୁ (ଗୀତ) କାନ୍ଦିଲେ କି ହବ ମକୁଚାନ୍ଦ କହ
(ଏ) ଚନ୍ଦ୍ର କି ସେଥିରେ ଭୁଲିବ
ସପା ସପ୍ ସପ୍ ଚାବୁକ ମାଡ଼ରେ

Digitized by srujanika@gmail.com

(ତୋ) ପିଠିରୁ ଚମଡ଼ା ଛାଲିବ ॥ ୧ ॥

ମକରା : ଆପଣ ଛାଲିବେ ପିଠିରୁ ଚମଡ଼ା
ମାଆ ଦେବେ ଝାଡ଼ୁ ପାହାର,
ଏ କୂଳ ସେ କୂଳ ଦି'କୂଳ ହରେଇ
ହେବି ଭଲା ମୁହିଁ କାହାର ? ॥ ୨ ॥

(ଏଥର ବାବୁ ନରମିଗଲେ)

ବାବୁ : ଆରେ ମକରା !
ମକରା : କଥା ହବ ବଡ଼ ନାକରା ।
ବାବୁ : (ଗୀତ) କହୁଥିଲୁ ପରା ଯିବୁ ମାମୁଁଘର ?
ମକରା : ଟଙ୍କା ନାହିଁ, ନାହିଁ ଲୁଗା କି ଚାଦର,
ବାବୁ : ବାଟଖର୍ଚ୍ଚ ଦେବି, ଯଥା କିଣିଦେବି
ନେ ଏବେ ଚାରିଟଙ୍କା,
ମକରା : ମୁଣ୍ଡତଳେ ଝାଡ଼ୁ ରଖି ମୁଁ ଶୋଇଲି
ଟଙ୍କା କଲା ମୁହଁ ବଙ୍କା ॥ ୩ ॥
ବାବୁ : କମ୍ବଳ ଘୋଡ଼େଇ ବେଗେ ଶୋଇଯାଆ . . .
ମକରା : କି କହିବି ଯେବେ ପଚାରିବେ ମାଆ ?
ବାବୁ : ହଁ ନ କହିବୁ, ନାହିଁ ନ କହିବୁ
ନାହିଁ ଛିଙ୍କ କାଶ-ହାଇ,
ମୋର ବାଟେ ବାଟେ ଖସିଲି ମୁଁ ଏବେ
ଜୟ ଉସମାନ୍‌ବାଈ ॥ ୪ ॥
(ଟଙ୍କାଥଳି ନେଇ ବାହାରକୁ ଚାଲିଗଲେ)

ଚତୁର୍ଥ ଦୃଶ୍ୟ

[ସଂଧ୍ୟା ଉତ୍ତୀର୍ଣ୍ଣ ହୋଇଆସୁଚି । ଦିନସାରା ବାବୁ ନ ଖାଇ ନ ପିଇ ଧାରଣାରେ ପଡ଼ିଛନ୍ତି ବୋଲି ସାନ୍ତାଣୀଙ୍କ ମନ ଭଲ ନାହିଁ । ହାତ ଯୋଡ଼ି ବସି ଜଣାଣ ଗାଉଚନ୍ତି ।]

ସାନ୍ତାଣୀ : ହେ ପ୍ରଭୁ ଧବଳେଶ୍ୱର, ହେ ପ୍ରଭୁ ଅମରେଶ୍ୱର,
ଲଣ୍ଡା ଦେଉଳ ପ୍ରଭୁ ହେ, ଗଡ଼ଗଡ଼ିଆ ଠାକୁର । ୦ ।

Digitized by srujanika@gmail.com

ଚଢ଼ାଇବି ବେଲପତ୍ର
ବଢ଼ାଇବି ଅନ୍ନଛତ୍ର
ଗଢ଼ାଇବି ବେଢ଼ାବେଦୀ ଦେହ ତାଙ୍କ ଭଲକର । ୧ ।
ମୁଣ୍ଡତଳେ ଟଙ୍କା ଥୋଇ
ଧାରଣାରେ ଛ'ନ୍ତି ଶୋଇ
ସେ ଟଙ୍କାରେ ଢଳାଇବି ସହସ୍ର କୁମ୍ଭର ଜଳ । ୨ ।

(ଜଣାଣ ପରେ ଗୁଣୁଗୁଣୁ ପ୍ରାର୍ଥନା କଲେ)

ହେ ପ୍ରଭୁ ଈଶାନେଶ୍ୱର, ହେ ଲଡୁକେଶ୍ୱର, ହେ ଲୋକନାଥ, ହେ ଲିଙ୍ଗରାଜ – ତାଙ୍କ ଦେହ ଭଲ କର, ତାଙ୍କ ମନ ଭଲ କର – ତାଙ୍କ ଗତି ଭଲ କର – ତାଙ୍କ ମତି ଭଲ କର – ହେ ପ୍ରଭୁ ହେ !

[ପ୍ରଣାମ କରି ଉଠି ଠିଆହେଲେ । ତା'ପରେ ହାତରେ ଆଲୁଅ ଧରି ଯାଇ ବାବୁ ଯୋଉ ଘରେ ଧାରଣା ଦେଇଚନ୍ତି, ସେ ଘର ଦୁଆରମୁହଁରେ ନିଃଶବ୍ଦରେ ଠିଆହେଲେ ।]

ସାନ୍ତାଣୀ : (ଗୀତ) ସଞ୍ଜ ଗଡ଼ି ରାତି ଗଲାଣିହୋଇ
କହିଥିଲେ ଛାଇ ପଡ଼ିବ ନାହିଁ ।
ରାତିରେ ବା କାହୁଁ ଆସିବ ଛାଇ,
କି କଷ୍ଟେ ଅଛନ୍ତି ଦେଖେ ମୁଁ ଯାଇ ।

(ଆଲୁଅ କମେଇ ଅତି ସନ୍ତର୍ପଣରେ କବାଟ ଖୋଲି ଘର ଭିତରକୁ ଗଲେ । ସାନ୍ତାଣୀ ଜାଣିଲେ ଦେହସାରା କମ୍ବଳ ଘୋଡ଼ିହୋଇ ବାବୁ ଅତି ନିରୀହଟି ଭଳି ପଡ଼ିରହିଚନ୍ତି । ହୃଦୟ ତାଙ୍କର ବିଚଳିତ ହୋଇଉଠିଲା ।)

ସାନ୍ତାଣୀ : (ଆହା) ସକାଳ ପହରୁ ନାହିଁ ଆହାର
ପାଦତଳେ ତୁମ କଲି ଜୁହାର,
ଧକେଇ ପଡ଼ିଚ ହାତକୁ ଯୋଡ଼ି
ଗୋଡ଼ଭଣ୍ଡା ଟିକେ ଦଉଚି ମୋଡ଼ି ॥

[ପାଦତଳେ ମୁଣ୍ଡିଆ ମାରି, କମ୍ବଳ ତଳେ ହାତ ପୂରାଇ ଗୋଡ଼ ମୋଡ଼ିଦେବାକୁ ଉଦ୍ୟତ ହେଲାକ୍ଷଣି ମକରା କମ୍ବଳ ତଳୁ ଚମକି ଉଠିଲା ।]

ମକରା : ଉଁ ଉଁ ଉଁ . . . ହୁଁ ହୁଁ ହୁଁ . . .

[ସାନ୍ତାଣୀ ବୁଝିଲେ – ଧାରଣା ଶେଷ ହୋଇ ନାହିଁ ବୋଲି ବାବୁ କମ୍ବଳ

Digitized by srujanika@gmail.com

କାଢ଼ିବାକୁ ଇଙ୍ଗିତରେ ମନାକରୁଚନ୍ତି ।]

ସାନ୍ତାଣୀ : (ଗୀତ) ନାହିଁ ନାହିଁ କାଢୁ ନାହିଁ କମ୍ବଳ
ଆଉଁସି ଦଉଚି ପାପୁଲି ତଳ ।
ତାଳୁରୁ ତଳିପା ହୋଇଚ ଘୋଡ଼ି
ଗୋଟାପଣ ଝାଳେ ଗଲଣି ବୁଡ଼ି ।

[ସେମିତି କମ୍ବଳତଳୁ ପାଦ ଚିପି ଦଉଦଉ ସାନ୍ତାଣୀ ହଠାତ୍ ଆତଙ୍କରେ ଚମକି ଉଠିଲେ ।]

ସାନ୍ତାଣୀ : ଏଁ ! ଇଏ କଣ ହେଲା ?
ସାଉଁଳିଆ ପାଦ କୁଆଡ଼େ ଗଲା ?
ଗୋଛା ଗୋଛା ଶିରା କାହୁଁ ଅଇଲା ?
(ଗୀତ)କୁହ, କାହା ଦେହ ଭଲା ସହିବ ଲୋ ଦଇବ;
ଧାରଣାରେ ଶୋଇ ଭଲ ମଣିଷଟା
ଏମନ୍ତେ କେମନ୍ତେ ହୋଇବ ଲୋ ଦଇବ ॥ ୦ ॥
ସାଉଁଳିଆ ପାଦ ସେମେଟା ହେଲାଣି
ହାତଗୋଡ଼ ସବୁ ଶିରା ମେଲିଲାଣି
ଆଉ ନାକ !
ଖଣ୍ଡାଧାର ନାକ ଦବିଦାବି ଯାଇ
ଚେପଟା ଯେବେଟି ହୋଇବ ଲୋ, ଦଇବ ॥ ୧ ॥

ମକରା : ଉଁ-ହୁଁ-ହୁଁ !
(ଭଲଭାବେ କମ୍ବଳତଳେ ନିଜକୁ ଢାଙ୍କି ରଖିଥାଏ)

ସାନ୍ତାଣୀ : ହେଇତି, ହେ — କଣ ଚମକୁଚ ?
(ପୂର୍ବକ୍ରମରେ କମ୍ବଳ ତଳୁ ହାତଦ୍ୱାରା ସବୁ ବୁଝିପାରୁଥାନ୍ତି)
ଫୁଲୁଫୁଲା ଗାଲ ଟାକୁଆ ହେଲାଣି
ପେଟଟା ଟୁମୁକା ଛାଡି ବସିଲାଣି,
ଆଉ କେଶ —
ରେଶମ ପରିକା କେରି କେରି କେଶ
ଟାଆଁଶିଆଁ ଯେବେ ହୋଇବ ଲୋ ଦଇବ ॥ ୨ ॥

Digitized by srujanika@gmail.com

ଆଗୋ, କଥା କହୁନ କି କମ୍ବଳ କାଢୁନ ! ଏଁ !
ହେ ଭଗବାନ !
ଆଉ ନିଶ ! ନିଶ କାହିଁ ? ନିଶ ତ ନାହିଁ !
ନିଶ ଝଡ଼ିପଡ଼ିଲା କି ? (କାନ୍ଦିଲେ)
କଳା ମୁଟୁମୁଟୁ ସାଥାନ୍ତିଆ ନିଶ
ଝଡ଼ି ତ ଗଲାଣି ଖାଇବି ମୁଁ ବିଷ,
ଅତର ମଖାଇ ମୁଁ କେତେ ସାଉଁଳିଚି
କଷରା ଦିଶିଲେ କଇପ ବୋଳିଚି,
ନିଶ ନାହିଁ ତୁଚ୍ଛା ମାଖୁନା ମୁହଁକୁ
କୋଉ ସ୍ତିରୀ ଭଲା ଚାହିଁବ ଲୋ ଦଇବ !
ଦେହ ଧରି କିଏ ସହିବ ଲୋ ଦଇବ !
ଆଉ କି ଏ ମନ ମୋହିବ ଲୋ ଦଇବ ! ॥ ୩ ॥
(କଇଁ କଇଁ ହୋଇ କାନ୍ଦିଲେ)

ମକରା : ସାନ୍ତାଣୀ !
ସାନ୍ତାଣୀ : କିଏ ?
ମକରା : (ଗୀତ) କାନ୍ଦ ନାହିଁ ସାନ୍ତାଣୀ ଗୋ
କାନ୍ଦି କାନ୍ଦି ଉଠିଯାଉଚି ଧଇଁ,
ବାବୁଙ୍କର ନିଶ ତାଙ୍କ ନାକ ତଳେ
ମୋ ନାକ ତଳେ ଟାଙ୍କରା ଭୂଇଁ ।
(ମକରା କମ୍ବଳ କାଢ଼ି ଉଠି ବସିଲା)
ସାନ୍ତାଣୀ : ହଇରେ ମକରା, ତୁ !
ମକରା : ହଁ ସାନ୍ତାଣୀ ମୁଁ !
ସାନ୍ତାଣୀ : ତୁ ?
ମକରା : ମୁଁ ।
ସାନ୍ତାଣୀ : ତୁ ?
ମକରା : ମୁଁ
ସାନ୍ତାଣୀ : (ଗୀତ) ଡାକୁଣୀଖିଆ ମକରା ହେଲୁ ତୁ ଏଡ଼େ ମଗରା
ତୋ ପାଦ ଧରି ମୁଁ ପୁଣି କଲି ଜୁହାର,

Digitized by srujanika@gmail.com

କଲି କେତେ ମୋଡ଼ା-ଘଷା ଦଉଚୁ ମୁରୁକିହସା
ଚାଖିବୁ କେମତେ ମିଠା ଝାଡୁ ପାହାର ॥ ୧ ॥

ମକରା : ଖାଇଲେ ଝାଡୁ ପାହାର କରିବି ପାଟି ହାଲୋକ
ଜାଣିବେ ଏ ସାହିଲୋକ କି ଅପନିନ୍ଦା,
ଏ ସାହିରୁ ଆର ସାହି ଜାଣିବେ ସାହିକି ସାହି
କହନି ମା' ସାଆନ୍ତାଣୀ କାହାକୁ ନିନ୍ଦା ? ॥ ୨ ॥

ସାନ୍ତାଣୀ : କହ ମତେ ସତ କରି ଥିଲା ଏଠି ଟଙ୍କା ଥଳି –
ବାବୁ ନାହିଁ ଟଙ୍କା ନାହିଁ କିବା ରହସ୍ୟ ?

ମକରା : ପକେଟେ ପୂରେଇ ଟଙ୍କା ବାବୁ ଚାଲିଲେ ସଳଖା
ହୁକୁମ ପାଳୁଚି ଏଠି ମକରା ଦାସ ॥ ୩ ॥

ସାନ୍ତାଣୀ : ହଉ, ତୁ ଯାଆ ତୋ କାମରେ ।

ମକରା : ମୋ କାମ ତ ଏଇ ଘରେ ଶୋଇବି !

ସାନ୍ତାଣୀ : ତୁ ନୁହେଁ ମୁଁ – ମୁଁ ଶୋଇବି ।

ମକରା : ଆପଣ ଶୋଇବେ ?

ସାନ୍ତାଣୀ : ହଁ !

ମକରା : କମ୍ବଳ ଘୋଡ଼ିହୋଇ ?

ସାନ୍ତାଣୀ : ହଁ

ମକରା : ମୁଁ ?

ସାନ୍ତାଣୀ : (ରାଗି) ମକରା !

ମକରା : କଥା ହେଇଯାଉଚି ବଡ଼ ନାକରା । (ସାନ୍ତାଣୀ ନରମିଗଲେ)

ସାନ୍ତାଣୀ : (ଗୀତ) କହୁଥିଲୁ ଯିବୁ ବୋଲି
ଶଶୁର ଘରକୁ ବୁଲି . . .

ମକରା : ଟଙ୍କା କାହିଁ ଶାଳୀପାଇଁ କିଣିବି ଖଜା ?

ସାନ୍ତାଣୀ : ଏ ପାଞ୍ଚଟା ଟଙ୍କା ନେଇ
ରୋଷଘରେ ଶୁଅ ଯାଇ . . .

ମକରା : ହରିବୋଲ . . . ବାବୁ ଆସି ଦେଖନ୍ତୁ ମଜା ॥ ୪ ॥

[ଟଙ୍କା ନେଇ ମକରା ଚାଲିଗଲା । ସାନ୍ତାଣୀ କମ୍ବଳ ଘୋଡ଼ିହୋଇ ଶୋଇଲେ । କିଛି ସମୟ ପରେ ନିଶାରେ ଟଳି ଟଳି ବାବୁ ଆସିଲେ ।

Digitized by srujanika@gmail.com

ନିଶାଭୋଳରେ ଆଲୁଅ ତେଜି ଦେଇ ବୁଝିଲେ ମକରା ଶୋଇଛି । ମନେ ମନେ ଖୁବ୍ ଖୁସିହୋଇଗଲେ ।]

ବାବୁ : ମକରା ! ବାବା ମକ୍ରାମ ! ଭାଇ ମକ୍ରୁ !
ଉଠ୍ ବାବା, ଉଠ୍ ।
(ସୁର୍‌ରେ) ରାତି ପାହି ହେଲାଣି ଭାତି
ନାଇଁ ନାଇଁ, ଭୁଲ ହେଇଗଲା . . .

ବାବୁ: (ଗୀତ) ସଞ୍ଜ ଗଡ଼ି ହେଲାଣି ରାତି
ଛାଡ଼ ମକୁ ଶେଯ ସୁପାତି ।। ୦ ।।
ଆଉ କିଆଁ ଶୋଉଚୁ ବେଟା
କମଳ ଘୋଡ଼ିରେ କମଳ ଘୋଡ଼ି ।
ବାବୁ ତୋର ଆସିଲାଣି ଦେଖ୍ ନିଶକୁ ମୋଡ଼ି
ହଁ ! ନିଶକୁ ମୋଡ଼ି ।
ଦେଖ ମୋର ରସିକ ଠାଣି
ପେଟପୂରା ବୋତଲପାଣି
ମୁଁ ଦେଇଚି ଟାଣି – ହା, ଦେଇଚି ଟାଣି,
ଦେଖ ଟଳ-ମଟଳ ପାଦ
ଶୁଣ ମୋର ହାକୁଟି ନାଦ
(ହିକ୍) ହାକୁଟି ନାଦ
କାହିଁ ଗଲା ସାଆନ୍ତାଣୀ ତୋର ଗୁଣ୍ଡୁଣୀ ହାତୀ, ସେ ଗୁଣ୍ଡୁଣୀ ହାତୀ,
ଡାକ୍ ତାକୁ ଜବାବ୍‌ଦେବି ମୁଁ ଫୁଲାଇ ଛାତି
ହା ! ଫୁଲାଇ ଛାତି,
ସଞ୍ଜ ଗଡ଼ି ହେଲାଣି ରାତି
ତେଜ ବାବୁ ଶେଯ ସୁପାତି ।। ୧ ।।

ସାନ୍ତାଣୀ : (ଚାପା କଣ୍ଠରେ) ହୁଁ !

ବାବୁ : କିରେ ମକୁ – ଏମ୍ତି ଚୁପ୍ ସେ ହୁଁ ମାରୁଚୁ ? ତୋ ସାନ୍ତାଣୀ ଏଠି କୋଉଠି ଅଛି କି ? ଏଁ ଅଛି ? ଆବେ ଥାଉ ବେ – କ୍ୟା ପରୁଆ ? ତା'ର ହିମ୍ମତ୍ ଅଛି ତ ସାମନାକୁ ଆସୁ – ହଁ ଆସୁ - ହାତାହାତି ହେଇଯାଉ । ମୁଁ ଡରିଚି ?

Digitized by srujanika@gmail.com

ବାବୁ : (ଗୀତ)

ହେଇଯାଉ ହାତାହାତି ଏବେ ପାଇଯାଉ ରାତି
ମୋ ସାଥୀ ଉସ୍‌ମାନ୍‌ତାରା,
ହଉ କଥା କଟାକଟି ପଛେ ମୁଣ୍ଡ ଫଟାଫଟି
ମୋ ସାଥୀ ଉସ୍‌ମାନ୍‌ତାରା
ସେ ମୋ ପ୍ରୀତି-ପାରାଭାଡ଼ି ପାରା
ଏକା ସେହି ମୋ ଦୁଃଖ-ପାସୋରା ।। ୦ ।।

(କଥା) : କିରେ, ଝାଡୁଟା କାଇଁକି ଖସ୍‌ଖସ୍ ହେଲାଣି ?

(ଗୀତ) : ହେଲେ ହଉବା ଝାଡୁ ପାହାର
ହେଲେ ହେବି ଏ ଘରୁ ବାହାର
ଦେଲେ ଦଉ ସେ ଛାଡ଼ପତର
ଗଲେ ଯାଉ ସେ ତା ବାପଘର
ହଉ ଡ୍ରେଙ୍ଗେରୀଟା ଲୁଟ — ଉଠୁ ମାହାଲଟା ଲାଟ୍
ମୋ ସାଥୀ ଉସ୍‌ମାନ୍‌ତାରା,
ସେ ମୋ ପ୍ରୀତି ପାରାଭାଡ଼ି ପରା
ଏକା ସେହି ମୋ ପ୍ରୀତି-ପସରା ।। ୧ ।।

[ସାନ୍ତାଣୀଙ୍କର ଚାପା ଖଣ୍ଡିକାଶ]

ବାବୁ : କାହିଁକିରେ ମତେ ସରୁ ଗଳାରେ ଖଣ୍ଡିକାଶ ? ମତେ ଡରଉଚୁ ? ମୁଁ ଡରିବି ? କଭି ନେହିଁ । (ଆରେ) ଆଜି ଗଲି, କାଲି ଯିବି, ପୁଣି ଯିବି, ରୋଜ ଯିବି, ଟଙ୍କା ଦେବି, ସୁନା ଦେବି, ମାଲ ପିଇ ମସ୍ତ ହେବି ।

ମୋ ସାଥୀ ଉସ୍‌ମାନ୍‌ତାରା
ନୀଳ ଗଗନର ତାରା . . . ଦିନ ଦି'ପହରର ତାରା
ପାହାନ୍ତିଆ କୁଆଁ ତାରା . . . ସଞ୍ଜ ଆକାଶର ତାରା
ମୋ ସାଥୀ ଉସ୍‌ମାନ୍‌ତାରା,
ମୋ ପ୍ରୀତି-ପାରାଭାଡ଼ି ପାରା ।। ୨ ।।

(କଥା) ଜାଣୁରେ ମନ୍ତ୍ରାମ — କ'ଣ ଆଜି ସେ ମତେ ଖାଇବାକୁ ଦେଲା — ଶୁଣିବୁ ?

ସାନ୍ତାଣୀ : (ଚାପାଗଳାରେ) ହୁଁ ଉଁ-ଉଁ . . .

Digitized by srujanika@gmail.com

ବାବୁ : (ଗୀତ) ମହୁଲି ସାଥିରେ ଚାଉଳି ମିଶେଇ
ଦେଲା ଟିକେ ନାଲି ରଙ୍ଗ,
ଫେଣ୍ଟିଦେଲା ଯେବେ ଖାଣ୍ଟି ବିଲେଇତି
ଉଠିଲା ଜଳ ତରଙ୍ଗ,
ଗୋରା ଗୋରା ତାର ରଙ୍ଗ
ଆଖି ଇନ୍ଦ୍ରଧନୁ ଢଙ୍ଗ
ଓଠ ପାଚିଲା ନାରଙ୍ଗ
ଗାଡ଼ି ଛାଡ଼ିଲା ବାରଙ୍ଗ
ମୋ ସାଥୀ ଉସ୍‌ମାନ୍‌ତାରା . . .
(କଥା) ଆଉ ତୋ ସାନ୍ତାଣୀ ? ଛି, ଥୁଃ, ଫୋଃ —
ଏ ମଜା ସିଏ କ'ଣ ବୁଝିବ ?
(ଗୀତ)
ବାହାବା ଭାରୀ ମଜାଦାର୍
ମଦ ଗଞ୍ଜା ଗୁଣ ଯିଏ ଜାଣେ ଏକା
ସେଇ ତ ସମଝଦାର୍ . . . ।। ୦ ।।
ସାନ୍ତାଣୀ ତୋର କାଠଗଡ଼ା ସାହି ମାଟିକଣ୍ଢେଇ
ନାକ କାଟି ନାକ ହାତେ ଦେଇ ତାକୁ ଦେଲି ଭଣ୍ଡେଇ ।
ନାଁ ସୁଲୋଚନା ସୋଲବିଡ଼ାଟାଏ ପାଣିରେ ଭାସେ
ଉସ୍‌ମାନ୍‌ତାରା ଆକାଶ ପରି ସେ ମୋ ମନ ରସେ ।
ମୋ ମନ ରସେ ।। ୧ ।।
ସିଏ ଆଉ ଇଏ
ଛିଃ ଥୁଃ ଛେଃ
କାହିଁ ରାଣୀ କାହିଁ ଚନ୍ଦରକାଣୀ
କାହିଁ ମଦ କାହିଁ ପଇଡ଼ ପାଣି,
ନାଁ ସୁଲୋଚନା କୋଳଥଚୂନା
ଖାଇବାକୁ ଦିଏ ଅଥାର ମଣ୍ଡା,
ଉସ୍‌ମାନ୍‌ତାରା କାବୁଲି ହୀରା
ସିଝାଇ ଖୁଆଏ ଡବଲ ଅଣ୍ଡା ।। ୨ ।।

Digitized by srujanika@gmail.com

ବାହାବା ଭାରି ମଜାଦାର
ଚାହାଁ ମୁଁ କେଢ଼େ ଦିଲଦାର୍,
ଚାଖିଥିବ ଯିଏ ନିଶା ମଜା ଥରେ
ସେଇ କରିପାରେ କଳାକୁ ଧଳା
କି ଧଳାକୁ କଳା,
ସାଥୀନ୍ତାଣୀ ତୋର ଗାଧେଇଗଲା
ଚାଖିଥିବ ଭଲା ତା ବୋପା ଶଳା ।। ୩ ।।

(ସାନ୍ତାଣି ଝଡ଼ ପରି ଉଠିଲେ)

ସାନ୍ତାଣୀ : ମୋ ବୋପା ତୋ ଶଳା ?

ବାବୁ : ଏଁ ! ତମେ !

ସାନ୍ତାଣୀ : କାହିଁ ଗଲା ଝାଡୁ ? (ଝାଡୁ ଧରିଲେ)

ବାବୁ : ମକରା . . .

ସାନ୍ତାଣୀ : ମାଟିକଣ୍ଢେଇ – ଦେଲି ଭଣ୍ଢେଇ ! (ମାଡ଼)

ବାବୁ : ମାରୁଚ ?

ସାନ୍ତାଣୀ : ପାହାନ୍ତି ତାରା – ସଞ୍ଜୁଆ ତରା ! (ମାଡ଼)

ବାବୁ : ଝାଡୁରେ !

ସାନ୍ତାଣୀ : ନାଁ ସୁଲୋଚନା, କୋକଥନୂନା ! (ମାଡ଼)

ବାବୁ : ଥାଉ ।

ସାନ୍ତାଣୀ : ଉସ୍ମାନ୍‌ତାରା, କାବୁଲି ହୀରା ! (ମାଡ଼)

ବାବୁ : ହେଇଗଲା । ହେଇଗଲା !

ସାନ୍ତାଣୀ : ଅଥାର ମଣ୍ଡା, ଡବଲ ଅଣ୍ଡା ! (ମାଡ଼)

ବାବୁ : ଭାରି କାଟୁଚି ।

ସାନ୍ତାଣୀ : ମୁଁ ସୋଳବିଡ଼ା, ସେ ଗଳାର ହାର !
କେମିତି ଲାଗୁଚି ଝାଡୁ ପାହାର ? (ମାଡ଼)

ବାବୁ : ମରିଗଲି, ମରିଗଲି . . .

ସାନ୍ତାଣୀ : ମଦୁଆ, ଗଞ୍ଜେଡ଼, ପରଘରପଶା (ମାଡ଼)

ବାବୁ : ଛାଡ଼ିଗଲା ନିଶା, ଛାଡ଼ିଗଲା ନିଶା ।

[ସାନ୍ତାଣୀଙ୍କ ଝାଡୁ ପ୍ରହାରରେ ବାବୁ ଅଚେତ ହୋଇ ପଡ଼ିଗଲେ ।]

Digitized by srujanika@gmail.com

ସାନ୍ତାଣୀ : ହେ ଉଠୁଚ ! ଉଠ ! ଓଃ, ଛଟା !
ନିଆଁ ପାଉଁଶ ତ ଯାହା ଗିଳୁଚ
ତା ସଙ୍ଗେ ପୁଣି ଛଟା ଗାଳୁଚ ?
(ଟିକିଏ ରହି) ମକରା . . . ମକରା ! (ମକରା ଆସିଲା)

ମକରା : ସାନ୍ତାଣୀ ! ଏଁ ! ଏ କ'ଣ ଝାଡୁପାହାର ?

ସାନ୍ତାଣୀ : ହଁରେ ମକରା !

ମକରା : ଆହା !

ସାନ୍ତାଣୀ : କେଜାଣି କାହିଁକି କହୁତ ନାହାଁନ୍ତି କଥା ?

ମକରା : ଝାଡୁପାହାରରେ ବୁଦ୍ଧି କି ଗଲାଣି ଚେତା ?

[ଏତେବେଳେ ସାନ୍ତାଣୀ ପ୍ରକୃତ ଅବସ୍ଥାଟା ବୁଝିଗଲେ ।]

ସାନ୍ତାଣୀ : ହେ ପ୍ରଭୁ ! ହେ ମାଆ ଚଣ୍ଡୀ, ହେ ମା କାଳୀ !

(ଗୀତ)

ଏ କି କଲି, ଏ କି କଲି ମୁଁ, ଏ କି ବୁଦ୍ଧି ଧରିଲି,
ସ୍ୱାମୀ-ଦେବତାଙ୍କୁ ଛାଞ୍ଚୁଣୀମୁଠା ମାଡ଼ ମାରିଲି ॥ ୦ ॥
ରାଗ ସିନା ବ୍ରହ୍ମଚଣ୍ଡାଳ କଲା ମୋ ବୁଦ୍ଧି ନାଶ,
ପାପିନୀ ମୁଁ ହତଭାଗିନୀ ନାହିଁ ତ୍ରିପୁରେ ବାସ ॥ ୧ ॥
ହେ ମାତା କଟକଚଣ୍ଡୀ, ତୋ ପାଦେ କରେ ଜଣାଣ,
ମୋତେ ଦଣ୍ଡି ମୋର ସ୍ୱାମୀଙ୍କୁ ଭଲବାଟକୁ ଆଣ ॥ ୨ ॥
ମାଳା ଦେବି ଝୁଲାମନ୍ଦିର ଗୁଆଘିଅର ବତି,
ହରି ସର୍ବ ରୋଗ ବୈରାଗ ତାଙ୍କୁ ଦିଅ ସୁମତି ॥ ୩ ॥

(କାନ୍ଦୁଥାନ୍ତି)

ସାନ୍ତାଣୀ : ମକରା !

ମକରା : ସାନ୍ତାଣୀ !

ସାନ୍ତାଣୀ : (ଗୀତ)

ଉଷୁମ ପାଣି ତୁ ଆଣ କି ତାଙ୍କୁ ଦିଏ ଗାଧୋଇ
ଶେଯ ବିଛେଇ ଦେ ପଲଙ୍କେ ଟିକେ ପଡ଼ନ୍ତୁ ଶୋଇ ॥ ୪ ॥
ଘଷିଦେବି ଫୁଲା ଜାଗାରେ ଧୀରେ ଧୀରେ ମଲମ
ଠାଆ ପାଇଁ ଲୁଚି ଛାଣିବୁ ଟିକେ କରି ନରମ ॥ ୫ ॥

Digitized by srujanika@gmail.com

ମକରା : ଯାଉଚି ମା, ଯାଉଚି ।

[ମକରା ଚାଲିଗଲା । ସାନ୍ତାଣୀଙ୍କର ଅନୁତାପର ସୀମା ନାହିଁ । ଟିକିଏ ପରେ ମକରା ଉଷୁମପାଣି ଓ ମଲମ ପ୍ରଭୃତି ଆଣିଦେଲା । ସାନ୍ତାଣୀ ମନପ୍ରାଣ ଦେଇ ବାବୁଙ୍କ ସେବା କରିବାରେ ଲାଗିଲେ । ଧୀରେ ଧୀରେ ବାବୁଙ୍କ ଯନ୍ତ୍ରଣା ଉପଶମ ହୋଇଆସିଲା ।]

ସାନ୍ତାଣୀ : ହେଇତି !

ବାବୁ : ଉଁ ?

ସାନ୍ତାଣୀ : ଟିକେ ଚାହିଁଲ !

ବାବୁ : ଚାହିଁବି ?

ସାନ୍ତାଣୀ : ହଁ ।

(ବାବୁ ଆଖି ମେଲି ସଙ୍ଗେ ସଙ୍ଗେ ପୁଣି ଆଖି ବନ୍ଦକଲେ)

ବାବୁ : ଇଲୋ ମୋ ବୋପା ଲୋ ! ଛାଞ୍ଚୁଣୀ ମୁଠା !

ସାନ୍ତାଣୀ : ନାହିଁ ନାହିଁ, ଆଉ ଛାଞ୍ଚୁଣୀ ନାହିଁ ।

ବାବୁ : ନାହିଁ ?

ସାନ୍ତାଣୀ : ନାହିଁ ।

ବାବୁ : ଭଲ ।

ସାନ୍ତାଣୀ : କ'ଣ ଭଲ ?

ବାବୁ : ତେମେ ଭଲ । ମୁଁ ଭଲ । ସବୁ ଭଲ ।

(ସ୍ନେହରେ ସାନ୍ତାଣୀଙ୍କ ହାତ ଉପରେ ନିଜ ହାତ ରଖିଲେ)

ସାନ୍ତାଣୀ : ପାଦତଳେ ଆଗୋ ତୁମରି କଲି ଲକ୍ଷେ ଜୁହାର,
ପାଦ ରଖି ମୋର ମଥାରେ କ୍ଷମ ଦୋଷ ମୋହର ।। ୬ ।।

[ସ୍ୱାମୀଙ୍କୁ ଭୂମିଷ୍ଠ ପ୍ରଣାମ କଲେ]

ଶେଷ ଦୃଶ୍ୟ

[ପ୍ରାୟ ଦୁଇ ମାସ ଅତୀତ ହୋଇଯାଇଚି । ବୈଠକଖାନାରେ ବାବୁ ଗୋଟିଏ ଚୌକି ଉପରେ ବସିଛନ୍ତି । ପାଖରେ ସାନ୍ତାଣୀ ଠିଆହୋଇଛନ୍ତି । ଦୁହେଁ ବର୍ତ୍ତମାନ ଏକମନ — ଏକପ୍ରାଣ । ବେଶ-ବିନ୍ୟାସରୁ ଜଣାଯାଏ ଦୁହେଁ ବାହାରକୁ କୁଆଡ଼େ ଯିବା ପାଇଁ ପ୍ରସ୍ତୁତ ହୋଇ ରହିଚନ୍ତି । . . .ବାହାର

Digitized by srujanika@gmail.com

ବାରନ୍ଦାରେ ଠିଆହୋଇ ମକରା ଘୋଡ଼ାଗାଡ଼ି ଡାକୁଚି ।]

ମକରା : (ଗୀତ) ଗାଡ଼ି ଗାଡ଼ି ଗାଡ଼ି
ଗାଡ଼ି ଗାଡ଼ି ଗାଡ଼ି
ବାବୁ ମାଆ ଯିବେ ବୁଲି କଟକ ସହର ବୁଲି
ଚଢ଼ି ଘୋଡ଼ା ଗାଡ଼ି ।
ଗାଡ଼ି ଗାଡ଼ି ଗାଡ଼ି
ହେ ଗାଡ଼ି ହେ
ହେ . . .
ହେ ଗାଡ଼ି ହେ . . .
ନାହିଁ ନାହିଁ ତୁ ନୋହୁଁ
ତୁ ବି ନୋହୁଁ
ତୋ ଘୋଡ଼ାଟା ଦଳଖିଆ
ତା ଘୋଡ଼ାଟା କସରା
ତୋ ଗାଡ଼ିଟା ଧଡ଼ଧଡ଼ିଆ
(ତା) ଗାଡ଼ି ଚକ ଘଷରା
ଗାଡ଼ି ଗାଡ଼ି ଗାଡ଼ି
ବାବୁ ମା' ଯିବେ ବୁଲି – କଟକ ସହର ବୁଲି
ଚଢ଼ି ଘୋଡ଼ାଗାଡ଼ି . . . ॥ ୧ ॥
ଯୋଉଦିନୁ ହେଲା ଛାଈଣୀ ପାହାର
ସେଦିନୁ ଏ ଘର ହସୁଚି,
ଯାଙ୍କ କଥା ତାଙ୍କୁ, ତାଙ୍କ କଥା ଯାଙ୍କୁ
ଚନ୍ଦନ ପରିକା ବାସୁଚି ।
ବାବୁ କହୁଚନ୍ତି ତୁମେ ଏ ଘରର
ସୀତାଠାକୁରାଣୀ ଲକ୍ଷିମୀ,
ମା କରୁଚନ୍ତି ବାବୁଙ୍କ ନାଆଁରେ
ଏ ସାଲରୁ ରାମ-ନବମୀ,
ଗାଡ଼ି ଗାଡ଼ି ଗାଡ଼ି
(ଆଜି) ବାବୁ ମାଆ ଯିବେ ବୁଲି

Digitized by srujanika@gmail.com

କଟକ ସହର ବୁଲି – ଚଢ଼ି ଘୋଡ଼ାଗାଡ଼ି ।
କାଠଯୋଡ଼ି ବନ୍ଧ
ମହାନଦୀ ବନ୍ଧ
ମଣିସାହୁ ଛକ
ରାଣୀହାଟ ଛକ
ଚାନ୍ଦିନୀଚଉକି – ନିମିଚଉଡ଼ି
ସେପାଖେ ତେଲଙ୍ଗାବଜାର ଛାଡ଼ି
ରାଜାବଗିଚା ବାଦାମବାଡ଼ି
ମଝିରେ ଚାଲିବ ବାବୁଙ୍କ ଗାଡ଼ି –
ଗାଡ଼ି ଗାଡ଼ି ଗାଡ଼ି
ହେ ଗାଡ଼ି ହେ – ଫିଟନ ଗାଡ଼ି
ଚକଚକିଆ ଫିଟନ ଗାଡ଼ି
ବାବୁ ମା ଯିବେ ବୁଲି କଟକ ସହର ବୁଲି
ଚଢ଼ି ତୋ' ଫିଟନ ଗାଡ଼ି
ଆଉ ମୁଁ . . .
ବେଣ ଭିଡ଼ିଦେଇ ସଇସ ପାଖରେ
ବସିଯାଇଥିବି ମୋ ଜାଗା ମାଡ଼ି
ଗାଡ଼ି ଗାଡ଼ି ଗାଡ଼ି
ଗାଡ଼ି ଗାଡ଼ି ଗାଡ଼ି ॥ ୨ ॥

[ବାହାରେ ଗାଡ଼ି ଆସି ରହିଲା]

ସାନ୍ତାଣୀ : ମକରା ଗାଡ଼ି ଡାକିଲାଣି ।

ବାବୁ : (କୃତ୍ରିମ ଅଭିମାନରେ) କଟକ ସହର ବୁଲିଯିବା ?

ସାନ୍ତାଣୀ : ହଁ, ଆସ ।

ବାବୁ : ନା ।

ସାନ୍ତାଣୀ : କାହିଁକି ?

ବାବୁ : (ଗୀତ) ମୋ' ଲାଗି କଟକ ବାଟ ମନା ଗୋ . . .
ସୁଲୋଚନା

Digitized by srujanika@gmail.com

ଝାଡ଼ୁଣୀମୁଠାକୁ ବାରେ ଅନା ଗୋ . . .
ସୁଲୋଚନା ।
ସାନ୍ତାଣୀ : ପରିହାସ ଆଉ କରନାହିଁ ମତେ
ଦିଅ ନାହିଁ ଲାଜ ଆଉ,
ମରଣ ସନ୍ତୋଷ ହୋଇ ମୁଁ ପଡ଼ିଚି
ଧିକ ଏ ଜୀବନ ଯାଉ,
ବାବୁ : ନାହିଁ ନାହିଁ ଏ କଥା କୁହନା ଗୋ . . . ସୁଲୋଚନା
ପିତଳକୁ କଲ ତମେ ସୁନା ଗୋ ସୁଲୋଚନା ॥ ୧ ॥
ବନ୍ଧୁମେଳେ ବସି ମିଠା ହସ ହସି
କହୁଥିଲା ଶ୍ୟାମଘନ,
ତୁମ ଆବିଷ୍କାର ଏ ଝାଡ଼ୁଣୀ ମୁଠା,
ଏ ପେଟେଣ୍ଟ୍ ମେଡ଼ିସିନ୍ ।
ସାନ୍ତାଣୀ : ପେଟେଣ୍ଟ ଫେଟେଣ୍ଟ କିଛି ନାହିଁ ଗୋ ମତେ ଜଣା
ତୁମ ଭଲ ଛଡ଼ା କିଛି ନାହିଁ ଗୋ ମତେ ଜଣା ।
ବାବୁ : ଆମ ଭଳେ ଖାଲି ସଂସାର ଚଳେ କି
ଯଦି ଆଉ କେହି ସ୍ୱାମୀ
କପାଳ ଦୁର୍ଯ୍ୟୋଗେ ଭୋଗନ୍ତି ଏ ରୋଗ
ହୁଅନ୍ତି ବିପଥଗାମୀ,
ତାଙ୍କ ଶ୍ରୀମତୀଙ୍କୁ ନିବେଦନ ମୋ' ହେଉ ଘେନା
ତୁମ ପରି ହୋଇ ସଂମାର୍ଜନୀ ଗୋ ସୁଲୋଚନା
ଚଳାନ୍ତୁ ପେଟେଣ୍ଟ୍ ମେଡ଼ିସିନ୍ ସେ . . . ବୀରାଙ୍ଗନା ।
ଦୁହେଁ : (ହସି ହସି)
ତେବେ ସିନା ସବୁ ସ୍ୱାମୀ ହେବେଟି ଖାଣ୍ଟି ସୁନା ॥ ୨ ॥
[ଦୁହେଁ ହସି ହସି ଯାଇ ଗାଡ଼ିରେ ବସିଲେ]

□ □ □

Digitized by srujanika@gmail.com

ଶ୍ରୀ ଜଗନ୍ନାଥ

[ମାଳବ ରାଜପ୍ରାସାଦର ଏକ କକ୍ଷ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ଈଷତ୍ ଚିନ୍ତିତ ଅବସ୍ଥାରେ ଅପେକ୍ଷାରତ ଅଛନ୍ତି । ପ୍ରବେଶ କଲେ ନଗରୀର ଜଣେ ଶ୍ରେଷ୍ଠୀ ସୁବେଦୀ ଯୁବକ ବ୍ରାହ୍ମଣ – ବିଦ୍ୟାପତି ।]

ବିଦ୍ୟାପତି – ମାଳବ ଅଧିପତି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଜୟ ହେଉ !

ଇନ୍ଦ୍ରଦ୍ୟୁମ୍ନ – ଆସ, ଆସ ବିଦ୍ୟାପତି ! ଆସନ ଗ୍ରହଣ କର ।

ବିଦ୍ୟାପତି – ମୋତେ ସ୍ମରଣ କରିଥିଲେ ?

ଇନ୍ଦ୍ର – ଜାଣିଥିବ ତ, ଉତ୍ତର-ପଶ୍ଚିମ-ଦକ୍ଷିଣ... ଏ ତିନି ଦିଗରୁ ଦୂତମାନେ ଫେରିଆସିଛନ୍ତି ।

ବିଦ୍ୟାପତି – ଜାଣେ ।

ଇନ୍ଦ୍ର – ଦୀର୍ଘ ଏକବର୍ଷରୀ ବର୍ଷକାଳ ସେମାନେ ଏ ତିନି ଦିଗ ଖୋଜି ଖୋଜି ଶ୍ରୀବିଷ୍ଣୁ... ଶ୍ରୀଜଗନ୍ନାଥଙ୍କର ଚିହ୍ନ-ବର୍ଣ୍ଣ ସୁଦ୍ଧା କେଉଁଠି ପାଇଲେ ନାହିଁ । ଏବେ ଶୂନ୍ୟହସ୍ତରେ ସେମାନେ ଫେରିଆସିଛନ୍ତି । ମହାରାଣୀ ଗୁଣ୍ଡିଚାଙ୍କର ସେଇ ଗୋଟିଏ କଥା... ଶ୍ରୀବିଷ୍ଣୁଙ୍କ ବ୍ୟତୀତ ଅନ୍ୟ ଦେବପୂଜା ସେ କରିବେ ନାହିଁ । ବେଳକୁବେଳ ମୁଁ ବୁଦ୍ଧିଶୂନ୍ୟ ହୋଇପଡୁଛି ।

ବିଦ୍ୟାପତି – ଯଦି ଅନୁମତି ଦେବେ ତେବେ ଜଗତନାଥ ପ୍ରଭୁ ଜଗନ୍ନାଥଙ୍କ ସନ୍ଧାନରେ ମୁଁ ପୂର୍ବଦିଗକୁ ଯାତ୍ରାକରିବି ।

ଇନ୍ଦ୍ର – ତୁମେ ବ୍ରାହ୍ମଣଶ୍ରେଷ୍ଠ ବିଦ୍ୟାପତି ! ତୁମେ ପୂର୍ବ ଦିଗକୁ ଯିବ । ମୋର ଅନ୍ତର-ଆତ୍ମା ଯେପରି ରହି ରହି ମତେ ନିର୍ଦ୍ଦେଶ ଦେଉଛି – ପୂର୍ବ ପାରାବାର ଉପକୂଳ ପବିତ୍ର ଉତ୍କଳଖଣ୍ଡରେ ମୋର ଆରାଧ୍ୟ ଦେବତା ପ୍ରଭୁ ବାସୁଦେବ କେଉଁଠି ନା କେଉଁଠି ବିରାଜମାନ କରିଛନ୍ତି । ... ଆସ, ତୁମ ମସ୍ତକରେ ମୁଁ ଏ ସୁବର୍ଣ୍ଣ ଶିରିପା ପିନ୍ଧାଇଦେଉଚି । ଆଜି ଏ ରାତ୍ରି ପ୍ରଭାତ ହେବା ପୂର୍ବରୁ... ପ୍ରାଚୀ କୁଆଁତାରା ଉଦୟ ହେବା ସଙ୍ଗେ ସଙ୍ଗେ ତୁମେ ପୂର୍ବ ଦିଗକୁ ଯାତ୍ରାକର ।

Digitized by srujanika@gmail.com

ବିଦ୍ୟାପତି – ମହାରାଜାଙ୍କର ଜୟ ହେଉ । (ପ୍ରସ୍ଥାନ)

[ଶବରପଲ୍ଲୀ । ଶବର ବିଶ୍ୱାବସୁଙ୍କ ବାସଗୃହ । ଦ୍ୱାରଦେଶରେ ଠିଆହୋଇଛି ବିଶ୍ୱାବସୁଙ୍କ ଯୁବତୀ କନ୍ୟା ଲଳିତା । ସମ୍ମୁଖରେ ବିଦ୍ୟାପତି ।]

ଲଳିତା – ମଥାରେ ସୁନା ଶିରିପା... କାନ୍ଧରେ ଶୁକ୍ଳ ପଇତା... ଗୋରା ଦେହ... ବଳିଷ୍ଠ ବାହୁ... କିଏ ତୁମେ ବ୍ରାହ୍ମଣ ?

ବିଦ୍ୟାପତି – ମୁଁ... ମୁଁ ବିଦ୍ୟାପତି ।

ଲଳିତା – ଏଇଟା ଯେ ଶବର-ପଲ୍ଲୀ !

ବିଦ୍ୟା – ହୁଏତ ମୁଁ ବାଟ ଭୁଲିଚି ।

ଲଳିତା – ଖାଲି ବାଟ ଭୁଲିନ... ତୁମେ ଥକିପଡ଼ିଚ । ଏଇ ମୃଗଛାଲ ଦଉଚି... ବସ ।

ବିଦ୍ୟା – ଘରେ ତମର ଆଉ କିଏ ଅଛନ୍ତି ?

ଲଳିତା – ମା'ତ ନାହିଁ – ବାପା ତାଙ୍କ କାମରେ ଯାଇଚନ୍ତି... ଟିକିଏ ପରେ ଆସିବେ ।

ବିଦ୍ୟା – ତା'ହେଲେ...

ଲଳିତା – କ'ଣ ତା'ହେଲେ ?

ବିଦ୍ୟା – (ଗୀତ)

ଶବର ଦୁହିତା ଆଗୋ
ଗୃହେ ତୁମେ ଏକାକିନୀ,
ଅପରିଚିତ ମୁଁ ତୁମ ଏ ବେଭାର
ଘେନା କରିପାରିବିନି । ୧ ।

ଲଳିତା – କାହିଁକି... ମୋର ଦୋଷ କ'ଣ ? ଆମ ଘରକୁ ତୁମେ ଆସିଚ...

ବିଦ୍ୟା – (ଗୀତ)

ପଥହରା ପଥିକ ମୁଁ
ଏ ଘୋର ବନାନୀ ମାୟା
ଅନ୍ଧକୁ ଲଉଡି ସାହା ହେଲା ପରି
ଦେଖାଇଲା ମୋତେ ରାହା । ୨ ।

ବିଦ୍ୟା – ଏ ନିବିଡ଼ ଅରଣ୍ୟରେ କିଏ ବା ବାଟ ନ ଭୁଲିବ ? କିନ୍ତୁ କାହାର ମନ୍ତ୍ରଶକ୍ତି, କାହାର ମାୟା ଯେମିତି ମତେ ଏଠିକି ବାଟ ଦେଖାଇ

Digitized by srujanika@gmail.com

ଟାଣିଆଣିଲା । ମୁଁ ଫେରିଯାଉଚି ।

ଲଳିତା – ବାପା ଆସି ଶୁଣିଲେ ମୋତେ ଗାଳିଦେବେ... ରଖିବ ନାହିଁ ମୋ କଥା ?

ବିଦ୍ୟା – (ଗୀତ)

ମୋ କଥା ରଖ ଗୋ ତୁମେ
ଅଳି ଆଉ କର ନାହିଁ,
ଲଳିତେ ଗୋ ତୁମ ବାପାଙ୍କୁ ମୋ' କଥା
କହିବ ସବୁ ବୁଝାଇ । ୩ ।

ବିଦ୍ୟା – ଦେଖିବ, ତମ ବାପାଙ୍କୁ ମୋ କଥା କହିଲେ ସେ ସବୁ କଥା ବୁଝିଯିବେ ।

ଲଳିତା – (ରହି ରହି) ମୋ ନାଁ.. ମୋ ନାଁ ତୁମେ ଜାଣିଲ କେମିତି ?

ବିଦ୍ୟା – ତମ ... ତମ ନାଁ...

ଲଳିତା – ହଁ, ମୁଁ ତ କହିନାହିଁ !

ବିଦ୍ୟା – (ମନକୁମନ) କିଛି ବୁଝିପାରୁନି ଏ ରହସ୍ୟ ! ବଣ ଭିତରେ ଗୋଟାଏ କେଉଁ ଅଦୃଶ୍ୟ ଶକ୍ତି ମୋତେ ଏଠିକି ଟାଣିଆଣିଲା । ଏଠି ମୋ କଥା ଶୁଣି ଏ ଶବରୀ କନ୍ୟା ମନରେ ଭ୍ରମ ଜାତହେଉଚି... କାହିଁକି ? ହେ ପ୍ରଭୁ ଜଗତନାଥ. . ତମରି ଅନୁସରଣରେ ଆସିଚି ମୁଁ ।

ଲଳିତା – କ'ଣ ଭାବୁଚ ଏତେ ?

ବିଦ୍ୟା – ଏଁ ... ନା... ମୁଁ ଯାଉଚି ।

ଲଳିତା – ଏଇ ବାପା ଆସିଲେଣି ! (ବିଶ୍ୱାବସୁ ଆସିଲେ)

ବିଶ୍ୱାବସୁ – ମା' ଲଳିତା ! ଏଁ... ଏ କିଏ ? ଅଚିହ୍ନା ଅତିଥି ! ପଣ୍ଡାପୁଅ ? ହଁ ତ... ପଇତା ପଡ଼ିଚି !

ଲଳିତା – କହୁଚନ୍ତି... ବଣରେ ବାଟବଣା ହୋଇ ଏଠି ଆସି ପହଞ୍ଚିଚନ୍ତି ।

ବିଶ୍ୱାବସୁ – ଏଁ ... ବାଟବଣା ! (ହସି) ବଣରେ ବାଟବଣା ହୋଇଥିଲେ ତ ବାଘ କି ସିଂହ ମୁହଁରେ ପଡ଼ିଥାନ୍ତେ ! ଏଠି ଆସି ଆମ ଘରେ ପହଞ୍ଚିଛନ୍ତି ଯେତେବେଳେ, ବାଟବଣା ହେଲେ କେମିତି ? ଆଲୋ, ତାଙ୍କୁ ଠିଆକରାଇ ରଖିଚୁ କାହିଁକି ?

ଲଳିତା – ଆସନ ତ ଦେଇଚି... ବସୁନାହାନ୍ତି – ଯିବାକୁ ବାହାରିଥିଲେ ।

Digitized by srujanika@gmail.com

ବିଶ୍ୱାବସୁ – କାହିଁକି ?
ଲଳିତା – ତମେ ଘରେ ନଥିଲ ବୋଲି ।
ବିଶ୍ୱାବସୁ – ଆଲୋ ମୁଁ ନଥିଲି ତ ... ତୁ ଥିଲୁ; ତାଙ୍କୁ ଡର ଲାଗିଲା କାହିଁକି ? ତମେ ଜାଣିନ ପଣ୍ଡାପୁଅ, ଲଳିତା ହାତରେ ଧନୁଶର ଥିଲେ କେଉଁ ବାଘ, ନା ସିଂହ, ନା...
ବିଦ୍ୟା – ମୁଁ ସେ କଥା କହୁନାହିଁ ।
ବିଶ୍ୱାବସୁ – ସେ କଥା କହୁନ ତ ତମର ଆଉ କିଛି କହିବାର ନାହିଁ । ଡରିଲେ ମଣିଷ ଜୀବ-ଜନ୍ତୁଙ୍କୁ ଡରିବ । ତମେ ତ ମଣିଷ...ଲଳିତା ତ ମଣିଷ; ଗୋଟାଏ ମଣିଷ ଆଉ ଗୋଟାଏ ମଣିଷକୁ ଡରିବ କାହିଁକି ? ତମେ ବସ ପଣ୍ଡାଏ, ବସ ।
ଲଳିତା – ତାଙ୍କ ନାଁ ବିଦ୍ୟାପତି ।
ବିଶ୍ୱାବସୁ – ହଉ ହେଲା । ତୁ ନେ ମା' କନ୍ଦମୂଳ ସିଝାଇଦେ... ଆଉ ଭାତ ରାନ୍ଧ । ସେ ଖାଇପିଇ ଟିକିଏ ସୁସ୍ଥ ହ'ନ୍ତୁ । ବୁଝିଲ ବିଦ୍ୟାପତି ! ଏ ବିଶ୍ୱାବସୁ ଶବର ଘରେ ଅତିଥି ହେଲେ ତମର ଆଉ କିଛି ଚିନ୍ତା ନାହିଁ । ତମେ ଆଗ ଖାଇପିଇ ସୁସ୍ଥ ହୁଅ...ପରେ କଥାବାର୍ତ୍ତା ।

[କିଛିଦିନ ବିତିଯାଇଛି । ଚିନ୍ତିତ ଅବସ୍ଥାରେ ବିଦ୍ୟାପତି ଗୋଟିଏ ଗଛମୂଳରେ ବସିଛନ୍ତି । ଲଳିତା ଆସିଲା ।]

ଲଳିତା – କ'ଣ ଭାବୁଚ ?
ବିଦ୍ୟା – ଓ ... ତମେ !
ଲଳିତା – ପଚାରୁଛି ପରା... କ'ଣ ଭାବୁଚ ?
ବିଦ୍ୟା – ଯାହା ତୁଣ୍ଡରେ ଖୋଲି କହିହୁଏନା ।
ଲଳିତା – ଭଲ କଥା ତ ! ତୁଣ୍ଡ ଖୋଲିବାକୁ ଏଠି ତୁମକୁ କିଏ ମନାକରିଚି ? ସବୁଦିନେ ବଣ-ଜଙ୍ଗଲରେ ମନ ଇଚ୍ଛା ଯାଇ ବୁଲୁଚ । ବଣରୁ ଫେରି ଏଇ ଅଶୋକ ଗଛ ମୂଳରେ ବସି ବସି ଭାବୁଚ ।
ବିଦ୍ୟା – ତମ ବାପା କିମିତି ଦିନରାତି ଯାଇ ବଣ-ଜଙ୍ଗଲରେ ବୁଲୁଛନ୍ତି !
ଲଳିତା – ସିଏ ତ ଶବର ଜାତିର... ବଣରେ ବୁଲିବା ତାଙ୍କର ଧର୍ମ ।
ବିଦ୍ୟା – (ଅଳ୍ପ ହସି) ମୁଁ ଏଠି ଶବର ଘରେ ତିନି ମାସ ହେଲା ରହି ମୋର ଶବରଧର୍ମ ହୋଇଗଲାଣି ।

Digitized by srujanika@gmail.com

ଲଳିତା – (ହସି) ସତେ !

ବିଶ୍ୱାବସୁ – (ଦୂରରୁ) ଲଳିତା !

ଲଳିତା – ଏଇ... ବାପା ଆସିଲେଣି ।   [ବିଶ୍ୱାବସୁ ଆସିଲେ]

ବିଶ୍ୱାବସୁ – ବିଦ୍ୟାପତି, ଏଠି କ'ଣ କରୁଚ ?

ଲଳିତା–ଇଏ କେମିତିକା 'ଅତିଥି କେଜାଣି ... ସବୁଦିନେ କୁଆଡ଼େ କୁଆଡ଼େ ଯାଇ ବୁଲିବେ ... ଫେରିଆସି ସେଇ ଅଶୋକ ମୂଳରେ ବସି ଭାବିବେ !

ବିଶ୍ୱାବସୁ – ବିଦ୍ୟାପତି !

ବିଦ୍ୟା – ଏଁ ... ! (ଉଠୁଥିଲେ)

ବିଶ୍ୱାବସୁ – ବସ, ବସ । ମୁଁ ଏଇ ପଥର ଉପରେ ବସୁଚି । ହଁ, ଶୁଣ... ତମେ କିଏ – କେଉଁଠି ତୁମ ଦେଶ – 'କାହିଁକି ତୁମେ ଆସିଚ – ଏକଥା ତୁମେ ମୋତେ କହିନ କି ମୁଁ ଜାଣିବାକୁ ଚାହିଁନି । ହେଲେ ଏ ତିନିମାସ ତୁମକୁ ନିତିପ୍ରତି ଦେଖି ଦେଖି ତମ ପାଖରେ ଏ ମନ ଏମିତି ବନ୍ଧାହୋଇ ଗଲାଣି ଯେ...

ବିଦ୍ୟା – ମୁଁ ଠିକ୍ ବୁଝିପାରୁନାହିଁ ।

ବିଶ୍ୱାବସୁ – ଶୁଣ ବାପ ! ତୋତେ ମୁଁ ପୁଅଠାରୁ ବଳି ସ୍ନେହ କରିଚି । ତୋ' ହାତରେ ମୁଁ ଲଳିତାକୁ ଦେବି । ଲଳିତା ସାଙ୍ଗରେ ତୋର ବାହାଘର ହେବ ।

ବିଦ୍ୟା – ବାହାଘର !

ବିଶ୍ୱାବସୁ – କାହିଁକି ... ବାହାଘରଠାରୁ ବଳି ଆଉ ପୁଣ୍ୟ କାମ କ'ଣ ଅଛି ଯେ ତୋ ଆଖି ଖୋସିହୋଇଯାଉଚି ? ମୋ ଝିଅ କ'ଣ ତୋ' ମନକୁ ପାଉନାହିଁ ?

ବିଦ୍ୟା – ଝିଅ ତୁମର ଯେମିତି ରୂପବତୀ ସେମିତି ଗୁଣବତୀ । କିନ୍ତୁ ତୁମେ ଶବର; ମୁଁ ବ୍ରାହ୍ମଣ !

ବିଶ୍ୱା – (ହଠାତ୍ ରାଗରେ ଗର୍ଜିଉଠି) କ'ଣ କହିଲୁ ! ମୁଁ ଶବର ବୋଲି ଛୋଟଜାତି ... ଆଉ ତୁ ବଡ଼ଜାତି ! ତୁ ଜାଣୁ ମୁଁ କାହା ପୁଅ ?

ବିଶ୍ୱାବସୁ –   (ଗୀତ)

ଶିଆଳି ଲତାରେ   ଶୋଇଥିଲାବେଳେ
ଶ୍ରୀକୃଷ୍ଣ ପାଦକୁ ଶର

Digitized by srujanika@gmail.com

ବିନ୍ଧିଥିଲା ଯେଉଁ ଶବର, ମୁହିଁରେ
ଅଟଇ ତାର କୁମର ।
ପ୍ରଭୁ ଛାଡ଼ିଲେ ଦେହ,
ଶୂନ୍ୟବାଣୀ ହେଲା ପ୍ରଭୁଙ୍କ ଶରୀର
ସମୁଦ୍ରେ ଭସାଇ ଦିଅ । ୧ ।

ବିଦ୍ୟା – (ଆଶ୍ଚର୍ଯ୍ୟରେ) ସେଇଠୁ ?

ବିଶ୍ୱାବସୁ – (ଗୀତ)

ସେଇଦିନୁ ପ୍ରଭୁ ଲୁଚି ରହିଚନ୍ତି ନୀଳମାଧବ ରୂପରେ
ଦାରୁବ୍ରହ୍ମ ହୋଇ ପୂଜା ପାଇବାକୁ ମର୍ତ୍ତେ ଏ କଳିଯୁଗରେ ।
ମୋର ଶୁଣିଥା କଥା,
ମୋ ଝିଅର ହାତ ନଧରିବୁ ଯେବେ
ଉଡାଇଦେବି ତୋ ମଥା । ୨ ।

ବିଶ୍ୱାବସୁ – ଜାଣିଲୁ ତ ମୁଁ କିଏ ? ଲଳିତା ! ଦେ ମୋ ଧନୁଶର ।

ବିଦ୍ୟା – (ମୃଦୁହସି)

ବିଶ୍ୱାବସୁ – ତୁ ହସୁଚୁ ?

ବିଦ୍ୟା – ତମ କଥାରେ ମୁଁ ହସୁନି ... ଯେଉଁ ଅଦୃଶ୍ୟ ଶକ୍ତି ମତେ ଏଠିକି ଟାଣିଆଣିଥିଲା, ସେଇ କଥା ଭାବି ମୁଁ ହସୁଚି । ମୁଁ ରାଜି ... ଲଳିତାକୁ ମୁଁ ବିବାହ କରିବି ।

ବିଶ୍ୱାବସୁ – (ଖୁବ୍ ଖୁସିରେ) ମୁଁ ଜାଣେ ... ତୁ ରାଜିହେବୁ । ରାଜି ନହୋଇ ତୁ ଯିବୁ କୁଆଡ଼େ ? ଆଲୋ ଲଳିତା ! ଏଁ – ତୁ କ'ଣ କବାଟ କଣରେ ଯାଇ ଲୁଚିଲୁଣି ? ମୁଁ ଯାଏ, ଜାତିଭାଇଙ୍କୁ ଜଣାଇଦିଏ । ଏମିତି ଧୁମ୍‌ଧାମରେ ବାହାଘର ହେବ ଯେ... (ପ୍ରସ୍ଥାନ)

[ଯଥାସମୟରେ ବିଦ୍ୟାପତି ସହିତ ଲଳିତାର ବିବାହ ହୋଇଯାଇଚି । ପୂର୍ବର ସେଇ ଅଶୋକ ବୃକ୍ଷ ତଳେ ବିଦ୍ୟାପତି ବସିଚି ... ଲଳିତା ଆସିଲା ।]

ଲଳିତା – ନାଇଁ, ଏକଥା ଆଉ ହୋଇପାରିବ ନାହିଁ । ବାହାଘର ଆଗରୁ ତମେ ଏକା ଏକା ବସି ଭାବୁଥିଲ – ମୋର କିଛି ଚାରା ନଥିଲା । ବାହାଘର ପରେ ତମ ଭାବନାରୁ ଅଧେ ଭାଗ ମୋର ... ଏଣିକି ତୁମକୁ

Digitized by srujanika@gmail.com

ତୁଣ୍ଡ ଖୋଲିବାକୁ ପଡ଼ିବ ।

ବିଦ୍ୟା – ଲଳିତା !

ଲଳିତା – କ'ଣ ?

ବିଦ୍ୟା – ଜୀବନରେ ମୁଁ ମୃଗ ଦେଖିଚି – କିନ୍ତୁ ମୃଗନୟନା କେବେ ଦେଖିନଥିଲି । ଏ ଆଖି, ଏ ମୁହଁ ଦେଖୁ ଦେଖୁ ତ ମୋ ବେଳ ଯାଉଚି... ତୁଣ୍ଡ ଖୋଲିବି କେତେବେଳେ ?

ଲଳିତା – ନାଇଁ ନାଇଁ, ଏମିତି ଭୁଲେଇଦେଲେ ଚଳିବ ନାହିଁ । ଦେଖିଲ, ଏମିତି ଏଣୁତେଣୁ ବସି ଭାବି ଭାବି ତମ ଦେହମୁଣ୍ଡ କ'ଣ ହେଲାଣି ?

ବିଦ୍ୟା – ଶୁଣ ଲଳିତା... ମୁଁ ସ୍ୱାମୀ, ତମେ ମୋର ସ୍ତ୍ରୀ...

ଲଳିତା – ମୁଁ ତ ସେଇକଥା କହୁଚି ।

(ଗୀତ)

ପତ୍ନୀ ମୁହିଁ ତୁମେ ପତିଦେବତା
ଜଣେ ତରୁ ଜଣେ ତରୁରେ ଲତା ।
ତରୁ ଯେବେ ଶୁଖି କ୍ଷୀଣ ହୋଇବ
ଲତା କି ଗୋ ଆଉ ବଞ୍ଚି ରହିବ ?
ମାଗୁଛି ହାତ ପତାଇ,
ଯେତେ ଯାହା ଅଛି ମନକଥା ତୁମ
ଦିଅ ଗୋ ସବୁ ଫିଟାଇ । ୧ ।

ବିଦ୍ୟା – ସବୁଦିଗରୁ ମୋ ଜୀବନକୁ ତୁମେ ପୂର୍ଣ୍ଣ କରି ରଖିଚ ଲଳିତା ! ତୁମଠୁଁ ମୋର ଅଧିକ ପାଇବାର ଆଉ କିଛି ନାହିଁ । କେବଳ ଗୋଟିଏ କଥା ତମଠୁଁ ମୁଁ ଜାଣିବାକୁ ଚାହେଁ...

ଲଳିତା – କ'ଣ...କି କଥା ? ଚଞ୍ଚଳ କୁହ... ଚଞ୍ଚଳ । କାହିଁକି, କ'ଣ ଜାଣିବାକୁ ତୁମ ଦେହକୁ ତୁମେ ଏମିତି କ୍ଷୀଣ କରୁଚ ?

ବିଦ୍ୟା – ପ୍ରତିଦିନ ରାତି ପହରକୁ ତୁମ ବାପା ଘରୁ କୁଆଡ଼େ ଯାଇ ତା ପରଦିନ ଉପରବେଳାକୁ ଫେରନ୍ତି । ଫେରିଲାବେଳକୁ ତାଙ୍କ ଦେହରୁ କର୍ପୂର-କସ୍ତୁରୀର ବାସ ବାହାରୁଥାଏ । କୁଆଡ଼େ ଯାଆନ୍ତି ସେ ?

ଲଳିତା – ଏଇ କଥା ? ଏଇ କଥା ପାଇଁ ତମର ଏତେ ଚିନ୍ତା... ଏତେ ଭାବନା ! ପାରିହେବନାହିଁ ତୁମକୁ ।

Digitized by srujanika@gmail.com

(ଗୀତ)

ଧନ୍ୟ ଏକା ତୁମେ ପୁରୁଷ ଜାତି
ଜହ୍ନ ଆଲୁଅରେ ବାରୁଛ ତାତି ।
ଦିଅଁ ପୂଜିବାକୁ ନୀଳକନ୍ଦର
ନିତି-ପ୍ରତି ପିତା ଯାଆନ୍ତି ମୋର,
କରିଛନ୍ତି ତହିଁ ଠାବ,
ଜଗତର-ନାଥ ଜଗତନାଥଙ୍କୁ
ସେଇ ତ ନୀଳମାଧବ । ୨ ।

ବିଦ୍ୟା – (ଚମକିଉଠି) ଜଗତର ନାଥ... ଜଗନ୍ନାଥ ନୀଳମାଧବ !

ଲଳିତା – କ'ଣ ହେଲା ? ନୀଳମାଧବଙ୍କ ନାଁ ଶୁଣି ତୁମେ ଏମିତି ଚମକି ଉଠୁଛ କାହିଁକି ? ତାଙ୍କୁ ଦେଖିବ ତୁମେ ?

ବିଦ୍ୟା – ଏ ଭାଗ୍ୟ ମୋର କ'ଣ ହେବ ଲଳିତା ?

ଲଳିତା – ତୁମେ ରହ, ବାପାଙ୍କୁ ମୁଁ ପଚାରି ଆସୁଚି । (ପ୍ରସ୍ଥାନ)

ବିଦ୍ୟା – କ'ଣ କରିବି ମୁଁ ! ଏ ଘଟଣାରେ ମୋ ଦେହରେ କମ୍ପନ ଜାତ ହେଉଚି ! ... ନା, ମୁଁ ଆଉ କିଛି ଭାବିପାରୁନି ପ୍ରଭୁ ! ... କେବଳ ତମରି ପାଦତଳେ ନିଜକୁ ଅର୍ପଣ କରି ଦେଉଚି ।

ଲଳିତା – ବାପା !

ବିଶ୍ୱାବସୁ – କ'ଣ ଲୋ ମା ? ଜୋଇଁ କ'ଣ କରୁଚି ?

ଲଳିତା – ସେ ନୀଳମାଧବଙ୍କୁ ଦେଖିବା ପାଇଁ ଭାରି ଅଥୟ ହେଉଚନ୍ତି ।

ବିଶ୍ୱାବସୁ – (ଆଶ୍ଚର୍ଯ୍ୟ ହୋଇ) ନୀଳମାଧବ ! ତୁ କ'ଣ ତାଙ୍କୁ ନୀଳମାଧବଙ୍କ କଥା କହିଚୁ ?

ଲଳିତା – ହଁ ... ତ !

ବିଶ୍ୱାବସୁ – ବଡ଼ ମନ୍ଦ କଥାଟାଏ ହେଲା ମା ! ଦୈବବାଣୀ କ'ଣ ସତ ଫଳିଲା ? ଇଏ କ'ଣ ତେବେ ରାଜା ଇନ୍ଦ୍ରଦ୍ୟୁମ୍ନର ଦୂତ ! ଇନ୍ଦ୍ରଦ୍ୟୁମ୍ନ କ'ଣ ଆସି ମୋ ନୀଳମାଧବଙ୍କୁ ଏଠୁ ନେଇଯିବ ?

ଲଳିତା – ମୁଁ ତ ଏତେ କଥା ଜାଣିନାଇଁ ବାପା !

ବିଶ୍ୱାବସୁ – ଛି ମା' ! ତୁ କାହିଁକି ମନଦୁଃଖ କରୁଚୁ ? ତା ଭଳି ଜୋଇଁ କଥା ପୁଣି ମୁଁ ରଖିବି ନାଇଁ ? ତେବେ...

Digitized by srujanika@gmail.com

ଲଳିତା – କ'ଣ ତେବେ ?

ବିଶ୍ୱାବସୁ – (ଗୀତ)

ଶୁଣିଥାଅ ମା' ମୋ ମନକଥା
ଜାମାତା ସେ ମୋର ତୁହି ଦୁହିତା ।
ବନର ଶବର ନାହିଁ ମୋ ଧନ
ତୁମେ ଦୁହେଁ ମୋର ରଙ୍କରତନ ।
ଏତିକି ରଖୁଚି କହି,
ଜୋଇଁକୁ ମୋହର ଦିଅଁ ଦେଖାଇବି
ବାଟ ଦେଖାଇବି ନାହିଁ । ୧ ।

ବିଶ୍ୱାବସୁ – ଆଜି ରାତି ପହରକୁ ଆଖିରେ ତା'ର ଅନ୍ଧପୁଟୁଳି ବାନ୍ଧି ମୁଁ ତାକୁ ନେଇଯିବି... ତୁ ଖୁସି ମନରେ ଯାଇ ଏକଥା ତାକୁ କହ ।

(ଲଳିତା ବିଦ୍ୟାପତି ନିକଟକୁ ଫେରିଆସିଲା ।)

ବିଦ୍ୟା – କ'ଣ କହିଲେ ?

ଲଳିତା – ଆଜି ରାତିରେ ସେ ତମକୁ ନେଇ ଦିଅଁ ଦେଖେଇବେ... ହେଲେ ବାଟ ଦେଖାଇବେ ନାହିଁ । ଆଖିରେ ଅନ୍ଧପୁଟୁଳି ବାନ୍ଧି ନେଇଯିବେ ।

ବିଦ୍ୟା – ମୋର ଭାଗ୍ୟ... ମୁଁ ନୀଳମାଧବଙ୍କ ଦର୍ଶନ ପାଇବି ! ହେଲେ ଲଳିତା, ସେ ମୋତେ ଅବିଶ୍ୱାସ କରୁଛନ୍ତି କାହିଁକି ?

ଲଳିତା – ସେ ଅବିଶ୍ୱାସ କରନ୍ତୁ... ମୁଁ ତ ତୁମର ସ୍ତ୍ରୀ... ମୁଁ ତୁମକୁ ଅବିଶ୍ୱାସ କରିପାରିବି ନାହିଁ । ମୁଁ ତୁମକୁ ଗୋଟାଏ ଉପାୟ କହୁଚି ।

ବିଦ୍ୟା – କି ଉପାୟ ?

ଲଳିତା – (ଗୀତ)

ମାଘୀ ସୋରିଷ ମୁଁ ଦେବି ଗୋପନେ
କାନିରେ ବାନ୍ଧିବ ଅତି ଯତନେ ।
ବୁଣି ବୁଣି ଯାଉଥିବ ସୋରିଷ
ଦିନ କେତେଟାରେ ଉଠିବ ଗଛ ।
ଜଣାପଡ଼ିଯିବ ବାଟ,
ଏକା ଏକା ଯାଇ ନୀଳ କନ୍ଦରରେ
ପାଇବ ପ୍ରଭୁଙ୍କ ଭେଟ । ୨ ।

Digitized by srujanika@gmail.com

ଲଳିତା – ବୁଝିଲ ତ ! ଆଜି ରାତିରେ ବାପାଙ୍କ ସାଙ୍ଗରେ ଗଲାବେଳେ ମାଘୀ ସୋରିଷ ବୁଣି ବୁଣି ଯିବ । ସୋରିଷ ଗଛ ହୋଇଗଲେ ଦିନେ ଯାଇ ବାଟ ଦେଖିଆସିବ ।

[ନୀଳକନ୍ଦର । ବିଶ୍ୱାବସୁ ଓ ବିଦ୍ୟାପତି ଆସିଲେ । ବିଦ୍ୟାପତି ଆଖିରେ ଅନ୍ଧପୁଟୁଳି]

ବିଦ୍ୟାପତି – ଆମେ ଆଉ କେତେ ବାଟ ଯିବା ?

ବିଶ୍ୱାବସୁ – ଆଉ ବାଟ କାହିଁ ? ଏଇ ପରା ଆମେ କନ୍ଦରରେ ଆସି ପହଞ୍ଚିଗଲେଣି !

ବିଦ୍ୟା – ଏଇଠି ! ... ଏଇଠି ଅଛନ୍ତି ପ୍ରଭୁ ନୀଳମାଧବ ?

ବିଶ୍ୱାବସୁ–ହଁ, ଏଇଠି ! ରହ, ମୁଁ ତୋ ଅନ୍ଧପୁଟୁଳି ଫିଟାଇ ଦିଏଁ... ହଁ ।

ବିଦ୍ୟା -- (ବିହ୍ୱଳ ଭାବରେ) ଆଃ !! ଏ କ'ଣ ମୁଁ ଦେଖୁଚି !! ଏ'କି ଅପରୂପ ମୂର୍ତ୍ତି ମୁଁ ଦେଖୁଚି ! ମୁଁ ନିସ୍ତରିଗଲି... ନିସ୍ତରିଗଲି... କୋଟି କୋଟି ଜନ୍ମ ପାଇଁ ମୁଁ ନିସ୍ତରିଗଲି !

(ଗୀତ)

ଏ ଘୋର ଅରଣ୍ୟ ଘନ ଅନ୍ଧକାର ରାତି
ମନେ ତ ଜାଗଇ ନାହିଁ ତିଳେ ମାତ୍ର ଭୀତି । ୦ ।
ସବୁ ଅନ୍ଧାରକୁ ଫେଇ
କି ରଙ୍ଗେ ଆସୁଚି ଉଇଁ
ନୟନାଭିରାମ ନୀଳ ଆଲୋକର ଭାତି । ୧ ।
ନୀଳ ଏ ନୀଳକନ୍ଦର
ସବୁ ତ ନୀଳ-ସୁନ୍ଦର
ବଟ ତଳେ ଉଭା ନୀଳମାଧବ ମୂରତି । ୨ ।

ବିଦ୍ୟା – ଆକାଶରେ ଚନ୍ଦ୍ର ନାହିଁ, ନୀଳକନ୍ଦରରେ ବିଶ୍ୱାବସୁ ସନ୍ଧ୍ୟାଦୀପ ଜାଳିନାହାନ୍ତି । ତମରି ଶ୍ରୀଅଙ୍ଗରୁ ପ୍ରଭୁ ନୀଳଆଲୋକର ଢେଉ ଖେଳିଉଠୁଛି । ବାହୁ ଉପରେ ମଥା... ମୁଦ୍ରିତ ନୟନ... ପାଦପଦ୍ମ ପ୍ରସାରିତ – ଏ ବଟ ବୃକ୍ଷତଳେ କେତେ ନିଶ୍ଚିନ୍ତରେ ଶୋଇଛ ପ୍ରଭୁ !

ବିଶ୍ୱାବସୁ – ଦେଖୁଚ ପ୍ରଭୁ ! ତମ ଦର୍ଶନରେ ମୋ ଜୋଇଁ ବିଦ୍ୟାପତିର ଆଖିରୁ କେମିତି ଧାର ଧାର ଲୁହ ଗଡ଼ିଆସୁଚି ! ହଁ, ତୁ ଟିକିଏ କନ୍ଦର

Digitized by srujanika@gmail.com

ବାହାରକୁ ଯା ବାପ... ମୁଁ ପ୍ରଭୁଙ୍କ ସେବା ମଣୋହି ବଢ଼ାଇଦିଏ ।
(ବିଦ୍ୟାପତି ବାହାରକୁ ଗଲେ)

ବିଶ୍ୱାବସୁ – ନିଅ ପ୍ରଭୁ, ଆଜି ତୁମ ମଣୋହି ପାଇଁ ଏ ଯୋଉ ପୋଡ଼ା କନ୍ଦମୂଳ ଆଣିଚି, ଯେ ସବୁ କନ୍ଦମୂଳଠାରୁ ସାର; ଖାଇଲେ ଜାଣିବ । ନିଅ । ... ହେଇତି ମହାପ୍ରୁ ! ମୁଁ ତମର ହାତଗୋଡ଼ ଧରି ନେହୁରା ହେଉଚି... ତମେ ମୋ ସାଙ୍ଗରେ ଏମିତି ହଟ ଲଗାନା ! ତମକୁ ଭୋକ ହବଣି... ନବଟି, ନିଅ ।

ଜଗନ୍ନାଥ – (ଶୂନ୍ୟବାଣୀ) ନାହିଁରେ ବିଶ୍ୱାବସୁ ! ଆଉ କନ୍ଦମୂଳ ଭୋଜନ ଚଳିବ ନାହିଁ ।

ବିଶ୍ୱାବସୁ – ଏଁ, ଶୂନ୍ୟବାଣୀ ହେଲା ! ତମେ ଶୂନ୍ୟରେ ଥାଇ ଏକଥା କହୁଚ ପ୍ରଭୁ ! କାହିଁକି... ମୋର କି ଦୋଷ ହେଲା ଯେ ତମେ ମୋ ହାତରୁ କନ୍ଦମୂଳ ଖାଇବ ନାହିଁ ?

ଜଗନ୍ନାଥ – ନା-ନା-ନା... ତୋର କିଛି ଦୋଷ ନାହିଁ ।

(ଗୀତ)

ଶୁଣ ମୋ ପ୍ରିୟ ଶବର ଏ ମୋର ବଚନରେ
କନ୍ଦମୂଳ-ଖାଇବାକୁ ନାହିଁ ଆଉ ମନରେ । ୦ ।
ତୁ ମୋର ଆଦ୍ୟ ସେବକ
ତୁ ମୋର ପ୍ରିୟ ପୂଜକ,
ଅମୃତମଣୋହି ପାଇଁବଳିଲାଣି ମନରେ । ୧ ।
ହେବି ଦାରୁବ୍ରହ୍ମ ରୂପ
ଲାଗିବ ତ୍ରିସନ୍ଧ୍ୟା ଧୂପ,
ଲୋଡ଼ିଲାଣି ଆମ୍ଭକୁ ତରାଜା ଇନ୍ଦ୍ରଦ୍ୟୁମ୍ନରେ । ୨ ।

ବିଶ୍ୱାବସୁ – ଏକଥା ତୁମେ କହୁଚ ପ୍ରଭୁ... ତୁମେ !! (ଟିକିଏ ରହି) ମୋ କଥାର ତ ଆଉ ଉତର ଦଉନ ? ଆଉ ମୋ କଥା ଶୁଣିବ ନାହିଁ ?
(କାନ୍ଦୁଥାନ୍ତି)

(ଗୀତ)

ହେ ନୀଳକନ୍ଦରବାସୀ, ହେ ନୀଳମାଧବ !
ଯେ ଦିନ ଏ ରୂପକୁ ମୁଁ କଲି ଏଥି ଠାବ,

Digitized by srujanika@gmail.com

ସେହି ଦିନୁ ଜାଣିଥିଲି ତୁହି ମୋ ନିଜର
ମୋ ଆହାର କନ୍ଦମୂଳ ହେଲା ତୋ ଆହାର ।
ଖାଉଥିଲୁ କନ୍ଦମୂଳ ହୋଇ କେତେ ଖୁସି
ଆଜି କେଉଁ ଦୋଷ ଦେଖି ଯାଉଚୁ ତୁ ରୁଷି ?
ତୁ ରୁଷିବସିଲୁ ବୋଲି ମୁଁ କି ରେ ରୁଷିବି ?
ତୋର ଆଜ୍ଞା ପାଳି ମୋର ଭାଗ୍ୟ ମୁଁ ଭୋଗିବି ।
ରାଜଭୋଗେ ଚଳିବାକୁ ବଳୁଚି ତୋ ମନ
ଜାଣୁ ତୁହି ମୁଁ ସେଥିକି ନୁହଁଇ ଭାଜନ ।
କନ୍ଦର ଛାଡ଼ି ମନ୍ଦିରେ ଯେବେ ତୁ ରହିବୁ
ଏତିକି ମାଗୁଛି ବାବୁ, ମତେ ନ ଠକିବୁ !

[ଶବରପଲ୍ଲୀ । କିଛିଦିନ ପରର ଘଟଣା]

ଲଳିତା – ବାପାଙ୍କ ସାଙ୍ଗରେ ଯାଇ ନୀଳମାଧବଙ୍କୁ ଦେଖିଲ । ମୋ ବୁଦ୍ଧିରେ ନୀଳକନ୍ଦରକୁ ବାଟ ଚିହ୍ନି ରଖିଲ । ଇଏ ଏମିତି କି କଥା ଯେ ତମେ ଡରିଯାଉଚ ?

ବିଦ୍ୟା – (ନିମ୍ନ ସ୍ୱରରେ) ଏଇ... ବାପା ତମର ଆସିଲେଣି !

(ବିଶ୍ୱାବସୁ ଆସିଲେ)

ବିଶ୍ୱାବସୁ – କ'ଣ ହେଲା ? ବିଦ୍ୟାପତି ତଳକୁ ମୁହଁକରି ଠିଆ ହୋଇଛି କାହିଁକି ?

ଲଳିତା – ତମକୁ କହିବାକୁ ଡରୁଛନ୍ତି ।

ବିଶ୍ୱାବସୁ – ଡରୁଚି କାହିଁକି ?

ବିଦ୍ୟା – ବହୁତ ଦିନ ହେଲା ଘରୁ ଆସିଲିଣି–ଭାବୁଛି ଟିକିଏ ଘରକୁ ଯିବି ।

ବିଶ୍ୱାବସୁ – ଇଏ ତ ଅତି ଭଲକଥା ! ଏଥିରେ ଡରିବାର କ'ଣ ଅଛି ? କହ, କେବେ ଯିବୁ ?

ବିଦ୍ୟା – ଏଇ ରାତି ପାହିଲେ ଯିବି ।

ବିଶ୍ୱାବସୁ – ମୁଁ କଲ୍ୟାଣ କରୁଛି ବାପା, ତୁ ଭଲରେ ଭଲରେ ଯାଇ ଘରେ ପହଞ୍ଚିବୁ । ମୁଁ ଜାଣେ, ଠିକ୍ ଜାଣେ... ତୁ ତୋ କୁଟୁମ୍ବ-ପରିବାରଙ୍କୁ ଦେଖାକରି ତୋ କାମ ସାରି ପୁଣି ଏଠିକି ଫେରିଆସିବୁ । ଲଳିତା, ରାତି ପାହିଲେ ଜୋଇଁ ମୋର ଯାତ୍ରା ଆରମ୍ଭ କରିବ... ଯା, ସବୁ ଯୋଗାଡ଼

Digitized by srujanika@gmail.com

କରି ରଖ ।

(ରାତ୍ରି ଅତିବାହିତ ହୋଇଯାଇଚି)

ଲଳିତା – ରାତି ପାହି ପାହି ଆସିଲାଣି ।

ବିଦ୍ୟା – ମୁଁ ଜାଣିପାରୁନାହିଁ ଲଳିତା ! କେମିତି କ'ଣ କହି ତମଠାରୁ ମୁଁ ବିଦାୟ ନେବି ? ମେଲାଣି ନେବି ?

ଲଳିତା – କି କଥା ଯେ ତୁମେ କୁହ ! ଘରପୁଅ ଘରକୁ ଫେରୁଛ; ଏଠି ତମର ପର କିଏ ଅଛି ଯେ ତୁମକୁ ମେଲାଣି ଦେବ ?

ବିଦ୍ୟା – ନା, ନା ଲଳିତା ! ଏ କଥା କହି ତମେ ମୋତେ ଭୁଲାଇ ଦେଇ ପାରିବ ନାହିଁ ।

(ଗୀତ)

ବୁଡ଼ିଲାଣି କୁଆଁ ତରା
ପ୍ରଭାତ ହେଲାଣି
'ଦିଅ ଗୋ ମେଲାଣି' ବୋଲି
ସ୍ଫୁରୁ ନାହିଁ ବାଣୀ । ୦ ।
ସାକ୍ଷୀ ରଖି ଜଗନ୍ନାଥ
ଧରିଥିଲି ଯେଉଁ ହାତ,
ସେହି ହାତ ଧରି ପୁଣି
କରୁଛି ଦ୍ରିବାର ସତ୍ୟ
ଲେଉଟି ଆସିବି ବଳେ
ତବ ପାଶେ ମୁହିଁ ।
ଲଳିତେ ଗୋ ! ମୋ ଫେରିବା ବାଟ ଥିବ ଚାହିଁ । ୧ ।

ବିଦ୍ୟା – ତମର ଏ ଅବସ୍ଥାରେ ତମକୁ ଛାଡ଼ି ମୁଁ ଯାଉଛି । ମୋର ଏଇ ଗୋଟିଏ କଥା ତୁମେ ରଖିବ... ମନରୁ ତମର ଦମ୍ଭ, ସାହସ ଆଉ ବଳ କେବେ ହରାଇବ ନାହିଁ ।

ଲଳିତା – (କାନ୍ଦୁଥାଏ)

ବିଦ୍ୟା – ଲଳିତା ! ଏ କ'ଣ ଲଳିତା ! ତୁମେ କାନ୍ଦୁଚ ?

ଲଳିତା – ହଁ, ମୁଁ କାନ୍ଦୁଛି । ଆଖିରୁ ଲୋତକ ନ ଝରିଲେ ତୁମକୁ ମେଲାଣି ଦେବି କେମିତି ?

Digitized by srujanika@gmail.com

(ଗୀତ)

ଲୋତକେ ଧୋଇଲି ତୁମ
ଚରଣଯୁଗଳ
ଲୋତକ ନୁହଁଇ ଇଏ
ତମ ପ୍ରେମ-ଫୁଲ ।
ଲଳିତା ମୁଁ ବନ ବାଳା
ସାହସ ଆଖିର କଳା
କପାଳ ଟୀକା ମୋ ବଳ
ଦମ୍ଭ ମୋ' ହାତର ବଳା
ହସି ହସି ଯାତ୍ରା... ତୁମ
ଦେଲି ଗୋ ମଣାଇ
ଗର୍ଭେ ମୋ ସନ୍ତାନ ତୁମ ବାଟ ଥିବି ଚାହିଁ । ୨ ।

[ଇନ୍ଦ୍ରଦ୍ୟୁମ୍ନଙ୍କ ରାଜପ୍ରାସାଦ । ବାହାରେ ତୂରୀଶବ୍ଦ ହେଲା]

ଇନ୍ଦ୍ରଦ୍ୟୁମ୍ନ – କି ସମ୍ବାଦ ଦୂତ ? କିଏ ଆସିଛି ?

ଦୂତ – ବିଦ୍ୟାପତି ଫେରିଆସିଛନ୍ତି ।

ଇନ୍ଦ୍ରଦ୍ୟୁମ୍ନ – (ଅତି ଆଗ୍ରହସହକାରେ) ବିଦ୍ୟାପତି ଫେରିଆସିଛି ? କାହିଁ ସେ ? କେଉଁଠି ? ନାଁ, ମୁଁ ନିଜେ ଯାଇ ତାକୁ ପାଛୋଟି ଆଣିବି... ଏଇ ତ ବିଦ୍ୟାପତି !

ବିଦ୍ୟା – ହଁ, ମହାରାଜ ...ମୁଁ ଫେରିଆସିଛି ।

ଇନ୍ଦ୍ର – ତମର... ତମର ଆଖି ଦେଖି, ତମର ମୁହଁ ଦେଖି ମୁଁ ବୁଝିପାରୁଛି ବିଦ୍ୟାପତି ତୁମେ ଖାଲି ଫେରିନ, ତୁମେ ମୋର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ବିଷ୍ଣୁଙ୍କୁ... ଏଁ... ଏ କ'ଣ... ବିଦ୍ୟାପତି... ତମ ଓଠରେ ହସ ଆଉ ଦୁଇ ଆଖି ଲୁହରେ ଡଳଡ଼ଳ !

ବିଦ୍ୟା– (ଆନନ୍ଦୋଚ୍ଛ୍ୱାସ) ମୋର ଯେଉଁ ଆଖିକୁ ଲୁହ ଡଳଡ଼ଳ ଦେଖୁଛନ୍ତି, ସେଇ ଆଖିରେ ମୁଁ ଦେଖିଆସିଛି ନୀଳମାଧବ ରୂପରେ ପ୍ରଭୁ ଜଗନ୍ନାଥଙ୍କୁ ।

ଇନ୍ଦ୍ର – କୁହ... କୁହ... ବିଦ୍ୟାପତି... ଅଟକିଗଲ କାହିଁକି ?

ବିଦ୍ୟା – ମହାରାଜାଙ୍କୁ ଏ ଶୁଭ ସମ୍ବାଦ ଆଣି ମୁଁ ଦେଇପାରିଛି... ସେଇ ଆନନ୍ଦରେ ମୋ କଣ୍ଠ ରୁଦ୍ଧ ହୋଇଯାଉଛି ।

Digitized by srujanika@gmail.com

ଇନ୍ଦ୍ର – ତୁମେ ସୁବେଦୀ ବ୍ରାହ୍ମଣ ବିଦ୍ୟାପତି ! ନୀଳମାଧବଙ୍କୁ ଦେଖି ତୁମେ ଧନ୍ୟ ହୋଇଛ... ଏ ମାଳବ ରାଜ୍ୟକୁ ଧନ୍ୟ କରିଛ । କୁହ, କୁହ ବିଦ୍ୟାପତି ! ସେ କେଉଁ ଦେଶ, କେଉଁ ଭୂମି ? କେବେ... କିମିତି... କେଉଁଠି ତୁମେ ଦେଖିଲ ମୋର ପ୍ରାଣର ଦେବତାଙ୍କୁ ?

ବିଦ୍ୟା – ପୂର୍ବସାଗରତଟ ଭୂମି ଉତ୍କଳଖଣ୍ଡ – ସେଇଠି ନୀଳକନ୍ଦରରେ ବଟବୃକ୍ଷତଳେ ବିଜେ କରିଛନ୍ତି ପ୍ରଭୁ ନୀଳମାଧବ । ସେ ଶ୍ରୀମୁଖର ତୁଳନା ନାହିଁ... ସେ ପାଦପଦ୍ମର ପଟାନ୍ତର ନାହିଁ... ସେ କମଳନୟନର...

ଇନ୍ଦ୍ର – ଥାଉ, ଥାଉ ବିଦ୍ୟାପତି ! ଏତିକି ମାତ୍ର କହି ତମେ ମୋତେ ଅମୃତସାଗରରେ ଭସାଇଦେଲଣି । ପ୍ରଭୁଙ୍କର ଏତିକି ଗୁଣକୀର୍ତ୍ତନ ଶୁଣି ମୋ ନିଜକୁ ମୁଁ ଆଉ ଆୟତ୍ତରେ ରଖି ପାରୁନାହିଁ । ଏଇ ଦେଖ... ମୋର ସମସ୍ତ ଦେହରେ ପୁଲକ ଜାତହେଲାଣି !!

(ଗୀତ)

ଶୁଣି ପ୍ରଭୁ ନାମ ନାମ ସଙ୍ଗେ ଧାମ
ପୁଲକ ଜାତ ମୋ ଦେହେ ଯେ
ଅନ୍ତରେ ବାହାରେ ମାନସ-ପଟରେ
ବିଷ୍ଣୁ ରୂପ ଖେଳିଯାଏ ଯେ;
ଦେଖେ ସବୁଠିଁ ବିଷ୍ଣୁ,
ଗଗନରେ ବିଷ୍ଣୁ ପବନରେ ବିଷ୍ଣୁ
ଶୂନ୍ୟମଣ୍ଡଳରେ ବିଷ୍ଣୁ ଯେ । ୧ ।
ଏ ମୋର ଆଦେଶ ଅଦ୍ୟ ନିଶି ଶେଷ
ମଙ୍ଗଳ ଆରତି ବେଳେ ହେ,
ଘେନି ଥାଟବାଟ ଯିବା ପୂର୍ବତଟ
ଯିବା ପୁଣ୍ୟ ନୀଳାଚଳେ ହେ;
ଆଉ ନ ସହେ ତର,
ଲାଗିଲାଣି ନୀଳ- ମାଧବଙ୍କ ଡୋରି
ଡାକଇ ନୀଳକନ୍ଦର ହେ । ୨ ।

ବିଦ୍ୟା – ମହାରାଣୀ ଗୁଣ୍ଡିଚା ବିଜେକଲେଣି ।

(ରାଣୀ ଗୁଣ୍ଡିଚା ବିଜେକଲେ)

Digitized by srujanika@gmail.com

ଇନ୍ଦ୍ର – ଶୁଭ ସମ୍ବାଦ ଶୁଣିଲ ତ ରାଣୀ ?

ରାଣୀ – ସବୁ ଶୁଣିଛି । ମନେ ମନେ କେତେ ସ୍ୱପ୍ନ ଦେଖିଛି – ଠାକୁରେ ବିଜେହେବେ... ପ୍ରତିଷ୍ଠା ପାଇବେ... ପୂଜା ଅର୍ଚ୍ଚନା ହେବ... ମଙ୍ଗଳ ଆରତି ବେଳେ ମୁଁ ଘଣ୍ଟା ବଜାଇବି, ସନ୍ଧ୍ୟା ଆରତିରେ ଶଙ୍ଖ ଫୁଙ୍କିବି । ସୁନାଥାଳିରେ ସର, ସରପୁଳି, ଅନ୍ନ-ବ୍ୟଞ୍ଜନ ମଣୋହୀ ବଢ଼ାହେବ !

ଇନ୍ଦ୍ର – ତମର ସ୍ୱପ୍ନ ସଫଳ ହେବ ରାଣୀ ! ଜୀବନ ଆମର ଧନ୍ୟ ହେବ ।

ରାଣୀ – କାଲି ନୀଳକନ୍ଦର ଯାତ୍ରାରେ ମୁଁ ତୁମ ସହିତ ଯିବି ତ ମହାରାଜ ?

ଇନ୍ଦ୍ର – ପ୍ରଥମେ ତୁମେ ହିଁ ତ ଶିବିକାରେ ବସିବ ! ଦେବପୀଠକୁ ସ୍ୱାମୀ ସହିତ ସ୍ତ୍ରୀ ନଗଲେ ଯାତ୍ରା ଯେ ସଫଳ ହୁଏ ନାହିଁ ! ... ଯାଅ ବିଦ୍ୟାପତି, ତୁମେ ଯାଅ; ଯାତ୍ରା ପାଇଁ ପ୍ରସ୍ତୁତ ହୁଅ ।

[ନୀଳକନ୍ଦର ସମୀପ ସଂକୀର୍ଣ୍ଣ ଗିରିପଥ]

ଇନ୍ଦ୍ର – ଏ କ'ଣ ! ଏ ସଂକୀର୍ଣ୍ଣ ଗିରିପଥ... ଏ ଭିତରକୁ ଯିବା କେମିତି ?

ବିଦ୍ୟା – ଶିବିକା ଏଇଠି ରହୁ । ଥାଟବାଟ ଏଇଠି ରହନ୍ତୁ । ଛାମୁ ଆଉ ମହାରାଣୀ ମୋ ସାଙ୍ଗରେ ଆସନ୍ତୁ... ମୁଁ ନୀଳକନ୍ଦର ଭିତରକୁ ବାଟ କଢ଼େଇନେବି ।

ଇନ୍ଦ୍ର – ଚାଲ... କାହିଁ କେଉଁଠି ସେ କନ୍ଦର ? କେଉଁଠି ସେ ବଟବୃକ୍ଷ ?

ବିଦ୍ୟା – ଏଇ, ଏଇ ସେ ନୀଳକନ୍ଦର, ଆଉ ଏଇ ବଟବୃକ୍ଷତଳେ...

(ବଟବୃକ୍ଷତଳ ବେଦୀ ଶୂନ୍ୟ ପଡ଼ିଚି)

ଇନ୍ଦ୍ର – ଏଁ ! ବଟବୃକ୍ଷ ତଳେ ଦିଅଁ କାହାନ୍ତି ? ବେଦୀ ଶୂନ୍ୟ ପଡ଼ିଛି !! ବିଦ୍ୟାପତି !

ବିଦ୍ୟା – ଏଇଠି... ଏଇଠି ଛାମୁ ମୁଁ ସ୍ୱଚକ୍ଷୁରେ ଦେଖିଛି – ଏଇ ବେଦୀରେ ବିଜେ ହୋଇଥିଲେ ପ୍ରଭୁ ନୀଳମାଧବ । ଦେହରେ ଶଙ୍ଖ-ଚକ୍ର-ଗଦା-ପଦ୍ମର ଚିହ୍ନ । ଶବର ବିଶ୍ୱାବସୁ ତାଙ୍କର ପୂଜା-ଅର୍ଚ୍ଚନା କରନ୍ତି । ଏଇ ତ ବିଶ୍ୱାବସୁ ଆସିଲେଣି !

(ବିଶ୍ୱାବସୁ ଆସିଲେ)

ବିଶ୍ୱାବସୁ – ମୁଁ ଜାଣିଥିଲି... ଜାଣିଥିଲି ବିଦ୍ୟାପତି – ତୁ ନିଶ୍ଚୟ ଫେରିଆସିବୁ । ଦିଅଁଙ୍କ କାମ ସାରି ଘରକୁ ଯାଉଥିଲି । ତମମାନଙ୍କୁ ଦେଖି ଫେରିଆସିଲି ।

Digitized by srujanika@gmail.com

ଇନ୍ଦ୍ର – ତୁମେ ବିଶ୍ୱାବସୁ ?

ବିଶ୍ୱାବସୁ – ହଁ, ନୀଳମାଧବଙ୍କ ସେବକ ।

ଇନ୍ଦ୍ର – ପ୍ରଭୁ କାହାନ୍ତି ?

ବିଶ୍ୱାବସୁ – ଏଇ ବେଦୀ ଉପରେ ... ଏଁ... ବେଦୀ ଖାଲି ପଡ଼ିଚି ! ପ୍ରଭୁ ଗଲେ କୁଆଡ଼େ ? ମୋ ନୀଳମାଧବଙ୍କୁ କିଏ କୁଆଡ଼େ ନେଇଗଲା ?

ଇନ୍ଦ୍ର – ମୁଁ କହୁଛି, ତୁମେ ପ୍ରଭୁଙ୍କୁ ନେଇ କେଉଁଠି ଲୁଚେଇ ରଖିଛ ।

ବିଶ୍ୱାବସୁ – ମୁଁ ଲୁଚାଇ ରଖିଚି ? ଏତେ କାଳ ପ୍ରଭୁ ତ ନିଜେ ଆସି ଏ ନୀଳକନ୍ଦରରେ ଲୁଚି ରହିଥିଲେ – ମୁଁ ତାଙ୍କୁ କୁଆଡ଼େ ନେଇ ଲୁଚେଇବି ?

ଇନ୍ଦ୍ର – ବିଦ୍ୟାପତି, ଏ ଶବରକୁ ବନ୍ଦୀ କର ।

ବିଦ୍ୟା – କିନ୍ତୁ ମହାରାଜ...

ଇନ୍ଦ୍ର – ତୁମେ ଜାଣିନ ବିଦ୍ୟାପତି ! ବଣର ଶବର ଏମାନେ...

ଜଗନ୍ନାଥ – (ଶୂନ୍ୟବାଣୀ) ରାଜା ଇନ୍ଦ୍ରଦ୍ୟୁମ୍ନ !

ବିଶ୍ୱାବସୁ – ଏଁ ! ଇଏ ତ ପ୍ରଭୁଙ୍କ ଶୂନ୍ୟବାଣୀ ! ପ୍ରଭୁ ମୋର ଶୂନ୍ୟରେ ଉଭେଇଯାଇଚନ୍ତି ! ତୁମେ ବିଚାର କର ପ୍ରଭୁ, ମୁଁ କି ଦୋଷ କଲି ବୋଲି ମତେ ଏ ରାଜା ବାନ୍ଧିନବ କହୁଛି ?

ଜଗନ୍ନାଥ – (ଗୀତ)

ଧର ନାହିଁ ମନ୍ଦ ବୁଦ୍ଧି
ବାନ୍ଧନା ତୁ ଏ ଶବରେ
ନ ପାଇବୁ ଇନ୍ଦ୍ରଦ୍ୟୁମ୍ନ
ମତେ ଆଉ ଏ କନ୍ଦରେ ।।
ନୀଳାଦ୍ରିପର୍ବତ ଚୂଳେ
ରହିବି ବଡ଼ଦେଉଳେ
ଗଢ଼ା ବେଗେ ସେ ଦେଉଳ ବସାଇ ଚକ୍ର ଶିଖରେ । ୧ ।
ଦେଉଳ ହେଲେ ସଂପୂର୍ଣ୍ଣ
ଲୋଡ଼ିବୁ ମୋତେ ରାଜନ
ରହିଥିବି ସେତେ କାଳ ଦାରୁବ୍ରହ୍ମଙ୍କ ରୂପରେ । ୨ ।

ଇନ୍ଦ୍ର – ହେ ପ୍ରଭୁ କରୁଣାନିଧି ! ତୁମର ଶୂନ୍ୟବାଣୀ ଶୁଣାଇ ଆମର ଏ

Digitized by srujanika@gmail.com

ତୃଷିତ ପ୍ରାଣକୁ ତୁମେ ଶୀତଳ କରିଚ । ଆମର କୋଟି କୋଟି ପ୍ରଣାମ ଗ୍ରହଣ କର ପ୍ରଭୁ... ଆସ ବନ୍ଧୁ ବିଶ୍ୱାବସୁ ! ତୁମକୁ କୋଳାଗ୍ରତ କରି ମୁଁ ଧନ୍ୟ ହୁଏ ।

ବର୍ଣ୍ଣନା – (ଗୀତ)

ଧନ୍ୟ ସେ ନୀଳାଦ୍ରି ଧନ୍ୟ ସେ ନୀଳକନ୍ଦର
ତୋଳାଇଲେ ଇନ୍ଦ୍ରଦ୍ୟୁମ୍ନ ଏଠାରେ ମନ୍ଦିର ।
ଶଙ୍ଖନାଭିମଣ୍ଡଳରେ ଉଭା ସେ ଦେଉଳ
ବସାଇଲେ ଗ୍ରାମ ଏକ ରାମକୃଷ୍ଣପୁର ।
ଷାଠିଏ ହାତ ହେଉଳ ଭୂତଳେ ରହିଲା
ବିଶାଶହେ ହାତ ଶୂନ୍ୟମାର୍ଗକୁ ଉଠିଲା ।
ଦେଉଳ ଉପରିଭାଗେ କଳସ ସ୍ଥାପିତ
କଳସ ଉପରେ ନୀଳଚକ୍ର ସୁଶୋଭିତ ।

ଇନ୍ଦ୍ର – କ'ଣ ଦେଖୁଚ ରାଣୀ ଗୁଣ୍ଡିଚା ?

ରାଣୀ – ଦେଖୁଛି... ଦେଖୁଛି ଏ ଦେଉଳକୁ... ଏ ବଡ଼ଦେଉଳ – କାଳ-କାଳ ପାଇଁ ତମର ଏ କୀର୍ତ୍ତି ଲୋକଙ୍କ ମୁହଁରେ ବଡ଼ଦେଉଳ ହୋଇ ରହିବ ।

ଇନ୍ଦ୍ର – ତମରି କଥା ହେଉ ରାଣୀ ! ଏ ଦେଉଳ ବଡ଼ଦେଉଳ ରୂପେ ଖ୍ୟାତ ହେଉ । ମାତ୍ର ଦେଉଳ ମୁଁ ତୋଳାଇଛି ବୋଲି ଏ ଗର୍ବ ଆମ ମନରେ କେବେ ନରହୁ ।

ରାଣୀ – ଦେଉଳ ପ୍ରତିଷ୍ଠା କେବେ ହେବ ? କିଏ କରିବ ?

ଇନ୍ଦ୍ର – ସ୍ୱୟଂ ପରମପିତା ବ୍ରହ୍ମା । ମୁଁ ବ୍ରହ୍ମଲୋକ ଯାଇ ପିତାମହ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରି ଆଣିବି ।

[ଯୁଗ ବିତିଯାଇଚି । ମନ୍ଦିର ପ୍ରତିଷ୍ଠା ପାଇଁ ବ୍ରହ୍ମା ଆସିଚନ୍ତି ।]

ଇନ୍ଦ୍ର – ମୋର ନିମନ୍ତ୍ରଣ ରକ୍ଷାକରି ଆପଣ ମନ୍ଦିର ପ୍ରତିଷ୍ଠା ପାଇଁ ଏ କ୍ଷେତ୍ରକୁ ଆସିଛନ୍ତି... ଏ ମୋର ପରମ ସୌଭାଗ୍ୟ ବ୍ରହ୍ମଦେବ !

ବ୍ରହ୍ମା – ଇନ୍ଦ୍ରଦ୍ୟୁମ୍ନ ! ତୁମେ ଏ ମନ୍ଦିର ତୋଳାଇଲ... ଏ କ୍ଷେତ୍ରରେ ତୁମର ରାଜଛତ୍ର ଉଡ଼ାଇଲ । ଦେଖ ତ, ଛତ୍ର ଚାମର ଉଡ଼ାଇ ଏ କେଉଁ ରାଜା ଏଣିକି ଆସୁଛନ୍ତି ।

Digitized by srujanika@gmail.com

ଇନ୍ଦ୍ର – ମୁଁ ତ ତାଙ୍କୁ ଚିହ୍ନିପାରୁନାହିଁ ।

(ଗାଳମାଧବ ଆସିଲେ)

ଗାଳମାଧବ – ପ୍ରଣାମ ପିତାମହ ବ୍ରହ୍ମା !

ଇନ୍ଦ୍ର – କିଏ ତୁମେ ମହାଭାଗ ?

ଗାଳମାଧବ – ମୁଁ ରାଜା ଗାଳମାଧବ... ତୁମେ କିଏ ?

ଇନ୍ଦ୍ର – ମୁଁ ଇନ୍ଦ୍ରଦ୍ୟୁମ୍ନ ।

ଗାଳମାଧବ – କୋଉ ଇନ୍ଦ୍ରଦ୍ୟୁମ୍ନ ?

ବ୍ରହ୍ମା – ତୁମେ ତେବେ କିଛି ଜାଣିନ ଗାଳମାଧବ । ଇଏ ହେଉଛନ୍ତି ମାଳବ ଅଧିପତି ମହାରାଜା ଇନ୍ଦ୍ରଦ୍ୟୁମ୍ନ । ଏ ମନ୍ଦିର ସେ ତୋଳାଇଛନ୍ତି । ପ୍ରତିଷ୍ଠାପାଇଁ ମତେ ଆମନ୍ତ୍ରଣ କରିଆଣିଛନ୍ତି ।

ଗାଳମାଧବ – (ହସି ଉଠିଲେ) ହାଃ-ହାଃ-ହାଃ...

ବ୍ରହ୍ମା – ହସିଲ କାହିଁକି ?

ଗାଳମାଧବ – ହସିବି ନାହିଁ ? ଏ କ୍ଷେତ୍ରରେ ରାଜା ମୁଁ... ଏ ମନ୍ଦିର ମୁଁ ତୋଳାଇଲି । ଆଉ ଇଏ କେଉଁଠିକାର କିଏ ଆସି କହୁଛନ୍ତି କ'ଣ ନା ମନ୍ଦିର ସେ ତୋଳାଇଛନ୍ତି !

ବ୍ରହ୍ମା – ଇଏ ବଡ଼ ବିଚିତ୍ର କଥା ! କ'ଣ କହୁଛ ଇନ୍ଦ୍ରଦ୍ୟୁମ୍ନ ?

ଇନ୍ଦ୍ର – ମନ୍ଦିର ମୁଁ ତୋଳାଇ ନଥିଲେ ବ୍ରହ୍ମଲୋକକୁ ଯିବାର ସାହସ ମୁଁ କରିନଥାନ୍ତି ।

ବ୍ରହ୍ମା – ଗାଳମାଧବ... ତୁମେ କ'ଣ କହୁଚ ?

ଗାଳମାଧବ – ମୋର ସେମିତିକା ସାହସ ନଥିଲେ ଏତେବଡ଼ ଗୋଟାଏ ମନ୍ଦିର ମୁଁ ତୋଳାଇ ପାରିନଥାନ୍ତି ।

ବ୍ରହ୍ମା – ଇଏ ଆହୁରି ବିଚିତ୍ର କାହାଣୀ !

ଇନ୍ଦ୍ର – ତୁମେ ମନ୍ଦିର ତୋଳାଇଛ... କେହି ସାକ୍ଷୀ ଅଛନ୍ତି ?

ଗାଳମାଧବ – ମୁଁ ମନ୍ଦିର ତୋଳାଇଲି ବୋଲି ତ ମନ୍ଦିର ଏଠି ମୁଣ୍ଡଟେକି ଠିଆହେଲା... ଆଉ ସାକ୍ଷୀ କ'ଣ ?

ବ୍ରହ୍ମା – ଇନ୍ଦ୍ରଦ୍ୟୁମ୍ନ ! ତମର କେହି ସାକ୍ଷୀ ଅଛନ୍ତି ?

ଇନ୍ଦ୍ର – ଅଛନ୍ତି... ମୋର ସାକ୍ଷୀ ଏଇ କଳ୍ପବଟର ଭୂଷଣ୍ଡ କାକ ଆଉ ଇନ୍ଦ୍ରଦ୍ୟୁମ୍ନ ପୋଖରୀର କୂର୍ମମାନେ ।

Digitized by srujanika@gmail.com

(ଗୀତ)

ବର୍ଣ୍ଣନା— କାକ ବୋଲେ ପିତାମହ ଶୁଣ ମୋ ବଚନ
କଳ୍ପବଟେ ରହିଚି ମୁଁ ଧରି ରାମନାମ
ମୁଁ ଦେଖିଚି ଇନ୍ଦ୍ରଦ୍ୟୁମ୍ନ ଦେଉଳ ତୋଳିଲା
ବ୍ରହ୍ମାଙ୍କୁ ଆଣିବା ପାଇଁ ବ୍ରହ୍ମଲୋକ ଗଲା ।
ଏ ଗାଳମାଧବ ରାଜା ଗାଲୁ ପେଲୁଅଛି
ଜାଣିଥାଅ ତା କଥାରେ ସତ ନାହିଁ କିଛି ।

ଗାଳ – ଏ କାକଟା ଗୋଟାଏ ମୂର୍ଖ କାକ । ମୁଁ ତା କଥା ମାନିବି ନା କି ମନ୍ଦିର ଛାଡ଼ିବି ନାହିଁ ।

ବ୍ରହ୍ମା – ଆସ ତେବେ କୂର୍ମମାନଙ୍କ ପାଖକୁ ଯିବା ।

(ଗୀତ)

ବର୍ଣ୍ଣନା— କୂର୍ମମାନେ ସାକ୍ଷ୍ୟ ଦେଲେ ସତ୍ୱର
ଇନ୍ଦ୍ରଦ୍ୟୁମ୍ନ ତୋଳାଇଛି ଦେଉଳ ।
ବୋହି ବୋହି ଦେଉଳକୁ ପଥର
ଏଇ କୂର୍ମ-ଦଶା ହେଲା ଆମର ।
ଯେବେ ବ୍ରହ୍ମଲୋକ ଗଲେ ରାଜନ
ବ୍ରହ୍ମା କରୁଥିଲେ ବସି ତର୍ପଣ ।
ତର୍ପଣରେ ବହୁ କାଳ ବିତିଲା
ବାଲିଝଡ଼ ମନ୍ଦିରକୁ ପୋତିଲା ।
ବାଲି କଢ଼ାଇଲେ ଗାଳମାଧବ
ଅଛି ମନ୍ଦିର ଦେଖିଲା ସେଠାବ ।
ପାପ ଆଶା ତା ମନକୁ ଛୁଇଁଲା
ମିଛେ ଦେଉଳଟା ମୋର କହିଲା ।

ବ୍ରହ୍ମା – ତା'ହେଲେ ଗାଳମାଧବ ! ଏବେ କ'ଣ ତୁମେ କହୁଚ ?

ବର୍ଣ୍ଣନା— (ଗୀତ)

ଶୁଣି କୂର୍ମମୁଖୁଁ ବାଣୀ ଏସନ
ଗାଳମାଧବ ବିରସ ବଦନ ।
ଲାଜେ ତଳ ମୁଖ କରି ବସିଲା

Digitized by srujanika@gmail.com

ଇନ୍ଦ୍ରଦ୍ୟୁମ୍ନର ଦେଉଳ ମାନିଲା ।
ଯଥାବିଧି ବ୍ରହ୍ମା କଲେ ପ୍ରତିଷ୍ଠା
ଶୂନ୍ୟବାଣୀ ଶୁଣାଇଲେ ଦେବତା ।

ଇନ୍ଦ୍ର – ମହାରାଣୀ ଗୁଣ୍ଡିଚା !

ରାଣୀ – କୁଶଶଯ୍ୟା ଛାଡ଼ି ଚାଲିଆସିଲ ଯେ ସ୍ୱାମୀ ?

ଇନ୍ଦ୍ର – ପ୍ରଭୁଙ୍କର ଶୂନ୍ୟବାଣୀ ହେଇଚି ।

ରାଣୀ – ହେଇଚି ?

ଇନ୍ଦ୍ର – ହଁ, ମନ୍ଦିର ପ୍ରତିଷ୍ଠା ହେଲା – ଠାକୁରଙ୍କ ଦର୍ଶନ ମିଳିଲାନାହିଁ । ଅହୋରାତ୍ର କୁଶଶଯ୍ୟାରେ ଶୋଇ ପ୍ରଭୁଙ୍କୁ ସ୍ମରଣକଲି । ଏବେ ଶୂନ୍ୟବାଣୀ ହେଲା – ଦାରୁବ୍ରହ୍ମ ରୂପରେ ପ୍ରଭୁ ବାଙ୍କି ମୁହାଣରେ ବିଜେହୋଇଛନ୍ତି ।

ରାଣୀ – ମନ୍ଦିରକୁ ଆସିବେ କିପରି ?

ଇନ୍ଦ୍ର – ମୁହାଣରେ ସୁନା ଶଗଡ଼ ଲାଗିବ । ଲକ୍ଷ ଲକ୍ଷ ଥାଟ ସୈନ୍ୟ ଯୋଉ ଦାରୁକୁ ସୂତାଏ ସୁଦ୍ଧା ଘୁଞ୍ଚାଇ ପାରିବେ ନାହିଁ – ସେହି ଦାରୁକୁ ମୁଁ, ପ୍ରଭୁଙ୍କ ପୂଜକ ବିଶ୍ୱାବସୁ ଓ ବିଶ୍ୱାବସୁର ଜାମାତା ବିଦ୍ୟାପତି ଶୂନ୍ୟେ ଶୂନ୍ୟେ ଟେକିଆଣି ସୁନା ଶଗଡ଼ରେ ଥୋଇବୁ–ଏହାହିଁ ପ୍ରଭୁଙ୍କର ନିର୍ଦ୍ଦେଶ ।

ରାଣୀ – ବିଦ୍ୟାପତି ତ ତାଙ୍କ ଶ୍ୱଶୁରଘରେ ଅଛନ୍ତି ।

ଇନ୍ଦ୍ର – ହଁ... ମୁଁ ସେମାନଙ୍କ ନିକଟକୁ ଚାର ପଠାଇଦେଇଛି । ଏଇ ତ ସେମାନେ ଆସିଲେଣି ।

ବିଶ୍ୱାବସୁ – ସତ ମହାରାଜ ? ବିଅଁ ମୋର ଦାରୁବ୍ରହ୍ମ ରୂପରେ ବାଙ୍କି ମୁହାଣରେ ଦେଖାଦେଇଚନ୍ତି ?

ଇନ୍ଦ୍ର – ହଁ ବିଶ୍ୱାବସୁ ! ପ୍ରଭୁଙ୍କର ଅସୀମ ଦୟା ।

ବିଶ୍ୱାବସୁ – ତେବେ ଚାଲନ୍ତୁ ମହାରାଜ ବାଙ୍କି ମୁହାଣକୁ... କେତେ କାଳ ହେଲା ମାଧବଙ୍କୁ ଦେଖିନାହିଁ । ଥରେ ଆଖି ପୂରାଇ ଦେଖିନିଏ ।

ଇନ୍ଦ୍ର – ବିଦ୍ୟାପତି ! ତୁମେ ମଧ ଆମ ସାଥିରେ ଯିବ ।

ବିଦ୍ୟା – ଚାଲନ୍ତୁ ମହାରାଜ !

ବିଶ୍ୱାବସୁ – ଏଇଠି ଗୋଟିଏ କଥା କହୁଚି ମହାରାଜ ! ବିଦ୍ୟାପତି ମୋ' ଝିଅ ଲଳିତାକୁ ବିବାହ କରିନଥିଲେ ସେ ନୀଳମାଧବଙ୍କ ଭେଟ ପାଇନଥାନ୍ତା କି ଆପଣଙ୍କର ଏ ଦେଉଳ ତୋଳା ହୋଇନଥାନ୍ତା, କି ପ୍ରଭୁ ଆଜି

Digitized by srujanika@gmail.com

ଦାରୁବ୍ରହ୍ମ ହୋଇନଥାନ୍ତେ । ଏ ଯୋଗାଯୋଗ ସହଜରେ ଘଟେ ନାହିଁ ।

ମିଳିତ ସ୍ୱର – ଜୟ ଶ୍ରୀବିଷ୍ଣୁ ଜଗନ୍ନାଥରୂପୀ ଦାରୁବ୍ରହ୍ମଙ୍କର ଜୟ ।

ବିଶ୍ୱାବସୁ, ବିଦ୍ୟାପତି, ଇନ୍ଦ୍ରଦ୍ୟୁମ୍ନ – (ଗୀତ)

ଦାରୁବ୍ରହ୍ମ ହେ, ତୁମ ଅନନ୍ତ ଲୀଳା...
ଦେଖି ନ ଦେଖୁଚୁ ବୁଝି ନ ବୁଝୁଚୁ
କିଏ ଜାଣେ କେବେ ପୂରିବ ଖେଳା । ୦ ।

ବିଶ୍ୱାବସୁ – ମୁହିଁ ବିଶ୍ୱାବସୁ ପୂଜକ ତୁମର,
ବିଦ୍ୟାପତି – ମୁହିଁ ବିଦ୍ୟାପତି ହେଲି ତୁମ ଚାର,
ଇନ୍ଦ୍ର– ମୁହିଁ ଇନ୍ଦ୍ରଦ୍ୟୁମ୍ନ ସେବକ ଅଧମ
ଦେଉଳ ଦୁଆର ରଖିଚି ମେଲା । ୧ ।

[କିଛି କାଳ ଅତୀତ ହୋଇଯାଇଚି]

ଇନ୍ଦ୍ର – ଦେଖୁଚ ତ ରାଣୀ ! ଶ୍ରୀଜଗନ୍ନାଥ ପଦେ ପଦେ ଆମକୁ ପରୀକ୍ଷା କରିଚାଲିଚନ୍ତି । ଦୁଇଲକ୍ଷ ବଢ଼େଇ ଆସିଲେ । ସେମାନଙ୍କର ନିହାଣ ମୁଗୁର ଭାଙ୍ଗିଲା... ମୂର୍ତ୍ତି ଗଢ଼ିବା ତ ଦୂରର କଥା, ଦାରୁରେ ଗାରଟିଏ ସୁଦ୍ଧା ଟାଣିପାରିଲେ ନାହିଁ ।

ରାଣୀ – ମାତ୍ର ମୋ ମନ କହୁଚି ମୂର୍ତ୍ତି ନିର୍ମାଣ ବେଳ ନିକଟ ହୋଇଆସିଲାଣି ।

ଚାର – ଛାମୁ, ଶୁଣିମା ହୁଅନ୍ତୁ... ଆଉ ଜଣେ ବଢ଼େଇ ଆସିଛି ।

ଇନ୍ଦ୍ର – କିଏ... କିଏ ଆସିଚି ?

(ଜଣେ ପଳିତଚର୍ମ ବୃଦ୍ଧ ବଢ଼େଇ ଆସିଲେ)

ବୃଦ୍ଧ – ମୁଁ ଆସିଚି । ଏ ବଢ଼େଇଗୁଡ଼ାକୁ କାହିଁକି ଧରି ରଖିଚ ରାଜା ?

ଇନ୍ଦ୍ର – ଜାତିରେ ବଢ଼େଇ... ମାତ୍ର ସେମାନେ କୁଳଧର୍ମ ରକ୍ଷା କରିପାରିଲେ ନାହିଁ ।

ବୃଦ୍ଧ – ଯିଏ ନିହାଣ ଧରିଲା ସେ ଯଦି ମୂର୍ତ୍ତି ଗଢ଼ିଦେଉଥାନ୍ତା, ତେବେ ଏ କ୍ଷେତ୍ର ଗୋଟାକ ମୂର୍ତ୍ତିମୟ ହୋଇଯାନ୍ତାଣି !

ଇନ୍ଦ୍ର – ମୂର୍ତ୍ତି ତେବେ ଗଢ଼ିବ କିଏ ?

ବୃଦ୍ଧ – ମୁଁ ଗଢ଼ିବି ।

ଇନ୍ଦ୍ର – ତୁମର ଏ ବୟସ... ହାତ ଗୋଡ଼ ଥରୁଚି...

ବୃଦ୍ଧ – ହେଲେ ମନଟା ମୋର ଯାଇ ଲାଖିରହିଲାଣି ଦାରୁବ୍ରହ୍ମରେ । ଶୁଣ

Digitized by srujanika@gmail.com

ରାଜା... ମୁଁ ଏଇ ଦେଉଳ ଗମ୍ଭୀରା ଭିତରେ ରହିଲି । ଏଇଠି ରହି ଏକୋଇଶି ଦିନରେ ମୂର୍ତ୍ତି ଗଢ଼ିବି । ତୁମେ କବାଟ ବନ୍ଦ କରି ବାହାର କିଳିଣି ଦେଇ ମୁଦ ବସାଅ ।

ଇନ୍ଦ୍ର — ତମର ଭୋଜନ ?

ବୃଦ୍ଧ — ମୋ ଭୋଜନ କଥା ଥାଉ । ଯେଉଁ ମୂର୍ତ୍ତି ଏଠି ଗଢିବି, ଏଣିକି ତାଙ୍କ ଭୋଜନ-ଚିନ୍ତା ତୁମକୁ ଦିନରାତି ଲାଗିରହିଥିବ । ହଁ, ଏ ଏକୋଇଶି ଦିନ ମତେ ଡାକିବ ନାହିଁ କି କବାଟ ଫିଟାଇବ ନାହିଁ । କବାଟରେ ମୁଦ ଦେଇ ଯାଅ... ମୁଁ କାମ ଆରମ୍ଭ କରେଁ ।

(କବାଟ ବନ୍ଦ ହୋଇ ମୁଦ ବସିଲା)

ରାଣୀ — ଏ କ'ଣ କରୁଚ ସ୍ୱାମୀ ! ସେ କହିଲେ ବୋଲି ସତକୁ ସତ ତୁମେ କବାଟରେ ମୁଦ ଦେଉଚ ?

ଇନ୍ଦ୍ର — ମୁଁ ଆଉ ଅନ୍ୟ କଥା କିଛି ଭାବିପାରୁନାହିଁ ରାଣୀ ! ତୁମେ ଆସ ।

[ଚଉଦ ଦିନ ପରେ]

ରାଣୀ — ଚଉଦ ଦିନ ହୋଇଗଲା !

ଇନ୍ଦ୍ର — ଆଉ ସାତ ଦିନରେ ଦ୍ୱାର ଖୋଲାହେବ ।

ରାଣୀ — ଆଉ ଥରେ ଏଇ କବାଟ ପାଖରେ କାନ ଦେଇ ଶୁଣିଲ ! (ରାଜା କାନଦେଇ ଶୁଣିଲେ) କ'ଣ ଶୁଣୁଚ ?

ଇନ୍ଦ୍ର — କିଛି ନାହିଁ । ନିହାଣ ମୁଗୁର ଶବ୍ଦ ଶୁଭୁନାହିଁ ।

ରାଣୀ — ତା'ହେଲେ... ? ମୋ ମନକୁ ପାପ ଛୁଉଁଚି ।

ଇନ୍ଦ୍ର — ରାଣୀ !

ରାଣୀ— (ଗୀତ)

କାହା ଅଭିଶାପ କି ପାପ ଫଳେ
ଏ କି ଅଘଟଣ ଘଟୁଚି କୁହ,
ବୟସଭାରେ ଯେ ପଡ଼ିଲାଣି ନଇଁ
ଦାରୁ କାଟି ସେ କି ଗଢ଼ିବ ଦିଅଁ । ୦ ।
ଦୈତ୍ୟ କି ଦାନବ କଲାଣି ମାୟା
ଘେରିଲାଣି ଅବା ପ୍ରେତର ଛାୟା,
ଏକୋଇଶ ଦିନ ନଖାଇ ନପିଇ

Digitized by srujanika@gmail.com

କିଏ ବା କେମିତି ବଞ୍ଚିବ କୁହ । ୧ ।
ଅନାହାରେ ଯଦି ଯିବ ସେ ମରି
ଅପବିତ୍ର ହେବ ମନ୍ଦିରପୁରୀ,
କରୁଛି ମିନତି ଭାଙ୍ଗିଦେଇ ମୁଦ
ଦେଉଳ ଦୁଆର ଫିଟାଇ ଦିଅ । ୨ ।

ରାଣୀ – କ'ଣ ଭାବୁଚ ?

ଇନ୍ଦ୍ର – ନା, ତୁମେ ଠିକ୍ କହିଚ ରାଣୀ ! ମୁଁ ଏଇ ମୁହୂର୍ତ୍ତରେ...

(ମୁଦ ଭାଙ୍ଗିବାକୁ ଉଦ୍ୟତ ହେଲାବେଳେ ମନ୍ତ୍ରୀ ବାଧାଦେଲେ)

ମନ୍ତ୍ରୀ – କ୍ଷମା କରନ୍ତୁ ମହାରାଜ ! କିଏ ଜାଣେ, ସେଇ ମହାପ୍ରଭୁଙ୍କ ଆଜ୍ଞାରେ ଏସବୁ ଘଟୁଚି !

ଇନ୍ଦ୍ର – ତେବେ ଶୁଣନ୍ତୁ ମହାମନ୍ତ୍ରୀ, ଯଦି ମହାପ୍ରଭୁଙ୍କର ମୋ ପ୍ରତି ଦୟା ହୋଇଥାଏ, ତେବେ ତାଙ୍କରି ଆଜ୍ଞାରେ ମୁଁ ମୁଦ ଭାଙ୍ଗୁଚି ।

(ମୁଦ ଭଙ୍ଗା ହୋଇ ଦ୍ୱାର ଉନ୍ମୁକ୍ତ ହେଲା)

ଇନ୍ଦ୍ର – ଏ କି ଅପରୂପ ଦୃଶ୍ୟ ! କେଉଁଠି ଆଲୋକ ନାହିଁ... କିନ୍ତୁ ମନ୍ଦିର ଆଲୋକମୟ !

ରାଣୀ – ଜଗନ୍ନାଥ ଚତୁର୍ଦ୍ଧା ମୂରତି...

ଇନ୍ଦ୍ର – ଊର୍ଦ୍ଧ୍ୱବାହୁ... ଚକାନୟନ...

ରାଣୀ – ଏଇ ଦେଖୁଚ... ଦେଖୁଚ ସ୍ୱାମୀ, ପ୍ରଭୁଙ୍କ ହସ୍ତ, ପାଦ ଅସଂପୂର୍ଣ୍ଣ...

ଇନ୍ଦ୍ର – ମନ୍ଦିର ଭିତରେ ବଢ଼େଇର ଚିହ୍ନବର୍ଣ୍ଣ ନାହିଁ... ! ଏ କ'ଣ ତେବେ ପ୍ରଭୁ ତୁମରି ମାୟା... ତୁମର ଛଳନା ! ଚଉଦ ଦିନରେ ଦ୍ୱାର ଖୋଲି ଆମେ ତେବେ ତୁମ ନିକଟରେ ଦ୍ରୋହୀ ହୋଇଚୁ ? (କାନ୍ଦି) କୁହ ପ୍ରଭୁ, କୁହ, ତା' ନହେଲେ ଆମର ପ୍ରାଣ ବଳି ଦେଇ ଆମେ ଏ ଅପରାଧର ପ୍ରାୟଶ୍ଚିତ୍ତ କରିବୁ । କୁହ ଜଗନ୍ନାଥ – ତୁମର ଏଇ ମୂର୍ତ୍ତି ଏ ମନ୍ଦିରରେ ପୂଜା ପାଇବେ ତ ? ଏଥିରେ ତୁମେ ସନ୍ତୁଷ୍ଟ ହେବ ତ ?

(ଶୂନ୍ୟବାଣୀ ଶୁଣାଗଲା)

ଜଗନ୍ନାଥ – ଭକ୍ତ ଇନ୍ଦ୍ରଦ୍ୟୁମ୍ନ ! କଳିଯୁଗରେ ମୋର ଏହି ବଉଦ୍ଧ ରୂପରେ ହିଁ ମୁଁ ଏଠି ପୂଜା ପାଇବି । ଏଥିରେ ମୁଁ ତୃପ୍ତ... ମୁଁ ତୃପ୍ତ ।

Digitized by srujanika@gmail.com

ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ – (ଗୀତ)

ତୁମେ ଯେବେ ତୃପ୍ତ ଆମେ ନିସ୍ତରିଲୁ ସାଇଁ
କୋଟି ପ୍ରଣିପାତ ଆମ ଘେନ ହେ ଗୋସାଇଁ ॥

ଜଗନ୍ନାଥ – ଶୁଣ ରାଜା ! ମୋର ଅସଂପୂର୍ଣ୍ଣ ହସ୍ତପାଦ ଦୟଣାରେ ପୂରଣ ହେବ – ସେ ବଢ଼େଇମାନଙ୍କ ବଂଶଧରମାନେ ମୋର ରଥ ତିଆରି କରିବେ – ଶବର ବିଶ୍ୱାବସୁର ବଂଶଧର ହେବେ ଦଇତା ସେବକ – ବ୍ରାହ୍ମଣ ବିଦ୍ୟାପତି ବଂଶର ଲୋକେ ହେବେ ଶୁଦ୍ଧ ଶୁଆର । ଏବେ ତୁ ନିଜେ କ'ଣ ଚାହୁଁ, ବର ମାଗ ।

ଇନ୍ଦ୍ର – ଏ ମନ୍ଦିରରେ ଆପଣଙ୍କର ସେବାପୂଜା ଶୟନ ଭୋଜନ ଆଦି ଅଷ୍ଟ ପ୍ରହର ନୀତି ଯେମିତି ଅନନ୍ତ କାଳ ଯାଏ ଲାଗିରହିଥିବ – ମତେ ଏଇ ବର ଦିଅ ପ୍ରଭୁ !

ଜଗନ୍ନାଥ – (ସ୍ମିତ ହସି) ଏ ସବୁ ତ ମୋ ହିତ ପାଇଁ କହିଲୁ – ଏବେ ତୋର ହିତ ପାଇଁ ବର ମାଗ ।

ଇନ୍ଦ୍ର – ମୋ ହିତ ! ମୋ ହିତ ଚିନ୍ତା ତୁମକୁ ଲାଗିଲାଣି ପ୍ରଭୁ ? ମତେ ବର ପ୍ରଦାନ କରିବ ?

(ଗୀତ)

କେତେ ଜପତପ କେତେ ଯାଗ-ଯୋଗ
କେତେ ଯେ କଷଣ କେତେ ଦୁଃଖଭୋଗ
ବିଫଳ ହୋଇଚି କେତେ ଯୋଗୀଙ୍କର
ଯୁଗ ଯାଇଅଛି ବିତି;
ବର ମିଳିନାହିଁ... ସିଦ୍ଧି ମିଳିନାହିଁ
ସାଧନା ହୋଇଚି ଇତି ।
ପ୍ରଭୁ ହେ, ଯେବେ ମୋଠାରେ ପ୍ରୀତ
ଲୋଡ଼ ଯେବେ ଇନ୍ଦ୍ରଦ୍ୟୁମ୍ନର ହିତ,
ଏ ବଡ଼ ଦେଉଳ ମୋ' ଦେଉଳ ବୋଲି
ଗରବେ କହିବାପାଇଁ
ଜନମେ ଜନମେ କେହି ହେଲେ ମୋର
ବଂଶରେ ରହିବେ ନାହିଁ

Digitized by srujanika@gmail.com

ପ୍ରଭୁ ହେ, ମତେ ଦିଅ ଏ ବର,
ପୂରୁ ଏତିକିରେ କାମନା ମୋର ।।

ଜଗନ୍ନାଥ – ଏ'କି ଅସମ୍ଭବ ବର ମାଗୁଛୁ ଇନ୍ଦ୍ରଦ୍ୟୁମ୍ନ ?

ଇନ୍ଦ୍ର – ହଁ ପ୍ରଭୁ, ମୋତେ ଏଇ ବର ଦିଅ... ଏ ବଡ଼ଦେଉଳକୁ ନିଜର ବୋଲି କହି ଗର୍ବ କରିବାକୁ ମୋ ବଂଶରେ କେହି ରହିବେ ନାହିଁ ।

ଜଗନ୍ନାଥ – ଏଇଠି ତୋର ସବୁ ପରୀକ୍ଷାର ଶେଷ ହେଲା ଇନ୍ଦ୍ରଦ୍ୟୁମ୍ନ ! ତୋର ଏଇ ନିଃସ୍ୱାର୍ଥପର ଗୁଣ ଅନନ୍ତକାଳ ପାଇଁ ଜଗତ୍‌ବାସୀଙ୍କର ଆଦର୍ଶ ହୋଇ ରହିବ । ଏଇଥିପାଇଁ ଏ ବର ମୁଁ ଦେଲି ।

ଇନ୍ଦ୍ର – ଆମ ସମ୍ମୁଖରେ ତୁମର ଏଇ ଅପରୂପ ମୂର୍ତ୍ତି...

ଗୁଣ୍ଡିଚା – ଶୂନ୍ୟରୁ ଭାସିଆସିଲା ତୁମର ଅମୃତମୟ ବଚନ...

ଦୁହେଁ – ଆମେ ଧନ୍ୟ ହେଲୁ ପ୍ରଭୁ... ଧନ୍ୟ ହେଲୁ !

□ □ □

Digitized by srujanika@gmail.com

ଘରବରଦେଖା

[ଏକ ଗ୍ରାମ । ଏକ ସ୍ୱଚ୍ଛଳ ପରିବାରର କର୍ତ୍ତା ମଥୁରୀ ଘର ଭିତରେ ଆସନ ଉପରେ ବସିଚନ୍ତି । ହାବଭାବରୁ ଜଣାଯାଏ ସେ କଣ କିଛି କରିବାପାଇଁ ଖୁବ୍ ଉତ୍ସାହର ସହିତ ନିଜକୁ ପ୍ରସ୍ତୁତ କରୁଛନ୍ତି ।]

ମଥୁରୀ : (ବ୍ୟସ୍ତ ହୋଇ ଡାକିଲେ) ଆରେ ତେମେ କୁଆଡ଼େ ଗଲ ? ଏଁ ? କେଉଁଠି ଅଛ – କୁଆଡ଼େ ଯାଇଛ – କଣ କରୁଛ – କ'ଣ ବୁଝୁଛ– କ'ଣ ଶୁଣୁଛ . . . (ଶୁଣୁଛ) (ଅଗଣାରୁ ମାଇଁଙ୍କ ପାଟି ଶୁଭିଲା ।)

ମାଇଁ : (ଆସୁଆସୁ) ତେମେ ଏମିତି ପାଟି ହାଲୋକ କରୁଛ କାଇଁକି ? ଖାଲି ଛ – ଛ – ଛ – ଛ . . . ସବୁ କଥାରେ 'ଛ' !

ମଥୁରୀ : କ'ଣ ଛ ?

ମାଇଁ : ଏଇ ଘଡ଼ିକ ଭିତରେ ପୁଣି ତେମେ ମତେ ଛ-ଥର ଡାକିଲଣି !

ମଥୁରୀ : ଡାକିବିତ । ବସ । ନହେଲା, ଭଗବାନ ଆମକୁ ପିଲାଝିଲା ନଦେଲେ । ମକୁ ଆମ ଭଣଜା–ତାକୁ ପୁଅ କରି ଆଣି ଆମେ ରଖିଲେ ।

ମାଇଁ : ଭଣଜା କିଏ ଆଉ ପୁଅ କିଏ ?

ମଥୁରୀ : ଆଉ ତମର ସେଇ ପୁଅ ମକୁର ବାହାଘର – ତମେ ଧରାଛୁଆଁ ଦଉନ ।

ମାଇଁ : ବାହାଘର ତ ଯାଇ ଅଢ଼େଇ କି ତିନିମାସ ବାକି । ଏଯାଏଁ କନ୍ୟାପକ୍ଷ ବରଘର ଦେଖି ଆସି ନାହାନ୍ତି ।

ମଥୁରୀ : ସେକଥା ବାହାଘରର ଯିଏ ଭଲ୍ଲୋକ ହେଇଚନ୍ତି ସିଏ ଜାଣନ୍ତି ।

ମାଇଁ : ସେଇ ଭଲ୍ଲୋକ ମାଧ ଦାସେ ତ କହୁଥିଲେ କନ୍ୟାପକ୍ଷ ଏଇ ଚାରିଆଠଦିନରେ ଘରବର ଦେଖି ଆସିବେ ।

ମଥୁରୀ : ଆରେ ସିଏ ଯେବେ ଆସିବେ ଆସନ୍ତୁ – ତେମେ ତ କନ୍ୟା ଦେଖିଚ – କନ୍ୟା ତମର ପସନ୍ଦ ହେଇଚି । କନ୍ୟାପିତା ସାଙ୍ଗରେ କଥାବାର୍ତ୍ତା ପକ୍କା ହେଇଯାଇଚି ।

Digitized by srujanika@gmail.com

ମାଈଁ : ପକ୍କା ତେମେ କରିଚ ?

ମଥୁରୀ : ମୁଁ ନକଲେ ମାଧଦାସେ କରିଚନ୍ତି । ତାଙ୍କ ଉପରେ ମୋର ଷୋଳଣା ନିର୍ଭର ।

ମାଈଁ : ହେଲା ଯେ, ଆଜି ଏମିତି ଉଛନ୍ନ କାଇଁକି ହଉଚ ?

ମଥୁରୀ : ତାଲିକା – ତାଲିକା – ବାହାଘର ତାଲିକା . . . ବସ !

ମାଈଁ : (ବସି) ହୁଁ ଉ . . . ତାଲିକା ! ଏବେଠୁଁ !

ମଥୁରୀ : (ଅର୍ଥସୂଚକ ହସ ହସି) ପଚିଶବର୍ଷ ମୋ ସାଙ୍ଗରେ ଘରକରଣା କଲଣି – ଜାଣିନ ଏ ମଥୁରୀ ଦାସ କଥା ଓ କାମ କେମିତି ପକ୍କା !

ମାଈଁ : ହୁଁ ! ଜାଣିନି କଣ, ଜାଣିଚି ।

ମଥୁରୀ : ଆଜି ଗୋଟାଏ ଭଲ ଦିନ – ତ୍ରୟୋଦଶୀ ତିଥି – ସୋମବାର, ଚନ୍ଦ୍ରଶୁଦ୍ଧି – ଯୋଗିନୀ ପଶ୍ଚିମେ । ମୁଁ ହେଇ ପୂର୍ବମୁହାଁ ହେଇ ବସିଚି । ତାଲିକା ଆରମ୍ଭ ହବ ! ଉଠ ।

ମାଈଁ : କଣ ଏମିତି ଛିଟିପିଲା ପରି ମତେ ବସ୍-ଉଠ କରଉଚ ମ ? କୁଆଡ଼େ ଉଠିବି ?

ମଥୁରୀ : ହେଇ ସେ ସୁଟ୍‌କେଶ୍ ଉପରୁ କାଗଜ କଲମ ଆଣ ।

ମାଈଁ : (ଉଠିଲେ) ମୋ ମା'ଲୋ !

ମଥୁରୀ : ସେ ନାଲିକଲମଟା ଆଣିବ – ନାଲି – ଶୁଭ ।

ମାଈଁ : (କାଗଜ କଲମ ଦେଇ) ନିଅ ।

ମଥୁରୀ : ହୁଁ । ଓଁ . . . ଶ୍ରୀହରି ଶରଣ । କୁହ – ଆରମ୍ଭଟା କୁହ ।

ମାଈଁ : ତେମେ ତ ହରିଙ୍କ ଶରଣ ପଶିଲଣି – ସେଇ ତମକୁ ବତେଇ ଦେବେ – ମୁଁ କଣ କହିବି ?

ମଥୁରୀ : ହେ – ତେମେ କଣ ମୂକରୁ ମୋ'ସାଙ୍ଗରେ ଏମିତି ବେଢ଼ଙ୍ଗ କାରବାର କଲଣି ? (ହଠାତ୍) ଆରେ ଆରେ ଆରେ – ଇଏ କଣ ?

ମାଈଁ : 'କଣ' . . . କଣ ?

ମଥୁରୀ : (ରାଗି) ତେମେ ବସିଚ କୋଉଠି ?

ମାଈଁ : ଦେଖୁଚ ପରା ଏଇଠି – ତମ ସାମନାରେ ।

ମଥୁରୀ : ତେମେ . . . ତେମେ ପଶ୍ଚିମମୁଖା ହେଇ ବସିଚ । ଏକାବେଳକେ ସମ୍ମୁଖ ଯୋଗିନୀ ।

Digitized by srujanika@gmail.com

(ଗୀତ)

କହିଲି ତମକୁ ପାଞ୍ଜି ଡାକୁଅଛି
ପଶ୍ଚିମ ଦିଗେ ଯୋଗିନୀ,
ମୂର୍ଖ ନାରୀ ତୁମେ ବସିଯାଇଅଛ
ହୋଇ ସମ୍ମୁଖା ଯୋଗିନୀ । ୧ ।

ମାଈଁ : ଭାରି କହିଲାବାଲା !

(ଗୀତ)

କିଏ ସେ ଯୋଗିନୀ କୋଉଦିଗେ ଅଛି
ମୁଁ କାହୁଁ ଜାଣିବି ଭଲା,
ମୋହ ସାମନାରେ ତେମେ ତ ବସିଚ
ଯୋଗିନୀ କାହୁଁ ଅଇଲା ? । ୨ ।

ମାଈଁ : ତେମେ ତ ହେଇ ମୋ' ସାମନାରେ ବସିଚ – ଯୋଗିନୀ କାହିଁ ?

ମଥୁରୀ : କି – କି ଅବୁଝା ଲୋକ ଇଏ । ମୁଁ ସାମନାରେ ବସିଲେ କଣ ହେଲା – ଯୋଗିନୀ ପରା ପଶ୍ଚିମରେ – ତେମେ ପଶ୍ଚିମମୁଖା ହୋଇ ବସିଚ ।

ମାଈଁ : ହେଇତି ତେମେ ଯିମିତି ହଉଚନା – ଏ ବାହାଘର ଶେଷଯାଏ ଯୋଗିନୀ ମୋ ପିଛା ଛାଡ଼ିବନାହିଁ ।

ମଥୁରୀ : ତେମେ ଆଗେ ଦକ୍ଷିଣମୁହାଁ ହେଇ ବସିବଟି !

ମାଈଁ : ଦକ୍ଷିଣମୁହାଁ ?

ମଥୁରୀ : ହଁ ।

ମାଈଁ : ଦକ୍ଷିଣଟା କୁଆଡ଼େ ?

ମଥୁରୀ : କଣ ଯେ କହିବି ! ନାଇଁ ନାଇଁ – ଏପାଖକୁ ନୁହେଁ – ଏପାଖକୁ – ହାଁ ।

ମାଈଁ : ବାବାରେ ବାବା !

ମଥୁରୀ : ହୁଁ . . . ଏବେ ଆରମ୍ଭଟା ହଉ ।

ମାଈଁ : ଶ୍ରୀ ଶ୍ରୀ ଇଷ୍ଟ ଦେବତା . . .

ମଥୁରୀ : (ଖୁସିରେ) ଯା ନାଁ ଯେ ଘରଣୀ ! (ନିମ୍ନ ସ୍ୱରରେ) ସତ କହୁଚି– ଏ ଇଷ୍ଟଦେବତା ନାଁଟି ମୋର ମୋଟେ ମନେପଡୁନଥିଲା ।

Digitized by srujanika@gmail.com

(ଗୀତ – ଦାସକାଠିଆ ସ୍ୱର)

ମଥୁରୀ : ତାଲିକା ଆରମ୍ଭକଲୁ ଶ୍ରୀ ଇଷ୍ଟ ଦେବତା,
ମାଇଁ : ଇଷ୍ଟଙ୍କ ତଳକୁ ଲେଖ ଗ୍ରାମଦେବୀ ମାତା ।
ମଥୁରୀ : ମୁକୁଟ ବର-ପୋଷାକ ପକ୍‌କା ଇଉ ଶଙ୍ଖା,
ମାଇଁ : ଶଙ୍ଖା ଲେଖି ଛାଡ଼ିଗଲ କିଆଁ ଫୁଲ ଶଙ୍ଖା ?
ମଥୁରୀ : ବନାରସୀ ପାଟଶାଢ଼ୀ ବନାରସୀ ଘୋଡ଼ଣୀ,
ମାଇଁ : ଘୋଡ଼ଣୀ ନୁହେଁ ସେଇଟା ଲେଖିଥାଅ ଓଢ଼ଣି ।
ମଥୁରୀ : ହସ୍ତଗଣ୍ଠିଫିଟା ଶାଢ଼ୀ, ପାଞ୍ଚ ପାଆ ଘୃତ,
ମାଇଁ : (ତାଙ୍କ) ପୁରୋହିତ ଲୁଗା ପୁଣି ଆମ ପୁରୋହିତ ।
ମଥୁରୀ : କନ୍ୟାପିତା ଲାଗି ଲୋଡ଼ା ଯୋଡ଼ ପଦାର୍ପଣ,
ମାଇଁ : ପୁଣି ଲେଖିଲ ଭୁଲ (ଲେଖ) ଯୋଡ଼ ସମର୍ପଣ ।
ମଥୁରୀ : ବରଧରା ଯୋଡ଼ ହବ ବ୍ରହ୍ମପୁରୀ ପାଟ,
ମାଇଁ : ଯୋଡ଼ ଆଉ ଚଳୁନାହିଁ ଲେଖ ପେଣ୍ଟ ସାର୍ଟ ।
ମଥୁରୀ : ପାଞ୍ଚ ପାଟଟଣିଆ ଆଉ ଗଇଁଠି-ଶାଳ,
ମାଇଁ : (ହସି) ନାଇଁ ଗୋ ନାଇଁ ଗୋ ଦାସେ,
ଶାଳ ନୁହେଁ ଆଳ, ମାନେ ଗଇଁଠିଆଳ ।
ମଥୁରୀ : କର୍ଣ୍ଣପିନ୍ଧା ଯୋଡ଼ ପୁଣି ମାତାଙ୍କର ଶାଢ଼ୀ
ମଥୁରୀ : କି ଶାଢ଼ୀ ?
ମାଇଁ : କଣ କି ଶାଢ଼ୀ ?
ମଥୁରୀ : କିଓ ତମପାଇଁ କି ଶାଢ଼ୀ ?
ମାଇଁ : (ହସି) ହଉ, ଥାଉ ।
ମାଇଁ : (ଗୀତ) ତମପାଇଁ ଲେଖ ଆଗେ ଯୋଡ଼ ଇରି ଧଡ଼ି ।
ମଥୁରୀ : (ରାଗି) ଏମିତି ଛିଙ୍କିଲେ ତୁମେ କାମ କିଛି ହବନି,
ମାଇଁ : ରାଗନାହିଁ, ମୋ' ପିଛାରେ ଲାଗିଯିବ ଯୋଗିନୀ ।
ମଥୁରୀ : ବହିନି ଭାର ପାଇଁକି ମାଛ ତିନି ମହଣ,
ମାଇଁ : ତା ସାଙ୍ଗକୁ ଭାରେ ହଳଦି ଆଉ ଭାରେ ଲବଣ ।
ମଥୁରୀ : ଥଟ୍ଟା କରୁଛ ? ଲୁଣ ହଳଦୀ ବହିନି ଭାର ଯାଏ ?
ମାଇଁ : ବାହାଘର ତିନି ମାସ ଆଗରୁ ବହିନି ଭାର ପାଇଁ ତିନି ମହଣ

Digitized by srujanika@gmail.com

ମାଛ ବରାଦ କଲେ, ଲୁଣ ହଳଦୀ ଭାର ଯିବନାହିଁ କାହିଁକି ?

ମାନୀ – (ଦୂରରୁ) ବଡ଼ବୋଉ !

ମାଈଁ : ଏଇ, ମାନୀ ଆସିଲାଣି ।

ମଥୁରୀ : ମାନୀ . . . କୋଉ ମାନୀ ?

ମାଈଁ : କି କଥା ? ତମ ସାନ ଭାଇର ଝିଅ ମାନୀ । ଭିନ୍ନେ ହେଇ ତମେ ଅଲଗା ରହିଲ ବୋଲି କୁଟୁମ୍ବ ପରିବାରକୁ ଭୁଲିଯିବ ! ମକୁର ତ ଭଉଣୀ ନାହିଁ – ସେଇ ମାନୀ ନେବ ନଣନ୍ଦପୁଟୁଳି ଶାଢ଼ୀ । ମୁଁ ଯାଏଁ ।

ମଥୁରୀ : ଆହା, ଯିବ ତ ଶୁଣ । ଇଏ କଥା କଣ କି – ତେମେ ପାଖରେ ଥିଲେ ତାଲିକାକଥା କିଏ ପଚାରେ, ବେଦୀରେ ବସି ଗୋଟାଏ ବାହାଘର ମୁଁ ଚଳେଇନେବି ପରା !

ମାଈଁ : ଲାଜମାଡ଼ୁନାହିଁ ?

ମଥୁରୀ : ହାଁ, ସେଇ ଲାଜ . . .

(ଗୀତ)

ମଥୁରୀ : ଲଜ୍ୟା ହୋମ ପାଇଁ ଲୋଡ଼ା ଧଳା ଧାନ ଖଇ,

ମାଈଁ : ନାଲିଧାନ ଫୁଟିଲେ କି ହୁଏ ନାଲି ଖଇ ?

ମଥୁରୀ : (ରାଗି) ଜାଣିଚ– ବାହାଘରର ସବୁ କାମରେ ଧଳାଧାନ ଦରକାର ।

ମଥୁରୀ : (ଗୀତ) ନଣନ୍ଦପୁଟୁଳି ଶାଢ଼ୀ . . . ନଣନ୍ଦପୁଟୁଳି ଶାଢ଼ୀ . . .

ମାଈଁ : (ହସି ହସି) ନଣନ୍ଦପୁଟୁଳି ଶାଢ଼ୀ ତାଲିକା ତେମେ କରୁଥା – ମୁଁ ଯାଏଁ (ଚାଲିଗଲେ) ।

ମଥୁରୀ : ଓହୋ ! ନଣନ୍ଦପୁଟୁଳି ଶାଢ଼ୀ ବୋହୂଘରୁ ଆସେ ପରା ! ହଉ, ତେମେ ଯାଅ, ମୁଁ ତାଲିକା ଶେଷକରେ । କନ୍ୟା ବାପ ଗୋପସୁନ୍ଦର ଦାସ ଯୋଉଦିନ ଘରବର ଦେଖି ଆସିବେ, ସେଇଦିନ ଏ ତାଲିକାଟା ତାଙ୍କୁ ଶୁଣେଇଦେଲେ ସେ ଜାଣିବେ ଯେ . . . (ମକୁ ଆସିଲା) କିଏ ମକୁ ? କୁଆଡ଼େ ବୁଲିବାହାରିଚୁ ?

ମକୁ : ନାଇଁ, ଏମିତି ଟିକେ ସ୍କୁଲ ହଷ୍ଟେଲ ଆଡ଼େ ଯାଉଥିଲି ।

ମଥୁରୀ : ଏ ଖରାବେଳଟାରେ ?

ମକୁ : ତେମେ କଣ ଜାଣିନ ମାମୁ ଏ ଖରା ବର୍ଷାକୁ ମୋର ଖାତିର ନଥାଏ ।

Digitized by srujanika@gmail.com

ମଥୁରୀ : ମୁଁ ଜାଣେ ତୁ ଖୁବ୍ ବାହାଦୂର ପିଲା । ହେଲେ ଏଣିକି ଆଉ ଏ ଢଙ୍ଗ ଚଳିବନାହିଁ ।

ମକୁ : କାଇଁକି ମାମୁ ?

ମଥୁରୀ : ହଁଅଁ ! ଏବେ ବଳେ ବଳେ ଠିକଣା ବାଟକୁ ଚାଲିଆସିବୁ ।

ମକୁ : କଣ ମାମୁଁ – କି ବାଟ ? କି ଠିକଣା ?

ମଥୁରୀ : ହେଇ ଦେଖ – ଏଠି ମୋର ଏ କ'ଣ ଚାଲିଚି !

ମକୁ : କଣ ଗୋଟାଏ ତାଲିକା ।

ମଥୁରୀ : କି ତାଲିକା ?

ମକୁ : (ପଢ଼ି) ଶ୍ରୀ ଶ୍ରୀ ଇଷ୍ଟଦେବତା – କଣ ମାମୁ, ଅଷ୍ଟପ୍ରହରୀ ତାଲିକା ?

ମଥୁରୀ : ଉହୁଁ . . .

ମକୁ : ବୁଝିଲି, କାହାର ଗୋଟାଏ ବାହାଘର ତାଲିକା ।

ମଥୁରୀ : କାହାର ? ଉଁ, କହ କାହାର ?

ମକୁ : (ଡରି ଡରି ଛେପ ଢୋକି) କାହାର ମାମୁ ?

ମଥୁରୀ : କିରେ ଆଷାଢ଼ ମାସରେ ତୋର ବାହାଘର । ତୋ ମାଇଁ କଣ ତୋତେ କିଛି କହିନି ? ଏ ତୋରି ବାହାଘର ତାଲିକା । କିରେ କିରେ ମୁହଁ ଶୁଖେଇ ଏମିତି ଚାଲିଯାଉଚୁ କଣ ? ହଉ ଯାଆ – ଯାଆ – ହଷ୍ଟେଲଆଡ଼େ ଟିକେ ବୁଲିଆ ।

ମକୁ : (ରୁଷିଲାଭଳି) ନାଇଁ ମୁଁ ଯିବିନି । (ଭିତରକୁ ଗଲା)

ମଥୁରୀ : (ହସି) ବାଉଳାଟା !

(ମଥୁରୀଙ୍କ ଘରର ଅଗଣା)

ମାନୀ : ଏଇ ଦେଖିଲୁ ବଡ଼ବୋଉ, ମକୁଭାଇ ତ ବଡ଼ବାପାଙ୍କ ପାଖରେ ଥିଲେ – ଏମିତି ମୁହଁ ଶୁଖେଇ ଆସୁଚନ୍ତି କାହିଁକି ? (ମକୁ ଆସିଲା)

ମାଇଁ : କଣ କିରେ ମକୁ ?

ମକୁ : (ଚିଡ଼ିଯାଇଚି) ଏ ମାନୀ ଏଠି କଣ କରୁଚି ?

ମାନୀ : ମଲା, ମୁଁ ତ ମୋର ବଡ଼ବୋଉ ପାଖକୁ ଆସିଚି – ତେମେ ସିନା ତମର ସେଠି ତାଲିକା କରୁଥିଲ ।

ମକୁ : ତୋ ମୁଣ୍ଡକୁ ଛେଚିଦେବି, ଜାଣିଚୁ ମାନୀ ?

Digitized by srujanika@gmail.com

ମାନୀ : ରୁହମ, ରାଗୁଚ କାଇଁକି ? ମକୁ ଭାଇ, ଏଣିକି ତେମେ ଟିକେ ଫିଟ୍‌ଫାଟ୍ ହେଇ ରୁହ । କେତେବେଳେ ତମ ଶଶୁରଘର ଘରବର ଦେଖିବାକୁ ଆସି ପହଞ୍ଚିଯିବେ ।

ମକୁ : (ଭୋ'କିନା କାନ୍ଦିଉଠି) ମାଇଁ !

ମାଇଁ : କଣ ହେଲା . . . କ'ଣ ହେଲା ମକୁ – କାନ୍ଦୁଚୁ କାଇଁକି ?

ମକୁ : (କାନ୍ଦୁଥାଏ)

ମାଇଁ : ହଇଓ, ତେମେ ମକୁକୁ କଣ କହିଲ କି ?

ମକୁ : (କାନ୍ଦି) ତମ ଗୋଡ଼ ଧରୁଚି ମାଇଁ, ତେମେ ମାମୁଙ୍କୁ କିଛି କୁହ ନାଇଁ ।

ମାଇଁ : ମୋ ବାପାଟା, ତୁ କାନ୍ଦୁଚୁ କାହିଁକି କହ ?

ମକୁ : ତେମେ ମତେ ପର କରିଦଉଚ !

ମାଇଁ : ପରକରିଦଉଚି ?

ମକୁ : ଦେଖିଆସିଲି ମାମୁ ବାହାଘର ତାଲିକା କରୁଚନ୍ତି ।

ମାଇଁ : ଇଏତ ଭଲକଥା – ଖୁସିର କଥା – ତୁ ତ ଆମ ପୁଅ – ବାହା ହୋଇ ବୋହୂ ଘରକୁ ଆଣିବୁ । ପୁଅ-ବୋହୂ ଏଇଠି ରହିବେ । ତୁ ପର ହେଲୁ କେମିତି ?

ମକୁ : ନାଇଁ ନାଇଁ, ଏଗୁରା ମତେ ଭଲଲାଗୁନାହିଁ ।

(ଗୀତ – କାନ୍ଦଣା ସ୍ୱର)

[ଗାଇଲାବେଳେ ମକୁ ମଝିରେ ମଝିରେ କାନ୍ଦୁଥାଏ]

ମକୁ : (କାନ୍ଦି) ଏ ବାହାଘର ହେଇ ପାରିବ ନାହିଁ ମୋ' ମାଇଁ !
ଘର ପୁଅଟା ମୁଁ . . . ଏଘର ଭିତରେ
ପର ହୋଇ ରହି ପାରିବି ନାହିଁ . . . ମୋ ମାଇଁ ! । ୧ ।

ମାନୀ : ଆହା, ଭୁଆଷୁଣୀ ଝିଅଟି – ବାହା ହେଇ ପର-ଘରକୁ ଚାଲିଯିବ . . .

ମକୁ : (ରାଗି) ମାନୀ !

ମାଇଁ : ଆରେ ମକୁ, ବୋହୂ ଘରକୁ ଆସିଲେ ଘର ସୁନ୍ଦର ଦିଶିବ ।

ମକୁ : ତେମେ ଜାଣିନ ମାଇଁ . . .

ମାନୀ : ତେମେ କ'ଣ ଜାଣିଚ ଟିକିଏ କହିଲ ?

Digitized by srujanika@gmail.com

(ଗୀତ)

ମକୁ : ମାଇପି ମାଇପି ମିଳିଯିବ ତୁମେ
ମୁଁ ରହିବି ସିନା ଅଲଗା ହୋଇ . . . ମୋ ମାଣ୍ଡି !
ମରିଗଲେ ମୁଁ ତା' ଫାଇ ଫରମାସ
କେବେହେଲେ ଖଟି ପାରିବି ନାହିଁ . . . ମୋ ମାଣ୍ଡି । ୨ ।

ମାଣ୍ଡି : ହେ ମକୁ !

ମକୁ : କେଡ଼େ ଖୁସି — କେଡ଼େ ଫୁର୍ତ୍ତିରେ ମୁଁ ଥିଲି ।

(ଗୀତ)

ମକୁ : ବୁଲିଯାଉଥିଲି ମାମୁଙ୍କ ସାଙ୍ଗରେ
ତମ ସାଙ୍ଗେ ବସୁଥିଲି ମୁଁ ଖାଇ . . . ମୋ ମାଣ୍ଡି

ମାଣ୍ଡି : ଆଉ ଏବେ ?

(ଗୀତ)

ମକୁ : ମତେ ପଛକରି ବୋହୂକୁ ତମର
ଖୁଆଇବ ମାଛ ଶୁଖୁଆ ନେଇ . . . ମୋ ମାଣ୍ଡି । ୩ ।

ମାନୀ : ମକୁ ଭାଇ, ବାହୁନିବି କି ?

ମକୁ : (ଚିଡ଼ିଯାଇ) କଣ . . . ?

ମାନୀ : ତମ ସାଙ୍ଗରେ ମୁଁ ଅସରାଏ ବାହୁନୁଚି ।

(ଗୀତ)

କିଏ ଜାଣିଥିଲା ପୁଅ ହେଇ ତମେ
ଝିଅ ପରି ପର ଯାଉଛ ହେଇ,
(ମୋର) ଫାଟୁଚି ହୃଦୟ ଉଠୁଅଛି କୋହ
ତମ ଏ ବିକଳ ମୁହଁକୁ ଚାହିଁ, ହେ ମକୁଭାଇ ! ୪ ।
ମାମୁ ନୁହନ୍ତି ସେ ପାଷାଣ ପଥର
ବେକରେ ଯୁଆଳି ଦେଲେ ପକାଇ
ମଣହେଇ ପଛେ, ହଳ କରୁଥାଅ
ମାନୀକୁ ପାଶୋରି ଦବ ତ ନାହିଁ, ହେ ମକୁଭାଇ ! । ୫ ।

ମକୁ : ତାକୁ କହିବଟି ମାଣ୍ଡି, ସିଏ କାହିଁକି ଏମିତି ହଉଚି ?

ମାଣ୍ଡି : ହେଲେ ତୁ ଏମିତି କାହିଁକି ହଉଚୁ କହିଲୁ ?

Digitized by srujanika@gmail.com

ମକୁ : ହେବିନାହିଁ ?

(ଗୀତ)

କିଏସେ ଗୋଟାଏ କାହୁଁ ଆସି ସିନା
ବସିବ ଏଘରେ ଘରଣୀ ହେଇ . . . ମୋ ମାଇଁ
ସକାଳୁ ଉଠି ସେ ତମ ନାଁ ଧରି
ବସିଯିବ ବାସି ପଖାଳ ଖାଇ . . . ମୋ ମାଇଁ । ୬ ।

ମାନୀ : ବୋହୂଟା ବାସିପଖାଳ ଖାଇବ ନାଇଁ ?

ମକୁ : ଖାଇଲେ ସେ ତାର ଅଲଗା ଖାଉ — ମୋ' ମାଇଁ ସାଙ୍ଗରେ ଖାଇବନାଇଁ ।

ମାଇଁ : ଧନଟା, ବାହାଘର ହେଇଯାଉ, ଦେଖିବୁ ତୁ ମୋର ଯୋଉ ମକୁକୁ ସେଇ ମକୁ ।

ମକୁ : ହେଲେ ମୁଁ ଜାଣିଛି, ତେମେ ଆଉ ମୋର ସେ ମାଇଁ ହୋଇ ରହିବ ନାଇଁ ।

(ଗୀତ)

ମକୁ : ଡାକି ଦଉଥିଲେ ହେ' ମକୁ ବୋଲି
କେଡ଼େ ବେଗେ ଆସୁଥିଲି ମୁଁ ଧାଇଁ . . . ମୋ ମାଇଁ . . .

ମାଇଁ : ଏବେ ଆଉ ଆସିବୁ ନାହିଁ ?

(ଗୀତ)

ମକୁ : କେମିତି ଆସିବି ? କବାଟ କଣରୁ
ଶୁଣାଗଲେ ଆଉ ଗୋଟାଏ ହେଇ . . .
ମୋ ମାଇଁ . . . । ୮ ।

(ଜୋର୍‌ରେ କାନ୍ଦି ଶେଷକୁ କାନ୍ଦ ବନ୍ଦହେଲା)

ମାଇଁ : ଆ, ଆଇଲୁ ବାପ, ତୋ ଲୁହ ପୋଛିଦିଏ ।

ମାନୀ : ସତରେ ମକୁଭାଇ, ଏ ବାହାହବାଟା ଭାରି ଅଡୁଆ — ନାଇଁ ?

ମକୁ : ଏ ମାନୀ କଥା ତେମେ ବୁଝିବଟି ମାଇଁ ?

ମାଇଁ : ହେଲେ ସେ ଠିକ୍ କଥା କହୁଚି । ଅଡୁଆ ସିନା, ହେଲେ ମଣିଷ 'ଜନ୍ମ ନେଇ ଘରସଂସାର ନକଲେ ରହିବ କେଉଁଠି — ବଣ ଜଙ୍ଗଲରେ ?

ମାନୀ : ତୋ' ବୋହୂ ବାପଘର କୋଉ ଗାଁଟି ବଡ଼ବୋଉ ?

Digitized by srujanika@gmail.com

ମାଇଁ : ହରିରାଜପୁର ପରା – ଟିକିଏ ଦୂରବାଟ ଏଠିକି । ଝାମୁଯାତ୍ରାରେ କନ୍ୟା ଦେଖିଲି – କନ୍ୟା ମନକୁ ଭାରି ପାଇଲା । ଏଣିକି ତାଙ୍କ ପକ୍ଷ ଏଠିକି ଘରବର ଦେଖି ଆସିବାର କଥା । ତା'ପରେ ବାହାଘର । ଗୋପ ସୁନ୍ଦର ଦାସକୁ ଡକେଇ ତା' ସାଙ୍ଗରେ ମୁହାଁମୁହିଁ ଏସବୁ କଥା ଇଏ କଥାବାର୍ତ୍ତା କରନ୍ତେ ନାହିଁ ! . . . ୟାଙ୍କର ଖାଲି ତାଲିକା ଚାଲିଚି – ତାଲିକା ! ସବୁ କଥା ମାଧଦାସେ କରିବେ ।

ମାନୀ : ଗୋପସୁନ୍ଦର ଦାସ କିଏ – କନ୍ୟାର ବାପ ?

ମାଇଁ : ହଁ ।

ମକୁ : (ସ୍ମିତ ହସି) ଗୋପସୁନ୍ଦର ଦାସ ?

ମାଇଁ : ହଁ – ତାଙ୍କ ନାଁ ଗୋପସୁନ୍ଦର ଦାସ ।

ମକୁ : ଇଏ ... ଭାରି ସୁନ୍ଦର ନାଁଟିଏ ହେଉଚି ତ ! (ଏ ଦୁହେଁ ହସିଉଠିଲେ)

ମାନୀ : ଶୁଣୁଚୁ ତ ବଡ଼ବୋଉ – ବାହାଘରଟା କୁଆଡ଼େ ଅଢୁଆ ! ଶଶୁରଙ୍କ ନାଁ ଶୁଣି ତ ଲହୁଣୀ ଭଳି ନରମି ଗଲେଣି – କନ୍ୟା ନାଁ ଶୁଣିଲେ ଏକାବେଳେକେ ତରଳି ଘିଅ ।

ମକୁ : ଯା, ଯା – ମୁଁ ସେମିତିକା ନୁହେଁ ।

ମାନୀ : ଆଉ କେମିତିକା ଟିକେ ଶୁଣେଇଲ ?

ମାଇଁ : ହଇରେ ମକୁ, ଇଏ କୋଉଆଡ଼ର କଥା ? କନିଆଁ ବାପା ନାଁଟା କାଇଁକି ତତେ ଏମିତି ସୁନ୍ଦର ଲାଗିଲା ?

ମକୁ : ଯୋଉଟା ସୁନ୍ଦର ତାକୁ ସୁନ୍ଦର ନ କହି କଣ ଅସୁନ୍ଦର କହିବ – ସିଏ କନ୍ୟା ବାପ ହଉ କି ବର ବାପ ହଉ !

ମାଇଁ : ଭଲ । ତୋ' କଥା ଶୁଣି ଆମକୁ ସିନା ହସ ମାଡ଼ିଲା – ହେଲେ ମୋ' ମନ ଖୁସି । ସିଏ ଶଶୁର ତୁ କ୍ୱାଇଁ । ତାଙ୍କ ନାଁ ତୋତେ ସୁନ୍ଦର – ତୋ' କାମ ତାଙ୍କୁ ସୁନ୍ଦର ।

[ଗାଁମୁଣ୍ଡ । ଖରାବେଳ । ଗୋପସୁନ୍ଦର ଓ ଧଡ଼ି ବାରିକ ଆସିଲେ]

ଗୋପ : ଧଡ଼ି . . .

ଧଡ଼ି : ଆଜ୍ଞା ।

ଗୋପ : ଏଇଟା ହେଲା ଆମ କ୍ୱାଇଁଙ୍କ ଗାଁ ମଝିସାହି ।

Digitized by srujanika@gmail.com

ଧଡ଼ି : ଆଜ୍ଞା, କିଛି କୁଆଡ଼ୁ ନହେଉଣୁ କ୍ବାଇଁଙ୍କ ଗାଁ !

ଗୋପ : ଆରେ ଏ କାନ ଯାହା ଶୁଣିଚି – ଏ ଆଖି ଯାହା ଦେଖିବାକୁ ମନ କରୁଚି, ସେଥିରେ ଆଉ ହଟିଯିବାର କଥା ନୁହେଁ । . . . ହଁ ଧଡ଼ି, ଆମ ଗାଁ ଏଠୁ ସାତ ଆଠ ମାଇଲ ବାଟ । ମତେ ଏ ଗାଁରେ କେହି ଦେଖି ନାହାନ୍ତି କି ଚିହ୍ନି ନାହାନ୍ତି । ଆଉ ତୋ କଥା ?

ଧଡ଼ି : ନାଇଁ ଗୋପବାବୁ, ମତେ ବି ଏ ଗାଁରେ କେହି ଜାଣିନାହାନ୍ତି । ହେଲେ ଆଜ୍ଞା . . .

ଗୋପ : କଣ ?

ଧଡ଼ି : ଆମେ ଯେ ଘରବର ଦେଖିବାପାଇଁ ଲୁଚିଛପି ଆସିଲା ଭଳି ଆସିଥାଇଁ – ଯଦି ଧରାପଡ଼ିଯିବା ?

ଗୋପ : ତୁ କଣ ଏ ଗୋପସୁନ୍ଦର ଦାସକୁ ଚିହ୍ନିନୁ ଧଡ଼ି ? ମାଧଦାସେ– ଏ ବାହାଘରେ ଯିଏ ଭଲ୍ଲୋକ ହେଇଚନ୍ତି – ସିଏ ଏ ମଥୁରୀ ଦାସଙ୍କ ଘରକରଣା କଥା ସବୁ ମତେ କହିଚନ୍ତି । ହେଲେ ନିଜ ଆଖିରେ ନ ଦେଖିବାଯାଏଁ ମନ ମାନୁଚି କୋଉଠି ? ଆଉ ଲୁଚି ଛପି ଦେଖିବାକୁ ହେଲେ ଏମିତି ଗୋଇନ୍ଦାଗିରି ଦରକାର । ତା' ନହେଲେ କଳାଟା ଧଳା ହୋଇଯିବାକୁ କେତେ ବେଳ ?

ଧଡ଼ି : ସେ କଥା ଠିକ୍ ।

ଗୋପ : ଆରେ ଧଡ଼ି ! ଏ ଗାଁ ଭିତରୁ ଜଣେ କିଏ ଆସୁଚନ୍ତି !

ଧଡ଼ି : ହଁ ଆଜ୍ଞା, ଏଇଆଡ଼କୁ ତ ଆସୁଚନ୍ତି ।

ଗୋପ : ଆସନ୍ତୁ – ଆସନ୍ତୁ । ତାଙ୍କରି ମୁହଁରୁ କେତେ କଥା ଅସୁଲ କରିନେବି ଦେଖେ । (ଗଳାଖଙ୍କାରି ଟିକିଏ ବଡ଼ପାଟିରେ) ଆରେ ଧଡ଼ି, ଏ ଖରାବେଳ, ଶୋଷଟା ହେଲାଣି – ମୁନ୍ଦେ ପାଣି ପିଇଥାନ୍ତେ । (ମଥୁରୀ ଆସିଲେ)

ଧଡ଼ି : ପାଣି ! ଏଇଟା ଅପାଣିଆ ଗାଁଟାଏ ନା କଣ ?

ମଥୁରୀ : (କାଶିଲେ)

ଗୋପ : ଆଜ୍ଞା ?

ମଥୁରୀ : କଥାଟା କଣ ମତେ ଦେଖି କୁହାଗଲା ?

ଗୋପ : କି କଥା ଆଜ୍ଞା ?

Digitized by srujanika@gmail.com

ମଥୁରୀ : ଏ ଗାଁଟା ଅପାଣିଆ . . .

ଗୋପ : ନାଇଁ ମହାଶୟ, ଏ କଥା କାହିଁକି କିଏ କହିବ ? ହଇରେ ଧଡ଼ି ବାରିକ . . .

ମଥୁରୀ : ସେଇ ଧଡ଼ି ବାରିକ ତ କହିଚି ।

ଗୋପ : ଆରେ ଧଡ଼ି, ଏ ଗାଁରେ ପାଦ ଥୋଉ ଥୋଉ ଆମ ମୁଣ୍ଡରେ ତ ଦୋଷ ଲଦା ହେଲାଣି – ଆ, ଆମ କାମରେ ଆମେ ଯିବା ।

ମଥୁରୀ : ହୁଁ । ଆପଣଙ୍କ କାମଟା କଣ ଜାଣିପାରେକି ?

ଗୋପ : କାମ . . .

ଧଡ଼ି: ଆମେ ଆସିଥିଲୁ . . . ଆମର ଗୋଟିଏ ଭଲ . . . (ଗୋପକୁ) ଆଜ୍ଞା !

ଗୋପ : ହଁ, ଆମର ଗୋଟିଏ ଭଲ –

ମଥୁରୀ : କଣ – ଭଲ ଦାମୁଡ଼ି ଦରକାର ? ଦାମୁଡ଼ି କିଣିବ ?

ଗୋପ : (ବୁଝିନପାରି) ଆଜ୍ଞା ! (ଜାଣିଶୁଣି) ହଁ ଆଜ୍ଞା, ଆମର ଭଲ ଦାମୁଡ଼ିଟିଏ ଦରକାର ।

ଧଡ଼ି : (ଗୋପ କାନରେ) ଆଜ୍ଞା ?

ଗୋପ : (ଧଡ଼ି କାନରେ) ଏଇ ଠିକ୍ ମଉକା ଜୁଟିଚି ।

ମଥୁରୀ : କଣ – କଣ – ଏ ଫୁସ୍‌ଫାସ୍ କାହିଁକି ?

ଗୋପ : ନାଇଁ ଆଜ୍ଞା, ନାଇଁ –

(ଗୀତ)

ଫୁସ୍‌ଫାସ୍ ଇଏ ନୁହେଁ ମହାଶୟ
ଇଏ ଆମ ମନ କଥା,
(ଆପଣ) କାନରେ ନ ଶୁଣି
ମନେ ମନେ ଗୁଣି କିପରି ଜାଣିଲେ
ଘୁରିଯାଏ ଆମ ମଥା । ୧ ।

ମଥୁରୀ : (ଆତ୍ମପ୍ରସାଦସୂଚକ ହସ) ହୁଁ . . . ହୁଁ, ଆରେ ବାବୁ, ମଣିଷର ମୁହଁ, ତା' ରୂପ ଭେକ, ତା' ଗତିବିଧି ଦେଖି ଯଦି ତା' ମନକଥା ଜାଣି ନ ପାରିଲ, ତେବେ ତମେ ନିଜେ ମଣିଷ ନୁହଁ – କଦଳୀ ଗଡ଼ ।

Digitized by srujanika@gmail.com

(ଗୀତ)

ଆଉ କେଇଦିନେ ଅକ୍ଷୟ ତୃତୀୟା
ଲାଗିଯିବ ଚାଷ ବାସ
(ମୋର) ବାରମାଣ ଚାଷ
ଦିହଳ ବଳଦ
ମୁହିଁ ନ ଜାଣିବି ?
ମୁଁ ପରା ମଥୁରୀ ଦାସ । ୨ ।

ମଥୁରୀ : ଚାଷବନ୍ଧୀ ଘରୁଆ ଲୋକ ଆପଣ – ଏ ବେଳରେ ଆପଣ ବଳଦ ନ କିଣି କଣ ଏ ଖରାଟାରେ ବାଇଗଣ କିଣି ବାହାରିଚନ୍ତି ! ଏ ମଝିସାହି ମଥୁରୀ ଦାସକୁ ଚିହ୍ନି ନାହାନ୍ତି ଆପଣ ? (କହି କହି ଚାଲିଗଲେ)

ଧଡ଼ି : (ନିମ୍ନ ସ୍ୱର) ଆଜ୍ଞା, ଇଏ ମଝିସାହି ମଥୁରୀ ଦାସ ! ଇଏ ଆପଣଙ୍କ ସମୁଦି ହେବେ ?

ଗୋପ : (ନିମ୍ନସ୍ୱର) ଦେଖିଲୁ –ଏ ପରିଚୟଟା କେମିତି ଆପେ ଆପେ ତାଙ୍କ ମୁହଁରୁ ବାହାରିପଡ଼ିଲା !

ମଥୁରୀ : (ଫେରି) କଣ – କଣ – ପୁଣି କି ଫୁସ୍‌ଫାସ୍ ?

ଗୋପ : ଏଇ . . . ଆପଣଙ୍କ ଭଳି ଜ୍ଞାନୀ ଗୁଣୀଲୋକଙ୍କ ସାଙ୍ଗରେ ଭେଟ ହେଇଗଲା ।

ମଥୁରୀ : ଆପଣଙ୍କର କେମିତିକା ଦାମୁଡ଼ି ଦରକାର ?

ଗୋପ : ଦାମୁଡ଼ି ଟିକିଏ ଦୋପଟିଆ ଗୋରୁ ହେଇଥିବ – ଦି'ଟା କି ଗଣ୍ଡାଏ ଦାନ୍ତେଇଥିବ – ପାଣିଏ ଅଧେ ହଳ କରିଥିବ . . .

ଧଡ଼ି : (ଏକ ନିଶ୍ୱାସରେ) ସରୁ ଲାଞ୍ଜ, ଶିଙ୍ଗ ମୁନିଆ, ଖାଇବ ଦି'କୁଣ୍ଡ, ପିଇବ କୁଣ୍ଡେ –

ମଥୁରୀ : ଧଡ଼ି ବାରିକ, ତେମେ ଟିକିଏ ଆଗଚଲା ଲୋକ ମୁଁ ଦେଖୁଚି ।

ଧଡ଼ି : ଆଜ୍ଞା !

ମଥୁରୀ : ହଉ, ଆସିବାହଉ ମୋ ସାଙ୍ଗରେ ।

ଗୋପ : ଦାମୁଡ଼ି କଣ ଆପଣଙ୍କ ନିଜର ?

ମଥୁରୀ : ଏଇଠି ଆପଣ ହାରିଗଲେ । ମୋତେ ଦେଖି – ମୋ' କଥା ଶୁଣି ଆପଣ ଜାଣିପାରିଲେ ନାହିଁ ଯେ, ଆପଣଙ୍କ ପରି ଘରୁଆ ଘର

Digitized by srujanika@gmail.com

ଲାଖ୍ ଦାମୁଡ଼ିଟିଏ ମୋର ଅଛି ! ବୁଝିଲେ, ଆପଣ ଚିହ୍ନି ନାହାନ୍ତି ଏ ମଥୁରୀ ଦାସକୁ ।

ଗୋପ : ସେ ଭାଗ୍ୟ ଆଉ ହେଇଥିଲା କୋଉଠି ?

ମଥୁରୀ : ଭାରି ପକ୍‌କା କାମ ମୋର ! ଭଣଜା ବାହାଘର ଯାଇ କେବେ ! ଭଣଜା କିଏ – ପୁଅ କିଏ ! ବାରଏକର ଶାରଦ ଜମି – ଦୁଇ ଏକର ଆଳୁଜମି – ସାତ ଏକର ଘର ବାରି – ଧାଉଡ଼ିଏ କୋଠା – ସବୁ ସେଇ ପାଇବ ।

ଗୋପ : ବାହାଘର କଥା କଣ କହୁଥିଲେ ?

ମଥୁରୀ : କହୁଥିଲି ବାହାଘର ଯାଇ ଆଷାଢ଼ ମାସରେ – ହେଲେ ଆଠଦିନ ହେଲା ତାଲିକା କାମ ସରିଲାଣି । ଅବଶ୍ୟ କନ୍ୟାଘର ଠିକଣା ହେଇଗଲାଣି ।

ଧଡ଼ି : ଠିକଣା ହେଇଗଲାଣି ? କୋଉଠି ଆଜ୍ଞା ?

ମଥୁରୀ : କାହିଁକି ହେ – କନ୍ୟାଘର କଥା ଶୁଣି ଚମକୁଚ କାହିଁକି ? ଦାମୁଡ଼ି ସାଙ୍ଗକୁ ତମର ବରପାତ୍ରଟିଏ ଦରକାର କି ? ବୁଝିଲ ଧଡ଼ି ବାରିକେ– ଏ ମଥୁରୀ ଦାସଙ୍କ ମନ ଯୋଉଠି ଢଳିଚି ସେଠୁ ସେ ମାତ୍ରାଏ ଟଳିବେ ନାହିଁ ।

ଧଡ଼ି : ନାଇଁ ଆଜ୍ଞା, ମୁଁ କହୁଥିଲି – ଏ ଯୋଉଠିଟା କୋଉଠି ?

ମଥୁରୀ : ଆରେ ଯୋଉଠି ହଉ – ଏଯାଏ କନ୍ୟା ପିତାଙ୍କ ସାଙ୍ଗରେ ଆମର ଦେଖା ସାକ୍ଷାତ ହେଇନି ।

ଗୋପ : (ହସ ହସ ମୁହଁ) ଏଇଠି ମୋର ପଦେ କଥା –

ମଥୁରୀ : କଣ – କି ପଦ ?

ଗୋପ : କନ୍ୟାଘର ଠିକଣା ହେଇଗଲାଣି, ଆଉ ଏ ଯାଏଁ କନ୍ୟା ପିତାଙ୍କ ସହିତ ଦେଖା ସାକ୍ଷାତ . . .

ମଥୁରୀ : ଦେଖା ହେବ କେମିତି ? ସେ ଗୋପପୁରରେ–ଆମେ ମଥୁରାରେ ।

ଗୋପ (ହସି) ଏଇଟା ଗୋଟାଏ କଥା ଆଜ୍ଞା ?

(ଗୀତ)

ଗୋପ ନଗରୀରୁ ମଥୁରା ପୁରୀ ଯେ
ତିନି ଚାରି କୋଶ ବାଟ ।

ମଥୁରୀ : ତିନିଚାରି କୋଶ – କିଏ କହିଲା ?

Digitized by srujanika@gmail.com

ଗୋପ : ପାଠ କହୁଚି ।

(ଗୀତ)

ଗୋପ ନଗରୀରୁ ମଥୁରା ପୁରୀ ଯେ
ତିନି ଚାରି କୋଶ ବାଟ
ଯୋଗ ପଡ଼ିଥିଲେ କି ଅବା ବିଚିତ୍ର
ହବାକୁ ଏଇଠି
ଗୋପ ମଥୁରାଙ୍କ ଭେଟ । ୩ ।

ମଥୁରୀ : ହଉ ଆଜ୍ଞା, ପୁରାଣ ପାଠ ଥାଉ । ଦାମୁଡ଼ି ଦେଖିବେ ତ ଆସନ୍ତୁ ।

ଗୋପ : ଦାମୁଡ଼ି ଆପଣଙ୍କ ଗୁହାଳରେ ଅଛି ?

ମଥୁରୀ : ହଁ ।

ଧଡ଼ି : ଆଉ ଆପଣଙ୍କ ଭଣଜା ?

ମଥୁରୀ : କଣ ଭଣଜା ?

ଧଡ଼ି : ଭଣଜାବାବୁ ଘରେ ଅଛନ୍ତି ?

ମଥୁରୀ : ମତେ ଆଗେ କୁହ ଧଡ଼ି ତମର ଏ କି ଢଙ୍ଗ ?

(ଗୀତ)

ପତର ଗୋଟାଇ ଆସିଅଛ ଧଡ଼ି
ତୋଟା ମୂଳ କିଆଁ କର,
ଦାମୁଡ଼ିକୁ ଛାଡ଼ି ଭଣଜା ଉପରେ
ନଜର କାହିଁକି
ଏ କୋଉ ଗାଁ ବେଭାର ? । ୪ ।

ଗୋପ : ଚାଲନ୍ତୁ ଆଜ୍ଞା, ଚାଲନ୍ତୁ ।

ମଥୁରୀ : ଆସିବା ହୁଅନ୍ତୁ ।

(ସମସ୍ତେ ଗାଁ ଭିତରକୁ ଗଲେ)

[ମଥୁରୀଙ୍କ ଗୃହର ବାହାରପଟ । ଏ ତିନିଜଣ ଆସିଲେ]

ମଥୁରୀ : ଏଇ ପିଣ୍ଡାରେ ବସନ୍ତୁ ।

ଗୋପ : ଏଇଟା ଆପଣଙ୍କ ଘର ?

ମଥୁରୀ : ହଁ ।

ଧଡ଼ି : ତଳକୁ ଆଉ କେଇ ଖଞ୍ଜା ଅଛି ଆଜ୍ଞା ?

Digitized by srujanika@gmail.com

ମଥୁରୀ : ଧଡ଼ିବାରିକେ, ତେମେ ପୁଣି ଆଗଚଲା ଢଙ୍ଗ ଧରୁଚ । ଗାଈ ଗୋରୁ ଖଞ୍ଜାରେ ରହନ୍ତି ନାହିଁ – ଗୁହାଳରେ ରହନ୍ତି । (ଡାକିଲେ) ଆରେ ଶାମ . . . ଶାମ ।

(ଡାକି ଡାକି ଚାଲିଗଲେ)

ଗୋପ : ଦେଖୁଚୁ ଧଡ଼ି – ମାଧ ଦାସେ ଯାହା କହୁଥିଲେ – ପୂରା ଧାଉଡ଼ିଏ ପଥର କୋଠା ।

ଧଡ଼ି : ହଁ, କରିଚନ୍ତି । ହେଲେ କନ୍ୟାଘରଟା କୋଉଠି ସେ ଗୁମର ମୋତେ ଫିଟାଉନାହାନ୍ତି ।

ଗୋପ : ସେଇ କଥା ତ !

ଧଡ଼ି : ବସିବାକୁ କହି ଦାମୁଡ଼ି ପାଇଁ ଗଲେଣି ନା କଣ ? ଆସନ ଖଣ୍ଡେ ଦେଲେ ନାହିଁ ।

ଗୋପ : ଆରେ ବାବୁ, ଆମେ ଏଯାଏଁ ଦାମୁଡ଼ି କିଣା ତାଲିକାରେ ଅଛୁ । ଆ, ପିଣ୍ଡାରେ ବସ ।

ଧଡ଼ି : (ଚମକି) ଓଃ ! ପଥର ପିଣ୍ଡାଟା – ଏ ବୈଶାଖ ମାସ ଝାଞ୍ଜି ଖରାରେ ତାତି ଖଇ ଫୁଟୁଚି । . . . ବସିବା କେମିତି ?

ଗୋପ : ପାଟିତୁଣ୍ଡ କରନା । ତୋ ଗାମୁଛା ଖଣ୍ଡକ ପିଣ୍ଡାରେ ବିଛେଇଦେ– ବସିବା ।

(ଦୁହେଁ ବସିଲେ)

[ଘରର ଅଗଣା । ମକୁ, ମାନୀ ଓ ମାଈଁ ଅଛନ୍ତି]

ମାଈଁ : ହଇରେ ମକୁ, ତୋ ମାମୁଁ କୁଆଡ଼େ ଗଲେ ?

ମକୁ : ଦାଣପଟେତ ପାଟି ଶୁଭୁଥିଲା ।

ମାଈଁ : ଶୁଣାଯାଉଚି, ଗୋପସୁନ୍ଦର ଦାସ କୁଆଡ଼େ ଘରବର ଦେଖି ଆସିବେ !

ମକୁ : (ଆଗ୍ରହରେ) କୋଉଦିନ ଆସିବେ ? ଆଜି ?

ମାନୀ : ତେମେ ଏମିତି ତରଳିଯାଉଚ କାହିଁକି ମକୁ ଭାଇ ?

ମକୁ : ହେଃ ! ତୁ କଣ ଜାଣିଚୁ ? ତାଙ୍କ ଯୋଗ୍ୟ ଚର୍ଚ୍ଚିତ କରିବାକୁ ପଡ଼ିବ– ନାଇଁ ମାଈଁ ?

ମାଈଁ : ପଚାରିବାକୁ ଅଛି ? କୋଉଦିନ ଆସୁଚନ୍ତି କେଜାଣି ?

Digitized by srujanika@gmail.com

ମାନୀ : ଯଦି ଆଜି ଆସି ପହଞ୍ଚିଯିବେ ? ଆଜି ଦିନଯାକତ କାଉଟା କାହିଁକି ରାଉ ରାଉ ହଉଚି । (କାଉ ରାବିଲା) ହେଇତି ପରା ।

ମାଈଁ : କେଜାଣି ଲୋ ମା ! ତୁ ଗଲୁ ମକୁ ଟିକେ ଗାଁ ମୁଣ୍ଡକୁ । ଛକଡ଼ିଆନନ୍ଦ ଦୋକାନରୁ ଦେଖି କଣ ମିଠା ଆଣିବୁ - ଘରେତ କାଣି ପିଠା ହଉଚି ।

ମକୁ : ହେଲେ ମାଈଁ –

ମାଈଁ : ପୁଣି କଣ ?

ମକୁ : (ଗୀତ)

ମାଈଁ ଗୋ, ମତେ ନଦିଶେ ବୁଦ୍ଧି,
ଆଜି ଯେ ଆସିବେ ଘରବର ଦେଖି
କାଲିକି ସେ ହେବେ ତମ ସମୁଦି । ପଦ ।
ତାଙ୍କ ଚର୍ଚ୍ଚା ଯଦି ଊଣା ହେଇଯିବ
ବୋହୂ ଯେତେବେଳେ ଘରକୁ ଆସିବ
ବସିବ ଖାଲି ସେ ମୁହଁକୁ ଲଦି । ୧ ।

ମାନୀ : (ଜୋର୍‌ରେ ହସି ହସି) ମକୁ ଭାଇ . . .

ମକୁ : କାହିଁକି ହସୁଚୁ ? ତାଙ୍କ ଶାଶୁ ବୋହୂଙ୍କର ଅପଡ଼ ହେଲେ ତୁ ଆସି ପିଠିରେ ପଡ଼ିବୁ ?

(ଗୀତ)

ମାଈଁ ଗୋ, ତମେ କହ ଫିଟାଇ
କ'ଣ ଆଣିବି କଅଣ ନାହିଁ ?
ଲଡୁ ଆସିଲେତ ଜିଲିବି ଆସିବ
ଜିଲିବି ଆସିଲେ ଖଜା,
ଖଜା ଯଦି ଭଲ ଖାସ୍ତା ନ ପଡ଼ିଲା
ଆଣିବି କି କ୍ଷୀର ଗଜା ?
ରସଗୋଲା ଛେନାବରା ଛେନାପୋଡ଼
ନଥାଣି ତ ବାଟ ନାହିଁ,
ମାଈଁ ଗୋ, ମତେ କହ ବୁଝାଇ
କଅଣ ଆଣିବି କଅଣ ନାହିଁ ? । ୨ ।

ମାଈଁ : (ହସି ହସି) ତୁ' ଯା' – ଯାହା ତୋ' ମନକୁ ପାଇବ ତୋ ଶଶୁର

Digitized by srujanika@gmail.com

ପାଇଁ କୁଣ୍ଢେ ନେଇ ଆସିବୁ ! ଯା . . .

ମକୁ : ଗଲି । (ମକୁର ପ୍ରସ୍ଥାନ)

[ବାହାରପଟେ ଗୋପ ଓ ଧଡ଼ି]

ଧଡ଼ି : (ତୁନି ତୁନି) ଏଇ ଗୋପବାବୁ, ମଥୁରୀ ଦାସେ ଏପାଖରୁ ଆସୁଚନ୍ତି । (ମଥୁରୀ ଆସିଲେ)

ମଥୁରୀ : ପୁଣି କଣ ଫୁସ୍‌ଫାସ୍ । ଏଁ ? ଟିକିଏ ଅପେକ୍ଷା କରନ୍ତୁ । ଚାକରଟୋକା ଦାମୁଡ଼ି ନେଇ ଆସୁଚି ।

ମକୁ : (ଆସିଲା) ମାମୁ –

ମଥୁରୀ : କଣ ? ତୁ ଏ ଖରାଟାରେ କୁଆଡ଼େ ବାହାରିଚୁ ?

ମକୁ : ଛ'କଡ଼ିଆନନା ଦୋକାନକୁ – ମିଠା ଆଣିବାକୁ ।

ଗୋପ : ଏଇ ପିଲାଟି ଆପଣଙ୍କ ଭଣଜା ?

ମଥୁରୀ : ହଁ ।

ଧଡ଼ି : (ଖୁବ୍ ଖୁସିରେ) ଭଲ – ଭଲ – ବେ . . . ଶ୍ – ଭଲ ।

ମଥୁରୀ : (ରାଗି) କଣ ଭଲ ? ହଇଏ ଧଡ଼ି ବାରିକ – କଣ ଭଲ ?

ଧଡ଼ି : (ଘାବରେଇ) ନାଇଁ ଆଜ୍ଞା ଆପଣଙ୍କ ଦାମୁଡ଼ି !

ମଥୁରୀ : କଣ ହେଲା ? ଦାମୁଡ଼ି କୋଉଠି – ତେମେ କୋଉଠି ?

ମକୁ : ସେ ପରା ମତେ ଦେଖି କହୁଚନ୍ତି – ଦାମୁଡ଼ିଟା ଭଲ ।

ଗୋପ : ଛାଡ଼ ବାବୁ, ତା'ର ଟିକିଏ ଆଗଚଲା ଢଙ୍ଗ ଅଛି ।

ମକୁ : ଯା' ବୋଲି ମତେ ଦେଖି କହିବେ ଦାମୁଡ଼ି ?

ମଥୁରୀ : ହଉ, ହଉ – ଅଜ୍ଞାନ ଲୋକ ଏମାନେ – ତାଙ୍କ କଥା ଧରନା ।

ମକୁ : ମୁଁ ଯାଉଚି ମାମୁ !

ମଥୁରୀ : ଯା । (ମକୁର ପ୍ରସ୍ଥାନ)

ଗୋପ : ଦାସେ ଆଜ୍ଞା, ଟିକିଏ ଶୁଣନ୍ତୁ !

ମଥୁରୀ : ଦାମୁଡ଼ିଟା ଆଗେ ଆସୁ – ତା' ପରେ ଦେଖାଦେଖି, ଶୁଣାଶୁଣି, କୁହାବୋଲା ଯାହା କିଛି । ତା' ଆଗରୁ କିଛି ଶୁଣିବି ନାଇଁ ।

(କହି କହି ଚାଲିଗଲେ)

ଗୋପ : ହଇରେ ଧଡ଼ି, ତୋ'ର ଏ କି ଢଙ୍ଗ ?

ଧଡ଼ି : ମୁଁ କଣ କରିବି ? ସ୍ୱାଇଁଙ୍କ ଡଉଲଡାଉଲ ଚେହେରା ଦେଖି ମୋ'

Digitized by srujanika@gmail.com

ପାତିବ୍ରତ ହୁ କି'ନା ବାହାରିପଡ଼ିଲା । ହେଲେ ଆଜ୍ଞା, ମାମୁ କଣ ଘର ଭିତରକୁ ଗଲେ – ଭଣଜା ଦୋକାନକୁ ଗଲେ – ଆମେ ଏ ତଡଲା ପିଣ୍ଡାରେ । ଏ ମିଠା କିଣା କାହା ପାଇଁ ?

ଗୋପ : କଥାଟା ମତେ ବି କେମିତି ହେର୍‌ଫେର୍ ଜଣାପଡୁଚି । ...ଆଉ ଘଡ଼ିଏ ବସ୍ ।

ଧଡ଼ି : ହଉ ।

[ଗାଁ'ମୁଣ୍ଡ । ସେଇ ଖରାବେଳ । ମନ୍ଦର ଆସିଲେ । ମନ୍ଦରଙ୍କ ଆଖି ମକୁ ଉପରେ ପଡ଼ିଲା ।]

ମନ୍ଦର : ଓହୋ ! କି ଖରା ହଉଚି ? . . . (ଡାକିଲେ) ହୋ ବାବୁ, ଟିକିଏ ଶୁଣିବ ?

ମକୁ : (ଆସି) କଣ ?

ମନ୍ଦର : ଏଇଟା ମଝିସାହି ନାଁ ?

ମକୁ : ହଁ ।

ମନ୍ଦର : ଶ୍ରୀ ମଥୁରୀ ଦାସଙ୍କ ଘର . . .

ମକୁ : (ଈଷତ୍ ଆଗ୍ରହ ସହିତ) ଏଇ ଗାଁରେ ତ ।

ମନ୍ଦର : ଦାସ ମହାଶୟ ଘରେ ଥିବେ ?

ମକୁ : (ଆଗ୍ରହ ସହିତ) ଅଛନ୍ତି ଆଜ୍ଞା ।

ମନ୍ଦର : (ମନକୁମନ) ହଠାତ୍ ଆଜ୍ଞା କାହିଁକି ?

ମକୁ : ଆପଣ କଣ . . .

ମନ୍ଦର : ଏଁ ? ହଁ, ମୁଁ ଆସିଚି କଣ କି . . . ଦାସଙ୍କର ପରା ଗୋଟିଏ . . . (ମକୁର ଭୂମିଷ୍ଠ ପ୍ରଣାମ) ହାଁ – ହାଁ – ଇଏ କଣ ? ଏକାବେଳେକେ ଭୂମିଷ୍ଠ ପ୍ରଣାମ ! ତେମେ କିଏ ବାପ ?

ମକୁ : (ଟିକିଏ ଲାଜେଇ) ମୁଁ ତ . . . ମୁଁ ତାଙ୍କ ଭଣଜା ।

ମନ୍ଦର : ହଉ, ଭଲ – ଭଲ । ଆଜିକାଲି ଏମିତି ପିଲାଟିଏ କୋଟିକରେ ଗୋଟିଏ ମିଳିବେ ନାହିଁ ।

ମକୁ : ଆପଣ ଆସନ୍ତୁ ମୋ ସାଙ୍ଗରେ ।

ମନ୍ଦର : ଚାଲ । ଚଞ୍ଚଳ କେମିତି ମୋ କାମ ସାରି ମୁଁ ଘରକୁ ଫେରିବ– ଗୁଡ଼ାଏ ବାଟ ।

Digitized by srujanika@gmail.com

[ମଥୁରୀଙ୍କ ଦାଣ୍ଡଘର । ମନ୍ଦର ଓ ମକୁ ଆସିଲେ ।]

ମନ୍ଦର : ଏଇଟା ତମ ଘର ?

ମକୁ : ହଁ ।

ମନ୍ଦର : ବାଃ !

ମକୁ : ଭିତରକୁ ଆସନ୍ତୁ . . . ଏଇ ଚୌକୀରେ ବସନ୍ତୁ । ମୁଁ ମାମୁଙ୍କୁ ଡାକିଦଉଚି ।

(ମକୁ ଭିତରକୁ ଗଲା ।)

ଧଡ଼ି : ହେଇତି ଗୋପବାବୁ, ଇଏ ପୁଣି କିଏ ?

ଗୋପ : ମକୁ ତ ଭାରି ମାନ ସମ୍ମାନରେ ତାଙ୍କୁ ନେଇ ଚୌକିରେ ବସାଇଲେଣି !

ଧଡ଼ି : ଦୋକାନରୁ ମିଠା ବି ଆସିଚି ।

ଗୋପ : ଭଦ୍ରଲୋକ ମାଧଦାସେ କଣ ଆମ ଘରୁ ଭାଙ୍ଗି . . .

ଧଡ଼ି : ହେଇଥିବ ବାବୁ – ହେଇଥିବ । ମାଧ ଦାସେ ଆମଠୁଁ ଭାଙ୍ଗି ୟାଙ୍କ ଘରେ ପ୍ରସ୍ତାବ ପକେଇଥିବେ ।

ଗୋପ : ନାଇଁ ନାଇଁ ଧଡ଼ି, ତୁ ସେଗୁରା କହନା । ଆଉ ଟିକିଏ ଅପେକ୍ଷା କରି ଦେଖ ।

ଧଡ଼ି : (ନିରାଶ ହେଇ) କଣ ଆଉ ଦେଖିବି ?

[ଅଗଣା]

ମକୁ : ମାଈଁ, ମାଈଁ – ମାମୁ କୁଆଡ଼େ ଗଲେ ?

ମଥୁରୀ, ମାଈଁ : କଣ – କଣ – କଥା କଅଣ ?

ମକୁ : ସିଏ . . . ସିଏ ଆସିଚନ୍ତି !

ମଥୁରୀ : କାହାନ୍ତି ? କୋଉଠି ?

ମକୁ : ଦାଣ୍ଡଘରେ ବସିଚନ୍ତି ।

ମାଈଁ : ଆରେ କିଏ ?

ମକୁ : (ମିଠା ଗଳାରେ) ସେଇ ଗୋପସୁନ୍ଦର ଦାସ ।

ମାଈଁ : ମୁଁ ଜାଣେ ପରା ସିଏ ଆଜି ଆସିବେ । . . . ମଲା ମଲା, ସିଏ ତ ଦାଣ୍ଡଘରେ ବସିଚନ୍ତି – ତେମେ ତେଣେ କୁଆଡ଼େ ଯାଉଚ ?

ମଥୁରୀ : ତାଲିକାଟା ଆଣେ – ତାଲିକା । (ଚାଲିଗଲେ)

Digitized by srujanika@gmail.com

ମାଈଁ : ମଲାରେ ଯା'ଙ୍କ ତାଲିକା ! ତୁ ମିଠାସବୁ ଆଣିଚୁଟି ?
ମକୁ : ଆଣିଚି ମାଈଁ !
ମାଈଁ : ଆଲୋ ମାନୀ !
ମାନୀ : ମୁଁ ତାଙ୍କୁ ଦେଖି ଆସିଲିଣି ବଡ଼ବୋଉ । ଗୋପସୁନ୍ଦର ମୋଟେ ସୁନ୍ଦର ନୁହନ୍ତି ।
ମକୁ : ସିଏ ସୁନ୍ଦର ନହେଲେ କଣ ହେଲା ? ମାଈଁ ତ କହୁଥିଲେ ପାତ୍ରୀ ଭାରି ସୁନ୍ଦର ।
ମାନୀ : (ହସି) କଣ ଯେ ମୁଁ ତମକୁ କହନ୍ତି ?
ମାଈଁ : ହଉ ମା, ତୁ ଥାଳି ବାସନ ସବୁ ଧୁଆଧୋଇ କରି ଆଣ — ମୁଁ ଜଳଖିଆ ସଜାଡ଼େ ।

[ଦାଣ୍ଡଘରେ ମନ୍ଦର ବସିଚନ୍ତି । ମଥୁରୀ ଆସିଲେ ।]

ମଥୁରୀ : ପ୍ରଣାମ ଆଜ୍ଞା !
ମନ୍ଦର : ପ୍ରଣାମ — ପ୍ରଣାମ !
ମଥୁରୀ : କି ଭାଗ୍ୟ ମୋର — ଆପଣ ମୋ ଘରକୁ ଆସିଲେ ।
ମନ୍ଦର : (ବୁଝି ନପାରି) ଏଁ ?
ମଥୁରୀ : ଆପଣଙ୍କର ସବୁ କୁଶଳ ତ ? (ମାନୀ ଆସିଲା) କିଏ ମାନୀ ? ହଁ, ଆସନ ଏଇଠି ପକା । ପାଣି ରଖ । ଯା ଜଳଖିଆ ଆଣ ଯା । (ମାନୀ ଭିତରକୁ ଗଲା)
ମନ୍ଦର : ମୁଁ କହୁଥିଲିକି ଆଜ୍ଞା . . .
ମଥୁରୀ : କହିବେ ଆଜ୍ଞା — ଆପଣ କହିବେ — ଆମେ ଶୁଣିବୁ । ଆଗେ ଟିକିଏ ଚୌକି ଛାଡ଼ି ଆସନରେ ବସନ୍ତୁ ।
ମନ୍ଦର : ଆସନରେ !
ମଥୁରୀ : ସାମାନ୍ୟ ଟିକେ ଜଳଯୋଗ ।
ମନ୍ଦର : କାହିଁକି — କାହିଁକି — ଜଳଯୋଗ କାହିଁକି ?
ମଥୁରୀ : ଜାଣିଗଲିଣି ଆଜ୍ଞା — ଆପଣଙ୍କ ମୁହଁ ଦେଖି ଚିହ୍ନିଗଲିଣି । ଘରୁଆଘର ଆପଣଙ୍କର । ହେଲେ, ମନାକରନ୍ତୁନି ମହାଶୟ — ମତେ ବନ୍ଧୁଦ୍ରୋହୀ କରନ୍ତୁ ନାହିଁ ।
ମନ୍ଦର : ମୁଁ କିଛି ବୁଝିପାରୁନି !

Digitized by srujanika@gmail.com

ମଥୁରୀ : ଜଳଖିଆ ଥାଳି ଆସୁ ଆସୁ ମୁଁ ତାଲିକାଟା ପଢ଼େ ।

ମନ୍ଦର : ତାଲିକା ?

ମଥୁରୀ : ଭାରି ପକ୍କା କାମ ମୋ'ର । ଆଠଦିନ ହେଲା ତାଲିକା କରି ରଖିଲିଣି ।

ମନ୍ଦର : ଆପଣଙ୍କର କେତୋଟି କି ?

ମଥୁରୀ : କଣ କେତୋଟି ?

ମନ୍ଦର : ଆମେ ତ ଜାଣୁ ଆପଣଙ୍କର ଗୋଟିଏ ଦାମୁଡ଼ି ଅଛି ।

ମଥୁରୀ : ଏଁ !

ମନ୍ଦର : ଆପଣ କଣ ତାଲିକା ବାହାର କଲେଣି ? ଆପଣଙ୍କର କେତୋଟି – କ'ଣ ଶହେ ନା ପଚାଶ ?

ମଥୁରୀ : ଆପଣ . . . ଆପଣ ଦାମୁଡ଼ି କିଣି ଆସିଚନ୍ତି ?

ମନ୍ଦର : ହଁ, ତ !

ମଥୁରୀ : ଏ କି କଥା ଆପଣ କହୁଚନ୍ତି ? ଗୋପସୁନ୍ଦର ଦାସଙ୍କ ଭଳି ଲୋକ ମୁହଁରୁ . . .

ମନ୍ଦର : ଗୋପସୁନ୍ଦର କିଏ ? ମୋ' ନାଁ ତ ମନ୍ଦରଧର ଦାସ । ଗୋପସୁନ୍ଦର ଦାସ ପୁଣି କିଏ ?

ଧଡ଼ି : (ବାହାରୁ ବଡ଼ପାଟିରେ) ଆଜ୍ଞା ଏଇଠି !

ମଥୁରୀ : କିଏ ?

ଧଡ଼ି : (ବାହାରୁ) ଗୋପସୁନ୍ଦର ଦାସ ।

ଗୋପ : (ବାହାରୁ) ହଁ ଆଜ୍ଞା – ଏ ଅଧମ ଏ ଦାଣ୍ଡ ପହଣ୍ଡରେ ସେତିକିବେଳୁ ଖରାରେ ପଡ଼ି ସିଝୁଚି ।

ମଥୁରୀ : ହେ ଭଗବାନ ! ଆରେ ମଙ୍କୁ, ତୁ କାହାକୁ ଆଣି ଏଠି ବସେଇଚୁ ? . . . ହଇଏ, କୁଆଡ଼େ ଗଲ – ଶୁଣିଲଣି

ମନ୍ଦର : ଆଜ୍ଞା ମୋ' କଥା ?

ମଥୁରୀ : କାହା କଥା ? ମୋ' ମୁଣ୍ଡ ଗୋଳମାଳ ହୋଇଗଲାଣି । ଆରେ କାହା କଥା ?

ମନ୍ଦର : ମୋ କଥା ?

ମଥୁରୀ : କେମିତି ହେ ! ଆପଣଙ୍କର ଏ କି ଅକଲ – ଆସି ଚୌକିରେ

Digitized by srujanika@gmail.com

ବସିଯାଇଛନ୍ତି ?

ମନ୍ଦର : ମୁଁ କଣ କରିଥା'ନ୍ତି ! ମତେ ଦେଖୁ ଦେଖୁ ତ ମକୁର ସାଷ୍ଟାଙ୍ଗ ପ୍ରଣିପାତ — ଆପଣଙ୍କର ଜଳଯୋଗ ବ୍ୟବସ୍ଥା — ତାଲିକା ପାଠ —

ମଥୁରୀ : ହେଇ, ସେପାଖରେ ଦାମୁଡ଼ି ଆସିଲାଣି — ଯା'ନ୍ତୁ । (ମନ୍ଦରଙ୍କ ପ୍ରସ୍ଥାନ) ଚାଲିଯିବେ ନାହିଁ — ମୁହଁ ମିଠା କରି ଯିବେ । . . . ହଇଏ . . . (ମାଈଁ ଆସିଲେ)

ମାଈଁ : ହଁ — ହଁ, ସବୁ ଶୁଣିଲିଣି । ମୁହଁ ଦେଖି ମଣିଷ ଚିହ୍ନୁଚ, ନାଇଁ ! ଆଜିଯାଏଁ ମତେ ତ ଚିହ୍ନିଲ ନାଇଁ — ଆଉ କୋଉ ମଣିଷ ଚିହ୍ନିବ ? ଠିଆଟା ହେଇ ରହିଲ କାହିଁକି ବା ? ଯାଅ ସମୁଦିଙ୍କୁ ଖଞ୍ଜା ଭିତରକୁ ଡାକିଆଣ ।

ମଥୁରୀ : ଯାଉଚି — ଯାଉଚି — ଯାଉଚି ।

ମାନୀ : ମାଈଁ, ସତେ ଏକା ଗୋପସୁନ୍ଦର ଦାସ ଦେଖିବାକୁ ଭଲ ।

ମକୁ : (କାନ୍ଦ କାନ୍ଦ) ବିଚରା ଏତେବେଳଯାଏଁ ଖରାଟାରେ ଠିଆ ହେଇ ଦଣ୍ଡ ଭୋଗିଲେ ।

ମାନୀ : ଶଶୁରଙ୍କୁ ଧରି ଆଉ ଅପରାଏ ବାହୁନିବ କି ? ଆସିଲେ ଏଠିକି ମୁହଁ ଦେଖେଇବାକୁ — ଯାଅ ଏଠୁ ।

ମକୁ : ମାଈଁ, କହିବଟି ତାକୁ — ଗୋପ ଦାସ ଏଠିକି କାହା ମୁହଁ ଦେଖିବାକୁ ଆସିଚନ୍ତି ? ମୋ' ମୁହଁ ତ ? ମୁଁ ଏଠୁ ଚାଲିଗଲେ ଆଉ କାହା ମୁହଁ ଦେଖିବେ ? (ମାଈଁ ହସୁଥାନ୍ତି)

ମାନୀ : ତମ ମୁହଁ ସେ ଢେର୍ ଢେର୍ ଦେଖିଚନ୍ତି । ଏଇ ସେ ଆସିଲେଣି — ଯାଅ ଭଲା ।

ମକୁ : ଯାଉଚିମ — କାଇଁକି ଏମିତି ହଉଚୁ ! (ପ୍ରସ୍ଥାନ)

ଗୋପ : ସମୁଦୁଣୀ . . . ସମୁଦୁଣୀ — ମୋ' ପ୍ରଣାମ ଘେନାକରନ୍ତୁ ।

ମାଈଁ : ଆଗେ ସମୁଦି କୁହନ୍ତୁ ସେ ଆମ ଦୋଷ ଘେନା କରି ନାହାନ୍ତି ତ !

ଗୋପ : ରାମ — ରାମ — ରାମ । ମୁଁ ସେତେବେଳେ ସମୁଦିଙ୍କି ଚିହ୍ନା ଦେଇଥିଲେ ଏ ଭାନୁମତୀ ଖେଳ ଲାଗିନଥା'ନ୍ତା କି ମୋର ଏ ଘରବର ଦେଖାଟା ଏମିତି ହସ ଖୁସିରେ ପହଞ୍ଚି ନଥା'ନ୍ତା । ସମୁଦୁଣୀ, ଖୁବ୍ —

Digitized by srujanika@gmail.com

ଖୁବ୍ – ଘର ବର – ସମୁଦି ସମୁଦୁଣୀ – ସବୁଥିରେ ମୁଁ ଖୁବ୍ ଖୁସି ।

ଧଡ଼ି : ଖୁସି ନ ହେବୁ କାଇଁକି ? ଏପାଖରେ ସେତେବେଳେ ମନ୍ଦର ଧର ଦାସଙ୍କ ପାଲା ଚାଲିଥିଲାବେଳେ, ଆମେ ପଛପଟ ବୁଲି ଖଳାବାରି ସବୁ ଦେଖିଆସିଚୁ ।

ମଥୁରୀ : ହେ, ଆଗେ ସମୁଦିଙ୍କ କଥା ବୁଝ । . . . ମାନୀ, ଆସନ ପକା ।

ମାନୀ : ଆସନ ତ ପଡ଼ିଚି ।

ମଥୁରୀ : ହଁ, ତମେ ବଢ଼ାବଢ଼ି କର । ସମୁଦି ଆଗେ ଖାଇକି ଟିକେ ଥଣ୍ଡାହୁଅନ୍ତୁ – ତା'ପରେ ।

ମାଈଁ : ତା'ପରେ ପୁଣି କ'ଣ ?

ମଥୁରୀ : ତାଲିକା – ତାଲିକାରେ ସବୁ ଅଛି–ଖାଲି ଗୋଟିଏ କଥା ନାହିଁ ।

ସମସ୍ତେ : କ'ଣ – କି କଥା ?

ମଥୁରୀ : ଯୌତୁକ ନାସ୍ତି . . . ଯୌତୁକ ଦାବୀଟି ନାହିଁ ।

ଧଡ଼ି : (ଟିକିଏ ମନ ଦୁଃଖରେ) ଆଉ ତା'ହେଲେ ଅଛି କଣ ଆଜ୍ଞା ?

ମଥୁରୀ : ବାର ପୃଷ୍ଠା ତାଲିକାର ଯୋଉ ପୃଷ୍ଠା ଓଲଟାଇବ ସେ ପୃଷ୍ଠାରୁ ଭାସିଉଠିବ ହସ ଖୁସି ଶାନ୍ତି ସନ୍ତୋଷରେ ମୋ' ମକୁର ବାହାଘରର ଚିତ୍ର ।

(ବାହାଘର ଗୀତ)

ମଥୁରୀ : ବରବେଶ କର ଏଇ ବରଧରା ଆସିଲା,
ଧମାଧମ୍ ଧମାଧମ୍ ବୀରବାଜା ବାଜିଲା ।

ମାଈଁ : (ହସି ହସି) ବାହାଘରେ ବୀର-ବାଜା କାହୁଁ ପୁଣି ଅଇଲା ?

ମଥୁରୀ : ବର ପରା ମହାବୀର ପାଠ ଏଥି କହିଲା ।

ଗୋପ : ସମୁଦି ହେ, ଏବେ ମୁହିଁ କଲି ବାଟ ବରଣ ।

ମଥୁରୀ : ଯେବେ ସେବେ କର ମୋର ନାହିଁ କିଛି ବାରଣ ।।

ମଥୁରୀ : ବେଦୀକୁ ଆସୁନି କନ୍ୟା କିଆଁ ଡେରି ହୋଇଲା ?

ଗୋପ : ବାରିକାଣୀ ଝୁଅ କାହିଁ ଶୋଇ କିବା ପଡ଼ିଲା ?

କୋରସ୍ : ହାତ-ଗଣ୍ଠି ପଡ଼ି ପୁଣି ହାତ-ଗଣ୍ଠି ଫିଟିଲା ।
ଶାଢ଼ୀ ଖଣ୍ଡି ପୁରୋହିତ ମନକୁ ତ ପାଇଲା ।।
ବୋହୂର ସବାରୀ ଆସି ଶାଶୁ ଘରେ ଲାଗିଲା ।।

Digitized by srujanika@gmail.com

ମାନୀ : ନଣନ୍ଦ ପୁତୁଳି ଦିଅ ମାନୀ ବାଟ ଜଗିଲା ॥
(ହସି) ଆଲୋ ଆଲୋ ବୋହୂ ପାଦ ବଙ୍କା କିଆଁ ପଡ଼ିଲା ?
ମାଣି : ଦେଖୁନୁ ଛୁଆଟା ମୋର ଏରୁଣ୍ଡିକୁ ଝୁଣ୍ଟିଲା ।
ଧୀରେ ପାଦ ପକା ମାଆ ଘର ମୋର ହସିଲା ।
ମାନୀ : (ହସି) କଉଡ଼ିଖେଳରେ ଦେଖ ମକୁଭାଇ ହାରିଲା ।
କୋରସ୍ : ଗୋପ ମଥୁରୀଙ୍କ ଭେଟ ପାଳା ଏବେ ସରିଲା ।
ବାରପୃଷ୍ଠା ତାଲିକାର ଫଳ ପ୍ରାପ୍ତି ହୋଇଲା ॥

□ □ □

Digitized by srujanika@gmail.com

ବିନ୍ଦୁସାଗର

ଉତ୍ସର୍ଗ

ମୋ ପାର୍ଥିବ ଜୀବନର ପରମ ହିତୈଷୀ
ବନ୍ଧୁ ଭଜକୃଷ୍ଣଙ୍କୁ . . .

ଗୋପାଳ

ପ୍ରଥମ ଦୃଶ୍ୟ

[ପବିତ୍ର କାଶୀ-ବିଶ୍ୱେଶ୍ୱର ଧାମ । ପରମେଶ୍ୱର ଶିବ ଓ ଦେବୀ ପାର୍ବତୀ ଆଲୋଚନାରତ ।]

ପାର୍ବତୀ – ନା, ନା, ପ୍ରଭୁ ! ମୁଁ ସେକଥା କହୁନାହିଁ । ତୁମର ଅତି ପ୍ରିୟଭୂମି ଏଇ କାଶୀ ବାରାଣସୀ ଧାମ । ଏଇ ଧାମରେ ତୁମେ କେବଳ ଶିବ ନୁହଁ, ଈଶ୍ୱର ନୁହଁ – ଏଠି ତୁମେ ବିଶ୍ୱେଶ୍ୱର । ଆମ କୈଳାସ ପରି ପ୍ରିୟ ଆଉ ପବିତ୍ର ଏ ତୀର୍ଥ । ଏଠି ମୋର ଆନନ୍ଦର ସୀମା ନାହିଁ ।

ଶିବ – ତା' ହେଲେ ?

ପାର୍ବତୀ – ସର୍ବବ୍ୟାପୀ ଶିବଙ୍କର ଏମିତି ପୁଣ୍ୟ ତୀର୍ଥ ଆଉ କେଉଁଠି ଅଛି ? କେଉଁଠି ସେ ଭୂଖଣ୍ଡ ?

ଶିବ – ସେଠିକି ଯିବ ଦେବୀ ?

ପାର୍ବତୀ – ଯଦି ମୋ ପ୍ରଭୁ କୃପା କରନ୍ତି ନିଶ୍ଚୟ ଯିବି ।

ଶିବ – ମାତ୍ର ଗୋଟିଏ ସର୍ତ୍ତ – ତୁମେ ଏକାକିନୀ ଯିବ ।

ପାର୍ବତୀ – ଏକାକିନୀ ! ତୁମେ ଯିବ ନାହିଁ ?

ଶିବ – ଯିବି, ମାତ୍ର ତୁମ ସାଙ୍ଗରେ ନୁହେଁ – ପରେ ଯିବି । ତୁମେ ଏବେ ଏକାକିନୀ ଯାଅ ।

Digitized by srujanika@gmail.com

ପାର୍ବତୀ – ଯିବି ପ୍ରଭୁ, ତୁମର ଆଦେଶ ପାଳନ କରିବି । କୁହ ତେବେ କେଉଁଠି ସେ ତୀର୍ଥ ? କ'ଣ ତାର ନାମଧାମ ?

ଶିବ – ଏକାମ୍ରକାନନ ।

ପାର୍ବତୀ – ଏକାମ୍ରକାନନ ! . . . ଆହା, କି ସୁନ୍ଦର ନାମ ! ଏ ଶ୍ରୁତିରେ ଯେମିତି କିଏ ଅମୃତ ଢାଳିଦେଲା . . . ଏକାମ୍ରକାନନ !

ଶିବ – ଏଇ ଏକାମ୍ରକାନନ ଦେବତାମାନଙ୍କୁ ସୁଦ୍ଧା ଦୁର୍ଲ୍ଲଭ । ବାରାଣସୀ କ୍ଷେତ୍ରପରି ମହାନ୍ ଶିବ-ପୀଠ । କୋଟିଏ ଶିବଲିଙ୍ଗ ମଧ୍ୟରେ ଅଛନ୍ତି ଜ୍ୟୋତିଃଲିଙ୍ଗ ଭୁବନେଶ୍ୱର ।

ପାର୍ବତୀ – ଭୁବନେଶ୍ୱର !

ଶିବ – ହଁ ଦେବୀ, ଭୁବନେଶ୍ୱର । ପୂଜନ-ଭଜନରେ ଏଠି ଚତୁର୍ବର୍ଗ ପ୍ରାପ୍ତି ହୁଏ । ଏପର୍ଯ୍ୟନ୍ତ ଗୋପନ ଥିଲା ଏ ଦୁଇ ପୀଠର ମାହାତ୍ମ୍ୟ । ଆଜି ତୁମେ ହିଁ ପ୍ରଥମେ ଜାଣିଲ ।

ପାର୍ବତୀ – ଏକାମ୍ରକାନନ ଆଉ ଭୁବନେଶ୍ୱର ! ନାମ ଆଉ ଧାମ, ଦୁଇଥିରେ ମାହାତ୍ମ୍ୟ ଅଛି, ମାଧୁରୀ ଅଛି । ଏବେ ଆଦେଶ କରନ୍ତୁ ପ୍ରଭୁ– ମୋ ଯାତ୍ରା ଆରମ୍ଭ କରିବି ।

ଶିବ – ହୃଷ୍ଟ ମନରେ ଯାଅ ଦେବୀ ! ଏଠୁ ପୂର୍ବ ଦିଗ, ତା'ପରେ ଦକ୍ଷିଣମୁଖ ହୋଇ ତୁମର ବାହନ କେଶରୀପୃଷ୍ଠରେ ଯାତ୍ରା କର । ଯଥା ସମୟରେ ମୁଁ ସେହି ପୁଣ୍ୟ-ପୀଠରେ ପହଞ୍ଚିବି ଦେବୀ ! ତୁମେ ଯେଉଁ ରୂପରେ ଥିବ ମୁଁ ଠିକ୍ ସେଇ ରୂପ ଧାରଣ କରି ପହଞ୍ଚିବି ।

ପାର୍ବତୀ – ପ୍ରଣାମ ପ୍ରଭୁ ! (ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ

[ଭୁବନେଶ୍ୱର ପୀଠ—ଏକାମ୍ରକାନନ । ଉପସ୍ଥିତ ଦେବୀ ପାର୍ବତୀ ।]

ପାର୍ବତୀ – ପବିତ୍ର ଏକାମ୍ରକାନନ ପ୍ରଦକ୍ଷିଣ କଲି – ଜ୍ୟୋତିଃଲିଙ୍ଗ ଭୁବନେଶ୍ୱରଙ୍କୁ ପୂଜା ଅର୍ଚ୍ଚନା କଲି । ମୋର ଶିବ-ପ୍ରିୟା ନାମ ସାର୍ଥକ ହେଲା । . . . ମାତ୍ର ଏ ରହସ୍ୟ ତ ମୁଁ କିଛି ବୁଝିପାରୁନି ? କାହାର ଏ ଧେନୁପଲ ? ମୁଁ ଏ ପୀଠକୁ ଆସିବାଦିନୁ ପ୍ରତିଦିନ ଏ ଅଲୌକିକ ଦୃଶ୍ୟ ଦେଖୁଚି । କୋଉଠୁ ଆସୁଚନ୍ତି – ପୁଣି କୋଉଠିକି ଯାଉଚନ୍ତି ?

Digitized by srujanika@gmail.com

କି ଲୋଭନୀୟ ସେମାନଙ୍କର ଦେହର ରଙ୍ଗ ! କୋଉଠି ଟିକିଏ ମଳି ନାହିଁ ଧୂଳି ନାହିଁ। ପ୍ରତିଦିନ ପାଣି ଭିତରୁ ବାହାରିଆସି ଏକସଙ୍ଗରେ ଜଳପାନ କରୁଛନ୍ତି । ତା'ପରେ ଗୋଟି ଗୋଟି ହୋଇ ଆପେ ଆପେ କ୍ଷୀର ଉପୁଜାଇ ଶିବଲିଙ୍ଗଙ୍କୁ କ୍ଷୀରସ୍ନାନ କରାଉଚନ୍ତି – ସତେ ଯେମିତି ସେମାନେ ଶିବଙ୍କର ସେବାକାରୀ ! ତା'ପରେ ଏକ ସଙ୍ଗରେ ସମସ୍ତେ ମଥା ଲଗାଇ ପ୍ରଣାମ କରି, ଲିଙ୍ଗ ପ୍ରଦକ୍ଷିଣ କରି ପୁଣି ପାଣି ଭିତରେ ଉଭେଇଯାଉଛନ୍ତି । କଣ ଏ ରହସ୍ୟ ? ଏ ରହସ୍ୟ କଥା ତ ମୋ ପ୍ରଭୁ ମତେ କିଛି କହିନାହାନ୍ତି !

ଗୋରକ୍ଷକ – ମା !

ପାର୍ବତୀ – କିଏ ତୁମେ ?

ଗୋରକ୍ଷକ – ମୁଁ ଜଣେ ଗାଈଆଳ ।

ପାର୍ବତୀ – ଗାଈଆଳ ! ତୁମେ ତେବେ ଜାଣିଥିବ . . .

ଗୋରକ୍ଷକ – କୋଉ କଥା ମା ?

ପାର୍ବତୀ – ଏ ଯେଉଁ ଗାଈପଲ . . .

ଗୋରକ୍ଷକ – ଗାଈପଲ ?

ପାର୍ବତୀ – ପ୍ରତିଦିନ ଏ ଯେଉଁ ଗାଈପଲ ଏଠିକି ଆସୁଚନ୍ତି . . .

ଗୋରକ୍ଷକ – ଓ, ହଁ . . . ମୁଁ କାଲି ଦେଖିଲି ।

ପାର୍ବତୀ – କାହାର ସେ ଗାଈପଲ ?

ଗୋରକ୍ଷକ – ମୁଁ ଜାଣିନାହିଁ ।

ପାର୍ବତୀ – ତୁମେ ଏଠିକାର ଗାଈଆଳ ପରା ?

ଗୋରକ୍ଷକ – ନାଇଁ ମା, ମୁଁ ଏଠିକାର ନୁହେଁ ।

ପାର୍ବତୀ – ତେବେ ?

ଗୋରକ୍ଷକ – ଆମ ଘର ଯାଇ କାହିଁ କେତେ ଦୂରରେ । ଏ ଯୋଉ ବଣ ଏଠି ଦେଖୁଚ, ତା ସେପାଖକୁ ଆହୁରି ବଣ – ତା ସେପାଖକୁ ଆହୁରି, ଆହୁରି ବଣ – ତା ସେପାଖକୁ ପାହାଡ଼ – ପାହାଡ଼ ସେପାଖକୁ ପୁଣି ବଣ ପାହାଡ଼ । ସେଇ ପାହାଡ଼ ଶିଖରେ ଆମ ଘର ।

ପାର୍ବତୀ – ଏ କ୍ଷେତ୍ରର ମାହାତ୍ମ୍ୟ ତୁମେ ଜାଣ ?

ଗୋରକ୍ଷକ – ଏ କ୍ଷେତ୍ରକୁ ତ କେବେ ଆସିନଥିଲି, ଜାଣିବି କେମିତି ?

Digitized by srujanika@gmail.com

ପାର୍ବତୀ – ଏଠିକି ଆସିଥିଲ କାହିଁକି ?

ଗୋରକ୍ଷକ – ମୋ ପଲରୁ ଗୋଟାଏ ବଳଦ ହଜିଗଲା ଯେ ତାକୁ ଖୋଜି ଖୋଜି କାଲି ଆସି ଏଠି ପହଞ୍ଚିଲି । କାଲି ରାତିରେ ସେଇ ବେଳ ବଣରେ ଶୋଇପଡ଼ିଲି – ଆଜି ବାହୁଡ଼ି ଯାଉଚି ।

ପାର୍ବତୀ – ଆଚ୍ଛା, କାଲି ଦେଖିଥିବ ତ ସେ ଗାଈପଲ ପାଣିଭିତରୁ ବାହାରି ଆସୁଚନ୍ତି ?

ଗୋରକ୍ଷକ – ହଁ ।

ପାର୍ବତୀ – ପାଣି ଭିତରୁ କୁଆଡୁ କେମିତି ଆସୁଚନ୍ତି ?

ଗୋରକ୍ଷକ–ପାଣିଭିତରୁ ଯେତେବେଳେ ଆସୁଚନ୍ତି ପାତାଳପୁରୀରୁ ଆସୁଥିବେ ।

ପାର୍ବତୀ – ପୁଣି ସେଇ ପାଣି ଭିତରେ ପଶି କୁଆଡ଼େ ଯାଉଚନ୍ତି ?

ଗୋରକ୍ଷକ – ଯାଉଚନ୍ତି ଯେତେବେଳେ ସେଇ ପାତାଳପୁରୀକୁ ଯାଉଥିବେ ।

(ଗୋରକ୍ଷକ ଯିବାକୁ ଲାଗିଲା)

ପାର୍ବତୀ – ଆଶ୍ଚର୍ଯ୍ୟ ! . . . ତୁମେ ପୁଣି କୁଆଡ଼େ ଯାଉଚ ?

ଗୋରକ୍ଷକ – ଯାଉଚି ବଳଦଟାକୁ ଏଠି ଘଡ଼ିଏଅଧେ ଖୋଜି ଘରକୁ ବାହୁଡ଼ିଯିବି . . . ଯାଉଚି ମା' ! (ପ୍ରସ୍ଥାନ)

ପାର୍ବତୀ – ହୁଁ ! କେମିତି କାହାଠୁ ଏ ରହସ୍ୟ ଜଣାପଡ଼ିବ ? ଆଜି ତ ଧେନୁପଲ ଆସିବାର ବେଳ ହୋଇଗଲା । (ଟିକିଏ ରହି) ଏଇ, ଧେନୁପଲ ଆସିଲେ । (ଅଦୂରରେ ଧେନୁପଲଙ୍କ ଆବିର୍ଭାବ) ଠିକ୍ ସେଇ ଢଙ୍ଗ, ସେଇ କର୍ମ . . . ଏଇ, ଗୋଟିଗୋଟିକରି ସମସ୍ତେ କ୍ଷୀରସ୍ନାନ କରାଉଚନ୍ତି । ସେବାରେ ତିଳେମାତ୍ର ଊଣା ନାହିଁ । ତା'ପରେ – ତା'ପରେ ସମସ୍ତେ ଆଣ୍ଠୁମାଡ଼ି ମଥା ଲଗାଇ ପ୍ରଣିପାତ କରୁଚନ୍ତି । ନା, ଏ ଧେନୁପଲ ମୋ ମନପ୍ରାଣକୁ ଆଚ୍ଛନ୍ନ କରି ରଖିଲେଣି । ଆଜି ସେମାନଙ୍କୁ ମୁଁ ଛାଡ଼ିବି ନାହିଁ – ସେମାନଙ୍କୁ ଛାଡ଼ି ମୁଁ ରହିପାରିବି ନାହିଁ । ହାତରେ କେନ୍ଦୁବାଡ଼ି ଧରି ମୁଁ ସେମାନଙ୍କୁ ବାଟ ଓଗାଳିବି । . . ଏଇ, ସେମାନେ ବିଗ୍ରହ ପ୍ରଦକ୍ଷିଣ କରି ପାଣିକୂଳକୁ ବାହାରିଲେଣି । (ଧେନୁପଲକୁ ଉଦ୍ଦେଶ୍ୟକରି) ନା-ନା, ମୁଁ ଆଜି ତୁମମାନଙ୍କୁ ଛାଡ଼ିବିନାହିଁ । ଆସ, ଆସ – ବାହୁଡ଼ିଆସ । ମୁଁ ତୁମମାନଙ୍କୁ ପାଳିବି, ପୋଷିବି, ଗୋ-କ୍ଷୀରରେ ନିତିପ୍ରତି ଭୁବନେଶ୍ୱରଙ୍କୁ ସ୍ନାନ କରାଇବି । ହେ – ହେ – ଯାଅ ନାହିଁ, ଯାଅ ନାହିଁ । ଏଁ, ଏ

Digitized by srujanika@gmail.com

କଣ ! ଗାଈପଲ ଯେ ଅସମ୍ଭାଳ ହୋଇ ଏଣେତେଣେ ଧାଇଁପଳାଉଚନ୍ତି – ହମ୍ବାରଡ଼ି ଦେଇ ଖୁରାରେ ଭୂଇଁ ଚିରୁଚନ୍ତି, ଶିଙ୍ଗରେ ମାଟି ତାଡୁଚନ୍ତି । ନା – ମୁଁ ଏମାନଙ୍କୁ ସମ୍ଭାଳିପାରୁନାହିଁ । କଣ କରିବି ?

ଗୋରକ୍ଷକ – (ଦୂରରୁ ବଡ଼ପାଟିରେ) ମା – ମା – ମୋହନ ମନ୍ତ୍ର ପଢ଼ି ଗାଈପଲ ଉପରକୁ ଧୂଳି ଫିଙ୍ଗିଦିଅ । ତା ନହେଲେ ସେମାନେ ବଶ ହେବେ ନାହିଁ । ମନ୍ତ୍ରଧୂଳି ପଡ଼ିଲେ ବୋଲ ମାନି ଗୋଟି ଗୋଟି ହୋଇ ତମ ପାଖକୁ ଆସିବେ ।

ପାର୍ବତୀ – ଗୋରକ୍ଷକ ଏ ନିର୍ଦ୍ଦେଶ ଦେଲା । କିଏ ଏଇ ଗୋରକ୍ଷକ ! (ଟିକିଏ ରହି) ହଁ – ମୁଁ ମନ୍ତ୍ରଧୂଳି ଫିଙ୍ଗିବି । (ମନ୍ତ୍ରଧୂଳି ଫିଙ୍ଗିଲେ)

ପାର୍ବତୀ – ଆହା ! ଏଇ ତ ମନ୍ତ୍ରଧୂଳି ବଳରେ ଗାଭୀମାନେ ଧୀର ଶାନ୍ତ ଗତିରେ ହଲି ଦୋହଲି ମୋ ଆଡ଼କୁ ଆସୁଚନ୍ତି – ସତେ ଯେମିତି ସମସ୍ତେ ମୋରି ବତ୍ସା – ମୋରି ନନ୍ଦିନୀ ।

ପାର୍ବତୀ – (ଗୀତ)

ଭୁବନମୋହନ, ଏ ଏକାମ୍ରକାନନ
ପୂଜି ମୁଁ ଭୁବନେଶ୍ୱର,
ପାଇଲି ମୁଁ ଏଠି ଏ ଅମୂଲ୍ୟ ଧନ
ପାଇଲି ମୁଁ ଧେନୁପଲ, ରେ ନନ୍ଦିନୀ,
ପାଇଲି ମୁଁ ଧେନୁପଲ । ୧ ।
ମାତୃସ୍ନେହେ ମୁଁ ତ ପାଳିବି ପୋଷିବି
ହୋଇ ଗୋପାଳିନୀ ବେଶ,
ଯେ ବିଗ୍ରହ ତୁମେ ସେବୁଚ ଏକାମ୍ରେ
ସେଇ ମୋ ପ୍ରଭୁ ମହେଶ, ରେ ନନ୍ଦିନୀ,
ସେଇ ମୋ ପ୍ରଭୁ ମହେଶ । ୨ ।
ବାଛି ବାଛି ତୁମ ନାଁ ମୁଁ ଦଉଚି
(ହସି) ପରଖିବି ତୁମ ବୁଦ୍ଧି,
ନାଁ ଧରି ଯେବେ ଡାକିବି, ଆସିବ
ମୋର ପାଶେ ନାଚିକୁଦି, ରେ ନନ୍ଦିନୀ,
ମୋର ପାଶେ ନାଚିକୁଦି । ୩ ।

Digitized by srujanika@gmail.com

[ଗୀତ ଗାଇବା ଅବସରରେ ପାର୍ବତୀ ଗାଭୀମାନଙ୍କୁ ଆଦର କରୁଥାନ୍ତି ।]

ତୋ ନାଁ ଗୁରୁବାରୀ
ତା ନାଁ ସଁ-ବାରୀ
ଧପ ଧପ ଧଳା ତୁ ଲୋ, ତୋ ନାଁ ଧଉଳୀ
ବଉଳ ଫୁଲର ରଙ୍ଗ, ତୋ ନାଁ ବଉଳୀ ।
ସୁନା ଆଖି ଢଳଢଳ, ତୋ ନାଁ ସୁନେଇ
କମଳ ତୋ' ରୂପାଝରି, ତୋ ନାଁ ରୂପେଇ ।
ତୋ ନାଁ ଉଜଳୀ ଲୋ
ତୋ ନାଁ କଜଳୀ
ତୋ ନାଁ ନେଉଳୀ ଲୋ
ତୋ ନାଁ ଛଇଳୀ
କନକନ ହଉ ତୁ'ଲୋ ତୋ ନାଁ ଓଲେଇ
(ତୁ) ଗେଲରେ ଭୁଷୁଚୁ ମତେ ତୋ ନାଁ ଗେହ୍ଲେଇ ।
ସଭିଏଁ ତ ତୁମେ କାମଧେନୁ ମୋର
ସଭିଏଁ ମୋ ଗଳାମାଳି,
ଗୋଷ୍ଠସେବାବ୍ରତ ନେଲି ମୁଁ ଆଜିଠୁ
ହେଲି ମୁହିଁ ଗୋପବାଳୀ, ରେ ନନ୍ଦିନୀ,
ହେଲି ମୁହିଁ ଗୋପବାଳୀ । ୪ ।

ପାର୍ବତୀ – ଆସ, ସଭିଏଁ ମୋ ପଛେ ପଛେ ଆସ । ଏକାମ୍ରରେ ଚରାଇବି, ଗୋଠରେ ଶୁଆଇବି । ସକାଳେ କ୍ଷୀର ଦୋହନ କରି ଭୁବନେଶ୍ୱରଙ୍କୁ ଅର୍ପଣ କରିବି – ଆସ ।

ତୃତୀୟ ଦୃଶ୍ୟ

[କିଛିଦିନ ପରର ଘଟଣା । ଏକାମ୍ରକୁ ଆସିଲେ ଦୁଇ ଦାନବ ରାଜପୁତ୍ର କୀର୍ତ୍ତି ଆଉ ବାସ । ପାର୍ବତୀ ଅଦୂରରେ ଏକ ଚମ୍ପାଗଛ ମୂଳର ଗୋପାଳିନୀ ବେଶରେ ବସିଛନ୍ତି ।]

କୀର୍ତ୍ତି – ବାସ !

ବାସ – ଭାଇ !

Digitized by srujanika@gmail.com

କୀର୍ତ୍ତି – ଏ ବନସ୍ଥଳୀକୁ ଆମେ ବହୁବାର ଭ୍ରମଣରେ ଆସିଛୁଁ . . .

ବାସ – ଆସିଛୁ ସତ; ମାତ୍ର ଏଠି ଦେବ, ଦାନବ, ନର, କିନ୍ନର କାହାରି ସାକ୍ଷାତ କେବେ ପାଇନୁ ।

କୀର୍ତ୍ତି – ମାତ୍ର ଆଜି ମୋର ମନେହେଉଚି କିଛି ଗୋଟାଏ ପରିବର୍ତ୍ତନ ଏଠି ଘଟିଚି । କାହାରି ଆବିର୍ଭାବ ଏଠି ହେଇଚି ।

ବାସ – ଆବିର୍ଭାବ !

କୀର୍ତ୍ତି – ତୁ କିଛି ଅନୁଭବ କରିପାରୁନୁ ?

ବାସ – ମୁଁ ? . . . ହଁ ଭାଇ, ମୋର ପଞ୍ଚପ୍ରାଣ ଯେମିତି କହିଦଉଚି, ଏଇଠି ଆମ ଆଖପାଖରେ କେହି ରହିଚି ।

କୀର୍ତ୍ତି – ତେବେ କିଏ ସେ ? କାହିଁ ? କେଉଁଠି ?

ବାସ – (ହଠାତ୍) ଭାଇ ! ଦେଖ, ସେଇ ଚମ୍ପାଗଛମୂଳେ କିଏ ବସିଚି !

କୀର୍ତ୍ତି – ସତେ ତ ! ଚମ୍ପାଗଛମୂଳେ ବସିଚି . . . ଅପରୂପ ସୁନ୍ଦରୀ . . . ବିଶ୍ୱମୋହିନୀ ଯୁବତୀ . . . ମଥାରେ ଜୁଡ଼ା, ହାତରେ କେନ୍ଦୁବାଡ଼ି ।

ବାସ – ଅଙ୍ଗର ବେହରଣରୁ ଜଣାପଡ଼େ ସେ ଗୋପାଳିନୀ ।

କୀର୍ତ୍ତି – ମାତ୍ର ଅଙ୍ଗର ଝଲକ କହିଦିଏ ସେ ଗୋପାଳିନୀ ନୁହେଁ, ରାଜରାଣୀ – ଆମରି ଯୋଗ୍ୟା, ଆମରି ଭୋଗ୍ୟା । ଆ . . . ଯିବା ।

(କୀର୍ତ୍ତି ଓ ବାସ ଦୁହିଁଙ୍କର ଅର୍ଥସୂଚକ ମଧୁର ହସ)

କୀର୍ତ୍ତି – ଏ ଚମ୍ପାଗଛମୂଳେ ବସିଚ କିଏ ତୁମେ ?

ପାର୍ବତୀ – ତୁମେ କିଏ ?

କୀର୍ତ୍ତି – ଆମେ – ଆମେ ଦୁହେଁ ଦୁଇ ଦାନବ ରାଜକୁମାର, କୀର୍ତ୍ତି-ବାସ । ମୁଁ କୀର୍ତ୍ତି ।

ବାସ – ମୁଁ ବାସ ।

କୀର୍ତ୍ତି – ମୁଁ ଜ୍ୟେଷ୍ଠ

ବାସ – ମୁଁ କନିଷ୍ଠ

କୀର୍ତ୍ତି – ଏବେ ତୁମେ କୁହ, ତୁମେ କିଏ ?

ପାର୍ବତୀ – ଦେଖୁଚ ତ ମୁଁ ଜଣେ ଗୋପାଳିନୀ !

କୀର୍ତ୍ତି – ନା, ତୁମେ ଛଳନା କରୁଚ ।

ବାସ – ତୁମେ ଗୋପାଳିନୀ ନୁହଁ . . . ତୁମେ ରାଜକନ୍ୟା ।

Digitized by srujanika@gmail.com

କୀର୍ତ୍ତି – ହୋଇପାରେ, ତୁମେ ବିଷ୍ଣୁପ୍ରିୟା ଲକ୍ଷ୍ମୀ . . . କିମ୍ବା ଇନ୍ଦ୍ରପତ୍ନୀ ଶଚୀ . . . ମର୍ତ୍ତ୍ୟ-ଭ୍ରମଣରେ ଆସିଚ ।

ବାସ – ତୁମେ ସ୍ୱର୍ଗର କେହି ଅପ୍‌ସରା ନୁହଁ ତ – ମେନକା, ଉର୍ବଶୀ, ରମ୍ଭା ? କୋଉ ମୁନିଋଷିଙ୍କର ତପୋଭଙ୍ଗ କରିବାକୁ ଏଠି ବସିଚ ?

କୀର୍ତ୍ତି – ମହାନ୍ ଦୈତ୍ୟକୁଳରେ ଆମର ଜନ୍ମ । ଶତ ସହସ୍ର ରୂପସୀ ତରୁଣୀ ଆମ ଉଆସରେ ଅଛନ୍ତି । କିନ୍ତୁ ଏ ରୂପ ଏ ଲାବଣ୍ୟ ତ ଆମ ଦୃଷ୍ଟିକୁ କେବେ ଆସିନି ! . . . ଆଚ୍ଛା, ତୁମେ କଣ କେହି ପାତାଳପୁରୀର ରାଜକୁମାରୀ – ପତି-ଅନ୍ୱେଷଣରେ ଏଠିକି ଆସିଚ ?

ବାସ – ଆଉ ଆମର ଉତ୍କଣ୍ଠା ବଢ଼ାଅନା ସୁନ୍ଦରୀ, କୁହ ତୁମେ କିଏ ?

କୀର୍ତ୍ତି – ଆମ କଥାରେ ତୁମେ ଏମିତି ମୃଦୁମନ୍ଦ ହସ ହସୁଚ ଯେ ? ତୁମେ କଣ କେହି . . .

(ଗୀତ)

ପାର୍ବତୀ – ନୁହେଁ ମାୟାବିନୀ, ନୁହେଁ କୁହୁକିନୀ
ନୁହେଁ ମୁହିଁ ରାଜରାଣୀ,
ନୁହେଁ ମୁଁ ଅପ୍‌ସରା ଯତିମତିହରା
ନୁହେଁ ବିଷ୍ଣୁ-ପାଟରାଣୀ, ହେ ବୀର,
ମୁଁ ତ ନୁହଇ ଇନ୍ଦ୍ରବନିତା, ହେ ବୀର,
ନୁହେଁ ଦେବ-ଦାନବ-ଦୁହିତା, ହେ ବୀର । ୧ ।
ଗିରିଶୋଭାଶିରୀ ହିମାଳୟ ଗିରି
ମୁଁ ସିନା ତାଙ୍କ ନନ୍ଦିନୀ,
ନାମ ମୋ ପାର୍ବତୀ ଡାକନାମ ସତୀ
ବେଶ ମୋର ଗୋପାଳିନୀ, ହେ ବୀର,
ଧେନୁସେବା ଅଟେ ମୋର ଧର୍ମ, ହେ ବୀର,
କ୍ଷୀରପସରା ଅଟେ ମୋ କର୍ମ, ହେ ବୀର । ୨ ।

ପାର୍ବତୀ – ଶୁଣିଲ ତ କୀର୍ତ୍ତି-ବାସ, ମୁଁ କିଏ ? ମୁଁ ହେଉଚି ନଗାଧିରାଜ ହିମାଳୟଙ୍କ କନ୍ୟା . . . ଏଠି ଗୋପାଳିନୀ ହୋଇ ଗୋସେବା କରୁଚି । କୁହ, ତୁମର ଯଦି ପ୍ରୟୋଜନ ଅଛି ଗୋରସ !

କୀର୍ତ୍ତି – ଗୋରସ ! ହା . . . ହା . . . ହା . . .

Digitized by srujanika@gmail.com

ପାର୍ବତୀ – ହସିଲ ଯେ ?

କୀର୍ତ୍ତି–ଗୋରସ ତ ପ୍ରୟୋଜନ ନାହିଁ, ଅନ୍ୟ କିଛି ରସର ପ୍ରୟୋଜନ ଅଛି ।

ପାର୍ବତୀ – ଆଉ କି ରସ ?

କୀର୍ତ୍ତି – ତୁମର ପରିଚୟ ଯାହା ହଉନା କାହିଁକି, ତୁମେ ରୂପସୀ ତରୁଣୀ । ଆଉ ଆମେ . . . ରୂପବାନ୍, ଗୁଣବାନ୍ ସୁନ୍ଦର ସୁପୁରୁଷ । ଆମର ଇଙ୍ଗିତ ତୁମେ ବୁଝିପାରିଲ ନାହିଁ ?

(ଗୀତ)

ଭ୍ରୂଲତା ନଚାଇ ବାରେ କଟାକ୍ଷରେ ଚାହଁ
ସୁଧାରସ ତୁମ ଆଖିପତାରୁ ଝରାଅ
ଆମ୍ଭେ କୀର୍ତ୍ତି-ବାସ ଗୋ,
ହେବୁ ତୁମ ଚରଣର ଦାସ ଗୋ । ୧ ।
ଅଧରପରେ ଅଧର କିଞ୍ଚିତରେ ଥାପି
ସଞ୍ଚିତ ମଧୁକଣିକା ଧୀରେ ଧୀରେ ଚାପି
ମୃଦୁ ମନ୍ଦ ହସ ଗୋ,
ଝରୁ ସେ ଅଧରୁ ମଧୁ ରସ ଗୋ । ୨ ।
ଏ ଲବଙ୍ଗଲତା ସମ ତମ ଅଙ୍ଗଲତା
ନୂପୁର ନିକ୍ୱଣ ତାଳେ ଚାଳି ତନୁଲତା
ରଚ ନୃତ୍ୟ-ରାସ ଗୋ,
ଶ୍ରୀଅଙ୍ଗୁ ଝରଇ ଲାସ୍ୟ-ରସ ଗୋ । ୩ ।
ଦୈତ୍ୟରାଜସୁତ ଆମ୍ଭେ ହୋଇ ଯୁକ୍ତପାଣି
ଅଳି କରୁ ବନସ୍ଥଳୀ ତେଜି ବନରାଣୀ
ଆମ୍ଭ ସଙ୍ଗେ ଆସ ଗୋ,
(ଆମ୍ଭ) ରାଣୀହଂସପୁରେ କର ବାସ ଗୋ । ୪ ।

ପାର୍ବତୀ – ତୁମର ଭ୍ରମ ହେଇଚି କୀର୍ତ୍ତି-ବାସ !

ବାସ – ଆମେ ତ ସେହି କଥା କହୁଚୁ । ତୁମକୁ ଦେଖିବାବେଳଠୁଁ ଆମର ଦୃଷ୍ଟି-ବିଭ୍ରମ ଘଟିଚି ।

ପାର୍ବତୀ – ନା, ମୁଁ ତୁମ ଦୃଷ୍ଟି କଥା କହୁନାହିଁ, ମୁଁ କହୁଚି ତମର ମତିବିଭ୍ରମ ଘଟିଚି । ତୁମର ପାତ୍ର-ଅପାତ୍ର ଜ୍ଞାନ ନାହିଁ । ମୁଁ ଏକାକିନୀ ବିଦେଶିନୀ

Digitized by srujanika@gmail.com

ନାରୀ – ମୋର ପରିଚୟ ତୁମ ନିକଟରେ ଅଜ୍ଞାତ; ଅଥଚ ତୁମେ ଚାହୁଁଚ . . .

କୀର୍ତ୍ତି – ଆମେ ଚାହୁଁଚୁ ଆମେ ହେବୁ ତୁମ ଚରଣର ଦାସ ।

ପାର୍ବତୀ – ମୋର ଚରଣ ତ ଦୂରର କଥା, ମୋ ଚରଣଚିହ୍ନ ସୁଦ୍ଧା ତୁମେ ସ୍ପର୍ଶ କରିପାରିବ ନାହିଁ ।

ବାସ – ଗୋପାଳିନୀ !

ପାର୍ବତୀ – ଜନ୍ମ ତୁମର ଉଚ୍ଚ କୁଳରେ ହେଇପାରେ; କିନ୍ତୁ ବୃତ୍ତି ତୁମର ନୀଚ । ତୁମେ ଲମ୍ପଟ, କାମୁକ – କୁପୁରୁଷ ।

କୀର୍ତ୍ତି – ଜିହ୍ୱା ସଂଯତ କର ବିଦେଶିନୀ !

ପାର୍ବତୀ – ଜିହ୍ୱାଠାରୁ ତଳିପା ପର୍ଯ୍ୟନ୍ତ ଯିଏ ଅସଂଯତର ପ୍ରତିମୂର୍ତ୍ତି, ତା'ଠାରୁ କି ସଂଯମ ଶିକ୍ଷା ମୁଁ ଲାଭ କରିବି ?

କୀର୍ତ୍ତି – ତୁମ କଥା ମୁଁ ମାନିନେଲି ଗୋପାଳିନୀ – ଆମେ କୁପୁରୁଷ; କିନ୍ତୁ ଆମେ କାପୁରୁଷ ନୋହୁଁ । ଆମେ ଅସୁରଜାତି; ଆମେ ଦୁଷ୍ଟ ହବାକୁ ଚାହିଁଲେ ଯାଠୁଁ ବଳି ସହସ୍ର ଗୁଣ ଦୁଷ୍ଟବୁଦ୍ଧିର ପରିଚୟ ଆମେ ଦେଇପାରିବୁଁ । ଏପର୍ଯ୍ୟନ୍ତ ଆମେ ତୁମକୁ ହାତ ପାତି ଭିକ୍ଷାମାଗୁଥିଲୁ; ମାତ୍ର ଆଉ ଭିକ୍ଷା ନୁହେଁ । ଯଦି ତୁମେ ଆମ କଥାରେ ରାଜି ନ ହୁଅ, ତେବେ ଆମେ ବଳ ପ୍ରୟୋଗ କରି ତୁମକୁ ଅପହରଣ କରିନେବୁ ।

ପାର୍ବତୀ – (ସ୍ୱଗତ) ଜଣାଯାଉଚି ଏମାନେ କଟାକ୍ଷ କରିବେ, ବଳ ପ୍ରୟୋଗ କରିବେ । ମାୟାବଳରେ ଏମାନଙ୍କୁ କିଛି କାଳ ଅଚେତ କରାଇ ମୁଁ ଏ ସ୍ଥାନ ଛାଡ଼ି ଚାଲିଯିବି ।

ବାସ – କ'ଣ ଆଉ ଭାବୁଚ ଗୋପାଳିନୀ ?

ପାର୍ବତୀ– ମୁଁ ଯାହା ଭାବୁଚି ଏ କ୍ଷଣକ ଭିତରେ ତାହା ତୁମେ ଜାଣିପାରିବ ।

[ପାର୍ବତୀଙ୍କ ମାୟାବଳରେ ଦୁହେଁ ଅଚେତ ହୋଇପଡ଼ିଲେ]

କୀର୍ତ୍ତି, ବାସ – ଆଃ !

ପାର୍ବତୀ – ହଁ, ଦୁହେଁ ଅଚେତ ହେଇଗଲେଣି । ମୁଁ ଯାଏଁ ଶୂନ୍ୟମାର୍ଗରେ ଅବସ୍ଥାନ କରିବି ।

[ପାର୍ବତୀ ଅଦୃଶ୍ୟ ହୋଇଗଲେ । କିଛିକ୍ଷଣ ପରେ ସେ ଦୁହେଁ ଚେତନା ଲାଭକରି ଉଠିଲେ ।]

Digitized by srujanika@gmail.com

କୀର୍ତ୍ତି – ଆଃ ! ବାସ !

ବାସ – କଣ ହେଲା ଭାଇ ?

କୀର୍ତ୍ତି – ମୁଁ ଜାଣିପାରୁନି କଣ ହେଲା ? ଏତେବେଳଯାଏଁ ଆମେ ଦୁହେଁ କୋଉଠି ଥିଲେ ?

ବାସ – ଏଇଠି ତ ! ଏଇ ସେଇ ଚମ୍ପାଗଛ !

କୀର୍ତ୍ତି – ହଁ, ଠିକ୍ । ଆମେ ଏହି ସ୍ଥାନରେ ହିଁ ଥିଲେ । ସେ ଗୋପାଳିନୀ କାହିଁ ? କୁଆଡ଼େ ଗଲା ?

ବାସ – କିଛି ବୁଝିହଉନି । ସତରେ ସେ କଣ ମାୟାବିନୀ – ମାୟା ବଳରେ କୁଆଡ଼େ ଉଭେଇଗଲା ?

କୀର୍ତ୍ତି – ନା, ସେ ଆମକୁ ଠକିଚି । ଏଇଠି କୋଉଠି ସେ ଛପି ରହିଚି । ଆଜି ଆଉ ବେଳ ନାହିଁ, ଆଜି ଉଆସକୁ ଫେରିଯିବା, କାଲି ପୁଣି ଆସି ତାକୁ ଖୋଜିବା । ଏଥର . . . ଏଥର କିନ୍ତୁ ଆମ ହାତରୁ ତା'ର ମୁକ୍ତି ନାହିଁ ।

[କୀର୍ତ୍ତି-ବାସ ଦୁହିଁଙ୍କର ପ୍ରସ୍ଥାନ । ପାର୍ବତୀ ପୁଣି ଆବିର୍ଭୂତା ହେଲେ ।]

ପାର୍ବତୀ – ଏଇଠି ଏ ଶୂନ୍ୟମାର୍ଗରେ ରହି ପ୍ରଭୁଙ୍କୁ ସ୍ମରଣ କରେଁ – ଓଁ ନମଃ ଶିବାୟ ... ଓଁ ନମଃ ଶିବାୟ ... ଓଁ ନମଃ ଶିବାୟ ।

[କିଛିକ୍ଷଣ ପରେ ବଂଶୀସ୍ୱନ ଶୁଭିଲା ।]

ପାର୍ବତୀ – ବଂଶୀସ୍ୱନ ! ଏ ସ୍ୱନ ଏଠିକି କାହୁଁ ଆସିଲା ? ଏ ପୀଠକୁ ମୁଁ ଆସିଲାଦିନୁ ଏଠି ବଂଶୀସ୍ୱନ ତ କେବେ ଶୁଣିନଥିଲି ? ପ୍ରଭୁଙ୍କୁ ମୁଁ ସ୍ମରଣ କଲି । ଉତ୍କଣ୍ଠାରେ ବସିରହିଚି ତାଙ୍କ ଡମ୍ବରୁନାଦ ଶୁଣିବି ବୋଲି; ମାତ୍ର ଏ ବଂଶୀସ୍ୱର ? ତେବେ କ'ଣ ସେ ଦାନବ ଦୁହେଁ ମତେ ଭୁଲାଇବାପାଇଁ ବଂଶୀବାଦନ କରୁଚନ୍ତି ? (ଟିକିଏ ରହି) ଏଇ ତ, ଏଇ ସେ ବଂଶୀବାଦକ ଏଣେ ଆସୁଚନ୍ତି । ନା – ଇଏ କୀର୍ତ୍ତି-ବାସ ନୁହଁନ୍ତି । ସେମାନେ ଦୁଇଭାଇ – ଇଏ ଯେ ଏକକ ମୂର୍ତ୍ତି । . . . ଆହା, କି ସୁନ୍ଦର ମୁଖକାନ୍ତି – ଲାବଣ୍ୟଭରା ଇନ୍ଦ୍ରନୀଳମଣି-ରୂପ – କଟୀରେ ପୀତାମ୍ବର – ମଥାରେ ମୟୂରପୁଚ୍ଛ – ଓଠରେ ବଇଁଶୀ ।

[ଗୋକୁଳପତି ବେଶରେ ଶିବ ଆସିଲେ ।]

ଶିବ – ଦେବି !

Digitized by srujanika@gmail.com

ପାର୍ବତୀ – (ଆଶ୍ଚର୍ଯ୍ୟରେ) ଦେବୀ !

[ପାର୍ବତୀ ଶିବଙ୍କୁ ଚିହ୍ନିପାରୁନଥାନ୍ତି]

ଶିବ – ଚିହ୍ନିପାରୁନ ଦେବୀ ?

ପାର୍ବତୀ – ନା ଦେବ, ମୋତେ ପରିଚୟ ଦିଅ ।

ଶିବ – ଦେବୀ ! ତା' ପୂର୍ବରୁ ମୋ ପ୍ରଶ୍ନର ଉତ୍ତର ଚାହେଁ ।

ପାର୍ବତୀ – କି ପ୍ରଶ୍ନ ?

ଶିବ – ତୁମେ କାଶୀକ୍ଷେତ୍ରର ସେଇ ଗୋପାଳିନୀ ତ ?

ପାର୍ବତୀ – କାଶୀକ୍ଷେତ୍ରର ଗୋପାଳିନୀ ? ଅବଶ୍ୟ ମୁଁ କାଶୀକ୍ଷେତ୍ରର ହରପ୍ରିୟା ପାର୍ବତୀ – ଏଠି ଗୋପାଳିନୀ ବେଶରେ ଅଛି ।

ଶିବ – ତୁମେ ଗୋକୁଳର ଗୋପାଳିନୀବେଶ ଧାରଣ କରିଚ । ମୁଁ ଯଦି ସେଇ ଗୋକୁଳପତି ବେଶରେ ଏଠିକି ଆସିନଥାନ୍ତି ତୁମେ ମନରେ ଦୁଃଖ ହୋଇନଥାନ୍ତା ?

ପାର୍ବତୀ – ପ୍ରଭୁ ! ତୁମେ ଆସିଚ ପ୍ରଭୁ ! ମୋତେ କ୍ଷମା କର, ମୁଁ ଚିହ୍ନି ପାରିନଥିଲି । ମୋର ପ୍ରଣାମ ଗ୍ରହଣ କର ସ୍ୱାମୀ !

[ପ୍ରଣାମ କଲେ]

ଶିବ – ଉଠ ଦେବୀ, ଉଠ । ତୁମ ଏକାମ୍ର ରହଣି ଏଇ ଏକାମ୍ରପୀଠ କଥା ମତେ କୁହ ।

ପାର୍ବତୀ – ଏ ପୀଠକୁ ଆସି ମୁଁ ଧନ୍ୟ ହୋଇଛି ପ୍ରଭୁ ! ତୁମର ଆଦ୍ୟସ୍ଥଳୀ ଏ ପୀଠ । ମୋର ଏ ବେଶରେ ମୁଁ ଗୋଧନ ପାଳନ କରି, ନିତିପ୍ରତି ଗୋକ୍ଷୀରରେ ତୁମର ଜ୍ୟୋତିଃବିଗ୍ରହ ଭୁବନେଶ୍ୱରଙ୍କୁ ସ୍ନାନ କରାଇ ମହାନନ୍ଦରେ ଥିଲି । ଭୁବନେଶ୍ୱରଙ୍କ ପୂଜା-ଅର୍ଚ୍ଚନାରେ ମୋ ଆନନ୍ଦର ସୀମା ନଥିଲା । ମାତ୍ର . . .

ଶିବ – ମାତ୍ର ଏ ଆନନ୍ଦରେ ବାଧା ଦେଲେ କୀର୍ତ୍ତି-ବାସ ।

ପାର୍ବତୀ – ତୁମେ . . . ତୁମେ ତେବେ ସବୁ ଜାଣ ପ୍ରଭୁ ?

ଶିବ–ସବୁ ଜାଣିଚି ଦେବୀ ! ମୋର ତୃତୀୟ ନେତ୍ରରେ ମୁଁ ସେମାନଙ୍କୁ ଦେଖିଚି ।

ପାର୍ବତୀ – କିଏ ଏଇ କୀର୍ତ୍ତି-ବାସ ? ସେ ଦୁହେଁ କେବଳ ମୋର ଶତ୍ରୁ ନୁହନ୍ତି – ଏ ଶିବକ୍ଷେତ୍ର ଏକାମ୍ରପୀଠର ମଧ୍ୟ ସେମାନେ କଳଙ୍କ । କିପରି ଏ କଳଙ୍କ ଦୂର ହେବ, କିପରି ସେମାନେ ଶାସ୍ତି ଭୋଗିବେ ?

Digitized by srujanika@gmail.com

ଶିବ – (ଗୀତ)

ଏଇ କୀର୍ତ୍ତି-ବାସ
ଦୁହେଁ ବରିଲେଣି ମୃତ୍ୟୁପାଶ ॥ ୦ ॥
ବିଦର୍ଭ ନଗର ଦ୍ରମିଳ ଅସୁର
ନୃପତିର ଦୁଇ ସୁତ
ପିତା ପୁଣ୍ୟ କର୍ମ ଭୁଲିଲେ ଅଧମ
ପାପପଙ୍କେ କରି ବାସ । ୧ ।
ଲଭିଚନ୍ତି ବର ଏ ଦୁଇ କୁମର
ସଂଗ୍ରାମେ ନୋହିବେ ହତ
ନ ଭେଦିବ ଅସ୍ତ୍ର, ପୁରୁଷ ହସ୍ତରେ
ନୋହିବେ ପୁଣି ସେ ନାଶ । ୨ ।
ତୁମେ ଯୋଗମାୟା କରି ଏଥି ମାୟା
ସ୍ମରି ମନେ ମହାମନ୍ତ
ତୁମ ବୁଦ୍ଧି ବଳେ କଳ-କଉଶଳେ
କରିବ ତାଙ୍କୁ ବିନାଶ । ୩ ।

ପାର୍ବତୀ – ଏ କଣ କହୁଚ ପ୍ରଭୁ ? ସେମାନଙ୍କ ମୃତ୍ୟୁ ପୁରୁଷ ହସ୍ତରେ ନୁହେଁ, ନାରୀହାତରେ ! ପୁଣି ସଂଗ୍ରାମରେ ନିହତ ହେବେ ନାହିଁ କି ତାଙ୍କ ଦେହରେ ଅସ୍ତ୍ର ଭେଦିବ ନାହିଁ ? ମୋ ବୁଦ୍ଧିବଳରେ, ମୋ କଳ-କୌଶଳରେ ମୁଁ କେମିତି କଣ କରିପାରିବି ?

ଶିବ – ତା'ଛଡ଼ା ଆଉ ଅନ୍ୟ ଉପାୟ ନାହିଁ ଦେବୀ ! କୀର୍ତ୍ତି-ବାସଙ୍କ ମରଣଭେଦ ମୁଁ ତୁମକୁ କହିଲି; କିନ୍ତୁ ଉପାୟ ତୁମେ ସ୍ଥିର କରିବ ।

ପାର୍ବତୀ – ମୁଁ ପାରିବି ତ ପ୍ରଭୁ ?

ଶିବ – ତୁମେ ଚଣ୍ଡମୁଣ୍ଡ ମହିଷାସୁରକୁ ବଧ କରିଚ – ତୁମେ ମହାମାୟା ଯୋଗମାୟା ଆଦ୍ୟାଶକ୍ତି ନାରୀ । ତୁମେ ହିଁ ପାରିବ ପାର୍ବତୀ, କୀର୍ତ୍ତି-ବାସର ଦୌରାତ୍ମ୍ୟରୁ ତୁମେ ହିଁ ଏ ପବିତ୍ର ଏକାମ୍ର ଭୂମିକୁ ରକ୍ଷାକରିବ, ଏ ତ୍ରିଭୁବନ ରକ୍ଷା କରିବ ।

ପାର୍ବତୀ – ବେଶ୍ ! ତୁମରି ଆଜ୍ଞା ପାଳନକରି, ତୁମରି ଆଶୀର୍ବାଦକୁ ସମ୍ବଳ କରି ମୁଁ କର୍ତ୍ତବ୍ୟ ସମ୍ପାଦନ କରିବି ।

Digitized by srujanika@gmail.com

ଶିବ – ତୁମଦ୍ୱାରା ଅପମାନିତ ହୋଇ ସେ ଦୁହେଁ ଫେରିଯାଇଚନ୍ତି । ପ୍ରତିଶୋଧ ନେବାକୁ ସେମାନେ ନିଶ୍ଚୟ ଆସିବେ ।

ପାର୍ବତୀ – ସେଇ ଚମ୍ପାଗଛମୂଳେ ମୁଁ ସେମାନଙ୍କ ଅପେକ୍ଷାରେ ରହୁଚି । ତୁମେ ଯାଅ ପ୍ରଭୁ ! ଶିଖର ଉପରେ ବିଶ୍ରାମ ନିଅ ।

[ଶିବଙ୍କ ପ୍ରସ୍ଥାନ । ପାର୍ବତୀ ଚମ୍ପାଗଛମୂଳରେ ଯାଇ ବସିଲେ । କିଛିକ୍ଷଣ ପରେ ଆସିଲେ କୀର୍ତ୍ତି ଆଉ ବାସ]

କୀର୍ତ୍ତି – ବାସ !

ବାସ – ଭାଇ !

କୀର୍ତ୍ତି – ମୋର ଆଶଙ୍କା ହେଉଥିଲା ସେଇ ସୁନ୍ଦରୀ ବିଦେଶିନୀ ଆମ ଭୟରେ ବନର ଅପର ପ୍ରାନ୍ତରେ କୋଉଠି ଲୁଚି ରହିଥିବ ।

ବାସ – ମାତ୍ର କାହିଁ ? ବନର ସେ ପ୍ରାନ୍ତ ତ ଆମେ ତନ୍ନ ତନ୍ନ କରି ଖୋଜିଲେ, ତାର ସନ୍ଧାନ ମିଳିଲା ନାହିଁ ।

କୀର୍ତ୍ତି – ତାର ସେ ପୂର୍ବ ସ୍ଥାନ – ସେଇ ଚମ୍ପାଗଛ . . .

ବାସ – ମୋର ବିଶ୍ୱାସ ନାହିଁ ସେ ସ୍ଥାନରେ ସେ ଏପର୍ଯ୍ୟନ୍ତ ଥିବ ।

କୀର୍ତ୍ତି – ତେବେ ବି ଥରେ ଯାଇ ଦେଖିବା !

ବାସ – (ଅଳ୍ପ ଦୂରରୁ) ଭାଇ ! ସେଇ ଗୋପାଳିନୀ . . . ସେଇ ଚମ୍ପାଗଛ ।

କୀର୍ତ୍ତି – ହାଃ-ହାଃ-ହାଃ । (ପାଖକୁ ଆସି) ବାସ ! ତୁ ସେ ପାଖରେ ରହ, ମୁଁ ଏ ପାଖରେ ରହୁଚି – ପଳାଇଯିବାର ଯେମିତି ବାଟ ନଥିବ ।

ବାସ – ରହିଲି ଭାଇ !

କୀର୍ତ୍ତି – ହଁ, ଗୋପାଳିନୀ ! ଆଜି ଏକାବେଳକେ ନୀରବ ଯେ ! କ'ଣ ଜିଭ ତାଳୁ ଶୁଖି ଅଠା ହେଇଗଲାଣି ?

ବାସ – କଣ କହୁଥିଲୁ ତୁ ? ଆମର ମତି-ବିଭ୍ରମ ଘଟିଚି ?

କୀର୍ତ୍ତି – ଆମେ ଲମ୍ପଟ, କାମୁକ, କୁପୁରୁଷ ?

ବାସ – ତୋର ଚରଣଚିହ୍ନ ସୁଦ୍ଧା ଆମେ ସ୍ପର୍ଶ କରିପାରିବୁ ନାହିଁ ?

କୀର୍ତ୍ତି – ଆଉ ବର୍ତ୍ତମାନ ? ଥରେ ସିନା ଠକି ଚାଲିଗଲୁ – ବର୍ତ୍ତମାନ ?

ପାର୍ବତୀ – ବର୍ତ୍ତମାନ କ'ଣ କରିବ ତୁମେ ?

କୀର୍ତ୍ତି, ବାସ – (ଅଟ୍ଟହାସ୍ୟ)

କୀର୍ତ୍ତି – କଣ କରିବୁ ?

Digitized by srujanika@gmail.com

(ଗୀତ)

ଆଲୋ ଗୋପାଳିନୀ ଗରବିଣୀ ନାରୀ
ଗରବ ତୋହର ଫଟାଇବୁ,
ତୋ ଅଙ୍ଗେ ଅନଙ୍ଗ କାମଜ୍ୱାଳା ନୁହେଁ
ବିଷଜ୍ୱାଳା ଏବେ ଛୁଟାଇବୁ । ୦ ।
ଚାହିଁଥିଲୁ ତୋର ଚରଣର ଦାସ
ହୋଇ ରହିଥାନ୍ତୁ ଆମେ କୀର୍ତ୍ତି-ବାସ
କଥା ଲେଉଟିଲା, ତୋ ମଥାକୁ ଏବେ
ଆମ ପାଦତଳେ ଲୋଟାଇବୁ । ୧ ।
ବନଚାରିଣୀ ତୋ ହୀନ ବାସଯୋଗ
ତୁ କାହୁଁ ବୁଝିବୁ ରାଜସିକ ଭୋଗ
ଉଆସରେ ନୁହେଁ ଉଆସ ବାହାରେ
ଦାସୀପଣେ ତୋତେ ଖଟାଇବୁ । ୨ ।
କନ୍ଦର୍ପ ସୁନ୍ଦର ରୂପ ନ ଚିହ୍ନିଲୁ
ଶୂର-ବୀର-ରାଜପୁତ୍ରେ ଧିକ୍କାରିଲୁ
ମୋତିମୂଲ୍ୟ କାହୁଁ ମର୍କଟ ବୁଝିବ
ତୋ ଭାଗ୍ୟ ପତର ଗୋଟାଇବୁ । ୩ ।

କୀର୍ତ୍ତି – ଏବେ ବୁଝିଲୁ ତ ଆମେ କ'ଣ କରିବୁ ? ତୋ ଗର୍ବ ଚୂନା ହୋଇଯିବ । ତୋର ଏ ରୂପ ଆଉ ରହିବ ନାହିଁ, ଯୌବନ ମାଟିରେ ମିଶିଯିବ ।

ପାର୍ବତୀ – (ମଧୁର ଗଳାରେ) ପ୍ରିୟତମ !

କୀର୍ତ୍ତି – (ଆଶ୍ଚର୍ଯ୍ୟରେ) ପ୍ରିୟତମ !

ବାସ – ଭାଇ, ଏଠି କିଏ କାହାକୁ କହିଲା ପ୍ରିୟତମ ?

କୀର୍ତ୍ତି – ଗୋପାଳିନୀ !

ପାର୍ବତୀ – (ଅଳ୍ପ ମଧୁର ହସ)

କୀର୍ତ୍ତି – (ଖୁସିରେ) ତା'ହେଲେ . . . ତା'ହେଲେ ତୁମେ କହିଚ ! ମାତ୍ର ଏଠି ତ ଆମେ ଦୁହେଁ ଅଛୁ – କାହାକୁ ତୁମେ କହିଲ ?

ପାର୍ବତୀ – ମୁଁ ଆଉ ପାରିବି ନାହିଁ । ମୋର ଦୁଇ ପାଖରେ ଦୁଇ ବୀର

Digitized by srujanika@gmail.com

ପୁରୁଷ, ବର ପୁରୁଷ, କନ୍ଦର୍ପ ସୁନ୍ଦର ରାଜପୁତ୍ର ଥାଉଁ ଥାଉଁ ମୁଁ ଆଉ କାହାକୁ କହିବି ପ୍ରିୟତମ ?
କୀର୍ତ୍ତି – ଶୁଣିଲୁଟି ବାସ – ମୁଁ ସେତେବେଳେ କଣ କହୁଥିଲି ?
ବାସ – ହଁ ଭାଇ, ସେତେବେଳେ ତୁମେ କହୁଥିଲ – ମୁଁ ମଧ କହୁଥିଲି । ପଛକୁ ସବୁ ଓଲଟପାଲଟ ହୋଇଗଲା ।
କୀର୍ତ୍ତି – ଆଚ୍ଛା, ଗୋପାଳିନୀ !
ପାର୍ବତୀ – କୁହ . . .
କୀର୍ତ୍ତି – ଏବେ ତ ଆମ ଭିତରେ ଗୋପନ କିଛି ନାହିଁ, ସତ କୁହ, ତୁମେ ଆମକୁ ଠକିଲ କାହିଁକି ?
ପାର୍ବତୀ – ମୁଁ ଠକି ନାହିଁ ତ !
ବାସ – ଆମକୁ ତେବେ ଭୂଆଁ ବୁଲେଇ କୁଆଡ଼େ ଚାଲିଗଲ ?
ପାର୍ବତୀ – ମୁଁ ପରୀକ୍ଷା କରୁଥିଲି ।
କୀର୍ତ୍ତି – କାହାକୁ ? ଆମକୁ ?
ପାର୍ବତୀ – ନାଁ . . . ମୋର ଭାଗ୍ୟକୁ ।
ବାସ – ତମ ପରି ନାରୀରତ୍ନର ପୁଣି ଭାଗ୍ୟପରୀକ୍ଷା କ'ଣ ?
ପାର୍ବତୀ – ଅତୀତରେ ମୁଁ ଠକିଯାଇଚି – ସେଇଥିପାଇଁ ଏ ଭାଗ୍ୟପରୀକ୍ଷା । ସେଇଥିପାଇଁ ଉପର ମନରେ ଧିକ୍କାର କରି ତମ ବାଟ ଜଗି ବସିଥିଲି । ଯଦି ମୁଁ ଭାଗ୍ୟହୀନା ହୋଇଥାନ୍ତି, ତୁମେ ଆଉ ମୋ ମୁହଁ ଚାହିଁନଥାନ୍ତ । କିନ୍ତୁ ମୁଁ ଭାଗ୍ୟବତୀ ବୋଲି ତୁମେ ଦୁହେଁ ମତେ ଖୋଜି ଖୋଜି ଏଠିକି ଆସିଲ, ମୁଁ ତୁମ ଦର୍ଶନ ଲାଭକଲି ।
କୀର୍ତ୍ତି – ହାୟ, ହାୟ . . . ତୁମେ କେବଳ ରୂପବତୀ ନୁହଁ, ତୁମେ ବୁଦ୍ଧିମତୀ । କେବଳ ବୁଦ୍ଧିମତୀ ନାରୀମାନେ ହିଁ ଏଭଳି କଥା କହିଥାନ୍ତି । ଏବେ ତୁମ ଶ୍ରୀମୁଖରୁ ଆଜ୍ଞା ହେଉ ଗୋପାଳିନୀ !
ପାର୍ବତୀ – ଆଜ୍ଞା ତୁମେ ଦେବ କୀର୍ତ୍ତି-ବାସ . . . ମୁଁ ଆଜ୍ଞା ପାଳିବି । ମୁଁ ହେବି ତୁମ ଉଆସର ରାଣୀ ।
ବାସ – ଆଃ . . . ଏ ଚମ୍ପାଫୁଲର ବାସ ପାରିଜାତର ମହକକୁ ବଳିଗଲା ।
କୀର୍ତ୍ତି – ଏ ପବନ ତ ପବନ ନୁହେଁ – ଶୀତଳ ଚନ୍ଦନର ପ୍ରଲେପ ।
ବାସ – ଏବେ ଆସ ଦେବୀ, ଉଆସକୁ ଯିବା ।

Digitized by srujanika@gmail.com

କୀର୍ତ୍ତି – ତୁମର ଉଆସଯାତ୍ରା ପାଇଁ ଆମର ଆଜ୍ଞା ମାତ୍ରକେ ବାଜା, ବାଜଣା, ରଥ, ରଥୀ, ଶିବିକା . . .

ପାର୍ବତୀ – ମୁଁ ଜାଣେ, ସବୁ ଆସି ଉପସ୍ଥିତ ହେବ । ମହା ଆଡ଼ମ୍ବରରେ ମୁଁ ଉଆସ ଯାତ୍ରା କରିବି । ମାତ୍ର ଗୋଟିଏ ସର୍ତ୍ତରେ . . .

କୀର୍ତ୍ତି – ତୁମର ଲକ୍ଷେ ସର୍ତ୍ତ ଆମେ ପୂରଣ କରିବୁ । କୁହ, କି ସର୍ତ୍ତ ?

ପାର୍ବତୀ – ମୁଁ ଏକ କଠୋର ବ୍ରତ ପାଳନ କରିଚି । ଯିଏ ମୋର ସେଇ ବ୍ରତ ପୂରଣ କରିବ, ମୁଁ ତାକୁଇ ବିବାହ କରିବି । ଆଉ ମୁଁ ଜାଣେ, ତୁମେମାନେ ଏଥିପାଇଁ ଉପଯୁକ୍ତ । ସେ ବ୍ରତ ପୂରଣର ଶକ୍ତି ଆଉ ସାମର୍ଥ୍ୟ ତୁମର ରହିଚି ।

କୀର୍ତ୍ତି – ଧନ୍ୟ, ଧନ୍ୟ ଦେବୀ ! ତୁମେ ଉଚିତ କଥା ହିଁ କହିଚ । ତୁମ ପାଇଁ ଏ ତ୍ରିଭୁବନରେ ଆମର କୌଣସି କର୍ମ କଠୋର ନୁହେଁ । ଏବେ କୁହ ତୁମ ବ୍ରତକଥା ।

ପାର୍ବତୀ – (ଗୀତ)

ମନ ଧ୍ୟାନ ଦେଇ ଶୁଣ ହେ କୀର୍ତ୍ତି କୁମାର,
ଶୁଣ ହେ କୀର୍ତ୍ତି କୁମାର,
ଶୁଣ ବାସ ମୋ କାହାଣୀ ମୋ ବ୍ରତ ବେଭାର
ଠିକେ କହୁଚି ବୁଝାଇ,
ବୁଝିବ ମୋ ମନକଥା ତୁମେ ବେନି ଭାଇ,
ଠିକେ କହୁଚି ବୁଝାଇ । ୧ ।
ଦେଖୁଚ ଏ ପୁଣ୍ୟ ପୀଠ ଏକାମ୍ରକାନନ,
ପୀଠ ଏକାମ୍ରକାନନ,
ଆଡ଼ଦୀର୍ଘ ପଞ୍ଚକ୍ରୋଶ ଅଟେ ଆୟତନ
ଏଥି ପୂରିବ ମୋ ବ୍ରତ,
ସାକ୍ଷୀ ଯକ୍ଷ ରକ୍ଷ ନର ଦେବତା ଜାଗ୍ରତ
ଏଥି ପୂରିବ ମୋ ବ୍ରତ । ୨ ।
କିଏ ସେ ପୁରୁଷ କୁହ ତା' କାନ୍ଧେ ଚରଣ,
ରଖି ତା କାନ୍ଧେ ଚରଣ,
ହୋଇବି ମୁଁ ଛିଡ଼ା, ସେହୁ ଭ୍ରମିବ ଏ ବନ

Digitized by srujanika@gmail.com

ଏକ ଶ୍ୱାସେ ତିନିବାର,
ବ୍ରତ ହେବ ପୂର୍ଣ୍ଣ ମୁହିଁ ହେବି ପତ୍ନୀ ତାର,
ଏକ ଶ୍ୱାସେ ତିନିବାର । ୩ ।

ପାର୍ବତୀ – ଏଇ ମୋର ବ୍ରତ । ମୁଁ କାନ୍ଧରେ ଠିଆ ହୋଇଥିବା ପର୍ଯ୍ୟନ୍ତ ମୋ ଅଙ୍ଗ ସ୍ପର୍ଶ କରିବ ନାହିଁ କି ମଥା ଟେକି ଉପରକୁ ଚାହିଁବ ନାହିଁ, ତେବେ ଯାଇ ମୋ ବ୍ରତ ପୂର୍ଣ୍ଣ ହେବ ।

କୀର୍ତ୍ତି – ଇଏ ତ ଅତି ଆନନ୍ଦର କଥା ଦେବୀ ! ପ୍ରଥମରୁ ହିଁ ଆମେ କହିଚୁ, ଆମେ ହେବୁ ତୁମ ଚରଣର ଦାସ । ବର୍ତ୍ତମାନ ତୁମେ ଆମ କାନ୍ଧରେ ଚରଣ ଥୋଇ ଛିଡ଼ାହେବ, ଆମେ ତମକୁ ବହନ କରିବୁ – ଅତି ଆନନ୍ଦର କଥା ।

ପାର୍ବତୀ – କିନ୍ତୁ ମନେରଖ– ଏ ଏକାମ୍ରର ଆୟତନ ହେଉଚି ପାଞ୍ଚକ୍ରୋଶ । ଏ ପାଞ୍ଚକ୍ରୋଶ ମତେ କାନ୍ଧରେ ରଖି ତୁମେ ଥରେ ନୁହେଁ, ତିନିଥର ଭ୍ରମଣ କରିବ ।

ବାସ – ପାଞ୍ଚକ୍ରୋଶ ! ଛାର ପାଞ୍ଚକ୍ରୋଶ ! ତୁମକୁ କାନ୍ଧରେ ରଖି ଆମେ ପାଞ୍ଚଶହ କ୍ରୋଶ ଆୟତନ ଏକାନିଃଶ୍ୱାସରେ ତିନିଶହ ଥର ଭ୍ରମି ଆସିବୁ । ପାଦେ ବଢ଼େଇଲେ ପରା ଆମେ କ୍ରୋଶେ ମାଡ଼ିଯିବୁ ।

ପାର୍ବତୀ – ପ୍ରକୃତରେ ତୁମେ ବୀର । ମହାବୀରଠୁ ବଳି ମହା– ମହାବୀର ।

କୀର୍ତ୍ତି – ମାତ୍ର ଦେବୀ, ଆମର ଗୋଟିଏ ବ୍ରତ ଅଛି ।

ପାର୍ବତୀ – (ଡରିଯାଇ) କି ବ୍ରତ !

କୀର୍ତ୍ତି – ଆମେ ଯେତେବେଳେ ବିବାହ କରିବୁ, ଆମେ ଦୁହେଁ ଗୋଟିଏ ସ୍ତ୍ରୀକୁ ବିବାହ କରିବୁ । ଆମେ ଦୁଇ ସ୍ୱାମୀ, ଆମର ଗୋଟିଏ ସ୍ତ୍ରୀ ।

ପାର୍ବତୀ – ଓ, ତୁମେ ଦୁଇ ଭାଇ ମତେ ବିବାହ କରିବ ?

ବାସ – ହଁ, ଦେବୀଙ୍କର କଣ ସେଥିରେ ଆପତ୍ତି ଅଛି ?

ପାର୍ବତୀ – ନା-ନା, ସେ ବିଚାର ତୁମ ଦୁହିଁଙ୍କର – ମୁଁ ଆପତ୍ତି କରିବି କାହିଁକି ? ବରଂ ମୁଁ ଖୁସି ହେବି । ମୋର ଦୁଇ ସ୍ୱାମୀ । ଜଣକ ପାଖରେ ମୁଁ ଅଭିମାନ କଲେ ଆର ଜଣକ ମୋ ମାନଭଞ୍ଜନ କରିବ । ଜଣେ ମତେ ସ୍ୱର୍ଗପୁରୀ ଦର୍ଶନ କରାଇଲେ ଆଉ ଜଣେ ପାତାଳପୁରୀକୁ ନେବ । ଆଉ ଯେତେବେଳେ ମୋ ପାଇଁ ତୁମ ଦୁଇଜଣଙ୍କ ଭିତରେ କଳିକଜିଆ ହେବ,

Digitized by srujanika@gmail.com

ମୁଁ ସେତେବେଳେ ଉଆସ ପଛପଟ ଫୁଲ ବଗିଚାରେ ଏକୁଟିଆ ବସି ଗୀତ ଗାଇବି । ଫଳରେ ତୁମେମାନେ ଜାଣିବ ଯେ ମୁଁ କାହାରି ପ୍ରତି ପକ୍ଷପାତ କରୁନାହିଁ – କଳି ତୁମର ଆପେ ଆପେ ଭାଙ୍ଗିଯିବ ।

କୀର୍ତ୍ତି – ବାଃ-ବାଃ-ବାଃ ! କି ବୁଦ୍ଧି ! କି ବିଚାର ! କ୍ଷଣକୁ କ୍ଷଣ ତୁମେ ଆମର ମନକୁ କିଣିନେଉଚ ଦେବୀ !

ବାସ – ହଉ, ଏଥର ଆସ ଦେବୀ, ଆମ କାନ୍ଧରେ ପାଦ ରଖି ଛିଡ଼ା ହୁଅ । ଆମେ ପ୍ରସ୍ତୁତ ।

ପାର୍ବତୀ – ଟିକିଏ ରୁହ । କାନ୍ଧରେ ଛିଡ଼ାହେବା ପୂର୍ବରୁ ମୁଁ ଇଷ୍ଟନାମ ସ୍ମରଣ କରିନିଏଁ । (ମନକୁମନ) ହେ ପ୍ରଭୁ ମହେଶ ! ହେ ଭୁବନେଶ୍ୱର ! ତୁମେ ମୋର ଇଷ୍ଟଦେବ । ତୁମକୁ ସ୍ମରଣ କରି ମୁଁ ତୁମରି ନିର୍ଦ୍ଦେଶ ପାଳନ କରୁଛି । (ପ୍ରକାଶ୍ୟେ) ହଁ, ଏବେ ମୁଁ ପ୍ରସ୍ତୁତ ।

କୀର୍ତ୍ତି – ଆମେ ବସୁଚୁ ଦେବୀ ! ତୁମେ ଏବେ ଆମ କାନ୍ଧରେ ଧୀରେ ପାଦ ରଖି ଛିଡ଼ାହୁଅ ।

[କୀର୍ତ୍ତି ଓ ବାସ ଦୁହେଁ ବସିଗଲେ]

ପାର୍ବତୀ – ଧୀରେ ଧୀରେ ପାଦ ରଖିବି ? କାହିଁକି – ତୁମକୁ ବାଧିବ ?

କୀର୍ତ୍ତି – ନା-ନା, ଆମକୁ ନୁହେଁ, କାଳେ ତମ ଶ୍ରୀଚରଣକୁ ବାଧିବ ।

ପାର୍ବତୀ – (ହସି) ଆଚ୍ଛା, ଆଚ୍ଛା ।

[ପାର୍ବତୀ ଦୁହିଁଙ୍କ କାନ୍ଧରେ ପାଦରଖି ଛିଡ଼ାହେଲେ]

ବାସ – ଆମେ ତା'ହେଲେ ଉଠୁଚୁ ?

ପାର୍ବତୀ – ଉଠ । ପ୍ରଥମେ ପୂର୍ବମୁଖ ହୋଇ ଚାଲ ।

କୀର୍ତ୍ତି – ଭଲ କଥା । ଯାହା ତମର ଇଚ୍ଛା... (ଟିକିଏ ରହି) ଦେବୀ !

ପାର୍ବତୀ – କ'ଣ ହେଲା ?

କୀର୍ତ୍ତି – ତୁମେ... ତୁମେ ଆମ କାନ୍ଧରେ ଛିଡ଼ାହେଇଚ ତ ?

ପାର୍ବତୀ – ହଁ, ଛିଡ଼ାହେଇଚି ।

ବାସ – ଆମେ ଜାଣିପାରୁନୁ !

ପାର୍ବତୀ – ଜାଣିପାରୁନ ? ଏଇ ପରା ମୋ ହାତରେ ମୁଁ କେନ୍ଦୁବାଡ଼ି ଧରିଚି, ଦେଖିପାରୁଚ ?

କୀର୍ତ୍ତି – ଆମ ଆଖିଆଗରେ ତୁମ କେନ୍ଦୁବାଡ଼ି ଆମେ ଦେଖୁଚୁ ଯେ,

Digitized by srujanika@gmail.com

ହେଲେ ତୁମ ଦେହ ଏତେ ଉଶ୍ୱାସ !! ଆମେ ଜାଣିପାରୁନୁ ଆମ କାନ୍ଧ ଉପରେ ତୁମ ପାଦ ଅଛି କି ଅଛି ଗୋଟାଏ ଫୁଲତୋଡ଼ା !

ପାର୍ବତୀ – ଓ, ଏଇଥା ?

ବାସ – ତମକୁ କାନ୍ଧରେ ଛିଡ଼ାକରାଇ ଆମ ମନ ଏତେ ଖୁସି ଯେ, ମନ ହଉଚି ଆମେ ନାଚି ନାଚି ଯିବୁ ।

ପାର୍ବତୀ – ଭଲକଥା – ନାଚି ନାଚି ଯାଅ ।

କୀର୍ତ୍ତି – ତମେ କାଳେ ପଡ଼ିଯିବ ?

ପାର୍ବତୀ – ପଡ଼ିଲେ ପରା ମୋ ବ୍ରତ ଭଙ୍ଗ ହେବ, ମୁଁ ପଡ଼ିବି କେମିତି ? ତମେ ନାଚି ନାଚି ଚାଲ ।

କୀର୍ତ୍ତି ଓ ବାସ – ହଉ । [ଦୁହେଁ ନାଚି ନାଚି ଯିବାକୁ ଲାଗିଲେ]

କୀର୍ତ୍ତି – ଦେବୀ !

ପାର୍ବତୀ – ପୁଣି କଣ ହେଲା ?

ବାସ – ଏ ନାଚ ସାଙ୍ଗକୁ ଗୀତ ଗାଇବାକୁ ଆମର ମନ ହଉଚି ।

ପାର୍ବତୀ – ଗୀତ ଗାଇବ ? କାହିଁକି ?

କୀର୍ତ୍ତି – ତମେ ତ କାନ୍ଧ ଉପରେ ଠିଆହେଇ – ନାଚ ଦେଖିପାରୁନ । ଗୀତ ଶୁଣି ତମ ମନ ଖୁସି ହେବ ।

ପାର୍ବତୀ – ଆହା, ମତେ ଖୁସି କରିବା ପାଇଁ ତୁମେ ଦୁଇ ଭାଇ ଚାହୁଁଚ ? ହଉ, ଗୀତ ଗାଅ ।

କୀର୍ତ୍ତି ଓ ବାସ – (ଗୀତ)

ଚମ୍ପାଡାଳେ ପାରିଜାତ ମହକ ଭଲା
କିଏ ପାଇଚ କାହିଁ,
ଚମ୍ପାମୂଳେ ପାରିଜାତ ଚମକ ଭଲା
କିଏ ଦେଖିଚ କାହିଁ ?

ଆମେ ନନ୍ଦନକାନନ କରି ଜୁର
ଚୋରି କରିନୁ ଏ ପାରିଜାତ ଫୁଲ,
ସେ ତ ଇନ୍ଦ୍ରାଣୀ ଗଭାର ଶୋଭା ତେଜି
ଆସି ଆମରି ମୁକୁଟ ଦେଲା ସାଜି,
ରଜାପୁଅ କାନ୍ଧେ ଉଭା ଗୋପାଳିନୀଟି

Digitized by srujanika@gmail.com

କିଏ ଦେଖିଚ କୁହ ?
ଏକା ଗୋପାଳିନୀ ଇନ୍ଦ୍ରେ ରାଜରାଣୀଟି
ତାକୁ ସରି ତ ନୁହଁ । ୧ ।
ଆମେ ଗୋପ କେଳିପୁର କରି ଲୁଟି
ତହୁଁ ଗୋଟାଇ ଆଣିନୁ ବାମା ଗୋଟି,
ସେ ତ ଆମ ଭାଗ୍ୟବଳେ ଦେଲା ଧରା
ଆମେ ଧରାକୁ ମଣିଲୁ ତୁଚ୍ଛ ସରା,
ନାରୀ ନୁହେଁ, ଫୁଲଭାର କାନ୍ଧରେ ବୋହି
ଆମେ କରୁ ଭ୍ରମଣ
ତିନି ପାଦେ ତିନି ଥର କ୍ଷେପିବୁ ହେଲେ
ଏଇ ଏକାମ୍ର ବଣ । ୨ ।
ଏଇ ଏକାମ୍ର ଶୋଭାକୁ ପାଦେ ଦଳି
ଆମେ କୁବେରପୁରୀକୁ ଯିବୁ ଚଳି,
ଭାଙ୍ଗି ଆଣିବୁ ତାହାର ଗନ୍ତାଘର
ଶୁଣିଥାଅ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର,
ଗୋପାଳିନୀ ପାଦତଳେ ମଣି ମୁକୁତା
ସବୁ ଭେଟିବୁ ଆଣି
ବ୍ରତ ହେବ ପୂର୍ଣ୍ଣ, ହେବ ଗୋପବାଳା ସେ
ଆମ ଦୁହିଁଙ୍କ ରାଣୀ । ୩ ।

ବାସ – ଗୀତ କେମିତି ଲାଗିଲା ଦେବୀ ?

ପାର୍ବତୀ – ଯେମିତି ଗୀତ, ଯେମିତି ତୁମେ ଗାଇଲ, ମତେ ଠିକ୍ ସେମିତି ଲାଗିଲା ।

କୀର୍ତ୍ତି – ମନଫୁଲାଣିଆ ଗୀତ ଦେବୀଙ୍କୁ ନିଶ୍ଚେ ଭଲଲାଗିଥିବ ।

ବାସ – ଦେବୀ ମ !

ପାର୍ବତୀ – କୁହ ।

ବାସ – ନାଚ-ଗୀତ ତ ହେଲା – ଆମେ ଏଣିକି ବଡ଼ ବଡ଼ ପାହୁଣ୍ଡ ପକେଇ ଯିବୁ ।

ପାର୍ବତୀ – ଏଇ ଯାହା ଗୀତରେ ଗାଉଥିଲ ?

Digitized by srujanika@gmail.com

କୀର୍ତ୍ତି – ହଁ, ତିନି ପାଦରେ ଆମେ ଏ ଏକାମ୍ର ବନ ତିନି ଥର ପରିକ୍ରମା କରିବୁ ।

ପାର୍ବତୀ – ହଉ, ଏବେ ପାହୁଣ୍ଡ ପକେଇ ଚାଲ ।

କୀର୍ତ୍ତି – ତୁମେ ପଡ଼ିଯିବ ନାହିଁ ତ ?

ପାର୍ବତୀ – ଓହୋ, ପଡ଼ିଲେ ମୁଁ ପଡ଼ିବି, ସେଥିରେ ତୁମର କଣ ଅଛି ? ତୁମେ ଚାଲ ।

କୀର୍ତ୍ତି – ବାସ ! ମୋ ପାଦ ସାଙ୍ଗରେ ପାଦ ମିଳେଇ ପାହୁଣ୍ଡ ପକା ।

ବାସ – ପକେଇଲି ।

କୀର୍ତ୍ତି – ହୁଁ . . .

ବାସ – ହୁଁ . . .

(ଦୁହେଁ ବଡ଼ ପାହୁଣ୍ଡ ପକେଇବାର ପ୍ରୟାସ କଲେ । କିନ୍ତୁ ପାରିଲେ ନାହିଁ । ଦୁହେଁ ଭାରାକ୍ରାନ୍ତ ହୋଇପଡ଼ିଲେ ।)

କୀର୍ତ୍ତି – ବାସ !

ବାସ – କଣ ହେଲା ଭାଇ ?

କୀର୍ତ୍ତି – ମୋ ପାଦ...

ବାସ – ଚଳୁନାହିଁ ତ ?

କୀର୍ତ୍ତି – ନା ।

ବାସ – ମୋ ପାଦ ବି ଚଳୁନାହିଁ ।

କୀର୍ତ୍ତି – କାହିଁକି ଏମିତି ହେଲା ?

ବାସ – ତୁମେ. . . ତୁମେ ବୁଝି ପାରୁଚ ତ ଭାଇ ? ଆମ. . . ଆମ କାନ୍ଧ ଉପରେ ଯେମିତି ଗୋଟାଏ ପାହାଡ଼ ଲଦିହୋଇଯାଉଚି ! ଓଃ. . .

କୀର୍ତ୍ତି – ତୁ... ତୁ ଠିକ୍ କହିଚୁ ବାସ ! ଫୁଲ ପରି ଉଶ୍ୱାସ ଦେହଟା କ୍ରମେ ପାହାଡ଼ ପରି ଗୁରୁ ହେଇ ଆସିଲାଣି – କଣ ଏ ରହସ୍ୟ !

ବାସ – ଆଃ ! ମୋ କାନ୍ଧ ଫାଟି ଫାଟି ଯାଉଚି ।

କୀର୍ତ୍ତି – ମୋ ମେରୁଦଣ୍ଡ ହାଡ଼ ଯେମିତି ଚୂନା ହେଇଗଲାଣି । ଓଃ !... ଦେବୀ ! ଆମ କାନ୍ଧ ଉପରୁ ତୁମେ ଓହ୍ଲାଇଯାଅ ଦେବୀ !

ପାର୍ବତୀ – ଓହ୍ଲେଇଯିବି ? କାହିଁକି ?

ବାସ – ଆମେ ଆଉ ପାରୁନୁ ଦେବୀ... ତମକୁ ଆଉ ବହନ କରିପାରୁନୁ ।

Digitized by srujanika@gmail.com

ତୁମେ ଓହ୍ଲେଇଯାଅ । ଓଃ... ଓଃ...

ପାର୍ବତୀ – ତୁମେମାନେ ପରା ତ୍ରିଭୁବନ ଜୟ କରିଚ ? ସ୍ୱର୍ଗପୁରୀକୁ ଶ୍ମଶାନରେ ପରିଣତ କରିଚ ? ଧରାକୁ ସରାଜ୍ଞାନ କରିଚ ? ପାତାଳପୁରୀକୁ ପଦାନତ କରି ରଖିଚ ? ଗୋଟାଏ ସାମାନ୍ୟ ନାରୀକୁ କାନ୍ଧରେ ରଖିପାରୁନ ?

କୀର୍ତ୍ତି – ସେ ବିଚାର ତମର ନୁହେଁ ଦେବୀ – ତୁମେ ଓହ୍ଲେଇଯାଅ । ଓ-ହ୍ଲେ-ଇ-ଯା-ଅ... ଆଃ–ଆଃ–ତା ନହେଲେ... ତୁମେ–ତୁମେ ଆଉ ଏ ମାୟା ରଚନା ନକରି ଏ ଗୁରୁଭାବ ତ୍ୟାଗ କର । ତମର ପୂର୍ବ ଅବସ୍ଥାନକୁ ଫେରିଆସ । ଆଃ...

ପାର୍ବତୀ – ଫେରିଯିବି ? ପୁଣି ଫୁଲ ପରି ଉଶ୍ୱାସ ଦେବି ? ମୁଁ ଉଶ୍ୱାସ ହେଲେ ତମମାନଙ୍କ ଅତ୍ୟାଚାରରୁ ଏ ତ୍ରିଭୁବନ ମୁକ୍ତ ହେବ କେମିତି ? କେମିତି ଏ ପ୍ରାଣୀଜଗତ୍ ଶାନ୍ତିରେ ନିଶ୍ୱାସ ମାରିବେ ?

[କୀର୍ତ୍ତି-ବାସ ଦୁହେଁ କ୍ରୋଧାନ୍ୱିତ ହୋଇଉଠିଲେ]

କୀର୍ତ୍ତି – ବୁଝିଲି, ଆମର ମୃତ୍ୟୁଭେଦ ତୋତେ ଜଣା । ସେଇଥିପାଇଁ ଏ ମାୟା ବିସ୍ତାର କରି ତୁ ଆମର ପ୍ରାଣ ନେବାକୁ ଆସିଚୁ । ହେଲେ, ଶୁଣ୍ ମାୟାବିନୀ ! ତୋର ଏ ମାୟାକୁ ଆମର ଭ୍ରୂକ୍ଷେପ ନାହିଁ । ଆମେ ଅସୁରଜାତି । ଶିରାଘାତ୍‌ରେ ପର୍ବତ ଟାଳିଦେଇପାରୁ । ତୋର ଏ ମାୟା-ପର୍ବତ ବିସ୍ତାରକୁ ମୁଁ ପବନରେ ତୂଳା ପରି ଉଡ଼େଇ ଦେବି... ଏଇ ଖଡ଼୍‌ଗାଘାତରେ...

ପାର୍ବତୀ – ଖଡ୍‌ଗାଘାତ ! ହାଃ-ହାଃ-ହାଃ...

[ନିଜର ଯଷ୍ଟିରେ ଖଡ୍‌ଗାଘାତକୁ ପ୍ରତିହତ କଲେ]

କୀର୍ତ୍ତି – ଏଁ ! ଏ କଣ ? ଗୋପାଳିନୀ ହାତର ଯଷ୍ଟି ଆଘାତରେ ମୋ ହାତର ଖଡ୍‌ଗ ଖସି ତଳେ ପଡ଼ିଲାଣି !... ବାସ !

ବାସ – ଉପାୟ ନାହିଁ ଭାଇ ! ଆଃ ! ତଳୁ ଖଡ୍‌ଗ ଉଠାଇ ଆଣିବାର ଶକ୍ତି ନାହିଁ ।

ପାର୍ବତୀ – ମୋର ମାୟାକୁ ଭ୍ରୂକ୍ଷେପ ନାହିଁ ପରା ? ଏଇ ଦେଖ, ମୋର କାୟା ବିସ୍ତାର କରି, ମୋ ଶରୀରରେ ସୁମେରୁ କୁମେରୁର ଶକ୍ତି ନେଇ, ମୁଁ ତୁମ ଦୁହିଁଙ୍କୁ ମୋ ପାଦରେ ଦଳନ କରୁଚି ।

Digitized by srujanika@gmail.com

କୀର୍ତ୍ତି ଓ ବାସ – ଆଃ... ଆଃ !

ବାସ – ମୋର . . . ମୋର ଆଖିଡୋଳା ଫାଟି ରକ୍ତ ବାହାରି ଆସୁଚି ଭାଇ ! ଆଃ . . .

କୀର୍ତ୍ତି – ମୋର ଶ୍ୱାସ ରୁଦ୍ଧ ହୋଇ... କଣ୍ଠ ତାଳୁ ଶୁଖିଯାଉଚି ।

ପାର୍ବତୀ–ଏକାମ୍ରବନ ଧ୍ୱଂସ କରିବ ? ସତୀର ସତୀତ୍ୱ ହରଣ କରିବ, ନା ?

ବାସ – ଏ ଭାରା ସହିହେଉନି ।... ଆଃ ! ଆମ ପାଦତଳର ମାଟି... ଦୁଇ ଭାଗ ହେଇଯାଉଚି ।

କୀର୍ତ୍ତି – ଆଉ ରକ୍ଷା ନାହିଁ ବାସ ! ଆମେ... ଆମେ ମାଟି ଭିତରକୁ ଧସିଯାଉଚୁ ।

ପାର୍ବତୀ – ହଁ, ମୋ ପାଦରେ ଏମିତି ଦଳି ମକ୍ଚି ମୁଁ ତମ ଦୁହିଁଙ୍କୁ ମାଟିତଳେ ମିଶାଇଦେବି ।

କୀର୍ତ୍ତି ଓ ବାସ – ଆଃ... ଆ...

[ଦୁହିଁଙ୍କ ମୃତ ଦେହ ମାଟିତଳେ ବିଲୀନ ହୋଇଗଲା । କୋପାନ୍ୱିତା ପାର୍ବତୀଙ୍କ ସମ୍ମୁଖରେ ଆସି ଉଭାହେଲେ ମାତା ବସୁନ୍ଧରା ।]

ବସୁନ୍ଧରା – ମା'... ମା' ପାର୍ବତୀ ! ମା ଦେବୀ ଭଗବତୀ ! କୋପ ତେଜି ଶାନ୍ତ ହୁଅ ମା' – ଶାନ୍ତ ହୁଅ !

ପାର୍ବତୀ – କିଏ ? କିଏ ତୁମେ ?

ବସୁନ୍ଧରା – ମୁଁ ଧରିତ୍ରୀ... ବସୁନ୍ଧରା । ମୋର ପ୍ରଣତି ନିଅ ମାତା ! କୀର୍ତ୍ତି-ବାସ ଦୁହେଁ ପ୍ରାଣତ୍ୟାଗ କରି ମାଟିତଳେ ମିଶିଗଲେଣି । ଏବେ ତୁମର କ୍ରୋଧ ଶାନ୍ତ କର ମା' !

ପାର୍ବତୀ – ତୁମେ କାହିଁକି ଏ ସମୟରେ ଆବିର୍ଭୂତା ହେଲ ଦେବୀ ?

ବସୁନ୍ଧରା – ତୁମକୁ ବଧେଇ ଜଣାଇବା ପାଇଁ । ଏଇ କୀର୍ତ୍ତି-ବାସ ଦୁଇ ଅସୁର – ଏ ଦୁଇ ଭାଇ ଏ ପୃଥ୍ୱୀକୁ ମହାଭାର ହୋଇଥିଲେ । ଦିନକୁଦିନ ଏମାନଙ୍କ ଅତ୍ୟାଚାରରେ ମୋ ଶରୀର ଜର୍ଜରିତ ହେଉଥିଲା; ଧରା ବାସୀ ପ୍ରମାଦ ଗଣୁଥିଲେ । ଏବେ ଏମାନଙ୍କ ବିନାଶରେ ଧରା ଉଶ୍ୱାସ ହେଲା । ...ଶାନ୍ତ ପ୍ରସନ୍ନ ମୁଖରେ ଥରେ ମୋ ଆଡ଼କୁ ଚାହଁ ମା' ! ମୋ ଶରୀରରୁ ସବୁ କ୍ଲେଶ, ସବୁ କଲ୍ମଷ ଧୋଇହୋଇଯିବ ।

Digitized by srujanika@gmail.com

ପାର୍ବତୀ – ତଥାସ୍ତୁ ଦେବୀ ବସୁନ୍ଧରା ! ଏ ଧରାବାସୀଙ୍କର ତୁମେ କଲ୍ୟାଣମୟୀ ମା' । ତୁମରି କଲ୍ୟାଣରୁ ସେମାନେ ନିର୍ଭୟରେ ତୁମରି କୋଳରେ ବାସକରିବେ ।

ବସୁନ୍ଧରା – ଅତୀତରେ ଶୁମ୍ଭ ନିଶୁମ୍ଭ, ଚଣ୍ଡମୁଣ୍ଡ, ମହିଷାସୁର ପ୍ରଭୃତି ଦାନବମାନଙ୍କୁ ବିନାଶ କରିଥିଲ । ଆଜି ଏ ପବିତ୍ର ଏକାମ୍ରବନରେ କୀର୍ତ୍ତି-ବାସଙ୍କୁ ବିନାଶ କଲ ମା' ! ଯୁଗେ ଯୁଗେ ପୃଥିବୀ ଉପରେ ତମର ଏମିତି ଜୟ-ପତାକା ଉଡୁଥାଉ ମା ! ହଁ, ମୋର ଗୋଟିଏ ବିନତି !

ପାର୍ବତୀ – ବିନତି ?

ବସୁନ୍ଧରା – କୀର୍ତ୍ତି-ବାସଙ୍କୁ ମନ୍ଥନ କରି ତୁମ ପଦାଘାତରେ ଏଇ ଯେଉଁଠି ମାଟି ଖୋଳିହୋଇଯାଇଛି, ଏ ସ୍ଥାନର ନାମ 'ଦେବୀପାଦହରା' ରହୁ । କ୍ରମେ ଏଥିରେ ଜଳ ସ୍ରବିବ – ଏହା ଦିନେ ପୁଣ୍ୟତୀର୍ଥରେ ପରିଣତ ହେବ ।

ପାର୍ବତୀ – ଭଲକଥା – ତୁମର ଇଚ୍ଛା ପୂର୍ଣ୍ଣ ହେଉ ।

ବସୁନ୍ଧରା – ଦୈତ୍ୟ ନିଧନ କରି ତୁମେ କ୍ଳାନ୍ତ ହୋଇପଡ଼ିଚ ମାତା ! ବିଶ୍ରାମ ନିଅ . . . ମୁଁ ବିଦାୟ ନେଉଚି । (ପ୍ରସ୍ଥାନ)

ପାର୍ବତୀ – ହଁ, ମୁଁ କ୍ଳାନ୍ତ ହୋଇପଡ଼ିଚି – ଯାଏଁ ଟିକିଏ ବିଶ୍ରାମ ନିଏ । [ପଲ୍ଲବଶଯ୍ୟା ରଚନା କରି ପାର୍ବତୀ ଶୟନ କଲେ । ଟିକିଏ ପରେ ଅଦୂରରେ ଶିବ ପ୍ରବେଶକଲେ]

ଶିବ – ଏଇ ପାହାଡ଼ଶିଖରେ ଥାଇ ମୁଁ ଜାଣିପାରିଚି ଦୁଇ ଦୁଷ୍ଟ ଦାନବ କୀର୍ତ୍ତି-ବାସଙ୍କୁ ଦେବୀ ପାଦରେ ଦଳନ କରି ବଧ କରିଚନ୍ତି । କିନ୍ତୁ ହେଲା କଣ ? ଅସୁର ନିଧନ ପରେ ତ ଦେବୀ ଏଠିକି ଆସିବା କଥା – ଏତେ ବିଳମ୍ବ ହେଲା କାହିଁକି ? . . . ଯାଇ ଦେଖେଁ । (ପାଖକୁ ଆସି) ଆହା– ଦେବୀ ଏଇଠି ଶୋଇପଡ଼ିଚନ୍ତି । ଶ୍ରାନ୍ତ କ୍ଳାନ୍ତ ହୋଇ ନିଜ ହାତରେ ପଲ୍ଲବ ଶଯ୍ୟା ରଚନା କରି ଏଇଠି ନିଦ୍ରା ଯାଇଛନ୍ତି । ମୁଖଶ୍ରୀ ଝାଉଁଳି ପଡ଼ିଚି – ଶ୍ରୀଅଙ୍ଗରେ ବିନ୍ଦୁ ବିନ୍ଦୁ ଶ୍ରମଝାଳ ଲାଗିରହିଚି । ଦାନବଦଳନ କରି ପାଦପଦ୍ମ ରକ୍ତ-ଜର୍ଜ୍ଜରିତ । . . . ଦେବୀ, କାଳେ କାଳେ ତୁମେ ଏମିତି ସବୁ ଦୁଃଖକଷ୍ଟକୁ ଆଡ଼େଇ ଦେଇ ପୃଥିବୀକୁ ଜଞ୍ଜାଳମୁକ୍ତ କରିଚ । ତୁମେ ଧନ୍ୟା . . .

Digitized by srujanika@gmail.com

(ଗୀତ)

ଗିରିରାଜସୁତା ଦେବୀ ଜଗତବନ୍ଦିତା ଗୋ
ଜଗତ-ହିତକାରିଣୀ ତ୍ରିପୁର-ପୂଜିତା ଗୋ । ପଦ ।
ଏ ତୀର୍ଥ ଏକାମ୍ରବନ
ଏଥି ବନଦୁର୍ଗା ସମ
ବଧି କୀର୍ତ୍ତି-ବାସେ ତୃପ୍ତ କଲ ବସୁମାତା ଗୋ । ୧ ।
ଏ କ୍ଷେତ୍ର ଭୁବନେଶ୍ୱର
ମହିମା ତା' ରକ୍ଷାକଲ,
ଭୁବନେଶ୍ୱରୀ ଗୋ ତୁମେ, ତୁମେ ଆଦିମାତା ଗୋ । ୨ ।
ଶୀତଳ-ଚନ୍ଦନ-ଦେହୀ
ଆସରେ ମରୁତ ବହି
ପୋଛିନିଅ ଶ୍ରମଝାଳ ଦେବୀ ନିଦ୍ରାଗତା ହେ । ୩ ।
ବାରିଦ ହେ ମେଘମାଳା
ଢାଳି ତୁମ ବାରିଧାରା
ଧୋଇନିଅ ପଦ୍ମପାଦୁ ରକତର ଚିତା ହେ । ୪ ।
ପ୍ରିୟତମା ଗୋ ପାର୍ବତୀ
ସୁଖେ ନିଦ୍ରା ଯାଅ ସତୀ,
ମଞ୍ଚାଳୁଚି ଧୀରେ ଧୀରେ ପାଦ ପାରମିତା ହେ । ୫ ।

[ଶିବ ପାର୍ବତୀଙ୍କର ପାଦ ମଞ୍ଚାଳିଲେ । ଟିକିଏ ପରେ ପାର୍ବତୀଙ୍କ ନିଦ୍ରାଭଙ୍ଗ ହେଲା ।]

ପାର୍ବତୀ – କିଏ ?

ଶିବ – ନିଦ୍ରାଭଙ୍ଗ ହେଲା ଦେବୀ ? [ପାର୍ବତୀ ଉଠି ବସିଲେ]

ପାର୍ବତୀ – ଏ କଣ ପ୍ରଭୁ ! ମୋର ପାଦସେବା ତୁମେ କରୁଚ ? ମୋର ସ୍ୱାମୀ ତୁମେ, ପରମ ଆରାଧ୍ୟ । ମୁଁ ତୁମ ପାଦତଳର ଦାସୀ !

ଶିବ – ଶୁଣ ପାର୍ବତୀ . . .

ପାର୍ବତୀ – ନା ପ୍ରଭୁ ! ମୋର କିଛି ଶୁଣିବାକୁ ନାହିଁ । ମୋ ପାଦ ତୁମେ ଧରିଚ . . . ମୋ ଅପରାଧର ସୀମା ନାହିଁ । ତୁମେ ଦେବଦେବ ମହାଦେବ ।

Digitized by srujanika@gmail.com

(ଗୀତ)

ମହାଦେବ ମହେଶ୍ୱର
ପାଦସେବା କଲ ମୋର
ମରଣ ସନ୍ତୋଷ ହେଲି, ହେଲି ମୁଁ ନିନ୍ଦିତା ହେ,
ହେଲି ମୁଁ ନିନ୍ଦିତା । ୬ ।
ଅପରାଧ କ୍ଷମାକର
ଧରୁଚି ତୁମ ପୟର
ନିମ୍ନେ ସାକ୍ଷୀ ବସୁମାତା, ଗଗନେ ସବିତା...

ଶିବ— ଗିରିରାଜସୁତା, ତୁମେ ଜଗତବନ୍ଦିତା ଗୋ
ଜଗତ-ହିତକାରିଣୀ ତ୍ରିଲୋକ-ସେବିତା ଗୋ
ଗିରିରାଜସୁତା । ୬ ।

ଶିବ – ନା ଦେବୀ ! ତୁମର ପାଦସେବା କରି ମୁଁ ଅନୀତି କରିନାହିଁ କି ତୁମର କିଛି ଅପରାଧ ହୋଇନାହିଁ । ଯିଏ ବିଶ୍ୱର କଲ୍ୟାଣ କରେ, ନିଜ ଜୀବନ ଉତ୍ସର୍ଗ କରି ଯିଏ ଜଗତଜୀବନ ରକ୍ଷାକରେ, ସିଏ ନାରୀ ହେଉ କି ପୁରୁଷ ହେଉ, ଚଣ୍ଡାଳ ହେଉ କି ବ୍ରାହ୍ମଣ ହେଉ, ତାର ସେବାକାରୀ– ମୁଁ ଏକା କାହିଁକି, ଏ ତ୍ରିଲୋକବାସୀ ସମସ୍ତେ ହୋଇପାରିଲେ ନିଜକୁ ଧନ୍ୟ ମନେକରିବେ । ଏହା ମୋ କଥା ନୁହେଁ, ଏହା ହେଉଛି ଶାସ୍ତ୍ରଜ୍ଞ ପଣ୍ଡିତ ମୁନିଋଷିମାନଙ୍କର ବାଣୀ । ଏବେ ତୁମେ ସନ୍ତୁଷ୍ଟ ହୁଅ ।

ପାର୍ବତୀ – ଚିରକାଳ ତୁମର ପାଦତଳେ ବସି ମୁଁ ତୁମ ଶ୍ରୀମୁଖରୁ ଶାସ୍ତ୍ରବାଣୀ, ନୀତିବାଣୀ ଶୁଣିଆସିଚି । ଏ ମୋର ଜନ୍ମ-ଜନ୍ମାନ୍ତରର ସୌଭାଗ୍ୟ ।

ପାର୍ବତୀ – ତୁମେ . . . ତୁମେ ଅତି କ୍ଲାନ୍ତ ଜଣାପଡୁଚ ପାର୍ବତୀ ! ତୁମେ ବୋଧହୁଏ ତୃଷାର୍ତ୍ତ ?

ପାର୍ବତୀ – ହଁ, ଶୋଷରେ ମୋ କଣ୍ଠ ତାଳୁ ଶୁଖିଯାଉଚି । ମୁଁ ପାଣି ପିଇବି, ଶୀତଳ ପାଣି ।

ଶିବ – ମୁହୂର୍ତ୍ତେ ଅପେକ୍ଷା କର । ମୋ ତ୍ରିଶୂଳମୁନରେ ମୁଁ ଭୂମି ଖୋଳି ଜଳ ସଂହରଣ କରୁଚି ।

[ତ୍ରିଶୂଳ ମୁନରେ ଭୂମି ଖୋଳି ଜଳ ଆଣିଦେଲେ ।]

Digitized by srujanika@gmail.com

ଶିବ – ଏଇ ନିଅ ଦେବୀ – ଶୀତଳ ନିର୍ମଳ ଜଳ ନିଅ ।

ପାର୍ବତୀ – (ପାନକରି) ଆଃ ! କି ଶାନ୍ତି । ଏ ଜଳର ପଟାନ୍ତର ନାହିଁ। ଦିବ୍ୟ, ସୁସ୍ୱାଦୁ ଶୀତଳ ଜଳ ।

ଶିବ – (ଚିନ୍ତାକରି) ଦେବୀ !

ପାର୍ବତୀ – କଣ ପ୍ରଭୁ ? କଣ ଭାବୁଚ ?

ଶିବ – ଆଜି ଏକ ମହାଯୋଗର ଦିନ । ଭୁବନେଶ୍ୱରର ପୁଣ୍ୟତୀର୍ଥ ଏକାମ୍ରବନରେ ତୁମେ ଦାନବ ଦଳନ କଲ । ତ୍ରିଶୂଳମୂନରେ ବାମ୍ଫି ଖୋଳି ମୁଁ ଜଳ ଆହରଣ କଲି – ତୁମର ତୃଷା ମେଣ୍ଟିଲା । ଏଇ ତ୍ରିଶୂଳମୂନରେ ଏଠି ଏକ ସୁଦୀର୍ଘ ପୁଷ୍କରିଣୀ ଖନନ କରିବି – ପୁଣ୍ୟ ପବିତ୍ର ଜଳାଶୟ ।

ପାର୍ବତୀ – ଜଳାଶୟ !

ଶିବ – ହଁ, ହ୍ରଦ ପରି ଏକ ଜଳାଶୟ ।

ପାର୍ବତୀ – ଅତି ଉତ୍ତମ କଥା ପ୍ରଭୁ ! ପବିତ୍ର ଶିବପୀଠରେ ଏଇ ଜଳାଶୟ ଯୁଗ-ଯୁଗ ପାଇଁ ଖ୍ୟାତ ହୋଇ ରହିବ ।

ଶିବ – ବୃଷଭ ଯାଉ, ଋଷି ମୁନି, ଦେବଦେବୀ ଆଉ ତୀର୍ଥମାନଙ୍କୁ ନିମନ୍ତ୍ରଣ କରି ଆଣୁ । ପ୍ରତିଷ୍ଠା ତିଥିରେ ସମସ୍ତେ ଆସି ଯୋଗଦେବେ ।

(ଗୀତ)

ଯାଅ ତୁ ଚଳି ବୃଷଭ ବହନ,
ଭୂଲୋକରୁ ନାଗଲୋକ, ଯିବୁ ପୁଣି ଦେବଲୋକ
କରିବୁ ତୁ ସବୁ ତୀର୍ଥେ ଗମନ । ପଦ ।
ବ୍ରହ୍ମାପୁରେ କହ ଯାଇ
କହିବୁ ଗୋଲୋକସାଇଁ,
ଅମରଗଣଙ୍କ ମେଳେ ଏକାମ୍ରେ ଆସିବେ ହେଳେ
କରିଛନ୍ତି ଉମାପତି ବରଣ । ୧ ।
ଗଙ୍ଗାଠାରୁ ଗୋଦାବରୀ
ସବୁ ତୀର୍ଥେ ଥିବୁ ବରି
ସନକାଦି ମୁନିଗଣ ଆସନ୍ତୁ ଏଥି ବହନ
କରନ୍ତୁ ପ୍ରତିଷ୍ଠା ବିଧିବିଧାନ । ୨ ।

Digitized by srujanika@gmail.com

ଅନ୍ତିମ ଦୃଶ୍ୟ

[ସେଇ ଏକାମ୍ରପୀଠ । ବିନ୍ଦୁସାଗର ପ୍ରତିଷ୍ଠା କାର୍ଯ୍ୟ ଶେଷହୋଇଯାଇଛି । ଏହି ଉପଲକ୍ଷ୍ୟେ ବ୍ରହ୍ମା ବିଷ୍ଣୁ ଆଦି ଦେବଗଣ, ବହୁ ତୀର୍ଥ ଓ ବହୁ ମୁନିଋଷି ଆସି ଏକାମ୍ରପୀଠରେ ଠୁଳ ହୋଇଛନ୍ତି ।]

ସ୍ୱର – ଜୟ କୈଳାସନାଥ ଉମାପତିଙ୍କର ଜୟ ! ଜୟ ଦୁଷ୍ଟନିବାରିଣୀ କୀର୍ତ୍ତି-ବାସ-ସଂହାରିଣୀ ଦେବୀ ପାର୍ବତୀଙ୍କର ଜୟ ! ଜୟ ଏକାମ୍ର-ଅଧିପତି ଲିଙ୍ଗରାଜ ଭୁବନେଶ୍ୱରଙ୍କର ଜୟ !

ଶିବ – ଆନନ୍ଦ-ଉତ୍ସବ ଭିତରେ ସରୋବରର ଶୁଭ-ପ୍ରତିଷ୍ଠା କାର୍ଯ୍ୟ ଶେଷ ହେଲା । ଆମ ଦୁହିଁଙ୍କର ପରମ ସୌଭାଗ୍ୟ, ପିତାମହ ବ୍ରହ୍ମା, ଗୋଲୋକବିହାରୀ ବିଷ୍ଣୁ, ଇନ୍ଦ୍ର, କୁବେର ଆଦି ଦେବଗଣ, ବହୁ ତୀର୍ଥ, ବହୁ ମୁନିଋଷି ଏଇ ଏକାମ୍ରପୀଠରେ ଠୁଳହେଲେ । ସମସ୍ତଙ୍କ ମେଳରେ ଏ ସରୋବରର ଶୋଭା ଆଜି ଅଳକାପୁରୀର ଶୋଭା ଧାରଣ କରିଛି ।

ବିଷ୍ଣୁ – ଏ ଆନନ୍ଦ-ଉତ୍ସବର ପୁଣ୍ୟ ତିଥିରେ ମୁଁ ପୁଣି ଥରେ ଦେବୀ ପାର୍ବତୀଙ୍କୁ ବଧାଇ ଜଣାଉଚି ।

ପାର୍ବତୀ – ମୋ ପ୍ରତି ବୈକୁଣ୍ଠନାଥ ଶ୍ରୀହରିଙ୍କର ଏ ଅନୁକମ୍ପା ମୁଁ ଭୁଲିପାରିବି ନାହିଁ ।

ବିଷ୍ଣୁ – ଦାନବ ନିଧନ ପରେ ଦେବୀ ତୃଷାର୍ତ୍ତ ହୋଇପଡ଼ିଥିଲେ । ଦେବୀଙ୍କୁ ଶୀତଳ ଜଳ ପାନ କରାଇବା ପାଇଁ ଉମାପତି ଶ୍ରୀହସ୍ତରେ ତ୍ରିଶୂଳ ଧରି ଏ ସରୋବର ଆଉ ବାମ୍ପି ଖନନ କଲେ । ଏ ଯୋଗାଯୋଗର ପଟାନ୍ତର ନାହିଁ ।

ବ୍ରହ୍ମା – ବୈକୁଣ୍ଠପତି ଯଥାର୍ଥ କହିଛନ୍ତି । ଏ ଯୋଗାଯୋଗର କାହାଣୀ ଯୁଗ-ଯୁଗବ୍ୟାପୀ ଖ୍ୟାତ ହୋଇ ରହିବ । ଏ ସରୋବରର ଆକାର ଯେମିତି ବିରାଟ, ଏହାର ମହିମା ମଧ୍ୟ ସେତିକି ଅପାର । ଏହାର ମହିମା ମଣିକର୍ଣ୍ଣିକା ତୀର୍ଥ ସହିତ ସମାନ ।

ବିଷ୍ଣୁ – ଆଉ ଏ ଏକାମ୍ରପୀଠର ମାହାତ୍ମ୍ୟ ସେଇପରି କାଶୀକ୍ଷେତ୍ରର ମାହାତ୍ମ୍ୟ ସହିତ ସମାନ । ଏ ଦୁଇ କ୍ଷେତ୍ର ମଧ୍ୟରେ କିଛି ଭିନ୍ନ ନାହିଁ–କିଛି ଭେଦ ନାହିଁ ।

Digitized by srujanika@gmail.com

ବ୍ରହ୍ମା – ହଁ, କାଶୀକ୍ଷେତ୍ରର ବିଶ୍ୱେଶ୍ୱର ହେଉଚନ୍ତି ଏକାମ୍ରର ଭୁବନେଶ୍ୱର ।

ଶିବ – ପ୍ରତିଷ୍ଠା କର୍ମ ସମାପ୍ତ ହେଲେ ଯଥାସମୟରେ ଆପଣମାନେ ବିଦାୟ ନେବେ । ତା ପୂର୍ବରୁ ମୋର ଏକ ନିବେଦନ . . .

ବିଷ୍ଣୁ – ନିବେଦନ ! ଦେବଦେବ ମହାଦେବଙ୍କର ପୁଣି ନିବେଦନ ?

ବ୍ରହ୍ମା – ଯିଏ ଆଜ୍ଞାକାରୀ ସିଏ ନିବେଦନ କରିବେ ?

ବିଷ୍ଣୁ – କିନ୍ତୁ କାହିଁକି, କାହା ପାଖରେ ଏ ନିବେଦନ ?

ଶିବ – (ଗୀତ)

ଶୁଣ ପ୍ରଜାପତି, ଶୁଣ ହେ ଶ୍ରୀପତି
ଶୁଣ ସର୍ବ ଦେବଗଣ
ସବୁ ଋଷି ମୁନି ସବୁ ତୀର୍ଥ ପୁଣି
ଚରାଚରବାସୀ ଶୁଣ ହେ
ଏ ମୋ ମନକାମନା
ନିଜ ଗୁଣେ କର ସର୍ବେ ଘେନା ହେ । ୧ ।
ଏକାମ୍ର ବନର ଏଇ ସରୋବର
ଶୋଭା ଯଥା ପୂର୍ଣ୍ଣଇନ୍ଦୁ
ସବୁ ତୀର୍ଥ ସବୁ କ୍ଷେତ୍ରଗଣ ନିଜ
ଅଂଶ ଏକ ଏକ ବିନ୍ଦୁ ହେ
ଏଥି କର ସ୍ଥାପନ
ପୁଣ୍ୟ କର୍ମ ହେଉ ସମାପନ ହେ । ୨ ।

ଶିବ – ନିମନ୍ତ୍ରିତ ସବୁ ତୀର୍ଥ ନିଜ ଜଳର ଏକ ଏକ ବିନ୍ଦୁ ଏ ଜଳାଶୟରେ ରଖି ନିଜ ଭୂମିକୁ ବାହୁଡ଼ିଯିବେ । ତା'ହେଲେ ଏହାର ମାହାତ୍ମ୍ୟ ଚିରଦିନ ଅକ୍ଷୟ ରହିବ ।

ବ୍ରହ୍ମା – ଏହା ଅତି ଉତ୍ତମ କଥା, ଉତ୍ତମ ପ୍ରସ୍ତାବ ।

ବିଷ୍ଣୁ – ଏଥିପାଇଁ ନିବେଦନ ନୁହେଁ ପରମେଶ, ଆପଣ ନିର୍ଦ୍ଦେଶ ଦିଅନ୍ତୁ ।

ଶିବ – ମୁଁ ବର୍ତ୍ତମାନ ଜଣ ଜଣ କରି ତୀର୍ଥମାନଙ୍କୁ ଡାକୁଚି । ସବୁ ତୀର୍ଥ ସେମାନଙ୍କର ଏକ ଏକ ବିନ୍ଦୁ ଅଂଶ ଏ ଜଳାଶୟରେ ରଖିଯାଆନ୍ତୁ ।

ମିଳିତ ସ୍ୱର – ଆଜ୍ଞା କରନ୍ତୁ ଦେବ !

Digitized by srujanika@gmail.com

ଶିବ – (ଗୀତ)

ଆସ ସ୍ୱର୍ଗଗଙ୍ଗା ତୁମେ ଆଦି-ଗଙ୍ଗା
ଆଦ୍ୟେ ରଖ ତୁମ ଅଂଶ
ଆସ ହେ ପ୍ରୟାଗ ରଖ ତୁମ ଭାଗ
ଆସ ମନେ ବହି ହର୍ଷ ହେ
ଆସ ମଣିକର୍ଣ୍ଣିକା
ରଖିଯାଅ ତୁମର କଣିକା ହେ । ୩ ।

ମିଳିତ ସ୍ୱର – ଜୟ ସ୍ୱର୍ଗଗଙ୍ଗା ପ୍ରୟାଗ ଆଦି ତୀର୍ଥଗଣଙ୍କର ଜୟ !

ଶିବ – (ଗୀତ)

ଆସ ଗଙ୍ଗାଦ୍ୱାର ହେ ଗଙ୍ଗାସାଗର
ଆସ ପାତାଳବାହିନୀ
ଆସ ଇରାବତୀ ଆସ ସରସ୍ୱତୀ
କ୍ଷୀରୋଦ ଶୀତୋଦ ବେନି ହେ
ଆସ କୃଷ୍ଣା କାବେରୀ
ଆସ ସପତ ସମୁଦ୍ର ବାରି ହେ । ୪ ।

ମିଳିତ ସ୍ୱର – ଜୟ ଗଙ୍ଗାଦ୍ୱାର ଗଙ୍ଗାସାଗର ଆଦି ତୀର୍ଥମାନଙ୍କର ଜୟ !

ଶିବ – (ଗୀତ)

ଆସ ମାନସର ସପ୍ତ ପୁଣ୍ୟ ସର
ଋଷିକୁଲ୍ୟା ସପ୍ତଧାର
ସଙ୍ଗମ ସରଯୂ ବିପାସା ଶତଦ୍ରୁ
ବେଣା ନଦୀ ମନୋହର ହେ
ଆସ ଗୋମତୀ ତୀର୍ଥ
ଆସ ପମ୍ପା ଆଉ ପିତୃ ତୀର୍ଥ ହେ । ୫ ।

ମିଳିତ ସ୍ୱର – ଜୟ ମାନସରୋବର ଆଦି ତୀର୍ଥଗଣଙ୍କର ଜୟ !

ଶିବ – (ଗୀତ)

ଡାକେ ଶୂଳପାଣି ଆସ ବୈତରଣୀ
ପ୍ରାଚୀ ଫଲ୍‌ଗୁଧାରା ଆସ
ଆସ ପୁଣି ତୁମେ ଗଣ୍ଡକ ବାହୁଦା

Digitized by srujanika@gmail.com

ପୁଷ୍କର ନୈମିଷ ଆସ ହେ
ଆସ ତୀର୍ଥପ୍ରବର
ଧନ୍ୟ ହେଉ ଏବେ ସରୋବର ହେ । ୬ ।

ମିଳିତ ସ୍ୱର – ଜୟ ଫଲ୍‌ଗୁ ବୈତରଣୀ ଆଦି ତୀର୍ଥମାନଙ୍କର ଜୟ !

ଶିବ – ବର୍ତ୍ତମାନ ଏ ଜଳାଶୟର ନାମକରଣ . . .

ବ୍ରହ୍ମା – ସତେ ତ, ଏପର୍ଯ୍ୟନ୍ତ ନାମକରଣ ହୋଇନି !

ପାର୍ବତୀ – ନାମକରଣ ଆପଣ କରନ୍ତୁ ପିତାମହ !

ବ୍ରହ୍ମା – ନା, ନାମକରଣ କରିବେ ଅଷ୍ଟୋତ୍ତରଶତ ନାମଧାରୀ ଶ୍ରୀବିଷ୍ଣୁ !

ବିଷ୍ଣୁ – ନା, ନା ପିତାମହ ! ମହେଶ୍ୱର ସ୍ୱହସ୍ତରେ ଏହା ଖନନ କରିଛନ୍ତି – ନାମକରଣର ଅଧିକାରୀ ଏକା ସେଇ ।

ଶିବ – ମୁଁ ?

ବିଷ୍ଣୁ – ହଁ, ଆପଣ ହିଁ ନାମକରଣ କରନ୍ତୁ ।

ଶିବ – (ଗୀତ)

ବିନ୍ଦୁ ବିନ୍ଦୁ ତୀର୍ଥଜଳରେ
ପୂର୍ଣ୍ଣ ଏ ସରୋବର,
ସେ ବିନ୍ଦୁ ସ୍ମରଣେ ରଖିଲି
ନାମ ବିନ୍ଦୁସାଗର । ୧ ।

ବ୍ରହ୍ମା–ଧନ୍ୟ ଧନ୍ୟ ମହାଦେବ ! ଏ ତୀର୍ଥର ଏ ନାମକରଣ ଯଥାର୍ଥ ହୋଇଛି ।

ବିଷ୍ଣୁ – ସତ୍ୟ କୈଳାସପତି ! ଏ ବିନ୍ଦୁସାଗର ନାମର ମାହାତ୍ମ୍ୟ ଅଛି, ମର୍ଯ୍ୟାଦା ଅଛି ।

ଶିବ – କିନ୍ତୁ ହେ ପୁରୁଷୋତ୍ତମ ! ଏ ବିନ୍ଦୁସାଗର ତଟରେ ଆପଣଙ୍କ ବିଗ୍ରହ ପ୍ରତିଷ୍ଠିତ ହେଲେ ଏହାର ମର୍ଯ୍ୟାଦା ଶତଗୁଣ ବୃଦ୍ଧି ପାଇବ । ଏ ସ୍ୱୀକୃତି ଆପଣ ଦିଅନ୍ତୁ ।

ବିଷ୍ଣୁ – ମୋ ବିଗ୍ରହ ?

ଶିବ – ହଁ ଗୋଲୋକପତି !

(ଗୀତ)

ରହିବେ ଏ ତଟେ ଆପଣେ
ସଙ୍ଗେ ଥିବେ ଅନନ୍ତ

Digitized by srujanika@gmail.com

ଅନନ୍ତ ପୁରୁଷୋତ୍ତମ ଏ
ନାମେ ହୋଇବ ଖ୍ୟାତ । ୨ ।

ବିଷ୍ଣୁ – ମୁଁ ମୁକ୍ତପ୍ରାଣରେ ସ୍ୱୀକାର କରୁଛି ଦେବ, ବିନ୍ଦୁସାଗର ତଟରେ ଅନନ୍ତ ବାସୁଦେବଙ୍କ ବିଗ୍ରହ ସ୍ଥାପିତ ହେବ ।

ବ୍ରହ୍ମା – ଏଇ ଆନନ୍ଦ ଉତ୍ସବ ଅବସରରେ ଆମ୍ଭମାନଙ୍କୁ ଏବେ ବିଦାୟ ଦିଅନ୍ତୁ ଭୁବନେଶ୍ୱର !

ମିଳିତ ସ୍ୱର – ଜୟ ପ୍ରଭୁ ଶିବ ଶଙ୍କରଙ୍କର ଜୟ !
ଜୟ ଦୁଷ୍ଟନିବାରିଣୀ ମହାଦେବୀ ପାର୍ବତୀଙ୍କର ଜୟ !

(ଗୀତ)

ଧନ୍ୟ ଏ ଏକାମ୍ରପୀଠ ମହିମା ଅପାର
ବିଜେ ଏଥି ଉମାପତି ଶ୍ରୀ ଭୁବନେଶ୍ୱର । ୧ ।
ପଞ୍ଚକ୍ରୋଶ ଧାମ ଏହି ବହୁ ତୀର୍ଥେ ଭରା
ଶଙ୍କର ବାମେ ଆବର ଦେବୀପାଦହରା । ୨ ।
ଜଳେ ଶିବ ସ୍ଥଳେ ଶିବ, ଶିବ ଏଥି ସାର
ଜଳରୂପୀ ଶିବ ପୁଣି ଏ 'ବିନ୍ଦୁସାଗର' । ୩ ।

□ □ □

Digitized by srujanika@gmail.com

ବୋଲେ ହୁଁ ଟି

[ଏହା ସେଇ ଯୁଗର କାହାଣୀ, ଯେତେବେଳେ ଏ ଦେଶର ସାଧବମାନେ କୁଶଳୀ-ବିତ୍ତଶାଳୀ ବଣିକରୂପେ ସୁଖ୍ୟାତିର ଚରମସୀମା ସ୍ପର୍ଶ କରିପାରିଥିଲେ . . . ଆଉ ସାଧବକନ୍ୟାମାନଙ୍କର ଖ୍ୟାତିର ଆଧାର ଥିଲା ସେମାନଙ୍କର ଅତୁଳନୀୟ ସୌନ୍ଦର୍ଯ୍ୟ, ସତୀତ୍ୱ, ପତିଭକ୍ତି ଓ ଗୃହାଙ୍ଗନରେ ସୁଗୃହିଣୀର ଗରିମା ।

ଏହିପରି ଏକ ପରିବେଶରେ ଏ ଗୀତି-ନାଟିକାର ଜନ୍ମ । ଏହାର ମୁଖ୍ୟ ଚରିତ୍ରଲିପି ହେଲା :

ନାୟକ – ଜଣେ ତରୁଣ ସାଧବ

ନାୟିକା – ଲୀଳାବତୀ, ସାଧବର ନବ-ବିବାହିତା ପତ୍ନୀ

ସହ-ନାୟିକା – ଗୌରୀ, ଲୀଳାବତୀର ଅବିବାହିତା ନଣନ୍ଦ

ପ୍ରତିନାୟକ – ସେହି ଦେଶର ରାଜା

ପ୍ରତିନାୟିକା– ନାପିତୁଣୀ]

ବୋଲେ ହୁଁ ଟି

ଦୃଶ୍ୟ ଆରମ୍ଭରେ ଅନ୍ତରାଳରୁ ଭାସିଆସୁଚି ଗୀତି-ଛନ୍ଦରେ ସୂଚନା ।

ସୂଚନା – ସହୀ-ସୁନା-ଗୋରୀ ଅତି ସୁକୁମାରୀ
ସୁନ୍ଦରୀ-ରାଇଜ ରାଣୀ
ଚନ୍ଦ୍ରଉଦିଆ ରୂପ ପାଇଥିଲା
ଲୀଳାବତୀ ସାଧବାଣୀ ।
ହସେ ଯେବେ ବାଳା ତରୁଣୀ
ଛଇଳା ହସଇ ଗଗନେ ତାରା
କାନ୍ଦିଲେ ନୟନୁ ଲୋତକ ଝରେନା,
ଝରଇ ମୁକୁତାମାଳା ।

Digitized by srujanika@gmail.com

ପ୍ରାଣପ୍ରିୟ ତାର ସାଧବକୁମାର
ଏକ ଗଢ଼ା ଆନ ପାଇଁ
ଲୀଳାବତୀ କହେ ତା ପ୍ରୀତି-ପାଞ୍ଜିରେ
ଛାଡ଼ବାଡ଼ ଯୋଗ ନାହିଁ ।
ନଣନ୍ଦ ଗଉରୀ ଚତୁରୀ ସେ ଭାରି
ଭାଉଜ ତା'ର ଜୀବନ,
ହସି ଖେଳି ଦୁହେଁ ନଦୀକୁ ଯାଆନ୍ତି
ନିତିପ୍ରତି କରି ସ୍ନାନ ।

ଦୃଶ୍ୟ : [ନିର୍ଜନ ନଦୀଘାଟ । ଲୀଳାବତୀ ଓ ଗୌରୀ ଦୁହେଁ ସ୍ନାନ ପାଇଁ ଘାଟକୁ ଆସିଲେ । ସ୍ନାନ ଅବସରରେ ଦୁହିଁଙ୍କର ହସଖୁସିଭରା ବାର୍ତ୍ତାଳାପ ଚାଲିଥାଏ ।]

ଲୀଳା– ନଈଗଣ୍ଡେ ଜଳଭଉଁରି
ନଈ କିଆଁ ମିଶେ ସାଗର କୋଳରେ
କହିବ କି ମତେ ଗଉରୀ ?

ଗୌରୀ– ରଜାପୁଅ ପାଳେ ରାଇଜ
ଦେବପୂଜା ଲାଗି ଫୁଲର ଜନମ
ଜାଣିନ କି ସୁନାଭାଉଜ !

ଲୀଳା– କାଶତଣ୍ଡୀ ଫୁଲ ଚଅଁର
ଫୁଲର କି ଦୋଷ, ଶୋଷିନେବ ଯେବେ
ରସ ତାର କଳା ଭଅଁର ?

ଗୌରୀ– ବୋଇତରେ ପାଲ ଆହୁଲା
ଫୁଲର ଜନମ ବିଫଳ ସିନା ଗୋ
ଦେବ-ଲାଗି ଯେବେ ନୋହିଲା ।

(ଏତିକିବେଳେ ଲୀଳାବତୀର କେଶଗୁଚ୍ଛରୁ ଏକ ଅତି ଲମ୍ବ କେଶ ଛିଡ଼ିଗଲା । ଏଥିରେ ଲୀଳା ଟିକିଏ ବିବ୍ରତ ହୋଇପଡ଼ିଲା ।)

ଲୀଳା– ଫୁଲର ଭାଗ୍ୟ କି ପାଇବି ?
ବାରହାତ କେଶ ମଥାରୁ ଛିଡ଼ିଲା
କହ ଲୋ କି ବୁଦ୍ଧି କରିବି ?

Digitized by srujanika@gmail.com

ଗୌରୀ – ଫୁଲରୁ ପାଖୁଡ଼ା ଖସଇ
ଫରୁଆରେ ଭରି ବାରହାତ କେଶ
ନଈରେ ଦିଅ ଗୋ ଭସାଇ ।

(ଲୀଳା ତାହାହିଁ କଲା । ଏକ ସୁନା ଫରୁଆରେ କେଶଟିକୁ ଭର୍ତ୍ତି କରି ନଈସୁଅରେ ଭସାଇ ଦେଲା । . . . ସେଇ ନଈର ନିମ୍ନଭାଗ । ସ୍ନାନରତା କେତେ ଜଣ ନଗରବଧୂଙ୍କ ଦୃଷ୍ଟି ପଡ଼ିଲା ସୁନା ଫରୁଆ ଉପରେ ।)

ଏକ ବଧୂ – ଭାସି ଭାସି ଯାଏ ସୁନା ଫରୁଆ
ଦେଖ ଲୋ କନକ ଚମ୍ପା ମରୁଆ ।
ଦେଖ ଲୋ ଦେଖ ଲୋ ସହୀ ସଙ୍ଗାତ
ମଝି ନଈକୁ ତ ପାଏନା ହାତ ।
ସତେ କି କାହାର ଭାଗ୍ୟ ହୋଇବ
ସୁନା ଫରୁଆ ସେ ଗୋଟାଇ ନେବ ।

(ସବୁ ଚେଷ୍ଟା ସତ୍ୱେ ସେମାନେ ସୁନା ଫରୁଆକୁ ଧରିପାରିଲେ ନାହିଁ ।)

ଅନ୍ୟ ବଧୂ – ନଈଧାରେ କିଏ ଅଛଇ ବସି
ହାତରେ ଧରିଚି ସୁନା ବନିଶୀ ।

(ନଦୀର ଆହୁରି ନିମ୍ନଭାଗକୁ ଏହି ରାଜ୍ୟର ତରୁଣ ରଜା ଏକ ମର୍ମର ପ୍ରସ୍ତର ଘାଟରେ ବସି ବନିଶୀ ଖେଳାଉଚନ୍ତି ।)

ଏକ ବଧୂ – ସିଏ ପରା ଆମ ରାଜକୁମାର
ବଡ଼ ହଟିଆ ସେ ନଟନାଗର ।
ମାଛଧରା ତାର ନିପଟ ମିଛ
ସୁନା ବନିଶୀ କି ଧରଇ ମାଛ !
ହଟ କରି ସେ ତ ଘାଟ ଜଗିଚି
ବେଳ ଦେଖି କୂଳ ଜଗିବସିଚି ।

ସୂଚନା – ଫରୁଆ ଲାଗିଲା ଘାଟରେ ଆସି
ହାତରୁ ବନିଶୀ ପଡ଼ିଲା ଖସି ।
ସେ ଘାଟ ଫରୁଆ ଏ ଘାଟେ ଲାଗେ
ରଜା ମନପ୍ରାଣେ ଚମକ ଜାଗେ ।

(ରଜା ଫରୁଆ ଉଠାଇ ନେଇ ଖୋଲି ଦେଖିଲେ ।)

Digitized by srujanika@gmail.com

ରଜା— ବାରହାତ କେଶ ! କିଏ ସେ ବାଳା ?
କା' ମନହାରିଣୀ . . . କା' ଗଳାମାଳା !

(ବାରହାତ କେଶର ରହସ୍ୟ ଉଦ୍‌ଘାଟନ ପାଇଁ ରଜା ବ୍ୟାକୁଳ ହୋଇଉଠୁଥାନ୍ତି; କିନ୍ତୁ ସେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁ ନ ଥାନ୍ତି । ଏତିକିବେଳେ ନାପିତୁଣୀ ସେଠିକି ଆସିଲା ।)

ସୂଚନା — ନାପିତୁଣୀ ସେ'ତ ଚତୁରୀ ନାରୀ
ଯାଉଥିଲା ଫେରି ସ୍ନାହାନ ସାରି ।
ରଜାପୁଅ ମନ କଥା ବୁଝିଲା
ନିମିଷକେ ସବୁ ବୁଝାଇ ଦେଲା ।

ନାପିତୁଣୀ — ରଜା, ହେଉଛ ଯା' ଗୁଣ ଗୁଣି
ସେ' ତ ଲୀଳାବତୀ ସାଧବାଣୀ ।
ତା ପାଦନଖକୁ ସରି ହେବେ ନାହିଁ
ଉଆସର ପାଟରାଣୀ । ୧ ।
ତମ ଅନେଶତ ରାଣୀ ମିଛ
ତମ ରାଜଭୋଗ ସବୁ ତୁଚ୍ଛ,
ଏକା ଲୀଳାବତୀ ବିହୁନେ ରଜା ହେ
ଜୀବନକୁ ହୀନ ମଣି । ୨ ।

ରଜା — ଗଳାର ମାଳା ତୁ ନେ ନାପିତୁଣୀ
ହାତର ମୁଦି ତୁ ନେ,
ନାଗରୀମଣିକୁ ପାଇବି କେମନେ
ସେ ବାଟ ବତେଇ ଦେ ।
ସୁନାର ବନିଶୀ ନେ ନାପିତୁଣୀ
ରୁପାର ଚାନ୍ଦୁଆ ନେ
ମୋତି-ମାଣିକ ତୁ ନେ ନାପିତୁଣୀ
ଲୀଳାବତୀ ଆଣି ଦେ ।

ନାପିତୁଣୀ— ସୁନାର ବନିଶୀ ଥାଉ ହେ କୁମାର
ରୁପାର ଚାନ୍ଦୁଆ ଥାଉ,

Digitized by srujanika@gmail.com

ତମରି ସେବାରେ ରାଜରାଜେଶ୍ୱର
ନାପିତୁଣୀ ଦିନ ଯାଉ ।
ଏ ଘାଟରେ ଆଉ ନାହିଁ କିଛି କାମ
ଏ ଘାଟର ଆଶା ଛାଡ଼,
ଲୀଳାବତୀ ଯେବେ ପାଇବ ରାଜା ହେ
ସେ ଘାଟେ ସବାରି ଭିଡ଼ ।

(ପ୍ରଣିପାତ କରି ନାପିତୁଣୀ ବିଦାୟ ନେଲା । ପରମ ଆଶାୟିତ ରାଜାଙ୍କ ମୁଖମଣ୍ଡଳରେ ହର୍ଷ ଓ ଆନନ୍ଦର ପ୍ରତିଛାୟା ।)

ଦୃଶ୍ୟ : [ସାଧବ-ଉଆସର ଅନ୍ତଃପୁର-ସଂଲଗ୍ନ ପ୍ରାଙ୍ଗଣ । ଉଭୟ ଲୀଳାବତୀ ଓ ଗୌରୀ ସେମାନଙ୍କ ମଧୁର-ସଂପର୍କ-ସୁଲଭ ଥଟ୍ଟା-ପରିହାସଭରା କ୍ରୀଡ଼ା-କୌତୁକରେ ଲିପ୍ତ ।]

ଲୀଳା – ଉଡ଼ିଯାଏ ଗେଣ୍ଡାଳିଆ ଝାଡ଼ିଦିଏ ପକ୍ଷୀ,
ଗୌରୀ ଆମ କାନ୍ଦୁଚନ୍ତି ବୁଢ଼ାବର ଦେଖି ।

ଗୌରୀ – ଆହା !
ବୋଇତ ମେଲିବେ ଭାଇ ବଣିଜକୁ ଯିବେ
ଚାନ୍ଦମୁହାଁ ଭାଉଜକୁ କା' ପାଖେ ଛାଡ଼ିବେ !!
ଦିନ ଯିବ ମାସ ଯିବ ବରଷ ବିତିବ
(ମୋ)ଭାଉଜ ଆଖିରୁ ସିନା ଲୁହ ଝରୁଥିବ ।
ମାଘ ଶେଷେ ଫଗୁ ଖେଳି ଫଗୁଣ ଆସିବ
କାହା କାନେ ଭାଉଜ ମୋ କୁହୁ ବରଷିବ ।

(ଏ କଥା ଶୁଣି ଲୀଳାବତୀ ହସି ହସି ଗଡ଼ିଯାଉଥାନ୍ତି ।)

ଲୀଳା – ସତେ !
ପଳା ଆରେ ବୁଢ଼ାବର ଏ ରାଇଜୁ ପଳା
ଗଉରୀ ହାତରେ ନାହିଁ ବରଣର ମାଳା ।
ଚକା ଚକା ଭଉଁରି
ମାମୁଘର ଚଉଁରି
ବୁଢ଼ାବର ହସ ଦେଖି ରୁଷିଲେଣି ଗଉରୀ ।
ମୂଷାମାଟି ରଣଭଣ

Digitized by srujanika@gmail.com

ଖୋଜୁଚନ୍ତି ଘରକଣ
ସୁନାନାଖୀ ନଣନ୍ଦ ମୋ ପଡ଼ିଲେଣି ଝାଉଁକି ।
(କୌତୁକ-ଯୁଦ୍ଧ ପାଇଁ ଗୌରୀ ଅଣ୍ଟାରେ ଲୁଗା ଭିଡ଼ି ପ୍ରସ୍ତୁତ ହୋଇଗଲା ।)

ଗୌରୀ– ପାରିବ କି, ମତେ ପାରିବ କି ?
ଛିଗୁଲେଇ ଯେତେ କହିଲ ଭାଉଜ
ପହଲିରେ ମତେ ପାରିବ କି ?
ପୁଚିଖେଳ ପରା ଖେଳିଥିଲ
ହାର-ଜିତା ବାଜି ମାରିଥିଲ,
କୁଆଁର ପୁନିଅଁ ରାତି ପାହିଗଲା
ପାହାନ୍ତିଆ କୁଆ ରାବ ଦେଇଗଲା
ସହୀ-ସଙ୍ଗାତୁଣୀ ଟାପରା କରିଲେ
ସାତା ସାତ ଥର ହାରିଥିଲ,
ପୁଚିଖେଳ ପରା ଖେଳିଥିଲ ! !

ଲୀଳା – ଆଚ୍ଛା !
ପୁଚିଖେଳ ଥାଉ ଆସ,
ଆସ ଗୋ ଖେଳିବା ପଶା
ବାଛି ନିଅ ସାର
ଯା’ ଇଚ୍ଛା ତମର
କଳା, ନାଲିଆ କି ନୀଳ, ହଳଦିଆ
ପାହିରେ ତମର ବସା
ଆସ ଗୋ ଖେଳିବା ପଶା ।

ଗୌରୀ –(ଈଷତ୍ ନିମ୍ନସ୍ୱରରେ)
ମୁଁ କିଆଁ ବାଛିବି, ଆସିଲେଣି ପରା ଭାଇ,
(ସେ ତ) ବାଛିଦେବେ ସାର ତାଙ୍କ ଲୀଳାବତୀ ପାଇଁ ।
(ଲୀଳା ଚାହିଁ ଦେଖିଲା ପ୍ରକୃତରେ ସାଧବ ଆସୁଚନ୍ତି । ସେ ଯେପରି ପଳାଇଯିବାକୁ ବାଟ ଖୋଜିପାଇଲାନାହିଁ । ଗୌରୀ ହସୁଥାଏ ।)

ଲୀଳା – ଏଁ ! ସୁନା ନଣନ୍ଦ ମୋ ଯାଅ ଚାଲି
ପଶା ଖେଳ ପଛେ ହେବ କାଲି

Digitized by srujanika@gmail.com

ତାଙ୍କ ନବରଙ୍ଗ ଜାଣିନ କି ତମେ
ଲୋକ ହସା ମତେ କରିବ କି ?

ଗୌରୀ – ପାରିବ କି ମତେ ପାରିବ କି . . .

(ହସି ହସି ଗୀତ ଗାଇ ଗାଇ ଗୌରୀ ଚାଲିଗଲା । ଟିକିଏ ପରେ ଆସିଲେ ସାଧବ – ସୁନ୍ଦର ସୁଦର୍ଶନ ପୁରୁଷ; କିନ୍ତୁ ସେ ଟିକିଏ ଯେପରି ଚିନ୍ତିତ ଓ ବିବ୍ରତ ଜଣାପଡୁଥାନ୍ତି ।)

ସାଧବ – ଲୀଳାମୟୀ ଲୀଳାବତୀ ଗୋ ସୁକୁମାରୀ
ଏତେ ଦିନେ ରାଜା ସିନା ହେଲା ଭଗାରି,
ତମ ଏ ରୂପ ଦେଖି
ପାଗଳ ସେ ହୋଇଚି,
ତମରି ବାଟ ଚାହିଁ
ଘାଟ ଜଗି ବସିଚି,
କହେ, ଲୀଳା ପାଟରାଣୀ ହେବ ମୋହରି ।

ଲୀଳା – ପୋଡୁ ତା ରାଜାପଣିଆ ପୋଡୁ ତା ମୁହଁ
ଧିକ ତା ଜନମ ସେ ତ ମଣିଷ ନୁହଁ ।
ରଜାର ପୁଅ ହୋଇ
ପର ନାରୀରେ ଆଖି
ରଜା ଅବୁଝା ହେଲେ
କିଏ ବା' ତାର ସାକ୍ଷୀ,
ଏ ରାଜ୍ୟେ କେସନେ କିଏ ରହିବ କୁହ !

ସାଧବ – ବୋଇତ ବାହି ମୁଁ ଯିବି ଦୂର ବିଦେଶେ
ନିଶ୍ଚିନ୍ତ ମନରେ ତୁମେ ରୁହ ଉଆସେ
ମେଘନାଦ ପାଚିରି
ଘେରିଚି ଏ ଉଆସ
ଉଆସ ବାହାରକୁ
ବଳାଇବନି ଆସ,
ସମର୍ପିଲି ତମକୁ ମୁଁ ଗଉରୀ ପାଶେ ।

(ସାଧବ ଭିତରକୁ ଯାଇ ପ୍ରାୟ ସାଙ୍ଗେ ସାଙ୍ଗେ ଫେରିଆସିଲେ । ସାଥିରେ

Digitized by srujanika@gmail.com

ଗୌରୀ । ଏ ପରିସ୍ଥିତିର ଆଭାସ ଗୌରୀ ପାଇଚି । ପୂର୍ବର ଚପଳତା ତା'ଠାରେ ଆଉ ନାହିଁ ।)

ସାଧବ – ତୋତେ ମୁଁ ବୋଲଇ ଗଉରୀ
ଗୌରୀ – ବୋଲେ ହୁଁ ଟି ।
ସାଧବ – ଆଣିଦେବି କୁଞ୍ଜ-ଚଉଁରି
ଗୌରୀ – ବୋଲେ ହୁଁ ଟି ।
ସାଧବ – ରଜାପୁଅ ବଡ଼ ହଟିଆ
ବାଟରେ ଥୋଇଚି ଖଟିଆ
ଲୀଳା ପାଇଁ ଝୁରି ମରୁଚି ।
ଗୌରୀ – ବୋଲେ ହୁଁ ଟି ।
ସାଧବ – ଘାଟକୂଳ ଜଗି ବସିଚି
ଗୌରୀ – ବୋଲେ ହୁଁ ଟି ।
ସାଧବ – ସୁନାର ବନିଶୀ କରିଚି
ମିଛେ ମିଛେ ମାଛ ଧରୁଚି
ମାନ ମହତ ସେ ସାରିଚି ।
ଗୌରୀ – ବୋଲେ ହୁଁ ଟି ।
ସାଧବ – ବାଟଘାଟ ଜଗି ବସିଚି
ଗୌରୀ – ବୋଲେ ହୁଁ ଟି ।
ସାଧବ – ନଈକି ଗାଧୋଇ ନ ଯିବ
ଉଆସ ବାହାର ନୋହିବ
ବାରିରେ ପୋଖରୀ ଖୋଳିଚି ।
ଗୌରୀ – ବୋଲେ ହୁଁ ଟି ।
ସାଧବ – ପୋଖରୀରେ ଘାଟ ବାନ୍ଧିଛି
ଗୌରୀ – ବୋଲେ ହୁଁ ଟି ।
ସାଧବ – ବାରିରେ ମୁଦିରା ରଖିଚି
ମନକଲେ ମୁଦି ପିନ୍ଧିବ
ବାରିରେ ଶଙ୍ଖାରି ରଖିଚି,
ଗୌରୀ – ବୋଲେ ହୁଁ ଟି ।

Digitized by srujanika@gmail.com

ସାଧବ – ମନକଲେ ଶଙ୍ଖା ପିନ୍ଧିବ ।
ଗୌରୀ – ବୋଲେ ହୁଁ ଟି ।
ସାଧବ – ବାରିରେ ମାଲୁଣୀ ରଖିଚି
ମନ କଲେ ଫୁଲ ଘେନିବ
ବାରିରେ ଧୋବଣୀ ରଖିଚି
ଗୌରୀ – ବୋଲେ ହୁଁ ଟି ।
ସାଧବ – ଛତିଶ ପାଟକ ଖଞ୍ଜିଚି
ଗୌରୀ – ବୋଲେ ହୁଁ ଟି ।
ସାଧବ – ତୋତେ ମୁଁ ବୋଲଇ ଗଉରୀ
ଗୌରୀ – ବୋଲେ ହୁଁ ଟି ।
ସାଧବ – ଲୀଳାବତୀ ତୋତେ ଲାଗିଲା
ଗୌରୀ – ବୋଲେ ହୁଁ ଟି ।
ସାଧବ – ଆଣିଦେବି ସୁନା–ଚଉଁରୀ
ଗୌରୀ – ମୋ ଭାଉଜ ମତେ ଲାଗିଲା ।
ସୂଚନା – ବୋଇତ ମେଲି ଦରିଆରେ
ସାଧବ ଦୂର ବିଦେଶରେ,
ବଣିଜ କରି ଗଲା ଚାଲି
ସିଂହଳ ଦ୍ୱୀପ ପୁଣି ବାଲି ।
ଏସନେ ତା'ର ପରବାସ
ବିତେ ଯେ ଏଣେ ଦିନ ମାସ,
ଭାରିଯା କଥା ମନେ ମନେ
ଭାବୁଥାଏ ସେ ନିଶି ଦିନେ ।
ମନରେ ତା'ର କେତେ ଆଶ
ପୂରିବ ଯେବେ ପରବାସ,
ଫେରିବ ନିଜ ବାସେ ଯେବେ
ବୋଇତ ଫେରାଇ ଗରବେ ।
ମଣି-ମାଣିକ୍ୟ ଭରପୂର
ଧନରତ୍ନ ଯେ ଅସୁମାର,

Digitized by srujanika@gmail.com

ମେଘଡ଼ମ୍ବରୁ ପାଟଶାଢ଼ି
କେତେ ଯେ ଗହଣାର ପେଡ଼ି,
ଭଉଣୀ ଭାରିଯାଙ୍କୁ ନେଇ
ଭେଟିବ ମହାନନ୍ଦେ ଯାଇ ।

ଦୃଶ୍ୟ : [ପୂର୍ବର ସେଇ ନଦୀକୂଳ । ଥାଟପାଟସହ ରାଜା ନଦୀଘାଟରେ ଲୀଳାର ବାଟ ଚାହିଁ ବସିଚନ୍ତି ।]

ସୂଚନା – ଏବେ ରାଜା ମନେ ମହା ଉଲ୍ଲାସ
ଯେଣୁ ସାଧବ ଗଲାଣି ବିଦେଶ ।

ରଜା – ସେ'କି ବିଦେଶରୁ ଆଉ ଫେରିବ
ମଝି ଦରିଆରେ ତରୀ ବୁଡ଼ିବ ।
ଏବେ ଲୀଳାବତୀ ମୋର ହୋଇବ
ଫୁଲ ପାରିଜାତ ମତେ ମିଳିବ ।
କିବା ଜାଗରଣେ କିବା ଶୟନେ
ମୁଁ ତ ଦେଖଇ ବାଳାକୁ ସପନେ ।
ରାଜଯୋଗ୍ୟା ସେଇ ବାଳା ରୂପସୀ
ସେ ତ ହେବ ମୋର ପାଟମହିଷୀ ।
ଘାଟକୂଳେ ବାଟ ଜଗି ବସିଚି
ହାତେ ସୁନାର ବନିଶୀ ଧରିଚି ।
ବେଢ଼ି ରହିଚନ୍ତି ଥାଟ ବେଗାରି
ଭିଡ଼ା ହୋଇଅଛି ପାଟସବାରି ।

(କିନ୍ତୁ ଦିନ ପରେ ଦିନ ବିତିଯାଉଛି – ଲୀଳାବତୀ ନଦୀଘାଟକୁ ଆସୁନାହିଁ । . . . ରାଜା ଅସ୍ଥିର ହୋଇଉଠୁଛନ୍ତି ।)

ରଜା – ଦିନ ଯାଏ ମାସ ଯାଏ ନଈସୁଅ ବୋହିଯାଏ
ଲୀଳାବତୀ କାହିଁ ଏଣେ ଆସେନା,
ଗଛେ ଗଛେ ଫୁଲଭରା ମଳୟ ବହିଲା ତ୍ୱରା
ମନ ମୋର ଆଉ କାହିଁ ବସେନା ।
କେତେ ଥର ଚଢ଼ି ଘୋଡ଼ା ସାଧବ ଉଆସ ବେଢ଼ା
ଚାରିପଟ ବୁଲିଛି ମୁଁ ଝପଟ,

Digitized by srujanika@gmail.com

ହାୟରେ ପୋଡ଼ା କପାଳ   କାହିଁ ଲୀଳା ହଂସପୁର
ସାଧବ କରି ଯାଇଚି ଆକଟ ।

ସୂଚନା– ଆଉ ନ ପାରେ ରାଜା ଧଇର୍ଯ୍ୟ ଧରି
ଲୀଳାର ବିରହ ଦିଏ ବୁକୁ ବିଦାରି ।
ରାଜା ପାଗଳ ପ୍ରାୟେ
ଉପାୟ ଚିନ୍ତୁଥାଏ ।
ଲୀଳା ଯେବେ ନୋହିଲା
ଜୀବନ ଯାଉ ଭଲା ।
ନଈରେ ଝାସ ଦେବ
ରାଜ୍ୟ କି ତେଜି ଯିବ ?
ଲୀଳା ବିନା ଏ ଜୀବନ କିବା କାରଣ
ଶେଷେ ନାପିତୁଣୀ ପାଶେ ପଶେ ଶରଣ ।

ରଜା – ଆଗୋ ନାପିତୁଣୀ ଚତୁରୀ ନାରୀ
କାହିଁ ଲୀଳାବତୀ ମୋ ଗଳାମାଳି ?
ନଈଘାଟେ ଆଉ ଆସଇ ନାହିଁ
ଅନ୍ଧାରି ଉଆସେ ରହିଲା କାହିଁ !
ନ ଆସିବ ଗୋରୀ ଯେବେ ଏ ପଥେ
ଅପଯଶ ସିନା ମିଳିବ ମୋତେ ।
ଏଥୁଁ ଉଚିତ କି ନୁହେଁ ମରଣ
ଏଥକୁ ଭଲା ତୁ କର କାରଣ,
କହୁଚି ତୋତେ ଘେନାଇ
ଛଟକେ ଯାଇ ତୁ   କପଟ ଆଚରି
ଆଣ ଲୋ ତାକୁ ମନାଇ ।

(ନୀରବ ପ୍ରଣିପାତ ଜଣାଇ ନାପିତୁଣୀ ବିଦାୟ ନେଲା ।)

ଦୃଶ୍ୟ: [ସାଧବ ଉଆସର ବହିଃପ୍ରାଙ୍ଗଣ । ହାତରେ ଅଳତାସଜ ଧରି ଗୀତ ଗାଇ ଗାଇ ନାପିତୁଣୀ ଆସିଲା ।]

ନାପିତୁଣୀ – ଆସ ଲୋ ଆସ
ଆସ ଲୋ ଆସ,

Digitized by srujanika@gmail.com

ସାଧବବୋହୂ ମୋ ଯାଦବ ବୋଉ
କଣ-ଭୁଆସୁଣୀ କଣେଇ ଚାହୁଁ
ଆସ ଲୋ ଆସ ।
ସୁନ୍ଦରୀ ନାନୀ ମୋ ଚନ୍ଦ୍ରୀ ଅପା
କାଳିକାନି ଆଉ କନକ
ଆସ ଗୋ ଆସ ବରବନିତା
ପାଦେ ପିନ୍ଧାଇବି ରଙ୍ଗ ଅଳିତା
ଆସ ଲୋ ଆସ ।
ଖଟୁଲି ପକେଇ ଏଇଠି ବସ
ଖିଲି ଖିଲି ଖିଲି ଉଛୁଳେ ହସ
ଆସ ଲୋ ଆସ ।
ଧାରୁଆ ଓଠରେ ସରୁଆ ହସ
ପାକୁଆ ପାଟିରେ ଟାକୁଆ ହସ
ହସ ଟହ ଟହ
ବାସ ମହ ମହ ନାଲି ଅଳିତା
ଆସ ଗୋ ଆସ ବରବନିତା
ପାଦେ ରେଖିଦେବି ରଙ୍ଗ ଅଳିତା
ଆସ ଲୋ ଆସ ।

(ଏହାପରେ ନାପିତୁଣୀ ଧୀରେ ଧୀରେ ସାଧବର ଅନ୍ତଃପୁରକୁ ପ୍ରବେଶ କଲା । ଉପସ୍ଥିତ ଲୀଳା ଓ ଗୌରୀ । ଏମାନଙ୍କୁ ଦେଖି ନାପିତୁଣୀ ମୁଖରେ କୃତ୍ରିମ ହସ ଫୁଟିଉଠିଲା । ବୁଦ୍ଧିମତୀ ଗୌରୀ – ନାପିତୁଣୀର ଆଗମନରେ ସେ ସୁଖୀ ନୁହେଁ ।)

ନାପିତୁଣୀ – କଳା ମେଘ ଗରିଜିଲା
(ଅଦିନରେ) କଳା ମେଘ ଗରଜିଲା,
କଞ୍ଚା ବଅସରେ କମଳୀନାନୀ ମୋ ସବୁ ସୁଖ ବରଜିଲା ।

ଗୌରୀ – ନିମ କି ହୋଇବ ମହୁ
(ଏ ଜଗତେ) ନିମ କି ହୋଇବ ମହୁ,
ନାପିତୁଣୀ ତୁ ଲୋ ଏଡ଼େ ପାରିଲାର ଦେଖେଇ ଶିଖେଇ କହୁ !

Digitized by srujanika@gmail.com

ନାପିତୁଣୀ— ଅଖ ଖାଉଥାଏ କାନି
(କେତେବେଳେ) ଚକ ଖାଉଥାଏ କାନି,
ଏଡ଼େ ମୋ ବହପ ଦେଖେଇ କହିବି
ତମକୁ ମୋ ମା’ ରାଣି !

ଲୀଳା – ସଜଫୁଲ ମହ ମହ,
ନାପିତୁଣୀ ତୁଲୋ ସାଧବ ଉଆସେ
କାହିଁକି ଆସିଲୁ କହ ?

ନାପିତୁଣୀ – ମରିଯାଉଥାଏ କି’ନା
(ବୋହୂରାଣୀ) ମରିଯାଉଥାଏ କି’ନା !
ହାତେକେ ପରା ମୋ ଧାର ନହୁରୁଣୀ
ଏ ହାତେ ଅଳତା ଗିନା ।

ଗୌରୀ– ମନା କରିଚନ୍ତି ଭାଇ
(କେତେକରି) ମନାକରିଚନ୍ତି ଭାଇ,
ଫେରିଯା ଫେରିଯା ନାପିତୁଣୀ ଆମେ
ଅଳତା ଘେନିବୁ ନାହିଁ ।

ନାପିତୁଣୀ– ବାଉଁଶ ଚିରିଲେ ବତା
(ଜାଣିନ କି) ବାଉଁଶ ଚିରିଲେ ବତା,
ଭୂଆସୁଣୀ ଝୁଅ ଏମେତେ କାହିଁକି
ହଉଚ ଅମରମତା !

ଲୀଳା – କାଉ ରାବେ ରାଉ ରାଉ,
ନାପିତୁଣୀ ଯେବେ କଟାଳ କରୁଚି
ଅଳତା ପିନ୍ଧାଇ ଦଉ ।

(କେବଳ ମନ ରକ୍ଷା ପାଇଁ ଗୌରୀର ଅନିଚ୍ଛା ସତ୍ତ୍ୱେ ଲୀଳା ଅଳତା ପିନ୍ଧିବାକୁ ରାଜି ହେଲା । ଅତି ଆଗ୍ରହ ସହିତ ନାପିତୁଣୀ ଅଳତା ପିନ୍ଧାଇବାକୁ ଲାଗିଲା ।)

ନାପିତୁଣୀ – ନାଲି ଟୁକୁଟୁକୁ ସାଧବବୋହୂ ଲୋ ସାଧବବୋହୂ,
ଘାସ ଚରି ଚରି କାହିଁ ତୁ ଯାଉ ଲୋ ସାଧବବୋହୂ ।
ସାଧବାଣୀ ମୋର ଲକ୍ଷ୍ମୀ ଠାକୁରାଣୀ,

Digitized by srujanika@gmail.com

ତା' ପାଦ ସେବାରେ ମୋ ଦିନ ଯାଉ ଲୋ
ମୋ ଦିନ ଯାଉ ।
ସାଧବପୁଅ ସେ ବୋଇତବାଲା
ବୋଇତ ବାହି ସେ ବିଦେଶ ଗଲା
ଉଜାଣି ବୋହିବ
ବୋଇତ ଫେରିବ
ସାଧବାଣୀ ଯିବ ବୋଇତ ବନ୍ଦାଇ
ତା ପାଦ ସେବାରେ ମୋ ଦିନ ଯାଉ ଲୋ
ସାଧବବୋହୂ ।

(ଅଳତା ପିନ୍ଧାଇବା ଅବସରରେ ନାପିତୁଣୀ ଖୁବ୍ ସନ୍ତର୍ପଣରେ ତା' ମନକଥା କହିବସିଲା । ଗୌରୀର ସତର୍କ ଦୃଷ୍ଟି କିନ୍ତୁ ନାପିତୁଣୀ ଉପରେ ରହିଚି ।)

ନାପିତୁଣୀ – କଥାଏ କହନ୍ତି ବୋହୂ ଗୋ
ଯଦି ରହିବ ମଥା,
ଗୌରୀ – କହୁ କହୁ ପୁଣି କହିବୁ
ବୋହୂ ଅମରମତା ।
ନାପିତୁଣୀ – କାଟିଦିଅ ଜିଭ ପଛକେ ଆଖି ଫୁଟାଇ ଦିଅ
କହୁଥିଲି ଖାଲି ମୋ ବୋହୂ ରାଣୀ ସୁନାର ଦିହ ।
ମଉଳଣ ପଡ଼ିଗଲାଣି ମଳି ପଡୁଛି ଖସି
ସ୍ନାହାନ କି ଉଣା ପଡ଼ିଚି କିବା ହଉନ ଘଷି !
ଗୌରୀ – ପତର ଗୋଟେଇ ଆସିଚୁ
କିଅାଁ ଜାହାଜ ମୂଳ,
କାମ ସାରି ବେଗେ ଯାଆ ତୁ
ଏଠୁ ନେଇ ତୋ' ମୂଳ ।
ଲୀଳା– ଜାଣିନୁ କି ନାପିତୁଣୀ ତୁ ବାଟେ ପଡ଼ିଚି କଣ୍ଟା
ଘାଟ ଜଗି ରଜା ବସିଚି ହାତେ ବନିଶୀ କଣ୍ଟା ।
ନଦୀସ୍ନାନ ହେଲା ସପନ ରଜା କରିଚି ହଟ
ରଜା ପାଇଁ ସିନା ଉଆସ ବେଢ଼ା ହେଲା ଆକଟ ।

Digitized by srujanika@gmail.com

ନାପିତୁଣୀ – ଏଡ଼େ ତାହା ମିଛ କେମନ୍ତେ କିଏ ପ୍ରଘଟ କଲା
ଆମ ରଙ୍କା ଭଳି ସୁଧାର ପୁଅ ଅଛି କେ ଭଲା !
ମନସୁଖେ ସ୍ନାନ କରିବ ଚାଲ ନଦୀତଟକୁ
ଛାଇ ପରି ଥିବି ସଙ୍ଗତେ ଜଗିଥିବି ଘାଟକୁ ।

ଗୌରୀ– ନେହୁରା ହେଉଚି ଭାଉଜ
ମାନ ମୋ ସାନକୁହା
କି ଅଛି ବିଶ୍ୱାସ ରାଜାକୁ
ତା'ର ମନ ତ ଲୁହା ।

ନାପିତୁଣୀ – ତା' ରଙ୍କାପଣିଆ ତାଆଠି
ଏଡ଼େ ବହପ ହବ,
ଲକ୍ଷ୍ମୀରାଣୀ ମୋର ମାଆକୁ
ପୁଣି ସିଏ ଛୁଇଁବ !

ସୂଚନା– ନାନା ରଙ୍ଗେ ନାନା ଭଙ୍ଗେ ମଧୁର ବଚନ
କହି ନାପିତୁଣୀ ହରେ ଲୀଳାବତୀ ମନ ।
ସରଳା ସେ ସାଧବାଣୀ ଛନ୍ଦ ଜାଣେ ନାହିଁ,
ମାଛିକୁ କହିବ 'ମ' ଜାତକରେ ନାହିଁ ।
ପାଚିରିଘେରା ଉଆସେ ରହି ଏତେ କାଳ
ଆଲୁଅ ପବନ ଲାଗି ତା' ପ୍ରାଣ ଆକୁଳ ।
ସେ କାହୁଁ ବୁଝିବ ନାପିତୁଣୀର କପଟ
ଭୁଲିଲା ସେ ସାଧବର ଯେତେକ ଆକଟ ।
ଲୋଭ ତା'ର ନିରିମଳ ନଦୀଜଳେ ସ୍ନାନ
ନାପିତୁଣୀ ଦିଏ ପୁଣି ଘୃତରେ ଇନ୍ଧନ !

ଦୃଶ୍ୟ: [ନଦୀକୂଳ । ନାପିତୁଣୀ ସହିତ ଲୀଳାବତୀ ନଦୀଘାଟକୁ ଆସିଚି ।]

ସୂଚନା– ନଈକୂଳେ ଆସେ ଲୀଳା ନାପିତୁଣୀ ମେଳେ
ଗଉରୀ କଥାକୁ ସେ ତ ନ ଶୁଣିଲା ହେଳେ ।
କଳ କଳ ନଦୀ ଜଳ କାଚକେନ୍ଦୁ ସମ
ସ୍ନାନ ସାରି ଲୀଳାବତୀ ନିଏ ପ୍ରଭୁ ନାମ ।
ଅଙ୍ଗେ ଶୋହେ ପାଟଶାଢ଼ି ଫିଟାଅଛି ଗଭା

Digitized by srujanika@gmail.com

ଲୀଳାର ସମ୍ମୁଖେ ଆସି ରଜାପୁଅ ଉଭା ।

(ରଜାକୁ ଦେଖି ଲୀଳାବତୀ ସ୍ତମ୍ଭୀଭୂତା ହୋଇପଡ଼ିଚି । ନାପିତୁଣୀ ଉଦ୍ଦେଶ୍ୟରେ ଏଣେତେଣେ ଚାହିଁଲା – କିନ୍ତୁ ନାପିତୁଣୀ ନାହିଁ ।)

ରଜା– ତୋତେ ମୁଁ ବୋଲଇ ଲୀଳା ଲୋ
ମୋର ଘାଟମୂଲ ମତେ ଦେ' ।

ଲୀଳା – କି ଘାଟ ମୂଲ ମୁଁ ଦେବି ରାଜା
ବେଙ୍କର କଣ୍ଠି ତୁ ନେ ।

ରଜା – ବେଙ୍କର କଣ୍ଠି ମୁଁ ନେବିନି
ତାକୁ ପାଣିକି ପକେଇ ଦେ,
ରାଇଜର ରଜା ମାଗେ ହାତ ପାତି
(ମୋ) ଘାଟମୂଲ ମତେ ଦେ' ।

ଲୀଳା – ସୁବର୍ଣ୍ଣ ଚୂଡ଼ି ତୁ ନେ'ରେ

ରଜା – ପାଣିକି ପକେଇ ଦେ' ।

ଲୀଳା – ମଥାର ଅଳକା ନେ'ରେ

ରଜା – ପାଣିକି ପକେଇ ଦେ' ।

ଲୀଳା – ଏ' କି ହଟହଟା କରୁ କହ ଆଜ
କି ଘାଟମୂଲ ମୁଁ ଦେବି ?

ରଜା – ଚମର ପିତୁଳି ନେବି ଲୀଳାବତୀ
ଚମର ପିତୁଳି ନେବି ।

(ଲୀଳାବତୀର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ଚମର ପିତୁଳି ହଉଚି ସେ ନିଜେ ।)

ସୂଚନା – ଆଖିପିଛୁଳାକେ ପାଟ-ସବାରି ଆସିଲା
ସାଧବର ବୋହୂ ରାଜ-ଉଆସକୁ ଗଲା ।
କରମକୁ ନିନ୍ଦି ପୁଣି ପତିଗୁଣ ଗୁଣି
ନିରିମାଖି ଲୀଳାବତୀ କାନ୍ଦଇ ବାହୁନି ।

ଲୀଳା – ମରଣୁ ମୋ ଦଶା ଗଲା ତ ବଳି
ମୁଁ ହୀନକପାଳୀ
କା' ଆଗେ ଗାଇବି ମୋ ଦୁଃଖ କାହାଣୀ

Digitized by srujanika@gmail.com

ମୁଁ ତ ହୀନିମାନୀ ସାଧବ ବାଳୀ । ୦ ।
ପତି ଯେବେ ମୋର ବରଷ ଶେଷରେ
ବଣିଜ ତୁଟାଇ ଆସିବେ ଫେରି,
ଯିବିନି ତ ଆଉ ବୋଇତ ବନ୍ଧାଇ
ନ ଥିବ ମୋ' ହାତେ ବନ୍ଧାଣଥାଳି,
ମୁଁ ସାଧବବାଳୀ
ସୁନା-ସଂସାର ମୋ ଯାଉଚି ଜଳି । ୧ ।
ସାକ୍ଷୀ ଥାଅ ଆରେ ନଈତୁଠ ଘାଟ
ରଜାପୁଅ ମତେ ନଉଚି ଧରି
ପତି ନଣନ୍ଦ ମୋ' ଖୋଜିଲେ କହିବ
ଲୀଳାବତୀ ତାଙ୍କ ଗଲାଣି ମରି,
ମୁଁ ସାଧବବାଳୀ
ବଳେ ରଜାପୁଅ ନଉଚି ଧରି । ୨ ।

(ଏଇ ଅବସ୍ଥାରେ ବାହକମାନେ ସବାରି ଉଠାଇ ନେଇ ଚାଲିଗଲେ ।)

ସୂଚନା - ଏଣେ ଯେ ବରଷ ପୂରିଲା
ସାଧବ ଘରକୁ ଫେରିଲା ।
ଶୁଣିଲା ଲୀଳାବତୀ କଥା
କାନ୍ଦଇ ତଳେ କୋଡ଼ି ମଥା ।
ଧନ ସମ୍ପତ୍ତି ଯାହା ଥିଲା
ନିମିଷେ ସବୁ ତ୍ୟାଗ କଲା ।
ଥାଳ କେନ୍ଦରା ଯୋଗୀ ଭେକ
ଧରି ସେ ମାଗି ବୁଲେ ଭିକ ।
ଦେଶ ବିଦେଶ ବୁଲି ଶେଷେ
ଆସିଲା ରାଜପୁର ପାଶେ ।

ଦୃଶ୍ୟ ୫ : [ରାଜନଗରର ବହିର୍ଭାଗ । ସାଧବ ଯୋଗୀ ବେଶରେ କେନ୍ଦେରା ବଜାଇ ଗୀତ ଗାଉଥାଏ ।]

ସାଧବ— କେଁ କେଁ କେନ୍ଦରା କେତେ ମୁଁ ବଜାଇଲି
ଏକା ଲୀଳା ଲାଗି ସିନା ଯୋଗୀ ହୋଇଗଲି । ୦ ।

Digitized by srujanika@gmail.com

ଥିଲୁ କାଲି ସାଧବାଣୀ
ହେଲୁ ଆଜି ରାଜରାଣୀ
ତୋ ବିହୁନେ ସାଧବ ମୁଁ ଭିକାରି ହୋଇଲି । ୧ ।
ଦେ' ଲୋ ମୁଠିଏ ଭିକ
କରନା ମତେ ବିମୁଖ
ତୋ ହାତରୁ ଭିକ୍ଷା ପାଇଁ ଥାଳି ସିନା ପତାଇଲି
ତୋର ଦରଶନ ପାଇଁ ଯୋଗୀ ଭେକ ମୁହିଁ ନେଲି । ୨ ।

(ଜଣେ ଦାସୀ ଭିକ୍ଷା ନେଇ ଆସିଲା; କିନ୍ତୁ ସାଧବ ତା' ହାତରୁ ଭିକ୍ଷା ନ ନେଇ ତାକୁ ଫେରାଇଦେଲା ।)

ସାଧବ – ଭିକ୍ଷା ଦିଅ, ଦିଅ ଭିକ୍ଷା,
ଦାସୀ ପରିବାରୀ ନୁହେଁ
ଅନେଶତ ରାଣୀ ନୁହେଁ
ନୂଆ ରାଣୀ ଭିକ୍ଷା ଦିଅ
ନଇଲେ ଫେରିଲା ଯୋଗୀ,
ଭିକ୍ଷା ଦିଅ, ଦିଅ ଭିକ୍ଷା ।

(ଶେଷରେ ଲୀଳାବତୀ ତ୍ରସ୍ତପଦରେ ଭିକ୍ଷା ନେଇ ଆସି ଗବାକ୍ଷ ସେପଟରେ ଅଟକିଲା ।)

ଲୀଳା – କିଏ ଯୋଗୀବର କରୁଚ କଟାକ୍ଷ
ମୋ ହାତରୁ ଭିକ୍ଷା ପାଇଁ ?
ସିଂହଦ୍ୱାର ମନା ଭିକ୍ଷା ଦେବି ସିନା
ପଞ୍ଜରେ ଏ ପାଶେ ଥାଇ ।
ଅଭାଗିନୀ ବନ୍ଦିନୀ ମୁଁ,
ଅପରାଧ କ୍ଷମା କର – ଅଭାଗିନୀ ବନ୍ଦିନୀ ମୁଁ
ଭିକ୍ଷାମୁଠି ଘେନାକର – ଅଭାଗିନୀ ବନ୍ଦିନୀ ମୁଁ । ୧ ।

ସାଧବ – ଯୋଉ ଲୀଳା ଲାଗି ଦିନେ ସୁଖେ ଭାସୁଥିଲି
ଯୋଉଁ ଲୀଳା ଲାଗି ଦୂର ବିଦେଶ କରିଲି ।
ଯୋଉ ଲୀଳା ଲାଗି ଏଇ ଯୋଗୀବେଶ ହେଲି
ସେଇ ଲୀଳା ପାଇଁ ଏବେ ଜୀବନ ମୁଁ ଦେଲି ।

Digitized by srujanika@gmail.com

(ନିଜ ବକ୍ଷରେ ନିଜେ ଛୁରିକାଘାତ କରି ସାଧବ ନିଜ ଜୀବନ ନେଲା । ଲୀଳା ଚିହ୍ନିପାରିଚି ସାଧବକୁ । ପାଗଳିନୀ ପରି ସେ ଗବାକ୍ଷଧାରରେ ମଥା ପିଟିବାକୁ ଲାଗିଲା ।)

ଅନ୍ତିମ ଦୃଶ୍ୟ — [ଶ୍ମଶାନ । ସାଧବର ଚିତା ଜଳୁଚି । ଦେଖାଗଲା ଲୀଳା ଉନ୍ମାଦିନୀ ପରି ଚିତା ଆଡ଼କୁ ଧାଇଁ ଆସୁଚି । ପଛେ ପଛେ ରଜା । . . . . . ଆଖିପିଛୁଳାକେ ଲୀଳା ଚିତାରେ ଝାସ ଦେଲା । ପରମୁହୂର୍ତ୍ତରେ ରଜା ମଧ୍ୟ ସେଇ ଚିତାରେ ଝାସ ଦେଲେ ।)

ସୂଚନା— ଚିତା ଜଳେ ଶମଶାନେ, ହାୟ ଏ'କି ହେଲା !
ସାଧବ ଚିତାରେ ସାଧବାଣୀ ଝାସ ଦେଲା ।
ସେ ଚିତାରେ ରାଜା ପୁଣି ହାରିଲା ଜୀବନ
ଅନେଶତ ରାଣୀ ଦୁଃଖେ କରନ୍ତି ରୋଦନ —
ଯୋଗୀ ସିନା ମଲା ଯୋଗିଆଣୀ ପାଇଁ
ରଜା ମଲେ କାହା ପାଇଁ ?
ଅନେଶତ ରାଣୀ ବିଧବା ହୋଇଲେ
ଏକା ଲୀଳାବତୀ ପାଇଁ ।

□ □ □

Digitized by srujanika@gmail.com

ଚମ୍ପୂବିନୋଦ

[ଗୋପନଗରୀରେ ଶ୍ରୀରାଧାଙ୍କ ପ୍ରାସାଦର ଏକ ଅଂଶ । ବ୍ୟଥାତୁର ଅବସ୍ଥାରେ ଶ୍ରୀମତୀ ପ୍ରତୀକ୍ଷା କରିଥାନ୍ତି ।]

ରାଧା : (ମନକୁମନ) କ'ଣ କରିବି ମୁଁ ? କାଲି ସେତିକିବେଳୁଁ ଏଯାଏଁ ମନ ଭିତରେ ସବୁ କଥା ଚାପି ଚାପି ରଖିଥିଲି । ଆଉ ପାରୁନାହିଁ । . . . କାଇଁ, ଲଳିତା ଗଲା କୁଆଡ଼େ ? ସବୁବେଳେ ଛାଇପରି ମୋ ସାଙ୍ଗେ ସାଙ୍ଗେ ଥାଏ – ଆଜି ଯେତେବେଳେ ଭିତରେ ଭିତରେ ମୁଁ ଜଳିପୋଡ଼ି ମରୁଚି ତା'ର ଦେଖା ନାହିଁ । ଲଳିତା ବିନା ତ ଆଉ କାହା ଆଗରେ ମୋ ମନକଥା ମୁଁ ଖୋଲି କହିପାରିବି ନାହିଁ ! ବଂଶୀ ଏବେ ବାଜୁଚି କି ନାହିଁ ମୁଁ ଜାଣେନା । ମାତ୍ର ଯମୁନା କୂଳ କଦମ୍ବ ତଳର ବଂଶୀସ୍ୱନ ଯେମିତି ମୋର ଏ ଅନ୍ତଃପୁରକୁ ଭାସିଆସି ମୋ ଛାତି କରତି ଦଉଚି । . . . ଏଇ, ଲଳିତା ଆସୁଚି । ସିଏ କେମିତି ଜାଣିବ, ମୁଁ ଚାତକ ପରି ତା' ବାଟ ଚାହିଁବସିଚି । ପ୍ରାସାଦର ଅନ୍ୟ ଅଂଶରେ ଲଳିତା ଆସୁଥାଏ ।)

ଲଳିତା : (ମନକୁମନ) ଏଁ . . . ଏ କ'ଣ ? ମୋ ପ୍ରାଣର ସଖୀ ମୋ' ନୟନ ପ୍ରତିମା ଶ୍ରୀରାଧା ଏମିତି ଆକୁଳ ନୟନରେ ଚାହିଁରହିଚି କାହିଁକି ? ଏଇଠୁ ଥାଇ ମୁଁ ଜାଣିପାରୁଚି, ଆଖି ଲୁହ ଛଳ ଛଳ – ମୁହଁ . . . ନା, ମୁଁ ଏଠି ଉହ୍ଲାଳରେ ଥାଇ ଟିକେ ଦେଖେଁ ।

ରାଧା : ଏଁ ! ଆସୁଥିଲା, ପୁଣି କୁଆଡ଼େ ଛପିଗଲା ? କାଇଁ କୋଉଠି ତ ଦିଶୁନାଇଁ ! ଗଲା କୁଆଡ଼େ !

ଲଳିତା : (ମନକୁମନ) ନା, କିଛି ଗୋଟାଏ ତାର ହେଇଚି । ମୁଁ ଯାଏଁ । (ଲଳିତା ଆସିଲା)

ରାଧା : ଲଳିତା ! ତୁ ଆସିଲୁ ଲଳିତା !

ଲଳିତା : ମୁଁ ତ ଆସୁଚି ।

Digitized by srujanika@gmail.com

ରାଧା : ଲଳିତା . . .

ଲଳିତା : କ'ଣ ହେଇଚି ଲୋ ରାଧା, କ'ଣ ତୋର ହେଇଚି ?

ରାଧା : ମତେ ଦେଖି ବୁଝିପାରୁନୁ କ'ଣ ମୋର ହେଇଚି ?

ଲଳିତା : ଏମିତି ଦେଖି କେହି ଭଲା କେବେ ବୁଝିପାରିବ ଯେ କାହାର କ'ଣ ହେଇଚି ? ତୁ ତ ମତେ ଦେଖୁଚୁ, କହିଲୁ ମୋର କ'ଣ ହେଇଚି ?

ରାଧା : କ'ଣ ହେଇଚି ?

ଲଳିତା : ମୁଁ ଉଆସ ଭିତରକୁ ଆସୁଚି । ତୋ ନଣନ୍ଦ କୁଟିଳା – ତା ଗୋଡ଼ ଖସିଗଲା – ସେ ପଡ଼ିଗଲା । ମୁଁ କି ଦୋଷ କଲି ଯେ ସିଏ ମତେ ଗାଳି ଦଉଚି !!

ରାଧା : (ଭାଙ୍ଗିପଡ଼ି) ନାଇଁ ଲଳିତା, ଏ ସବୁ କଥା କହିବାର ବେଳ ଏ ନୁହେଁ । ତୁ – ତୁ ମତେ କହ . . .

ଲଳିତା : ରାଧା ! ମୋ' ସୁନା – ମୋ ଲକ୍ଷ୍ମୀ । ତୁ ଆଗେ ମୋ କୋଳକୁ ଆଉଜି ବସ । ହଁ କହିଲୁ – ତୋର କ'ଣ ହେଇଚି ?

ରାଧା : ମୋର . . . ନାଇଁ ଲଳିତା, ମୁଁ କିଛି କହିପାରୁନି, କିଛି କହିହଉନି ।

ରାଧା: (ଗୀତ) କି ହେଲାରେ, କହି ତ ନୁହଇ ଭାରତୀରେ,
କାଲି ଯା ଦୂରରୁ ଦେଖି, କଳନା କଲା ମୋ ଆଖି
କଳା ଇନ୍ଦୀବର ଆରତିରେ । ପଦ ।

ଲଳିତା : (ଆଶ୍ଚର୍ଯ୍ୟରେ) କଳା . . . ଇନ୍ଦୀବର ! !

ରାଧା : ହଁ ସଖି !

ରାଧା– (ଗୀତ)କେଳି କଦମ୍ବ ଲତାର କୋଳେ କି ଶ୍ୟାମଳତାର
ତେଜ ସେ ରବିସୁତାର ତୀରେ
କମ୍ପି ମୋର କଳେବର ହୋଇଗଲା ଆରପାର
ଯାହାକୁ ଡରଇ ତା'ର ତୀରେ । ୧ ।
କି ନୀତି କି ଜାତିଶୀଳ କି କୁଳବରତ ଫଳ
ଠଉରି ପାରିଲା ମୋ' ମତିରେ ?
କୋମଳତର ମୋହନ କୁଞ୍ଜକୁକ୍ଷିରୁ ନିଃସ୍ୱନ
ଆସି ଚୁମ୍ବିଦେଲା ମୋ' ଶ୍ରୁତିରେ । ୨ ।

Digitized by srujanika@gmail.com

ଲଳିତା : ତା’ହେଲେ ତୁ କାଲି ଏକୁଟିଆ ଯମୁନା କୂଳକୁ ଯାଇଥିଲୁ ?

ରାଧା : ହଁ . . .

ଲଳିତା : ଏବେ ଗୋପପୁରରେ ଯେଉଁ ନୂଆ ନାଗର ଖେଳିବୁଲୁଚନ୍ତି, ନଟବର ଶ୍ରୀକୃଷ୍ଣ, ଯାହାଙ୍କ ପାଇଁ ଗୋପର ଗୋପୀମାନେ ପାଗଳିନୀ ହେବାକୁ ବସିଲେଣି, ତାଙ୍କରି ସାଙ୍ଗରେ ତୋର ଭେଟ ହେଇଗଲା ?

ରାଧା : ହଁ, ତାଙ୍କରି ସାଙ୍ଗରେ ।

ଲଳିତା : ତୁ ତାଙ୍କ ଆଡ଼କୁ ଚାହିଁରହିଲୁ ?

ରାଧା : ହଁ ଲଳିତା ।

ଲଳିତା : ତ୍ରିଭଙ୍ଗୀ ଠାଣି, ମୁରଲୀପାଣି, ମଥାରେ ମୟୂରପୁଚ୍ଛ !

ରାଧା : ସବୁ ଠିକ୍ ।

ଲଳିତା : ହୁଁ ।

ରାଧା : କାଲି ସେତିକିବେଳୁ ମୁଁ ଆଉ ମୋ ନିଜ ଆୟତ୍ତରେ ନାହିଁ । ମୋର ବେଶଭୂଷା, ଖାଇବା ପିଇବା, ଶୟନ ସ୍ୱପନ ସବୁ ତୁଚ୍ଛ ହୋଇଗଲାଣି । ବଂଶୀ ବାଜୁ କି ନବାଜୁ ମୋ’ ଛାତି କରତି ହୋଇଯାଉଚି । କେମିତି ମୁଁ ତାଙ୍କୁ ପାଇବି !

ଲଳିତା : ହୁଁ !!

ରାଧା : ଲଳିତା . . . ! . . . ଲଳିତା . . .

ଲଳିତା : ମୁଁ ତ ଏଇଠି ତୋ ପାଖରେ ଠିଆହେଇଚି, ତୁ ଏମିତି ଲଳିତା ଲଳିତା ଡାକ ଛାଡୁଚୁ କାହିଁକି ?

ରାଧା : ତୁ କ’ଣ ମୋ କଥା କିଛି ବୁଝିପାରୁନୁ ଲଳିତା ?

ଲଳିତା : ନାଇଁ ।

ରାଧା : ମତେ ଦେଖି ମୋ’ କଥା ଶୁଣି କିଛି ଜାଣିପାରୁନୁ ?

ଲଳିତା : ନାଇଁ ।

ରାଧା : କିଛି ?

ଲଳିତା : ଓ ! . . . କିଛି ?

ରାଧା : ହଁ !

ଲଳିତା : ଜାଣୁଚି ଖାଲି ଗୋଟିଏ କଥା ।

ରାଧା : (ଆଗ୍ରହରେ) କ’ଣ ସହୀ – କ’ଣ କି କଥା ?

Digitized by srujanika@gmail.com

ଲଳିତା : (ଗୀତ)

ଖରାପ ତୁ ହେଲୁରେ,
ଖେଳଲୋଳଖଞ୍ଜନାକ୍ଷି କି ସାହସ କଲୁ ରେ । ପଦ ।
ଖର୍ବ ହୋଇ ସୁରତରୁ କୁସୁମ ବାଞ୍ଛିଲୁରେ
ଖେଦବୀଜ ନିଜ ହୃଦ କେଦାରେ ରୋପିଲୁ ରେ । ୧ ।

ରାଧା : ଲଳିତା, ଏସବୁ ତୁ କ'ଣ କହୁଚୁ ?

ଲଳିତା : (ଗୀତ)

ଖାଇଦେଇ କି ଅମଳ ଅଚେତା ହୋଇଲୁ ରେ
ଖାରା ଖଣ୍ଡା ଧାରେ ଖଟ ବିଚାରି ଶୋଇଲୁ ରେ । ୨ ।

ରାଧା : ତୁ ମୋର ଅନ୍ତରଙ୍ଗ ପ୍ରିୟ ସଖୀ ବୋଲି ସବୁକଥା ଏକାନ୍ତରେ କହିଲି ଯେ . . .

ଲଳିତା : ଶ୍ରୀମତୀ ଲୋ ! ତୋ' ଆଖିରେ ମୁଁ ସିନା ତୋ ଅନ୍ତରଙ୍ଗ ସଖୀ, ମୁଁ ତ ମୋ' ଜୀବନଟାକୁ ତୋ' ଜୀବନ ସାଥିରେ ଛନ୍ଦି ଦେଇ ଆଗେ ଆଗେ ଚାଲିଚି । ଆକାଶରୁ ବଜ୍ର ପଡ଼ିଲେ ଆଗେ ମୋ ଉପରେ ପଡ଼ିବ । ମୁଁ ସେମିତି ଏକାନ୍ତରେ ପଚାରୁଚି - ଏ ବୁଦ୍ଧି ତୋତେ କିଏ ଦେଲା ?

ରାଧା : ମୁଁ ତ କିଛି ମନ୍ଦ ବୁଦ୍ଧି ଧରିନାଇଁ ଲୋ ଲଳିତା !

ଲଳିତା : ଧରିନୁ . . . ? . . . ଶୁଣ ! ତୁ ସାପୁଆକେଳା ନୋହୁଁ । ମାତ୍ର କଳାନାଗକୁ ଆଣି ତୋ' ହୃଦ ପେଡ଼ିରେ ସାଇତି ରଖିଲୁଣି । ଧାରୁଆ ଖଣ୍ଡାଧାରକୁ ତୁ ଭାବୁଚୁ ତୂଳିତଳ୍ପ ଶେଯ – ତା' ଉପରେ ଶୋଇବାକୁ ଯାଉଚୁ !

ରାଧା : ଲଳିତା !

ଲଳିତା : ଥାଉ, ତୁ ମତେ ଆଉ ଡାକନା କି ଆଉ କିଛି କହନା ।

ରାଧା : (ଟିକିଏ ରହି) ହଉ . . . ତୁ ମତେ ଏଇ ଯୋଉ ସବୁ କଥା କହିଗଲୁ, ସେ କଥା ତ ଗୋପପୁରରେ ଯିଏ ପାରି ସିଏ ମତେ କହିଥାନ୍ତା– ତୁ ଆଉ ଅଧିକ କ'ଣ କଲୁ ? କାଲି ଯେତେବେଳେ କଦମ୍ବ ମୂଳରେ ସେଇ ଲାବଣ୍ୟମୟ ମୂର୍ତ୍ତି ମୁଁ ଦେଖିଲି, ମୋ ଦେହ ଥରଥର ହୋଇ କମ୍ପିଉଠିଲା । ମୋ ଉପରେ ତାଙ୍କ ଆଖି ପଡ଼ିବା ପୂର୍ବରୁ ମୁଁ ପଳାଇଆସିଲି । ଏଠି ଆତୁର ହୋଇ, ବିକଳ ହୋଇ ତୋ' ପାଖରେ

Digitized by srujanika@gmail.com

ମୋ' ହୃଦୟ ଖୋଲିଦେଲି କ'ଣ ତୋଠୁଁ ଏଇ ଗଞ୍ଜଣା, ଏଇ ଧିକ୍କାର ପାଇବାକୁ ?

ଲଳିତା : ମୋ' ଧିକ୍କାର ତୋତେ ବାଧୁଚି ?

ରାଧା : ଲଳିତାର ଧିକ୍କାର ରାଧାକୁ ବାଧିଲେ ଏ ଗୋପପୁରରେ ସ୍ନେହ– ସୁହାଗ ବୋଲି କିଛି ରହିବ ନାହିଁ । . . . ହେଲେ ଯିଏ ଧିକ୍କାର ଦିଏ ସିଏ ତ ପୁଣି ହାତଧରି ବାଟ ଦେଖାଏ ।

ଲଳିତା : କ'ଣ ତୁ କହୁଚୁ ?

ରାଧା : (ଅଭିମାନରେ) ତୁ ତ ମତେ ମନାକଲୁ ଆଉ କିଛି କହିବା ପାଇଁ ।

ଲଳିତା : (ସ୍ନେହରେ) ହଉ, କହ କ'ଣ କହୁଚୁ ।

ରାଧା : (ଗୀତ)

ଗଲାଣି ତ ଗଲା କଥାରେ ସଂଗାତ, ଗଲାଣି ତ ଗଲା କଥା,
ଗୁପତେ ସିନା ମୁଁ ତୋତେ ପଚାରିଲି ବଳିପଡ଼ିବାରୁ ବ୍ୟଥା । ୦ ।
ଗଙ୍ଗାରୁ ବିଶଦ ଗଭୀର ତୋ' ହୃଦ ଗଣ୍ଠିଧନ ତୋର ସ୍ନେହ,
ଗୋଡ଼ ଖସି ଖେଦ ହେବାର ଦରଦ ଯିବାର ଉପାୟ କହ । ୧ ।

ଲଳିତା ରହିଲୁ ରହିଲୁ ! କ'ଣ ସବୁ ତୁ ଏତେ କଥା କହିଯାଉଚୁ ? ମୋ ହୃଦୟ ଗଙ୍ଗାରୁ ବଳି ଗଭୀର – ତୋ' ପାଇଁ ମୋ ସ୍ନେହ ଭଣ୍ଡାର ଉଛୁଳିପଡ଼ିଚି !! ମାନିଲି, ଏସବୁ ସତ, ହେଲେ ତୁ ମତେ ଏମିତି ପଟାପଟି କରି ତୋ' କାମ କରେଇନବୁ !! ହେଇପାରିବ ନାଇଁ ।

ରାଧା : ସଖୀ, ଯାହା ଘଟିଯାଇଚି ସେଥିପାଇଁ ତୁ ମତେ ଆଉ ଦୋଷ ଦେ'ନା । ମୋ କଥା ଶୁଣ ।

(ଗୀତ)

ଗଞ୍ଜାଇ କି ଜିଣି ଲାଗି ତା'ର ପୁଣି ରଞ୍ଜାଇଲା ମନେ ଝଳି,
ଗୋଳା ଗରଳରୁ କଟୁ ପୀୟୂଷରୁ ସ୍ୱାଦଗୁଣ ଗଲା ବଳି । ୨ ।
ଗଗନ କୁସୁମ ପରି ଏଥି ଶ୍ରମଫଳ ହୋଇବ କି କାଳେ,
ଗୋଳିଥା ନରଖି କହ ଚନ୍ଦ୍ରମୁଖୀ ଗହଳି ନଥିବା ବେଳେ । ୩ ।

ଲଳିତା ତୋ' କଥା ସରିଲା ?

ରାଧା : ତୋ' ମୁହଁରୁ ମଧୁର କଥା ପଦେ ନଶୁଣି ମୋ' କଥା ତ ସରିବ ନାହିଁ । କହିଚି ତ, ମୋ ପାଦ ଖସିଯାଇଚି । ସେଇଥିପାଇଁ ତୋ' ପାଖରେ

Digitized by srujanika@gmail.com

ହାତପାତି ଠିଆହେଇଚି । ତୁ ମୋ ହାତ ଧରି ସେ ଖସଡ଼ା ପଥରୁ ଉଦ୍ଧାର କରି ମତେ ନେଇଚାଲ ।

ଲଳିତା : କୋଉଠିକି ?

ରାଧା : ସେଇ ବୃନ୍ଦାବନ – ଯମୁନାତଟ – କଦମ୍ବତଳକୁ ।

ଲଳିତା : ଆଉ ଯୋଉଦିନ ଆମେ ଅଷ୍ଟସଖୀ ତୋତେ କହିଥିଲୁ – ରାଧେ, ଏବେ ବୃନ୍ଦାବନରେ ନଟବର ନାଗର କିଶୋରଚନ୍ଦ୍ରଙ୍କ ଲୀଳା ଆରମ୍ଭ ହୋଇଗଲାଣି, ତୁ ଆଉ ତେଣିକି ପାଦ ବଢ଼େଇବୁ ନାଇଁ – ଆମର ସେ କଥା ତ ତୋ'ର ଏ କାନରେ ପଶି ସେ କାନରେ ବାହାରିଗଲା ।

ରାଧା : ମୁଁ ଆଉ କ'ଣ କରିଥାନ୍ତି ମତେ କହ ଲଳିତା?

ଲଳିତା : ଯାହା କହିବାର କଥା ସେଦିନ ସବୁ କହିଚି –

(ଗୀତ) ଘେନାଇ ଆମ୍ଭେ ଯେତେ କହିଲୁ ରେ
ଘେନିଲୁ ନାହିଁ ବାଳା ପହିଲୁରେ ।
ଘୃତ ଘଟକୁ ଶିଖି-ଶିଖା ପାଖରେ ରଖି
ଶିରୀଷଦେହା ଏହା ସହିଲୁ ରେ । ପଦ ।

ଲଳିତା : କଣ, ଏସବୁ କଥା ମନେପଡୁଚି ନା ସବୁ ଭୁଲିଗଲୁଣି ?

(ଗୀତ) ଘେନି ଘେନାଇ ଯାଇ କହିବା ସମଜାଇ
ଘଟିଲେ ଆମ୍ଭେ ଏକା ଜୀଇଲୁଁରେ
ଘଟନା ବିରହରେ ଅବଶ୍ୟ ତ ଜହରେ
ତୋ' ଘେନି ଆତ୍ମଘାତୀ ହୋଇଲୁ ରେ । ୧ ।

ରାଧା : ଲଳିତା, ତୁ ଏଠି ଅଛୁ – ତୋ' କଥା ମୁଁ ସବୁ ଶୁଣିଚି – ତୋ' ମୁହଁକୁ ମୁଁ ଚାହିଁ ରହିଚି । ଆଉ ତୋ'ର ଏଇ ମନଲୋଭା ମୁହଁ ଭିତରୁ ଉଇଁଆସୁଚି କୃଷ୍ଣଚନ୍ଦ୍ରଙ୍କ ମୁଖଚନ୍ଦ୍ରମା ।

ଲଳିତା : (ହସିଉଠି) ରାଧା !

ରାଧା: ତୁ ହସିଲୁ ତ ! ମୁଁ ଜାଣିଲି ମୋର ଆଉ କିଛି ଦୁଃଖ ରହିବ ନାହିଁ ।

ଲଳିତା : ଆଉ ମୁଁ ଜାଣୁଛି, ତୁ ରସରାଜଙ୍କୁ ପାଇଲେ ମତେ ଗୋଟାପଣେ ଭୁଲିଯିବୁ ।

ରାଧା : (ଟିକିଏ ରହି) ଲଳିତା !

ଲଳିତା : କ'ଣ ହେଲା ?

Digitized by srujanika@gmail.com

ରାଧା : ବ୍ରଜବାସୀ ସମସ୍ତେ ଜାଣନ୍ତି, ତୁ ମୋର ପ୍ରାଣର ସଖୀ । ହେଲେ ଏ ବ୍ରଜେଶ୍ୱରୀ ଜାଣେ, ତୁ ମୋର ସାରା ଜଗତ । କୃଷ୍ଣ ହେଉଚନ୍ତି ଜଗତ ସାଇଁ । ମୁଁ ତୋତେ ଛାଡ଼ିଲେ ତାଙ୍କୁ ପାଇବି କେମିତି ?

ଲଳିତା : ତୋ' ଭିତରେ ତୋ' ନିଜର ହେଇ ଆଉ କିଛି ନାହିଁ ରାଧିକା, ସବୁ ତୁ ତାଙ୍କ ପ୍ରେମ ସାଗରରେ ଭସାଇଦେଲୁଣି । ତୋର ଏ ପ୍ରେମର ମହିମା ଯୁଗଯୁଗକୁ ବ୍ୟାପି ରହିବ । ଏଇ ଆଶା କରି, ମୁଁ ହସହସ ମୁହଁରେ ତୋ'ର ଦୂତୀ ସାଜି ବୃନ୍ଦାବନଚନ୍ଦ୍ରଙ୍କ ପାଖକୁ ଯାଉଚି ସଖୀ, ତୁ ଅପେକ୍ଷା କର । (ଲଳିତାର ପ୍ରସ୍ଥାନ)

[ଶ୍ରୀରାଧାଙ୍କ ପରି କୃଷ୍ଣ ସେମିତି ବ୍ୟଥାତୁର ଅବସ୍ଥାରେ ଅପେକ୍ଷାରତ । ସ୍ଥାନ – ବୃନ୍ଦାବନ]

କୃଷ୍ଣ – ସେଇଦିନଠୁଁ ଆଜି ଏ ପର୍ଯ୍ୟନ୍ତ ସେଇ ଗୋଟିଏ ମୁହଁ – ଗୋପପୁରର ବଲ୍ଲବୀ ଶିରୋମଣି ବୃଷଭାନୁ ଜେମା ରାଧିକାର ସେଇ ଦରବିକଶିତ ଶ୍ୱେତ କମଳ ପରି ମୁଖଶ୍ରୀକୁ ଦେଖି ମୁଁ ସବୁ ଭୁଲିଯାଇଚି । ଏ ବୃନ୍ଦାବନର ଶୋଭା, ଧବଳୀ ଶ୍ୟାମଳୀ, ମୋର ପ୍ରିୟ ସଖା ସୁଦାମ ସୁବଳ ମଧୁମଙ୍ଗଳ – ଏ ଯମୁନା, ଏ କଦମ୍ବ, ମୋ ହାତର ଏ ବେଣୁ– ମୁଁ ସବୁ ଭୁଲିଯାଇଚି । ଏଡ଼େ ଭାଗ୍ୟହୀନ ମୁଁ, ଚନ୍ଦ୍ରପ୍ରାପ୍ତିର ଆଶା କରି ବସିଚି । (ଦୀର୍ଘଶ୍ୱାସ . . . ଲଳିତା ଆସିଲା)

ଲଳିତା : ଆହା – ହା – ହା ! ଇଏ ତୁମର କ'ଣ ହେଲା କୃଷ୍ଣଚନ୍ଦ୍ର ?

କୃଷ୍ଣ : ଏଁ ! ଲଳିତା – (ଆବେଗରେ) ଲଳିତା ତୁମେ ! !

ଲଳିତା : ହଁ ଗୋପେନ୍ଦ୍ର, ମୁଁ ! ଆଉ କେହି ନୁହେଁ – ଶ୍ରୀରାଧାଙ୍କ ପ୍ରିୟ ସଖୀ ଲଳିତା । . . . ତମର ଏ କି ଅବସ୍ଥା ହେଇଚି କାହ୍ନୁ ?

କୃଷ୍ଣ : ନାଇଁ ତ, ନାଇଁ – ମୋର ସେମିତି କିଛି ହେଇନି – କ'ଣ ତୁମେ କହୁଚ ? (କୃଷ୍ଣ ଯେପରି ନିଜ ଅବସ୍ଥା ଲୁଚେଇବାର ଚେଷ୍ଟା କରୁଚନ୍ତି)

ଲଳିତା : (ଗୀତ)

ନୂଆନଟପଟଳୀମୁକୁଟ ହେ, ନାହିଁକି ଶ୍ରୀଅଙ୍ଗ ସୁଖ
ନିପଟ ନିସ୍ତେଜ ଦିଶୁଚି ତ ଆଜ ନିରଳସ ଚନ୍ଦ୍ରମୁଖ । ୦ ।
ନୀଳୋତ୍ପଳ ବାସି ହେଲାପରି ଦିଶିଯାଉଚି ଦୂରୁ ଶ୍ରୀଅଙ୍ଗ
ନାସା ନୀଳା ତିଳଫୁଲରୁ ଅନିଳ ପ୍ରସରୁଛି ବେଗ ବେଗ ।୧।

Digitized by srujanika@gmail.com

କୃଷ୍ଣ : ନାଇଁ ଲଳିତେ . . .
ଲଳିତା : ଆହା, ଲୁଚଉଚ କାହିଁକି ?
କୃଷ୍ଣ : କଅଣ ଲୁଚେଇଲି ସଖୀ ?
ଲଳିତା : ମୁଁ ଯେତେବେଳେ ଏଠିକି ଆସିଲି, ତମର ଘନ ଘନ ନିଃଶ୍ୱାସ ଛୁଟୁଥିଲା – ଛାତି ପଡୁଥିଲା ଉଠୁଥିଲା . . . କୁହ, ମୁଁ ମିଛ କହୁଚି ?
କୃଷ୍ଣ : ତୁମେ – ତୁମେ ଏଠିକି ଆସିଲ ଲଳିତା – ମୁଁ କେତେ ଖୁସି !
ଲଳିତା : ମାତ୍ର ତମ ଅବସ୍ଥା ଦେଖି ମୁଁ ମୋଟେ ଖୁସି ନୁହେଁ । ତୁମେ ଏ ଅଭ୍ୟାସ ଛାଡ଼ । ଏ ବୃନ୍ଦାବନ ସ୍ଥଳୀ ଭଲ ଜାଗା ନୁହେଁ । ତୁମେ ଆଉ ଏଠିକି ଆସନାଇଁ । ଏ ଯମୁନା ନଈକୂଳ ଥଣ୍ଡାପବନ ତମ ଦେହରେ ମୋଟେ ଯାଉନି । ସତ କହିଲ, କାଲି ରାତିରେ ଶୋଇଚ ?
କୃଷ୍ଣ : କାଲି ରାତି . . .
ଲଳିତା : ଜାଣେ, ଶୋଇନ ।

(ଗୀତ)

ନିଦ ନାହିଁକି ନୟନେ ନିଶିଦିନ ଆହା ମରଇ ମୋ ଧନ
ନବନୀତ ତହୁଁ ମୃଦୁ ଦେହେ କାହୁଁ ସମ୍ଭବିଲା ଏ କଦନ । ୨ ।

କୃଷ୍ଣ : ନାଇଁ ଲଳିତେ, ମୋର ସେମିତି କିଛି ହେଇନି – ତମେ ମତେ ଭଲକରି ଟିକେ ଚାହିଁ ଦେଖିଲ ।
ଲଳିତା : ଆଉ କେମିତି ଦେଖିବି ? ମୁଁ ଏଠିକି ଆସିଲାବେଳେ ତମେ ପରା ଆଖି ବୁଜି ଛଟପଟ ହେଉଥିଲ । ତମେ ମତେ ଦେଖିବା ଆଗରୁ ମୁଁ ତମକୁ ଦେଖିଲି ।
କୃଷ୍ଣ : ତମର ନିଶ୍ଚୟ ଭ୍ରମ ହେଇଚି ଲଳିତା । ତମେ ଆଉ ଥରେ ମତେ ଭଲକରି ଚାହଁ . . . ଦେଖ – ମୋର ଦେହ ସେମିତି କିଛି ହେଇନି ।

(ଗୀତ)

ଚେତାଥିଲା ପରି କିଛି ପ୍ରତୀତ ତ ହେଉଅଛି
ଚିକ୍‌କଣ ତ ଦିଶୁଛି ମୋ' ଦେହ
ଚିହ୍ନିକି ଲାଞ୍ଛନ ସତେ ଚାମରଚିକୁରା ମତେ
ଚହକାଇ ପଚାରିଲୁ କହରେ, ଚଳାପାଙ୍ଗି,
ଚୁମ୍ବି ରବିନନ୍ଦନାର ନୀର ଚନ୍ଦ୍ରିକାଚୟ ତୁଷାର ସାର

Digitized by srujanika@gmail.com

ଚାରୁ ମାରୁତରୁ ତରୁତଳ ଶୀତଳ ହେତୁରୁ
ଚିନାଏ ତ ଖେଦ ନାହିଁ ମୋର ରେ । ୧ ।

କୃଷ୍ଣ : ଜାଣ ଲଳିତା, ଏ ଯମୁନାକୂଳ ଥଣ୍ଡାପବନ ଯୋଗୁଁ ମୋର ଟିକିଏ ହେଲେ ଦୁଃଖ ନଥିଲା ।

ଲଳିତା : କାହିଁକି ?

କୃଷ୍ଣ : ଜଣେ ଯେତେବେଳେ ଆଉ ଜଣକ ଆଶାରେ ବସିରହି ନିଜ କଥା ସବୁ ଭୁଲିଯାଇଥାଏ, ତା'ର ଦୁଃଖ କରିବାକୁ ବେଳ କାହିଁ ?

ଲଳିତା : କିଏ ସେ ଆଉ ଜଣକ ?

କୃଷ୍ଣ : ତୁମେ ଲଳିତା . . . ତୁମେ ।

ଲଳିତା : ମୁଁ !

କୃଷ୍ଣ : ହଁ ।

(ଗୀତ)

ଚାହିଁ ଚାହିଁ ତୋ' ସରଣୀ କଳୁଉକୁ ରେ ତରୁଣୀ
ଚିତ୍ରାର୍ପିତ ପରି ଥିଲି ବସି
ଚିତ୍ର ମଣିଲି ମୁଁ ତୋତେ, ଚାହିଁ ଯା' ଅତରକିତେ
ଚାରିଚକ୍ଷୁ ମିଶାଇଲୁ ଆସିରେ, ଚକାପାଙ୍ଗି,
ଚନ୍ଦ୍ରରୁ ଚିପୁଡ଼ି ସୁଧା ଝରି ଚିରତୃଷିତର ମୁଖେ ଭରି
ଚାତୁର୍ଯ୍ୟ କୃପାଳୁ ଗୁଣ-ନିଧି ରଖିଲୁ କି ପ୍ରାଣ
ଘେନିଲି ମୁଁ ଏତେ ସରି କରି ରେ । ୨ ।

କୃଷ୍ଣ : ସତ କହୁଚି ଲଳିତେ, ମୁଁ ଏଠି ତମରି ବାଟ ଚାହିଁବସିଥିଲି ।

ଲଳିତା : ତୁମେ ନନ୍ଦନନ୍ଦନ ଶ୍ରୀକୃଷ୍ଣ ମୋ ବାଟ ଚାହିଁ ବସିଥିଲ ! ମୁଁ ମରିଯାଏଁଟି ! . . . କହିବଟି, ମୋ'ଠି ତମର କି କାମ ?

କୃଷ୍ଣ : (ହଡ଼ବଡ଼େଇ) ଇଏ – ନାଇଁ ଲଳିତେ . . .

ଲଳିତା : ଏଇ କଥା ଆରମ୍ଭରୁ ନାଇଁ ନାଇଁ ହେଲଣି – ଆଉ କହିବ କଣ ?

କୃଷ୍ଣ : ମୁଁ କହୁଥିଲି, ତମେ ତ ଏଠିକି ଆସିଲ, ଗୋପପୁର ସମ୍ବାଦ କଣ ?

ଲଳିତା : ଗୋ-ପ-ପୁର ସମ୍ବାଦ !

କୃଷ୍ଣ : ଏଇ ଗୋପାଳମାନଙ୍କ ସମ୍ବାଦ ?

ଲଳିତା : କଣ କହିଲ, ଆଉଥରେ କହିବଟି ।

Digitized by srujanika@gmail.com

କୃଷ୍ଣ : ନାଇଁ, ଗୋପୀମାନଙ୍କ ସମ୍ବାଦ ।

ଲଳିତା : ହେ ଗୋପୀନାଥ – ହେ ଗୋପସୁନ୍ଦର ! ତୁମେ ମା' ଯଶୋଦାଙ୍କ ହାତ ପରଶା ସରଲବଣୀ ଖାଇ ବୃନ୍ଦାବନରେ ଆସି ମୁହଁ ପୋଛିବା ଲୋକ, ତମକୁ ଗୋପପୁର ଏମିତି ଦୂର ହୋଇଗଲା ଯେ, ତୁମେ ଗୋପୀମାନଙ୍କ ସମ୍ବାଦ ମୋଠୁଁ ଶୁଣିବ ବୋଲି ମୋ ବାଟ ଚାହିଁ ବସିଚ !

କୃଷ୍ଣ : କଥା କଣକି, ମୁଁ ଗୋଟାଏ କଥା କହୁ କହୁ ଆଉ ଗୋଟାଏ କଥା ଆପେ ଆପେ କହିହେଇଗଲା ।

ଲଳିତା : (ହସିହସି) ଏ-ମି-ତି ଆପେ ଆପେ କହିହେଇଗଲା ! କେଜାଣି, ହେଇଥିବ ! ଯୋଉଗୁଡ଼ାକ ମିଛକଥା, ଛଳକଥା, ସେ ଗୁଡ଼ାକ ଏମିତି ଆପେ ଆପେ କହିହେଇଯାଏ କି କ'ଣ ?

କୃଷ୍ଣ : ଲଳିତା !

ଲଳିତା : (ହସିହସି) (ଗୀତ)

ଛଳବାହିନୀଶ ହେ, ଛାଡ଼ ଏ ସାହସ ହେ । ପଦ ।
ଛବି ତ ଆବିଳ ଦିଶେ, ଛପିବାର ଅଛି କି ସେ । ୧ ।
ଛଟା କାହା କଟାକ୍ଷର, ଛୁରୀ ହେଲା କି ବକ୍ଷର,
ଛଳବାହିନୀଶ ହେ . . .

କୃଷ୍ଣ : (ବାଧାଦେଇ) ମୋ' କଥା ଶୁଣ ଲଳିତା !

ଲଳିତା : ଶୁଣିବି ? ହଉ କୁହ ।

କୃଷ୍ଣ : ଦିନେ ବ୍ରଜଦାଣ୍ଡରେ ମୁଁ ଯାଉଚି, ଗୋଟିଏ ଦ୍ଵିତଳ ଇନ୍ଦ୍ରନୀଳମଣି ପ୍ରାସାଦ ଉପରେ ମୋ' ଆଖି ପଡ଼ିଗଲା । ଅତି ସୁନ୍ଦର ମନୋହର ପ୍ରାସାଦ । ଉପରେ ନୀଳବର୍ଣ୍ଣର ପତାକା ଉଡୁଚି । ମୁଁ ଦେଖୁଥାଏ, ହଠାତ୍ ମୋ ଆଖି ତଳ ମହଲାର ଝରକା ପାଖକୁ ଟାଣିହୋଇଆସିଲା । ଘର ଭିତରଟା ଯେମିତି ବିଜୁଳି ଆଲୁଅରେ ଝଲସି ଉଠିଲା । ମୋ ଆଖି ମୁଦିହୋଇଗଲା !

ଲଳିତା : (ଛେପ ଢୋକି) ସେଇଠୁ ?

କୃଷ୍ଣ : ଆଖି ମେଲି ଦେଖିଲି, ଗୋଟିଏ ପରମା ସୁନ୍ଦରୀ ଯୁବତୀ ସେ ଘରୁ ଅନ୍ୟ ଘରକୁ ଚାଲିଯାଉଚି ।

ଲଳିତା : ତା' ଘର – ସିଏ ତା'ର ଏଘର ସେ ଘର ହେଲା, ସେଥିରେ

Digitized by srujanika@gmail.com

ତମର କ'ଣ ଗଲା ?

କୃଷ୍ଣ : ମୋ ଦେହ କଥା ମୁଁ ଲୁଚାଉଚି ବୋଲି ତମେ ମତେ ସେତେବେଳେ କହୁଥିଲ ନା ?

ଲଳିତା : ତୁମେ ସତରେ ତା' ହେଲେ ଲୁଚାଉଥିଲ ?

କୃଷ୍ଣ : ହଁ, ତା'ର ସେ ମୁଖମଣ୍ଡଳ ମୁଖ ନୁହେଁ, ଚନ୍ଦ୍ରବିମ୍ବ । ନୟନ ନୟନ ନୁହେଁ, ନୀଳପଦ୍ମ । ତାକୁ ଦେଖିଲା ପରଠୁଁ ମୋର ଏ ଅବସ୍ଥା । ଶୟନ ନାହିଁ, ଭୋଜନ ନାହିଁ, ବ୍ୟସନ ନାହିଁ । ବୃନ୍ଦାବନର ଶୋଭା, କଦମ୍ବର ବାସ, ସବୁ ମୋ ପାଇଁ ବିଷ ପରି – ସବୁ ତୁଚ୍ଛ ।

ଲଳିତା : (ମନକୁମନ) ହୁଁ ! ସେଠି ଇନ୍ଦ୍ରନୀଳମଣି ପ୍ରାସାଦରେ ଦେଖି ଆସିଲି ତା' ଅବସ୍ଥା ସେମିତି – ଏଠି ବୃନ୍ଦାବନ କୁଞ୍ଜବନରେ ଦେଖୁଚି ୟା'ଙ୍କ ଅବସ୍ଥା ଏମିତି ।

କୃଷ୍ଣ : କ'ଣ ଭାବୁଚ ଲଳିତା ?

ଲଳିତା କଣ ଆଉ ଭାବିବି କିଶୋରଚନ୍ଦ୍ର – ଏ ରୋଗ ଜାଣି ତ ଏମିତିକା – ଏଥିକି କାହାର ଆଉ କି ବଳ ଅଛି ?

(ଲଳିତା ଯିବାକୁ ବାହାରିଲା ।)

କୃଷ୍ଣ : ଲଳିତା, ଲଳିତା ! ତୁମେ ଚାଲିଯାଉଚ କୁଆଡ଼େ ?

ଲଳିତା : ମୁଁ ତମରି କାମରେ ଯାଉଚି ।

କୃଷ୍ଣ : (ଖୁସିରେ) ମୋ କାମରେ ! ମୁଁ ଜାଣେ ଲଳିତା, ମୋ' ପ୍ରତି ତୁମର ଏ ଅନୁଗ୍ରହ ରହିଚି ।

ଲଳିତା : ନ ଖାଇ ନ ପିଇ କେତେଦିନ ରହିପାରିବ ! ମୁଁ ଯାଉଚି ମା' ଯଶୋଦାଙ୍କୁ କହିବି, ସେ ଆସି ତାଙ୍କ ଗେହ୍ଲା ନନ୍ଦନ କଳାକାହ୍ନୁଙ୍କ ଅବସ୍ଥା ନିଜ ଆଖିରେ ଦେଖନ୍ତୁ ।

କୃଷ୍ଣ : ଇଏ ତୁମେ କଣ କହୁଚ ଲଳିତେ ! ମା' ଯଶୋଦା କଣ କରିବେ ? ମୋ ଭାଗ୍ୟଡ଼ୋରି ତମରି ହାତରେ ।

ଲଳିତା ମୋ' ହାତରେ ? ଭଲ କଥା ତ ! କୋଉ ଇନ୍ଦ୍ରନୀଳମଣି ପ୍ରାସାଦରେ କାହାକୁ ଦେଖିଲ – ସେଥିପାଇଁ ଦାୟୀ ମୁଁ !

କୃଷ୍ଣ : ତୁମେ କ'ଣ ଜାଣିନ ସେ କିଏ ?

ଲଳିତା : କେମିତି ଜାଣିବି ? ମୋର ଜାଣିବା ଦରକାର ବା କଣ ?

Digitized by srujanika@gmail.com

କୃଷ୍ଣ : ସେ ଆଉ କେହି ନୁହନ୍ତି ସଖି, ସିଏ ହେଉଛନ୍ତି ବୃଷଭାନୁ ରାଜଜେମା ବ୍ରଜେଶ୍ୱରୀ ଶ୍ରୀରାଧା ।

ଲଳିତା : ଓହୋ !

କୃଷ୍ଣ : ଆଉ ତୁମେ ହେଉଚ ବ୍ରଜେଶ୍ୱରୀଙ୍କ ନର୍ମ ସହଚରୀ – ତାଙ୍କ ପ୍ରିୟବାଦିନୀ ସଖୀ ଲଳିତା !

ଲଳିତା : ପ୍ରିୟବାଦିନୀ ! କିଏ ? ମୁଁ ?

କୃଷ୍ଣ : ହଁ ତ . . .

ଲଳିତା : ତା ଅର୍ଥ ମୁଁ ମିଠା ମିଠା କଥା କହେ ?

କୃଷ୍ଣ : ଗୋପନଗରୀରେ ଏକଥା ନ ଜାଣେ କିଏ ?

ଲଳିତା : ହେଇତି, କୃଷ୍ଣଚନ୍ଦ୍ର, ଯିଏ ଜାଣିବାର ଜାଣୁ – ତୁମେ ଏ କଥା ନ ଜାଣିଲେ ଭଲ ! ମୋ' ପାଟିରେ ପୁଣି ମିଠାକଥା ! ମୋ ପାଟିରୁ କେତେବେଳେ ଯେ କଣ ବାହାରେ ! ମୋ' ପାଟି ଡରରେ ସେଇ ଚତୁରୀ ରାଧିକା ପରା ଦିନରାତି ମତେ କରପତ୍ର ଯୋଡ଼ି ରହିଥାଏ ।

କୃଷ୍ଣ : ଶୁଣ ଲଳିତା, ମୋର ଯାହା ଜାଣିବାର କଥା ମୁଁ ଜାଣିଚି ।

ଲଳିତା : କ'ଣ ଜାଣିଚ ?

(ଗୀତ)

କୃଷ୍ଣ : ଜାଣିଛି ମୁଁ ଏତେ ମାତ୍ର ଗୋ ଲଳିତେ
ଯାହା ଇଚ୍ଛା ତୋ'ର ତାହାକର,
କ୍ୱଜନରୁ ବଳି ସେଇଦିନୁ କେଳି
କରେ ବିଭାବରୀନାହାକର । ପଦ ।
ଜହରକୁ ଗୋଳି ଦେଲାପରି ଗିଳି
ମୋହର ଦେହର ପୀଡ଼ା ଗଲା ବଳି,
ଜୀବନାଶା ଟଳି ଯାଉଅଛି କଳି
ପାରୁନାହିଁ ମୁଁ ମୋ' ହୃଦନ୍ତର । ୧ ।

ଲଳିତା : କଥା ଏତେଦୂର ଗଲାଣି ମୋହନ ? ବିଷ ଜହର ଖାଇଲେ ଲୋକର ଅବସ୍ଥା ଯାହା ହୁଏ, ସେ ସୁବର୍ଣ୍ଣ ପ୍ରତିମାଟିକୁ ଦେଖିଲାପରଠୁଁ ତମ ଅବସ୍ଥା ଆସି ସେଇଆ ହେଲାଣି !

କୃଷ୍ଣ : ତା'ଠାରୁ ଅଧିକ ସଖୀ ।

Digitized by srujanika@gmail.com

ଲଳିତା : କଥା ଯାହା ଘଟିଯାଉଚି, ଏ ଗୋପପୁରରେ ଆଉ କେହି ଘରଦ୍ୱାର କରି ରହିବେ ନାହିଁ ।

କୃଷ୍ଣ : ସମସ୍ତେ ରହିବେ ପ୍ରିୟ ସଖୀ ଲଳିତା, ଶ୍ରୀରାଧାଙ୍କ ଦର୍ଶନ ନ ପାଇଲେ ଏକା ମୁଁ ରହିବି ନାହିଁ ।

ଲଳିତା : ମୁଁ ତୁମକୁ ଆକଟ କରି ଦେଉଚି ବଂଶୀଧର, ଏ କଥା ଆଉ ତୁମେ କୁହ ନାହିଁ ।

କୃଷ୍ଣ : ମୁଁ ତୁମକୁ କରଯୋଡ଼ି କହୁଚି ଲଳିତେ, ତୁମେ ତୁମର ଏ ନାସ୍ତିବାଣୀ ମତେ ଆଉ ଶୁଣାଅ ନାହିଁ ।

ଲଳିତା : କଣ ମତେ କହୁଚ ତୁମେ – କଣ ମୁଁ କରିବି ?

କୃଷ୍ଣ : ବ୍ରଜେଶ୍ୱରୀ ରହିଲେ ପ୍ରାସାଦରେ – ମୁଁ ରହିଲି ଏଠି ଏ ବୃନ୍ଦାବନରେ । ଆମ ଦୁହିଁଙ୍କର ଆଶାଭରସା ହେଉଚ ତୁମେ । ତୁମେ ଶ୍ରୀରାଧାଙ୍କୁ ଏଠିକି ଅଣାଇ ଆମର ମିଳନ କରାଅ ।

ଲଳିତା : ରାଧା କୁଳର ବୋହୂ । ଶାଶୁ ନଣନ୍ଦ ନେଇ ଘର କରୁଛି । ତୁମର ଟିକିଏ ବିଚାର ଆଚାର ନାହିଁ, ଡରଭୟ ନାହିଁ ?

(ଗୀତ)

ଡର ନାହିଁକି ହେ, ପରତରୁଣୀ ହରଣୁ
ତୋର ଲାଗି ଘେର ପଡ଼ିବ ଯେ ହେବ
ଚୋର ପରି ଆଚରଣୁ । ପଦ ।

ତୋଳା ପ୍ରତିମାକୁ ପରାଏ ତୁମକୁ ଯଶୋଦା ଅଛନ୍ତି ପାଳି
ତୁବିବଟି ଧନ କେଳିକି ମୋହନ ଲୋଡୁଚ ଯେ କୁଳ ପାଳି । ୧ ।
ଡକାଦେବାଦିନେ ଅରିଷ୍ଟେ ଉରାନେ ଦେଖୁନ୍ତୁ ଶକଟା ଦଶା
ଡାକିମଧ୍ୟମାକୁ ଡାକି ଆଣିବାକୁ ଏଠାକୁ କାହା ଭରସା । ୨ ।
ଡାକି ତ ଜାଣ ମୋହନ ବଂଶୀରବେ, ବିହର ସୁଖେ ଏ ବନେ
ତୁଇଁହେବୁ ସିନା ଆମ୍ଭେ ଫଳ ବିନା, ନ ପଡୁ ତା ଆମ୍ଭ କାନେ । ୩ ।

ଲଳିତା : ହାତରେ ତମର ବଂଶୀ । ବଂଶୀରେ ମୋହନ ସ୍ୱର ଫୁଙ୍କି ମନ କିଣିନେବାରେ ତମେ ଧୁରନ୍ଧର । ତେମେ ତମ ବଂଶୀରେ ରାଧାକୁ ଡାକ । ବଂଶୀସ୍ୱନ ଶୁଣି ସେ ଚନ୍ଦ୍ରବଦନା, ମୃଗନୟନା, କଟିମଧ୍ୟମା, କୁନ୍ଦଦନ୍ତୀ ଚତୁରୀ ରାଧିକା ଏଠିକି ଆସୁ । ଏ ଯମୁନାକୂଳ କଦମ୍ବ ବନରେ ତମେ

Digitized by srujanika@gmail.com

ଦୁହେଁ ତମ ମନଇଚ୍ଛା ଖେଳୁଥାଅ, ବୁଲୁଥାଅ, ଡେଉଁଥାଅ – ମୁଁ ଏଥିରେ ନାହିଁ ।

କୃଷ୍ଣ : ନାଇଁ ସଖୀ, ଏ କୁଞ୍ଜ ବନରେ ସେ ବିଧୁବଦନୀର ଦର୍ଶନ ଟିକିଏ ନ ପାଇବା ପର୍ଯ୍ୟନ୍ତ ମୁଁ ବଂଶୀରେ ସ୍ୱର ସଂଚାର କରିପାରିବି ନାହିଁ ।

ଲଳିତା : ତମେ ତ ଇନ୍ଦ୍ରନୀଳମଣି ପ୍ରାସାଦ ଝରକା ସେ ପାଖରେ ସେ ସୁବର୍ଣ୍ଣ ପ୍ରତିମାର ଝଲକ ଟିକିଏ ଦେଖିଲ – ହେଲେ ତାକୁ ତମେ ଭଲକରି ଚିହ୍ନିଚ ? ତା' ଗୁଣଗ୍ରାମ ବୁଝିଚ ? ଜାଣିଚ ସେ କଣ ?

କୃଷ୍ଣ : କଅଣ ?

ଲଳିତା : ମାନିନୀ ! ଏମିତି ଅଭିମାନିନୀ ଯେ . . .

କୃଷ୍ଣ : ବୃଷଭାନୁ ଜେମାଙ୍କ ମାନଭଂଜନ ପାଇଁ ମୁଁ ତ ଏ ବୃନ୍ଦାବନରେ ଲୀଳା ବିସ୍ତାର କରିବି ।

ଲଳିତା : ପଦେ କଥାରେ ତା' ଆଖିରୁ ଝର ଝର ହୋଇ ଲୁହ ବୋହିଯିବ ।

କୃଷ୍ଣ : ସୁନ୍ଦରୀମାନଙ୍କ ଲୁହଠୁଁ ବଳି ସୁନ୍ଦର ଜିନିଷ ଆଉ କଣ ଅଛି କହିଲ ଲଳିତା ?

ଲଳିତା : ଯା' ବୋଲି ଏମିତି ଲୁହ ବୋହି ଚାଲିଥିବ ?

କୃଷ୍ଣ : ଟୋପାଏ ଲୁହ ବି ତଳେ ପଡ଼ିବ ନାହିଁ – ସବୁ ମୁଁ ଏମିତି ମୋ' ହାତ ପାପୁଲିରେ ପୋଛିନେଉଥିବି ।

ଲଳିତା : କୃଷ୍ଣ, ସଖୀ ମୋର କୁଳର ବୋହୂ !

କୃଷ୍ଣ : ଦିନେ ଏ ସଂସାର ଜାଣିବ ଯେ, ରାଧା ଠାକୁରାଣୀ ହେଉଚନ୍ତି ଗୋପନଗରୀର ଏକମାତ୍ର ସତୀ ନାରୀ ।

ଲଳିତା : ଭାରି ସୁକୁମାରୀ ସେ ! ଏ ବଣ ଜଙ୍ଗଲକୁ ସେ ଆସିପାରିବ ନାଇଁ ।

କୃଷ୍ଣ : ଇଏ ବଣଜଙ୍ଗଲ ନୁହେଁ ଲଳିତା, ଏହାର ସାକ୍ଷୀ ଦେବୀ ବୃନ୍ଦା । ଆମ ଦୁହିଁଙ୍କ ମିଳନ ପାଇଁ ସେଇତ ଏ ଲୀଳାଭୂମି ବୃନ୍ଦାବନକୁ ନିର୍ମାଣ କରିଚନ୍ତି । ଯୁଗଯୁଗ ପାଇଁ ଏ ଭୂମି ବୃନ୍ଦାବନ ଧାମ ହୋଇ ରହିଯିବ ।

ଲଳିତା : (ଖୁବ୍ ଚିଡ଼ିଯାଇ) ତେବେ ମୁଁ ଆଉ କଣ କରିବି କୁହ ! ତମେ ତ ମତେ କେତା କେତା କରି ଖାଇଗଲଣି । ଏତେ କଥା କହିଲି – ଏତେ ବୁଝେଇଲି . . .

Digitized by srujanika@gmail.com

କୃଷ୍ଣ : ସବୁ କରିଚ, ଖାଲି ଗୋଟିଏ କଥା ଛାଡ଼ି . . .

ଲଳିତା : କ'ଣ ?

କୃଷ୍ଣ : (ଗୀତ)

ଢାଳେ ତ ଢାଳିଲୁ ନାହିଁ କୃପାସୁଧା ଝରିକିରେ । ପଦ ।
ଢକ୍କା ବାଜୁଥାଇ ବ୍ରଜେ, ଲଳିତାର ହୃତାମ୍ବୁଜେ
କରୁଣା ଅଛି ବୋଲି ଯା' ନେଲା କେ' ତା' ହରିକିରେ । ୧ ।

ଲଳିତା : କଣ ସବୁ ଏତେ କଥା କହିଯାଉଚ ?

କୃଷ୍ଣ : ମିଛ ତ କହୁନାହିଁ । ବ୍ରଜପୁରୀରେ ନାଗରା ପିଟା ହେଉଚି ଯେ ଲଳିତା ହେଉଚନ୍ତି ଅତି ଦୟାଳୁ – ଦୟାବତୀ ନାରୀ । ମୁଁ ଏଢ଼େ ଭାଗ୍ୟହୀନ, ମୋ' ବେଳକୁ ତାଙ୍କ ଦୟା ଭଣ୍ଡାର ଚୋରିହୋଇଗଲାଣି ।

(ଗୀତ)

ଢୋଳାଇଲା ପରି ଢଳି, ତଳେ ପଡ଼ିଯିବା ଭଳି
ହେଲିନି ଯେ କୁନ୍ଦ କଳି ଦଶନା ଏ ସରିକିରେ । ୨ ।

ଲଳିତା : ନାଇଁ ନାଇଁ ଶ୍ୟାମସୁନ୍ଦର, ତମେ ଦୁର୍ବଳ ହୋଇ ବସୁ ବସୁ ତଳେ ଢଳିପଡ଼ିବାର ଅବସ୍ଥା ତମର ହେଲାଣି – ଆଉ ମୋର ତୁମପ୍ରତି ଦୟା ହେଉନାହିଁ, ଏ ଅପବାଦ ତୁମେ ମତେ ଦିଅ ନାହିଁ ।

କୃଷ୍ଣ : ଅପବାଦ ନୁହେଁ ସଖୀ – ଇଏ ମୋର ତମ ପାଖରେ ଅଳି ।

(ଗୀତ)

ଢୁକାଇ ଦେଲେ ତୃଷିତ ଚକୋର ଚଞ୍ଚୁରେ ଶୀତ
ଭାନୁ ଚନ୍ଦ୍ରିକାକୁ ବିଉ ଯାଏ କିଛି ସରିକିରେ । ୩ ।

ଲଳିତା : (ହସିପକେଇ) ଥାଉ, ମତେ ଆଉ ଏତେ ଟେକାଟେକି ଫୁସୁଲା ଫୁସୁଲି କର ନାହିଁ, ମୋ' ମନ ଅସ୍ଥିର ହଉଚି ।

କୃଷ୍ଣ : (ହସି) ତମ ମନ ଅସ୍ଥିର ନହେଲେ ମୋ ଅସ୍ଥିର ମନ କଥା ତୁମେ ବୁଝିବ କେମିତି ? ତାକୁ ସ୍ଥିର କରିବ କେମିତି ? ମୋ' ଭାଗ୍ୟ, ଏ କୁଞ୍ଜ ବନରେ ତମ ମୁହଁର ଏ ହସ ମୋ' ପ୍ରାଣରେ ସଂଜୀବନୀ ସୁଧା ଢାଳିଦେଲା ।

ଲଳିତା : ସଖୀ ଶ୍ରୀରାଧା ପ୍ରାସାଦରେ ଅଛନ୍ତି – ତୁମେ ଶ୍ରୀକୃଷ୍ଣ ଏଠି ଏ କଦମ୍ବବନରେ ଅପେକ୍ଷା କର – ମୁଁ ଏବେ ଗଲି ।

Digitized by srujanika@gmail.com

କୃଷ୍ଣ : କୁଆଡ଼େ ଯିବ ?

ଲଳିତା : ଆଉ କୁଆଡ଼େ — ତମରି କାମରେ ।

(ଗୀତ)

ଅତସୀ କୁସୁମସମ ଶ୍ୟାମ ହେ ମୁଁ ଗଲିଟି । ପଦ ।
ଅଳି ତୁମ୍ଭର ନିବିଡ଼ ଅସହିଷ୍ଣୁ ସେ' ଯେ ବଡ଼
ଅବଶ୍ୟ ତା' ଛାମୁରେ ମୁଁ ନିବେଦନ କଲିଟି । ୧ ।

ଲଳିତା : ତୁମର ଅଳିକୁ ମୁଁ ମୋ ଜୀବନର ସଙ୍ଗାଳି କରି ତା' ପାଖକୁ ନେଇଯାଉଚି ।

କୃଷ୍ଣ : ମୁଁ ଜାଣେ, ତମ ପ୍ରାଣସଖୀ ତମ ନିବେଦନକୁ ନିଶ୍ଚୟ ସ୍ୱୀକାର କରିବେ ।

ଲଳିତା : ଆଉ ଯଦି ସେ . . .

କୃଷ୍ଣ : କ'ଣ ଆଉ ଯଦି ?

ଲଳିତା : (ଗୀତ)

ଆରକତ କଲେ ମୁଖ ଅଖଣ୍ଡସୁଧାମୟୁଖ
ଆବୁର ସରିବ ମୋର ଜୀଇଁଲେ ହିଁ ମଲିଟି । ୨ ।

ଲଳିତା : ମୋ' କଥା ଶୁଣି ଯଦି ସେ ମୁହଁ ବୁଲେଇ ନିଏ — ତେବେ ମୋ' ମାନ ମହତ ସବୁ ଗଲା ବୋଲି ଜାଣ ।

କୃଷ୍ଣ : ନା, ନା, ସେ କେବେ ଏମିତି ଆଚରଣ କରିବେ ନାହିଁ ।

ଲଳିତା : ମୁଁ ଜାଣେ ତମ ମନ ଯାହା ଚାହୁଁଚି । ଆଉ ଏ କଥା ବି ମୁଁ ଜାଣେ ଯେ ତମ ମନ ଘେନି ସୁଫଳ ନିଶ୍ଚେ ଫଳିବ । ମାତ୍ର ଶେଷ ଫଳ କଣ ହେବ ସେ କଥା ସିଏ ଜାଣେ ତୁମେ ଜାଣ ।

(ଗୀତ)

ଅଧ ଅଧରରେ ସ୍ମିତ ଉଲ୍ଲାସି ହେଲେ ଲଜ୍ଜିତ
ଉହିବି ଏହିଟି ବୋଲି କୃପା କଳ୍ପବଲ୍ଲୀଟି । ୩ ।

[ପ୍ରାସାଦ । ଶ୍ରୀରାଧା ଏକାକିନୀ ଅପେକ୍ଷା କରୁଥାନ୍ତି ।]

ରାଧା : (ମନକୁ ମନ) କାଇଁ — କୁଆଡ଼େ ରହିଲା ସେ ? ତା' ବାଟ ଚାହିଁ ଚାହିଁ ମୋ' ଆଖିରୁ ପାଣି ମଲାଣି । . . . କଣ କରିବି ? ବିଶାଖା

Digitized by srujanika@gmail.com

କି ଚିତ୍ରାଙ୍ଗଦା କାହାକୁ କୁଞ୍ଜବନକୁ ପଠେଇବି ? . . . ନା, ଥାଉ । ସେମାନେ କେହି କିଛି ଏକଥା ଜାଣିନାହାନ୍ତି – ଜଣାଇବି କାହିଁକି ? ଲୋକହସା ହେବି କାହିଁକି ? . . . ଏଇତ ଲଳିତା ଆସିଲାଣି । ଓହୋ ! କି ଧୀରଗତିରେ ସେ ଆସୁଚି ! . . . ଏଁ ! ଏ କଣ ? ସେ ହଳଦୀ ବସନ୍ତ ଦି'ଟା କୋଉଠୁ ଆସି ପାଚିରୀ ସେପାଖ ଆମ୍ବ ଗଛରେ ଏ ଡାଳ ସେ ଡାଳ ହଉଚନ୍ତି । ତୁ ତ ଆସୁଥିଲୁ, ତାଙ୍କୁ ଦେଖି ତୁ କାହିଁକି ଅଟକି ଗଲୁ ? . . . ହଉ, ତୁ ଥା' । (ଲଳିତା ଆସିଲା) ଲଳିତା . . . ଲଳିତା !

ଲଳିତା : ଏଁ !

ରାଧା : (ଆଗ୍ରହରେ) ତୁ . . . ତୁ ଆସିଲୁ ଲଳିତା ?

ଲଳିତା : (କିଛି ନ ଜାଣିଲା ପରି) ତୁ ମତେ କଣ କହିଲୁକି ରାଧା ?

ରାଧା : ନାଇଁ, ତୁ କୁଞ୍ଜବନକୁ ଯାଇଥିଲୁ, ସେଠୁ ଆସିଲୁ ଯେ ସେଇ କଥା ତତେ ପଚାରିଲି ।

ଲଳିତା : କୁଞ୍ଜବନରେ ତ ଘରଦ୍ୱାର କିଛି ନାହିଁ, ନ ଆସି ସେଠି ରହିଥାନ୍ତି କୋଉଠି ?

ରାଧା : ଲଳିତା !

ଲଳିତା : ତୁ ଟିକିଏ ଘୁଞ୍ଚିଲୁ – ମୁଁ ବସେ ଏଠି ।

ରାଧା : ହଁ ସଖି, ତୁ ଥକିପଡ଼ିଚୁ, ବସ ଏଠି, ବସ ।

ଲଳିତା : ସେତିକିବେଳୁ ଯାଇ ଠିଆହୋଇଚି ଯେ – ଗୋଡ଼ ଭଣ୍ଡା ବିନ୍ଧୁଚି– ତଳିପା ଫାଟି ଫାଟି ଯାଉଚି । (ଦୁହେଁ ବସିଲେ) ଆଉ – ଆଉ ରାଗରେ ମୋ ଛାତି ଭିତରଟା କରତି ହୋଇଯାଉଛି । . . . ନନ୍ଦରାଜାଙ୍କ ପୁଅ ବୋଲି ତେମେ ଇନ୍ଦ୍ର ଚନ୍ଦ୍ର ମାନିବ ନାଇଁ ! (ଏସବୁ ଲଳିତାର ଛଳନା)

ରାଧା : (ଡରିଯାଇ) କଣ ହେଲା ସଖି . . . କଣ ହେଲା ?

ଲଳିତା : (ଗୀତ)

ତୋ' ଘେନି ତମାଳଶ୍ୟାମ, ମୋ ମରଜି କଷିଲା ରେ
ତଥାପି ତ ଟିକେ ହେଲେ, ତୋ' ସ୍ନେହେ
ନ ରସିଲା ରେ । ପଦ ।
ତଳେ ବସନ ପ୍ରସାରି ତୃଣ ଦଶନାନ୍ତେ ଧରି
କହିଲେ ହେଁ ଅନୁସରି, ରାଜି ତ ନ ଦିଶିଲା ରେ । ୧ ।

Digitized by srujanika@gmail.com

ତହୁଁ କି ବିଷମଭାବ   ତର୍କିଲା ମୋ' ଚାଟୁ ଶ୍ରବ
ତଟକୁ ଘଟନ୍ତେ ଅବଧାନ ବିନା ହସିଲା ରେ । ୨ ।

ଲଳିତା : କଣ ମୁଁ ନ କହିଚି ତାଙ୍କୁ ! ତୋ' ପାଇଁ ମୁଁ ଦାନ୍ତରେ ତିରଣ ଧରିବାଯାଏ କଥା ଯାଇଚି । ମାତ୍ର ତୋ' ପ୍ରେମକୁ ସେ ଆଡ଼େଇଦେଲେ । ପୁଣି ମତେ ଯାହା କହିଲେ ନା !

ରାଧା : କଣ କହିଲେ ?

ଲଳିତା : କହିଲେ – ତୁ ଗୋଟାଏ ଯୁବତୀ ଝିଅ – ତରୁଣୀ ! ତୁ କାହିଁକି ଏକୁଟିଆ ଯମୁନାକୂଳକୁ ଆସିଲୁ ?

ରାଧା : ଲଳିତା, ସବୁ ଦୋଷ ମୋର ! ମୋରି ପାଇଁ ତୁ ଏତେ ନିନ୍ଦା ଅପବାଦ ସହିଲୁ ।

ଲଳିତା: ଛି ! ଏମିତି କଥା କହନ୍ତି । ତୁ ଆ, ଏଇଠି ମୋ' କୋଳରେ ମୁଣ୍ଡ ରଖ୍ ଟିକିଏ ଶୋଇପଡ଼–ମୁଁ ଟିକିଏ ଆଉଁସି ଦିଏ । [କିଛିକ୍ଷଣ ନୀରବତା]

ରାଧା : ଲଳିତା . . .

ଲଳିତା : କଣ ଆଉ କହୁଚୁ ?

ରାଧା : ମାନିଲି, ମତେ ସିଏ ଆଡ଼େଇଦେଲେ – ମତେ ପଚାରିଲେ ନାହିଁ । ମାତ୍ର ଏ ବ୍ରଜମଣ୍ଡଳରେ ତ ତୋର କେହି ଶତ୍ରୁ ନାହାନ୍ତି । ତୁ ତ ତୋ ବୁଦ୍ଧି ଆଉ କଥାରେ ସମସ୍ତଙ୍କୁ ବଶ କରି ରଖିଚୁ । ବ୍ରଜସୁନ୍ଦର ଏଭଳି କଥା ତୋତେ କହିଲେ କେମିତି ?

ଲଳିତା : ଯାଉନୁ ତାଙ୍କୁ ପଚାରିବୁ !

ରାଧା : କଟା ଘା'ରେ କାହିଁକି ଆଉ ଚୂନ ଦଉଚୁ ?

ଲଳିତା : (ଚାପା ହସ)

ରାଧା : ଲଳିତା, ଲଳିତା ! ତୁ ହସୁଚୁ ! କ୍ଷଣକ ଆଗର ତୋର ସେ ରାଗ ରୋଷ ଅଭିମାନ ଗଲା କୁଆଡ଼େ ?

ଲଳିତା : (ଖୁସିମନରେ) ରହ, ଦେଖ୍ ଦେଖ୍ – ମୋର ଏ ଦି' ପାପୁଲିରେ ଧରି ତୋ'ର ଏ ଚାନ୍ଦ ମୁହଁଟିକୁ ମୁଁ ଥରେ ଭଲକରି ଦେଖେଁ – ତେଣିକି କଥାବାର୍ତ୍ତା ।

(ଗୀତ)

ରେ ଦୁଃଖିଧନ, ଦମ୍ଭ ଦେଖିବାକୁ ସିନା କଲି ଛନ୍ଦ

Digitized by srujanika@gmail.com

ଦୁଃଖମୟ ନ କର ସରସ ମନ । ପଦ ।
ଦୂରୁଁ ମୁଁ ଯିବାର ଜାଣି ହରି, ଦରିଦ୍ର ନିଧି ଲଭିଲା ପରି
ଦ୍ୱିଗୁଣ ଆଦରେ ପ୍ରମୋଦନଦରେ
ମଜ୍ଜି ଘେନିଗଲେ କର ଧରି । ୧ ।

ରାଧା : ମୁଁ . . . ମୁଁ ସପନ ଦେଖୁନାହିଁ ତ ?

ଲଳିତା : ନାଇଁ, ଏଇଟା ନିଛକ ନିପଟ ସତକଥା ।

(ଗୀତ)

ଦୟା ଜର ଜର କରି ଚିତ୍ତ ଦନ୍ତବାସେ ରଖି ଦରସ୍ମିତ
ଦଶବାର ଅନାମୟ ମୋତେ ଘେନାଘେନି କରି ପଚାରିଲେ ମିତ । ୨ ।

ରାଧା : ହୁଁ ! ତା'ହେଲେ ତୋ ହାତ ଧରି ତୋତେ ପାଛୋଟି ନେଲେ– ତୋତେ ଟେକାଟେକି କରି ମନଭୁଲା ମଧୁର କଥା ସବୁ କହିଲେ ! (ଲଳିତାର ଚତୁରପଣିଆର ରହସ୍ୟ ରାଧା ବୁଝିପାରିଲାଣି ।)

ଲଳିତା : କଥା କହିବାର ସେ ଯୋଉ ଠାଣିମାଣି, ମୁଁ ବୋଲି ବର୍ତ୍ତି ଆସିଲି । ତୁ ହୋଇଥିଲେ ଏକାବେଳକେ ତରଳି ଯାଇଥାନ୍ତୁ ।

ରାଧା : ଆଚ୍ଛା, ମତେ ଏବେ କହିବୁଟି, ମୋ' ଦମ୍ଭ କଥା କଣ ତୁ ସେତେବେଳେ କହୁଥିଲୁ ?

ଲଳିତା : ତାଙ୍କୁରୁ ତଳିପାଯାଏ ଯିଏ ଗୋଟିଏ ଗୋଟିଏ ଭଙ୍ଗୀର ଅବତାର, ତାଙ୍କ ପାଖରେ ନିଜର ଦମ୍ଭ ନ ରଖିଲେ ତାଙ୍କୁ ପାରିହବ ?

ରାଧା : ନାଇଁ ସଖି, ସିଏ କିଏ – ମୁଁ କେତେକର ! ତାଙ୍କ ପାଖରେ ମୁଁ କି ଦମ୍ଭ ଦେଖେଇବି ? ହେଲେ ଲଳିତା, ମୁଁ ଏସବୁ କଥା ଜାଣିଥିଲି ।

ଲଳିତା : କୋଉ କଥା ? ଏଇ କୁଞ୍ଜରୁ ଫେରି ମୁଁ ଯାହା ଯାହା ତୋ' ଆଗରେ କହିଗଲି ?

ରାଧା : ହଁ, ମୁଁ ସବୁ ଜାଣିପାରିଥିଲି । ମାତ୍ର ଆବାଲ୍ୟ ବନ୍ଧୁ ଆମେ, ତୁ ଏମିତି ଜଣେ ବୋଲି ମୁଁ ଏଯାଏଁ ଜାଣିନଥିଲି ।

ଲଳିତା : କଣ ମୁଁ କେମିତି ଜଣେ ?

ରାଧା : (ଗୀତ)

ପ୍ରିୟ ସହି, ପରମାଦ ବଡ଼ ତୁହି ଗୋ,
ପାରୁ କେତେ ଛନ୍ଦେ ମୋହି ଗୋ । ପଦ ।

Digitized by srujanika@gmail.com

ପରମ ପଦରେ ନେଇ ଜାଣୁ ତୁ ବସାଇ
ପୁଣି ତହୁଁ ଜାଣୁ ତଳାତଳକୁ ଖସାଇ
ପାଶୋରାଇ ମନୁ ନାନା କଦନ ଲସାଇ
ପୀଡୁ ଅଶ୍ରୁ ବରଷାଇ ଗୋ । ୧ ।

ଲଳିତା : ଏଁ ! ଏଠି ତ ଆଉ କେହି ନାହାନ୍ତି – ଏ ସବୁକଥା ତୁ କାହାକୁ କହୁଚୁ ରାଧା ?

ରାଧା : ଆଉ ଯେତେବେଳେ କେହି ନାହାନ୍ତି, ତୋତେ ନକହି ଆଉ କାହାକୁ କହିବି ?

ଲଳିତା : ରାଧା !

ରାଧା : କଣ ?

ଲଳିତା : ସତରେ ତୁ ମତେ ଗାଳିଦଉଚୁ ?

ରାଧା : ଦେବି ନାଇଁ ! ମୋର ପ୍ରିୟ ସଖି ତୁ ! ଆକାଶ କୁସୁମ ତୋଳିବା ବାହାନାରେ ମତେ ନେଇ ସ୍ୱର୍ଗରେ ବସେଇ ଦେଇ ପୁଣି ସେଠୁ ଟାଣି ଆଣି ରସାତଳରେ କଚାଡ଼ି ଦଉଚୁ ? ମୁଁ କେତେ ସହିବି ?

ଲଳିତା : ରାଧା !

ରାଧା : ସମସ୍ତେ ଜାଣନ୍ତି, ତୋର ବୁଦ୍ଧି ପ୍ରଖର । ହେଲେ ତୁ ତ ଆଗରୁ ଏମିତି ମିଛେଇ, ଏମିତି ଫତୁରିଖୋର ନଥିଲୁ ! ମୁଁ ଜାଣିଥିଲି, ଏ ଉଆସରେ ଜଣେ ଜଟିଳା, ଜଣେ କୁଟିଳା ଅଛନ୍ତି । ମାତ୍ର ଜାଣିନଥିଲି, ତାଙ୍କ ସାଙ୍ଗକୁ ତୁ ଆଉ ଜଣେ କୁଟିଳା ଆସି ଜୁଟିଲୁଣି । (ଟିକିଏ ରହି) ହଉ, ବେଳ ହେଇଗଲାଣି, ଆ – କୁଞ୍ଜକୁ ଯିବା । ମୋର ସେଇ ଯୋଉ ଆକାଶିଆ ନୀଳରଙ୍ଗ ଶାଢ଼ୀ, ସେ ଶାଢ଼ୀଟା ତାଙ୍କ ଦେହର ନବ-ନୀରଦ-କାନ୍ତି ସାଙ୍ଗରେ ଠିକ୍ ମିଶିଯିବ । ମୁଁ ସେଇ ଶାଢ଼ୀ ପିନ୍ଧି କୁଞ୍ଜକୁ ଯିବି । ଆଉ ମୋ କପୋଳରେ ଯୋଉ ଚିତା ତୁ ଆଙ୍କିବୁ, ତା' ମଝିରେ ଗୁଞ୍ଜାର ଟିକିଲି ଥାପିଦେବୁ । ହାତର ମୁଦିଠୁଁ କାନର ଝୁମୁକା ଯାଏ ସବୁଠି ନୀଳପଥର ଶୋଭା ପାଉଥିବ । ଆ – ତଳକୁ ମୁହଁ ପୋତି ବସିଲୁ କାଇଁକି ? ଉ-ଠ ! ଲଳିତା . . ଲଳିତା ତୁ କାନ୍ଦୁଚୁ ?

ଲଳିତା : ମତେ କାନ୍ଦି ଆସେ ନାହିଁ ।

ରାଧା : ଚାହିଁଲୁ ମତେ– ମୋ ମୁହଁକୁ ଚାହିଁଲୁ !

Digitized by srujanika@gmail.com

ଲଳିତା : ଓହୋ ! କାହିଁକି ମୋ' ସାଙ୍ଗରେ ଏମିତି ଲାଗିଚୁ !
ରାଧା : କଣ ହେଲା ତୋ'ର ଲଳିତା ?
ଲଳିତା : ଜାଣିପାରୁନୁ କଣ ହେଲା ?

(ଗୀତ)

ଫାଟିପଡ଼ିବାର ନିକୁଞ୍ଜ ସଞ୍ଚାର ଶ୍ରମୁଁ ମୋ ଚରଣ ତଳ
ଫତୁରିଖୋର ଆଖରକୁ ହେବାର ଏହି ଏକା ଏଥୁ ଫଳ,
ରେ କିଶୋରୀ, ଫିଟିଗଲା ଯେ ସନ୍ଦେହ,
ଫୁଲିଗଲୁ ଫୁଲ ଲାମରସିକା ଜାଣିଲାପରା ଶ୍ୟାମ ସ୍ନେହରେ । ୧ ।

ରାଧା : ଲଳିତା ! ତୁ ଏ ଦୋଷରେ ମତେ ଦୋଷୀ କରୁଚୁ ! ତୁ କଣ ଜାଣିନୁ ତୋ' ପ୍ରିୟସଖୀ ରାଧାକୁ ? ମୁଁ ପରା ତୋ'

ଲଳିତା :

(ଗୀତ)

ଫନ୍ଦାଇ ନାନା ବିନୟେ କହି ଦନ୍ତେ ତୃଣ ଧରିବାର ଗଲା
ଫଟାକପାଳରେ 'କୁଟିଳ-ହୃଦୟା' ବୋଲାଇବା ଲେଖା ଥିଲା,
ରେ କିଶୋରି, ଫନ୍ଦା ଧନ ତୁ ତ ମୋର,
ଫରିଆଦ କାହିଁ ତୋ ନାମେ କରିବି
ନିନ୍ଦା କଲେ ପଛେ କର । ୨ ।

ଲଳିତା : କାଲିଠୁ ଗୋପଦାଣ୍ଡରେ ନାଗରା ବାଜିବ – ଲଳିତା ଗୋଟାଏ ମିଛେଇ କୁଟିଳବୁଦ୍ଧି ଝିଅ । ମୋର କିଏ ଅଛି, କାହା ପାଖରେ ଗୁହାରି ହେବାକୁ ଯିବି ? କୁଞ୍ଜବନରେ କୃଷ୍ଣଙ୍କ ପଛେ ପଛେ ଧାଇଁ ମୋ ତଳିପା ଫାଟି ଫାଟି ଯାଇଚି ସିନା, ମାତ୍ର ତୋ'ପାଇଁ କୁଞ୍ଜବନକୁ ବାଟ ଫିଟିଯାଇଚି । ତୁ ଏବେ ତୋ' ନୀଳମଣିକି ତୋ' ପଣତ ତଳେ ଘୋଡ଼େଇ ରଖ – ତୋ' କୁଞ୍ଜଦ୍ୱାରକୁ ତୋ' ସପ୍ତସଖୀ ଜଗି ରହନ୍ତୁ । ମୁଁ ଯଦି କେବେ ସେ ଆଡ଼କୁ ପାଦ ବଢ଼େଇଛି, ତୁ ମତେ କହିବୁ – ତୁ ଗୋଟାଏ ମିଛେଇ ଝିଅ, ତୁ କାହିଁକି ବୃନ୍ଦାବନକୁ ଆସିଚୁ ? ମୋ' ମହତ ଦି'କଡ଼ା କରିଦବୁ ।

ରାଧା : ଲଳିତା, ଲଳିତା ! ତୁ ମତେ ତୋ ଦି'ହାତରେ ଯାହା ଦଣ୍ଡ ଦଉଚୁ ଦେ – ଏ ମର୍ମକୁ ବାଧିଲା ଭଳି କଥା କହନାହିଁ । କହୁ କହୁ ଦି'ପଦ କ'ଣ ଥଟାରେ – ଗେଲରେ କହିଦେଲି ! ତୁ ସହିପାରିଲୁ ନାହିଁ ? . . . ତୋ' ପରି ବୁଦ୍ଧିମତୀ ଝିଅ . . .

Digitized by srujanika@gmail.com

(ଗୀତ)

ବିଚକ୍ଷଣାରେ . . .

ବିନା ତୋ' ପ୍ରୀତି କେ ଗତିଅଛି ଜଗତୀରେ । ପଦ ।
ବୋଲିଦେଲି ସିନା ଗେଲେ ହସି ବିଶ୍ୱେ ତୋ ସମ କାହିଁ ବିଶ୍ୱାସୀ
ବାନ୍ଧିବାକୁ ମୋ' ମନ ତୁ ପାଶି
ବିଶେଷରେ ମୋ ହୃଦନ୍ତର ତୋତେ ଜଣାରେ । ୧ ।

ଲଳିତା : ସଂଜ ଗଡ଼ିଗଲାଣି, ଡେରିହେଇଯାଉଚି, ତୁ କୁଞ୍ଜକୁ ଯା' ।

ରାଧା : ଏଇଆ କହି ତୁ ମତେ ଭୁଲେଇଦବୁ !

(ଗୀତ)

ବିକେ କିଣେ ଯେ' ଯାହାକୁ ସ୍ନେହେ,
ବଡ଼ ତା'ଠାରୁ ଜୀବନ ନୁହେଁ,
ବଳ ତାହାଠାରେ ସିନା ସହେ
ବହିରଙ୍ଗେ ବୁଲୁଛନ୍ତି ଦେଖ ଅଗଣାରେ । ୨ ।

ରାଧା : ଯିଏ ସ୍ନେହରେ ଯାହାକୁ କିଣା ବିକା କରେ, ତାଠୁଁ ବଳି ଆପଣାର ଆଉ କିଏ ଅଛି ? ଥରେ ନୁହେଁ, ଶହେବାର, ହଜାରବାର ମୁଁ ମୋ' ଦୋଷ ମାନୁଚି । ତୁ ଟିକିଏ ସକାଳର ସଜଫୁଟା ପଦ୍ମପରି ହସ ହସ ମୁହଁରେ ମତେ ଚାହିଁଲୁ !

ଲଳିତା : (ହସି ହସି) ଆଲୋ ଛାଡ଼, ଛାଡ଼ ! ମତେ ଏମିତି ଭିଡ଼ି ଧରୁଚୁ କାଇଁକି – ମୋ' ନିଃଶ୍ୱାସ ବନ୍ଦ ହେଇଯାଉଛି । ରହ, ମୁଁ ସଖୀମାନଙ୍କୁ ଡାକେ, ସେମାନେ ଶିଙ୍ଗାର ସଜ କରନ୍ତୁ ।

[ମଞ୍ଚ ଅନ୍ଧାର । ପୁଣି ଆଲୋକ ଜଳିଲା ବେଳକୁ ଦେଖାଗଲା ମଞ୍ଚରେ ଉଭା ସୁଶୋଭିତା ଶ୍ରୀରାଧା ।]

ଲଳିତା : ହୁଁ, ତିଳପୁଷ୍ପକୁ ଜିଣି ନୀଳରଙ୍ଗର ଶାଢ଼ୀରେ ସୁବର୍ଣ୍ଣ ପ୍ରତିମା । ଆଉ କି ଉପମାଟା ମୁଁ ଦେବି ?

ରାଧା : କିଏ କହୁଚି ତୋତେ ଉପମା ଦେବାକୁ ? ତୁ ଚାଲିଲୁ ।

ଲଳିତା : କୁଞ୍ଜକୁ ଯିବାପାଇଁ ତୁ ଯେତେ ଉଛନ୍ନ ହେଲେ ଭାବିଚୁ ମୁଁ ତୋତେ ସାଙ୍ଗେ ସାଙ୍ଗେ ନେଇ ପହଞ୍ଚେଇଦେବି ! ଏଠି ଆଉରି କେତେ କାମ ବାକୀ ଅଛି ।

Digitized by srujanika@gmail.com

ରାଧା : ପାଦର ମଞ୍ଜୀରଠୁଁ ମଥାର ଅଳକା ସବୁ ତ ଖଞ୍ଜା ହେଇଚି – ଆଉ କି କାମ ?

ଲଳିତା : (ଟିକିଏ ରହି) ରାଧା !

ରାଧା : ଉଁ . . .

ଲଳିତା : ମୁନିଋଷିମାନେ କୁଆଡ଼େ କହୁଚନ୍ତି, ତ୍ରେତୟାରେ ଯିଏ ସୀତା, ଦ୍ୱାପରରେ ସିଏ ରାଧା ।

ରାଧା : ଲଳିତାଲୋ ! ଏଇ ପଦଟିଏ କଥା କହି ତୁ ସାତଜନ୍ମ ପାଇଁ ମୋର ନମସ୍ୟା ହୋଇ ରହିଲୁ । ମାତ୍ର ଏଡ଼େ ଭାଗ୍ୟ କ'ଣ ମୋର ହେବ... ଯିଏ ସୀତା ସେଇ ରାଧା . . .

ଲଳିତା : ହଉ ଛାଡ଼୍ – ଏ କଥାର ସାକ୍ଷୀ ସେଇ ତ୍ରେତା ଆଉ ଦ୍ୱାପର ! . . . ଆ, ଆମେ ଯିବା ।

ରାଧା : ପୂର୍ବଦିଗକୁ ଦେଖିଲୁ, ସନ୍ଧ୍ୟାତାରା ବୁଡ଼ିଲାଣି ।

ଲଳିତା : ବୁଡ଼ି ନାଇଁ, ଲୁଚିଗଲାଣି । ଏଠି ଏ ନୀଳଶାଢ଼ୀ ଭିତରୁ ଆଉ ଗୋଟିଏ ସନ୍ଧ୍ୟାତାରାକୁ ଦେଖି ଆକାଶର ସେ ସନ୍ଧ୍ୟାତାରା ଲାଜରେ କୋଉଠି ଲୁଚିଗଲାଣି ।

ରାଧା : ମୁଁ ଏମିତି କ'ଣ ହୋଇଗଲି କି ? ଗୋପପୁରରେ ତ ଏତେ ଗୋପୀ ଅଛନ୍ତି, ତୁ ମତେ ସର୍ଗରେ ନେଇ ଥୋଉଚୁ କାହିଁକି ?

ଲଳିତା : ସେ କଥା ସେଇ ଗୋପୀନାଥ ଜାଣନ୍ତି – ତୁ ଆ' । (ଦୁହିଁଙ୍କର ପ୍ରସ୍ଥାନ)

[ଲଳିତା ଓ ରାଧା ବୃନ୍ଦାବନରେ ଯାଇ ପହଞ୍ଚିଲେ । ଆଉ ଆଗକୁ ନଯାଇ ଗୋଟିଏ ସ୍ଥାନରେ ଅଟକିଗଲେ । ଅଦୂରରେ କୃଷ୍ଣ-କୁଂଜ ।]

ଲଳିତା : ଏଇଠି ସଖି – ଆଉ ଆଗକୁ ନ ଯାଇ ଏଇଠୁ ସେ କୁଞ୍ଜ ଭିତରେ ମୋହନସୁନ୍ଦରଙ୍କ ଅପୂର୍ବ ଭଙ୍ଗୀ ଥରେ ଆଖି ପୂରେଇ ତୁ ଦେଖିନେ, ତା'ପରେ କୁଞ୍ଜ ଅଭିସାର କରିବୁ । ...ମଥାରେ ମୟୂର ମୁକୁଟ, କପାଳରେ ଗୋରଚନା ଚିତା, କଟୀରେ ପୀତ ଦୁକୂଳ, ହାତରେ ବଂଶୀ ଆଉ ଓଠରେ ମୃଦୁ ମଧୁର ହସ ! ମୋର ଭାଗ୍ୟ, ମୁଁ ତୋରି ପାଇଁ ଏ ରୂପ ଦେଖିପାରିଲି ।

Digitized by srujanika@gmail.com

ରାଧା : ମୁଁ କିଛି ବୁଝିପାରୁନି ଲଳିତା – ମୋ ଆଖି ଆଗରେ ଏ କି ଅପୂର୍ବ ଶୋଭା ଖେଳିଯାଉଚି ।

ଲଳିତା : ଏ ଶୋଭା କେବଳ ତୋ'ରି ପାଇଁଲୋ ରାଧା – ଏ ମୋହନ ମନୋହର ଭଙ୍ଗୀ କେବଳ ତୋ'ରି ପାଇଁ !

(ଗୀତ)

ଭଙ୍ଗୀ ଚାହାଁ, ଭୁରୂନୀଳଭୁଜଙ୍ଗୀ ଭ୍ରମର ଜୀବ ସଙ୍ଗି । ପଦ ।
ଭାଗ୍ୟ ଏ ଜନଆଖି, ଜନନରଚି ସଖି, ଜାଣରେ,
ଭରମି ନ ଯା'ତୁ ମନ୍ମଥ ବାଣରେ,
ଭୁଜପାଣିକୁ ଛନ୍ଦି ମୋ ଗଳେ
ଭିଡ଼େ ପଦକଞ୍ଜ ଖଞ୍ଜ ଧରଣୀତଳେ
ଭୂମଣ୍ଡନାରେ,
ଭଲା ମାନୁଚି ଦେଖ, ମୁଖ ସୁଧା ମୟୂଖ
ଅଳକତଳ ଅଖଣ୍ଡିତ ରୋଚନାରେଖ
ତିଳକେ ଦୃଷ୍ଟି ରଖି, ସଖିରେ, କି ଦିଶେ ଚଳାଚଳ,
ଚାରୁଚନ୍ଦ୍ରକ ଚୂଳ । ୧ ।

ରାଧା : ସତରେ ସଖି, ମୋ ପାଦ ଏଠି ମୋଟେ ସ୍ଥିର ରହୁନି । ପୁଣି ଦେଖ୍, ଏ ଭଅଁରଟା ମତେ ହଇରାଣ କରୁଚି ।

ଲଳିତା : ଭଅଁର ! ନାଇଁ ସଖୀ, ଖାଲି ଭଅଁର ନୁହେଁ – ଯମୁନାକୂଳ ବନ ଉପବନରେ ଏବେ ବସନ୍ତର ମହୋତ୍ସବ ଲାଗିଲାଣି !

ରାଧା : ଲଳିତା !

ଲଳିତା : ଗୋଟାଏ କଥା ମତେ କହିବୁ ରାଧା ?

ରାଧା : କ'ଣ ?

ଲଳିତା : ତୁ କେମିତି କ'ଣ କହି କୁଞ୍ଜ ଭିତରେ କିଶୋରଚନ୍ଦ୍ରଙ୍କୁ ଭେଟିବୁ... ମତେ କହ ।

ରାଧା : ମୁଁ – ମୁଁ ତାଙ୍କୁ କିଛି କହିପାରିବି ନାହିଁ । ଏ ମାଧବୀ ମାଳାଟି ପିନ୍ଧାଇଦେଇ ତାଙ୍କ ପାଦତଳେ ନିଜକୁ ଲୋଟାଇଦେବି ।

ଲଳିତା : ଦେବୀ ବୃନ୍ଦା ମତେ ଆଜି କ'ଣ କହିଲେ ଜାଣୁ ?

ରାଧା : କଣ ?

Digitized by srujanika@gmail.com

ଲଳିତା : କହିଲେ – ଶ୍ରୀରାଧା ପ୍ରକୃତି ସ୍ୱରୂପା – ଶ୍ରୀକୃଷ୍ଣ ପୁରୁଷୋତ୍ତମ । ତୁମେ ଦୁହେଁ କେବଳ ଗୋପପୁରୀର ଗୋପୀ ଗୋପାଳ ନୁହଁ – ବ୍ରଜଭୂମିର ରାଈ କିଶୋର ନୁହଁ – ତୁମେ ଦୁହେଁ ପ୍ରକୃତି ଆଉ ପୁରୁଷ । ତୁ ଏବେ କୁଞ୍ଜକୁ ବିଜେ କର ଶ୍ରୀମତୀ । ତୁମ ଦୁହିଁଙ୍କ ପାଇଁ ବସନ୍ତ ତା'ର ସବୁ ଶୋଭାଶିରୀ ନେଇ ବୃନ୍ଦାବନକୁ ଆସିଚି । କୁଞ୍ଜ କୁଟୀରରେ ଆଜି ପ୍ରକୃତି ଆଉ ପୁରୁଷଙ୍କ ମହାମିଳନ – କୁଞ୍ଜ ବାହାରେ ଋତୁରାଜ ବସନ୍ତର ଲୀଳା – ମଳୟର ଚୋରା ପରଶ – ଫୁଲରେଣୁର ମହକ – କୋଇଲିର କୁହୁ – ଆଉ ସୁଲଳିତ ସୁନ୍ଦର ବସନ୍ତ ଗୀତିକା ।

ମିଳିତ ନାରୀକଣ୍ଠ :

(ଗୀତ)

ମଧୁରେ, ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରିଲା
କଦମ୍ବ ନିକୁଞ୍ଜ ସୀମାରେ,
ମରାଳ ସେ କେ ଚମକି ଲୋକେ ଭାଷିଲେ ଇଷିମାରେ ।
ମିଳିନ୍ଦ ଲତା ଦମ୍ପବନିତା ବଦନେ ମିଶି ମାରେ
ମଣ୍ଡିତ ହେଲା ସେ ବନସ୍ଥଳ   ମହାରଜତ ମହେନ୍ଦ୍ରନୀଳ –
ମୟୂଖ ଶିରୀମୟ ମଞ୍ଜରୀ ବିସର ସୁଷମାରେ । ପଦ ।
ମିଶିଲା ଚାରି ଲୋଚନ ବାରି–   ରୁହ ମଦନୁ ଲଭିଲା ଚାରି
ମିଳିଲା ଶ୍ୟାମ ଗଉର ଦୁଇ ମହ
ମଧୁପ ଯୁବା ଲଭିଲା ଅବା ନବସରସୀରୁହ
ମାନସ ଅଙ୍ଗ ଭେଦ ପ୍ରସଙ୍ଗ ଭଙ୍ଗ ରଚିଲା ସ୍ନେହ
ମଉଳିଗଲା ଶେଷ ସାତ୍ତ୍ୱିକ   ମୃଡ଼ନୟନ ସଂଖ୍ୟକଯାକ
ମଜ୍ଜାଇଦେଲା ଦୁହିଁଙ୍କ ମନ ମହାମୋଦପ୍ରବାହ । ୧ ।

[ନିଶି ଅତିକ୍ରାନ୍ତ ହେଲା । ଯମୁନା ପୁଳିନ ନବ ଅରୁଣାଲୋକରେ ଉଦ୍‌ଭାସିତ ହୋଇଉଠିଲା । ଶ୍ରୀରାଧା ଲଳିତାଙ୍କ ସହ ଗୋପାଙ୍ଗନାମାନେ ଯମୁନା ଘାଟରେ ମିଳିତ ହେଲେ । ମିଳିତ କଣ୍ଠରେ ଭାସିଆସିଲା ଜଗତପିତା ପରମେଶ୍ୱରଙ୍କ ବନ୍ଦନା ।

Digitized by srujanika@gmail.com

ମିଳିତ କଣ୍ଠ : (ଗୀତ)

କ୍ଷମାନୁକମ୍ପାଧର ହେ,
କ୍ଷୀରସାଗରସମ୍ଭବାକୁଚକୁମ୍ଭଯୁଗଳପରିରମ୍ଭ ଚତୁର ହେ । ପଦ ।
କ୍ଷିତିଚକ୍ରବାଳ ମହାଭୀତି ନିବାରଣ ହେ
ଶ୍ରୁତିଶିର-ଅବତଂସାକୃତି ଶ୍ରୀଚରଣ ହେ,
ମରାଳ ବିହରଣ, କରାଞ୍ଚିତ ଚରଣ
ଧରାଭାରହରଣ, ଚରାଚର ଶରଣ,
ତରାବର କିରଣ, ବରାବର ଚରଣ
ନଖାଂଶୁ ସୁରଗଣ, ଶିଖାଭରଣ ହେ । ୧ ।

□ □ □

Digitized by srujanika@gmail.com

ସଂପୂର୍ଣ୍ଣ ରାମାୟଣ

ଉତ୍ସର୍ଗ

ଶ୍ରୀ ରାଧାମୋହନ ପ୍ରଧାନ
ପରମ ଶ୍ରଦ୍ଧାଭାଜନେଷୁ...

ଗୋପାଳ ଛୋଟରାୟ

ଶ୍ଳୋକପାଠ— ବର୍ଣ୍ଣାନାମର୍ଥସଂଘାନା ରସାନାଂ ଛନ୍ଦସାମପି
ମଙ୍ଗଳାନାଂ ଚ କର୍ତ୍ତାରୌ ବନ୍ଦେ ବାଣୀ ବିନାୟକୌ ।
ଭବାନୀଶଙ୍କରୌ ବନ୍ଦେ ଶ୍ରଦ୍ଧା-ବିଶ୍ୱାସ-ରୂପିଣୌ
ଯାଭ୍ୟାଂ ବିନା ନ ପଶ୍ୟନ୍ତି ସିଦ୍ଧାଃ ସ୍ୱାନ୍ତଃସ୍ଥମିଶ୍ୱରମ୍ ।।

ଦଶରଥ – ମୋର କୁଳଗୁରୁ ବଶିଷ୍ଠଙ୍କ ଆଶୀର୍ବାଦ ଲାଭକରି ମୋର ବହୁ ଈପ୍‌ସିତ ଏଇ ପୁତ୍ରେଷ୍ଟିଯଜ୍ଞର ଉଦ୍‌ଯୋଗ ମୁଁ କରିପାରିଚି । ପବିତ୍ର ସରଯୂନଦୀ କୂଳର ଏଇ ଯଜ୍ଞଶାଳାରେ ଯଜ୍ଞର ପୁରୋଧା ଋଷ୍ୟଶୃଙ୍ଗ ମୁନିଙ୍କ ସହିତ ବହୁ ମୁନିଋଷି, ରାଜା ମହାରାଜା ଉପସ୍ଥିତ ରହି ଅଯୋଧ୍ୟାପୁରୀକୁ ଧନ୍ୟକରିଚନ୍ତି । ଏବେ ଆପଣମାନେ ଯଥାବିଧି ଯଜ୍ଞ କାର୍ଯ୍ୟ ସମାପନ କରାଇ, ଏ ଅକିଞ୍ଚନ ଦଶରଥକୁ ଅପୁତ୍ରକ ଦୋଷରୁ ମୁକ୍ତ କରାନ୍ତୁ ।

ବଶିଷ୍ଠ – ବର୍ତ୍ତମାନ ଯଜ୍ଞକାର୍ଯ୍ୟର ଶୁଭାରମ୍ଭ ହେଉ ।

ବହୁ ମିଳିତ କଣ୍ଠ – ଓଁ . . . (ଯଜ୍ଞକାର୍ଯ୍ୟ ଆରମ୍ଭ ହେଲା)

[ଅମରାବତୀ । ଭଗବାନ ବିଷ୍ଣୁଙ୍କ ସମକ୍ଷରେ ଦେବଗଣ ଉପସ୍ଥିତ]

ବିଷ୍ଣୁ – ରାବଣର ଅତ୍ୟାଚାରରେ ଭୟଭୀତ ହୋଇ ପିତାମହ ବ୍ରହ୍ମାଙ୍କ ସହିତ

Digitized by srujanika@gmail.com

ସ୍ୱର୍ଗର ଦେବଗଣ ମୋ’ ନିକଟରେ ଏଠି ଉପସ୍ଥିତ । ଏଥିରେ ମୁଁ ନିଜେ ବିଚଳିତ ହୋଇପଡ଼ିଚି ।

ବ୍ରହ୍ମା – ଆପଣ ଅନ୍ତର୍ଯ୍ୟାମୀ ନାରାୟଣ – କେଉଁ କଥା ଆପଣଙ୍କୁ ଅଜଣା ? ରାବଣର ପଦାଘାତ ମାତା ବସୁନ୍ଧରା ଆଉ ସହିପାରୁ ନାହାନ୍ତି ।

୧ମ ଦେବତା – ନିଜେ ସୂର୍ଯ୍ୟଦେବ ରାବଣର ଦ୍ୱାରପାଳ ।

୨ୟ ଦେବତା – ଦେବରାଜ ଇନ୍ଦ୍ର ତା’ ପାଦତଳକୁ ପୁଷ୍ପ ଯୋଗାଉଚନ୍ତି ।

୧ମ ଦେବତା – ଚନ୍ଦ୍ର ତା’ର ଛତ୍ରଧାରୀ ସେବକ ।

୨ୟ ଦେବତା – ଅଗ୍ନି ତା’ ରନ୍ଧନଶାଳାର ପାଚକ ।

୧ମ ଦେବତା – ବରୁଣ ନିତିପ୍ରତି ଜଳ ଯୋଗାଉଚନ୍ତି ।

୨ୟ ଦେବତା – ମାତା ବସୁମତୀଙ୍କ ଭାଗ୍ୟରେ ସମାର୍ଜନୀ ଧରିବାକୁ ଥିଲା ।

୧ମ ଦେବତା – ଯେଉଁ ଶନିଙ୍କ ଦୃଷ୍ଟିପାତରେ ତ୍ରିଭୁବନ ଜଳିଯାଏ, ସେଇ ଶନି ତା’ର ବସନ ପଖାଳୁଚନ୍ତି ।

ବ୍ରହ୍ମା – ଆଉ ମୁଁ ପିତାମହା ବ୍ରହ୍ମା – ମୋର ବଂଶଧର ସେ – ତା’ ପୁରରେ ଅବଧାନ ହୋଇ ମୋ’ ଦିନ କଟୁଚି ।

ବିଷ୍ଣୁ – ଆପଣ ତ ତାକୁ ବର ଦେଇଚନ୍ତି !

ବ୍ରହ୍ମା – ହଁ, ମୁଁ ବର ଦେଇଚି; ମାତ୍ର ତା’ର ମୃତ୍ୟୁଭେଦ ମତେ ଜଣା । ଦେବତା, ଦାନବ, ଗନ୍ଧର୍ବ କାହାରି ହାତରେ ତା’ର ମୃତ୍ୟୁ ହେବ ନାହିଁ– ତା’ର ମୃତ୍ୟୁ ହେବ ମର୍ତ୍ତ୍ୟବାସୀ ନର ହାତରେ ।

ବିଷ୍ଣୁ – ତା’ହେଲେ ଉପାୟ ?

ବ୍ରହ୍ମା – ଦେବତାମାନଙ୍କ ଦୁଃଖ ମୋଚନ ପାଇଁ ସ୍ୱୟଂ ଦେବାଧିଦେବ ବିଷ୍ଣୁଙ୍କୁ ନରଦେହ ଧାରଣ କରିବାକୁ ପଡ଼ିବ ।

ବିଷ୍ଣୁ – କିଏ ତେବେ ସେଇ ଭାଗ୍ୟବତୀ ନାରୀ ଯାହାଙ୍କ ଗର୍ଭରେ ମୁଁ ସ୍ଥାନ ପାଇବି ? କିଏ ମୋର ପିତା ?

ବ୍ରହ୍ମା – ପବିତ୍ର ସୂର୍ଯ୍ୟବଂଶର ରାଜା ଦଶରଥ ପୁତ୍ରଲାଭ ପାଇଁ ଯଜ୍ଞ କରୁଚନ୍ତି । ଆପଣ ତାଙ୍କର ଜ୍ୟେଷ୍ଠା ରାଣୀ କୌଶଲ୍ୟାଙ୍କ ଗର୍ଭରେ ଜନ୍ମ ହୋଇ ମର୍ତ୍ତ୍ୟରେ ନରରୂପୀ ନାରାୟଣଙ୍କ ଅବତାର ହୁଅନ୍ତୁ । ଦାନବ ସଂହାର ପାଇଁ ମର୍ତ୍ତ୍ୟର ବାନରମାନେ ଆପଣଙ୍କୁ ସାହାଯ୍ୟ କରିବେ । ଦେବଗଣଙ୍କର ଏତିକି ମାଗୁଣି ଆପଣ ସ୍ୱୀକାର କରନ୍ତୁ ।

Digitized by srujanika@gmail.com

ବିଷ୍ଣୁ – ତଥାସ୍ତୁ ।

[ଯଜ୍ଞଶାଳା – ଘଣ୍ଟ, ଘଣ୍ଟା, ତୂରୀ, ଭେରୀ ପ୍ରଭୃତି ଯଜ୍ଞ ସମାପ୍ତି ସୂଚକ ବାଦ୍ୟ]

ବଶିଷ୍ଠ – ତୁମର ପୁଣ୍ୟବଳରେ ଯଜ୍ଞ ସୁସମ୍ପନ୍ନ ହୋଇଚି ରାଜା ଦଶରଥ । ପୂର୍ଣ୍ଣାହୁତି ବେଳେ ସମସ୍ତ ଶୁଭ ଲକ୍ଷଣ ପ୍ରକାଶ ପାଇଚି । ଏଇ ଯଜ୍ଞ ଚରୁ – ତୁମ ରାଣୀମାନଙ୍କୁ ଦିଅ । (ପ୍ରସ୍ଥାନ)

ଦଶରଥ– କୁଳଗୁରୁ ବଶିଷ୍ଠଙ୍କ ହସ୍ତରୁ ଏ ଚରୁ ଗ୍ରହଣ କରି ମୁଁ ଧନ୍ୟ ହେଲି । କୌଶଲ୍ୟା, କୈକେୟୀ କାହାନ୍ତି ? ... ଏଇ ତ କୈକେୟୀ . . . ନିଅ, ତୁମେ ଦୁହେଁ ଏ ଯଜ୍ଞଚରୁ ସେବନ କର । ମୁଁ ନିଜ ହାତରେ ଚରୁ ଦୁଇଭାଗ କରିଦେଇ ଯାଉଚି . . . ନିଅ . . . ମୁଁ ଯାଉଚି । (ପ୍ରସ୍ଥାନ)

କୌଶଲ୍ୟା – ନେ କୈକେୟୀ, ତୋ ଭାଗ ତୁ ନେ । ଆଲୋ ସୁମିତ୍ରା, ତୁ ଆସିଲୁଣି ଯେ !

ସୁମିତ୍ରା – ତୁମେ ଦୁହେଁ ଚରୁ ଖାଇ ପୁତ୍ରବତୀ ହେବ – ମୁଁ ସେମିତି ହତଭାଗିନୀ ହୋଇ ପଡ଼ିଥିବି ? ତୁମେ ପାଟରାଣୀ, ତମ ପାଖରେ ମୁଁ ଅଳି କରୁଚି ତମ ଭାଗ ଚରୁରୁ ମତେ ଟିକେ ଦିଅ – ମୁଁ ଚରୁ ଖାଇବି ।

କୌଶଲ୍ୟା – ତୁ ଚରୁ ଖାଇବୁ ? ହଉ ନେ, ମୋ ଭାଗ ଚରୁକୁ ମୁଁ ଦୁଇ ଭାଗ କରି ତୋତେ ଅଧେ ଦେଉଚି । ହେଲେ ଗୋଟିଏ କଥା, ଏ ଚରୁ ଖାଇ ତୋ'ର ଯେଉଁ ପୁତ୍ର ଜନ୍ମହେବ ସେ ମୋ ପୁତ୍ରର ଅନୁଗତ ହୋଇ ରହିବ ।

ସୁମିତ୍ରା – ତମ ପାଦ ଛୁଇଁ ଶପଥ କରୁଚି, ମୋ' ପୁତ୍ର ତମ ପୁତ୍ରର ଆଜୀବନ ସେବାକାରୀ ହେବ । (କୌଶଲ୍ୟାଙ୍କ ପ୍ରସ୍ଥାନ)

କୈକେୟୀ – ଶୁଣ୍ ସୁମିତ୍ରା, ବଡ଼ ରାଣୀ ତ ତାଙ୍କ ଚରୁରୁ ତୋତେ ଅଧେ ଦେଲେ–ମୋ ଚରୁରୁ ମୁଁ ତୋତେ ଅଧେ ଦେଉଚି । ମୋ ଅଂଶ ଚରୁ ଖାଇ ତୋର ଯେଉଁ ପୁତ୍ର ହେବ ସିଏ ମୋର ପୁତ୍ରର ସେବାକାରୀ ରହିବ – ରାଜି !

ସୁମିତ୍ରା – ରାଜି ରାଣୀ କୈକେୟୀ । ତମ ଅଂଶ ଚରୁ ମୁଁ ଖାଇବି ।
(ଦୁହେଁ ଚରୁ ସେବନ କଲେ)

[ଏକ ବିଷ୍ଣୁମନ୍ଦିର । ରାଜକୁମାରୀ ବେଦମତୀ ବିଷ୍ଣୁନାମ ଭଜନ କରୁଚନ୍ତି]

Digitized by srujanika@gmail.com

ବେଦମତୀ – (ଗୀତ)

ଆହେ ଶାନ୍ତାକାର ଭୁଜଗଶୟନ
ଘେନ ଏ ଦାସୀର ପ୍ରଣାମ,
ତୁମ ନାମ ଧ୍ୟାୟି ହେ ଗୋଲୋକସାଇଁ
ଧନ୍ୟ ହେଉ ଏ ଜନମ । ୦ ।
ଲକ୍ଷ୍ମୀକାନ୍ତ ହେ କମଳଲୋଚନ
ବିଶ୍ୱ-ଆଧାର ଜଗତଜୀବନ
ଯୁଗ ବିତିଯିବ ଚିତ୍ତ ଭଜୁଥିବ
ତୁମରି ଯୁଗଳ ଚରଣ । ୧ ।
ହର ସେବି ବର ଗଉରୀ ପାଇଚି
କାଳ କାଳକୁ ସେ ଯଶ ଅରଜିଚି
ଦାସୀ ଦେବମତୀ, କି ହେବ ତା' ଗତି
କି ଲାଭ ରହି ତା' ଜୀବନ । ୨ ।

(ଭଜନ ଶେଷ ବେଳକୁ ରାବଣ ମନ୍ଦିରକୁ ଆସିଲା)

ରାବଣ – (ବାଧାଦେଇ) ଅପୂର୍ବ ! ଅପୂର୍ବ ଏଇ ବାଳିକା ! ଅପରୂପ ଏ ଅଙ୍ଗ-ଲାବଣ୍ୟ । ନରଲୋକରେ କଣ ଏ ଅନୁପମ ଯୌବନଶ୍ରୀ ସମ୍ଭବ ହୋଇପାରେ ? କିଏ ତୁ ବାଳିକା ?

ବେଦମତୀ – ମୁଁ ରାଜା କୁଶଧ୍ୱଜଙ୍କ କନ୍ୟା ବେଦମତୀ । ତୁମେ କିଏ ? ଏ ମନ୍ଦିରକୁ ଆସି ମୋ ଜପ ଭଙ୍ଗ କଲ କାହିଁକି ? ଚାଲିଯାଅ ଏଠୁ ।

ରାବଣ – ଚାଲିଯିବି ! ଲଙ୍କେଶ୍ୱର ରାବଣକୁ ତୁ ତେବେ ଚିହ୍ନି ପାରିଲୁ ନାହିଁ ? କିନ୍ତୁ ତୋତେ ଦେଖୁ ଦେଖୁ ଯେ ମୁଁ ତୋର ଏ ଲୋଭନୀୟ ରୂପ ଯୌବନକୁ ଚିହ୍ନିପାରିଛି ।

ବେଦମତୀ – ବୁଝିଲି . . . ତୁ ତେବେ ଲଙ୍କାର ରାଜା ରାବଣ ! ମୁଁ ଶୁଣିଚି ତୋ ଅପଯଶର କାହାଣୀ । ଗୋଟାଏ ହୀନ ଘୃଣ୍ୟ ଅସୁର କୁଳରେ ତୋର ଜନ୍ମ । ତୁ ମ୍ଳେଚ୍ଛ, ଅସ୍ପୃଶ୍ୟ—ଏଠିକି ଆସି ଏ ମନ୍ଦିରକୁ ତୁ ଅପବିତ୍ର କରିଚୁ ।

ରାବଣ – ବେଦମତୀ ! (ରାବଣ ବେଦମତୀର ଦୁଇ ବାହୁକୁ ଧରିଲା ।)

ବେଦମତୀ – ପାପୀ, ଦୁରାଚାରୀ, ତୁ ମୋର ଅଙ୍ଗ ସ୍ପର୍ଶ କଲୁ ! ଛାଡ଼ିଦେ— ଛାଡ଼ିଦେ ମତେ ।

Digitized by srujanika@gmail.com

ରାବଣ – ଛାଡ଼ିଦେବି ? ଛାଡ଼ିଦେଲେ ତୋର ଏ ବିଷ୍ଣୁ ମନ୍ଦିରରେ କିଏ ମୋର ଅଙ୍କଶାୟିନୀ ହେବ ?

ବେଦମତୀ – ଛାଡ଼ିଦେ' କହୁଛି ।

ରାବଣ – (ଅଟ୍ଟହାସ୍ୟ)

ବେଦମତୀ – ବ୍ରହ୍ମାଙ୍କ ବର ଲାଭ କରିଛୁ ବୋଲି ତୁ ମୋର ସର୍ବନାଶ କରିବୁ ଭାବିଛୁ ? ପାରିବୁ ନାହିଁ । ଏଇ ଦେଖ ଦୁରାଚାରୀ . . .

ରାବଣ – (ଦୂରକୁ ଘୁଞ୍ଚିଯାଇ) ଆଃ ! . . . ଏ କଣ ବେଦମତୀ ! ତୋ ଶରୀରରୁ ବ୍ରହ୍ମଅଗ୍ନି ନିର୍ଗତ ହେଉଚି !

ବେଦମତୀ – ଆଉ ପାଦେ ଆଗେଇଲେ ମୋର ଅଗ୍ନିରେ ତୁ ଜଳି ଧ୍ୱଂସ ହୋଇଯିବୁ । ଭଗବାନ ବିଷ୍ଣୁଙ୍କୁ ପତି ରୂପେ ପାଇବି ବୋଲି ମୁଁ ତପସ୍ୟା କରୁଥିଲି । ମତେ ଛୁଇଁ ତୁ ମୋର ଅଙ୍ଗ ଅପବିତ୍ର କରିଛୁ । ଏ ଜନ୍ମରେ ମୁଁ ଆଉ ତାଙ୍କୁ ପାଇବି ନାହିଁ । ଆଉ ଟିକିଏ ପରେ ଜଳନ୍ତା ନିଆଁରେ ମୋର ଏ ଅପବିତ୍ର ଶରୀର ଭସ୍ମ ହୋଇଯିବ । କିନ୍ତୁ ମରିବା ଆଗରୁ ମୁଁ ତୋତେ ଅଭିଶାପ ଦେଇ ଯାଉଚି –ମୁଁ ପରଜନ୍ମ ନେବି । ଅଗର୍ଭସମ୍ଭୂତା ମୁଁ ଲଙ୍ଗଳମୂନରେ ଜନ୍ମ ନେବି, ଆଉ ମୋ'ରି ପାଇଁ ସେଇ ଗୋଲୋକବିହାରୀ ବିଷ୍ଣୁଙ୍କ ଅବତାର ସହିତ ଯୁଦ୍ଧ କରି ତୋର ମୃତ୍ୟୁ ହେବ ।

× × × × ×

[ଅଯୋଧ୍ୟା ରାଜପୁରୀ]

ଦଶରଥ – ଆସନ୍ତୁ କୁଳଗୁରୁ ବଶିଷ୍ଠ ! ରାଜପୁରୀରେ ସମସ୍ତେ ଆପଣଙ୍କୁ ଅପେକ୍ଷା କରି ରହିଚନ୍ତି । ଚାରି ପୁତ୍ରଙ୍କ ନାମକରଣ ଆପଣ କରନ୍ତୁ ।

ବଶିଷ୍ଠ – ତୁମେ ମହାଭାଗ୍ୟବାନ୍ ରାଜା ଦଶରଥ । ସର୍ବଗୁଣସମ୍ପନ୍ନ ଚାରିପୁତ୍ର ତୁମ କୋଳରେ ଶୋଭା ପାଉଚନ୍ତି । ଇଷ୍ଟଦେବଙ୍କୁ ସ୍ମରଣ କରି ମୁଁ ସେମାନଙ୍କ ନାମକରଣ କରୁଚି ।

ଗୀତ – ପାଟରାଣୀ କୌଶଲ୍ୟାଙ୍କ କୁମର
ଦେବଦୁର୍ଲ୍ଲଭ ଗୁଣର ଅଧାର,
ଅତି ରମ୍ୟ ଶରୀର ଏ ବାଳକ
ରାମ ନାମେ ଖ୍ୟାତ ହେବ କାଳକ ।।
ଧର୍ମନୀତି ପାଳନରେ ସମର୍ଥ

Digitized by srujanika@gmail.com

କଇକେୟୀ ସୁତ ନାମ ଭରତ ।
ସୁମିତ୍ରାଙ୍କ ଜ୍ୟେଷ୍ଠ ସୁତ ଲକ୍ଷ୍ମଣ
ଅଙ୍ଗେ ବହିଚି ବୀରର ଲକ୍ଷଣ ।
କନିଷ୍ଠର ନାମ ରହୁ ଶତ୍ରୁଘ୍ନ
ଶତ୍ରୁମାନଙ୍କୁ କରିବ ଦମନ ।
ଇଷ୍ଟ ସ୍ମରି କଲି ନାମକରଣ
ଶୁଭ ଆଶୀର୍ବାଦ ଘେନ ରାଜନ ॥

× × × × ×

[ଅଯୋଧ୍ୟା ରାଜସଭା – ସମୟ ବିତିଯାଇଛି । ରାଜକୁମାରମାନେ ଯୌବନରେ ପଦାର୍ପଣ କଲେଣି । ଋଷି ବିଶ୍ୱାମିତ୍ର ଆସିଲେ ।]

ଦଶରଥ – ଆସନ୍ତୁ ମହାମୁନି ବିଶ୍ୱାମିତ୍ର – ଆସନ ଗ୍ରହଣ କରନ୍ତୁ । ଆପଣଙ୍କ ପଦରଜ ପଡ଼ି ଏ ଅଯୋଧ୍ୟାପୁରୀ ଧନ୍ୟ ହେଲା ।

ବିଶ୍ୱାମିତ୍ର – ମୋର ତୁମ ନିକଟରେ ଗୋଟିଏ ଭିକ୍ଷା ଅଛି ରାଜା ଦଶରଥ !

ଦଶରଥ – ଭିକ୍ଷା ?

ବିଶ୍ୱାମିତ୍ର – ରାବଣର ବାହୁବଳରେ ବଳୀୟାନ୍ ହୋଇ ଅସୁରମାନେ ମୁନି-ଆଶ୍ରମ ଆକ୍ରମଣ କରୁଚନ୍ତି, ଯଜ୍ଞ କାର୍ଯ୍ୟରେ ବାଧା ଦେଉଛନ୍ତି, ଯଜ୍ଞ ସମାପ୍ତ ହୋଇପାରୁନାହିଁ । ତୁମର ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ରଙ୍କୁ ମୋ ସହିତ ଆଶ୍ରମକୁ ପଠାଅ । ମହାଶକ୍ତିର ଅଧିକାରୀ ସେ । ଦୁଷ୍ଟ ଦାନବମାନଙ୍କୁ ରାମଚନ୍ଦ୍ର ଦମନ କରିପାରିବେ ।

ଦଶରଥ – ରାମଚନ୍ଦ୍ର ! କୋମଳମତି ବାଳକ ସେ . . . ଅସୁରମାନଙ୍କ ସହିତ ଯୁଦ୍ଧ କରିବାର ଶକ୍ତି ତା'ର କାହିଁ ?

ବିଶ୍ୱାମିତ୍ର – ତୁମେ ସତ୍ୟର ଅପଳାପ କରୁଚ ରାଜା ! ମୁଁ ଜାଣେ, ଯୁବକ ପୁତ୍ର ତମର ଯୁଦ୍ଧବିଦ୍ୟାରେ ପାରଙ୍ଗମ ହୋଇଉଠିଛନ୍ତି ।

ଦଶରଥ – ଏ ପର୍ଯ୍ୟନ୍ତ ସେ ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହୋଇନାହିଁ ।

ବିଶ୍ୱାମିତ୍ର – ତା'ହେଲେ ତ ସେଇ ସୁଯୋଗ ବର୍ତ୍ତମାନ ଉପସ୍ଥିତ ।

ଦଶରଥ – ମତେ କ୍ଷମାକରନ୍ତୁ ମୁନିଶ୍ରେଷ୍ଠ – ରାମ ମୋର ସବୁଠୁଁ ପ୍ରିୟ ସନ୍ତାନ । ମୁଁ ତାକୁ ଛାଡ଼ି ପାରିବି ନାହିଁ । ଆଶ୍ରମ ରକ୍ଷା ପାଇଁ ମୁଁ ମୋର ଚତୁରଙ୍ଗ ସେନା . . .

Digitized by srujanika@gmail.com

ବିଶ୍ୱାମିତ୍ର – ପ୍ରୟୋଜନ ନାହିଁ । ରାଜ୍ୟର ରାଜା ତୁମେ, କିନ୍ତୁ ପ୍ରଜାଗଣଙ୍କ ହିତ ସାଧନରେ ତୁମେ ପରାଙ୍‌ମୁଖ ! ମୁଁ ଫେରିଯାଉଛି । ମାତ୍ର ଅଯୋଧ୍ୟାପୁରୀ ତ୍ୟାଗ କରିବା ପୂର୍ବରୁ, ଦାନବମାନଙ୍କ ଅତ୍ୟାଚାରରେ ଜର୍ଜରିତ ଏଇ ଋଷି ବିଶ୍ୱାମିତ୍ରର କୋପଦୃଷ୍ଟିରୁ ବ୍ରହ୍ମଅଗ୍ନି ଜାତ ହୋଇ ଯେତେବେଳେ ଅଯୋଧ୍ୟାକୁ ଭସ୍ମୀଭୂତ କରିବ . . .

(ଏତିକିବେଳେ ରାମଚନ୍ଦ୍ର ଆସିଲେ)

ରାମ – ଶାନ୍ତ ହୁଅନ୍ତୁ ମୁନିବର ! ମୋର ପ୍ରଣାମ ଗ୍ରହଣ କରନ୍ତୁ ।

ବିଶ୍ୱାମିତ୍ର – ତୁମେ . . . ନବଘନ ଶ୍ୟାମକାନ୍ତି ନୟନାଭିରାମ ରାମଚନ୍ଦ୍ର ମୋର ସମ୍ମୁଖରେ ବିରାଜମାନ । କି ଆନନ୍ଦ . . . କି ତୃପ୍ତି !

ରାମ – ମୁଁ ଯିବି ମହାମୁନି – ଆଶ୍ରମ ରକ୍ଷା ପାଇଁ ମୁଁ ଆପଣଙ୍କ ସହିତ ଯିବି । ମୋ ସହିତ ଲକ୍ଷ୍ମଣ ମଧ୍ୟ ଯିବ ।

ବିଶ୍ୱାମିତ୍ର – ମୁଁ ଜାଣିଥିଲି ତୁମେ ଯିବ ।

ରାମ – ଅନୁମତି ଦିଅନ୍ତୁ ପିତା, ଆମେ ମୁନିଙ୍କ ସହିତ ଯିବୁ ।

ଦଶରଥ – ଯାଅ ବତ୍ସ, ମୁନିଙ୍କ ଗହଣରେ ଯାଅ । ତାଙ୍କ ଆଜ୍ଞା ପାଳନ କରିବ । ଆଶୀର୍ବାଦ କରୁଚି, ଦାନବ ଦଳନ କରି ସର୍ବଶୁଭରେ ଫେରିଆସ ।

× × × × ×

[ମୁନି ଆଶ୍ରମ, ଯଜ୍ଞପୀଠ]

ବିଶ୍ୱାମିତ୍ର – ଗତ ପାଞ୍ଚଦିନ ଧରି ତୁମେ ଦୁଇ ଭାଇ ହାତରେ ଧନୁଶର ଧରି ଏ ଆଶ୍ରମ, ଏ ଯଜ୍ଞଶାଳା ରକ୍ଷା କରି ଆସିଚ । ଏ ପାଞ୍ଚଦିନ ରାକ୍ଷସମାନେ ଦୂରରେ ଦୂରରେ ରହିଚନ୍ତି । ଏଠିକି ଆସିବା ପଥରେ ତୁମେ ତାଡ଼କା ରାକ୍ଷସୀ ବଧ କରିଚ – ଏ ସମ୍ବାଦ ନିଶ୍ଚୟ ସେମାନଙ୍କୁ ଭୟଭୀତ କରିଚି । କିନ୍ତୁ ଆଜି ଯଜ୍ଞର ପୂର୍ଣ୍ଣାହୁତି । ଆଜି ସେମାନେ ମନ୍ତ୍ରପାଠ ମାତ୍ରେ ନିଶ୍ଚୟ ଆସି ବିଘ୍ନ ସୃଷ୍ଟି କରିବେ ।

ରାମ – ଆପଣ ନିଶ୍ଚିନ୍ତ ମନରେ ଯଜ୍ଞ ସମାପନ କରନ୍ତୁ ମୁନିବର !

ଲକ୍ଷ୍ମଣ – ଆମେ ଜାଗ୍ରତ ପ୍ରହରୀ ପରି ଯଜ୍ଞ ରକ୍ଷା କରିବୁ ।

ରାମ – ହଁ, ଆପଣ ମନ୍ତ୍ରପାଠ କରନ୍ତୁ ।

Digitized by srujanika@gmail.com

ବିଶ୍ୱାମିତ୍ର   ମଧୁବାତାଋତାୟତେ ମଧୁ କ୍ଷରନ୍ତି ସିନ୍ଧବଃ
ଓ   –   ମାଧ୍ୱୀର୍ନ ସନ୍ତ୍ୱୋଷଧୀଃ ।
ଅନ୍ୟ ସ୍ୱର   ମଧୁନକ୍ତ ମୁତୋଷସୋ ମଧୁମତ୍ ପାର୍ଥିବଂ ରଜଃ
            ମଧୁ ଦ୍ୟୌରସ୍ତୁ ନଃ ପିତା ।

(ଦାନବଙ୍କ ବିକଟ ହସ)

ବିଶ୍ୱାମିତ୍ର – ଏଇ ଦେଖ ରାମଚନ୍ଦ୍ର, ମାରୀଚ ସୁବାହୁ ସହିତ ସେମାନଙ୍କର ଅନୁଚର ଦୈତ୍ୟଗଣ ଆକାଶମାର୍ଗରେ ଛାଇହୋଇଗଲେଣି । ଅନୁଚରମାନେ ଆକାଶରୁ ରୁଧିର ବୃଷ୍ଟି କରୁଚନ୍ତି ।

ରାମ – ଚିନ୍ତାନାହିଁ । ମୁଁ ମୋର ଏଇ ତୀକ୍ଷ୍ଣ ଶର ବିନ୍ଧି ଅନୁଚର ଦୈତ୍ୟଗଣଙ୍କୁ ଧ୍ୱଂସ କରିଦେଉଚି । (ଶର ପ୍ରୟୋଗ)

ଲକ୍ଷ୍ମଣ – ଦେଖନ୍ତୁ ମୁନି – ମାରୀଚ ସୁବାହୁଙ୍କ ଅନୁଚରମାନେ ମୃତ୍ୟୁମୁଖରେ ପଡ଼ିଲେଣି ।

ବିଶ୍ୱାମିତ୍ର – କିନ୍ତୁ ମାରୀଚ ସୁବାହୁ ବିକଟନାଦ କରି ଏଣିକି ଧାଇଁ ଆସୁଚନ୍ତି ଯେ !

ରାମ – ଦୁହିଁଙ୍କୁ ଲକ୍ଷ୍ୟକରି ମୁଁ ଏକ ସଙ୍ଗେ ବାୟବ୍ୟାସ୍ତ୍ର ଓ ଆଗ୍ନେୟାସ୍ତ୍ର ପ୍ରୟୋଗ କରୁଚି । (ଶର ପ୍ରୟୋଗ)

ଦୁଇ ଦାନବ – ଆଃ . . .

ଲକ୍ଷ୍ମଣ – ଦେଖନ୍ତୁ, ଶରାଘାତରେ ମାରୀଚ ଉଡ଼ି ଉଡ଼ି ଯାଇ କେଉଁ ସମୁଦ୍ରତୀରରେ ପଡ଼ିଲାଣି ।

ରାମ – ଆଉ ଆଗ୍ନେୟାସ୍ତ୍ରରେ ବିଦ୍ଧ ହୋଇ ସୁବାହୁ ରାକ୍ଷସର ମୃତ ଦେହ ସେଠି ଜଳିଯାଉଚି ।

ମିଳିତସ୍ୱର – ସାଧୁ ବୀର ରାମଚନ୍ଦ୍ର – ସାଧୁ ବୀର ଲକ୍ଷ୍ମଣ . . .

ମିଳିତ କଣ୍ଠ – ମଧୁବାତାଋତାୟତେ ମଧୁ କ୍ଷରନ୍ତି ସିନ୍ଧବଃ ମାଧ୍ୱୀର୍ନଃ...

(ଯଜ୍ଞ କାର୍ଯ୍ୟ ସଂପୂର୍ଣ୍ଣ ହେଲା)

ବିଶ୍ୱାମିତ୍ର – ଅସୁର କୁଳ ଧ୍ୱଂସ ପାଇଚନ୍ତି – ଯଜ୍ଞ ସଂପୂର୍ଣ୍ଣ ହୋଇଚି । ବନଭୂମି ଶାନ୍ତ । ତୁମେ ରାମଚନ୍ଦ୍ର, ରଘୁକୁଳର ଉପଯୁକ୍ତ ଦାୟାଦ ତୁମେ– ତୁମେ ପୁରୁଷୋତ୍ତମ ରଘୁପତି ରାଘବ । ମୋ' ନିକଟରେ ତୁମର କର୍ତ୍ତବ୍ୟ ସୁସମ୍ପନ୍ନ ହୋଇଚି । ଏହା ପରେ ?

Digitized by srujanika@gmail.com

ରାମ – ପିତାଙ୍କର ଉପଦେଶ, ଆମେ ଆପଣଙ୍କର ଆଜ୍ଞା ପାଳନ କରିବୁ ।
ବିଶ୍ୱାମିତ୍ର – ତେବେ ଚାଲ ଆମେ ମିଥିଳା ଯାତ୍ରା କରିବା ।
ରାମ – ମିଥିଳା ?
ବିଶ୍ୱାମିତ୍ର – ମିଥିଳାର ରାଜା ଜନକଋଷି ଯଜ୍ଞ କରୁଚନ୍ତି । ଯଜ୍ଞ ଦେଖିବ– ଆଉ ଦେଖିବ ମିଥିଳାର ଶିବଧନୁ । ଅତି ଅଲୌକିକ ଏ ଧନୁର କାହାଣୀ । ଏପର୍ଯ୍ୟନ୍ତ ଏ ଧନୁରେ ଗୁଣ ଚଢ଼ାଇବା ପାଇଁ ତ୍ରିପୁରବାସୀ କେହି ସମର୍ଥ ହୋଇନାହାନ୍ତି । ତୁମର ସେ ଧନୁ ଦେଖିବା ଉଚିତ ।
ଲକ୍ଷ୍ମଣ – ଆଜି ମିଥିଳା ଯାତ୍ରା କରିବା ?
ବିଶ୍ୱାମିତ୍ର – ହଁ, ଆଜି; ଯିବାପଥରେ ଗୌତମ ଆଶ୍ରମ ଦେଖିଯିବା ।

× × × × ×

[ଗୌତମ ଆଶ୍ରମ]

ବିଶ୍ୱାମିତ୍ର – ଦେଖ ରାମ ଲକ୍ଷ୍ମଣ – ଏ ଗୌତମ ଆଶ୍ରମ ।
ରାମ – ସୁନ୍ଦର ! ମନୋହର ! କିନ୍ତୁ ଏଠି ଯେପରି ଏକ କରୁଣ ଭାବ ପ୍ରକାଶ ପାଉଚି ।
ଲକ୍ଷ୍ମଣ – ଗୌତମ ମୁନି ନାହାନ୍ତି ?
ବିଶ୍ୱାମିତ୍ର – ନା, ସେ ଆଶ୍ରମ ତ୍ୟାଗ କରିଚନ୍ତି । ମାତ୍ର ଏଠି ଏ ପ୍ରସ୍ତର ଖଣ୍ଡ ପଡ଼ିରହିଚି ।
ରାମ – କି ପ୍ରସ୍ତର ?
ବିଶ୍ୱାମିତ୍ର – ଗୌତମ-ପତ୍ନୀ ଅହଲ୍ୟାଙ୍କ ରୂପ ଯୌବନରେ ପ୍ରଲୁବ୍ଧ ହୋଇ ଇନ୍ଦ୍ର ମନରେ ପାପ ଆଶା ଜାଗିଲା । ସେଦିନ ଗୌତମ ମୁନି ଆଶ୍ରମରେ ଅନୁପସ୍ଥିତ । ଇନ୍ଦ୍ର ଗୌତମ ମୁନିଙ୍କ ରୂପ ନେଇ ଆସିଲା । ଅହଲ୍ୟା ନିଜ ସ୍ୱାମୀ ମନେକରି ଇନ୍ଦ୍ରଙ୍କୁ ଗ୍ରହଣକଲେ । ଫଳରେ ଗୌତମଙ୍କ ଶାପଗ୍ରସ୍ତା ଅହଲ୍ୟା ଏମିତି ପ୍ରସ୍ତର ଖଣ୍ଡ ହୋଇ ପଡ଼ିରହିଲେ ।
ରାମ – କେତେ ଦିନ ଏମିତି ଏ ପାଷାଣ ରୂପରେ ପଡ଼ିରହିବେ ?
ବିଶ୍ୱାମିତ୍ର – ଠିକ୍ ଆଜି . . . ଏଇ ମୁହୂର୍ତ୍ତ ପର୍ଯ୍ୟନ୍ତ ।
ରାମ – ବୁଝିପାରିଲି ନାହିଁ ।
ବିଶ୍ୱାମିତ୍ର – ଅଭିଶାପ ଦେଲାବେଳେ ଗୌତମ ଋଷି କହିଯାଇଚନ୍ତି, ଯେଉଁଦିନ ଦଶରଥସୁତ ରାମଚନ୍ଦ୍ରଙ୍କ ପାଦଧୂଳି ଏ ଶିଳା ଉପରେ ପଡ଼ିବ,

Digitized by srujanika@gmail.com

ସେଇଦିନ ଅହଲ୍ୟା ଶାପମୁକ୍ତ ହେବେ ।

ରାମ – କିନ୍ତୁ ଏତେ କାଳ ନିର୍ଦ୍ଦୋଷରେ ସେ ଏ ଦଣ୍ଡ ଭୋଗିଲେ !

(ଗୀତ) – ଦିନେ ଏଠି ଥିଲା ଯେଉଁ ସୁକୁମାର ତନୁଲତା
ସେ ଆଜି ପାଷାଣ ଖଣ୍ଡ – ଅଭାଗିନୀ ଅଭିଶପ୍ତା । ୦ ।
ପ୍ରାଣହୀନ ଏ ଆଶ୍ରମ
ନାହାନ୍ତି ଋଷି ଗୌତମ
ଏ ବନ ଏ ଉପବନ
ଗାଏ ସେ କରୁଣ ଗାଥା । ୧ ।
ଅହଲ୍ୟା କୁମାରୀ ଆଗେ ।
ମିଥ୍ୟା ଏହି ଶାସ୍ତି ଭୋଗ
ଆଶ୍ରମଚାରିଣୀ ବଧୂ
ସତୀ ତୁମେ ପତିବ୍ରତା । ୨ ।
ସତ୍ୟ ଯେବେ ଋଷି ବାଣୀ
ସତ୍ୟ ଯେବେ ଏ କାହାଣୀ
ଦେଲି ମୋର ପଦରଜ
ଉଠ ଦେବୀ ! କୁହ କଥା । ୩ ।

(ରାମଚନ୍ଦ୍ରଙ୍କ ପଦସ୍ପର୍ଶରେ ପ୍ରସ୍ତର ଖଣ୍ଡ ଅହଲ୍ୟାରେ ପରିଣତ ହେଲା ।)

ଅହଲ୍ୟା – ତୁମେ . . . ତୁମେ ସେଇ ନବୀନ-ନୀରଦ-କାନ୍ତି ରଘୁକୁଳତିଳକ ରାମଚନ୍ଦ୍ର ! ତୁମ ଚରଣ ସ୍ପର୍ଶରେ ମୋ' ମନ ପ୍ରାଣ ପୁଲକିତ ହୋଇଉଠିଚି । ହେ କରୁଣାମୟ ! ମତେ ତୁମେ ଉଦ୍ଧାର କରିଚ । ମୁଁ ସମ୍ବଳହୀନା – ମୋ ଆଖିଲୁହର ଏ ଅର୍ଘ୍ୟରେ ମୁଁ ତୁମ ପାଦ ପୂଜା କରୁଚି ।

ରାମ – ଆଉ ତୁମର ଦୁଃଖ ନାହିଁ ଦେବୀ—ଋଷି ଗୌତମ ଫେରି ଆସିବେ । ଏ ଆଶ୍ରମ ପୁଣି ହସିଉଠିବ । ଆମକୁ ବିଦାୟ ଦିଅ ।

ଅହଲ୍ୟା – ବିଦାୟ ପ୍ରଭୁ । ତୁମର ଏ କୀର୍ତ୍ତି ଯୁଗଯୁଗକୁ ବିଦିତ ରହିବ ।

× × × ×

[ଗଙ୍ଗାକୂଳ, ବିଶ୍ୱାମିତ୍ରଙ୍କ ସହ ରାମ ଲକ୍ଷ୍ମଣ ଆସିବାର ଦେଖି ନାବିକ ବିଚଳିତ ହୋଇପଡ଼ିଲା ।]

ନାବିକ – ଏଇ ସେ ତିନିହେଁ ନଈବନ୍ଧକୁ ଉଠିଲେଣି . . . ନିଶ୍ଚେ ନଈ

Digitized by srujanika@gmail.com

ପାରିହେବାକୁ କହିବେ । ମୁଁ ନାଆ ନେଇ ନଈ ମଝିକି ପଳାଏ ।

(ଡଙ୍ଗା ନେଇ ନଈ ମଝିକୁ ଚାଲିଗଲା)

ବିଶ୍ୱାମିତ୍ର – ଦେଖ ରାମ ଲକ୍ଷ୍ମଣ – ପୁଣ୍ୟତୋୟା ଗଙ୍ଗା – ତୁମ ପୂର୍ବପୁରୁଷ ରାଜା ଭଗୀରଥଙ୍କ ଅମରକୀର୍ତ୍ତି । ପତିତପାବନୀ ମା' ଜାହ୍ନବୀଙ୍କୁ ପ୍ରଣାମ କର ବତ୍ସ !

ରାମ ଓ ଲକ୍ଷ୍ମଣ – ହେ ଗଙ୍ଗାମାତା, ଆପଣ ପ୍ରଣାମ ଗ୍ରହଣ କରନ୍ତୁ !

ଲକ୍ଷ୍ମଣ – ନାବିକ ତ ନୌକା ନେଇ ନଦୀ ମଝିରେ – ଆମେ ପାରହେବା କେମିତି ?

ବିଶ୍ୱାମିତ୍ର – ହେ ନାବିକ, କୂଳକୁ ନୌକା ଆଣ !

ନାବିକ – (ଦୂରରୁ) କୂଳକୁ ଯାଇପାରିବି ନାହିଁ ଗୋସେଇଁ – ଦଦରା ନାଆ – ଶହେ କି ବିଶାଶହେ କଣା – ପାଣି ଗଳୁଚି ।

ବିଶ୍ୱାମିତ୍ର – କି ଅସମ୍ଭବ କଥା ! ନଈ ମଝିରେ ପାଣି ଗଳୁନାହିଁ, କୂଳକୁ ଆସିଲେ ପାଣି ଗଳିବ ?

ଲକ୍ଷ୍ମଣ – ଦେଖନ୍ତୁ, ଆପଣଙ୍କ କଥାର ଉତ୍ତର ଦେଉନାହିଁ – ସେପାଖକୁ ମୁହଁ ବୁଲେଇ ବସିଲାଣି ।

ରାମ – ହେ ନାବିକ, ଆମ କଥାର ଉତ୍ତର ଦେଉନ ଯେ ? କ'ଣ ବଧିର ହୋଇଗଲ ?

ନାବିକ – ନାଇଁ ମହାପ୍ରଭୁ, ବଧିର ହେବି କାହିଁକି ?

ରାମ – ତେବେ ନୌକା କୂଳକୁ ଆଣ !

ନାବିକ – (କୁଣ୍ଠାରସହ) ହଉ ନଉଚି ।

(ନୌକାସହ ନାବିକ କୂଳକୁ ଆସିଲା)

ରାମ – କଣ ହେଇଚି ନାବିକ ? ତମର ବିରସ ମୁହଁ କାହିଁକି ?

ନାବିକ – ବିରସ ମୁହଁ ନ ହବ କେମିତି କହିଲେ ?

(ଗୀତ) ଜଗତେ ପଡ଼ିଚି ହୁରି ହୋ ଜଗତେ ପଡ଼ିଚି ହୁରି,
ରାମ ପାଦଧୂଳି କଣିକାଏ ପଡ଼ି ପାଷାଣ ହୋଇଲା ନାରୀ । ୧ ।

ବିଶ୍ୱାମିତ୍ର – ହଁ, ପାଷାଣ ନାରୀ ହୋଇଚି, ସେଥିରେ ତୁମେ ବିରସ କାହିଁକି ? ତୁମେ କାହିଁକି ଆମକୁ ତୁମ ନୌକାରେ ପାରି କରିବ ନାହିଁ ?

ନାବିକ – କେମିତି ପାର କରିବି ଗୋସେଇଁ . . . ମୋ' ନଉକା ପରା

Digitized by srujanika@gmail.com

କାଠରେ ତିଆରି !

(ଗୀତ)କାଠ ପାଷାଣ ତ ଏକ ହୋ, କାଠ ପାଷାଣତ ଏକ,
ମୋ' କାଠର ତରୀ ହେବ ଯେବେ ନାରୀ
ବୁଡ଼ିଯିବ ମୋର ଭେକ । ୨ ।

ନାବିକ – ପାଷାଣ ଯେବେ ନାରୀ ହେଲା, ମୋ କାଠନଉକା ଖଣ୍ଡ ନ ହବ କାଇଁକି ?

ବିଶ୍ୱାମିତ୍ର – (ହସି) ତମର ଏ ଭ୍ରାନ୍ତ ଧାରଣା ନାବିକ । ଗୌତମଙ୍କ ଅଭିଶାପରେ ଅହଲ୍ୟା ପାଷାଣ ହୋଇଯାଇଥିଲେ – ରାମଚନ୍ଦ୍ର ତାଙ୍କୁ ଉଦ୍ଧାର କଲେ ।

ନାବିକ – କିଏ ଜାଣେ ମୋ ନଉକା ଖଣ୍ଡକ ଉପରେ ସେମିତି କାହା ଅଭିଶାପ ପଡ଼ିଚି କି ନାହିଁ ?

(ଗୀତ) ମାନୁନାହିଁ ମୋର ମନ ହୋ, ମାନୁନାହିଁ ମୋର ମନ,
ରାମଚନ୍ଦ୍ରଙ୍କୁ ମୁଁ ନ କରିବି ପାରି ଏତିକି ଗୁହାରି ଘେନ । ୩ ।

ନାବିକ – ମୁଁ ପଛେ ତମ ବି'ଜଣଙ୍କୁ ପାରିକରିଦେବି ଗୋସେଇଁ, ରାମଚନ୍ଦ୍ରଙ୍କୁ ପାରି କରିପାରିବି ନାହିଁ ।

ବିଶ୍ୱାମିତ୍ର – (ହସି) ଆଖି ଆଗରେ ରାମଚନ୍ଦ୍ରଙ୍କୁ ଦେଖି ଏକଥା କହିପାରୁଚ ନାବିକ ?

ନାବିକ – ଦେଖୁଚି ତ କେଡ଼େ ସୁନ୍ଦର ପୁରୁଷ – ଯେମିତି ସ୍ୱର୍ଗରୁ କିଏ ଦେବତା ଓହ୍ଲେଇ ଆସିଚନ୍ତି । ଦେଖିଲେ ଆଖି ଲାଖି ରହୁଚି । (ଟିକିଏ ଭାବି) ଆଚ୍ଛା ଗୋସେଇଁ, ପାଦଧୂଳିରୁ ତ ଏତେ କଥା – ଆଗେ ମୁଁ ମହାପ୍ରଭୁଙ୍କ ପାଦ ଧୋଇଦେଇ ତା'ପରେ ନଉକାରେ ବସେଇବି ।

ରାମ – (ଈଷତ୍ ହସି) ମୋ' ପାଦ ଧୋଇଦେବ ?

ନାବିକ – ହଁ ମହାପ୍ରଭୁ, ପାଦ ବଢ଼ାନ୍ତୁ !

(ଗୀତ) – ବଢ଼ାଇ ଦେଲେ ପୟର ଭାବଗ୍ରାହୀ ରଘୁବୀର
ପୟରେ କ୍ଷାଳିତ କରି ବସନେ ପୋଛି
ବ୍ରହ୍ମାରେ ଧୌତ ଯେ ପଦ ନୋହିଛି ଶିବେ ବିଷାଦ
ନ ପାଇ ଚରଣାମୃତ ପାନକୁ ଇଚ୍ଛି,
ବିଜ୍ଞାନୀ କୈବର୍ତ୍ତ ଧୋଇଲା,

Digitized by srujanika@gmail.com

ବିଶ୍ୱେ ପତିତପାବନ ନାମ ରହିଲା ।

(ନୌକାରେ ନଦୀ ପାର ହୋଇ ଏମାନେ ଅନ୍ୟ କୂଳକୁ ଆସିଲେ ।)

ରାମ – ଦେଖିଲ ତ ନାବିକ, ତମ ନୌକାରେ ଆମେ ଗଙ୍ଗା ପାରହୋଇ ଏ କୂଳକୁ ଆସିଲୁ !

ନାବିକ–ମୁଁ ଭାରି ଖୁସି ମହାପ୍ରଭୁ, ନଉକା ଖଣ୍ଡିକ ମୋର ରକ୍ଷା ହୋଇଗଲା ।

ରାମ – ଆଚ୍ଛା, ଏଥର ପାଦରେ ନୁହେଁ, ମୁଁ ମୋ ହାତରେ ତମର ଏ ନଉକା ଛୁଉଁଚି – ଦେଖ କ'ଣ ହେଉଚି ।

[ରାମଚନ୍ଦ୍ରଙ୍କ କର ସ୍ପର୍ଶରେ ନୌକାଟି ସ୍ୱର୍ଣ୍ଣ ନୌକାରେ ପରିଣତ ହେଲା ।]

ନାବିକ – ଏ କ'ଣ ମହାପ୍ରଭୁ ! କୋଉକାଳର ଦଦରା କାଠ ନାଆଟା ଚାହୁଁ ଚାହୁଁ ସୁନା ପାଲଟିଗଲା ! . . . ହଁ ତ, ଏକାବେଳକେ ପିଟା ସୁନା . . . ମହାପ୍ରଭୁ !

ରାମ – ହଁ, ନାବିକ, ନଉକା ସୁନା ପାଲଟି ଯାଇଚି । ଏଥର ଏ ନଉକା ତମର – ଏ ସୁନା ତମର ।

× × × × ×

[ମିଥିଳା ରାଜପୁରୀ, ସ୍ୱୟମ୍ବର ସଭା]

ଜନକ – ଅଶ୍ୱମେଧ ଯଜ୍ଞ ଶେଷ ହେଇଚି – ଆଜି ସ୍ୱୟମ୍ବର ସଭା । ଯେଉଁ ବୀର ପୁରୁଷ ଶିବଧନୁରେ ଗୁଣ ସଂଯୋଗ କରି ପାରିବେ, ମୋର ସର୍ବଗୁଣସମ୍ପନ୍ନା କନ୍ୟା ସୀତା ତାଙ୍କୁ ପତିରୂପେ ବରଣ କରିବ, ଏଇ ପଣ ମୁଁ କରିଚି ! . . . ଏ ଶିବଧନୁର ମହିମା କିଏ ନ ଜାଣେ ? ମୁଁ ଏଠି କେବଳ ଉପସ୍ଥିତ ଋଷି, ମୁନି, ରାଜା, ମହାରାଜା, ସାମନ୍ତମାନଙ୍କୁ ତାହା ସ୍ମରଣ କରାଇଦଉଚି ।

(ଗୀତ) – ଅତି ପୁରାତନ ଏ ଶିବଧନୁ
ଶିବ କରୁ ମୁକ୍ତ ହୋଇଲା ଦିନୁ,
ଏ ରାଜପୁରୀରେ ପାଉଛି ଶୋଭା
ଚାରୁ ଚନ୍ଦ୍ର ସମ କି ମନ-ଲୋଭା
ଅତି ବିଚିତ୍ର ତା' ଗୁଣ ଯେ,
ଦେବତାଙ୍କ ଯୋଗ୍ୟ ପୂଜାପାଏ ଯେଣୁ
ବହିଚି ଦେବ-ଲକ୍ଷଣ ଯେ ।। ୧ ।।

Digitized by srujanika@gmail.com

ସଭାଜନେ ଏବେ କରୁଚି ଜଣା
ସବୁ ଦୋଷାଦୋଷ କରି ମାର୍ଜନା,
ସ୍ୱୟମ୍ବର ଧର୍ମ କରି ପାଳନ
ଯେ ବୀର ଟାଣିବେ ଧନୁରେ ଗୁଣ
ତାଙ୍କ ଗଳେ ଦେଇ ମାଳା ଯେ,
ଏ ମୋର ଦୁହିତା ସୁକୁମାରୀ ସୀତା
ହେବ ଆଜି ସ୍ୱୟମ୍ବରା ଯେ ॥ ୨ ॥

ଜନକ – ବର୍ତ୍ତମାନ ସ୍ୱୟମ୍ବର ସଭାକାର୍ଯ୍ୟ ଆରମ୍ଭ ହେଉ ।

ଘୋଷଣାକାରୀ – ସର୍ବପ୍ରଥମେ ଅଙ୍ଗରାଜ୍ୟର ଯୁବରାଜ ବୀରବାହୁ ଯାଉଚନ୍ତି ।

୧ମ ସ୍ୱର – (ଈଷଦ୍ ନିମ୍ନ) ଖୁବ୍ ବୀର ଦର୍ପରେ ଯାଉଚନ୍ତି ତ !

୨ୟ ସ୍ୱର – (ଈଷଦ୍ ନିମ୍ନ) ବାହୁର ଦର୍ପଟା କେତେ ଦେଖାଯାଉ ।

୧ମ ସ୍ୱର – (ଈଷଦ୍ ନିମ୍ନ) ଏଇ ଦେଖ, ଦେଖ ! ଦୁଇ ବାହୁକୁ କେମିତି ଝୁଙ୍କେଇ ଝୁଙ୍କେଇ ଧନୁ ଉଠାଉଚନ୍ତି ।

୨ୟ ସ୍ୱର – (ଈଷଦ୍ ନିମ୍ନ) ମାତ୍ର ଧନୁ ଉଠୁନାହିଁ ।

୧ମ ସ୍ୱର – (ଈଷଦ୍ ନିମ୍ନ) ଏଇ ଦେଖ . . . ନାଃ, ପାରିଲେ ନାହିଁ ।

[ବୀରବାହୁ ଫେରିଆସିଲେ]

ଘୋଷଣାକାରୀ – ଯୁବରାଜ ବୀରବାହୁଙ୍କ ପରେ ଯାଉଚନ୍ତି କର୍ଣ୍ଣାଟକ ଅଧିପତି ରାଜା ପୃଥ୍ୱୀଭୂଷଣ ।

୧ମ ସ୍ୱର – (ଈଷଦ୍ ନିମ୍ନ) ପୃଥ୍ୱୀ ତ ଦୂରର କଥା, ଏଇ ସ୍ୱୟମ୍ବର ସଭାର ଭୂଷଣ ଯଦି ହୋଇପାରନ୍ତେ . . .

୨ୟ ସ୍ୱର – (ଈଷଦ୍ ନିମ୍ନ) ବଡ଼ ମନ୍ଥର ଗତିରେ ଯାଉଚନ୍ତି ।

୧ମ ସ୍ୱର – (ଈଷଦ୍ ନିମ୍ନ) ଦେଖ କ'ଣ ହେଉଚି ।

ମିଳିତ ସ୍ୱର – (ହସ)

ପୃଥ୍ୱୀଭୂଷଣ – ଏଥିରେ ହସିବାର କ'ଣ ଅଛି – ଧନୁ ତ ପଡ଼ିନାହିଁ – ଧନୁ ଯଥା ସ୍ଥାନରେ ଅଛି – ଧନୁକୁ ଉଠେଇବାକୁ ଯାଇ ମୁଁ ପଡ଼ିଗଲି– ହସିବାର କ'ଣ ଅଛି – ମୁଁ ଫେରିଯାଉଚି ।

[ନିଜ ଆସନକୁ ଫେରିଗଲେ]

ଘୋଷଣାକାରୀ – ଏହା ପରେ କାଶୀର ରାଜାଧିରାଜ ବିଶ୍ୱବିକ୍ରମ ସିଂହ ।

Digitized by srujanika@gmail.com

୧ମ ସ୍ୱର – (ଈଷତ୍ ନିମ୍ନ) ଏଇ ଦେଖ, ଧନୁକୁ ଭୂମିରୁ ଉଠାଇପାରିଚନ୍ତି ।

୨ୟ ସ୍ୱର – (ଈଷତ୍ ନିମ୍ନ) ନା . . . ପାରିଲେ ନାହିଁ . . . ପୁଣି ରଖିଦେଲେ ।

ବିଶ୍ୱବିକ୍ରମ ସିଂହ – ମୁଁ ସ୍ୱୀକାର କରୁଚି, ମୁଁ ପାରିଲି ନାହିଁ । ମୁଁ ଫେରିଯାଉଚି ; ମାତ୍ର ଏକଥା ମୁଁ ଏଠି କହିଯାଉଚି, ଏ ସଭାର ଆଉ କେହି ମଧ ଏ ଧନୁରେ ଗୁଣ ଦେଇପାରିବେ ନାହିଁ ।

[ଆସନକୁ ଫେରିଗଲେ]

ଲକ୍ଷ୍ମଣ – ଦେଖୁଚନ୍ତି ଗୁରୁଦେବ, ଏହାପରେ ଆଉ କେହି ଶିବଧନୁ ନିକଟକୁ ଆସିବାକୁ ସାହସ କରୁନାହାନ୍ତି ।

ରାମ – ଯିବେ ବା ଆସୁଚନ୍ତି ଧନୁକୁ କେବଳ ଚାହିଁ ପୁଣି ଫେରିଯାଉଚନ୍ତି ।

ବିଶ୍ୱାମିତ୍ର – ରାମଚନ୍ଦ୍ର !

ରାମ – କୁହନ୍ତୁ, ମହର୍ଷି !

ବିଶ୍ୱାମିତ୍ର – ତୁମେ ଯିବ ?

ରାମ – ଆପଣ ଅନୁମତି ଦେଲେ ନିଶ୍ଚୟ ଯିବି ।

ଜନକ – ଏ କି ଦୃଶ୍ୟ ମୁଁ ଦେଖୁଚି ! ତେବେ କ'ଣ ମୁଁ ବୁଝିବି ଏ ଭୂ-ଭାରତ ଆଜି ବୀରଶୂନ୍ୟ !

ବିଶ୍ୱାମିତ୍ର – ନା ରାଜର୍ଷି ଜନକ ! ଅଯୋଧ୍ୟାପତି ଦଶରଥଙ୍କ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ର ଏଠି ଉପସ୍ଥିତ ଥିବାବେଳେ ଭାରତ ବୀରଶୂନ୍ୟ ହୋଇପାରେନା . . . ଯାଅ ରାମଚନ୍ଦ୍ର ! (ରାମଚନ୍ଦ୍ର ଧନୁ ନିକଟକୁ ଗଲେ)

ସଖୀ – ଦେଖୁଚ କେମା ?

ସୀତା – ହଁ ସଖୀ ! ଶ୍ୟାମକାନ୍ତ ସୁପୁରୁଷ । ଧନୁକୁ ସ୍ପର୍ଶକରିବା ପୂର୍ବରୁ ସୂର୍ଯ୍ୟଙ୍କୁ ପ୍ରଣାମ କରୁଚନ୍ତି । ସେଇ ସଙ୍ଗେ ସଙ୍ଗେ ମୋ ବାମଆଖି ସ୍ଫୁରୁଚି ।

ଲକ୍ଷ୍ମଣ – ଦେଖୁଚନ୍ତି ମହର୍ଷି ! ଜ୍ୟେଷ୍ଠଭ୍ରାତା ଅନାୟାସରେ ଶିବଧନୁ ଗୋଟିଏ ହାତରେ ଟେକି ଧରିଚନ୍ତି ।

ବିଶ୍ୱାମିତ୍ର – ହଁ ସୌମିତ୍ରି, ଏଥର ସେ ଧନୁରେ ଗୁଣ ଦେବେ ।

ସ୍ୱର – (ରାମଚନ୍ଦ୍ରଙ୍କୁ) ଧନୁକୁ କେବଳ ଟେକି ଧରି ରହିଲେ ଯେ ? ଗୁଣ ନ ଦେଲେ ପଣ ପୂର୍ଣ୍ଣ ହେବନାହିଁ ।

ରାମ – ଜାଣେ . . . ସେ ସାମର୍ଥ୍ୟ ମୋର ରହିଚି ।

Digitized by srujanika@gmail.com

(ଗୀତ) ଏ ମିଥିଳାସଭା ଯାର ଶିରୀ ଶୋଭା
ପାସୋର ନ ଯିବ ମନୁ
ଉଭା ମୁହିଁ ଏଥି ରଘୁକୁଳ କ୍ଷତ୍ରି
ହାତେ ଧରି ଶିବଧନୁ ॥
ପୁଣ୍ୟଶ୍ଳୋକ ପୂର୍ବ-ପୁରୁଷମାନଙ୍କୁ
ସ୍ମରଣ କରି ମୁଁ ମନେ
ଜଣାଇ ପ୍ରଣାମ ସ୍ୱୟମ୍ବର ଧାମ
ରାଜା, ଋଷି, ବୀରଗଣେ ॥
ଗୋଲୋକ ଭୂଲୋକ ପୁଣି ନାଗଲୋକ
ଦଶଦିଗପାଳ ଶୁଣ
ସାକ୍ଷୀ ରଖି ସର୍ବ ଚରାଚରବାସୀ
ଧନୁରେ ଚଢ଼ାଏ ଗୁଣ ॥

[ଧନୁରେ ଗୁଣ ସଂଯୋଗ କଲାବେଳେ ପ୍ରଚଣ୍ଡ ଶବ୍ଦସହ ଧନୁ ଭାଙ୍ଗିଗଲା]

ଲକ୍ଷ୍ମଣ – (ଖୁବ୍ ଖୁସିରେ) ଧନୁ ଭାଙ୍ଗି ଯାଇଚି ! ବୀରଶ୍ରେଷ୍ଠ ରାମଚନ୍ଦ୍ରଙ୍କ ଶକ୍ତି ସହ୍ୟ କରିନପାରି ଶିବଧନୁ ଭାଙ୍ଗି ଦୁଇଖଣ୍ଡ ହୋଇଯାଇଚି ।

ମିଳିତ ସ୍ୱର – ସାଧୁ – ସାଧୁ ବୀର ରାମଚନ୍ଦ୍ର !

ବିଶ୍ୱାମିତ୍ର – ଦେଖନ୍ତୁ ରାଜର୍ଷି, ଆନନ୍ଦରେ ଦେବଗଣ ଆକାଶରୁ ପୁଷ୍ପ ବୃଷ୍ଟି କରୁଚନ୍ତି ।

ଜନକ – ଆସ, ଆସ ବାବୁ ରାମଚନ୍ଦ୍ର, ମୁଁ ତୁମକୁ କୋଳକରି ଧନ୍ୟ ହୁଏ । ଶିବଧନୁ ଭଙ୍ଗକରି ତୁମେ ଆଜି ଦୁଇକୁଳ ରକ୍ଷାକରିଚ । ତୁମ ପିତୃକୁଳର ଯଶ ଗୌରବ ରକ୍ଷାହୋଇଚି – ମୋର ଏ ସ୍ୱୟମ୍ବର ସଭାର ପଣ ରକ୍ଷା ହୋଇଚି । . . . ହଁ, ଆ’ ମା ଜାନକୀ, ସମ୍ମୁଖରେ ତୋର ବିରାଜମାନ ନବନୀରଦକାନ୍ତି ପରମ ପୁରୁଷ ରାମଚନ୍ଦ୍ର । ଦେ’ ମା’, ତୋ’ ହାତର ଏ ବରଣମାଳା ତାଙ୍କ ଗଳାରେ ପିନ୍ଧାଇଦେ’ । (ବହୁ ଶଙ୍ଖଧ୍ୱନି) ହେ ରଘୁନନ୍ଦନ, ଆଜିଠୁଁ ତୁମେ ମୋର ଏଇ ଆଦରିଣୀ କନ୍ୟା ସୀତାର କାୟା– ସେ ତୁମର ଛାୟା ।

ମିଳିତ ସ୍ୱର – ଜୟ ରଘୁନନ୍ଦନ ରାମଚନ୍ଦ୍ରଙ୍କର ଜୟ – ଜୟ ଜନକନନ୍ଦିନୀ ସୀତାଙ୍କର ଜୟ ।

Digitized by srujanika@gmail.com

ବିଶ୍ୱାମିତ୍ର – ମିଥିଳାପତି, ବର୍ତ୍ତମାନ ବିଧିବିଧାନ ସହ ବିବାହ କାର୍ଯ୍ୟ ସମ୍ପନ୍ନ ନିମନ୍ତେ ଆପଣ ରାଜା ଦଶରଥଙ୍କ ନିକଟକୁ ସମ୍ବାଦ ପ୍ରେରଣ କରନ୍ତୁ ।

ଜନକ – ଏଇ ମୁହୂର୍ତ୍ତରେ ମୁଁ ମନ୍ତ୍ରୀ ସତ୍ୟାନନ୍ଦଙ୍କୁ ଅଯୋଧ୍ୟା ପଠାଉଚି । ତା' ପୂର୍ବରୁ ଆଉ ଗୋଟିଏ କଥା – ରାମଚନ୍ଦ୍ରଙ୍କ କନିଷ୍ଠଭ୍ରାତ ବୀର ଲକ୍ଷ୍ମଣଙ୍କ ସହିତ ମୋର କନିଷ୍ଠା କନ୍ୟା ଉର୍ମିଳାର ବିବାହ . . .

ବିଶ୍ୱାମିତ୍ର – ଅତି ଉତ୍ତମ କଥା ; ମାତ୍ର ରାମଚନ୍ଦ୍ରଙ୍କର ଯେ ଆଉ ଦୁଇ କନିଷ୍ଠ ଭ୍ରାତା ଅଛନ୍ତି – ଭରତ, ଶତ୍ରୁଘ୍ନ ।

ଜନକ – ତା'ହେଲେ ସେମାନଙ୍କ ସହିତ ମୋର କନିଷ୍ଠଭ୍ରାତା ରାଜା କୁଶଧ୍ୱଜଙ୍କର ଦୁଇ ରୂପବତୀ ଗୁଣବତୀ କନ୍ୟା ମାଣ୍ଡବୀ ଓ ଶ୍ରୁତକୀର୍ତ୍ତିଙ୍କ ବିବାହ ପ୍ରସ୍ତାବରେ ଯଦି ରାଜା ଦଶରଥ ରାଜି ହୁଅନ୍ତେ . . .

ବିଶ୍ୱାମିତ୍ର – ମୋର ଦିବ୍ୟ ଧାରଣା, ମହାରାଜା ଦଶରଥ ଅତି ଆନନ୍ଦର ସହିତ ଆପଣଙ୍କ କଥା ରକ୍ଷା କରିବେ । ଆପଣ ଅଯୋଧ୍ୟାକୁ ନିମନ୍ତ୍ରଣ ପଠାନ୍ତୁ । ପବିତ୍ର ବିଧିବିଧାନ ସହିତ ରଘୁବଂଶର ଚାରି ରାଜପୁତ୍ରଙ୍କ ସହିତ ମିଥିଳା ରାଜବଂଶର ଚାରି କନ୍ୟାଙ୍କ ବିବାହ ମହାଆଡ଼ମ୍ବରରେ ସମ୍ପନ୍ନ ହେବ ।

× × × × ×

[ପଥ । ପୁତ୍ର ଓ ପୁତ୍ରବଧୂମାନଙ୍କ ଗହଣରେ ଦଶରଥ ସୈନ୍ୟ ସାମନ୍ତମାନଙ୍କ ସହ ରଥରେ ଆସୁଚନ୍ତି । ପର୍ଶୁରାମ ଆସି ପଥରୋଧ କଲେ]

ପର୍ଶୁରାମ – ବନ୍ଦକର – ବନ୍ଦକର ଏ ଯାତ୍ରା ! ରଥ ଅଟକାଅ !! କାହିଁ ସେ ରାଜା ଦଶରଥ ?

ଦଶରଥ – କିଏ ? ବୀର ପର୍ଶୁରାମ ! (ଦଶରଥ ରଥରୁ ଓହ୍ଲାଇ ଆସିଲେ)

ପର୍ଶୁରାମ – ହଁ, ମୁଁ । ଆଗେ ତୋତେ ହତ୍ୟାକରି ତା'ପରେ ଗୋଟି ଗୋଟି କରି ତୋର ଚାରିପୁତ୍ରଙ୍କ ଜୀବନ ନେବି । ଜାଣିନୁ ଏ ମୋର ଯାତାୟାତର ପଥ ? ଏ ପଥରେ ତୁ ପୁଣି ତୋ' ପୁତ୍ର ପୁତବଧୂଙ୍କୁ ନେଇ ମହାଗର୍ବରେ ବରବାହୁଡ଼ା ଯାତ୍ରା କରୁଚୁ ? . . . କାହିଁ, କାହିଁ ତୋର ସେଇ ବୀରପୁତ୍ର ରାମଚନ୍ଦ୍ର ?

ପର୍ଶୁରାମ – କାହିଁ ସେ ଅଧମ ରାମ କାହାନ୍ତି ତୋ ତିନି ସୁତେ
ପର୍ଶୁରାମ ଭୟେ କିବା ଲୁଚିଲେ ମୂଷିକ-ଗର୍ତ୍ତେ । ୦ ।

Digitized by srujanika@gmail.com

ନାମରେ ମୁଁ ଯାମଦଗ୍ନି
ନୟନୁ ମୋ' ଝରେ ଅଗ୍ନି
ଯାତ୍ରା ମୋର ଅବିରତ କ୍ଷତ୍ରିୟ ନିଧନ ପଥେ । ୧ ।
ବହେ ମୁଁ ଅମିତ ବଳ
ଭୟେ ଧରା ଟଳମଳ
ରୋଧିବ ମୋ'ପଥ କେହି ନାହିଁ ବୀର ଏ ଜଗତେ । ୨ ।
କରି ଶିବଧନୁ ଭଙ୍ଗ
ଛିଡିଗଲା ଅବା ସ୍ୱର୍ଗ
ତା'ର ଧନୁ ସହ ତାକୁ ଦଳିବି ଏ ବନପଥେ । ୩ ।

[ରାମଚନ୍ଦ୍ର ଆସିଲେ]

ରାମ – ମୋର ପ୍ରଣାମ ଗ୍ରହଣ କରନ୍ତୁ ତପସ୍ୱୀରୀ !

ପର୍ଶୁରାମ – ତୁ ରାମ ? ଏପର୍ଯ୍ୟନ୍ତ ଏ ଧରାରେ ଏଇ ପର୍ଶୁରାମ ଥିଲା ଏକମାତ୍ର ରାମ । ତୋତେ ପୁଣି ରାମନାମ ଆଖ୍ୟା କିଏ ଦେଲା ? ତୁ କରିଚୁ ଶିବଧନୁ ଭଙ୍ଗ ?

ରାମ – ହଁ, ମୁଁ କରିଚି ।

ପର୍ଶୁରାମ – ଗୋଟାଏ ଅଜ୍ଞାନ ବର୍ବର ତୁ । ଶିବଧନୁ ଭଙ୍ଗକରି ତୁ ମତେ ଅପମାନିତ କରିଚୁ ।

ରାମ – ଆପଣ ଅପମାନିତ ହେବେ ଏକଥା ତ ମୁଁ ଜାଣିନଥିଲି !

ପର୍ଶୁରାମ – ଜାଣିନଥିଲୁ ! ଏକବିଂଶବାର ଏ ପୃଥିବୀକୁ ଯିଏ ନିକ୍ଷତ୍ରିୟ କରିଚି, ସେଇ ପର୍ଶୁଧାରୀ କ୍ରୁଦ୍ଧ ପରଶୁରାମର ଯଶମହିମା ତୁ ଜାଣିନଥିଲୁ ?

(ଲକ୍ଷ୍ମଣ ଆସିଲେ)

ଲକ୍ଷ୍ମଣ – ମୁଁ ଜାଣିଚି ।

ପର୍ଶୁରାମ – କିଏ ତୁ ?

ଲକ୍ଷ୍ମଣ – ମୁଁ କ୍ଷତ୍ରିୟ ସନ୍ତାନ ରାମଭ୍ରାତା ଲକ୍ଷ୍ମଣ ।

ପର୍ଶୁରାମ – କ୍ଷତ୍ରିୟ ସନ୍ତାନ ! ହାଃ-ହାଃ-ହାଃ . . . କ୍ଷତ୍ରିୟ ସନ୍ତାନ ମୋର ପରମଶତ୍ରୁ । ଏଇ କ୍ଷତ୍ରିୟ ଉପରେ ମୋର ଦୃଷ୍ଟି ପଡ଼ିବା ପୂର୍ବରୁ ମୋ' ହାତର ଏ ପର୍ଶୁ ତା'ର ଶିରଚ୍ଛେଦନ କରିଥାଏ । ଶତ ସହସ୍ର ଗର୍ଭବତୀ କ୍ଷତ୍ରିୟ ରମଣୀଙ୍କ ଉଦର ଚିରି ସେମାନଙ୍କ ଗର୍ଭସ୍ଥିତ ସନ୍ତାନକୁ ଟାଣିଆଣି

Digitized by srujanika@gmail.com

ମୁଁ ହତ୍ୟା କରିଚି । ଆଜି ତୁ ଆସିଚୁ . . .

ଲକ୍ଷ୍ମଣ – ମୁଁ କାହିଁକି ଆସିଚି ସେ କଥା ତୁମେ ଜାଣିବା ପୂର୍ବରୁ, ମୁଁ ତୁମକୁ ଆଦେଶ କରୁଚି ତୁମେ ରଥ ସମ୍ମୁଖରୁ ହଟିଯାଅ !

ପର୍ଶୁରାମ – ତୁ ଆଦେଶ କରିବୁ ମତେ – ଏଇ ଯାମଦଗ୍ନି ପର୍ଶୁରାମକୁ ? ଯାହାର ପଦାଘାତରେ ଜୀବଜନ୍ତୁ ପ୍ରମାଦ ଗଣନ୍ତି – ପର୍ବତ ଶିଖର ଟଳିପଡ଼େ – ଧରଣୀ ବକ୍ଷରୁ ଧୂଳିପଟଳ ଉଠି ଆକାଶ ମାର୍ଗ ଆଚ୍ଛନ୍ନ ହୋଇଯାଏ, ତୋ' ଆଦେଶରେ ସେ ରଥ ସମ୍ମୁଖରୁ ହଟିଯିବ ?

ଲକ୍ଷ୍ମଣ – ପ୍ରଳାପ ବନ୍ଦକର !

(ଗୀତ) ଚାହେଁନା ମୁଁ ଶୁଣିବାକୁ ନିର୍ଲଜ୍ଜ କାହାଣୀ ହେ,
ଶ୍ରୁତି ମୋର କଳଙ୍କିତ ଶୁଣି ପାପବାଣୀ ହେ ॥
ସ୍ତିରୀ ହତ୍ୟା, ଶିଶୁ ହତ୍ୟା କରିଛି ଯେ ଜନ ହେ,
ନୁହେଁ ସେଇ ଋଷିପୁତ୍ର, ନୁହେଁ ସେ ବ୍ରାହ୍ମଣ ହେ ॥
ନାରୀ ଗର୍ଭ ଚିରି ଯିଏ ଶିଶୁ କରେ ହତ ହେ,
ତା' ବୀର ଦର୍ପକୁ ମୁହିଁ କରେ ପଦାଘାତ ହେ ॥
ନିଜ ବାହୁବଳେ ରାମ କଲେ ଧନୁଭଙ୍ଗ ହେ,
ଈର୍ଷାରେ କାହିଁକି କୁହ ଜଳେ ତବ ଅଙ୍ଗ ହେ ? ॥
ଛାଡ଼ିଦିଅ ପଥ ଏବେ ଯାଅ ନିଜ ପୁର ହେ,
କରୁଚି ଆଦେଶ, ସାକ୍ଷୀ ଏ ମୋ ଧନୁଶର ହେ ॥

ପର୍ଶୁରାମ – ନାଃ,ଆଉ ନୁହେଁ । ଗୋଟାଏ ମୂଢ଼ ଅର୍ବାଚୀନ ତୁ – ମୋର ସମସ୍ତ ଶରୀରକୁ ପ୍ରଜ୍ୱଳିତ କରିଦେଇଚୁ । ଏ ପର୍ଶୁ ଆଘାତରେ . . .

ଲକ୍ଷ୍ମଣ – ତା'ପୂର୍ବରୁ ମୋ' ଧନୁର ଏ ତୀର ତମର ବକ୍ଷ ଭେଦ କରିବ ।

ରାମ – କ୍ଷାନ୍ତ ହୁଅ ଲକ୍ଷ୍ମଣ . . . କ୍ଷମା କରନ୍ତୁ ଦେବ ପର୍ଶୁରାମ ! କୁହନ୍ତୁ ଆପଣ କ'ଣ ଚାହାନ୍ତି ?

ପର୍ଶୁରାମ – ତୁ ଶିବଧନୁ ଭଙ୍ଗ କରିଚୁ । ତୋର ଏ ଯଶ ଖ୍ୟାତି ମୋ ପକ୍ଷରେ ଅସହ୍ୟ ହୋଇଉଠିଚି । ମୁଁ ଚାହେଁ ତୋର ସେ ଗର୍ବ ଚୂନା କରିବି । ଏଇ ମୋର ଧନୁ . . . ପାରିବୁ ଗୁଣ ସଂଯୋଗ କରି ?

ରାମ – ପାରିବି . . . ଦିଅନ୍ତୁ !

ପର୍ଶୁରାମ – ଯଦି ନ ପାରୁ ?

Digitized by srujanika@gmail.com

ରାମ – (ସ୍ମିତ ହସି) କହୁଚି ତ ପାରିବି । ଦିଅନ୍ତୁ !

ପର୍ଶୁରାମ – ଏଇ ନେ । (ସ୍ୱଗତ) ଏ କ'ଣ ? ମୁଁ ଧନୁ ବଢ଼ାଇ ଦେବାକ୍ଷଣି ମୋ ହାତରୁ ଧନୁ ଆପେ ଆପେ ରାମ ହାତକୁ ଚାଲିଗଲା !! ଆଉ ସେଇ ସଙ୍ଗେ ସଙ୍ଗେ ମୋ ଶରୀରର ସମସ୍ତ ଶକ୍ତି, ସମସ୍ତ ତେଜ, ସମସ୍ତ କଳା ଅନ୍ତର୍ହିତ ହୋଇଗଲା . . . ରାମଚନ୍ଦ୍ର ତେବେ . . .

ରାମ – କ'ଣ ଭାବୁଚନ୍ତି ଭୃଗୁପତି ? ଧନୁରେ ଗୁଣ ଦେଇ ମୁଁ ଶର ସଂଯୋଗ କଲିଣି ।

ପର୍ଶୁରାମ – ଏ ମୂଢ଼ ଅକିଞ୍ଚନ ତୁମକୁ ଚିହ୍ନିପାରିନଥିଲା ରାମଚନ୍ଦ୍ର ! ତୁମେ ସାମାନ୍ୟ ମାନବ ନୁହଁ । ତୁମ ଆଦିପୁରୁଷ – ସ୍ୱୟଂ ବିଷ୍ଣୁଙ୍କ ଅବତାର । ତୁମେ ରାକ୍ଷସକୁଳ ଧ୍ୱଂସକାରୀ ସୀତାପତି ରାଘବ !

ରାମ – କୁହନ୍ତୁ, ଏବେ କେଉଁ ଦିଗକୁ ମୁଁ ଏ ଶର ନିକ୍ଷେପ କରିବି । ଆପଣ ବ୍ରାହ୍ମଣ–ମୋର ପୂଜ୍ୟ–ଆପଣଙ୍କୁ ମୁଁ ହତ୍ୟା କରିପାରିବି ନାହିଁ ।

ପର୍ଶୁରାମ – ଯଦି ମୋ' ପ୍ରତି ଏ କରୁଣା, ତେବେ ହେ କରୁଣାମୟ – ଆକାଶ ମାର୍ଗକୁ ଶର ନିକ୍ଷେପ କରି ମୋର ସମସ୍ତ ପାପପଥକୁ ରୁଦ୍ଧ କରିଦିଅ ।

ରାମ – ବେଶ୍, ତାହା ହିଁ ହେଉ ।

ପର୍ଶୁରାମ – ମୋର ପ୍ରଣାମ ଗ୍ରହଣ କର ସୀତାପତି – ତମର ଜୟ ହେଉ, ଜୟ ହେଉ, ଜୟ ହେଉ । [ପର୍ଶୁରାମଙ୍କ ପ୍ରସ୍ଥାନ]

× × × × ×

[ଅଯୋଧ୍ୟା ରାଜସଭା]

ଦଶରଥ – ପାତ୍ର, ଅମାତ୍ୟ, ସଭାସଦ୍ ଓ ଅଯୋଧ୍ୟାର ମିତ୍ର ନରପତିମାନଙ୍କ ଗହଣରେ ଏ ରାଜସଭା ଆଜି ପରିପୂର୍ଣ୍ଣ । ମୋର ବୟସ ହେଇଚି । ମୋର ସମସ୍ତ ସାଂସାରିକ କର୍ତ୍ତବ୍ୟ ସମାପନ ହେଇଚି । ସେଥିପାଇଁ ମୁଁ ମନସ୍ଥ କରିଚି, ମୋର ଜ୍ୟେଷ୍ଠ ପୁତ୍ର ରାମଚନ୍ଦ୍ର ହସ୍ତରେ ଅଯୋଧ୍ୟା ରାଜ୍ୟ– ଅଯୋଧ୍ୟା ସିଂହାସନ ଅର୍ପଣ କରି ମୁଁ ରାଜକାର୍ଯ୍ୟରୁ ଅବସର ନେବି । ମୁଁ ଜାଣେ, ଏଥିରେ ଆପଣମାନେ ମୋ' ସହିତ ଏକମତ ହେବେ ।

ବଶିଷ୍ଠ – ଏହା ଅତି ଅନନ୍ଦର କଥା । ସର୍ବଗୁଣସମ୍ପନ୍ନ ରଘୁକୁଳତିଳକ ରାମଚନ୍ଦ୍ର ଅଯୋଧ୍ୟାର ରାଜା ହେବେ, ଏଥିରେ ସମସ୍ତେ ଆନନ୍ଦିତ –

Digitized by srujanika@gmail.com

ଉଲ୍ଲସିତ ।

ମିଳିତସ୍ୱର – ଜୟ ରଘୁକୁଳ ତିଳକ ରାମଚନ୍ଦ୍ରଙ୍କର ଜୟ, ଜୟ ରାଜା ଦଶରଥଙ୍କର ଜୟ ।

ଦଶରଥ – ଶୁଭ ଚୈତ୍ର ମାସ ଯେ । ପୁଣି ଆସନ୍ତା କାଲି ଉତ୍ତରାୟଣ, ପ୍ରସିଦ୍ଧ କର୍ମ ପାଇଁ ଅତି ଶୁଭତିଥି । କାଲି ଅଯୋଧ୍ୟା ସିଂହାସନରେ ରାମଚନ୍ଦ୍ରଙ୍କ ଅଭିଷେକ ହେବ । କୁଳଗୁରୁ ବଶିଷ୍ଠ ! ମନ୍ତ୍ରୀ ସୁମନ୍ତ ! କାଲି ଅଯୋଧ୍ୟା ନଗରୀ ସୁଶୋଭିତ ସୁସଜ୍ଜିତ ହେବ । ଅଯୋଧ୍ୟା ରାଜପୁରୀ ଇନ୍ଦ୍ରପୁରୀର ଶୋଭା ଧାରଣ କରିବ ; ଆଉ ଅଯୋଧ୍ୟାର ପ୍ରଜା, ପାଟକ, ସାମନ୍ତ, ଶ୍ରେଷ୍ଠ ଆଉ ଚତୁରଙ୍ଗ ସେନାବାହିନୀଙ୍କ ଆନନ୍ଦ ଉଲ୍ଲାସ ଭିତରେ ସମସ୍ତ ବିଧିବିଧାନ ସହ ଅଭିଷେକ ଉତ୍ସବ ଯେପରି ମହାସମାରୋହରେ ପାଳିତ ହେବ, ତା'ର ଆୟୋଜନ ଏବେଠୁଁ କରନ୍ତୁ ।

× × × × ×

[ରାଣୀହଂସପୁର । କୈକେୟୀ ଶୃଙ୍ଗାରକର୍ମରତ । ମନ୍ଥରା ଆସିଲା ।]

ମନ୍ଥରା – କୈକେୟୀ ! ଆଲୋ ହେ କୈକେୟୀ ରାଣୀ . . .ତେଣେ କୁମ୍ଭୀର ନେଇ ନଈ ମଝିରେ କଲାଣି, ତୋର ଏଠି ଗହଣା ସାଜ ଚାଲିଛି !

କୈକେୟୀ – କାହିଁକି କ'ଣ ହେଲା ?

ମନ୍ଥରା – ଜାଣିନୁ କ'ଣ ହେଲା ?

(ଗୀତ) – ରାଣୀଗୋ, ଶୁଣ ବାଣୀ ମୋହର,
ପଡୁଛି ଉଠୁଛି ରାଜ ନଅର । ୦ ।
କାହାକୁ ଏକଥା ଥିଲା ବା' ଜଣା
ବାଜୁଛି ସବୁଠି ବାଜା ବାଜଣା ।
(ଏ)ରାତି ପାହି ଯେବେ ସକାଳ ହେବ
ରାମ ଅଯୋଧ୍ୟାର ରାଜା ହୋଇବ ।
ରାଣୀ ଗୋ, ଶୁଣ ବାଣୀ ମୋହର,
ଭରତ ନୁହେଁ କି ପୁଅ ତୋହର । ୧ ।

କୈକେୟୀ – କ'ଣ ତୁ କହୁଛୁ ମନ୍ଥରା ?

ମନ୍ଥରା – (ଗୀତ) କହିବାକୁ ଆଉ ବଚନ ନାହିଁ
ଶୁଣିବାକୁ ଆଉ ଶ୍ରବଣ ନାହିଁ ।

Digitized by srujanika@gmail.com

ରାଜା ଆଜ୍ଞା ଅଭିଷେକ ହୋଇବ
ରାମ କାଲି ସିଂହାସନେ ବସିବ ।
ରାଣୀ ଗୋ ଶୁଣ ବାଣୀ ମୋହର
ଜାଣିଲି ମୁଁ ଫଟା କପାଳ ତୋର । ୨ ।

କୈକେୟୀ – ରାମ ଅଯୋଧ୍ୟାର ରାଜା ହେବ ?

ମନ୍ଥରା – ହଁ ପରା, କାଲି ସକାଳେ ।

କୈକେୟୀ – କେଡ଼େ ଖୁସିର କଥା – ଏ ହାରଟା ମୁଁ ପିନ୍ଧିବାକୁ ଯାଉଥିଲି– ନେ’ ତୁ ପିନ୍ଧେ ।

ମନ୍ଥରା – (ଟିକିଏ ରହି) କ’ଣ ହେଲା – ରାମ ରାଜା ହଉଚି ବୋଲି ତୁ ମତେ ମନ ଖୁସିରେ ହାର ଦେଉଚୁ ? ରଖ ତୋ ହାର । (କାନ୍ଦି) ଏଇଥି ପାଇଁ କ’ଣ ମୋ ଝିଅଠୁ ବଳି ଆଦର ସ୍ନେହ କରି ତୋତେ ପାଳିଥିଲି ? ତୋ ସଂସାର-ସୁଖ ଦେଖିବି ବୋଲି ମୋ ସଂସାର ଛାଡ଼ି ତୋ ସାଙ୍ଗରେ ତୋ’ ଶାଶୁଘରକୁ ଆସିଥିଲି – କ’ଣ ତୋର ଏଇ ସୁଖ ଦେଖିବି ବୋଲି ?

କୈକେୟୀ – ରାମ ରାଜା ହେବ, ଏଥିରେ ତୁ ମନ ଦୁଃଖ କରୁଛୁ ମନ୍ଥରା ? ଏ ରାଜାବଂଶରେ ରାମ ହଉଚି ବଡ଼ପୁଅ । ପୁଣି ଏଡ଼େ ସୁଧାର, ଏଡ଼େ ଗୁଣର, ତା’ ନିଜ ମା’ଠୁ ବଳି ସେ ମତେ ବେଶି ମାନେ, ବେଶି ଭକ୍ତିକରେ ।

ମନ୍ଥରା – ହେଲେ କେତେ ଦିନ ? କାଲି ଯେତେବେଳେ ରାମ ରାଜା ହୋଇ ସିଂହାସନରେ ବସିବ . . .

କୈକେୟୀ – ରାମ ସେମିତିକା ପିଲା ନୁହେଁ ।

ମନ୍ଥରା – ମାନିଲି, ରାମ ଭଲପିଲା . . . ମୁଁ ଯାହା ପଚାରୁଛି ମୋତେ କହ । ତମ ତିନିରାଣୀଙ୍କ ଭିତରୁ ରାଜା ଦଶରଥଙ୍କର ସବୁଠୁ ପ୍ରିୟରାଣୀ କିଏ ଥିଲା – ତୁ ନା ?

କୈକେୟୀ – ହଁ, କୌଶଲ୍ୟା ନାଁକୁ ମାତ୍ର ରାଣୀ ଥିଲେ – ମୁଁ ଥିଲି ରାଜାଙ୍କ ହୃଦୟର ରାଣୀ ।

ମନ୍ଥରା – କାଲି ଯେତେବେଳେ ରାମ ରାଜା ହବ, ଏ ଅଯୋଧ୍ୟାପୁରୀର ରାଣୀ ହେବ କିଏ ?

Digitized by srujanika@gmail.com

କୈକେୟୀ – ଅଯୋଧ୍ୟାର ରାଣୀ . . . ରାଣୀ ହେବ ସୀତା ।
ମନ୍ଥରା – ସେତେବେଳେ ତୋ’ ରାଣୀ ପଦ ରହିବ ତ ?
କୈକେୟୀ – ସେମିତି . . . ସେମିତି ରାଣୀ କୌଶଲ୍ୟା ବି ତ . . .
ମନ୍ଥରା – ସିଏ ତ ହବ ରାଜମାତା ।
କୈକେୟୀ – ରାଜମାତା !
ମନ୍ଥରା – ହଁ, କାଲିଠୁଁ ରାମ ହେବ ରାଜା, ସୀତା ହେବ ରାଣୀ – କୌଶଲ୍ୟା ହେବ ରାଜମାତା । ପୁଅ ହାତରେ ରାଜ୍ୟଭାର ଟେକିଦେଇ ରାଜା ଦଶରଥ ଆଶ୍ରମରେ ଯାଇ ରହିବେ । ତୋ’ ରାଣୀପଦ ଉଭେଇଯିବ– ତୋ’ପୁଅ ଭରତ ରାମର ଗୋଡ଼ାଣିଆ ହୋଇ ରହିବ ।
କୈକେୟୀ – (ଏକାନ୍ତ ଅସହିଷ୍ଣୁ ହୋଇ) ମନ୍ଥରା !
ମନ୍ଥରା – ମୁଁ ଜାଣିଥିଲି ତୁ ଏହା ସହିପାରିବୁ ନାହିଁ । ତୋ’ ଛାତି କରତି ହୋଇଯିବ – ଆଖିରୁ ଲୁହ ନ ଢ଼ାଳି ଲହୁ ଢ଼ାଳିବୁ – ମନ ଭିତର ପୋଡ଼ିଜଳିଯିବ –
କୈକେୟୀ – ତୁ କହ ମନ୍ଥରା ମୁଁ କ’ଣ କରିବି ?
ଦଶରଥ – ଭରତ ହବ ଅଯୋଧ୍ୟାର ରାଜା !
କୈକେୟୀ – କେମିତି . . . କି ଉପାୟରେ ?
ମନ୍ଥରା – ସମ୍ବରାସୁର ଯୁଦ୍ଧ ବେଳେ ତୋ’ ସେବା ଯତ୍ନରେ ଖୁସି ହୋଇ ରାଜା ଦଶରଥ ତୋତେ ଯେଉଁ ବର ଦୁଇଟି ଦବାକୁ ସତ୍ୟ କରିଥିଲେ...
କୈକେୟୀ – ସେ ବରକଥା ମୁଁ ଏକାବେଳକେ ଭୁଲିଯାଇଚି ମନ୍ଥରା !
ମନ୍ଥରା – (ଗୀତ) ଏଡ଼େ ଭୁଲାମନ କାହୁଁ ଚଳିବ
ସହଜେ କି ରାଜା ମନ ଟଳିବ ?
ରାଜା ବିଜେ କଲେ ଛିଞ୍ଚାଡ଼ି ମୁହଁ
ଆଖିରୁ ନିଗାଡ଼ି ଅସରା ଲୁହ,
ରାଣୀ ଗୋ ଶୁଣ ବାଣୀ ମୋହର
ମାଗ ତୁ ରଜାକୁ ସେ ଦୁଇ ବର । ୩ ।
କୈକେୟୀ – କ’ଣ କି ବର ମାଗିବି ?
ମନ୍ଥରା - (ଗୀତ) ଏକ ବରେ ରାମ ବନକୁ ଯିବ
ଚଉଦ ବର୍ଷ ସେ ବନେ ରହିବ ।

Digitized by srujanika@gmail.com

ଆନ ବର, ରାଜା ହବ ଭରତ
ମାମୁଁ ଘରୁ ତାକୁ ଆଣ ତୁରିତ ।
ରାଣୀ ଗୋ, ଏଇ ବାଣୀ ମୋହର
ଚିହ୍ନିଥା ମନ୍ଥରା ବୁଦ୍ଧିର ଘର । ୪ ।

ମନ୍ଥରା – ଯା, ଏ ସବୁ ଗହଣାଗାଣ୍ଠି ଖୋଲିଦେଇ, ମଇଳା ଲୁଗା ପିନ୍ଧି ମୁହଁ ମାଡ଼ି ଶୁଅ । ରାଜାଙ୍କୁ ସତ୍ୟ କରେଇ ଏ ଦି'ବର ମାଗିବୁ – ରାମ ଚଉଦ ବର୍ଷ ବନବାସକୁ ଯିବ – ଭରତ ହବ ଆଯୋଧ୍ୟାର ରାଜା ।

କୈକେୟୀ – ରାଜା ଯଦି ବର ନ ଦିଅନ୍ତି ?

ମନ୍ଥରା – ଦଶରଥଙ୍କ ଭଳି ଧାର୍ମିକ ଧର୍ମପ୍ରାଣ ରାଜା – ସେ ପୁଣି ସତ୍ୟ ରକ୍ଷା କରିବେ ନାହିଁ ? ବର ଦେବେନାହିଁ ? ନିଶ୍ଚୟ ଦେବେ । ... ରଜା ବିଜେହବା ବେଳ ହୋଇଗଲାଣି – ମୁଁ ଯାଉଚି ।

[ମନ୍ଥରା ଚାଲିଗଲା । କୈକେୟୀ ଆଭରଣଶୂନ୍ୟା ଓ ବିମର୍ଷବଦନା । ଦଶରଥ ଆସିଲେ]

ଦଶରଥ – ଶୁଣ କୈକେୟୀ, ଆଜି ତମର ଏ କକ୍ଷରେ ପାଦ ଦେବା ପୂର୍ବରୁ ମୁଁ ତମକୁ ଗୋଟିଏ ଅତି ଶୁଭ ସମ୍ବାଦ . . . ଏଁ . . . ଏ କ'ଣ ରାଣୀ ? ଏ ଅଳଙ୍କାର ସବୁ ଏଠି ଏମିତି ପଡ଼ିଚି – ଦେହରେ ମଳିନ ବସ୍ତ୍ର – ଆଖିରେ ଲୁହ . . . କ'ଣ ହୋଇଚି ରାଣୀ ? କୁହ କ'ଣ ହୋଇଚି ? କାହାପାଇଁ ଏ ଦୁଃଖ ଭୋଗୁଚ ? . . . ତମେ କ'ଣ ଜାଣନା, ତମର ଏ ଅବସ୍ଥା ଦେଖିଲେ ଏ ସମସ୍ତ ସଂସାର ମତେ ତୁଚ୍ଛ ବୋଧହେବ ।

କୈକେୟୀ – ଶୁଣିବ ମୋ' କଥା ?

ଦଶରଥ – ମୋର ପ୍ରିୟତମା ରାଣୀ ତୁମେ . . . ଏକଥା ତୁମେ ମତେ ପଚାରି ପାରୁଛ ? ନା ସେଠି ନୁହେଁ – ଆସ, ଏଠି ମୋ' ପାଖରେ ବସି କୁହ କ'ଣ ହୋଇଚି ।

କୈକେୟୀ – ସତ୍ୟ କର, ମୋ' କଥା ରଖିବ !

ଦଶରଥ – ଥରେ ନୁହେଁ, ତ୍ରିବାର ସତ୍ୟ କରୁଚି, କୁହ ।

କୈକେୟୀ – ମନେଅଛି ତୁମର, ସମ୍ବରାସୁର ଯୁଦ୍ଧବେଳେ ମତେ ଦୁଇଟିବର ଦେବାକୁ ତୁମେ ପ୍ରତିଜ୍ଞା କରିଥିଲ ।

ଦଶରଥ – (ହୃଷ୍ଟ ମନରେ) ସେକଥା ମୁଁ ପୁଣି ଭୁଲିବି ? ବର୍ତ୍ତମାନ

Digitized by srujanika@gmail.com

ଅଯୋଧ୍ୟା ରାଜ୍ୟର ଅତି ଶୁଭ ସମୟ ଉପସ୍ଥିତ । ମୁଁ ସ୍ଥିର କରିଚି, ମୋର ପ୍ରିୟ ପୁତ୍ର ଶ୍ରୀରାମ କାଲି ଅଯୋଧ୍ୟା ସିଂହାସନରେ ଅଭିଷିକ୍ତ ହେବ । ଏଇ ଆନନ୍ଦ ଉଲ୍ଲାସ ବେଳରେ ମୋର ପ୍ରିୟତମା ରାଣୀ କୈକେୟୀ ମୋ'ଠାରୁ ବର ଚାହୁଁଛି – ଅତି ଆନନ୍ଦ ମନରେ ମୁଁ ତମକୁ ବର ପ୍ରଦାନ କରିବି । କୁହ, କି ବର ତୁମେ ଚାହଁ ?

କୈକେୟୀ – ପ୍ରଥମ ବର, କାଲି ସକାଳୁ ରାମ ଜଟାବଲ୍‌କଳ ଘେନି ଚଉଦ ବର୍ଷ ବନବାସକୁ ଯିବ . . . ଦ୍ୱିତୀୟ ବର, ମୋର ପୁତ୍ର ଭରତ ହେବ ଅଯୋଧ୍ୟାର ରାଜା ।

ଦଶରଥ – କୈକେୟୀ !

କୈକେୟୀ–ବରଦାନ ପାଇଁ ତୁମେ ପ୍ରତିଜ୍ଞା କରିଚ–ସତ୍ୟ କରିଚ । ତୁମ ପାଖରେ ମୁଁ ହାତ ଯୋଡ଼ି ମାଗୁଣି କରୁଚି–ଏ ବର ଦୁଇଟି ମତେ ଦିଅ ।

ଦଶରଥ – ତୁମେ . . . ତୁମେ ପରିହାସ କରୁଚ କୈକେୟୀ !

କୈକେୟୀ – ନା – ତୁମ ପ୍ରତିଜ୍ଞା ତୁମେ ପାଳନ ନ କଲେ ମୁଁ ଜାଣିବି ତୁମ ଆଦରିଣୀ ସ୍ତ୍ରୀ କୈକେୟୀକୁ ପାଖରେ ବସେଇ ତୁମେ ତାକୁ ଉପହାସ କରୁଚ ।

ଦଶରଥ – କିନ୍ତୁ ଏ ତୁମେ କ'ଣ କରୁଚ କୈକେୟୀ ! ଏଥିରେ ରଘୁବଂଶ ଧ୍ୱଂସ ହୋଇଯିବ । ରାମ ଏ କୁଳର ଜ୍ୟେଷ୍ଠ ସନ୍ତାନ । କେଡ଼େ ଉଦାର ସେ – କେଡ଼େ ମହତ୍ । ଭରତ ଚାହିଁଲେ ରାମ ହସି ହସି ତାକୁ ଏ ରାଜ୍ୟ ଦାନ କରିଦେବ । ତାକୁ ତୁମେ ବନବାସ ଦଣ୍ଡ ଦେଉଚ କାହିଁକି ? କ'ଣ ତା'ର ଅପରାଧ ?

କୈକେୟୀ – ଶୁଣ, ରାମର ଗୁଣ କୀର୍ତ୍ତନ କରୁଥିଲେ ଏଇଠି ଏମିତି ଚଉଦ ବର୍ଷ ବିତିଯିବ – କିଛି ଲାଭ ହବନାହିଁ । ମୁଁ ତମଠୁଁ କେବଳ ଗୋଟିଏ କଥା ଶୁଣିବାକୁ ଚାହେଁ – ତମର ସତ୍ୟ ତମେ ରକ୍ଷା କରିବ କି ନାହିଁ ?

ଦଶରଥ – ଏତେ ନିଷ୍ଠୁର – ଏତେ ନିର୍ଦ୍ଦୟ ହୁଅନାହିଁ କୈକେୟୀ ! ତମର ସ୍ୱାମୀ ମୁଁ – ତମକୁ ହାତଯୋଡ଼ି କହୁଚି . .

(ଗୀତ) ବର ନିଅ ଫେରାଇ ହେ

ଅବିଚାର କର ନାହିଁ

ହାତ ଯୋଡ଼ି ମୁହିଁ କରୁଚି ମାଗୁଣି

Digitized by srujanika@gmail.com

ଶୁଣ ଚିତ୍ତେ ଦୟାବହି ଗୋ, କୈକେୟୀ !
ଅବିଚାର କରନାହିଁ । ୦ ।
ଦେଉଛି ବଚନ ରାଣୀ କୌଶଲ୍ୟା
ରାଜମାତା ହେବନାହିଁ,
ତୁମ ହାତେ ତୁମେ ଶ୍ରୀରାମ ମସ୍ତକେ
ମୁକୁଟ ଦେବ ପିନ୍ଧାଇ ଗୋ, କୈକେୟୀ ! । ୧ ।
ରାମ ତ ଅଗ୍ରଜ ପାଇବ ସେ ରାଜ୍ୟ
ହୋଇବ ଅଯୋଧ୍ୟା-ସାଇଁ
ଭରତ ଅନୁଜ ହେବ ଯୁବରାଜ
ତୃପ୍ତହେବେ ଦୁଇଭାଇ, ଗୋ କୈକେୟୀ ! । ୨ ।

କୈକେୟୀ – (ବାଧାଦେଇ) ମୁଁ କିଛି ଶୁଣିବି ନାହିଁ । ତୁମେ କେବଳ ମୋ' କଥାର ଉତ୍ତର ଦିଅ – ହଁ କି ନା – ତା'ପରେ ମୁଁ ମୋ' ବାଟ ବାଛିନେବି ।

ଦଶରଥ – ଏ ପବିତ୍ର ରଘୁକୁଳର ବଂଶଧର ମୁଁ – ଧର୍ମପ୍ରାଣ ରାଜା ଦଶରଥ । ମୁଁ ଜାଣେ ମୁଁ ସତ୍ୟଭ୍ରଷ୍ଟ ହୋଇପାରିବି ନାହିଁ । (କାନ୍ଦି) ମାତ୍ର ରାତି ପାହିଲେ ମୁଁ ମୋର ଯୋଉ ପ୍ରାଣର ରାମକୁ ସିଂହାସନରେ ଅଭିଷିକ୍ତ କରାଇଥାନ୍ତି, ତାକୁ ମୁଁ କେମିତି ମୁହଁ ଖୋଲି କହିବି ଯେ – ତୁ ଜଟାବଳ୍‌କଳ ଘେନି ଚଉଦ ବର୍ଷ ବନବାସ କର !

କୈକେୟୀ – ସେ ବ୍ୟବସ୍ଥା ମୁଁ କରୁଚି । (ତାଳିମାରିଲେ) . . . କିଏ ? ମାଳିନୀ, ଯା ରାମକୁ ଏଠିକି ଡାକିଆଣ ଚଞ୍ଚଳ ।

ଦଶରଥ – ରାମ ଏଠିକି ଆସିବ ?

କୈକେୟୀ – ହଁ !

ଦଶରଥ – କାହିଁକି ?

କୈକେୟୀ – ଯାହା ତୁମେ ପାରୁନ ସେ କଥା ମୁଁ କହିବି ।

ଦଶରଥ – କୈକେୟୀ . . . କୈକେୟୀ, ତୁମେ ନାରୀ ନୁହଁ ପିଶାଚୀ . . . ମା' ନୁହଁ ରାକ୍ଷସୀ – ନା, ମୁଁ ଏତେ ଦୁର୍ବଳ ହେବିନାହିଁ । ସତ୍ୟ ନଷ୍ଟ ହେଉ – ଧର୍ମ କ୍ଷୟ ହେଉ – ରାମ ବନବାସ କରିବ ନାହିଁ । କାଲି ପ୍ରଭାତରେ ସେ ଅଯୋଧ୍ୟା ସିଂହାସନରେ ଅଭିଷିକ୍ତ ହେବ ।

Digitized by srujanika@gmail.com

(ଗୀତ) ହେବି ପଛେ ନାଶ ହେଉ ସର୍ବନାଶ
ଲୋପ ହେଉ ସବୁ ଧର୍ମ
ଲୋପ ହେଉ ପଛେ ଇକ୍ଷ୍ୱାକୁ ବଂଶର
ସବୁ ଯଶ କୀର୍ତ୍ତି କର୍ମ । ୧ ।
ହୋଇ ପାପେ ଭାଗୀ ସତ୍ୟ ଧର୍ମ ତ୍ୟାଗୀ
ଭୋଗିବି ଅଶେଷ କଷ୍ଟ
ପାଇଯାଉ କ୍ଷୟ ଏଇ ମରଦେହ
ହଉ ପଛେ କୀଟଦଷ୍ଟ । ୨ ।
ନୟନାଭିରାମ ମୋ' ପ୍ରାଣର ରାମ
ତା' ଶ୍ୟାମ ବଦନ ଚାହିଁ
ପାରିବିନି ତାକୁ କୋମଳ ବୟସେ
ବନବାସ ଦୁଃଖ ଦେଇ । ୩ ।
କାଲି ପ୍ରାତେ ତାକୁ କରି ଅଭିଷିକ୍ତ
ତେଜିବି ଏ ରାଜକୁଳ
ତୁମ ସୁଖେ ତୁମେ ରହିଥାଅ ରାଣୀ
ଭୋଗି ତୁମ କର୍ମଫଳ । ୪ ।

କୈକେୟୀ – ଭଲକଥା, ରାମ ତ ଆସୁଚି . . . ସେଇ କଥା ତାକୁ ମୁହଁ ଖୋଲି କହିଦିଅ ।

ଦଶରଥ – ଓଃ . . . କୈକେୟୀ ! କି ଆଘାତ, କି ଯନ୍ତ୍ରଣା ତୁମେ ମତେ ଦଉଚ ? ମୁଁ ଆଉ ସହ୍ୟ କରିପାରୁନାହିଁ । ମୋ' କଣ୍ଠ ରୁଦ୍ଧ ହୋଇଆସୁଚି . . . ମୋ' ଅନ୍ତରାତ୍ମା ଜଳିଯାଉଚି – ଜଳିଯାଉଚି ।

[ଶଯ୍ୟା ଉପରେ ଢଳିପଡ଼ିଲେ । ଟିକିଏ ପରେ ରାମଚନ୍ଦ୍ର ଆସିଲେ]

ରାମ – ମତେ ଡକେଇଥିଲେ ମାତା ? . . . ଏଁ, ଏ କ'ଣ ? ପିତା ଏମିତି ଶୋଇ ରହିଚନ୍ତି ? କ'ଣ ହେଇଚି ତାଙ୍କର ?

କୈକେୟୀ – ନାଇଁ ରାମ, ପିତାଙ୍କର ତୋର କିଛି ହୋଇନି ।

ରାମ – କିଛି କହୁନାହାନ୍ତି କାହିଁକି ?

କୈକେୟୀ – ଯେଉଥିପାଇଁ ତୋତେ ଡକେଇଚନ୍ତି, ସେ କଥା ତୋତେ ମୁହଁ ଖୋଲି କହିପାରୁନାହାନ୍ତି । ତୁ ଯଦି ମୋ' କଥା ମାନିବୁ ତେବେ

Digitized by srujanika@gmail.com

ମୁଁ ତୋତେ ସେକଥା କହିବି ।

ରାମ – କୁହ ମାତା, କୁହ କି କଥା ?

କୈକେୟୀ – ବହୁଦିନ ତଳେ ତୋ ପିତା ମତେ ଦୁଇଟି ବର ଦେବାପାଇଁ ସତ୍ୟ କରିଥିଲେ । ସେ ବର ଦୁଇଟି ମୁଁ ଆଜି ତାଙ୍କୁ ମାଗିଲି ।

ରାମ – କି ବର ?

କୈକେୟୀ – ଗୋଟିଏ ବର . . . ତୁ ଜଟାବଲ୍‌କଳ ଘେନି ଚଉଦ ବର୍ଷ ବନବାସକୁ ଯିବୁ । ଅନ୍ୟଟି ହେଲା – ଭରତ ଅଯୋଧ୍ୟାର ରାଜା ହବ । ରାଜା ସତ୍ୟ ଭଙ୍ଗ ତ କରିବେ ନାହିଁ – ମାତ୍ର ମୁହଁ ଖୋଲି ଏକଥା କହିପାରୁନାହାନ୍ତି ।

ରାମ – କାହିଁକି, ଏଥିରେ ଦୁଃଖ କରିବାର କଣ ଅଛି ? ମୋର ମହାଭାଗ୍ୟ– ମୁଁ ପିତୃସତ୍ୟ ପାଳନ କରିବି । ମୋର ପୁତ୍ରଜନ୍ମ ସାର୍ଥକ ହେବ । ମୁଁ ହସି ହସି ବନକୁ ଯିବି . . . ହଁ ମାତା, ଭରତକୁ ଆଣିବାପାଇଁ ମୁଁ ରଥ ପଠାଉଛି ।

କୈକେୟୀ – ଏଇଟା ତ ଉଚିତ ହେବନାହିଁ ବାପ ! ତୁ ବନବାସକୁ ନଯିବା ପର୍ଯ୍ୟନ୍ତ ଭରତ କଣ କେବେ ସିଂହାସନରେ ବସିବ ?

ରାମ – ଠିକ୍ କଥା । ଏ ରାତ୍ରି ପ୍ରଭାତ ହେବାକ୍ଷଣି ମୁଁ ବନବାସକୁ ଯିବ ।

ଦଶରଥ – ରା . . . ମ । (କ୍ଷୀଣ କଣ୍ଠରେ)

ରାମ – ପିତା, ଆପଣ ନିଶ୍ଚିନ୍ତ ରହନ୍ତୁ ପିତା ! ମୁଁ ଆପଣଙ୍କ ପାଦ ଛୁଇଁ ଶପଥ କରୁଚି, ମୁଁ ପିତୃସତ୍ୟ ପାଳନ କରିବି । କାଲି ଅଯୋଧ୍ୟା ସିଂହାସନରେ ବସିଥିଲେ ମୋର ଯୋଉ ଆନନ୍ଦ ହୋଇଥାନ୍ତା, ତା'ଠୁ ବଳି ଶତଗୁଣ ଅଧିକ ଆନନ୍ଦ ମନରେ ମୁଁ ବନବାସ କରିବି । ରାତ୍ରି ପ୍ରଭାତ ହୋଇ ଆସୁଛି – ମତେ ବିଦାୟ ଦିଅନ୍ତୁ । ବିଦାୟ ମାତା ! (ପ୍ରସ୍ଥାନ)

ଦଶରଥ – ରାମ ! ତୁ କାହିଁ ଗଲୁ ରାମ ? . . . ରାମ

କୈକେୟୀ – ସେ ଚାଲିଗଲାଣି ।

ଦଶରଥ – ନା – ନା – ତୁ ଯା' ନାହିଁ ରାମ ! ତୋତେ ଛାଡ଼ି ମୁଁ ବଞ୍ଚିପାରିବି ନାହିଁ । ଚଉଦ ବର୍ଷ ବନବାସରୁ ଫେରିଲାବେଳକୁ ମୁଁ ଆଉ ନ ଥିବିରେ ରାମ, ମୁଁ ଆଉ ତୋତେ ଦେଖିପାରିବି ନାହିଁ । (କାନ୍ଦୁଥାନ୍ତି)

× × × × ×

Digitized by srujanika@gmail.com

[କୌଶଲ୍ୟାଙ୍କ ଅନ୍ତଃପୁର]

କୌଶଲ୍ୟା – (କାନ୍ଦିକାନ୍ଦି) ମୁଁ କିଛି ଶୁଣିବି ନାହିଁ – ମୁଁ କିଛି ମାନିବି ନାହିଁ । ଅଯୋଧାର ପାଟରାଣୀ ମୁଁ । କିଏ ସେ କୈକେୟୀ – ସେ କିଏ ତୋତେ ବନକୁ ପଠେଇବ ?

ରାମ – ମାତା !

କୌଶଲ୍ୟା – ସତ୍ୟ ତୁ କରିନଥିଲୁ . . . ତୁ କାହିଁକି ଏ ଦଣ୍ଡ ଭୋଗିବୁ ? ତୋ ବାହୁବଳରେ ତୁ ଅଯୋଧ୍ୟା ସିଂହାସନ ଅଧିକାର କର ।

ରାମ – ନା – ନା – ନା ମାତା, ତୁମ ମୁହଁରେ ଏକଥା ଶୋଭା ପାଏନା । ପିତୃସତ୍ୟ ଲଙ୍ଘନକରି ସିଂହାସନ ଅଧିକାର କଲେ ମୋର ପ୍ରିୟ ଅଯୋଧ୍ୟାବାସୀଙ୍କ ପାଇଁ ମୁଁ କି ଆଦର୍ଶ ରଖିଯିବି ? . . . ପୁଣି ମୋ ନିଜର ଅବସ୍ଥା କଣ ହେବ ? ପିତୃସତ୍ୟ ପାଳନ ନ କରିବା ନର୍କଭୋଗ ସହିତ ସମାନ ! . . . କୁହ ମାତା, ତୁମେ କଣ ତୁମ ଶ୍ରୀରାମର ନର୍କ ଭୋଗ ଦଶା ଦେଖିବାକୁ ଚାହଁ ?

କୌଶଲ୍ୟା – ଧନ ମୋର ! ଏଇଠି ଥାଇ ମୁଁ ଜାଣିପାରୁଚି ବନବାସ ଜୀବନରେ କେତେ ଦୁଃଖ କେତେ କଷ୍ଟ ତୁ ନ ଭୋଗିବୁ !

ରାମ – ମୁଁ ହସି ହସି ଆନନ୍ଦ ମନରେ ବନକୁ ଯାଉଛି ମା ! ଦୁଃଖ କଷ୍ଟ କିଛି ମତେ ସ୍ପର୍ଶ କରିବ ନାହିଁ । ଚାହୁଁ ଚାହୁଁ ଚଉଦ ବର୍ଷ ପୂରିଯିବ । . . . ମୁଁ ଭରତକୁ ତୁମ କୋଳରେ ଛାଡ଼ିଯାଉଚି । ଏ ଚଉଦ ବର୍ଷ ସେ ମାତା କୈକେୟୀଙ୍କ ପୁତ୍ର ଭରତ ନୁହେଁ – ତୁମ ପୁତ୍ର ଶ୍ରୀରାମ । ବନବାସ ପରେ ମୁଁ ପୁଣି ହସି ହସି ତମ କୋଳକୁ ଫେରିଆସିବି ।

(ଲକ୍ଷ୍ମଣ ଆସିଲେ)

ଲକ୍ଷ୍ମଣ – ଭାଇ !

ରାମ – କଣ କହୁଚୁ ଲକ୍ଷ୍ମଣ ?

ଲକ୍ଷ୍ମଣ – ମୁଁ ପ୍ରସ୍ତୁତ . . . ଆପଣଙ୍କ ସହିତ ମୁଁ ବନକୁ ଯିବି ।

ରାମ – ନା, ଏ ଅନୁମତି ମୁଁ ଦେଇ ପାରିବି ନାହିଁ ।

ଲକ୍ଷ୍ମଣ – ତା' ହେଲେ . . . ତା' ହେଲେ ଭାଇ . . .

ରାମ – କ'ଣ କହୁଛୁ ?

ଲକ୍ଷ୍ମଣ – ଆପଣ ଯଦି ମତେ ସଙ୍ଗରେ ନ ନେବେ, ତା'ହେଲେ ମୁଁ ଏଠି

Digitized by srujanika@gmail.com

ଅଯୋଧ୍ୟାର ସିଂହାସନ ପାଇଁ ଭରତ ସହିତ ଯୁଦ୍ଧ କରିବି ।

ରାମ – ଲକ୍ଷ୍ମଣ !

ଲକ୍ଷ୍ମଣ – ମାତା କୌଶଲ୍ୟାଙ୍କ ମୁହଁରେ ସିନା ଏଭଳି କଥା ଶୋଭା ପାଏନା, ଏ ଲକ୍ଷ୍ମଣ ମୁହଁରେ ଏକଥା ଶୋଭାପାଏ ।

ରାମ – (ହସି) ମୁଁ ଜାଣିଥିଲି ତୁ ଏକଥା କହିବୁ . . . ହଁ ଭାଇ, ତୁ ମୋ ସହିତ ବନକୁ ଯିବୁ । ମୋ ସହିତ ଯିବାର ଜନ୍ମଗତ ଅଧିକାର ତୋର ଅଛି । ଆମ ଯିବାର ସମୟ ହୋଇଗଲାଣି – ମୁଁ ଯାଏଁ ଜାନକୀଙ୍କଠାରୁ ବିଦାୟ ନେଇ ଆସେ ।

[ସୀତାଙ୍କ ଅନ୍ତଃପୁର]

ରାମ – ଜାନକୀ !

ସୀତା – ମୁଁ ତୁମକୁ ଅପେକ୍ଷା କରିଥିଲି । ହଁ, ମୁଁ ଏମିତି ଏକବସ୍ତ୍ରରେ ଯିବି ତ ?

ରାମ – କୋଉଠିକି ଯିବ ତୁମେ ?

ସୀତା – ବନକୁ . . . ତମେ ଯିବ . . . ତମ ସାଥିରେ ମୁଁ ଯିବି ।

ରାମ – ବନବାସ କିଛି ପିଲାଖେଳ କଥା ନୁହେଁ ଜାନକୀ !

ସୀତା – କାହାକୁ ଏ କଥା କହୁଚ – ମତେ ?

ରାମ – ସୁକୁମାରୀ ରାଜକନ୍ୟା ତୁମେ – ରାଜବଧୂ । ଆଜି ଏଇ ପ୍ରଭାତରେ ତୁମେ ଅଯୋଧ୍ୟାର ରାଜରାଣୀ ହୋଇଥାନ୍ତ . . .

ସୀତା – ମୁଁ ତ ସେଇ କଥା କହୁଚି ।

(ଗୀତ) ହୋଇଥିଲେ ତୁମେ ଅଯୋଧ୍ୟାର ରାଜା
ହୋଇଥାନ୍ତି ଆଜି ମୁଁ ରାଜରାଣୀ,
ତେଜି ସିଂହାସନ ଯିବ ତୁମେ ବନ
ମୁଁ କିମ୍ପା ନ ହେବି ବନଚାରିଣୀ ହେ,
ସହଗାମିନୀ,
ତୁମ ବନବାସ ଦୁଃଖେ ସୁଖେ କିମ୍ପା
ନହେବି କୁହ ମୁଁ ସମଭାଗିନୀ । ୧ ।
ଧନୁଭଙ୍ଗବେଳେ ସ୍ନେହେ ଧରି କୋଳେ
କହିଥିଲେ ପରା ମିଥିଳାନାହା,

Digitized by srujanika@gmail.com

ଏଇ ମୋ' ଦୁହିତା ସୁହାଗିନୀ ସୀତା
ଆଜିଠାରୁ ଜାଣି ତୁମେ ତା' କାୟା ହେ,
ସେ ତୁମ ଛାୟା,
କହ ରଘୁସାଇଁ ଏ ଜଗତେ କାହିଁ
ଛାୟାଠାରୁ ଭିନ୍ନ ହୋଇଚି କାୟା ? । ୨ ।

ସୀତା – ମତେ କୁହ ପ୍ରଭୁ, କାୟାଠାରୁ ଛାୟା କେବେ ଭିନ୍ନ ହୋଇପାରେ ?

ରାମ – ମୁଁ ମାନୁଚି ଜାନକୀ ! ତମ କଥାର ଉତ୍ତର ମୋ ପାଖରେ ନାହିଁ; କିନ୍ତୁ ମୁଁ ତୁମର ସ୍ୱାମୀ । ତୁମ ମନ ତୁଷ୍ଟକରି ତୁମକୁ ସୁଖରେ ରଖିବା ମୋର କର୍ତ୍ତବ୍ୟ ।

ସୀତା – ତୁମର ଏ କର୍ତ୍ତବ୍ୟପାଳନରେ ମୁଁ ତ ତୁମକୁ ସାହାଯ୍ୟ କରୁଚି ସ୍ୱାମୀ ! ତୁମେ ବନବାସ କରୁଚ ବୋଲି ଅଯୋଧ୍ୟାବାସୀ ସମସ୍ତଙ୍କ ମନରେ ଦୁଃଖ – ସମସ୍ତଙ୍କ ଆଖିରେ ଲୁହ – କିନ୍ତୁ ମୋ ଆଖିରେ ତ ଲୁହ ନାହିଁ ! ଚଉଦ ବର୍ଷ ତୁମ ସହିତ ବନରେ ରହି ତୁମ ସେବା କରିବି, ଏଇଥିରେ ମୋର ପରମ ସୁଖ । ଏ ସୁଖଲାଭରୁ ତୁମେ କ'ଣ ମତେ ବଞ୍ଚିତ କରିବ ? . . . ତୁନି ରହିଲ ଯେ ? କୁହ !

ରାମ – ମୋର ଆଉ କିଛି କହିବାର ନାହିଁ ଜାନକୀ ! ମୋ ସହିତ ତୁମେ ବନକୁ ଯିବ . . . ହୁଏତ ଏହାହିଁ ବିଧିନିର୍ଦ୍ଦେଶ . . . ଆସ ।

[ରାଜପ୍ରାସାଦର ବହିର୍ଭାଗ]

ଲକ୍ଷ୍ମଣ – ଏଇ ଦେଖନ୍ତୁ ଜ୍ୟେଷ୍ଠଭ୍ରାତ, ଅଯୋଧ୍ୟାପୁରୀର ସବୁ ନରନାରୀ ଏଠି ଆକୁଳ ନେତ୍ରରେ ଠୁଳହୋଇଚନ୍ତି ।

୧ମ ସ୍ୱର – କୁଆଡ଼େ ଯାଉଚ ରଘୁବୀର ? ତୁମ ଅଯୋଧ୍ୟାପୁରୀ ଛାଡ଼ି ତୁମେ କୁଆଡ଼େ ଯାଉଚ ?

୨ୟ ସ୍ୱର – ଯାଉଚ ଯଦି ଆମ ଗଳାରେ ଛୁରୀଦେଇ ଯାଅ ।

ମିଳିତ କଣ୍ଠ – (ଗୀତ)

କାହିଁ ଯାଅ କାହିଁ ଯାଅ ହେ ଶ୍ରୀରାମ
ଲବେ ହେଲେ ଦୟା ନାହିଁ,
କରି ଅନ୍ଧକାର ଏ ଅଯୋଧ୍ୟାପୁର
ବନସ୍ତେ ରହିବ ଯାଇ, ହେ ଶ୍ରୀରାମ ... । ୧ ।

Digitized by srujanika@gmail.com

ମନ୍ଥରା ବୁଦ୍ଧିରେ ରାଣୀ ଭଳିଗଲେ
ରାଜା ସିନା ହେଲେ ବାଇ,
ଆମେ ପୁରବାସୀ ହେଲୁ କି ହେ ଦୋଷୀ
ହେଲୁ ଅନାଥ କିମ୍ପାଇଁ, ହେ ଶ୍ରୀରାମ ... । ୨ ।
ନବ ଦୂର୍ବାଦଳ କାନ୍ତି ହେ ଶ୍ରୀରାମ
ଆଉ ତ ଦେଖିବୁ ନାହିଁ,
ନ ଦେଖିବ ନେତ୍ର ଏ ତ୍ରିମୂର୍ତ୍ତି ଆଉ
ସାଙ୍ଗରେ ଭାରିଜା ଭାଇ, ହେ ଶ୍ରୀରାମ... । ୩ ।
କାହିଁ ଗଲା ତୁମ ରଥ ଗଜ ଅଶ୍ୱ
ଚତୁରଙ୍ଗ ସେନା କାହିଁ,
କରୁଚ ଅନାଥ, ନ ଛାଡ଼ିବୁ ପଥ,
ପାଦତଳେ ଦିଅ ଠାଇଁ, ହେ ଶ୍ରୀରାମ... । ୪ ।

୧ମ ସ୍ୱର– ଚାଲ ରଘୁନାଥ, ଆମେ ଅଯୋଧ୍ୟାପୁରବାସୀ ତୁମ ସହିତ ବନକୁ ଯିବୁ ।

୨ୟ ସ୍ୱର – ଆମ ନୟନର ମଣି ହଜିଯାଉଚି । ଆମେ ଅନ୍ଧ ହୋଇଯାଉଚୁ । ଆମେ ତମରି ସାଙ୍ଗରେ ବନବାସୀ ହବୁ ।

ରାମ – ତୁମେମାନେ ମୋର ଅତି ପ୍ରିୟଜନ । ତୁମମାନଙ୍କ ମନରେ ମୁଁ ଦୁଃଖ ଦେଇ ପାରିବି ନାହିଁ । ଆଉ ମୁଁ ଜାଣେ, ମୋର ଏଇ ପବିତ୍ର ପିତୃସତ୍ୟ ପାଳନ କର୍ମରେ ତୁମେମାନେ ମତେ ବାଧା ଦେବନାହିଁ । ...ତୁମେ ସବୁ ଆମ ସାଥିରେ ତମସା ନଦୀ ପର୍ଯ୍ୟନ୍ତ ଆସ । ତମସା ତୀରରେ ଆଜି ରାତ୍ରି ଯାପନ କରିବା । କାଲି ପ୍ରଭାତରେ ତୁମେ ସବୁ ଅଯୋଧ୍ୟା ଫେରିଆସିବ – ଆମେ ବନଯାତ୍ରା କରିବୁ . . . ଆସ ।

× × × × ×

[ରାଜପ୍ରାସାଦର ଏକଅଂଶ । ବଶିଷ୍ଠ ଓ ମନ୍ତ୍ରୀ ସୁମନ୍ତ]

ସୁମନ୍ତ – କ'ଣ ଏବେ କରାଯିବ କୁହନ୍ତୁ କୁଳଗୁରୁ ବଶିଷ୍ଠ ?

ବଶିଷ୍ଠ – ମୋ' ନିଜର ବୁଦ୍ଧି ଯେମିତି ଲୋପ ପାଇ ଯାଉଚି । ରାମ ଲକ୍ଷ୍ମଣ ସୀତା ବନବାସକୁ ଗଲେ – ଏଣେ ମହାରାଜା ଦଶରଥଙ୍କ ପରଲୋକ ହୋଇଗଲା । (ରୁଦ୍ଧ କଣ୍ଠରେ) ଏମିତି ଯୋଗ, ମହାରାଜାଙ୍କ ମୃତ୍ୟୁ

Digitized by srujanika@gmail.com

ବେଳକୁ ପୁତ୍ରମାନେ କେହି ପାଖରେ ନାହାନ୍ତି . . . କାହାରି ମୁଖ ଦର୍ଶନ କରି ପାରିଲେ ନାହିଁ ।

ସୁମନ୍ତ୍ର – ଆପଣ . . . ଆପଣ ଅଧୀର ହୋଇପଡୁଚନ୍ତି କୁଳଗୁରୁ !

ବଶିଷ୍ଠ – ଉଁ ! . . . ନା ସୁମନ୍ତ୍ର, ଅଧୀର ହେବାର ସମୟ ଏହା ନୁହେଁ । ଭରତ ଶତ୍ରୁଘ୍ନ ତାଙ୍କ ମାମୁଘରେ ଅଛନ୍ତି । ତୁମେ ବେଗଗାମୀ ଅଶ୍ୱ ରଥ ସହ ଜୟନ୍ତକୁ ଯୁଧାଜିତପୁର ପଠାଅ । ସେ ତୁରନ୍ତ ଯାଇ ଦୁଇଭାଇଙ୍କୁ ନେଇଆସୁ । . . . ହଁ, ଶ୍ରୀରାମଙ୍କ ବନବାସ ଆଉ ରାଜାଙ୍କ ମୃତ୍ୟୁ – ଏକଥା ଯେମିତି ଭରତ ଶତ୍ରୁଘ୍ନ ଏଠିକି ଆସିବା ପୂର୍ବରୁ ଜାଣିବେ ନାହିଁ . . . ଯାଅ ।

× × × × ×

[କୈକେୟୀଙ୍କ ଅନ୍ତଃପୁର . . . କୈକେୟୀ ଓ ଭରତ]

ଭରତ – (କାନ୍ଦି) ଏ ଦୁର୍ବିପାକ ଅଯୋଧ୍ୟା ରାଜବଂଶରେ କେବେ ଘଟିନଥିଲା । ମୋର ପରମ ପୂଜ୍ୟ ବଡ଼ଭାଇ ବନବାସକୁ ଗଲେ – ପିତାଙ୍କର ହେଲା ମୃତ୍ୟୁ । . . . ପବିତ୍ର ଇକ୍ଷ୍ୱାକୁ ବଂଶର ଏ ରାଜପୁରି ପୂତିଗନ୍ଧମୟ ନର୍କପୁରୀରେ ପରିଣତ ହୋଇଚି । ଏଠି ମୋର ଆଉ ସ୍ଥାନ ନାହିଁ ପିତା – ମତେ ତୁମେ ତୁମରି କୋଳକୁ ନେଇଯାଅ ।

କୈକେୟୀ – ଭରତ ! ମୋ' କଥା ଶୁଣ ବାପ ! କେବଳ ତୋରି ପାଇଁ...

ଭରତ – ମୋରି ପାଇଁ ! ରାମଗତ ପ୍ରାଣ ମୁଁ – ରାମଗତ ମୋର ଜୀବନ । ତାଙ୍କୁ ବନକୁ ପଠାଇ ମୁଁ ହେବି ଅଯୋଧ୍ୟାର ରାଜା ? ତାଙ୍କ ଯୋଗ୍ୟ ସିଂହାସନରେ ବସିବି ମୁଁ ? ମୋର ମା – ମୋର ଜନ୍ମଦାତ୍ରୀ ହୋଇ ତୁମେ ମତେ ଚିହ୍ନିପାରିଲନାହିଁ ! . . . ନା, ତୁମେ ମା' ନୁହଁ, ରାକ୍ଷସୀ – ତୁମେ ନାରୀ ନୁହଁ ପିଶାଚୀ ।

କୈକେୟୀ – (କାନ୍ଦି) ଭରତ . . .

ଭରତ – କାନ୍ଦୁଚ ତୁମେ ! ଶୁଣିଚି, ରାମ ଲକ୍ଷ୍ମଣ ସୀତା ବନବାସକୁ ଗଲାବେଳେ ଅଯୋଧ୍ୟାର ବୃକ୍ଷ-ଲତା କାନ୍ଦିଥିଲେ – ଏକା କାନ୍ଦି ନଥିଲ ତୁମେ ! . . . ଏବେ ବୁଝିପାରୁଥିବ ମାତା କୌଶଲ୍ୟାଙ୍କ ଦୁଃଖ । ତୁମରି ପରି ମା' ସେ – ମୋ'ପରି ଶ୍ରୀରାମ ତାଙ୍କର ଏକମାତ୍ର ପୁଅ । ତୁମ ପୁଅକୁ ତୁମେ ରାଜା କରାଇବା ପାଇଁ ତାଙ୍କ ପୁଅକୁ ବନବାସ ଦଣ୍ଡ

Digitized by srujanika@gmail.com

ଦେଲ . . . କି ଦୁଃଖ କି ଯନ୍ତ୍ରଣା ସେ ଭୋଗି ନଥିବେ ! ସ୍ୱାମୀଙ୍କ ମୁଖକୁ ଚାହିଁ ହୁଏତ ରାଣୀ କୌଶଲ୍ୟାଙ୍କର ମୁଖ ଫିଟିନଥିବ – କିନ୍ତୁ ତାଙ୍କ ବୁକୁ ଫାଟି ହାହାକାର କରିଥିବ । (ଟିକିଏ ରହି) ଆଗେ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶେଷ ହୋଇଯାଉ . . . ତା'ପରେ . . . ତା'ପରେ ଯୋଉ ଦୁଃଖ ତୁମେ ମାତା କୌଶଲ୍ୟାଙ୍କୁ ଦେଇଚ, ତା'ଠୁଁ ବଳି ଶହେ ଗୁଣ ଦୁଃଖ ଯନ୍ତ୍ରଣା ତୁମେ ତୁମ ପୁତ୍ରପାଇଁ ଭୋଗିବ । ମୋର ଏ ଯୋଉ ମସ୍ତକରେ ରାଜ ମୁକୁଟ ପିନ୍ଧାଇବାର ସ୍ୱପ୍ନ ତୁମେ ଦେଖୁଚ . . . ସେ ମସ୍ତକରେ ଜଟା ବାନ୍ଧି, ବଳ୍‌କଳ ପିନ୍ଧି କୁଳଗୁରୁ ବଶିଷ୍ଠ, ଅଯୋଧ୍ୟାର ପାତ୍ର ମନ୍ତ୍ରୀ ଆଉ ଚତୁରଙ୍ଗ ସେନାବାହିନୀ ଗହଣରେ ବନକୁ ଯିବି । ମୋର ପ୍ରଭୁ ଅଯୋଧ୍ୟାପତି ଶ୍ରୀରାମଙ୍କ ପାଦ ଧରି ମିନତି କରି ଅଯୋଧ୍ୟାକୁ ଫେରାଇ ଆଣିବି । . . . ଆଉ ଯଦି . . . ଯଦି ସେ ନ ଫେରନ୍ତି, ମୁଁ ମଧ୍ୟ ଏ ଅଯୋଧ୍ୟାପୁରୀ ତ୍ୟାଗକରିବି । (ପ୍ରସ୍ଥାନ)

× × × × ×

[ଚିତ୍ରକୂଟ ପର୍ବତର ପାଦଦେଶ]

ରାମ – ଏଇ ଚିତ୍ରକୂଟ ପର୍ବତ କୋଳରେ ହିଁ ଆମର ପ୍ରକୃତ ବନବାସ ଜୀବନ ଆରମ୍ଭ ଜାନକୀ !

ସୀତା – ହଁ, ଅଯୋଧ୍ୟା ଛାଡ଼ିଲା ପରେ ଏ କେତେଦିନ ତ ଆମର ଶବରରାଜ ଗୁହକ ଆଉ ଭରଦ୍ୱାଜ ମୁନିଙ୍କ ଆତିଥ୍ୟରେ କଟିଲା ।

ରାମ – ଚିତ୍ରକୂଟରେ ଏହା ଆଜି ଆମର ପ୍ରଥମ ରାତ୍ରି । ଲକ୍ଷ୍ମଣ ଆମ ପାଇଁ କି ସୁନ୍ଦର କୁଟୀର ନିର୍ମାଣ କରିଚି – କୋମଳ ପତ୍ର ବିଛାଇ ଶଯ୍ୟା ରଚନା କରିଚି । ଆଉ ନିଜେ ଅଦୂରରେ କୁଟୀର ଜଗି ରହିଚି ।

ସୀତା – ଶୋଇବା ପାଇଁ ଯେତେ ମୁଁ ତାଙ୍କୁ କହିଲି ମନାକଲେ । ହାତ ଯୋଡ଼ି କ୍ଷମା ଚାହିଁଲେ ।

ରାମ – ସୀତା !

ସୀତା – କ'ଣ ?

ରାମ – ତମର ଭୟ ହେଉନାହିଁ ତ ?

ସୀତା – ଭୟ ? କାହାକୁ ?

ରାମ – ଏଇ ଦେଖ, ରାତି ବଢ଼ିବା ସଙ୍ଗେ ସଙ୍ଗେ ଘନ କଳା ଅନ୍ଧକାର

Digitized by srujanika@gmail.com

ଏ ବନଭୂମିକୁ ଘେରିଯାଉଚି . . . ଆଉ ଶୁଣିପାରୁଚ . . .

ସୀତା – କ'ଣ ?

ରାମ – ଏ ନିସ୍ତବ୍ଧ ରାତିରେ ଅରଣ୍ୟର ଏ ଶବ୍ଦ ?

ସୀତା – ନା ପ୍ରଭୁ ! ମୁଁ ଏସବୁ କିଛି ଦେଖିପାରୁନି କି ଶୁଣିପାରୁନି । ମୁଁ କେବଳ ଦେଖୁଚି ତମର ଏ ଘନଶ୍ୟାମ ଦେବମୂର୍ତ୍ତି, ଶୁଣୁଚି ତମ ନିଃଶ୍ୱାସର ଶବ୍ଦ । ତୁମ ପାଖରେ ଅଛି, ମୋର କିଛି ହେଲେ ଭୟ ନାହିଁ । . . . ଶୁଅ ପ୍ରଭୁ ! ମୁଁ ପାଦ ମଞ୍ଚାଳି ଦିଏ ।

ଲକ୍ଷ୍ମଣ – ଏଁ ! ଏ କ'ଣ ? ନିଦ ଭୋଳରେ ଆଖି ପତା ମୋର ମୁଦି ହୋଇ ଆସିଲା ! ପ୍ରତିଜ୍ଞା କରିଚି, ଚଉଦ ବର୍ଷ ଉଜାଗର ରହିବି ...ନିଦ ଘାରିଲା କାହିଁକି ? ନା, ଆଉ ନୁହେଁ, ମୁଁ ଏବେ ସଜାଗ ରହିବି ।

(କିଛି କ୍ଷଣ ପରେ)

ପୁଣି ଢୁଳେଇ ପଡ଼ିଲି ! ବୁଝିଲି . . . ଏ ନିଦ୍ରା ମୋ' ସହିତ ଶତ୍ରୁତା କରୁଚି । ଜାଣେନାହିଁ ସେ ମୋର ଶକ୍ତି । ଏ ଶର ପ୍ରୟୋଗ କରି ମୁଁ ତା'ର ଗତିପଥ ରୁଦ୍ଧ କରିଦେବି । (ନିଦ୍ରାଦେବୀ ଆବିର୍ଭୂତା ହେଲେ)

ଲକ୍ଷ୍ମଣ – ଏଁ !! ମୋ' ସମ୍ମୁଖରେ ଏ ଦେବୀମୂର୍ତ୍ତି !

(ଗୀତ)

ଲକ୍ଷ୍ମଣ – କିଏ ତୁମେ ଦେବୀ ଉଭା ସମ୍ମୁଖେ ମୋହର ?
ନିଦ୍ରା – ମୁହିଁ ନିଦ୍ରା, କିମ୍ପା ମୋର ପଥ ରୁଦ୍ଧକର ?
ଲକ୍ଷ୍ମଣ– ପ୍ରତିଜ୍ଞା ମୋ ନିଦ୍ରାହୀନ ହେବି ଦିବା ନିଶି
କି କାରଣେ ଚକ୍ଷୁ ମୋର ଆକର୍ଷିଲ ଆସି ?
ନିଦ୍ରା– ବୃଥା କୋପ କର ନାହିଁ ହେ ବୀର ଲକ୍ଷ୍ମଣ !
ମୋର ଧର୍ମ ମାତ୍ର ମୁହିଁ କରୁଚି ପାଳନ ।
ଲକ୍ଷ୍ମଣ – ମୋର ଧର୍ମ ଜଗିବି ମୁଁ ଭ୍ରାତାଙ୍କ କୁଟୀର !
ନିଦ୍ରା – କିବା ଅଭିଳାଷ ତୁମ କୁହ ବୀରବର ?
ଲକ୍ଷ୍ମଣ–ଯେତେ କାଳ ଭ୍ରାତା ସଙ୍ଗେ ବନବାସେ ଥିବି
ଥରେ ହେଲେ ନିଦ୍ରାବଳେ ଆଖି ନ ବୁଜିବି,
ଜାଗ୍ରତ ପ୍ରହରୀ ସମ କୁଟୀର ଜଗିବି ।
ନିଦ୍ରା– ତଥାସ୍ତୁ ! ମୁଁ ତୁମଠାରୁ ଦୂରରେ ରହିବି ।

Digitized by srujanika@gmail.com

× × × × ×

[ସେଇ ଚିତ୍ରକୂଟ । କିଛି ଦିନ ପରର ଘଟଣା]

ରାମ – ଶୁଣିପାରୁଛ ଜାନକୀ, ଦୂରରେ ଏ କୋଳାହଳ !

ସୀତା – ଶୁଣୁଚି . . . ଲକ୍ଷ୍ମଣ କାହାନ୍ତି ?

ରାମ – ଲକ୍ଷ୍ମଣ ନିଶ୍ଚୟ ସେଇ ଦିଗକୁ ଯାଇଚି ।

ସୀତା – ଏଇତ . . . ଲକ୍ଷ୍ମଣ ଆସିଲେଣି ।

ରାମ – କ'ଣ ହେଇଚି ଲକ୍ଷ୍ମଣ ?

ଲକ୍ଷ୍ମଣ – ନିଶ୍ଚୟ ଭରତ ଆସୁଚି ।

ରାମ – ଭରତ ?

ଲକ୍ଷ୍ମଣ – କୋଳାହଳ ଶୁଣି ମୁଁ ପାହାଡ଼ ଉପରକୁ ଉଠି ଦେଖିଲି – ଅଯୋଧ୍ୟାର ସେଇ ସ୍ୱର୍ଣ୍ଣମୟ ରଥ . . .

(ଗୀତ) ଆସୁଚି ଭରତ ଘେନି ଅଶ୍ୱରଥ
ଚତୁରଙ୍ଗ ସେନା ବାହିନୀ
ଉଠେ କୋଳାହଳ ଧୂଳିର ପଟଳ
କମ୍ପେ ବନଗିରି ମେଦିନୀ । ୧ ।

ରାମ – ଭରତ କାହିଁକି ଆସୁଚି ?

ଲକ୍ଷ୍ମଣ – ଆସୁଚି ଆମକୁ ହତ୍ୟା କରିବା ପାଇଁ ।

ରାମ – ଏ କ'ଣ ତୁ କହୁଚୁ ଲକ୍ଷ୍ମଣ ?

ଲକ୍ଷ୍ମଣ – ଆପଣ ଜାଣିନାହାନ୍ତି ଭାଇ !

(ଗୀତ) କଲୁ ବନବାସ ନାହିଁ ତା' ବିଶ୍ୱାସ
ଆସିଚି ଏ ବନେ ଧାଇଁ ହେ
କରିବାକୁ ହତ ଆମ ଦୁଇ ଭ୍ରାତ
ଜାଣିଥାଅ ରଘୁସାଇଁ ହେ । ୨ ।

ଲକ୍ଷ୍ମଣ – କିନ୍ତୁ ସେ ଜାଣିନାହିଁ ଏଠି ତାକୁ ଯମଦୂତ ଅପେକ୍ଷା କରି ରହିଛି ।

ନାହିଁ ତୋର ତ୍ରାଣ କୈକେୟୀ ନନ୍ଦନ
ଅଛି ଏଠି ବୀର ଲକ୍ଷ୍ମଣ
ନ ଫେରିବୁ ଆଉ ଅଯୋଧ୍ୟା ପୁରୀକୁ
ଫେରିବୁ ତୁ ଯମ ସଦନ । ୩ ।

Digitized by srujanika@gmail.com

ରାମ – ମୁଁ ବୁଝିପାରୁଚି ଲକ୍ଷ୍ମଣ . . . ଏ ପର୍ଯ୍ୟନ୍ତ ତୋ' ମନର ଭ୍ରମ ଦୂର ହୋଇନାହିଁ ।

(ଗୀତ) ଅତି ଧୀର ଅତି ସୁକୁମାର ମତି
ଧର୍ମପ୍ରାଣ ଭାଇ ଭରତ
ଯତିଠାରୁ ବଳି ଅଟେ ଯାର ଗତି
କରିପାରେ ସେ' କି ଅହିତ ? । ୪ ।

ରାମ – ତୁ ଦେଖିବୁ ଲକ୍ଷ୍ମଣ ! ଭରତ ସେପରି ଭାଇ ନୁହେଁ ।

(ଗୀତ) ଆମ ବନବାସ ଦୁଃଖେ ହୋଇ ଦୁଃଖୀ
ନମାନି କାହାରି ବାରଣ
ତେଜି ରାଜପୁରୀ ଆସିଚି ଆମରି
ପଥ କରି ଅନୁସରଣ । ୫ ।

ଲକ୍ଷ୍ମଣ – ଏଇ ଦେଖନ୍ତୁ ଭାଇ, ରଥ ସେଠି ଅଟକିଲା !

ରାମ – କିନ୍ତୁ ରଥରୁ ଓହ୍ଲେଇ ଏ ଦୁଇ ଋଷିପୁତ୍ର କିଏ ଆସୁଛନ୍ତି ? ସଙ୍ଗରେ କୁଳଗୁରୁ ବଶିଷ୍ଠ । (ଟିକିଏ ପରେ) ପ୍ରଣାମ କୁଳଗୁରୁ !

ଭରତ ଓ ଶତ୍ରୁଘ୍ନ – ଭାଇ !

ରାମ – ଭରତ, ଶତ୍ରୁଘ୍ନ ! ତୁମେ ଦୁହେଁ ଏ ବେଶରେ ? ବନବାସୀ ଋଷି ପରି ଜଟାବଲ୍‌କଳ ଧାରଣ କରିଚ କାହିଁକି ? ଭରତ, ତୋର ରାଜବେଶ କାହିଁ ?

ଭରତ – (କାନ୍ଦି) ଏ କଥା ଆପଣ ମତେ ପଚାରି ପାରିଲେ ରଘୁପତି ? ଯେଉଁ ରାଜ୍ୟରେ ରାଜା ନାହାନ୍ତି, ସେଠି ରାଜବେଶ କିଏ ପିନ୍ଧିବ ?

ରାମ – ଭରତ ! ପ୍ରାଣର ଭାଇ ମୋର ! ମୁଁ ବୁଝୁଛି ତୋ' ମନର ଦୁଃଖ । ସେଇ କଥା ମୁଁ ଲକ୍ଷ୍ମଣକୁ କହୁଥିଲି । ଏବେ କହ ମତେ, ଅଯୋଧାର ସମ୍ବାଦ କ'ଣ ? ପିତା କିପରି ଅଛନ୍ତି ?

ଭରତ – ପିତା . . .

ରାମ – କ'ଣ ହେଲା ? କିଛି କହୁନୁ ଯେ ? ଏମିତି ଆକୁଳ ନୟନରେ ଚାହିଁ ରହିଚୁ ? କ'ଣ ହୋଇଚି କୁଳଗୁରୁ ବଶିଷ୍ଠ ?

ବଶିଷ୍ଠ – ରାଜା ଦଶରଥ ଆଉ ଇହଧାମରେ ନାହାନ୍ତି ଶ୍ରୀରାମ – ତାଙ୍କର ପରଲୋକ ହୋଇଯାଇଚି ।

Digitized by srujanika@gmail.com

ରାମ – ପିତା . . . ପିତା ଆଉ ନାହାନ୍ତି ! ଅଧମ ମୁଁ ତାଙ୍କର ଶେଷ ଦର୍ଶନ କରିପାରିଲି ନାହିଁ ।

ଭରତ – ଅପରାଧୀ ମୁଁ – ମତେ ଶାସ୍ତି ଦିଅନ୍ତୁ । କେବଳ ମୋ'ରି ପାଇଁ ଆମମାନଙ୍କୁ ପିତୃହୀନ ହେବାକୁ ପଡ଼ିଲା ।

ରାମ – ଓଃ ପିତା ! . . . ଆଖି ଆଗରେ ଭାସିଉଠୁଛି . . . ମୁଁ ଆପଣଙ୍କଠୁଁ ବିଦାୟ ନେବା ବେଳର ସେଇ କରୁଣ ଦୃଶ୍ୟ । ସୀତା, ଲକ୍ଷ୍ମଣ ! ହତଭାଗ୍ୟ ଆମେମାନେ – ତାଙ୍କର ଶେଷ ଦର୍ଶନ କରିପାରିଲେ ନାହିଁ । ଏଇଠି ଥାଇ ତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କର ।

ବଶିଷ୍ଠ – ପିତୃଶୋକଠାରୁ ବଳି ଆଉ ଶୋକ ନାହିଁ ରଘୁପତି ! ମାତ୍ର ତା'ଠାରୁ ବଳି ଆଉ ଏକ ଗୁରୁ କର୍ତ୍ତବ୍ୟ ତମମାନଙ୍କ ସମ୍ମୁଖରେ ରହିଚି ।

ରାମ – ଆପଣ ଠିକ୍ କହିଚନ୍ତି . . . ସମ୍ମୁଖରେ ଆମର ମହାକର୍ତ୍ତବ୍ୟ । ଅଯୋଧ୍ୟାରାଜ୍ୟ ବର୍ତ୍ତମାନ ଅରାଜକ ହୋଇପଡ଼ିଚି ଭରତ !

ଭରତ – ମୁଁ ମଧ୍ୟ ସେଇ କଥା କହୁଚି ଭାଇ ! ରାଜା ଦଶରଥଙ୍କ ମୃତ୍ୟୁ ପରେ ଅଯୋଧ୍ୟା ସିଂହାସନ ଶୂନ୍ୟ ପଡ଼ିଚି । ସେଇଥି ପାଇଁ ମୁଁ ଆସିଚି ଆପଣଙ୍କୁ ଫେରାଇନେବାପାଇଁ ।

ରାମ – ମତେ ଫେରାଇ ନେବା ପାଇଁ ?

ଭରତ – ପଛ କଥା ସବୁ ଭୁଲିଯା'ନ୍ତୁ ଭାଇ ! ନିଜର ଭୁଲ ପାଇଁ ମାତା କୈକେୟୀଙ୍କ ଅନୁଶୋଚନାର ସୀମା ନାହିଁ । ଆପଣ ଅଯୋଧ୍ୟାର ରାଜା । ଅଯୋଧ୍ୟା ସିଂହାସନରେ ଅଧିକାର ଏ ତ୍ରିଭୁବନରେ ଆଉ କାହାରି ନାହିଁ । ମୁଁ ଆପଣଙ୍କ ପାଦଧରି ପ୍ରାର୍ଥନା କରୁଚି . . .

ରାମ – ଉଠ ଭାଇ, ଉଠ ! ମୁଁ ଜାଣେ, ତୁ କେବଳ ଧର୍ମପ୍ରାଣ ନୋହୁଁ, ତୁ ଜ୍ଞାନୀ, ତୁ ବିଜ୍ଞ । ଏକଥା ତୁ କହୁଚୁ କିପରି ? ଧର୍ମ ସାକ୍ଷୀରଖି ପିତା ଯୋଉ ସତ୍ୟ କରିଥିଲେ, ତାକୁ ଫେରାଇ ନେବାପାଇଁ ପିତା ଆଜି ଜୀବିତ ନାହାନ୍ତି । ମୁଁ ଯଦି ସେ ସତ୍ୟପାଳନ ନକରେ, ତେବେ ପିତା ନର୍କ ଭୋଗ କରିବେ । ତୁ କହ, ପୁତ୍ର ହୋଇ କ'ଣ ଆମେ ପିତାଙ୍କୁ ନର୍କ ଭୋଗ କରାଇବା ?

ଭରତ – (ଅସହାୟ ହୋଇ) ମୁଁ ବୁଝିପାରୁନାହିଁ ମୁଁ କ'ଣ କରିବି ! ଲକ୍ଷ୍ମଣ, ତୁ କିଛି କହୁନୁ ଯେ ଭାଇ ?

Digitized by srujanika@gmail.com

ଲକ୍ଷ୍ମଣ – ତମ ପ୍ରତି ମୋର ସମସ୍ତ ଭ୍ରମ ଧାରଣା ଦୂର ହୋଇଚି ଭାଇ– ମତେ କ୍ଷମାକର ! କିନ୍ତୁ ରଘୁପତିଙ୍କ କଥାର କି ପ୍ରତିବାଦ ମୁଁ କରିବି ?

ଭରତ – କୁଳଗୁରୁ ବଶିଷ୍ଠ ?

ବଶିଷ୍ଠ – ରଘୁପତିଙ୍କ ଉପଦେଶ ତୁମକୁ ଗ୍ରହଣ କରିବାକୁ ହେବ କୁମାର ଭରତ !

ଭରତ – ଏ ବିଷମ ପରୀକ୍ଷାରୁ କ'ଣ ମୋର ମୁକ୍ତି ନାହିଁ ରଘୁପତି ?

ରାମ – ଅଛି ଭରତ . . . ତୋତେ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହବାକୁ ପଡ଼ିବ । ମୁଁ ଆଶୀର୍ବାଦ କରୁଚି – ତୁ ଅଯୋଧ୍ୟା ଫେରିଯା । ରଘୁକୁଳର ସବୁ ଧର୍ମନୀତି ରକ୍ଷାକରି ରାଜ୍ୟ ପାଳନ କର । . . . କଣ, କିଛି କହୁନୁ ଯେ ?

ଭରତ – ମୁଁ ଫେରିଯିବି . . . ମାତ୍ର ଖାଲି ହାତରେ ନୁହେଁ । ଆପଣଙ୍କର ପାଦୁକା ଦୁଇଟି ମତେ ଦିଅନ୍ତୁ ।

ରାମ – କାହିଁକି ?

ଭରତ – ଆପଣ ହିଁ ଅଯୋଧ୍ୟାର ରାଜା । ଅଯୋଧ୍ୟା ସିଂହାସନରେ ଆପଣ ବସିଥାନ୍ତେ । ଆପଣଙ୍କ ସ୍ଥାନରେ ଆପଣଙ୍କର ଏ ପାଦୁକା ମୁଁ ଅଯୋଧ୍ୟା ସିଂହାସନରେ ସ୍ଥାପନ କରିବି – ଏତିକି ଦୟା ମୋ ପ୍ରତି କରନ୍ତୁ ।

ବଶିଷ୍ଠ – ଭରତଙ୍କର ଏ ପ୍ରାର୍ଥନା ତୁମେ ପୂରଣ କର ରାମଚନ୍ଦ୍ର !

ରାମ – ବେଶ୍ – ଅତି ଅନନ୍ଦ ମନରେ ମୋର ଏ ପାଦୁକା ମୁଁ ତୋତେ ପ୍ରଦାନ କରୁଚି । (ପାଦୁକା ପ୍ରଦାନ କଲେ)

ଭରତ – ଆପଣ ବନବାସରୁ ଫେରିବା ପର୍ଯ୍ୟନ୍ତ ଏ ପାଦୁକାହିଁ ହେଉଚି ମୋର ପ୍ରଭୁ, ଅଯୋଧ୍ୟାପତି ଶ୍ରୀରାମ – ମୁଁ ମାତ୍ର ଦାସାନୁଦାସ ।

(ଗୀତ) ଅଯୋଧ୍ୟାପତି ଶ୍ରୀରାମ
ତମ ଶ୍ରୀଚରଣ ଛୁଇଁ
ଚରଣ ପାଦୁକା ତବ
ମସ୍ତକେ ଘେନିଲି ମୁହିଁ । ୦ ।
ଅଯୋଧ୍ୟାର ସିଂହାସନ
ମୁଁ ନୁହେଁ ତହିଁ ଭାଜନ
ଶୋଭୁଥିବ ହେ ରାଜନ, ତହିଁ ଏ ପାଦୁକା ଦୁଇ । ୧ ।

Digitized by srujanika@gmail.com

ନନ୍ଦିଗ୍ରାମେ ରହିଥିବି
ତମ ନାମ ଭଜୁଥିବି
ତମ ରାଜ୍ୟ ପାଳୁଥିବି, ପାଦୁକାଠୁ ଆଜ୍ଞା ପାଇ । ୨ ।
ଚଉଦ ବରଷ ଗତେ
ଦେଇ ରାଜ୍ୟ ତୁମ୍ଭ ହସ୍ତେ
ରହିବି ଚରଣ ପ୍ରାନ୍ତେ ତମରି ସେବକ ହୋଇ । ୩ ।

ସ୍ୱର– ଜୟ ରଘୁପତି ରାମଚନ୍ଦ୍ରଙ୍କର ଜୟ !
ଜୟ ପରମ ଭ୍ରାତୃଭକ୍ତ ଭରତଙ୍କର ଜୟ !

× × × × ×

[ଫଲ୍‌ଗୁ ନଦୀର କୂଳ । ଉପସ୍ଥିତ ରାମ, ଲକ୍ଷ୍ମଣ ଓ ସୀତା । ଏ ମଧ୍ୟରେ ବନବାସ ଜୀବନର ଦଶବର୍ଷ ଅତିବାହିତ ହୋଇଯାଇଛି ।]

ରାମ – ଦେଖ ଜାନକୀ, ଏଇ ପବିତ୍ର ଫଲ୍‌ଗୁ ନଦୀ । ଆଜି ଆମ ପିତାଙ୍କ ପୁଣ୍ୟ ଶ୍ରାଦ୍ଧତିଥି । ଏଇ ଫଲ୍‌ଗୁ ନଦୀ କୂଳରେ ଆମେ ପିଣ୍ଡଦାନ କରିବା . . . . ଲକ୍ଷ୍ମଣ !

ଲକ୍ଷ୍ମଣ – କାହିଁ, ଏଠି ତ ଫଳ ମୂଳ ଶସ୍ୟ କିଛି କୋଉଠି ନାହିଁ । ଆପଣ ଟିକିଏ ଅପେକ୍ଷା କରନ୍ତୁ ଭାଇ, ମୁଁ ଯାଇ ଶ୍ରାଦ୍ଧ ସାମଗ୍ରୀ ସଂଗ୍ରହକରି ଆଣେ । (ପ୍ରସ୍ଥାନ)

ରାମ – ଚାହୁଁ ଚାହୁଁ ଆମ ବନବାସ ଜୀବନର ଦଶବର୍ଷ ପୂର୍ଣ୍ଣ ହୋଇଗଲା ସୀତା !

ସୀତା – ହଁ, ଦଶବର୍ଷ । ମତେ ତୁମେ ବନକୁ ଆଣିବାକୁ ଚାହୁଁନଥିଲ । ମାତ୍ର ତୁମ ସାଥିରେ ଦଶବର୍ଷ ମୋର ବନରେ ନୁହେଁ ନନ୍ଦନବନରେ କଟିଚି ।

ରାମ – ଆଉ ମାତ୍ର ବର୍ଷ ଚାରିଟା ପରେ ଆମେ ଅଯୋଧ୍ୟା ଫେରିଯିବା ।

ସୀତା – ଗୋଟିଏ କଥା କହିବି ?

ରାମ – କ'ଣ ?

ସୀତା – ମୁନିଋଷିମାନଙ୍କ ନିକଟରେ ତୁମେ ପ୍ରତିଜ୍ଞା କରିଚ, ଦଣ୍ଡକାରଣ୍ୟର ଅସୁର କୁଳକୁ ବିନାଶ କରିବ !

ରାମ – କରିବି ତ ।

ସୀତା – କାହିଁକି ? ସେମାନେ ତୁମର କି ଅପରାଧ କରିଛନ୍ତି ? ଦୟାର

Digitized by srujanika@gmail.com

ଅବତାର ତୁମେ – ନିର୍ଦ୍ଦୋଷ ରାକ୍ଷସମାନଙ୍କୁ ମାରିବ କାହିଁକି ?

ରାମ – ନିରୀହ ଋଷିମାନେ କି ଦୋଷ କରିଚନ୍ତି ଯେ ରାକ୍ଷସମାନେ ସେମାନଙ୍କୁ ଏତେ ଦୁଃଖ ଯନ୍ତ୍ରଣା ଦଉଚନ୍ତି – ସେମାନଙ୍କର ପ୍ରାଣ ନାଶ କରୁଛନ୍ତି ? ତୁମେ କି ଦୋଷ କରିଥିଲ ଯେ ବିରାଧ ରାକ୍ଷସ ତୁମକୁ ଧରିନେଉଥିଲା ? ତୁମେ ତ ଜାଣ ସୀତା, ଦୁଷ୍ଟ ନିବାରି ଶିଷ୍ଟ ପାଳିବା ମୋ' ବନବାସ ଜୀବନର ଏକ ଧର୍ମ ।

ସୀତା – ନାରୀ ଜନ୍ମ ମୋର, ସେଥିପାଇଁ ମନ ବେଳେବେଳେ ଦବିଯାଏ । ମନରେ ଭୟ – ତୁମେ ଦୁଇ ଭାଇ ଏମିତି ରାକ୍ଷସମାନଙ୍କ ସହିତ ଯୁଦ୍ଧ କରି କରି ଦୁର୍ବଳ କ୍ଷୀଣକାୟ ହୋଇପଡ଼ିବ ।

ରାମ – କ୍ଷତ୍ରିୟ ସନ୍ତାନ ଆମେ – ଦୁର୍ବଳତା ଆମର ଅସ୍ପୃଶ୍ୟ । ସେଇ ତାଡ଼କୀ ବଧଠାରୁ ଏ ପର୍ଯ୍ୟନ୍ତ କେବେ ଦେଖିଚ ଏ ବାହୁର ବଳ କ୍ଷୟ ପାଇଛି . . . କୁହ । ଜାଣେ, ତମର ଏ ନତମୁଖ ଓ ସ୍ମିତହସର ଅର୍ଥ, ମୋ' କଥାରେ ତୁମେ ତୁଷ୍ଟ ହୋଇଚ ।

ସୀତା – କ'ଣ ହେଲା ? ଲକ୍ଷ୍ମଣ ଏଯାଏଁ ଫେରିଲେ ନାହିଁ ଯେ ? ଶ୍ରାଦ୍ଧବେଳ ଗଡ଼ିଯିବ !

ରାମ – ତୁମେ ଏଠି ବସିଥାଅ ଜାନକୀ – ମୁଁ ଯାଇ ଦେଖେ ଲକ୍ଷ୍ମଣ କାହିଁଗଲା । (ପ୍ରସ୍ଥାନ)

ସୀତା – (ମନକୁମନ) ମୋର କୋଟି ଜନ୍ମର ସୁକୃତ ଫଳରୁ ମୁଁ ତୁମକୁ ପାଇଚି ପ୍ରଭୁ – ତୁମରି ପାଦପଦ୍ମରେ ମତେ ଆଶ୍ରୟ ମିଳୁ ।

[କିଛି କ୍ଷଣ ଅତୀତ ହୋଇଗଲା । ରାମ ଲକ୍ଷ୍ମଣ ଫେରିଲେ ନାହିଁ ।]

ସୀତା – କାହିଁ, ଏମାନେ ତ କେହି ଫେରିଲେ ନାହିଁ ? ଏଣେ ଶ୍ରାଦ୍ଧ ମୁହୂର୍ତ୍ତ ହୋଇଗଲାଣି । କ'ଣ କରିବି ମୁଁ ? ଶ୍ରାଦ୍ଧବେଳ ଗଡ଼ିଗଲେ ତ ପିଣ୍ଡଦାନକୁ ପିତୃ ପୁରୁଷ ଗ୍ରହଣ ନକରି ରାକ୍ଷସମାନେ ଖାଇଯିବେ ! . . . ଏଇ, ଏଠି ଶୁଖିଲା ଇଙ୍ଗୁଦି ଫଳ ପଡ଼ିଚି, ଏ ଫଳ ଛେଚି ଦୀପ ଦାନ କରିବି– ଆଉ ଫଲ୍‌ଗୁ ନଦୀର ବାଲିରେ ପିଣ୍ଡଦାନଦେବି ।

(ଗୀତ) ପିତୃ ପିତାମହଗଣ ହେ,
ଅପରାଧ ମୋର କ୍ଷମ
ଶ୍ରାଦ୍ଧ ଉପଚାର ବିହୁନେ ବାଲୁକା ପିଣ୍ଡ ମୁଁ କରୁଚି ଦାନ । ୧ ।

Digitized by srujanika@gmail.com

ଜଣାଉ ଅଛି ପ୍ରଣତି ହେ,
ବଧୂ ତୁମ ମଥାପାତି
ଗ୍ରହଣକରି ମୋ' ମୁଠି ଭରା ଦାନ, କର ମୋତେ ଭାଗ୍ୟବତୀ । ୨ ।

ସୀତା – ହେ ପିତୃଗଣ, ମୁଁ ତୁମର କୁଳବଧୂ । ମୋ' ହାତରୁ ଏ ବାଲୁକାପିଣ୍ଡ ଗ୍ରହଣ କର । (ଶୂନ୍ୟରୁ ଏକ ହସ୍ତ ପ୍ରସାରିତ ହେଲା)

ସୀତା – ଏଁ ! ଏ କ'ଣ ? ଶୂନ୍ୟରୁ କାହାର ଏ ଅଳଙ୍କାରମଣ୍ଡିତ ହାତ ମୋ' ଆଡ଼କୁ ଲମ୍ବି ଆସୁଛି ?

(ଗୀତ) କିଏ ତୁମେ ଶୂନ୍ୟଚର ହେ
ସଂଶୟ ମୋ ଦୂରକର,
ଶ୍ରାଦ୍ଧଚାରିଣୀ ମୁଁ କିପାଇଁ
ମୋ' ଆଡ଼େ ହସ୍ତ ପ୍ରସାରଣ କର । ୩ ।

ଦଶରଥ – ଚିହ୍ନିପାରିଲୁ ନାହିଁ ମା' ! ମୁଁ ତୋର ଶ୍ୱଶୁର ଦଶରଥ ।

ସୀତା – ପିତା ! ମୋର ପ୍ରଣାମ ଗ୍ରହଣ କରନ୍ତୁ ପିତା ! ମତେ ଆପଣ ସମ୍ପୂର୍ଣ୍ଣ ଦେଖାଦିଅନ୍ତୁ ପିତା !

ଦଶରଥ – ନାଇଁ ସୀତେ ! ତୁ ମତେ ଦେଖି ପାରିବୁ ନାହିଁ । ପିଣ୍ଡଦାନ କରୁଚୁ . . . କେବଳ ମୋର ଏଇ ହାତଟି ଦେଖିପାରିବୁ ।

ସୀତା – ମତେ କ୍ଷମା କରନ୍ତୁ ପିତା ! ଶ୍ରାଦ୍ଧ ସାମଗ୍ରୀ ପାଇଲି ନାହିଁ – ହାତରେ ମୋର ବାଲିପିଣ୍ଡ ।

ଦଶରଥ – ସେଇ ବାଲିପିଣ୍ଡ ମୋ ହାତକୁ ଟେକି ଦେ' ମା – ହଁ, ଟେକିଦେ . . . ତୃପ୍ତହେଲି, ତୃପ୍ତ ହେଲି, ତୃପ୍ତ ହେଲି ।

ସୀତା – ଆପଣଙ୍କ ଦୁଇ ପୁତ୍ର ଶ୍ରାଦ୍ଧ ସାମଗ୍ରୀ ଆଣିବାକୁ ଯାଇ ଫେରିନାହାନ୍ତି । ମୋ ହାତରୁ ବାଲିପିଣ୍ଡ ଗ୍ରହଣ କରି ଆପଣ ତୃପ୍ତ ହୋଇଚନ୍ତି ଏକଥା କ'ଣ ସେମାନେ ବିଶ୍ୱାସ କରିବେ ?

ଦଶରଥ – ଓ, ରାମ ଲକ୍ଷ୍ମଣ ବିଶ୍ୱାସ କରିବେ ନାହିଁ କହୁଚୁ ! ଏଇ ଦେଖ ମା, ଏ ଫଲ୍‌ଗୁ ନଦୀ ଆଉ ଏ କେତକୀ ଫୁଲ । ତୁ ମତେ ପିଣ୍ଡ ଦାନ କରିଚୁ, ଏମାନେ ସାକ୍ଷୀ ରହିଲେ । . . . ମତେ ଏବେ ବିଦାୟ ଦେ' ମା' । ରଘୁକୁଳ ଉଜ୍ଜ୍ୱଳ ହେଉ ।

ସୀତା – ପିତା ଅନ୍ତର୍ହିତ ହୋଇଯାଇଚନ୍ତି । ମୋର ସମସ୍ତ ଦେହ କମ୍ପୁଚି ।

Digitized by srujanika@gmail.com

. . . ପିତା କହିଯାଇଛନ୍ତି – ଫଲ୍‌ଗୁ ନଦୀ ଆଉ କେତକୀ ଫୁଲ ସାକ୍ଷୀ ।

(ଗୀତ) ସାକ୍ଷୀ ତୁମେ ଫଲ୍‌ଗୁ ନଦୀ ହେ
ସାକ୍ଷୀ ତୁ ଫୁଲ କେତକୀ,
ସ୍ୱାମୀ ଦେବର ମୋ' ଆସିଲେ କହିବ,
ପିଣ୍ଡ ମୁଁ ଦେଇଛି ଟେକି । ୪ ।

(ରାମ ଓ ଲକ୍ଷ୍ମଣ ଆସିଲେ)

ରାମ – ଦେଖ ସୀତା, ଶ୍ରାଦ୍ଧ ସାମଗ୍ରୀ ସବୁ ଆମେ ଆଣିଚୁ । ଏଥର . . . କ'ଣ ହୋଇଛି ଜାନକୀ ? ତୁମେ ଯେପରି . . .

ସୀତା – ଶ୍ରାଦ୍ଧବେଳ ଉତ୍ତୀର୍ଣ୍ଣ ହୋଇଯାଉଥିଲା ପ୍ରଭୁ – ମୁଁ ଶ୍ରାଦ୍ଧ ଦେଇଚି ।

ରାମ – ଶ୍ରାଦ୍ଧ ଦେଇଚ ? କେମିତି ? କି ଶ୍ରାଦ୍ଧ ଦେଲ ?

ସୀତା – ମୁଁ ବାଲିପିଣ୍ଡ ଦାନ କରିଚି । ପିତା ତୁମର ଶୂନ୍ୟରୁ ହାତ ବଢ଼ାଇ ମୋ' ହାତରୁ ପିଣ୍ଡ ଗ୍ରହଣ କରିଚନ୍ତି ।

ରାମ – ଜାନକୀ !

ସୀତା – ମୁଁ ମିଛ କହୁନାହିଁ ପ୍ରଭୁ !

ରାମ – ମୁଁ ଜାଣେ, ତୁମେ ମିଛ କହିପାରିବ ନାହିଁ ; ମାତ୍ର ଏ ଅଲୌକିକ ଘଟଣାକୁ ମୁଁ ସତ ବୋଲି ବିଶ୍ୱାସ କରିବି କେମିତି ?

ସୀତା – ଏ ଫଲ୍‌ଗୁ ନଦୀ ଆଉ ଏ କେତକୀ ଫୁଲକୁ ମୁଁ ସାକ୍ଷୀରଖି ପିଣ୍ଡଦାନ କରିଚି । ସେମାନେ କହିବେ । (କିଛି କ୍ଷଣ ନୀରବତା)

ରାମ – କାହିଁ, କେହିତ କିଛି କହୁ ନାହାନ୍ତି ! ଦୁହେଁ ନୀରବ !

ସୀତା – ସବୁ ଦେଖି ସୁଦ୍ଧା ଯଦି ସେମାନେ କିଛି ନ କହିବେ . . .

ଲକ୍ଷ୍ମଣ – ଆପଣ ଦେବୀଙ୍କ କଥା ଅବିଶ୍ୱାସ କରନ୍ତୁ ନାହିଁ ଭାଇ ! ତାଙ୍କ ଆଖିରୁ ଲୁହ ଝରିଆସୁଚି ।

ରାମ – ମୁଁ ସବୁ ବୁଝିପାରୁଛି ଲକ୍ଷ୍ମଣ ! ବହୁ ସମୟ ପର୍ଯ୍ୟନ୍ତ ଜାନକୀ ଏଠି ଏକୁଟିଆ ରହିଗଲେ । ସେଇଥି ପାଇଁ ତାଙ୍କ ମନରେ ଗୋଟାଏ ଭ୍ରମ ସୃଷ୍ଟି ହେଇଛି । . . . ଶୁଣ ଜାନକୀ, ପଛକଥା ସବୁ ଭୁଲିଯାଇ ଶ୍ରାଦ୍ଧର ଆୟୋଜନ କର ।

ଦଶରଥ – (ଶୂନ୍ୟବାଣୀ) ନା ବତ୍ସ ରାମଚନ୍ଦ୍ର ! କୁଳବଧୂ ସୀତା ପିଣ୍ଡଦାନ କରିଚି । ମୁଁ ସ୍ୱହସ୍ତରେ ପିଣ୍ଡ ଗ୍ରହଣକରି ତୃପ୍ତ ହୋଇଛି । ଆଉ ଶ୍ରାଦ୍ଧର

Digitized by srujanika@gmail.com

ପ୍ରୟୋଜନ ନାହିଁ । ରଘୁକୁଳ ଉଜ୍ଜ୍ୱଳ ହେଉ !

ରାମ – ସୀତା, ତୁମେ ମହା ଭାଗ୍ୟବତୀ । କେବଳ ପିତୃକୁଳ ନୁହେଁ, ସମସ୍ତ ଇକ୍ଷ୍ୱାକୁ-ବଂଶର ତୁମେ ଉଦ୍ଧାରକାରିଣୀ । ଆ' ଲକ୍ଷ୍ମଣ, ଆସ ଜାନକୀ, ଏ ଶ୍ରାଦ୍ଧପୀଠ ଛାଡ଼ି ଯିବା ପୂର୍ବରୁ ପିତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବା ।

ରାମ, ଲକ୍ଷ୍ମଣ, ସୀତା – (ଗୀତ)

ଇକ୍ଷ୍ୱାକୁ-କୁଳ ରାଜନ ହେ
କରିଲ ଆମକୁ ଧନ୍ୟ,
ଆମ ଭାଗ୍ୟବଳେ ଶ୍ରାଦ୍ଧଦାନ କାଳେ
ଶୁଣିଲୁ ପିତୃ ବଚନ । ୫ ।
ଲଭି ତୁମରି କଲ୍ୟାଣ ହେ ବନ୍ଦି ତୁମ ଶ୍ରୀଚରଣ
ହୋଇ ଯୁକ୍ତପାଣି ମାଗୁଛୁ ମେଲାଣି
ଶ୍ରୀରାମ ସୀତା ଲକ୍ଷ୍ମଣ । ୬ ।

ସୀତା– ସବୁ ଜାଣି ଶୁଣି, ଏ ଫଲ୍‌ଗୁ ନଦୀ ଆଉ ଏ କେତକୀ ଫୁଲ ନୀରବ ରହି ମତେ ମିଥ୍ୟାବାଦୀ କରାଇଛନ୍ତି । ମୁଁ ସେମାନଙ୍କୁ ଅଭିଶାପ ଦେବି ।

ରାମ – କି ଅଭିଶାପ ଦେବ ଦେବୀ ?

ସୀତା– ଏ ଚୈତ୍ରମାସରେ ଫଲ୍‌ଗୁ ନଦୀ ଜଳପୂର୍ଣ୍ଣ ରହିଚି । ମୋ' ଅଭିଶାପରେ ଆଜିଠୁଁ ଜଳ ଶୁଖିଯିବ – ଫଲଗୁ ହେବ ପାତାଳଗାମିନୀ । ଆଉ ଶିବଙ୍କର ଅତି ପ୍ରିୟ ଫୁଲ ଏଇ କେତକୀ ଶିବଙ୍କର ଅପ୍ରିୟ ହେବ । ଶିବ ଆଉ କେତକୀ ଫୁଲ ଗ୍ରହଣ କରିବେ ନାହିଁ ।

(ନାରୀ ରୂପରେ ଫଲ୍‌ଗୁ ନଦୀ ଓ କେତକୀ ଦେଖାଦେଲେ)

ନାରୀ – ପ୍ରଭୁ !

ରାମ – କିଏ ତୁମେ ?

ନାରୀ – ମୁଁ ଫଲ୍‌ଗୁ ନଦୀ – ଏ କେତକୀ । ପିତା ତୁମର ହାତ ବଢ଼େଇ ପିଣ୍ଡ ଗ୍ରହଣ କଲାବେଳେ ଆମେ ସେ ଦୃଶ୍ୟ ଦେଖି ବିହ୍ୱଳ ହୋଇପଡ଼ିଲୁ । ଆମର ଯେମିତି କିଛି ସ୍ମରଣ ରହିଲା ନାହିଁ । ଆମ ଅପରାଧ ମାର୍ଜନା କରନ୍ତୁ ପ୍ରଭୁ !

ରାମ – ଦେବୀ ଜାନକୀ ତାଙ୍କର ଅଭିଶାପ ସମ୍ପୂର୍ଣ୍ଣ ଫେରାଇ ନେଇ ପାରିବେ ନାହିଁ ଫଲ୍‌ଗୁ ! ସେଥିପାଇଁ କେବଳ ବର୍ଷାକାଳରେ ତମ ନଦୀ-

Digitized by srujanika@gmail.com

ବର୍ଷ ଜଳପୂର୍ଣ୍ଣ ରହିବ, ଅନ୍ୟ ଋତୁରେ ଜଳ ବାଲିତଳେ ଗୁପ୍ତ ହୋଇଯିବ– ତୁମେ ହେବ ଅନ୍ତଃସଲୀଳା ଫଲ୍‌ଗୁ । ବାଲି ସାମାନ୍ୟ ଆଡ଼େଇଦେଲେ ଜଳ ବାହାରିବ । ତୁମ ପାଠରେ ଶ୍ରାଦ୍ଧଦାନ କଲେ ପିତୃପୁରୁଷ ପରମ ସନ୍ତୋଷ ଲାଭ କରିବେ । ...ଆଉ କେତକୀ, ତୁମେ ମନଦୁଃଖ କରନାହିଁ । ସମସ୍ତ ବର୍ଷ ମଧ୍ୟରୁ କେବଳ ଶିବରାତ୍ରି ଦିନ ଶିବ ତୁମକୁ ସନ୍ତୋଷରେ ଗ୍ରହଣ କରିବେ । ସେଦିନ ତୁମେ ତାଙ୍କ ଶିରରେ ସ୍ଥାନ ପାଇବ ।

ନାରୀ – ରଘୁକୁଳ ଉଜ୍ଜ୍ୱଳ ହେଉ !

× × × × ×

[ପଞ୍ଚବଟୀ ବନର କୁଟୀର । କୁଟୀର ଦ୍ୱାରରେ ରାମ ଓ ସୀତା ବସିଚନ୍ତି । ଅଦୂରରେ ଲକ୍ଷ୍ମଣ । . . . ରାବଣଭଗ୍ନୀ ସୂର୍ପଣଖା ଲତା ଉହ୍ଲାଳରୁ ଏମାନଙ୍କୁ ଲକ୍ଷ୍ୟ କଲା ।]

ସୂର୍ପଣଖା – (ମନକୁମନ) ଏଁ, ଏମାନେ କିଏ ? ଦଣ୍ଡକାରଣ୍ୟ ପଞ୍ଚବଟୀରେ କୁଟୀର ଠିଆକରେଇ ଆସି ରହିଚନ୍ତି । ଏ ଦୁହେଁ ନିଶ୍ଚୟ ସ୍ୱାମୀ-ସ୍ତ୍ରୀ । କି ସୁନ୍ଦରୀ ଏଇ ସ୍ତ୍ରୀଟା ! ଆମ ଲଙ୍କାଗଡ଼ରେ ତ ଯାଭଳି ସ୍ତ୍ରୀଟାଏ ମୁଁ ଦେଖିନାଇଁ ! ଆଉ ଏ ପୁରୁଷଟି ! ମରିଯିବି ମୁଁ ! ତା' ଉପରୁ ଆଖି ଫେରେଇ ହେଉନାହିଁ ! ମୋ' ନଖରୁ ମୁଣ୍ଡଯାଏ ଯେମିତି ବସନ୍ତ ପବନ ବାଜି ଉଲସି ଉଠୁଚି । କ'ଣ କରିବି ମୁଁ ? . . . ହଁ, ଏ ସ୍ତ୍ରୀଟାକୁ ତା'ଠୁ ଛଡ଼େଇ ନେଇ ମୋ ଭାଇ ରାବଣକୁ ଦେବି । ସେ ଯାକୁ ତା' ରାଣୀକରି ରଖିବ । ଆଉ ମୁଁ ଏ ପରମ ସୁନ୍ଦର ପୁରୁଷବରକୁ ବିବାହ କରି ରହିବି । ଆରେ ଆରେ, ସେ ଦୂରରେ ପୁରୁଷଟି କିଏ ? ହାତରେ ଧନୁଶର ଧରି ମୁହଁ ତଳକୁ କରି ଠିଆହେଇଚି । ସୁନ୍ଦରପଣରେ ଇଏ ବି ତ କନ୍ଦର୍ପକୁ ବଳିଯାଇଚି । ଏମାନେ ନିଶ୍ଚେ ଦି' ଭାଇ । ଆଚ୍ଛା, ଏଇ ଲତା ଉହାଡ଼ରେ ଠିଆହୋଇ ଆଗେ ଏମାନଙ୍କର ଗତିବିଧି ଟିକିଏ ଦେଖେଁ ।

(ଉହ୍ଲାଳକୁ ଗଲା)

ରାମ – ଦଣ୍ଡକାରଣ୍ୟର ଏଇ ପଞ୍ଚବଟୀ – ନିକଟରେ ଗୋଦାବରୀ ନଦୀ– ଏଇଠି ଆମର କିଛିଦିନ କଟିବ । ...କୁହ ଜାନକୀ, ଏ ପଞ୍ଚବଟୀ ରହଣିରେ ତୁମେ ସନ୍ତୁଷ୍ଟ ତ ?

ସୀତା – ଅତି ଶୋଭାଯୁକ୍ତ ଏଇ ପଞ୍ଚବଟୀ । ଆଉ ତା'ରଠୁ ବଳି ସୁନ୍ଦରକରି

Digitized by srujanika@gmail.com

ଲକ୍ଷ୍ମଣ ଆମ ପାଇଁ ଏ କୁଟୀରଟି ନିର୍ମାଣ କରିଦେଇଚନ୍ତି ।

ରାମ – ଏ ସମସ୍ତ ଶୋଭାକୁ କ'ଣ ଅତିକ୍ରମ କରିଯାଇଚି ଜାଣ ଜାନକୀ ?

ସୀତା – କ'ଣ ?

ରାମ – ଅତ୍ରି ଋଷିଙ୍କର ପତ୍ନୀ ଦେବୀ ଅନସୂୟାଙ୍କର ତମକୁ ଏଇ ସବୁ ଦିବ୍ୟ ଅଳଙ୍କାର ଆଉ ଅମ୍ଳାନ ବସ୍ତ୍ର ଦାନ ।

ସୀତା – ମାତା ଅନସୂୟାଙ୍କୁ ମୁଁ କହିଥିଲି, ଯୋଗୀ ଋଷି ବ୍ରାହ୍ମଣମାନଙ୍କଠାରୁ ଦାନ ଗ୍ରହଣ କରିବା ମୋ ପକ୍ଷରେ ଉଚିତ ହେବନାହିଁ । ...ଅତି ଆଦରରେ ମତେ କୋଳକରି କହିଲେ... ମୁଁ ଋଷିପତ୍ନୀ, ତୁ ଋଷିକନ୍ୟା । ମୋ'ଠୁ ଦାନ ଗ୍ରହଣରେ କିଛି ଦୋଷ ନାହିଁ । ...ନିଜ ହାତରେ ମତେ ଏ ଅଳଙ୍କାର ସବୁ ପିନ୍ଧାଇଦେଲେ । ଏ ଅମ୍ଳାନ ବସ୍ତ୍ର – ଯୁଗ ବିତିଯାଉଥିବ ମଳିନ ହେବନାହିଁ – ଅଗ୍ନିରେ ପୋଡ଼ିବ ନାହିଁ ।

ରାମ – ମୁଁ ଜାଣେ, ଦେବୀ ଅନସୂୟା ନିଜ ମାତୃସ୍ନେହରେ ତୁମକୁ ଏସବୁ ଦେଇଚନ୍ତି ।

ସୀତା – ଏଇ ଦେଖ ପ୍ରଭୁ, ଆମ କୁଟୀର ଧାରରେ ଏ ବଣମାଳତୀ ଫୁଲ !

ରାମ – ହଁ, ଭାରି ସୁନ୍ଦର ହେଇଚି ।

(ରାମ ଫୁଲ ଆଣି ସୀତାଙ୍କ କେଶରେ ଖୋଷିଲେ ।)

ସୂର୍ପଣଖା – (ମନକୁମନ) ଏଁ, ଏ ପୁରୁଷଟା କ'ଣ ସେ ସ୍ତ୍ରୀଟା ଖୋଷାରେ ଫୁଲ ଖଞ୍ଜିଲାଣି ! ମୁଁ ଥାଉଁ ଥାଉଁ ପୁଣି ସେ ତା' ମଥାରେ ଫୁଲ ଖଞ୍ଜିବ ? ...ନା, ମୁଁ ମାୟାବଳରେ ମୋର ଏ ଅସୁରୁଣୀ ଦେହ ଛାଡ଼ି ଭୁବନମୋହିନୀ ନାରୀ ରୂପରେ ତା' ପାଖକୁ ଯାଏଁ !

(ସୁନ୍ଦରୀ ତରୁଣୀ ରୂପରେ ସୂର୍ପଣଖା ରାମ ସୀତାଙ୍କ ନିକଟକୁ ଆସିଲା ।)

ସୂର୍ପଣଖା–ଜାଣିଚ, ମୁଁ ହଉଚି ଲଙ୍କାର ରାଜା ରାବଣର ଭଉଣୀ ସୂର୍ପଣଖା । ଆମର ଜନ୍ମ ଏଇ ଦଣ୍ଡକାରଣ୍ୟରେ । ପାଞ୍ଚ ଭାଇ ଭିତରୁ ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଲଙ୍କାରେ ରହୁଚନ୍ତି । ଆଉ ଦି'ଭାଇ ଖର ଓ ଦୂଷଣ ଏଇଠି, ମୋ ପାଖରେ ଦଣ୍ଡକାରଣ୍ୟରେ ରହୁଚନ୍ତି । ତୁମେମାନେ କିଏ ?

ରାମ – ଆମେ ?

ସୂର୍ପଣଖା – କହୁନ... ମୋ ପାଖରେ ଲାଜ କରୁଚ କାହିଁକି ? କୁହ, ତୁମେ କିଏ ?

Digitized by srujanika@gmail.com

ରାମ – ମୁଁ ହେଉଚି ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ରାମଚନ୍ଦ୍ର– ଆଉ ସେଠି ସେ ଗଛମୂଳେ ଯିଏ ଠିଆହୋଇଛି ସେ ମୋର ସାନଭାଇ ଲକ୍ଷ୍ମଣ ।

ସୂର୍ପଣଖା – ଆଉ ଇଏ ?

ରାମ – ମୋର ପ୍ରାଣପ୍ରିୟା ଧର୍ମପତ୍ନୀ ସୀତା ।

ସୂର୍ପଣଖା – ଏଇ ସୀତାଟା ତୁମର ସ୍ତ୍ରୀ ? ଛି ! ଏମିତି କନ୍ଦର୍ପଜିଣା ରୂପ ତମର – ଏ ଅସୁନ୍ଦରୀ ସ୍ତ୍ରୀଟାକୁ ତୁମେ ବାହାହେଇଚ ! ତମର ଦିନ ତ ଭାରି ଦୁଃଖରେ କଟୁଥିବ ? ତୁମେ ଏଇଟାକୁ ତଡ଼ିଦିଅ !

ରାମ – ତଡ଼ିଦେବି କାହିଁକି ?

ସୂର୍ପଣଖା – ସେ କଥା ମୁଁ ବୁଝିବି । ତୁମକୁ ଦେଖୁ ଦେଖୁ ମୋ’ ମନ କହୁଚି ତୁମେ ହେଉଚ ମୋ ଯୋଗ୍ୟ ପୁରୁଷ । ମତେ ଦେଖୁଚ ତ ତମେ– ଏ ସୀତାଟା ମୋର କାଣି ନଖକୁ ସରି ନୁହେଁ । ତୁମେ ଆସ – ମୋତେ ବିବାହ କର । ଏମିତି ଭୋଗବିଳାସରେ ତୁମ ଦିନ କଟିବ ଯେ...

ରାମ – ତୁମେ ଚାଲିଯାଅ ଏଠୁ ।

ସୂର୍ପଣଖା – ମତେ ତୁମେ ବିବାହ କରିବ ନାହିଁ ?

ରାମ – ନା ।

ସୂର୍ପଣଖା – କ’ଣ ଏଇ ସୀତା ପାଇଁ ?

ରାମ – ହଁ... ତୁମେ ଚାଲିଯାଅ !

ସୂର୍ପଣଖା – ତୁମର ସେ ଭାଇ ଲକ୍ଷ୍ମଣର ସ୍ତ୍ରୀ ତା’ ସାଥିରେ ଆସିଚି ?

ରାମ – ନା !

ସୂର୍ପଣଖା – ଭଲକଥା... ମୁଁ ଯାଉଚି ତାକୁ ବିବାହ କରିବି ।

(ସୂର୍ପଣଖା ଲକ୍ଷ୍ମଣଙ୍କ ନିକଟକୁ ଗଲା)

ସୂର୍ପଣଖା – ହେ ବୀର ଲକ୍ଷ୍ମଣ ! ତୁମେ ମୋର ପ୍ରିୟ ପୁରୁଷ । ମୁଁ ଜାଣେ, ସ୍ତ୍ରୀ ବିହୁନେ ତମ ଦିନ ଏଠି ଭାରି ଦୁଃଖରେ କଟୁଚି । ମୁଁ ଆସିଚି ତମ ମନ ଜିଣି ତମ ଦୁଃଖ ହରଣ କରିବି । ଚାହିଁ ଦେଖ ମତେ ।

(ଗୀତ) ମୁଁ ତ ବନ ପଞ୍ଚବଟୀ ମନମୋହିନୀ
ପ୍ରିୟ, ମୁଁ ଗୋ ତବ ମନଲାଖି କାମିନୀ । ୦ ।
ହେ ରାଜକୁମାର ଏ ମୋ’
ତନୁ ଭରା ଯୌବନ,

Digitized by srujanika@gmail.com

ତୋଳି ଦେଲି ତୁମ କରେ
ଢାଳି ଦେଲି ପରାଣ,
ପ୍ରେମବନେ ମୁଁ ତ ଛନଛନ ହରିଣୀ
ବାନ୍ଧି ରଖ ହେବି ତବ ମନୋହାରିଣୀ । ୧ ।

ଲକ୍ଷ୍ମଣ – କିଏ ଏଇଟା ! ଗୋଟାଏ ଯୋଗିନୀ, ଡାକିନୀ ନା ଗୋଟାଏ ବଦ୍ଧପାଗଳିନୀ !

ସୂର୍ପଣଖା – (ଗୀତ) ଭାଷ ନାହିଁ ରୋଷବାଣୀ
କିବା କଟୁ ବଚନ
ହେବି ମୁଁ ତୁମକୁ ବିଭା
ପାଳି ବିଧି ବିଧାନ,
ମନେରଖ ମୁଁ ଦାନବ ରାଜା ଭଗିନୀ
ପୁହାଇବି ତୁମ ତୁଲେ ମଧୁ ଯାମିନୀ । ୨ ।

ଲକ୍ଷ୍ମଣ – ଓ, ତୁମେ ମତେ ବିବାହ କରିବ ?

ସୂର୍ପଣଖା – ହଁ । ଦେଖିବ, ମୁଁ ତୁମକୁ ଭୋଗ-ବିଳାସରେ ବୁଡ଼ାଇ ରଖିବି ।

ଲକ୍ଷ୍ମଣ – କହୁଚ ତୁମେ ରାଜକନ୍ୟା...

ସୂର୍ପଣଖା – ହଁ ପରା, ମୁଁ ଲଙ୍କାର ରାଜା ରାବଣର ଭଉଣୀ । ମୋରି ପାଇଁ ସିନା ବିଧାତାପୁରୁଷ ତୁମର ଏ ସୁନ୍ଦର ରୂପକୁ ଗଢ଼ିଥିଲେ ।

ଲକ୍ଷ୍ମଣ – ମୁଁ କିଏ ଜାଣ ? ମୁଁ ହେଉଚି ମୋ ପ୍ରଭୁ ଶ୍ରୀରାମଙ୍କ ଦାସାନୁଦାସ । ମତେ ବିବାହ କଲେ ତୁମେ ଗୋଟିଏ ଦାସୀ ହୋଇ ରହିବ । ମୋ ପ୍ରଭୁପତ୍ନୀ ଦେବୀ ସୀତାଙ୍କ ପଦସେବା କରିବ ।

ସୂର୍ପଣଖା – କ'ଣ ହେଲା, ମୁଁ ହେବି ସୀତାର ଦାସୀ ? ମୁଁ ପୁଣି ତା'ର ପଦ ସେବା କରିବି ? ...ଏଇ ସୀତା ପାଇଁ ତା'ହେଲେ ସବୁ । ନା, ଆଉ ନୁହେଁ । ମୁଁ ପୁଣି ମୋ' ରାକ୍ଷସୀ ରୂପ ଧାରଣ କରି ତାକୁ ଗୋଟାସୁଦ୍ଧା ଗିଳିଦେବି । ...ଲୋ ସୀତା...

(ପୁଣି ରାକ୍ଷସୀ ରୂପରେ ସୂର୍ପଣଖା ଧାଇଁଆସିଲା)

ରାମ – ଲକ୍ଷ୍ମଣ, ଚଞ୍ଚଳ ଏ ରାକ୍ଷସୀଟାର ନାକ କାନ କାଟି ତାକୁ ଉପଯୁକ୍ତ ଶିକ୍ଷା ଦିଅ । (ଲକ୍ଷ୍ମଣ ସୂର୍ପଣଖାର ନାସା କର୍ଣ୍ଣ ଛେଦନକଲେ ।)

× × × × ×

Digitized by srujanika@gmail.com

[ଲଙ୍କାପୁରୀ । ଉଦ୍‌ବିଗ୍ନ ମନରେ ରାବଣ ତା'ର କକ୍ଷରେ ପଦଚାରଣ କରୁଛି । କାନ୍ଦି କାନ୍ଦି ସୂର୍ପଣଖା ଆସିଲା ।]

ସୂର୍ପଣଖା – (କାନ୍ଦି) ଭାଇ !

ରାବଣ – ରାମ ଲକ୍ଷ୍ମଣ ତୋତେ ଏ ଦଣ୍ଡ ଦେଇଚନ୍ତି ?

ସୂର୍ପଣଖା – ତୁମେ କେମିତି ଜାଣିଲ ?

ରାବଣ – ମୁଁ ସବୁ ଜାଣିଚି । ତୋ' ଅପମାନର ପ୍ରତିଶୋଧ ନେବା ପାଇଁ ମୋର ଦୁଇ ଭାଇ ଖର ଓ ଦୂଷଣ ଆଉ ସେମାନଙ୍କର ଚଉଦ ହଜାର ସୈନ୍ୟ ରାମ ଲକ୍ଷ୍ମଣ ସହିତ ଯୁଦ୍ଧ କରି ପ୍ରାଣ ହରାଇଛନ୍ତି । ଦଣ୍ଡକାରଣ୍ୟ ଅସୁରଶୂନ୍ୟ ହେଇଚି । ବଞ୍ଚିଯାଇଥିଲା ଏକମାତ୍ର ଅକମ୍ପନ ରାକ୍ଷସ – ସେଇ ଆସି ମତେ ଏ ସମ୍ବାଦ ଦେଇଚି ।

ସୂର୍ପଣଖା – ଆଉ ସବୁ ଶୁଣି ତୁମେ ନିଶ୍ଚିନ୍ତ ହେଇ ବସିଚ ?

ରାବଣ – ମତେ ଦେଖି ତୁ କହିପାରିଲୁ ଯେ ମୁଁ ନିଶ୍ଚିନ୍ତ ହୋଇ ବସିଚି ? ... ଅବଶ୍ୟ ତୋ' କର୍ମଫଳ ତୁ ଭୋଗୁଚୁ । ମୋର ପ୍ରତିଜ୍ଞା – ମୋର ଜନ୍ମସ୍ଥାନକୁ ଯେଉଁ ଅଧମ ଅର୍ବାଚୀନ ରାମ ଲକ୍ଷ୍ମଣ ଅସୁରଶୂନ୍ୟ କରିଚନ୍ତି, କେବଳ ସେ ଦୁହିଁଙ୍କୁ ନୁହେଁ, ତାଙ୍କର ଜନ୍ମସ୍ଥାନ ଅଯୋଧ୍ୟାପୁରୀକୁ ମୁଁ ନିଶ୍ଚିହ୍ନ କରିଦେବି । ଆଜି ହେବ ମୋର ଯୁଦ୍ଧଯାତ୍ରା ।

ସୂର୍ପଣଖା – ମୁଁ ତୁମର ଭଉଣୀ । ଯେଉଁଥିରେ ତୁମର ମଙ୍ଗଳ ହେବ ମୁଁ ସେଇ କଥା କହୁଚି । ...ରାମ ଲକ୍ଷ୍ମଣ ମାତ୍ର ଦୁଇଜଣ – ଦୁଇ ମାନବ; ଯତିବେଶରେ ବୁଲୁଚନ୍ତି । ସେମାନଙ୍କଠାରେ ଏତେ ଶକ୍ତି କାହୁଁ ଆସିଲା ଯେ ଖର ଦୂଷଣ ଭଳି ବୀର ଆଉ ଚଉଦ ହଜାର ସୈନ୍ୟଙ୍କୁ ସେମାନେ ହତ କରିପାରିଲେ ? ମୁଁ ଦେଖିଚି ରାମର ଧନୁଟଙ୍କାରରେ ବ୍ରହ୍ମାଣ୍ଡ କମ୍ପି ଉଠୁଥାଏ । ତମେ ସେମାନଙ୍କ ସହିତ ଯୁଦ୍ଧ କରନାହିଁ ।

ରାବଣ – (ଚିନ୍ତାକରି) ହୁଁ ! ଛାର ମାନବ ଦି'ଟା ! ଆହାର ବଣଫଳ । ଅଥଚ ରାମଚନ୍ଦ୍ରର ଧନୁଟଙ୍କାରରେ ବ୍ରହ୍ମାଣ୍ଡ କମ୍ପି ଉଠୁଚି । ...ରାମ କ'ଣ ତେବେ ମାନବ ରୂପରେ ଅତିମାନବ ଶକ୍ତିର ଅଧିକାରୀ ! ନା– ନା– ଏ ଚିନ୍ତା ମୁଁ...

ସୂର୍ପଣଖା – ମୁଁ କହୁଚି ଭାଇ, ସୀତା ପରି ରୂପବତୀ ଗୁଣବତୀ ସ୍ତ୍ରୀ ଏ ତ୍ରିଭୁବନରେ ନାହିଁ । ତୁମେ କଳେ ବଳେ କୌଶଳେ ସୀତାକୁ ହରଣ

Digitized by srujanika@gmail.com

କରିଆଣ । ସେତିକିରେ ତୁମ ପ୍ରତିଶୋଧ ସମ୍ପୂର୍ଣ୍ଣ ହେବ ।

ରାବଣ – ତୁ ଠିକ୍ କହିଚୁ । ମୁଁ ସୀତାକୁ ଅପହରଣ କରି ଆଣିବି । ସେଇ ଚିନ୍ତାରେ ରାମ ଦୁର୍ବଳ ଓ କ୍ଷୀଣ ହୋଇପଡ଼ିବ । ତା'ର ଆପେ ଆପେ ମୃତ୍ୟୁ ହେବ । ...କିନ୍ତୁ କିପରି କି ଉପାୟରେ ସୀତାକୁ ଆଣିବି ? ହୁଁ... ମାରିଚ... ମାୟାବୀ ସେ – ଯାଦୁବିଦ୍ୟାରେ ସେ ଧୁରନ୍ଧର । ମାରୀଚର ମାୟାବଳରେ ମୁଁ ସୀତାକୁ ହରଣ କରି ଆଣିବି । ...ମୁଁ ବର୍ତ୍ତମାନ ମାରୀଚ ପାଖକୁ ଯାଉଚି । (ପ୍ରସ୍ଥାନ)

ସୂର୍ପଣଖା – ଭାଇ ମୋର କହିଲା ମୋ କର୍ମଫଳ ମୁଁ ଭୋଗୁଚି । ହଁ, ମୁଁ ଅଲକ୍ଷଣୀ, ଅଭାଗିନୀ । ସୀତାହରଣ କଥା ଭାଇକୁ ମୁଁ କହିଚି । କେମିତି ମୋ ପାପରୁ ମୁଁ ମୁକ୍ତ ହେବି ? କେମିତି ପ୍ରଭୁ ରଘୁପତିଙ୍କ କୃପା ଲାଭ କରିବି ?

ଶୂନ୍ୟବାଣୀ – ଶୁଣ ସୂର୍ପଣଖା ! ରାବଣକୁ ସୀତାହରଣ ବୁଦ୍ଧି ଦେଇ ତୁ ଉଚିତ କର୍ମ କରିଚୁ ; ମାତ୍ର ଏ ତ୍ରେତୟା ଯୁଗରେ ତୁ ଭଗବାନ ଶ୍ରୀବିଷ୍ଣୁଙ୍କ ଅବତାର ନରରୂପୀ ରାମଚନ୍ଦ୍ରଙ୍କ କୃପା ଲାଭ କରିପାରିବୁ ନାହିଁ । ତୁ ଏବେ ପୁଷ୍କର ତୀର୍ଥକୁ ଯାଇ କଠୋର ତପ ସାଧନା କର । ତୋ' ତପସ୍ୟାର ତୁଷ୍ଟହୋଇ ବ୍ରହ୍ମା ତୋତେ ବର ପ୍ରଦାନ କରିବେ । ଦ୍ୱାପର ଯୁଗରେ ତୁ ମଥୁରାପୁରୀରେ କୁବୁଜା ହୋଇ ଜନ୍ମ ହେବୁ । ରାମଚନ୍ଦ୍ର ଗୋପପୁରରେ କୃଷ୍ଣରୂପରେ ଜନ୍ମ ହେବେ । କୃଷ୍ଣଙ୍କ ମଥୁରା ଯାତ୍ରାବେଳେ ତାଙ୍କ କରସ୍ପର୍ଶରେ ତୋର କୁରୂପ ଉଭେଇଯିବ । ତୁ ହେବୁ ଅପରୂପା ସୁନ୍ଦରୀ । ସେଇଠି ସେ ତୋତେ ପ୍ରାପ୍ତହେବେ ।

ସୂର୍ପଣଖା – (ବିହ୍ୱଳ ହୋଇ) ରାମଚନ୍ଦ୍ର ନରରୂପୀ ନାରାୟଣ ! ଦ୍ୱାପର ଯୁଗରେ ତାଙ୍କର କରସ୍ପର୍ଶ ମୁଁ ଲାଭକରିବି ! ସେ ମତେ ପ୍ରାପ୍ତ ହେବେ !

(ଗୀତ)

ସ୍ୱର୍ଗଧାମୁ କିଏ ତୁମେ ଦେବତା, ଶୁଣାଇଲ ମତେ ଏହି ବାରତା ॥
କର୍ଣ୍ଣେ ଅମୃତ ମୋହର ଢାଳିଲ, ତପ୍ତ ବାଲୁକାରେ ବାରି ସିଞ୍ଚିଲ ॥
ରାଜକୁଳେ ଲଭିଥିଲି ଜନମ, ପାଇଥିଲି ମାତ୍ର ହୀନ କରମ ॥
ଏବେ କରିବି ପୁଷ୍କରେ ଗମନ, ଘୋର ତପେ ମୁଁ ହୋଇବି ମଗନ ॥
କ୍ରମେ ଏ ତନୁ ମାଟିରେ ମିଶିବ, ଯୁଗ ତ୍ରେତୟା ଅତୀତ ହୋଇବ ॥

Digitized by srujanika@gmail.com

ଯୁଗ ଦ୍ୱାପରେ ହେ ପ୍ରଭୁ ଶ୍ରୀରାମ, ସତେ ହେବ ଟିକି ଗୋପେ ଜନମ ।
ସତେ ମଥୁରା ନାରୀ ମୁଁ ହୋଇବି, ତୁମ କରସ୍ପର୍ଶ ଅବା ମୁଁ ପାଇବି ।
ଯେବେ ଏ ଭାଗ୍ୟ ମୋର ହୋଇବ, ତୁମ ଭାବଗ୍ରାହୀ ନାମ ରହିବ ।।

× × × × ×

[ସମୁଦ୍ର ତୀର – ରାବଣ ଓ ମାରୀଚ]

ରାବଣ – ମୋ ମୁଖରୁ ସବୁ କଥା ଶୁଣି ସାରିଲା ପରେ ମଧ ତୁମେ ମୋତେ ଏ ଉପଦେଶ ଦେଉଚ ? ତୁମଠୁଁ ଏଇ ନିଷ୍ଫଳ ଉପଦେଶ ଶୁଣିବି ବୋଲି କ'ଣ ମୁଁ ଲଙ୍କାଗଡ଼ରୁ ଏଠିକି ଧାଇଁଆସିଥିଲି ?

ମାରୀଚ – ମୁଁ ତମର ମଙ୍ଗଳାକାଙ୍କ୍ଷୀ ଲଙ୍କାପତି ! ଏ ଘଟଣାରେ ମୁଁ କେବଳ ତୁମକୁ ଏଇ ଉପଦେଶ ଦେବି ଯେ ପରନାରୀ ହରଣ କରନାହିଁ– ରାମଚନ୍ଦ୍ରଙ୍କ ସହିତ ଶତ୍ରୁତା କରି ନିଜର ମୃତ୍ୟୁ ବରଣ କରନାହିଁ – ନିଜର ବଂଶ ନାଶ କରନାହିଁ ।

ରାବଣ – ଅସୁରକୁଳରେ ଜାତ ହୋଇ ମଧ ଏ ପର୍ଯ୍ୟନ୍ତ ତା'ହେଲେ ତୁମେ ମତେ ଚିହ୍ନିପାରିଲ ନାହିଁ ମାରୀଚ !

ମାରୀଚ – ଚିହ୍ନିଚି ଲଙ୍କାପତି – ଆଉ ମଧ ଚିହ୍ନିଚି ସେଇ ଅମିତ ବଳଶାଳୀ ପରମପୁରୁଷ ରାମଚନ୍ଦ୍ରଙ୍କୁ ।

ରାବଣ – (ରାଗି) ମାରୀଚ !

ମାରୀଚ – ରାମଚନ୍ଦ୍ରଙ୍କ ସହିତ ତୁଳନା କଲି ବୋଲି ଅପମାନ ବୋଧକଲ ବତ୍ସ ?

ରାବଣ – ତୁମେ ମୋର ଆତ୍ମୀୟ, ବୟୋଜ୍ୟେଷ୍ଠ । ଅସୁରବସତି ବାହାରେ ଏ ସମୁଦ୍ରତୀରରେ ରହି ସାଧୁ ଜୀବନ ଯାପନ କରୁଚ ବୋଲି ତମ ପ୍ରତି ମୋର ଭକ୍ତି ରହିଚି । କିନ୍ତୁ ମାୟାବଳରେ ସୀତାହରଣ ପାଇଁ ତୁମେ ମୋତେ ସାହାଯ୍ୟ ନ କଲେ...

ମାରୀଚ – ତୁମେ ମତେ ହତ୍ୟା କରିବ – ଏଇଆ ତ ?

ରାବଣ – ସୀତା ହରଣ ପାଇଁ ମୁଁ ଦୃଢ଼ ସଂକଳ୍ପ । ଏଥିରେ ମୋତେ ବାଧାଦେଲେ ତୁମକୁ କ୍ଷମା ଦେଇପାରିବି ନାହିଁ ମାରୀଚ !

ମାରୀଚ – ମୃତ୍ୟୁକୁ ମୋର ଭୟ ନାହିଁ ଲଙ୍କେଶ ! କିନ୍ତୁ ତୁମ ହାତରେ ଜୀବନଦେଇ ମୋର ଆତ୍ମାକୁ କଳୁଷିତ କରିବିନାହିଁ । ମୋର ମୃତ୍ୟୁ ହବ

Digitized by srujanika@gmail.com

ସେହି ପତିତପାବନ ଶ୍ରୀରାମଙ୍କ ହସ୍ତରେ । ତୁମକୁ ମୁଁ ସାହାଯ୍ୟ କରିବି । ତୁମ କଥା ଅନୁସାରେ ମାୟାମୃଗ ରୂପ ଧାରଣ କରି ମୁଁ ପଞ୍ଚବଟୀ ଯିବି । ଠାକୁରାଣୀ ମତେ ଦେଖି ଭଳିଯିବେ । ଲକ୍ଷ୍ମଣଙ୍କୁ କୁଟୀର ଜଗାଇ ପ୍ରଭୁ ମତେ ଧରିବାପାଇଁ ଧାଇଁବେ । ମାୟା ବଳରେ ମୁଁ ପ୍ରଭୁଙ୍କୁ ଦୂରକୁ ଦୂରକୁ ନେଇଯିବି । ତା'ପରେ ପ୍ରଭୁ ମୋତେ ଶରବିଦ୍ଧ କରିବେ । ମୁଁ ପ୍ରଭୁଙ୍କ ସ୍ୱର ଅନୁକରଣ କରି 'ତ୍ରାହି ଲକ୍ଷ୍ମଣ' ଡାକ ଦେବି ।

ରାବଣ – ତା'ପରେ ଲକ୍ଷ୍ମଣ କୁଟୀର ଦ୍ୱାର ଛାଡ଼ି ଚାଲିଯିବ – ଆଉ ମୁଁ ପୁଷ୍ପକ ବିମାନରେ ସୀତାକୁ ହରଣ କରିନେଇ ଲଙ୍କାଗଡ଼ରେ ମୋର ରାଣୀ କରି ରଖିବି । ହାଃ – ହାଃ – ହାଃ... (ପ୍ରସ୍ଥାନ)

× × × × ×

[ପଞ୍ଚବଟୀ କୁଟୀର । ରାମ ଓ ସୀତା । ଅଦୂରରେ ମାୟାମୃଗ ଦେଖାଦେଲା ।]

ସୀତା – ଏଇ ଦେଖ... ଦେଖ ପ୍ରଭୁ ! ଏଇ ମୃଗଟିକୁ ଦେଖ ! କି ସୁନ୍ଦର ତା' ଦେହର ଶୋଭା !

ରାମ – ସତେ ତ ! ଏଭଳି ମୃଗ ମୁଁ କେବେ କୋଉଠି ଦେଖିନାହିଁ । ଯାହା କୁହନ୍ତି – ସ୍ୱର୍ଣ୍ଣମୃଗ ।

ସୀତା – ହଁ, ସୁନା ରଙ୍ଗର ଦେହ ଉପରେ ଆଉ କେତେ ରଙ୍ଗର ଟୋପା ଝଟକୁଚି । ପୁଣି କି ସୁନ୍ଦର ଛନଛନ ଆଖି !

ରାମ – ଏକ ଦୃଷ୍ଟିରେ ତମଆଡ଼କୁ ଚାହିଁରହିଚି ।

ସୀତା – କାହିଁକି ?

ରାମ – ଯଦି କାହାର ପୋଷା ହରିଣ ହୋଇଥାଏ – ଡାକିଲେ ଆସିବ ।

ସୀତା – ଆ', ଆରେ ସୁନାହରିଣ, ଆ । ...ଏଁ ! ପଳେଇଗଲା ! ...ଆଉ ଆସିବ ନାହିଁ ?

ରାମ – ଗଲା କୁଆଡ଼େ ? ପଲକପାତରେ ଯେମିତି କୁଆଡ଼େ ଉଭେଇଗଲା । (ଡାକିଲେ) ଲକ୍ଷ୍ମଣ !

ଲକ୍ଷ୍ମଣ – ମୁଁ ଦେଖିଚି ପ୍ରଭୁ । ଏଇଟା କେବେହେଲେ ପ୍ରକୃତ ମୃଗ ନୁହେଁ । ନିଶ୍ଚୟ କେହି ଅସୁରର ମାୟା !

ସୀତା– ଏଇ, ପୁଣି ଆସିଲାଣି । ମତେ ତାକୁ ଆଣିଦିଅ ପ୍ରଭୁ ! ମୁଁ ତାକୁ

Digitized by srujanika@gmail.com

ପାଳିବି ପୋଷିବି, ବନବାସ ପରେ ସାଥିରେ ଅଯୋଧ୍ୟା ନେଇଯିବି ।

ଲକ୍ଷ୍ମଣ – ଏଇ ଦେଖ ଦେବୀ ! ଅନ୍ୟ ମୃଗମାନେ ତା' ଦେହର ଗନ୍ଧ ବାରି ଭୟରେ ତା'ଠାରୁ ଦୂରକୁ ପଳେଇଯାଉଛନ୍ତି । ସୁନା ହରିଣର ଜନ୍ମ ଏକାବେଳକେ ଅସମ୍ଭବ । ଏ ନିଶ୍ଚୟ ମାୟାମୃଗ । ଖର ଦୂଷଣର ମୃତ୍ୟୁ ପରେ ନିଶ୍ଚୟ କେହି ଅସୁର...

ସୀତା – ତୁମେ ରୁହ ଲକ୍ଷ୍ମଣ ! ...ଯାଅ ପ୍ରଭୁ, ସେ କାଳେ ପୁଣି ପଳେଇଯିବ... ଯାଅ ଚଞ୍ଚଳ । କିଛି କହୁନ ଯେ – ମୋର ଏଇ ସାମାନ୍ୟ କଥା ରଖିବ ନାହିଁ ?

ରାମ – ବନବାସକୁ ଆସିଲା ଦିନୁ ତୁମେ କେବେ କୋଉ କଥାରେ ମୋ' ପାଖରେ ଏମିତି ଅଳି କରିନଥିଲ । ତମ କଥା ରଖି ମୁଁ ଯାଉଚି । ...ଲକ୍ଷ୍ମଣ, ଜାନକୀ ରହିଲେ । ମୁଁ ଫେରିବା ପର୍ଯ୍ୟନ୍ତ ତୁ କୁଟୀରଦ୍ୱାର ଛାଡ଼ି କୁଆଡ଼େ ଯିବୁନାହିଁ, ମୁଁ ଯାଏଁ । (ପ୍ରସ୍ଥାନ)

× × × × ×

[ବନଭୂମି । ମାୟାମୃଗ ପଛରେ ରାମଚନ୍ଦ୍ର ଧାଉଁଛନ୍ତି ।]

ରାମ – କାହିଁ, ଆଉ ତ ଦୃଷ୍ଟିଗୋଚର ହେଉନାହିଁ ? ଗଲା କୁଆଡ଼େ ? ଏଇ, ଏ ଶିଆଳି ଲଟା ଉଢ଼ାଳରେ ଧୀରେ ଧୀରେ ଯାଉଚି । ଏଇଥର ଧରିବି ।

(ଗୀତ) ହେମ ହରିଣୀ ଧୀରେ ଧାମନ୍ତେ ସୁନ୍ଦର ଧରଣୀ ।
ଧରୁ ଧରୁ କରୁ ମୃଗ ପଳାବନ୍ତେ
ଗୋଡ଼ାଉଛନ୍ତି ରଘୁମଣି । ୦ ।
କେତେବେଳେ ମୃଗ ଦୃଷ୍ଟି କି ନ ଦିଶେ
କେତେବେଳେ ଦୃଷ୍ଟିଗୋଚର
କେତେବେଳେ ଦୂରେ କେତେବେଳେ ପାଖେ
ରାମଙ୍କୁ ହେଲା ଅଗୋଚର । ୧ ।

ରାମ – ନା, ଆଉ ନୁହେଁ । ଥରକୁ ଥର ହାତ ପାଖକୁ ଆସି ପୁଣି କୁଆଡ଼େ ଛପିଯାଉଚି । କୁଟୀର ପାଖରୁ ମୁଁ ବହୁତ ଦୂର ଚାଲିଆସିଲିଣି । ଏଇ, ମୋରି ଆଡ଼କୁ ଆସୁଚି । ଏଇଥର ମୁଁ ତୀର ବିନ୍ଧିବି । (ତୀର ପ୍ରୟୋଗ କଲେ)

Digitized by srujanika@gmail.com

ରାମଙ୍କ ସ୍ୱର – ତ୍ରାହି ଲକ୍ଷ୍ମଣ, ତ୍ରାହି ଲକ୍ଷ୍ମଣ !
ରାମ – ଏଁ... ମୃଗ କାହିଁ । ତୀରବିଦ୍ଧ ହୋଇ କିଏ ଏଠି ପଡ଼ିଛି ?
ମାରୀଚ – ଆଃ... (ତୀରବିଦ୍ଧ ହୋଇ ମାରୀଚ ପଡ଼ିଚି)
ରାମ – କିଏ ? ମାରୀଚ ? ମାରୀଚ ତୁମେ ?
ମାରୀଚ – ହଁ ପ୍ରଭୁ, ମୁଁ ସେଇ ମାୟାମୃଗ । ତମ ହାତରେ ପ୍ରାଣ ଦେଇ ମୁଁ ଧନ୍ୟ ହେଲି । ଚଞ୍ଚଳ କୁଟୀରକୁ ଫେରିଯାଅ ପ୍ରଭୁ, ଠାକୁରାଣୀ ଏକୁଟିଆ ଥିବେ, ଚଞ୍ଚଳ ଯାଅ ! ...ଆଃ । (ମୃତ୍ୟୁ)
ରାମ – ମାରୀଚ ! ନା, ମାରୀଚ ଆଉ ନାହିଁ । ହେଲେ କ'ଣ ଏ ରହସ୍ୟ– କାହିଁକି ଏ ଡାକ ସେ ଡାକିଲା ? ...ନା, ମୁଁ ଯାଏ ।

× × × × ×

[ପଞ୍ଚବଟୀ କୁଟୀର । ସୀତା ଓ ଲକ୍ଷ୍ମଣ ।]

ଲକ୍ଷ୍ମଣ – ଯାହାଙ୍କର ସାମାନ୍ୟ ଭ୍ରୂକୁଟିରେ ଏ ତ୍ରିଭୁବନ ପ୍ରମାଦ ଗଣିବ, ଏ ପଞ୍ଚବଟୀରେ ତାଙ୍କର କି ବିପଦ ହୋଇପାରେ ବୋଲି ତୁମେ ଆଶଙ୍କା କରୁଚ ଦେବୀ !
ସୀତା – (କାନ୍ଦି) ନାଇଁ ଲକ୍ଷ୍ମଣ, ତୁମେ ଯାଅ ! କି ଆକୁଳ କଣ୍ଠରେ ସେ ଡାକିଲେ – ତ୍ରାହି ଲକ୍ଷ୍ମଣ, ତ୍ରାହି ଲକ୍ଷ୍ମଣ...
ଲକ୍ଷ୍ମଣ – ମୁଁ ସେ ଡାକ ଶୁଣିଚି ଦେବୀ ! ମାୟାମୃଗ ପରି ଏହା ଆଉ ଏକ ମାୟା ।
ସୀତା – ଲକ୍ଷ୍ମଣ ! ଏତେ ନିର୍ଦ୍ଦୟ, ଏତେ ନିଷ୍ଠୁର ତ ତୁମେ କେବେ ନଥିଲ ? ତମ ଭାଇଙ୍କର ଏ ଚରମ ବିପତ୍ତିରେ ବି ତମ ମନ ଟିକିଏ ଟଳୁ ନାହିଁ ?
ଲକ୍ଷ୍ମଣ – ମତେ ଏ ବିଷମ ପରୀକ୍ଷାରେ ପକାଅ ନାହିଁ ଦେବୀ ! ମୋ ପ୍ରଭୁଙ୍କ ଆଜ୍ଞା ମୁଁ ଅମାନ୍ୟ କରିପାରିବି ନାହିଁ ।
ସୀତା – ତୁମେ ତା'ହେଲେ ଯିବ ନାହିଁ ?
ଲକ୍ଷ୍ମଣ – ନା । ତମକୁ ଏଠି ଏକୁଟିଆ ଛାଡ଼ି ଯାଇପାରିବି ନାହିଁ ।
ସୀତା – ତା'ହେଲେ ତ ମୋ ଆଶଙ୍କା ଠିକ୍ !
ଲକ୍ଷ୍ମଣ – ଆଶଙ୍କା ?
ସୀତା – ତମର ପାପଦୃଷ୍ଟି ମୋ' ଉପରେ ପଡ଼ିଚି । ତୁମେ ଚାହଁ ତମ ଭାଇ ତେଣେ ମୃତ୍ୟୁମୁଖରେ ପଡ଼ନ୍ତୁ, ଆଉ ତୁମେ ମତେ ନେଇ...

Digitized by srujanika@gmail.com

ଲକ୍ଷ୍ମଣ – ଓଃ, ଦେବୀ ! ତମର ଏ ଅଧମ ସନ୍ତାନକୁ ତୁମେ ଏ କଥା କହିପାରିଲ ? ଧନୁଭଙ୍ଗ ପରଠୁ ମୁଁ ତୁମକୁ ମୋର ପରମପୂଜ୍ୟା ମାତା ରୂପେ ପୂଜାକରିଆସିଚି । ଆଜି ମୋ ଉପରେ ଏ ବଜ୍ରପାତ ! ନାଁ, ମୁଁ ଆଉ କିଛି କହିପାରୁନି । ମୋ କଣ୍ଠରୋଧ ହୋଇଆସୁଛି । ମୁଁ ଜାଣେ, ସମଗ୍ର ପଞ୍ଚବଟୀ ଆଜି ଅସୁର ମାୟା କବଳରେ ପଡ଼ିଚି । ତଥାପି ତମର ଏ ଅଭିଯୋଗ ସହିନପାରି ମୁଁ ଯାଉଚି । ଯିବା ପୂର୍ବରୁ ମୋର ଶେଷ କର୍ତ୍ତବ୍ୟ ମୁଁ କରିଯାଉଚି । କୁଟୀର ସମ୍ମୁଖ ଏ ଭୂଇଁରେ ମୋର ଏ ଶରମୂନରେ ମୁଁ ତିନୋଟି ରେଖା କାଟି ଦଉଚି । ମୋର ନିବେଦନ, ସୃଷ୍ଟି ରସାତଳକୁ ଗଲେ ସୁଦ୍ଧା ତୁମେ ଏ ରେଖା ଅତିକ୍ରମ କରି ଯିବ ନାହିଁ ।

ସୀତା – ତୁମ କଥା ମୁଁ ରଖିବି ଲକ୍ଷ୍ମଣ, ତୁମେ ଯାଅ ! ପ୍ରଭୁଙ୍କ କୁଶଳ ସମ୍ବାଦ ଆଣି ମତେ ଦିଅ ।

[ଲକ୍ଷ୍ମଣଙ୍କ ପ୍ରସ୍ଥାନ । ସୀତାଙ୍କ ଅଲକ୍ଷ୍ୟରେ ସେଠିକି ଆସିଲା ରାବଣ]

ରାବଣ – (ମନକୁ ମନ) ବର୍ତ୍ତମାନ ସୀତା କୁଟୀରରେ ଏକାକିନୀ । ପୁଷ୍ପକ ବିମାନ ଏଠି ଥାଉ । ମୋ ନିଜ ରୂପ ଛାଡ଼ି ଯୋଗୀବେଶରେ ମୁଁ କୁଟୀରକୁ ଯିବି ।

[ବନପଥ । ରାମ ଫେରୁଚନ୍ତି । ଲକ୍ଷ୍ମଣ ସହିତ ଭେଟହେଲା]

ରାମ – ଏ କ'ଣ ଲକ୍ଷ୍ମଣ ? କୁଟୀର ଛାଡ଼ି ତୁ ଏଠି ?

ଲକ୍ଷ୍ମଣ – ତମର ତ୍ରାହି ଲକ୍ଷ୍ମଣ ଡାକ ଶୁଣି...

ରାମ – ବୁଝିପାରିଲୁ ନାହିଁ ଏ ଡାକ ଅସୁରର ମାୟା ?

ଲକ୍ଷ୍ମଣ – ମୁଁ ବୁଝିଥିଲି । ମାତ୍ର... ତୁମେ ଆସ ଭାଇ ! ଦେବୀ ତେଣେ କୁଟୀରରେ ଏକାକିନୀ । ତୁମେ ଆସ – ମୁଁ ସବୁ କହୁଚି ।

× × × × ×

[ଯୋଗୀ ବେଶରେ ରାବଣ କୁଟୀର ନିକଟକୁ ଆସିଲା]

ରାବଣ – (ମନକୁ ମନ) ଏଇ ସେ ରେଖା ଲକ୍ଷ୍ମଣ ଏଠି କାଟି ଦେଇଯାଇଚି । ନିର୍ବୋଧ ସେ, ଜାଣେ ନାହିଁ ଯେ ଏ ରେଖାର ରହସ୍ୟ ମୁଁ ଜାଣେ । ...ଏ ରେଖା ଅତିକ୍ରମ କରି ମୁଁ ସେ ପଟକୁ ଯିବିନାହିଁ । (ଉଚ୍ଚଗଳାରେ) ଭିକ୍ଷାଂ ଦେହି ! ଭିକ୍ଷାଂ ଦେହି !

ସୀତା – କିଏ ?

Digitized by srujanika@gmail.com

ରାବଣ – ଭିକ୍ଷାଞ୍ଜୁଳି ହାତରେ ଜଣେ ଯୋଗୀ । ଭିକ୍ଷା ଦିଅ ।

ସୀତା – ପ୍ରଣାମ ଯୋଗୀରାଜ ! ମୁହୂର୍ତ୍ତେ ଅପେକ୍ଷା କରନ୍ତୁ – ମୁଁ ଭିକ୍ଷା ଆଣୁଚି ।

ରାବଣ – (ମନକୁମନ) ଆଶ୍ଚର୍ଯ୍ୟ ! ବହୁଦିନତଳେ କୁଶଧ୍ୱଜ କନ୍ୟା ବେଦମତୀକୁ ଦେଖିଥିଲି । ସିଏ ତ ସେଦିନ ପ୍ରଜ୍ୱଳିତ ଅଗ୍ନିରେ ତା'ଦେହ ବିସର୍ଜନ କରିଥିଲା । ଆଉ ଆଜି ଏଠି ଦେଖୁଚି ଠିକ୍ ସେଇ ବେଦମତୀର ପ୍ରତିରୂପ – ଶୁଣୁଚି ତା'ରି କଣ୍ଠସ୍ୱର । ...ନା, ନା, ଏ ମୋର ଭ୍ରମ । ଦିନେ ବେଦମତୀକୁ ଦେଖି ମୋ' ମନରେ ଯେଉଁ କାମନାର ଅଗ୍ନି ଜଳିଥିଲା, ତାକୁ ଏବେ ପ୍ରଶମିତ କରିବ ଏଇ ଶ୍ରୀରାମଗୃହିଣୀ ସୀତା ।

ସୀତା – ଭିକ୍ଷା ନିଅନ୍ତୁ !

ରାବଣ – ଦିଅ !

ସୀତା – ଦୟାକରି କୁଟୀର ଦ୍ୱାରକୁ ଉଠିଆସନ୍ତୁ ।

ରାବଣ – କୁଟୀରରେ ଦେବୀ ନିଶ୍ଚୟ ଏକାକିନୀ ?

ସୀତା – ହଁ . . .

ରାବଣ – ଯୋଗୀ ହେଲେ ବି ମୁଁ ପୁରୁଷ । କୁଟୀର ଦ୍ୱାରକୁ ଉଠିବା ମୋ' ପକ୍ଷରେ ଉଚିତ ହେବନାହିଁ । ଏଇଠି ଥାଇ ମୁଁ ଭିକ୍ଷା ଗ୍ରହଣ କରିବି ।

ସୀତା – କ୍ଷମାକରିବେ, ମୁଁ ଏ ରେଖା ଅତିକ୍ରମ କରି ଯାଇପାରିବି ନାହିଁ ।

ରାବଣ – ଓ ! ...ଭଲକଥା ।

ସୀତା – ଆପଣ କଣ ଫେରିଯାଉଚନ୍ତି ?

ରାବଣ – ଆଉ ଉପାୟ କ'ଣ ? (ଗୀତ)

ରାବଣ – କ୍ଷୁଧାତୁର ଏକ ଯୋଗୀ ଆସିଥିଲି
କ୍ଷୁଧା ନିବାରଣ ପାଇଁ,
ଶ୍ରୀରାମ ଗୃହିଣୀ ସୀତା ଠାକୁରାଣୀ
ଭିକ୍ଷା ମୁଠେ ଦେଲେନାହିଁ । ୧ ।

ସୀତା – କରନାହିଁ ରୋଷ ଆହେ ଯୋଗୀଈଶ,
ଏତିକି ମାତ୍ର ମୋ ଅଳି । ୨ ।

ରାବଣ – ତୁମେ ଯେବେ ତୁମ କୁଟୀର ଦୁଆର
ରେଖାକୁ ରହୁଚ ଡରି,

Digitized by srujanika@gmail.com

କେଉଁ ନୀତି ବଳେ କହୁଅଛ ମତେ
ହେବାକୁ ଏ ରେଖା ପାରି ? । ୩ ।
ଅନାହାରେ ଶ୍ରେୟ ମରଣ ମୋହର
ସଂସାରତ୍ୟାଗୀ ମୁଁ ଯୋଗୀ,
ଜାଣେନି ମୁଁ କିସ ଏ ରେଖା ରହସ୍ୟ
ହେବି କିମ୍ବା ପାପେ ଭାଗୀ । ୪ ।

ସୀତା – କୁଳବଧୂ ମୁହିଁ ରଖିବି ନିୟତେ
ପୂର୍ବପୁରୁଷଙ୍କ ମାନ
ତୁମେ ଅନାହାରେ ଫେରିଲେ ହୋଇବ
ମୋ ସ୍ୱାମୀଙ୍କ ଅକଲ୍ୟାଣ । ୫ ।
କୁଟୀରୁ ଓହ୍ଲାଇ ଦେବି ଭିକ୍ଷା ମୁହିଁ
ଅତିକ୍ରମି ଏଇ ରେଖା
ଜାଣେନା ଏ କ୍ଷଣେ ପଞ୍ଚବଟୀ ବନେ
କି ଅଛି ମୋ ଭାଗ୍ୟେ ଲେଖା । ୬।

(ସୀତା ରେଖା ଅତିକ୍ରମକରି ଆସିଲେ)

ସୀତା–ମୁଁ ରେଖା ଅତିକ୍ରମ କରି ଆସିଚି ଯୋଗୀରାଜ, ଭିକ୍ଷା ଗ୍ରହଣ କରନ୍ତୁ ।

ରାବଣ – ତମ ହାତର ଏ ଭିକ୍ଷା ତ ମୁଁ ଚାହେଁନା ସୁନ୍ଦରୀ !

ସୀତା – (ଡରି) ଆଉ କି ଭିକ୍ଷା ଆପଣ ଚାହାଁନ୍ତି ?

ରାବଣ – ତମର ଏଇ ସୁନା ହାତ ବିଅଟି ମୁଁ ଚାହେଁ ।

(ରାବଣ ସୀତାଙ୍କ ହାତକୁ ଧରିରଖିଲା)

ସୀତା – ଏ କ'ଣ – ମୋ' ହାତ ଛାଡ଼ନ୍ତୁ ! ହାତ ଛାଡ଼ନ୍ତୁ ଯୋଗୀରାଜ !

ରାବଣ – ଯୋଗୀରାଜ ! (ହସିଉଠି) ମୁଁ ଯୋଗୀରାଜ ନୁହେଁ ଜାନକୀ, ମୁଁ ଦୈତ୍ୟରାଜ । ଏଇ ଦେଖ ମୋର ପ୍ରକୃତ ରୂପ ।

(ରାବଣ ନିଜ ରାକ୍ଷସ ରୂପରେ ଦେଖାଦେଲା)

ସୀତା – କିଏ ? କିଏ ତୁମେ ?

ରାବଣ – ଲଙ୍କାଧିପତି ରାବଣକୁ ଚିହ୍ନିପାରୁନା ସୁନ୍ଦରୀ ?

ସୀତା – (ଉଚ୍ଚସ୍ୱରରେ) ମତେ ରକ୍ଷାକରନ୍ତୁ ପ୍ରଭୁ ରଘୁବୀର... ମତେ ରକ୍ଷା କରନ୍ତୁ !... ଲକ୍ଷ୍ମଣ, କାହିଁ ଗଲ ତୁମେ ? ଏ ଦୁଷ୍ଟ ହାତରୁ ମତେ ବଞ୍ଚାଅ !

Digitized by srujanika@gmail.com

ରାବଣ – କେହି ତୁମକୁ ବଞ୍ଚାଇ ପାରିବ ନାହିଁ ସୀତା ! ଏଇ ଦେଖ ମୋର ଭୁବନବିଖ୍ୟାତ ପୁଷ୍ପକ ରଥ । ରାମ ଲକ୍ଷ୍ମଣ କୁଟୀରକୁ ଫେରିବା ପୂର୍ବରୁ ପୁଷ୍ପକ ତୁମକୁ ନେଇ ଲଙ୍କାରେ ପହଞ୍ଚାଇ ଦେଇଥିବ । ...ଆସ, ରଥକୁ ଆସ । (ରାବଣ ବଳପୂର୍ବକ ସୀତାଙ୍କୁ ନେଇ ରଥରେ ବସାଇଲା ।)

ସୀତା – ନା, ନା, ମତେ ଛାଡ଼ିଦିଅ । ତମ ପାଦଧରି ମୁଁ ଗୁହାରି କରୁଚି ଲଙ୍କାପତି, ମତେ ଛାଡ଼ିଦିଅ ! ଯାହାଙ୍କ ପାଇଁ ଚଉଦ ବର୍ଷର ବନବାସ କଷ୍ଟକୁ ମୁଁ ତୁଚ୍ଛ କରିଚି, ତାଙ୍କୁ ଛାଡ଼ି ମୁଁ ମୁହୂର୍ତ୍ତେ ରହିପାରିବି ନାହିଁ; ମତେ ଛାଡ଼ିଦିଅ !

ରାବଣ – ରଥ ଆକାଶମାର୍ଗକୁ ଉଠିଲାଣି ସୁନ୍ଦରୀ !

ସୀତା – ପାପୀ... ଦୁରାଚାରୀ... ମୁଁ ତୋତେ ଅଭିଶାପ ଦେଉଚି । ...କୁଟୀରରେ ମୋ' ସ୍ୱାମୀ, ଦେବର ନଥିଲେ – ମୁଁ ଏକାକିନୀ, ତୁ ମତେ ଅପହରଣ କରିନେଉଚୁ । ତୋର ଲଙ୍କାପୁରୀ ଧ୍ୱଂସପାଇବ ।

ରାବଣ – ଲଙ୍କାର ନୂଆ ରାଣୀ ତୁମେ । ତୁମର ଅଭିଶାପ ମତେ ସ୍ପର୍ଶ କରିବ ନାହିଁ ।

ସୀତା – (କାନ୍ଦି) ଅଭାଗିନୀ ମୁଁ, କାହିଁକି ଅସୁର ମାୟାରେ ଭୁଲିଲି ? କାହିଁକି ତାଙ୍କୁ ସୁନାହରିଣ ଧରିବା ପାଇଁ ପଠାଇଲି ?

(ଗୀତ)

ଦେଖିଲି କିପାଁ ମୁଁ ସୁନାହରିଣ
ହେ ରଘୁନନ୍ଦନ !
ପାଶେ ଥାଇ ମୋର କାହିଁକି ହେ ବୀର
ଫୁଟାଇ ନ ଦେଲ ବେନି ନୟନ,
ହେ ରଘୁନନ୍ଦନ । ୦ ।
ମାୟାମୃଗ ମାରି ଆସୁଥିବ ଫେରି
ଆସୁଥିବେ ପଛେ ପଛେ ଲକ୍ଷ୍ମଣ
ନଥିବି ତ ମୁହିଁ କୁଟୀର ଦୁଆରେ
ବନ୍ଦିବାକୁ ଆଜି ତୁମ ଚରଣ,
ହେ ରଘୁନନ୍ଦନ !
ବଳେ ଧରିନିଏ ଲଙ୍କା ରାବଣ ହେ... । ୧ ।

Digitized by srujanika@gmail.com

ରାବଣ – ଲଙ୍କା ଆଉ ବେଶୀ ଦୂର ନୁହେଁ ଜାନକୀ !

ସୀତା – ନଯାଏ ପରତେ ଦେଖିବିକି ନେତ୍ରେ
ଆଉ ନବଘନ କାନ୍ତି ଲପନ,
ଶୁଣିଥାନ୍ତି ଯଦି ତମ ହିତବାଣୀ
ମାନିଥାନ୍ତି ଯଦି ତମ ବଚନ,
ହେ ବୀର ଲକ୍ଷ୍ମଣ !
ମୋର ଭାଗ୍ୟ ମତେ ଦିଏ କଷଣ ହେ... । ୨ ।

ରାବଣ – ଲଙ୍କାରେ ପହଞ୍ଚି, ଲଙ୍କାର ବିଭବ ଦେଖି ତୁମେ ରାମ ଲକ୍ଷ୍ମଣ ଅଯୋଧ୍ୟାକୁ ସବୁ ଭୁଲିଯିବ ।

ସୀତା – ମୁହିଁ ଅଭାଗିନୀ ଶୁଣ ମୋ' ଦୟିନୀ
ଆହେ ତରୁଲତା ବନ ଅରଣ୍ୟ
କହିବ କି ବାରେ ମୋ' ସ୍ୱାମୀ ଦେବରେ
ଉଦ୍ଧରି ଆଣିବେ ମତେ ବହନ,
ସେ ବଧି ରାବଣ
ନୋହିଲେ କି ଲାଭ ରଖି ଜୀବନ ସେ... । ୩ ।

ରାବଣ – ହାଃ-ହାଃ-ହାଃ – ବଧି ରାବଣ – ହାଃ-ହାଃ...

ସୀତା – ବନ ପଶୁପକ୍ଷୀ ସର୍ବେ ଥାଅ ସାକ୍ଷୀ
ଗୋଟି ଗୋଟି ଏ ମୋ' ଅଙ୍ଗଭୂଷଣ
ଫିଙ୍ଗୁଅଛି ତଳେ ଦେଖି ପ୍ରଭୁ ହେଲେ
ଜାଣିବେ ଏ ପଥେ କଲା ଗମନ
ସେ ପୁଷ୍ପକ ଯାନ
ଜାଣିବେ ହୋଇଚି ସୀତା ହରଣ । ୪ ।

ରାବଣ – ହାଃ-ହାଃ-ହାଃ... ବନର ତରୁଲତା, ପଶୁପକ୍ଷୀ ଆଉ ତମ ଅଙ୍ଗର ଅଳଙ୍କାର ରହିବେ ସୀତାହରଣର ସାକ୍ଷୀ... ଆଉ ଜଟା ବଲ୍କଳଧାରୀ ଦୁଇଟା ଅବୋଧ ମାନବ ଲଙ୍କାଗଡ଼କୁ ଆସି ତମକୁ ଉଦ୍ଧାର କରିବେ ! ହାଃ-ହାଃ-ହାଃ . . .

× × × × ×

[କୁଟୀରଦ୍ୱାରକୁ ରାମ ଓ ଲକ୍ଷ୍ମଣ ଆସିଲେ]

Digitized by srujanika@gmail.com

ରାମ – କାହିଁ, କୁଟୀର ଦୁଆରେ ତ ସୀତା ନାହିଁ !

ଲକ୍ଷ୍ମଣ – କୁଟୀର ଭିତରେ ଥିବେ – ଦେଖନ୍ତୁ !

ରାମ – ଭିତରେ... ନା, କୁଟୀର ଶୂନ୍ୟ ପଡ଼ିଚି । (ଡାକିଲେ) ସୀତା ! ସୀତା ! କାହିଁ କେଉଁଠି ତ ଦେଖୁନାହିଁ ସୀତା... ଲକ୍ଷ୍ମଣ, ସୀତା କାହିଁ ?

ଲକ୍ଷ୍ମଣ – ଝରଣାକୁ ପାଣି ପାଇଁ ଯାଇଥିବେ, ମୁଁ ଦେଖେଁ ।

ରାମ – ସୀତା ! ମାୟାମୃଗ ମାରି ମୁଁ ଫେରିଆସିଲିଣି ସୀତା ! କେଉଁଠି ଅଛ ତୁମେ ଆସ !

ଲକ୍ଷ୍ମଣ – ନା ଭାଇ, ଦେବୀ ଝରଣା କୂଳକୁ ଯାଇନାହାନ୍ତି ।

ରାମ – ତେବେ କାହିଁ ସେ ? ମୁଁ ନଥିଲାବେଳେ ସେ ତ କେବେ କୁଟୀର ଛାଡ଼ି ଯାଏନା । ସୀତା... !

ଲକ୍ଷ୍ମଣ – ଆପଣ ସ୍ଥିର ହୁଅନ୍ତୁ, ସେ ନିଶ୍ଚୟ ଏଇଠି କୋଉଠି ଥିବେ ।

ରାମ – କୋଉଠି ଆଉ ଥିବେ ? ଏ କୁଟୀର, ଏ ପଞ୍ଚବଟୀ ସବୁ ତ ସେମିତି ରହିଚି, ସୀତା କାହିଁ ? କାହାକୁ ପଚାରିବି, କିଏ ମତେ କହିବ ?

(ଗୀତ) କହ ବନଗିରି ମତେ କାହିଁ ଗଲା ସୀତା
କହ ପଞ୍ଚବଟୀ କାହିଁ ଜନକଦୁହିତା,
କାହିଁ ମୋ ସୁକୁମାରୀ ସୀତା । ୧ ।

ରାମ – ଏଇ ସେ ଅଶୋକବୃକ୍ଷ । ବହୁବାର ଏ ବୃକ୍ଷତଳେ ମୋ ପାଖରେ ସେ ଆସି ବସିଥାଏ । ଆଜି ସେ ସ୍ଥାନ ଶୂନ୍ୟ ପଡ଼ିଚି ।

(ଗୀତ) ଜାନକୀର ପ୍ରିୟ ତୁମେ ହେ ବୃକ୍ଷ ଅଶୋକ
କେଉଁଠି ଲୁଚିଛି କୁହ ସୀତା ଚନ୍ଦ୍ରମୁଖ,
ଘୁଞ୍ଚାଅ ମୋ ବୁକୁର ଦୁଃଖ । ୨ ।

ରାମ – ସୀତା... ସୀତା ! ମୋର ଏ ଆକୁଳ କଣ୍ଠର ଡାକ କ'ଣ ତୁମେ ଶୁଣିପାରୁନ ଦେବୀ ?

(ଗୀତ) କରୁଚ କି ଦେବୀ ସତେ ମୋ ସଙ୍ଗେ ଛଳନା
ହତବୁଦ୍ଧି କିଛି କରି ନ ପାରେ କଳନା
ଆଜ ଗୋ, ମୋ ସଙ୍ଗେ ଖେଳନା । ୩ ।

ଲକ୍ଷ୍ମଣ – ଭାଇ !

ରାମ – ମୁଁ ମାନୁଚି ଲକ୍ଷ୍ମଣ, ଜାନକୀ ବିହୁନେ ମୁଁ ଯେପରି ବୁଦ୍ଧିଭ୍ରଷ୍ଟ ହୋଇ

Digitized by srujanika@gmail.com

ପଡ଼ିଚି ।

ଲକ୍ଷ୍ମଣ – ଏଇ ଦେଖନ୍ତୁ ଭାଇ – ଏ ଫଳ ଚାଙ୍ଗୁଡ଼ି ଆଉ ଫଳ ଏଠି ବିକ୍ଷିପ୍ତ ହୋଇ ପଡ଼ିଚି ।

ରାମ – ତା'ହେଲେ... ତା'ହେଲେ ଫଳ ଚାଙ୍ଗୁଡ଼ି ନେଇ ସୀତା କୁଟୀର ଛାଡ଼ି ଏପର୍ଯ୍ୟନ୍ତ ଆସିଥିଲା କାହିଁକି ?

ଲକ୍ଷ୍ମଣ – ହୁଏତ କୌଣସି ଅସୁରର ମାୟା...

ରାମ – ଅସୁରର ମାୟା ! ସେଇ ମାୟାରେ ଭୁଲି ମୁଁ ସୁନାହରିଣ ପଛରେ ଧାଇଁଲି – ଆଉ ସେଇ ମାୟାରେ ଭୁଲି ସୀତା ଅସୁର କବଳରେ ପଡ଼ିଛି । ଅସୁର ହାତରୁ ରକ୍ଷାପାଇବା ପାଇଁ କେତେ କାନ୍ଦିଥିବ ! ଆକୁଳ ପ୍ରାଣରେ ମୋତେ କେତେ ଖୋଜିଥିବ ।

ରାମ – (ଗୀତ) ଆସିଥିଲା ବନବାସେ ମୋର ଛାୟା ସମ
ନ ପାରିଲି ରକ୍ଷା କରି ଏଡ଼େ ମୁଁ ଅଧମ
ସେ ଦୁଃଖେ ଜଳେ ମୋ' ଜୀବନ । ୪ ।

ଲକ୍ଷ୍ମଣ – ମୁଁ କହୁଚି ଭାଇ, ଦେବୀ ନିରାପଦରେ ଥିବେ । ଏ ତ୍ରିଭୁବନରେ କୌଣସି ଶକ୍ତି ଦେବୀଙ୍କର କିଛି ହେଲେ ଅନିଷ୍ଟ କରିପାରିବ ନାହିଁ ।

ରାମ – ସୀତା ତେବେ କାହିଁ... କାହିଁ... କୋଉଠି ଅଛି ?
(ଗୀତ) ଆହେ ବନ ଉପବନ ପର୍ବତ କନ୍ଦର
ଯେତେ ମୁଁ ପଚାରେ କୁହ ସୀତା କାହିଁ ମୋର,
କିମ୍ପାଇ ନ ଦିଅ ଉତ୍ତର । ୫ ।

ରାମ – ନା ଲକ୍ଷ୍ମଣ, ମୁଁ ବୁଝିପାରୁଚି ଏ ତ୍ରିଜଗତରେ କେହି ଆମର ବନ୍ଧୁ ନାହାନ୍ତି । ଧର୍ମରକ୍ଷା ପାଇଁ, ଦେବତାମାନଙ୍କ ସନ୍ତୋଷ ପାଇଁ, ମୁନିଋଷିଙ୍କ ଯାଗରକ୍ଷା ପାଇଁ ମୁଁ ବହୁ ଦୁଷ୍ଟ ଦାନବଙ୍କୁ ନିଧନ କରିଚି । ...ମାତ୍ର ଆଜି କେହି ମୋର ଆକୁଳ କ୍ରନ୍ଦନ ଶୁଣୁ ନାହାନ୍ତି । ...ମୋର ପ୍ରାଣପ୍ରିୟା ସୀତା ଅସୁର କବଳରେ ପଡ଼ିଚି । ମୁଁ ଆଜି ଏଇ ମୁହୂର୍ତ୍ତରେ ଏ ସୃଷ୍ଟିର ଦାନବକୁଳକୁ ଧ୍ୱଂସ କରିବି । ମୋ ଧନୁର ମାତ୍ର ଏଇ ଗୋଟିଏ ତୀରରେ ଦାନବକୁଳ ଧ୍ୱଂସହେବ । ସଙ୍ଗେ ସଙ୍ଗେ ଦେବ ନର କିନ୍ନର ଖେଚର ଭୂଚର ସ୍ଥାବର ଜଙ୍ଗମ ସହ ଏ ତ୍ରିଭୁବନ ନିଶ୍ଚିହ୍ନ ହୋଇଯିବ । ...ମୋ' ସୀତାର ସମ୍ବାଦ ଯେବେ ମୁଁ ନ ପାଇଲି, ତେବେ ହେ ତ୍ରିପୁରବାସୀ –

Digitized by srujanika@gmail.com

ଚାହିଁ ଦେଖ, ମୋର ଏଇ ପ୍ରଜ୍ୱଳିତ କାଳରୁଦ୍ରସମ ପ୍ରଳୟ-ସୃଷ୍ଟିକାରୀ ଧନୁର ପ୍ରଚଣ୍ଡ ରୂପ...

ଲକ୍ଷ୍ମଣ — ନା-ନା-ରଘୁପତି ! ଆପଣ କ୍ଷାନ୍ତ ହୁଅନ୍ତୁ । ଶାନ୍ତ, ସରଳ, ଧୀର, ପ୍ରାଜ୍ଞ, ଉଦାର, ଦୟାଳୁ, ଧର୍ମପ୍ରାଣ ମହାପୁରୁଷ ରୂପେ ଆପଣ ତ୍ରିଭୁବନରେ ଖ୍ୟାତ । ଜଣେ କେହି ଦୁଷ୍ଟ ଦାନବର ଅପକର୍ମ ପାଇଁ ଆପଣ ସମସ୍ତ ସୃଷ୍ଟି ବିନାଶ କରିବେ ! ସୂର୍ଯ୍ୟବଂଶ-ଅବତଂସ ଆପଣ ସୂର୍ଯ୍ୟଦେବଙ୍କର ମହାତେଜର ଯେପରି ଅଧିକାରୀ — ଯେଉଁ ଧରଣୀ ଗର୍ଭରୁ ମାତା ଜାନକୀଙ୍କ ଜନ୍ମ, ସେଇ ସର୍ବସଂହା ଧରଣୀ ପରି ମଧ ଆପଣ ସହନଶୀଳ । ଆପଣ କ୍ରୋଧ ପରିହାର କରନ୍ତୁ ।

ରାମ — ଲକ୍ଷ୍ମଣ, ଭାଇ ମୋର ! ତୁ କେବଳ ମୋର ଅନୁଗତ ସହଚର ନୋହୁଁ... ତୁ ମୋର ସହକର୍ମୀ... ସହଧର୍ମୀ । ଜାନକୀ ବିଚ୍ଛେଦରେ ମୁଁ ମୋର ସ୍ଥିତି ପର୍ଯ୍ୟନ୍ତ ଭୁଲିଯାଉଚି ।

ଲକ୍ଷ୍ମଣ — ଏଇ ଦେଖନ୍ତୁ ଭ୍ରାତା, ଏ ସମସ୍ତ ବନଭୂମି ଯେପରି ଜାନକୀଙ୍କ ବିଚ୍ଛେଦରେ କାତର ହୋଇପଡ଼ିଚି । ପବନର ଗତି ନାହିଁ — ପକ୍ଷୀର କାକଳି ନାହିଁ । ସବୁ ନୀରବ ନିସ୍ତେଜ ।

ରାମ — ଆଉ... ଆଉ ଏଇ ନୀରବ ନିସ୍ତେଜ ବନଭୂମିର ଅନ୍ତର ଭିତରୁ ମୁଁ ଯେପରି ଶୁଣିପାରୁଚି ଏକ କ୍ରନ୍ଦନର ଉଚ୍ଛ୍ୱାସ ।

ମିଳିତସ୍ୱର— (ଗୀତ) ହୋଇ ହତଶିରୀ କାନ୍ଦେ ବନଗିରି
କାନ୍ଦେ ନଦୀ ଗୋଦାବରୀ
କାନ୍ଦେ ମୃଗଯୂଥ ଯେହ୍ନେ ଶରାହତ
ନୟନୁ ଲୋତକ ଝାରି ।
କାନ୍ଦଇ ତୂଣୀର କାନ୍ଦେ ଧନୁଶର
ହୋଇ ରାମ-ଦୁଃଖେ ଦୁଃଖୀ
ରାମ ପାଦଧୂଳି କାନ୍ଦେ ଭାଳି ଭାଳି
କାନ୍ଦଇ ଜଟାୟୁ ପକ୍ଷୀ ॥

(ରାମ ଲକ୍ଷ୍ମଣ ଦୁହେଁ ସୀତାଙ୍କୁ ଖୋଜି ଖୋଜି ଆସି ଦେଖିଲେ ଆହତ ଅବସ୍ଥାରେ ଜଟାୟୁ ପକ୍ଷୀ ପଡ଼ିଚି ।)

ରାମ — ଜଟାୟୁ ! ତୁମେ ଏ ଅବସ୍ଥାରେ ?

Digitized by srujanika@gmail.com

ଜଟାୟୁ–(ମୁମୂର୍ଷୁ ଅବସ୍ଥା) ଆସିଚ ବାବୁ ରାମ ଲକ୍ଷ୍ମଣ ! ସୀତା ଠାକୁରାଣୀଙ୍କ ସମ୍ବାଦ ଦେବି ବୋଲି ମୁଁ ତମରି ବାଟ ଚାହିଁ ଏଠି ପଡ଼ିରହିଚି ।

ରାମ – କି ସମ୍ବାଦ ପକ୍ଷୀରାଜ ?

ଜଟାୟୁ – ସୀତାଙ୍କୁ ରାବଣ ଚୋରେଇ ନେଇଛି ।

ରାମ – ରାବଣ ?

ଜଟାୟୁ – ହଁ, ଲଙ୍କାର ଅସୁର ରାଜା ରାବଣ ତା' ପୁଷ୍ପକ-ରଥରେ ବସେଇ ନେଇଯାଇଚି । ରଥ ଆକାଶ ମାର୍ଗରେ ଉଡୁଥାଏ । ସୀତା ବାହୁନି ବାହୁନି କାନ୍ଦୁଥାନ୍ତି । ମୁଁ ତାଙ୍କ ବିକଳ ସହି ପାରିଲି ନାହିଁ । ରାବଣ ସହିତ ଯୁଦ୍ଧ କଲି । ମାତ୍ର ବୃଦ୍ଧ ମୁଁ – ମୋର ଶକ୍ତି କେତେ ? ଶେଷକୁ ଦୁଷ୍ଟ ରାକ୍ଷସ ରାବଣ ମୋ' ପକ୍ଷ ଛେଦନ କଲା – ମୁଁ ଏଠି ପଡ଼ିଚି ।

ରାମ– ଏ କ'ଣ ହେଲା ପକ୍ଷୀରାଜ ! ଆମ ପାଇଁ ତୁମେ ଏ ଦଣ୍ଡ ଭୋଗିଲ ?

ଜଟାୟୁ – ମୁଁ ଆଉ ବେଶି ବେଳ ବଞ୍ଚିବି ନାହିଁ । ଠାକୁରାଣୀ କହିଚନ୍ତି– ତୁମେ ଦୁଇଭାଇ ରାବଣକୁ ନିହତ କରି ତାଙ୍କୁ ଉଦ୍ଧାର କରି ଆଣିବ । ରଥ ଦକ୍ଷିଣ ଦିଗକୁ ଯାଇଚି । ...ମୋ ଭାଗ୍ୟ, ତୁମ ଦୁହିଁଙ୍କୁ ଦେଖିଲି– ଠାକୁରାଣୀଙ୍କ ସମ୍ବାଦ ତୁମକୁ ଦେଲି... ମୋ ଜନ୍ମ ସାର୍ଥକ ହେଲା । ଜୟ ସୀତାରାମ । (ମୃତ୍ୟୁ)

ରାମ – ଜଟାୟୁ ! ଜଟାୟୁ ! ନା, ପକ୍ଷୀରାଜ ଆଉ ନାହାନ୍ତି । (ଟିକିଏ ରହି) ଆକାଶର ପକ୍ଷୀ ତୁମେ – ତମର କିଛି ସ୍ୱାର୍ଥ ନଥିଲା । ଜାନକୀ ତମର କେହି ନୁହେଁ ; ମାତ୍ର ତାଙ୍କୁ ରକ୍ଷା କରିବା ପାଇଁ ତୁମେ ତମର ପ୍ରାଣ ଦାନ କରିଚ । ହେ ବୀର, ଜଗତରେ ତୁମେ ପୂଜ୍ୟ – ତୁମେ ମହାନ୍ । ତୁମର ମୃତ୍ୟୁ ଶଯ୍ୟାରେ ଆମେ ତୁମକୁ ଭୂମିଷ୍ଠ ପ୍ରଣାମ ଜଣାଉଚୁ ପକ୍ଷୀରାଜ !

ଲକ୍ଷ୍ମଣ – ଜଟାୟୁଙ୍କ ଶେଷକୃତ୍ୟ ଆମକୁ ଏଠି କରିବାକୁ ହେବ ଭାଇ !

ରାମ – ହଁ, କୁଳବୃଦ୍ଧ ସେ, ଆମର ପିତୃ ସମାନ । ତୁ ଚିତାର ଆୟୋଜନ କର – ମୁଁ ମୁଖାଗ୍ନି ଦେବି ।

× × × × ×

[ମାତଙ୍ଗ ଋଷିଙ୍କ ଆଶ୍ରମ । ଶବରୀ ଅପେକ୍ଷା କରିଚି]

ଶବରୀ – (ମନକୁ ମନ) ଏମାନେ କିଏ ଏ ଆଡ଼କୁ ଆସୁଛନ୍ତି ? ଧନୁ

Digitized by srujanika@gmail.com

ଶର, ଜଟାବଲ୍‌କଲଧାରୀ ଦୁଇ ବୀରପୁରୁଷ । ଜାଣିଲି... ଏ ଦୁହେଁ ରାମ ଲକ୍ଷ୍ମଣ । ଗୁରୁବାଣୀ ସଫଳ ହୋଇଚି । (ଆଶ୍ରମ-ପଥରେ ରାମ ଓ ଲକ୍ଷ୍ମଣ)

ରାମ – ଜଟାୟୁ ପକ୍ଷୀ କଥାରେ ଆମେ ଦକ୍ଷିଣ ଦିଗକୁ ଆସିଲୁ । ଆମ ଯାତ୍ରା ସଫଳ ହୋଇଚି । କବନ୍ଧ ରାକ୍ଷସଠାରୁ ସବୁକଥା ଶୁଣିଲୁ । ପମ୍ପାସରରେ ପହଞ୍ଚି ଋଷ୍ୟମୂକ ପର୍ବତରେ ସୁଗ୍ରୀବଙ୍କୁ ଭେଟିବାକୁ ହେବ ।

ଲକ୍ଷ୍ମଣ – ପମ୍ପାସର ବୋଧହୁଏ ଆଉ ବେଶି ଦୂର ନୁହେଁ ।

ରାମ – ଏ କେଉଁ ସ୍ଥାନ ? ଏ ସୁନ୍ଦର ତପୋବନ – ଆଉ ଆଶ୍ରମବାସିନୀ ଏ ତପସ୍ୱିନୀ ? (ଶବରୀକୁ) କିଏ ତମେ ତପସ୍ୱିନୀ ? ଏ କେଉଁ ସ୍ଥାନ ?

ଶବରୀ– ଇଏ ମାତଙ୍ଗ ମୁନିଙ୍କ ଆଶ୍ରମ । ତୁମେ ଦୁହେଁ ରାମ ଲକ୍ଷ୍ମଣ ତ ?

ରାମ – ହଁ, ତୁମେ କେମିତି ଜାଣିଲ ?

ଶବରୀ – ମୁଁ ସବୁ ଜାଣେ । ମୋର ଗୁରୁ ସ୍ୱର୍ଗକୁ ଯିବା ପୂର୍ବରୁ ତମର ସବୁ କଥା ମତେ କହିଯାଇଛନ୍ତି । ମୁଁ ଶବରୀ – ମୋର ପ୍ରଣାମ ଗ୍ରହଣ କର ରଘୁପତି !

(ଗୀତ) ନବଘନ କାନ୍ତି ରାମ ହେ,
ଚାହିଁ ବସିଥିଲି ତୁମରି ପଥ
ଦେଲ ଦରଶନ ହେ ରଘୁନନ୍ଦନ
ପୂର୍ଣ୍ଣ ହେଲା ଜାଣି ମୋ' ମନୋରଥ । ୦ ।
ତପସ୍ୱିନୀ ଶବରୀ ମୁହିଁ
ବାଟୁଅଛି ତବ ମଣୋହୀ
ବାଛି ବାଛି ଫଳ କରିଅଛି ଠୁଳ
ତୁମ ସେବା ଲାଗି ହେ ରଘୁନାଥ । ୧ ।

ଶବରୀ – ମୋ ହାତରୁ ଏ ଫଳ ଆହାର ଗ୍ରହଣ କରିବ ନାହିଁ ପ୍ରଭୁ ସୀତାପତି ?

ରାମ – ଅତି ଆନନ୍ଦ ମନରେ ଆମେ ତୁମ ହାତରୁ ଭୋଜନ ଗ୍ରହଣ କରୁଚୁ ଶବରୀ ! ତୁମ ଅତିଥି ସେବାରେ ଆମେ ତୃପ୍ତ ।

ଲକ୍ଷ୍ମଣ – ତୁମେ ବୋଧହୁଏ ଜାଣନାହିଁ ତପସ୍ୱିନୀ...

ଶବରୀ – କହିଲି ପରା ମୁଁ ସବୁ ଜାଣେ ।

Digitized by srujanika@gmail.com

(ଗୀତ) ଜାଣେ ପ୍ରଭୁ ମନର ଦୁଃଖ
ଠାକୁରାଣୀ ନାହାନ୍ତି ପାଖ
ଲଙ୍କାର ରାବଣ କରିଛି ହରଣ
ନେଇଅଛି ବାହି ପୁଷ୍ପକ ରଥ । ୨ ।

ରାମ – କବନ୍ଧଠାରୁ ସବୁ ଶୁଣିଚୁ – ଆମେ ଏଠୁ ପମ୍ପାସର ଯିବୁ ।

ଶବରୀ – ଜାଣେ... ପମ୍ପାସର ଏଠୁ ଦୂର ନୁହେଁ ।

(ଗୀତ) ପମ୍ପାସର ତୀରକୁ ଯିବ
ସୁଗ୍ରୀ ସଙ୍ଗେ ଭେଟ ହୋଇବ
ଲଭିଣ ମିତ୍ରତା ଉଦ୍ଧରିବ ସୀତା
ଲଙ୍କାରେ ରାବଣ କରି ନିହତ । ୩ ।

ଶବରୀ – ଗୁରୁଙ୍କଠାରୁ ଶୁଣିଚି ବାନରରାଜା ସୁଗ୍ରୀବ ସହିତ ତୁମର ବନ୍ଧୁତା ହେବ । ତାଙ୍କରି ସାହାଯ୍ୟରେ ତୁମେ ଠାକୁରାଣୀଙ୍କୁ ଉଦ୍ଧାର କରିବ । ଦେବୀଙ୍କର କେହି କିଛି ଅନିଷ୍ଟ କରିପାରିବେନାହିଁ ।

ରାମ – ତମର ଏ ଆଶ୍ୱାସନା ବାଣୀ ଶୁଣି ଆମେ ଧନ୍ୟ ହେଲୁ ଶବରୀ ! ଆମକୁ ଏବେ ବିଦାୟ ଦିଅ । ଏ ଆଶ୍ରମରେ ତୁମେ ଏକାକିନୀ ରହୁଚ ?

ଶବରୀ – ଆଉ ତ ମୁଁ ରହିବି ନାହିଁ । ତୁମ ଦୁହିଁଙ୍କ ଦର୍ଶନ ପାଇଲି ; ଆଜି ଏଠି ମୋ' ଜୀବନର ଶେଷ ଦିନ ।

(ଗୀତ) ଗୁରୁବାକ୍ୟ ହୋଇଲା ପୂର୍ଣ୍ଣ
ଭେଟିଲି ମୁଁ ରାମ ଲକ୍ଷ୍ମଣ
ଜାଳି ଚିତାନଳ ତେଜିବି ଶରୀର
ସଂସାର-ଜଞ୍ଜାଳୁ ହୋଇବି ମୁକ୍ତ । ୪ ।

ରାମ – ତୁମେ... ତୁମେ ଚିତା ପ୍ରସ୍ତୁତ କରୁଚ ଶବରୀ ?

ଶବରୀ – ହଁ ପ୍ରଭୁ ! ଏତେଦିନ ମୁଁ ତମରି ଅପେକ୍ଷାରେ ଥିଲି । ତମରି ଚରଣ ଛୁଇଁ ମୁଁ ଚିତାରେ ପ୍ରବେଶ କରୁଚି । ମୋର ସ୍ୱର୍ଗ ପ୍ରାପ୍ତି ହେବ ।

(ଶବରୀ ଚିତାରେ ପ୍ରବେଶକଲା)

ଲକ୍ଷ୍ମଣ – ଆଶ୍ଚର୍ଯ୍ୟ । ସ୍ୱର୍ଗରୁ ବିମାନ ଖସି ଆସିଲା । ଦିବ୍ୟରୂପ ଧରି ଶବରୀ ସେଇ ବିମାନରେ ସ୍ୱର୍ଗପୁର ଯାତ୍ରାକଲେ !

ରାମ – ମହାପୁଣ୍ୟବତୀ ତୁମେ ତପସ୍ୱିନୀ ଶବରୀ ! ତମରି ଶୁଭ କାମନା

Digitized by srujanika@gmail.com

ନେଇ ଆମେ ସୁଗ୍ରୀବଙ୍କୁ ଭେଟିବା ପାଇଁ ଯାତ୍ରା କରୁଛୁ ।

× × × × ×

[ପମ୍ପାସର ତୀରରେ ରାମ, ଲକ୍ଷ୍ମଣ, ସୁଗ୍ରୀବ ଓ ଅନ୍ୟମାନେ]

ସ୍ୱର– ଜୟ ରଘୁପତି ପ୍ରଭୁ ରାମଚନ୍ଦ୍ରଙ୍କର ଜୟ ।
ଜୟ କିଷ୍କିନ୍ଧ୍ୟାରାଜ ବୀର ସୁଗ୍ରୀବଙ୍କର ଜୟ ।

ସୁଗ୍ରୀବ – ପ୍ରଭୁ ସୀତାପତି, ଏ ଅଧମ ସୁଗ୍ରୀବକୁ ଆପଣ ମିତ୍ରରୂପେ ଗ୍ରହଣ କରିଚନ୍ତି । ମୋର ପରମ ଶତ୍ରୁ ବାଳୀକୁ ବଧକରି ମତେ ଆପଣ ମୋ' ରାଜ୍ୟ ମୋ ପରିବାର ସମସ୍ତ ଫେରାଇ ଦେଇଚନ୍ତି । ମୁଁ ଆପଣଙ୍କର ସେବକ । ଦେବୀ ଜାନକୀଙ୍କ ସନ୍ଧାନ ଆଣିଦେବା ପାଇଁ ମୁଁ ଆପଣଙ୍କ ନିକଟରେ ପ୍ରତିଜ୍ଞାବଦ୍ଧ ।

ରାମ – ବନ୍ଧୁ ସୁଗ୍ରୀବ ! ତୁମ ସହିତ ଭେଟ ହେଲା ପରେ ମୁଁ ଯେତେବେଳେ ଦେଖିଲି ତୁମର ଅନୁଚରମାନେ ସୀତାଙ୍କ ଅଳଙ୍କାର ସବୁ ସଂଗ୍ରହକରି ରଖିଚନ୍ତି – ମୁଁ ଜାଣିଲି ମୋର ଏ ବିପଦରେ ତୁମେ ମତେ ନିଶ୍ଚୟ ସାହାଯ୍ୟ କରିବ । ...ବର୍ତ୍ତମାନ ବର୍ଷାଦିନ ଅତୀତ ହୋଇଯାଇଚି ।

ସୁଗ୍ରୀବ – ଏଇ ଦେଖନ୍ତୁ, ମୋର ସେନାବାହିନୀ ପ୍ରସ୍ତୁତ । ଆଜି ଶୁଭ ଦିନରେ ଦେବୀ ଜାନକୀଙ୍କୁ ସନ୍ଧାନ କରିବା ପାଇଁ ମୁଁ ଚତୁର୍ଦ୍ଦିଗକୁ ଦୂତ ପ୍ରେରଣ କରୁଚି । ସୈନ୍ୟ ସେନାପତି ସମସ୍ତେ ଶୁଣ, ଆଜିଠାରୁ ତୁମେମାନେ କିଷ୍କିନ୍ଧ୍ୟାର ସୈନ୍ୟ ନୁହଁ – ଏ ସୁଗ୍ରୀବର ସୈନ୍ୟ ନୁହଁ – ଆଜିଠାରୁ ତୁମେମାନେ ପ୍ରଭୁ ରାମଚନ୍ଦ୍ରଙ୍କର ଅନୁଗତ ସେବକ ।

ସ୍ୱର – ଜୟ ପ୍ରଭୁ ରାମଚନ୍ଦ୍ରଙ୍କର ଜୟ ।

ସୁଗ୍ରୀବ – ସେନାପତି, ବିନତା, ଦେବୀ ଜାନକୀଙ୍କ ସନ୍ଧାନ ପାଇଁ ତୁମର ଦଳବଳ ନେଇ ତୁମେ ପୂର୍ବ ଦିଗକୁ ଯାଅ । ତାତ ସୁଷେଣ ଯା'ନ୍ତୁ ପଶ୍ଚିମ ଦିଗକୁ । ଆଉ ଶତବଳ, ତୁମେ ଉତ୍ତର ଦିଗକୁ ଯାଅ । ଆଜିଠୁଁ ଏକ ମାସ ମଧ୍ୟରେ ଦେବୀଙ୍କର ସନ୍ଧାନ ନେଇ ତୁମେମାନେ କିଷ୍କିନ୍ଧ୍ୟା ଫେରିଆସିବ... ଯାଅ ।

ଲକ୍ଷ୍ମଣ – ଆଉ ଦକ୍ଷିଣଦିଗକୁ ?

ସୁଗ୍ରୀବ – ଜାଣିଚ ତ ବାବୁ ଲକ୍ଷ୍ମଣ, ରାବଣର ପୁଷ୍ପକବିମାନ ଦକ୍ଷିଣ ଦିଗକୁ ଯାଇଚି । ସେଥିପାଇଁ ଦକ୍ଷିଣ ଦିଗକୁ ଯିବେ ଯୁବରାଜ ଅଙ୍ଗଦ – ଆଉ

Digitized by srujanika@gmail.com

ତାଙ୍କ ସହିତ ଯିବେ ମୋର ସବୁଠୁ ବିଶ୍ୱସ୍ତ ମନ୍ତ୍ରୀ ପବନସୁତ ମହାବୀର ହନୁମାନ... କ'ଣ କହୁଚ ବୀର ହନୁମାନ !

ହନୁମାନ – ଯେଉଁଦିନ ଋଷ୍ୟମୂକ ପର୍ବତରେ ପ୍ରଥମେ ମୋ ପ୍ରଭୁଙ୍କ ଦର୍ଶନ ମୁଁ ପାଇଲି, ସେଇ ଦିନଠୁଁ ପ୍ରଭୁଙ୍କ କିଣାକିଙ୍କରଭାବେ ତାଙ୍କ ପାଦପଦ୍ମରେ ନିଜକୁ ମୁଁ ସମର୍ପି ଦେଇଚି । ସେଇ ଦିନଠୁଁ ମୋର ସମସ୍ତ କର୍ମରେ ରାମ, ଧର୍ମରେ ରାମ, ଅନ୍ତରରେ ରାମ, ବାହାରେ ରାମ । ରାମ ବିନା ମୋର ଗତି ନାହିଁ କି ସ୍ଥିତି ନାହିଁ ।

ସୁଗ୍ରୀବ – ଧନ୍ୟ ହନୁମାନ, ଧନ୍ୟ ତୁମର ରାମଭକ୍ତି । ଶୁଣ ହନୁମାନ ! ସମୁଦ୍ର ମଝିରେ ଅଛି ଏକ ଦ୍ୱୀପ । ନାମ ତା'ର ଲଙ୍କା ଦ୍ୱୀପ । ଦଶଶିର ଦାନବ ହେଉଚି ଏଇ ଲଙ୍କା ଦ୍ୱୀପର ରାଜା । ସେଇ ଦ୍ୱୀପକୁ ଯାଇ ଦେବୀଙ୍କର ସନ୍ଧାନ ନେବାକୁ ହେବ ।

ହନୁମାନ – ପ୍ରଭୁଙ୍କ ପାଦ ଛୁଇଁ ମୁଁ ପ୍ରତିଜ୍ଞା କରୁଚି – ମାତା ଜାନକୀଙ୍କ ଉଦ୍ଧାର ପାଇଁ ମୁଁ ଏକ ସମୁଦ୍ର କାହିଁକି, ସପ୍ତସମୁଦ୍ର ଲଘଂନକରି ଲଙ୍କା ଦ୍ୱୀପକୁ ଯିବି । ...ଭୟ ହେଉଥିଲା, ବୃଦ୍ଧାବସ୍ଥା ଆସିଗଲାଣି; ମୋ' ପୂର୍ବର ପବନଗତି ଆଉ ନାହିଁ । ମାତ୍ର ନା – ପ୍ରଭୁଙ୍କ ଦର୍ଶନ ପରେ ମୋର ପୂର୍ବଶକ୍ତି ମୁଁ ଫେରିପାଇଚି । ମୋର ଯେଉଁ ରୂପ ଧରି ମୁଁ ସମୁଦ୍ର ଲଂଘନ କରିବି, ମୁଁ ଯିବା ପୂର୍ବରୁ ପ୍ରଭୁ ଥରେ କୃପାକରି ମୋର ସେଇ ରୂପକୁ ଏଠି ଦେଖନ୍ତୁ ।

(ହନୁମାନ ବିରାଟରୂପ ପଦର୍ଶନ କଲେ)

ରାମ – ଅଦ୍ଭୁତ ! ଆକାଶମାର୍ଗକୁ ସ୍ପର୍ଶ କରିଚି କପିବରଙ୍କର ଏଇ ଦିଗନ୍ତବ୍ୟାପୀ ବିରାଟ କାୟା – ଆଉ ପ୍ରତି ଲୋମକୂପରେ ଅଙ୍କିତ ହେଇଚି ମୋର ରୂପ । ...ଧନ୍ୟ, ଧନ୍ୟ ତୁମେ ହନୁମାନ ! ତମର ଏ ମହିମାରେ ମୁଁ ଅଭିଭୂତ ହୋଇପଡ଼ିଛି ।

ହନୁମାନ – ମୋର ନିଜ ରୂପ ଆପଣ ଦେଖିଲେ ପ୍ରଭୁ – ମୁଁ କୃତାର୍ଥ ହେଲି । ଆମେ ବିଦାୟ ନେବା ପୂର୍ବରୁ ଆପଣଙ୍କ ଆଶୀର୍ବାଦ ଭିକ୍ଷା କରୁଚୁ ।

ରାମ–(ଗୀତ) ଘେନ ଆଶୀର୍ବାଦ ମୋର ଅଞ୍ଜନାର ସୁତ ହେ
ଘେନ ପୁଣି ମୋ' ହସ୍ତର ମୁଦ୍ରିକା ସଂକେତ ହେ । ୦ ।

Digitized by srujanika@gmail.com

ପାଇ ଦେବୀଙ୍କର ଦେଖା
ଦେବ ତାଙ୍କୁ ଏ ମୁଦ୍ରିକା
ଜାଣିବେ ଆସିଚ ତୁମେ ଶ୍ରୀରାମର ଦୂତ ହେ । ୧ ।
ପଚାରିଲେ ଆମ କଥା
ଦେବ ନାହିଁ ମନେ ବ୍ୟଥା
କହିବ କୁଶଳେ ଅଛୁ ଆମେ ଦୁଇ ଭ୍ରାତା ହେ । ୨ ।
କହିବ ପୁଣି ବୁଝାଇ
ଅଧୀରା ସେ ହେବେ ନାହିଁ
ଜାନକୀ ଉଦ୍ଧାର ଆମ ଜୀବନର ବ୍ରତ ହେ । ୩ ।

ରାମ – ନିଅ ବୀର ହନୁମାନ, ମୋ ଅଙ୍ଗୁଳିର ଏ ମୁଦି । ଦେବୀଙ୍କ ପାଇଁ ଇଏ ମୋର ସଙ୍କେତ । ଏବେ ଯାଅ ବୀରଗଣ, ଆଶୀର୍ବାଦ କରୁଚି, ତୁମମାନଙ୍କର ଯାତ୍ରା ସଫଳ ହେଉ ।

ସ୍ୱର – ଜୟ ସୀତାପତି ରଘୁନାଥଙ୍କର ଜୟ ।

× × × × ×

[ଲଙ୍କାଗଡ଼ – ସମୁଦ୍ର ପାରହୋଇ ହନୁମାନ ଲଙ୍କାଗଡ଼ରେ ଉପସ୍ଥିତ । ସମୟ – ରାତ୍ରିର ପ୍ରଥମ ପ୍ରହର ।]

ହନୁମାନ – ଯାହା ଅସମ୍ଭବ, ତାହା ସମ୍ଭବ ହେଲା । ପ୍ରଭୁଙ୍କ ନାମ ସ୍ମରଣ କରି ଏକ ଲମ୍ଫରେ ସମୁଦ୍ର ପାରିହେଲି । ମାତ୍ର ଏ ବିଶାଳ ଲଙ୍କାଗଡ଼, ଏତେ ପ୍ରାସାଦ, ଏତେ ତୋରଣ, ଏତେ ପ୍ରାଚୀର ! ମାତା ଜାନକୀଙ୍କ ସନ୍ଧାନ ପାଇବି କେମିତି ? ...ନା, ମୋ ମନର ବଳ, ମୋ ଧୈର୍ଯ୍ୟ ମୁଁ ହରାଇବି ନାହିଁ । ସେଇ ସୀତାପତି ମୋର ସହାୟ ! ସଂଧ୍ୟା ଉତ୍ତୀର୍ଣ୍ଣ ହୋଇ ରାତ୍ରି ପ୍ରଥମ ପ୍ରହର ହେଲାଣି । ବର୍ତ୍ତମାନ ମୋର ଏ ବାନର ରୂପ ଛାଡ଼ି ମାର୍ଜାର ରୂପରେ ଗଡ଼ ଭିତରକୁ ପ୍ରବେଶ କରିବି, ଯେମିତି ମତେ ଦେଖି କେହି କିଛି ଜାଣିପାରିବେ ନାହିଁ । (ସନ୍ଦେହସୂଚକ ବାଦ୍ୟ)

ଲଙ୍କଦେବୀ – ହେ-ହେ-ହେ !

ହନୁମାନ – (ଚମକି) ଏଁ ! କିଏ କାହାକୁ କ'ଣ କହୁଚ ?

ଲଙ୍କଦେବୀ – ତୁ କିଏ ?

ହନୁମାନ – ମୁଁ ? ...ମୁଁ ତ ମୁଁ – ଆଉ କିଏ ପୁଣି କ'ଣ ?

Digitized by srujanika@gmail.com

ଲଙ୍କଦେବୀ – ମୁଁ କହୁଚି ତୁ ପ୍ରକୃତରେ ଗୋଟାଏ ବାନର – ମାର୍ଜାର ରୂପରେ ଲଙ୍କାଗଡ଼ରେ ପଶିଚୁ ।

ହନୁମାନ – ବାନର ମାର୍ଜାର ଭିତରେ ପ୍ରଭେଦତ କିଛି ନାହିଁ ! ଯାର ଚାରିଗୋଡ଼, ତା'ର ଚାରିଗୋଡ଼ । ଯା'ର ଲାଙ୍ଗଳ ଅଛି ତା'ର ଲାଙ୍ଗୁଳ ଅଛି ।

ଲଙ୍କଦେବୀ – ତୋ' ଚାତୁରୀ ଥାଉ । ମୁଁ ହଉଚି ଲଙ୍କାର ଅଧିଷ୍ଠାତ୍ରୀ ଦେବୀ । ଏ ରାକ୍ଷସପୁରୀକୁ ମୁଁ ରକ୍ଷା କରିଚି । ରାତ୍ରି ହେଲେ ଗଡ଼ ଭିତରକୁ କେହି ପ୍ରବେଶ କରିପାରିବେ ନାହିଁ ।

ହନୁମାନ – ଶୁଣ, ଏଡ଼େ ସୁନ୍ଦର ତମର ଏ ଲଙ୍କାଗଡ଼ – ମୁଁ ଟିକିଏ ଯାଇ ବୁଲି ଦେଖି ଆସିବି ।

ଲଙ୍କଦେବୀ – ନା ।

ହନୁମାନ – ସାମାନ୍ୟ ଗୋଟାଏ ଜୀବ ମୁଁ – ମତେ ତୁମେ ଭୟ କରୁଚ କାହିଁକି ?

ଲଙ୍କଦେବୀ – ମୁଁ କହୁଚି, ମୁଁ ତୋତେ ଛାଡ଼ିବି ନାହିଁ ।

ହନୁମାନ– ମୋର ମନ, ମୋର ଆତ୍ମା, ମୋର ପଞ୍ଚପ୍ରାଣ କହୁଚି ମୁଁ ଯିବି ।

ଲଙ୍କଦେବୀ – ତା'ହେଲେ ମୋର ଏ ପଦାଘାତରେ...

(ପଦାଘାତ ପୂର୍ବରୁ ଲଙ୍କଦେବୀଙ୍କ ମସ୍ତକରେ ହନୁମାନଙ୍କର ବଜ୍ରମୁଷ୍ଟି ପ୍ରହାର)

ଲଙ୍କଦେବୀ – (ଯନ୍ତ୍ରଣାରେ) ଆଃ ! କିଏ ତୁ ଛଦ୍ମବେଶୀ, ମତେ ଏ ଦଣ୍ଡ ଦେଲୁ ! ମୋ ପାଦ ଉଠିବା ପୂର୍ବରୁ ତୋର ବଜ୍ରମୁଷ୍ଟିରେ ମତେ ଆଘାତ କଲୁ ! ତୋ' ପ୍ରହାରରେ ମୋର ବକ୍ଷ ବିଦୀର୍ଣ୍ଣ ହୋଇଯାଉଚି – କଣ୍ଠତାଳୁ ଶୁଷ୍କ ହୋଇଯାଉଚି । କହ, ତୁ କିଏ ?

ହନୁମାନ – ମୋ କଥା ଏତିକି ଜାଣିରଖ ଯେ ତୁମେ ନାରୀ ବୋଲି ଧର୍ମନୀତି ରକ୍ଷାକରି ତୁମକୁ ମୁଁ ହତ୍ୟା କରିନାହିଁ ।

ଲଙ୍କଦେବୀ – ତୁମେ ଧାର୍ମିକ, ନୀତିଜ୍ଞାନୀ । ତୁମେ ଜାଣ ଯେ ନାରୀହତ୍ୟା ମହାପାପ । ବ୍ରହ୍ମାବାଣୀ ତେବେ ସତ ହୋଇଚି । ତୁମେ ସେଇ ବଳବନ୍ତ କପିବର ମତେ ପରାଜିତ କରି ଲଙ୍କାଗଡ଼ରେ ପ୍ରବେଶ କରିଚ । ଜାଣିଲି, ଆଜିଠୁ ଲଙ୍କପତି ରାବଣର କ୍ଷୟ ଆରମ୍ଭ ହେଲା । ନର ବାନର ହାତରେ

Digitized by srujanika@gmail.com

ସେ ସର୍ବଂଶେ ନାଶଯିବ । ଆଉ ଆଜିଠୁ ମୋର ଏ ଲଙ୍କାଗଡ଼ରୁ ମୁକ୍ତି... ତୁମେ ଗଡ଼ ଭିତରକୁ ଯାଅ କପିବର ! ତୁମର କାର୍ଯ୍ୟ ସଫଳ ହେବ ।

× × × × ×

[ଲଙ୍କାଗଡ଼ ପରିକ୍ରମା କରି ହନୁମାନ ଅଶୋକ ବନକୁ ଆସି ଶିଂଶପା ବୃକ୍ଷର ଡାଳରେ ଚିନ୍ତିତ ମନରେ ବସିଛନ୍ତି ।]

ହନୁମାନ – (ମନକୁ) ଏଁ ! ଏ ବୃକ୍ଷମୂଳରେ କାହାକୁ ମୁଁ ଦେଖୁଚି ? କିଏ ଏଇ ଦେବୀ ପ୍ରତିମା ? ସମସ୍ତ ଲଙ୍କାପୁରୀ ଖୋଜି ଦେଖିଲି – ରାବଣର ଅନ୍ତଃପୁରରେ ଦେଖିଲି ବହୁ ସୁନ୍ଦରୀ ରମଣୀ । ମାତ୍ର ଏ ଅପରୂପ ଲାବଣ୍ୟଭରା ଦେବୀ ପ୍ରତିମା ତ କେଉଁଠି ଦେଖିନଥିଲି ! ଦୁଃଖଶୋକରେ ମଉଳିଯାଇ ମୁହଁ ତଳକୁ କରି ବସିଚନ୍ତି । ଯେଉଁ ଯେଉଁ ଅଳଙ୍କାର ସବୁ ପୁଷ୍ପକଯାନରୁ ତଳେ ପଡ଼ିଥିଲା, ଦେବୀଙ୍କ ଦେହର ସେହି ସବୁ ସ୍ଥାନ ଅଳଙ୍କାରଶୂନ୍ୟ ଦେଖୁଚି । ଅମ୍ଳାନ ବସ୍ତ୍ର ପିନ୍ଧିଛନ୍ତି । ଏଇ କ'ଣ ତେବେ ମାତା ଜାନକୀ ? ରାବଣ ତାଙ୍କୁ ଆଣି ଏଇ ବନ ଭିତରେ ବନ୍ଦିନୀ କରି ରଖିଚି ! ...କେମିତି ଜାଣିବି ! ...ଏଁ, ଏ କ'ଣ ନିଜେ ରାବଣ ତା' ରାଣୀମାନଙ୍କୁ ସାଙ୍ଗରେ ଘେନି ଏଠିକି ଆସୁଚି । ...କ'ଣ କରିବି ମୁଁ ? ନା, ଅସ୍ଥିର ଧୈର୍ଯ୍ୟହୀନ ହେବି ନାହିଁ । ଏ ପତ୍ରଗହଳିରେ ଲୁଚିରହି ଦେଖେ କ'ଣ ହେଉଚି । (ରାଣୀମାନଙ୍କ ଗହଣରେ ରାବଣ ଆସିଲା)

ରାବଣ – (ଶାନ୍ତ ଗଳାରେ) ଶୁଣ ସୀତା ! ତୁ ଏଠିକି ଆସିଲା ପରଠୁଁ ମୁଁ ଯେତେଥର ତୋ ପାଖକୁ ଆସିଚି ନିରାଶ ହୋଇ ଫେରିଚି । ...ଫେରିଚି ମୋ ଦୋଷରୁ । କାରଣ ସବୁବେଳେ ମୁଁ ତୋତେ କେବଳ କର୍କଶ କଥା କହିଆସିଚି; ଭୟ ଦେଖାଇ ଆସିଚି । ଅଜି ମୁଁ ଆସିଚି ହସ ହସ ମୁହଁରେ । ...ତୁ ହେବୁ ମୋର ପ୍ରିୟତମା ରାଣୀ ।

ହନୁମାନ – (ମନକୁ) ଏ ମୂଢ଼ କୋଉ ସାହସରେ ଏକଥା ମା' ଜାନକୀଙ୍କୁ କହୁଚି ?

ରାବଣ – ଏଇ ଦେଖ, ମୋ ସାଙ୍ଗରେ ଆସିଛନ୍ତି ମୋ ରାଣୀ ମନ୍ଦୋଦରୀ ଆଉ ଅନ୍ୟରାଣୀମାନେ । ଲଙ୍କା ରାଜ୍ୟରେ ସବୁଠୁ ସୁନ୍ଦରୀ ଏମାନେ । ମାତ୍ର ତୋ' ନିକଟରେ ଏମାନେ ଠିକ୍ ଚନ୍ଦ୍ର ନିକଟରେ ତାରକା ପରି । ମୁଁ ଜାଣେ ମୋ କଥାରେ ତୋ ମୁହଁରେ ନିଶ୍ଚୟ ହସଫୁଟିଉଠିବ ।

Digitized by srujanika@gmail.com

(ଗୀତ) ଆଗୋ ସୀତା ସୁନ୍ଦରୀ,
ତୋର ମହିମା ପ୍ରକଟେ ତିନି ଭୁବନେ
ଜନମି ନଥିଲା – ଜନମିବ ନାହିଁ,
ତୋର ସମ ବାମା ଆଉ କେ ଜଣେ । ୦ ।
ଗଢ଼ିସାରି ଧାତା ଏ ରୂପକୁ ତୋର
ଥମକି ରହି ସେ ଭାବିଲା ମନେ
ଗଢ଼ି ନପାରିବ ଏ ରୂପ-ପ୍ରତିମା
ଏ ଜଗତେ ଆଉ କୋଟି ଜନମେ । ୧ ।

ରାବଣ – ମୋର ଏ ସ୍ୱର୍ଣ୍ଣ ଲଙ୍କାଗଡ଼ ଭିତରେ ମୁଁ ତୋ ପାଇଁ ମଣିମୟ ରତ୍ନପୁରୀ ନିର୍ମାଣ କରାଇଦେବି । ତୋର ଆଜ୍ଞାବହ ଦାସହୋଇ ରହିବି ।

(ଗୀତ) ତୋ' ଲାଗି ଲୁଟିବି ଅଳକା ବିଭବ
ପୂରିବ ତୋ' ପୁରୀ କୁବେର ଧନେ
ରାଣୀ ମନ୍ଦୋଦରୀ ହେବ ତୋ' କିଙ୍କରୀ
ଖଟୁଥିବ ନିତି ତୋର ଚରଣେ । ୨ ।
ତୁହି ନାରୀଶ ମୁଁ ବୀର ପୁରୁଷ
ଏକର କି ଗତି ଆରେକ ବିନେ
ହୋଇ ଯୁକ୍ତପାଣି କହେ ବିଂଶପାଣି
ଧନ୍ୟ କର ମତେ ତୋ' ପ୍ରୀତି ଦାନେ । ୩ ।

ରାବଣ – ଆ, ମୋ ହାତଧରି ଉଠିଆ । (ଦୁହିଁଙ୍କ ମଧ୍ୟରେ ସୀତା ଖଣ୍ଡିଏ ତୃଣ ରଖିଲେ) ...ଏ କ'ଣ ସୀତା ? ତୋ' ମୋ ଭିତରେ ଅନ୍ତର କରି ତୃଣ ଖଣ୍ଡିଏ ଏଠି ରଖିଲୁ ନାହିଁକି ?

ହନୁମାନ – (ମନକୁ) ଆରେ ମୂର୍ଖ, ଏହା ତୃଣ ନୁହେଁ – ଏକ ପାହାଡ଼ । ତାକୁ ଅତିକ୍ରମ କରି ଦେବୀଙ୍କୁ ଛୁଇଁପାରିବୁ ନାହିଁ ।

(ସୀତା କାନ୍ଦୁଥାନ୍ତି)

ରାବଣ – ତୁ କାନ୍ଦୁଚୁ ସୀତା ? କାହିଁକି ? କାହା ପାଇଁ ? ରାମ ପାଇଁ ? ...କାହିଁ ରାମ ? କାହିଁ ଲକ୍ଷ୍ମଣ ? ଭାବିଛୁ ରାମ ଲକ୍ଷ୍ମଣ ବଞ୍ଚି ରହିଛନ୍ତି ? ତୁ ସେମାନଙ୍କ ଆଶା ଛାଡ଼ିଦେ ।

ହନୁମାନ – (ମନକୁ) ତା' ପୂର୍ବରୁ ତୋ' ରାଣୀମାନଙ୍କୁ କହ, ସେମାନେ

Digitized by srujanika@gmail.com

ତୋ' ଆଶା ଛାଡ଼ିଦିଅନ୍ତୁ ।

ରାବଣ – ଏତେ କଥା ମୁଁ ତୋତେ କହୁଚି ସୀତା – ଯଦି ସେଥିରେ ତୋ ମନ ନ ମାନୁଚି, ତୁ ମତେ କହ – ମୁଁ ଆଉ କ'ଣ କଲେ ତୋ' ମନ ଖୁସି ହେବ – ତୁ ସନ୍ତୁଷ୍ଟ ହେବୁ ?

ସୀତା – ଶୁଣ ତେବେ... କୁଟୀର ଭିତରେ ମୁଁ ଥିଲି ଏକାକିନୀ, ନିରାଶ୍ରୟା । ତୁ ମତେ ଅପହରଣ କରି ଆଣିଛୁ । ତୁ ପାପୀ – ତୁ ଗୋଟାଏ ନୀଚ ଅଧମ ତସ୍କର ।

ରାବଣ – (ଗର୍ଜ୍ଜନ କରି) ସୀତା !

ସୀତା – ଦାନ୍ତରେ ତିରଣ ଧରି ତୁ ଯା – ମୋ' ସ୍ୱାମୀଙ୍କ ପାଦ ଧରି ତାଙ୍କୁ କ୍ଷମାଭିକ୍ଷା କର । ତାଙ୍କ କରୁଣା ଭିକ୍ଷାକରି ତୋ' ପାପର ପ୍ରାୟଶ୍ଚିତ୍ତ କର ।

ରାବଣ – ହୁଁ ! ଆଉ ଯଦି ମୁଁ ଏହା ନକରେ ?

ସୀତା – ମୋର ସ୍ୱାମୀ ରଘୁପତି ରାମଚନ୍ଦ୍ର ତୋର ଏ ଲଙ୍କାଗଡ଼କୁ ମାଟିରେ ମିଶେଇଦେଇ ମତେ ଏଠୁ ଉଦ୍ଧାର କରିନେବେ ।

ରାବଣ – ଇଚ୍ଛାକଲେ ଏଇଠି ମୁଁ ମୋ ପାଦତଳେ ତୋତେ ଦଳି ଦେଇ ପାରନ୍ତି... ମୁଁ ତାହା କରୁନାହିଁ । ମୁଁ ତୋତେ ଦୁଇମାସ ସମୟ ଦେଲି । ଏଇ ଦୁଇମାସ ଭିତରେ ତୋର ସ୍ୱାମୀ ଦେବର ଯଦି ତୋତେ ଏଠୁ ଉଦ୍ଧାର କରି ନନିଅନ୍ତି, ତେବେ ଏଇ ବର୍ତ୍ତମାନ ମୁଁ ତୋତେ ଯାହା କହୁଥିଲି, ତା'ର ବିପରୀତ ଫଳ ତୁ ଭୋଗିବୁ । ...ତୁ ହେବୁ ମୋର ଏଇ ପାଟରାଣୀ ମନ୍ଦୋଦରୀର ପାଦତଳର ଦାସୀ ।

ମନ୍ଦୋଦରୀ – ଯେତେ ସୁନ୍ଦର ହେଲେ ବି ସୀତା ଗୋଟିଏ ତୁଚ୍ଛ ମାନବୀ । ତା'ପାଇଁ ନିଜେ ଏତେ ଦଗ୍ଧ ହେବା ତୁମ ପକ୍ଷରେ ଶୋଭା ପାଏନା ସ୍ୱାମୀ ! ଆସ, ତେଣେ ଅନ୍ତଃପୁର ଖାଲିପଡ଼ିଚି ।

ରାବଣ – ଚାଲ ରାଣୀ !

ହନୁମାନ – (ମନକୁ) ମୁଁ କ'ଣ ପଥର ପାଲଟିଗଲି ? ରାବଣ ଏତେ କଥା କହିଗଲା – ତା' ମୁଣ୍ଡଟାକୁ ମୋଡ଼ି ଛିଣ୍ଡାଇ ଦେଇ ପାରିଲି ନାହିଁ ! ଏ କ'ଣ ରାବଣ ତ ଗଲା, ଏ ଅସୁରୀ ପଲକ ଆସି ଦେବୀଙ୍କୁ ଘେରିଗଲେଣି ! (ଅସୁରୀମାନେ ଆସିଲେ)

Digitized by srujanika@gmail.com

୧ମା ଅସୁରୀ – ଆଲୋ ହେ ସୀତୟା, ଆମକୁ ଦେଖି କ'ଣ ତୁ ମୁହଁ ଘୋଡ଼େଇ ବସିଲୁଣି !

୨ୟା ଅସୁରୀ – ଆମ ରୂପକୁ ଯଦି ତୋର ଡର, ଆମ ରାଜାଙ୍କ କଥା ତୁ ମାନୁନୁ କାହିଁକି ?

୧ମା ଅସୁରୀ – ହେଇ ଦେଖ, ରଡ଼ନିଆଁ ଭଳି ମୋର ଏ ଡିମା ଡିମା ଆଖି ଦେଖୁଚୁ ।

୨ୟା ଅସୁରୀ – ଲଙ୍ଗଳଲୁହା ଭଳି ମୋର ଏ ଦଶ ନଖ . . .

୧ମା ଅସୁରୀ – ଦାଢୁଆ କାଙ୍କ ଭଳି ମୋର ଏ ଦାନ୍ତ । ଆଉ ଦେଖ ଏ ଲହ ଲହ ଜିଭ – ରକତ ବୋଳାହେଇଚି ।

୨ୟା ଅସୁରୀ – ଆମ ରାବଣ ରାଜା କଥାରେ ନ ଭଳିଲେ, ନଖ ପୁରେଇ ତୋର ଏ ଢଳଢଳ ଛଳଛଳ ଆଖିକି ତାଡ଼ି ଆଣିବି ।

୧ମା ଅସୁରୀ – ତୋର ଏ ସୁକୁମାରିଆ ଗଳାକୁ ଝୁଣି ରକତ ପିଇଯିବି ।

୨ୟା ଅସୁରୀ–ଏ ଛନଛନିଆ ବାହୁକୁ କାମୁଡ଼ି ପୁଳାପୁଳା ମାଉଁସ ଖାଇଯିବି ।

ସୀତା – (କାନ୍ଦି) ସେଇଆ କର । ମୋତେ ତୁମେମାନେ ମାରିଦିଅ । ଏ ଲାଞ୍ଛନା, ଏ ନିର୍ଯ୍ୟାତନା ମୁଁ ଆଉ ସହିପାରିବିନାହିଁ ।

ହନୁମାନ – (ମନକୁ) ନା, ଆଉ ନୁହେଁ । ମନ ହଉଚି ଗୋଟିଗୋଟିକରି ତଣ୍ଟି ଚିପି ଏଗୁଡ଼ାକୁ ମାରିଦେବି ।

୧ମା ଅସୁରୀ – ଆଲୋ ହେ ତ୍ରିଜଟା, ଆସିବୁଟି – ଏଇଟା କ'ଣ ପୁଣି ଏଠି କାନ୍ଦିଲାଣି ?

ତ୍ରିଜଟା – ଆଲୋ ମୁଁ କଣ ଯିବି – ମୁଁ ପରା ତମକୁ ଏଠିକି ଡାକୁଚି ।

୨ୟା ଅସୁରୀ – କାହିଁକି ?

ତ୍ରିଜଟା – ଆସ, ଉଠିଆସ କହୁଚି । (ନିମ୍ନ ସ୍ୱରରେ) ଏଇ ସୀତା ପାଇଁ ରାବଣ ସବଂଶେ ନାଶ ଯିବ ।

୧ମା ଅସୁରୀ – ତୁ କେମିତି ଜାଣିଲୁ ?

ତ୍ରିଜଟା – ମୁଁ ପରା ସପନ ଦେଖିଲି ।

୧ମା ଅସୁରୀ – କି ସପନ ?

ତ୍ରିଜଟା – ଆସ ସମସ୍ତେ – ମୋ' ସାଙ୍ଗରେ ଏଣିକି ଆସ, କହୁଚି । (ଅସୁରୀମାନଙ୍କ ପ୍ରସ୍ଥାନ)

Digitized by srujanika@gmail.com

ସୀତା – ପ୍ରଭୁ ! ତୁମେ ଆସିବ ନାହିଁ ? ଥରେ ତମର ଶ୍ରୀମୁଖ ଦେଖିବି ନାହିଁ ?

ହନୁମାନ – (ମନକୁ) ଅସୁରୀମାନେ ତ ଚାଲିଗଲେଣି – ମୁଁ ଦେବୀଙ୍କ ପାଖକୁ ଯାଏଁ । ମାତ୍ର ଦେବୀ ଯଦି ମତେ ଦେଖି ଭୟପାଇଯାନ୍ତି ! ...ଯଦି ଭାବନ୍ତି ଏହା ଅସୁରର ମାୟା ! ...କ'ଣ କରିବି ? ...ନା, ଏ ଶିଂଶପା ବୃକ୍ଷର ପତ୍ରଉଢ଼ାଳରେ ଲୁଚି ରହି ଆଗେ ରାମଗୁଣ ଗାନକରେ ।

ହନୁମାନ –(ଗୀତ)

ଶ୍ୟାମକାନ୍ତି ମୋ' ନୟନମଣି,
ରାମ ନାମ ମୋର ଜପାମାଳି,
ରଘୁପତି ମୋ ହୃଦୟ ଜ୍ୟୋତି
ଚନ୍ଦନଚିତା ସେ ଚରଣଧୂଳି । ୦ ।
ସତ୍ୟ ପାଳି ରାମ ଆସିଲେ ବନ
ସଙ୍ଗେ ସତୀ ସୀତା ଭାଇ ଲକ୍ଷ୍ମଣ,
ପଞ୍ଚବଟୀ ବନେ ମାତା ଜାନକୀ
ମାୟାମୃଗ ଦେଖି ଗଲେ ସେ ଭଳି । ୧ ।

ସୀତା – ଏ କ'ଣ ? କିଏ ଏଠି କୋଉଠି ରାମଗୁଣ ଗାନ କରୁଚି ?

ହନୁମାନ – (ଗୀତ) ମୃଗୟାରୁ ଫେରି ରାମ ଲକ୍ଷ୍ମଣ
ଦେଖିଲେ ହୋଇଚି ସୀତା ହରଣ,
ଜାନକୀ ସନ୍ଧାନେ ଶ୍ରୀରାମ ଦୂତ
ଜପେ ରାମ ନାମ ହୃଦୟେ ଭାଳି । ୨ ।
ଜୟ ରାମ ଜୟ ରାମ
ରାମ ରାମ ସୀତା ରାମ
ଜୟ ସୀତା ଜୟ ରାମ
ରାମ ରାମ ସୀତା ରାମ । ୩ ।

ସୀତା – କିଏ ତୁମେ ମହାତ୍ମା ? କିଏ ତୁମେ ରାମଭକ୍ତ ? ମୋର ସମ୍ମୁଖକୁ ଆସି ମତେ ଦେଖାଦିଅ ।

ହନୁମାନ – ମୋର ପ୍ରଣାମ ଘେନାହେଉ ମାତା ଜାନକୀ !

ସୀତା – ତୁମେ... ତୁମେ.. ବାନର...

Digitized by srujanika@gmail.com

ହନୁମାନ – ହଁ ଦେବୀ, ମୁଁ ବାନର ହନୁମାନ । କିଷ୍କିନ୍ଧ୍ୟାର ବାନର ରାଜା ସୁଗ୍ରୀବଙ୍କର ମୁଁ ମନ୍ତ୍ରୀ । ଶ୍ରୀରାମଚନ୍ଦ୍ର ମୋର ପ୍ରଭୁ – ମୁଁ ତାଙ୍କର ଦୂତ ହୋଇ ଏଠିକି ଆସିଚି ।

ସୀତା – ପ୍ରଭୁଙ୍କ ଦୂତ ତୁମେ ? ପ୍ରଭୁ ତୁମକୁ ପଠେଇଚନ୍ତି ?

ହନୁମାନ – ହଁ ମାତା ଜାନକୀ !

ସୀତା – କୁହ ହନୁମାନ, କେମିତି ଅଛନ୍ତି ସେ ? କେମିତି ଅଛନ୍ତି ବୀର ଲକ୍ଷ୍ମଣ ? ସେମାନଙ୍କର ସବୁ କୁଶଳ ତ ?

ହନୁମାନ – ସବୁ କୁଶଳ ଦେବୀ, କେବଳ ତୁମରି ଚିନ୍ତା – କେମିତି ତୁମର ସନ୍ଧାନ ନେବେ – ତୁମକୁ ଉଦ୍ଧାର କରିବେ ।

ସୀତା – କ'ଣ କହିଲ ହନୁ... (କାନ୍ଦି) ପ୍ରଭୁ ମୋତେ ଉଦ୍ଧାର କରିବେ ? ଏ କଷଣପୁରୀରୁ ମୁଁ ମୁକ୍ତି ପାଇବି ?

ସୀତା – ନା ନା ମାତା, ତୁମେ କାନ୍ଦ ନାହିଁ । ତମ ଆଖିର ଏ ଲୁହ ମୁଁ ଦେଖିପାରିବି ନାହିଁ । ପ୍ରଭୁଙ୍କ କୃପାରୁ ମୁଁ ଏକ ଲମ୍ଫରେ ସମୁଦ୍ର ପାରହୋଇ ଏଠିକି ଆସିଚି । ସେଇ ପ୍ରଭୁ ଆସି ତୁମକୁ ଉଦ୍ଧାର କରିନେବେ । କିଷ୍କିନ୍ଧ୍ୟା ରାଜା ସୁଗ୍ରୀବଙ୍କ ସହିତ ପ୍ରଭୁଙ୍କର ମିତ୍ରତା ହୋଇଚି । ଲଙ୍କା ଅଭିଯାନ ପାଇଁ କୋଟି କୋଟି ବାନର ସେନା ଅପେକ୍ଷା କରି ରହିଚନ୍ତି । ...ଏଇ ନିଅ ମାତା, ପ୍ରଭୁଙ୍କ ହାତର ଏ ମୁଦ୍ରିକା ।

ସୀତା – ଏ ମୁଦ୍ରିକା – ପ୍ରଭୁଙ୍କ ଅଙ୍ଗୁଳିର ମୁଦ୍ରିକା – ବିବାହ ବେଦିରେ ପିତା ମୋର ତାଙ୍କ ଅନାମିକା ଅଙ୍ଗୁଳିରେ ପିନ୍ଧାଇ ଦେଇଥିଲେ । ...ପ୍ରଭୁଙ୍କୁ ତ ଦେଖିପାରୁନାହିଁ, ତାଙ୍କ ମୁଦ୍ରିକା ଦେଖିଲି ।

(ଗୀତ) ତୋର ପାଇଲି ଦେଖାରେ ମୁଦ୍ରିକା
ମଣ୍ଡିଥିଲୁ ରାମଙ୍କ ଅଙ୍ଗୁଳି ରେଖାରେ । ୦ ।
ନବୀନ ନୀରଦ ଶ୍ରୀଅଙ୍ଗ ଶୋଭା
ତହିଁ ଶୋଭୁଥିଲା ତୋ ରତ୍ନ ଆଭାରେ । ୧ ।
ଆସିଲୁ ଯେବେ ତୁ ପ୍ରଭୁଙ୍କୁ ମୋର
ନଆଣିଲୁ କିମ୍ପା ସଙ୍ଗେ ତୋହରରେ... । ୨ ।
ରଖିବି ଯତନେ ତୋତେ ସମ୍ପାଦି
ପ୍ରଭୁ ଯେବେ ଆସି ରାବଣ ବଧି,

Digitized by srujanika@gmail.com

ଉଦ୍ଧରିବେ ଲଙ୍କାପୁରୀରୁ ମତେ
ସମର୍ପିବି ପୁଣି ତାଙ୍କ ଶ୍ରୀ ହସ୍ତେ ରେ... । ୩ ।

ସୀତା – ବନବାସକୁ ଆସିଲାବେଳେ ଶ୍ରୀଅଙ୍ଗରୁ କାଢ଼ି ସବୁ ଅଳଙ୍କାର ରଖିଦେଲେ... ଥିଲା କେବଳ ଏଇ ରତ୍ନମୁଦିଟି ।

ହନୁମାନ – ଯାହା ମୁଁ କହିଚି ଦେବୀ – ଆଉ କିଛି ଚିନ୍ତା କରନ୍ତୁନାହିଁ । ରାବଣର ଦୁଇ ମାସ ସମୟ ଦେବା କଥା ଶୁଣି ମତେ ହସ ଲାଗିଲା । ମୂଢ଼ ଜାଣେ ନାହିଁ, ପ୍ରଭୁ ଇଚ୍ଛାକଲେ ଦୁଇ ଦିନରେ ଲଙ୍କାପୁରୀ ଧ୍ୱଂସ କରିଦେବେ । ...ଆଉ ଦେବୀ, ଯଦି ଅନୁମତି ଦେବେ...

ସୀତା – କି ଅନୁମତି ହନୁ ?

ହନୁମାନ – ଦେବୀଙ୍କୁ ଆଜି ମୁଁ ମୋ କାନ୍ଧରେ ବସାଇ ନେଇ କିଷ୍କିନ୍ଧ୍ୟାରେ ପ୍ରଭୁଙ୍କ ନିକଟରେ ପହଞ୍ଚାଇଦେବି ।

ସୀତା – ମୁଁ ବୁଝିପାରୁଚି, ମତେ ଏଠୁ ଉଦ୍ଧାର କରି ନେବାପାଇଁ ତୁମେ କେମିତି ଉଦ୍‌ବିଗ୍ନ । ...ପ୍ରଭୁଙ୍କ ପରମ ଭକ୍ତ ତୁମେ । ମୁଁ ତୁମ ସହିତ ଏମିତି ଭାବେ ଗଲେ ପ୍ରଭୁଙ୍କ ସମ୍ମାନରେ ବାଧା ପଡ଼ିବ । ...ମୁଁ ଚାହେଁ, ତୁମଠୁଁ ସମ୍ବାଦ ପାଇ ସେ ଏଠିକି ଆସି ରାବଣର ଦୁଷ୍କର୍ମ ପାଇଁ ତାକୁ ଉପଯୁକ୍ତ ଶାସ୍ତି ଦେଇ ମତେ ଉଦ୍ଧାର କରି ନିଅନ୍ତୁ ।

ହନୁମାନ – ତୁମେ ଉଚିତ କଥା କହିଚ ଜନନୀ । ମୋର ଭ୍ରମ ଦୂର ହୋଇଚି । ...ମତେ ତା'ହେଲେ ବିଦାୟ ଦିଅ ମାତା ! ପ୍ରଭୁ ମୋ ବାଟ ଚାହିଁ ବସିଥିବେ ।

ସୀତା – ହଁ ବସ୍ତ, ତୁମେ ଯାଅ । ...ଆଜି ତୁମ ପ୍ରଭୁଙ୍କ କାର୍ଯ୍ୟ ଯେ ତୁମେ ସମ୍ପନ୍ନ କରିଚ, ତା'ର ସଙ୍କେତ ଏଇ ମୋ' ମଥାମଣି ନେଇଯାଅ– ପ୍ରଭୁଙ୍କୁ ଦେବ । ...ହଁ, ଲଙ୍କାଗଡ଼କୁ ଆସିଲା ପରେ ତମେ ନିଶ୍ଚୟ ଅନାହାରରେ ରହିଥିବ । ଏ ଅଶୋକ ବନରେ ବହୁ ସୁସ୍ୱାଦୁ ଫଳ ରହିଚି । ଯାଅ ବାବୁ – ଆହାର ଓ ବିଶ୍ରାମ ପରେ ଯାତ୍ରା ଆରମ୍ଭ କରିବ । ମୁଁ ଆଶୀର୍ବାଦ କରୁଚି – ସର୍ବଶୁଭରେ ତୁମେ ସମୁଦ୍ର ଲଂଘନ କରି କିଷ୍କିନ୍ଧ୍ୟାରେ ପହଞ୍ଚିବ ।

ହନୁମାନ – ଜୟ ପ୍ରଭୁ ! ଜୟ ସୀତାରାମ !

× × × × ×

Digitized by srujanika@gmail.com

[ଅଶୋକବନର ଅନ୍ୟ ଏକ ପ୍ରାନ୍ତ । ହନୁମାନ ବୃକ୍ଷ ଉପରେ ଥାଇ ଫଳ ଭକ୍ଷଣ କରୁଥାନ୍ତି । ପ୍ରହରୀ ଅସୁରମାନେ ଆସିଲେ ।]

୧ମ ଅସୁର – ହେ-ହେ-ହେ, ତୁ କିଏ ?

ହନୁମାନ – କପିବର ।

୨ୟ ଅସୁର – ଆକାରରେ ଜଣାଯାଉଚୁ ବାନର – କହୁଚୁ କପିବର ।

ହନୁମାନ – ହଁ, ଆକାରରେ ବାନର – ସାକାରରେ କପିବର ।

୧ମ ଅସୁର – ସେ ଗଛ ଉପରେ କ'ଣ କରୁଚୁ ?

ହନୁମାନ – ଫଳ ଭକ୍ଷଣ କରୁଚି ।

୨ୟ ଅସୁର – କାହିଁକି ?

ହନୁମାନ – କ୍ଷୁଧା ନିବାରଣ ପାଇଁ ।

୧ମ ଅସୁର – ତୁ ଜାଣୁ ଏଇଟା ଲଙ୍କାର ଅସୁର ରାଜା ରାବଣଙ୍କ ଅଶୋକ ବନ । ଏଠୁ କେହି ଫଳ ଖାଇପାରିବେ ନାହିଁ – ରାଜାଙ୍କ ଆଦେଶ ।

ହନୁମାନ – ଜାଣେ...

୨ୟ ଅସୁର – ଜାଣୁ ଯଦି ଖାଉଚୁ କାହିଁକି ?

ହନୁମାନ – ଖାଉଚି, ଯେହେତୁ ମୁଁ ଅସୁର ନୁହେଁ ।

୧ମ ଅସୁର – (ରାଗି) କ'ଣ ତୁ କହୁଚୁ ?

ହନୁମାନ – ରାଗୁଚ କାହିଁକି ? ଲଙ୍କା ରାଜ୍ୟରେ ତ ସମସ୍ତେ ଅସୁର । ଅସୁରମାନେତ ଫଳ ଆହାର କରନ୍ତି ନାହିଁ – ସେମାନେ ମାଂସାହାରୀ । ସେଇଥିପାଇଁ ରାଜା ତମର ଆଦେଶ କରିଚନ୍ତି ଯେ କେହି ଫଳ ଖାଇବେ ନାହିଁ । ମୁଁ ତ ଅସୁର ନୁହେଁ – ବାନର । ଫଳ ଆହାର ମୋର ଧର୍ମ– ମୁଁ ଫଳ ଖାଉଚି ।

୨ୟ ଅସୁର – ଭଲ ଗତି ଅଛି ତ ତଳକୁ ଓହ୍ଲେଇଆ ।

ହନୁମାନ – ଶୁଣ, ଏଠି ଏ ଗଛ ଉପରେ ମୋର ଗତି କିଛି ମନ୍ଦ ନୁହେଁ । ମୋର ଆଉ ଭଲ ଗତିର ପ୍ରୟୋଜନ ନାହିଁ କି ମୁଁ ତଳକୁ ଯିବି ନାହିଁ ।

୧ମ ଅସୁର – ତା'ହେଲେ ନେ – ଏଇ ଗଦା ସମ୍ଭାଳ । (ଗଦା ନିକ୍ଷେପ କଲା)

୨ୟ ଅସୁର – ଏ କ'ଣ ? ଗଦାଟା ତା' ଦେହରେ ବାଜି ଦି'ଖଣ୍ଡ ହୋଇ ଭାଙ୍ଗି ତଳେ ପଡ଼ିଲା !

Digitized by srujanika@gmail.com

୧ମ ଅସୁର – ନା ନା, ଗୋଟାଏ ବାନର ଦେହରେ ଗଦାଟା ବାଜି ଭାଙ୍ଗିବ କେମିତି ? ଗଦାଟା ମୁଁ ଯେମିତି ଫିଙ୍ଗିଥିଲି ତୋ' ମୋ' ଦେହରେ ବାଜିଥିଲେ ଆମେ ପରା ଭାଙ୍ଗିପଡ଼ିଥାନ୍ତେ ! ଗଦାଟା ନିଶ୍ଚୟ ଗଛ ଡାଳରେ ବାଜି ଭାଙ୍ଗିଗଲା ।

୨ୟ ଅସୁର – ଯୋଉ ଗଦା ଗଛ ଦେହରେ ବାଜିବ ସେମିତିକା ଗଦା ତୁ ଫିଙ୍ଗିଲୁ କାହିଁକି ? ...ଏଇ, ଏ ଗଦାଟା ଫିଙ୍ଗିଲୁ ନାହିଁ ?

୧ମ ଅସୁର – ସେ ଗଦା ? ସେ ଗଦା ଉଠେଇବ କିଏ ? ମତେ ତ କହିଦଉଚୁ, ତୁ ଉଠେଇଲୁ ଦେଖି ?

ହନୁମାନ – ଶୁଣ ଶୁଣ, କଳିକଜିଆ କରନାହିଁ । ତମେମାନେ ସବୁ ଅସୁର ସୈନ୍ୟ ତ ?

୨ୟ ଅସୁର – ହଁ, ଆମେ ଲଙ୍କାର ଅସୁର ସୈନ୍ୟ ।

ହନୁମାନ – ତମେମାନେ ଏତେ ସଂଖ୍ୟାରେ ଆସି ଜମାହେଲଣି – ମୋ ସହିତ ଯୁଦ୍ଧ କରିବ ?

୧ମ ଅସୁର – ଯୁଦ୍ଧ ! ହାଃ-ହାଃ-ହାଃ – ଗୋଟାଏ ବାନର ସହିତ ଯୁଦ୍ଧ !

୨ୟ ଅସୁର – (ନିମ୍ନ ସ୍ୱରରେ) ହେ ହେ ଶୁଣ୍, ଆମେ ତାକୁ ଯୁଦ୍ଧ ପାଇଁ ଡାକରା ଦେବା – ସେ କେମିତି ଗଛରୁ ଓହ୍ଲାଇ ଆସୁ ।

୧ମ ଅସୁର – ଶୁଣରେ ବାନର, ଆମେ ତୋ' ସହିତ ଯୁଦ୍ଧ କରିବୁ ।

ହନୁମାନ – ଗୋଟାଏ ସର୍ତ୍ତରେ ଯୁଦ୍ଧ ହେବ । ତମେମାନେ ଯଦି ଯୁଦ୍ଧରେ ଜିଣିବ ତ ଭଲ କଥା, ଆଉ ମୁଁ ଯଦି ଜିଣିବି, ତେବେ ଏ ଅଶୋକ ବନକୁ ମୁଁ ଭାଙ୍ଗି ଧ୍ୱଂସ କରିଦେବି... ରାଜି ?

ଦୁହେଁ – ହଁ-ହଁ, ଆମେ ରାଜି ।

ହନୁମାନ – ବେଶ୍ – ଯୁଦ୍ଧ ଆରମ୍ଭ ହେଉ ।

× × × × ×

[ଲଙ୍କା ରାଜସଭା । ବନ୍ଦୀ ଅବସ୍ଥାରେ ହନୁମାନ]

ରାବଣ – ଗୋଟାଏ ହୀନ ଘୃଣ୍ୟ ମର୍କଟ ତୁ – ସୀତା ସନ୍ଧାନର ଛଳନା କରି ଗୋଟାଏ ଚୋର ପରି ମୋ' ଲଙ୍କାପୁରୀରେ ତୁ ପ୍ରବେଶ କରିଚୁ– ଅଶୋକବନ ଧ୍ୱଂସ କରିଚୁ – ବନରକ୍ଷୀ ଆଉ ମନ୍ତ୍ରୀ ପୁତ୍ରମାନଙ୍କ ସହିତ ପ୍ରହସ୍ତର ପୁତ୍ର ଜମ୍ବୁମାଳି ଆଉ ମୋର ପ୍ରିୟ ପୁତ୍ର ଅକ୍ଷୟ କୁମାରକୁ ବଧ

Digitized by srujanika@gmail.com

କରିଛୁ । ତୋ' ଅପରାଧର ସୀମା ନାହିଁ । ମୋର ବୀରପୁତ୍ର ଇନ୍ଦ୍ରଜିତ ତୋତେ ବନ୍ଦୀ କରି ଆଣିଚି । ବର୍ତ୍ତମାନ ଏହି ରାଜସଭାରେ ତୋତେ ହତ୍ୟାକରି ତୋ ଅପରାଧର ପ୍ରତିଶୋଧ ମୁଁ ନେବି ।

ହନୁମାନ – ଲଙ୍କପତିଙ୍କର ଏ ବିଚାର ଶୁଣି ମୁଁ ହସିବି କି କାନ୍ଦିବି ବୁଝିପାରୁନାହିଁ । ନିଜେ ଲଙ୍କପତି କହୁଚନ୍ତି – ମୁଁ ଚୋର, ମୁଁ ଅପରାଧୀ !

(ଗୀତ)

ଚୋରି କରି ଯଦି ପରନାରୀ ଜଣେ ହୁଏ ସାଧୁ ସତ୍ୟବାଦୀ
ସେଇ ଚୋର ଘରେ ପାଦ ଦେଲେ ମୁହିଁ ହେବି କିମ୍ପା ଅପରାଧୀ ହେ,
ଆହେ ଲଙ୍କା ରାଜନ,
ମତେ କୁହ ଏଥିର କାରଣ ହେ । ୧ ।
ଗୋଷ୍ପଦ ପରି ମୁଁ ଏକଇ ଲମ୍ଫରେ ସମୁଦ୍ର ହୋଇଲି ପାରି
ବୁଲି ଲଙ୍କାପୁର ଦେଖିଲି କେବଳ ଅପକୀର୍ତ୍ତି ଅସୁମାରି ହେ,
ଧିକ ଏ ରାଜପଣ,
ତୁମେ ନୁହଁ ବିଶ୍ରବାନନ୍ଦନ ହେ । ୨ ।

ରାବଣ – କୋଉ ସାହସରେ ତୁ ମୋର ପୁତ୍ରକୁ ହତ୍ୟା କରିଚୁ ?

ହନୁମାନ – (ଗୀତ)

ଥିଲେ ତ ବହୁତ ସୁତ ମନ୍ତ୍ରୀସୁତ, ମୁହିଁ ଥିଲି ମାତ୍ର ଜଣେ,
ମାତି ବୀର ଗର୍ବେ ମୋହ ସଙ୍ଗେ ସର୍ବେ ଅବତୀର୍ଣ୍ଣ ହୋଇ ରଣେ ହେ,
ଯେବେ ହୋଇଲେ ହତ,
ମତେ କରିବ କିମ୍ପା ନିହତ ହେ । ୩ ।

ରାବଣ – ତୋର ପୁଣି ଏ ସ୍ପର୍ଦ୍ଧା ? ଗୋଟାଏ ଛାର ବାନର ତୁ...

ହନୁମାନ – (ଗୀତ)

ପବନ ନନ୍ଦନ ନାମ ହନୁମାନ ଅଟେ ମୁଁ ଶ୍ରୀରାମ ଦୂତ
ଅଶୋକ ବନରେ ଦେଖିଲି ଜନନୀ ଭୋଗନ୍ତି ଦୁଃଖ ବହୁତ ହେ,
ଘେନ ଏହି ସନ୍ଦେଶ
ଏବେ ଫେରିବି କିଷ୍କିନ୍ଧ୍ୟା ଦେଶ ହେ । ୪ ।

ରାବଣ – କିଷ୍କିନ୍ଧ୍ୟା ଦେଶ ଫେରିବୁ, ନା ? ...ଘାତକ, ଏଇ ବନ୍ଧନ ଅବସ୍ଥାରେ ଏ ବାନରଟାକୁ ଏଠି ହତ୍ୟାକର ।

Digitized by srujanika@gmail.com

ବିଭୀଷଣ — କ୍ଷମା କରିବେ ଲଙ୍କପତି !

ରାବଣ — କିଏ ? ବିଭୀଷଣ ? କ'ଣ କହୁଚ ତୁମେ ?

ବିଭୀଷଣ — ହନୁମାନ ହେଉଚି ଶ୍ରୀରାମଙ୍କ ଦୂତ । ତାକୁ ହତ୍ୟା କରିବା ନୀତିବିରୋଧ କାର୍ଯ୍ୟ ହେବ ।

ରାବଣ — ନୀତିବିରୋଧ ! ଏଇ ଅଧମ ବାନରଟାକୁ ହତ୍ୟା କରିବା ମୋ' ପକ୍ଷରେ ନୀତିବିରୋଧ ହେବ ? ..ଏଇ ଉପଦେଶ ତୁମେ ମତେ ଦେଉଚ ?

ବିଭୀଷଣ — ତ୍ରିଭୁବନ ଜାଣେ ଲଙ୍କପତି ରାବଣ ହେଉଛନ୍ତି ରାଜନୀତି ବିଶାରଦ । ମୁଁ ଆପଣଙ୍କୁ କି ଉପଦେଶ ଦେବି ? ...ସୀତା ହରଣ ଘଟଣା ପରେ ଯଦି ଆପଣଙ୍କର କେହି ଶତ୍ରୁ ଜନ୍ମ ହୋଇଥାଏ, ତେବେ ସେ ହେଉଚନ୍ତି ସୀତାପତି ରାମଚନ୍ଦ୍ର — ରାମଦୂତ ହନୁମାନ ନୁହେଁ ।

ରାବଣ — ହୁଁ, ତୁମେ ହୁଏତ ଠିକ୍ କହିଛ ବିଭୀଷଣ । ଏଇଟାକୁ ହତ୍ୟାକରି କିଛି ଲାଭ ନାହିଁ । ବରଂ ସେ ଏଠୁ ଯାଇ ତା' ପ୍ରଭୁ ନିକଟରେ ଲଙ୍କାର ବିଭବ ଆଉ ଲଙ୍କପତିର ପରାକ୍ରମ କାହାଣୀ ବର୍ଣ୍ଣନା କରୁ । ...ତେବେ ଏଠୁ ଯିବା ପୂର୍ବରୁ ସେ ଉପଯୁକ୍ତ ଶାସ୍ତି ଭୋଗ କରି ଯିବ ।

ହନୁମାନ—ତେବେ କହନ୍ତୁ ଲଙ୍କପତି, ମୋ ପ୍ରତି କି ଶାସ୍ତି ବିଧାନ କରୁଚନ୍ତି ?

ରାବଣ — ଗୋଟାଏ ମର୍କଟ ତୁ । ତୋର ସ୍ୱଭାବ-ଧର୍ମ ଅନୁରୂପ ଶାସ୍ତି ତୁ ଭୋଗ କରିବୁ । ...କିଏ ଅଛି ...ଏଇଟାର ଲାଙ୍ଗୁଳରେ ଅଗ୍ନି ସଂଯୋଗ କରି ତାକୁ ଲଙ୍କାର ଗଳିକନ୍ଦି ବୁଲେଇ ଛାଡ଼ିଦିଅ । ଲଙ୍କାପୁରୀର ସମସ୍ତେ ଯେମିତି ଏ ଦୃଶ୍ୟ ଦେଖିବେ ।

ହନୁମାନ — ଲାଙ୍ଗୁଳରେ ମୋର ଅଗ୍ନି ସଂଯୋଗ କରନ୍ତୁ — ଆପତ୍ତି ନାହିଁ । ମାତ୍ର ମତେ ଲଙ୍କାଗଡ଼ରେ ବୁଲେଇବା ପାଇଁ ପ୍ରହରୀମାନେ ପରିଶ୍ରମ କରିବେ କାହିଁକି ? ଅଗ୍ନି ସଂଯୋଗ କରନ୍ତୁ — ମୁଁ ନିଜେ ଲଙ୍କାପୁରୀର ପ୍ରତ୍ୟେକ ଘରକୁ ଯାଇ ଏ ଦୃଶ୍ୟ ଦେଖାଇଆସିବି ।

ରାବଣ — ଅଗ୍ନି ସଂଯୋଗ କର । (ଅଗ୍ନି ସଂଯୋଗ କରାହେଲା)

ହନୁମାନ — (ଉଚ୍ଚ ହାସ୍ୟ)

ସ୍ୱର — ଏ କ'ଣ ? ହନୁମାନ ଯେ ପବନ ଗତିରେ ଛୁଟି ଚାଲିଚି — ଏଣେ ଗୋଟାକ ପରେ ଗୋଟାଏ ଘର ଜଳିଯାଉଚି !

ରାବଣ — ତାକୁ ହତ୍ୟାକର — ତାକୁ ହତ୍ୟାକର ।

Digitized by srujanika@gmail.com

ହନୁମାନ – (ଉଚ୍ଚ ହାସ୍ୟ)

× × × × ×

[କିଷ୍କିନ୍ଧ୍ୟା ରାଜ୍ୟ । ହନୁମାନ ଫେରିଆସିଚନ୍ତି]

ରାମ – ଏଇ ମଥାମଣି ! ପୁଷ୍ପକ ବିମାନରେ ଗଲାବେଳେ ଦେହରୁ ସବୁ ଅଳଙ୍କାର କାଢ଼ି ତଳକୁ ଫିଙ୍ଗିଦେଇଥିଲେ– ଥିଲା କେବଳ ଏଇ ମଥାମଣିଟି !

ହନୁମାନ – ମୁଁ ମୁଦ୍ରିକା ସଂକେତ ଦେଲାବେଳେ ଦେବୀ ମଧ୍ୟ ଏଇ କଥା କରିଥିଲେ... କହିଲେ ବନବାସକୁ ଆସିଲାବେଳେ ପ୍ରଭୁ ତାଙ୍କ ଶ୍ରୀଅଙ୍ଗରୁ ସବୁ ଅଳଙ୍କାର କାଢ଼ିଦେଲେ – ଥିଲା କେବଳ ରତ୍ନମୁଦିଟି ।

ରାମ– ରାକ୍ଷସୀ ମେଳରେ ରାକ୍ଷସପୁରୀରେ ବନ୍ଦିନୀ ! କି ଦୁଃଖ, କି ଭୟ, କି ଯନ୍ତ୍ରଣାରେ ତାଙ୍କର ଦିନ କଟୁଥିବ ! ତୁମେ ତ ମତେ କହିନ ହନୁମାନ– ଦେବୀଙ୍କର ଆହାର ନିଦ୍ରା... ଅଧମ ମୁଁ । ମୁଁ ବଞ୍ଚି ଥାଉ ଥାଉ...

ଲକ୍ଷ୍ମଣ – ନା ପ୍ରଭୁ ! ଆଜି ବିଳାପର ଦିନ ନୁହେଁ । ଦେବୀଙ୍କ ବିଚ୍ଛେଦରେ ଆପଣ ବହୁ ଦୁଃଖ ବହୁ ଶୋକ କରିଚନ୍ତି । ଆପଣଙ୍କ ଦେହ ମନ କ୍ଷୟ ହୋଇଚି । ...ଶୁଣିଲେ ତ, ସାମାନ୍ୟ ତୃଣ ଖଣ୍ଡିଏ ବ୍ୟବଧାନ ରଖି ଦେବୀ କିପରି ରାବଣକୁ ଭୀତତ୍ରସ୍ତ କରାଇପାରିଚନ୍ତି । ...ହନୁମାନ ଦେବୀଙ୍କର ସନ୍ଧାନ ଆଣିଦେଇଚନ୍ତି । ଆଜି ଅଗାଧ ଆନନ୍ଦର ଦିନ – ଆମ କର୍ତ୍ତବ୍ୟ ପାଳନର ସମୟ ।

ସୁଗ୍ରୀବ–କୁମାର ଲକ୍ଷ୍ମଣ ଉଚିତ କଥା କହିଚନ୍ତି । ଆପଣ ଉଠନ୍ତୁ ରଘୁପତି ! ନଳ, ନୀଳ, ଜାମ୍ବବାନ, ସୁଷେଣ, ଅଙ୍ଗଦ, ହନୁମାନ ଆଦି ମହାବୀର ସେନାପତିମାନଙ୍କ ସହିତ ଅକଳନ ସେନାବାହିନୀ ପ୍ରସ୍ତୁତ । ଅତି ଶୁଭଦିନ ଆଜି । ଏଇ ମୁହୂର୍ତ୍ତରେ ଆମେ ରାବଣ ବିରୁଦ୍ଧରେ ଯୁଦ୍ଧଯାତ୍ରା କରିବା ।

ରାମ – ଯୁଦ୍ଧ ଯାତ୍ରା ! ଜାନକୀ ଉଦ୍ଧାର ପାଇଁ ରାବଣ ବିପକ୍ଷରେ ମୋର ଏ ଯୁଦ୍ଧ ଯାତ୍ରା...

ସୁଗ୍ରୀବ – ଏ କ'ଣ ମୁଁ ଦେଖୁଚି ମିତ୍ର ! ଚକ୍ଷୁର ପଲକରେ ଆପଣଙ୍କର ସମସ୍ତ ଅବୟବ ଯେପରି ପ୍ରଜ୍ଜ୍ୱଳିତ ହୋଇଉଠୁଚି । ନାସିକାରେ ଖରଶ୍ୱାସ– ଚକ୍ଷୁରେ ସ୍ଫୁଲିଙ୍ଗ...

ରାମ – ମୁଁ ଜାଣେ – ଜାଣେ ଦଶାନନ, ତୁ ବ୍ରହ୍ମାବର ଲାଭ କରିଚୁ, ସ୍ୱର୍ଗପୁର ଜୟକରିଚୁ । ମାତ୍ର ସୀତା ଅପହରଣ କରି ତୁ ଯେଉଁ ହୀନ

Digitized by srujanika@gmail.com

ଅପରାଧ କରିଚୁ, ସେଥିରେ ମୋ ସମ୍ମୁଖରେ ତୋ'ର ସମସ୍ତ ବଳବୀର୍ଯ୍ୟ ଓ ଅଭିମାନ ପ୍ରବଳ ସ୍ରୋତ ମୁଖରେ ତୃଣଖଣ୍ଡପରି ବିଲୁପ୍ତ ହୋଇଯିବ । ତୁ ଅଛୁ ଲଙ୍କାପୁରୀରେ – ମୁଁ ଅଛି ଏହି କିଷ୍କିନ୍ଧ୍ୟାରେ... ତୋଠାରୁ ସହସ୍ର ଯୋଜନ ଦୂରରେ । ତୁ ଶୁଣିନପାରିଲେ ମଧ୍ୟ ଯୁଦ୍ଧଯାତ୍ରା ପୂର୍ବରୁ ମୋର ଏଇ ଧନୁର ଟଙ୍କାର ହେଉଚି ତୋର ଆସନ୍ନ ମୃତ୍ୟୁର ସଙ୍କେତ ।

× × × × ×

[ଲଙ୍କାର ରାଜସଭା]

ବିଭୀଷଣ – ଆପଣ ଭୁଲିଯିବେ ନାହିଁ ଲଙ୍କପତି, ଆଜି ଲଙ୍କାର ଶତ୍ରୁ କେବଳ ହନୁମାନ, ସୁଗ୍ରୀବ, ଜାମ୍ବବାନ କି ଅଙ୍ଗଦ ନୁହଁନ୍ତି – ଲଙ୍କାର ଶତ୍ରୁ ହେଉଚନ୍ତି ସ୍ୱୟଂ ପରଂବ୍ରହ୍ମ ପରମେଶ୍ୱର, ଭଗବାନ ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଚନ୍ଦ୍ର ।

ରାବଣ – ଶ୍ରୀରାମ ଗୁଣ କୀର୍ତ୍ତନ ପାଇଁ ସମୁଦ୍ର ସେ ପାରିରେ ବହୁ ବାନରସେନା ସମବେତ ହୋଇଚନ୍ତି । ତୋ ମୁହଁରୁ ମୁଁ ରାମ ମହିମା ଶୁଣିବାକୁ ଚାହେଁନା । ଶତ୍ରୁ ଦ୍ୱାରଦେଶରେ । ମୁଁ ଜାଣେ ମୋ ସହିତ ଯୁଦ୍ଧ କରିବାପାଇଁ ସେମାନେ ସମୁଦ୍ର ପାରହୋଇ ଲଙ୍କାଗଡ଼କୁ ଆସିବେ । ମୋର ସେଥିପ୍ରତି ତିଳେ ହେଲେ ଭ୍ରୂକ୍ଷେପ ନାହିଁ । ତଥାପି ତୁ ଯେତେବେଳେ ଲଙ୍କବାହିନୀର ଜଣେ ସେନାପତି, ମୁଁ ତୋ' ମୁହଁରୁ ସେଇ ଆଲୋଚନା ଚାହେଁ ।

ବିଭୀଷଣ – ମୋର ଆଶଙ୍କା ଲଙ୍କାପତି, ଆପଣ ଆରମ୍ଭରୁ ଶ୍ରୀରାମଙ୍କ ପ୍ରତି ଏପରି ତୁଚ୍ଛ ମନୋଭାବ ପୋଷଣ କଲେ ଆମ ଦୁହିଁଙ୍କ ଆଲୋଚନାର କିଛି ମୂଲ୍ୟ ରହିବନାହିଁ ।

ରାବଣ – ବିଭୀଷଣ ! ଯିଏ ମୋର ଶତ୍ରୁ ତା'ପ୍ରତି ମୁଁ ତୁଚ୍ଛ ମନୋଭାବ ପୋଷଣକଲେ ତୋତେ ପୁଣି ବାଧୁଚି ! ତୁ ଏ କଥା କହିପାରୁଚୁ ?

ବିଭୀଷଣ – ମତେ କ୍ଷମା କରିବେ ଜ୍ୟେଷ୍ଠଭ୍ରାତ ! ଆପଣଙ୍କର ନୀତିକୁ ମୁଁ ସ୍ୱୀକାର କରିପାରୁନାହିଁ ।

ରାବଣ – ତା'ହେଲେ ସେଇ ସଙ୍ଗେ ସଙ୍ଗେ ତୁ ମତେ ମଧ୍ୟ ଅସ୍ୱୀକାର କରୁଚୁ ?

ବିଭୀଷଣ – ମୁଁ ଉପାୟହୀନ ।

Digitized by srujanika@gmail.com

ରାବଣ – ତେବେ ମୁଁ ମଧ୍ୟ ଉପାୟହୀନ । ଏ ଲଙ୍କାପୁରୀରେ ତୋର ଆଉ ସ୍ଥାନ ନାହିଁ ।

(ଗୀତ) ଜନମି ଲଙ୍କାରେ ଲଙ୍କେଶ୍ୱରେ ଅପମାନରେ
କଲୁ ଯେବେ ଲଙ୍କାପୁରେ ନାହିଁ ତୋର ସ୍ଥାନରେ । ୦ ।
ହୋଇ ତୁ ଦାନବ ସୁତ
ହେଲୁରେ ମାନବ ଭୃତ୍ୟ
କାଳେ କାଳେ 'ବିଭୀଷଣ' ନାମ ହେବ ଘୃଣ୍ୟରେ । ୧ ।

ବିଭୀଷଣ – ମୋ' ପ୍ରତି ଆପଣ ଅବିଚାର କରୁଚନ୍ତି । ମୁଁ ଆପଣଙ୍କର ଶୁଭାକାଂକ୍ଷୀ । ମୋର ନିବେଦନ, ଆପଣ ସୀତାଙ୍କୁ ଫେରାଇ ଦିଅନ୍ତୁ ।

ରାବଣ – କାହିଁକି ? କାହିଁକି ? ତୋର ଏ ନିବେଦନ ମୂଳରେ କି ଯୁକ୍ତି ଅଛି ?

ବିଭୀଷଣ – ଶକ୍ତି ବଳରେ ପରନାରୀ ହରଣ ଉଚିତ ନୁହେଁ ।

ରାବଣ – ଉଚିତ ନୁହେଁ ! ତୁ କାହୁଁ ବୁଝିବୁ ମୂର୍ଖ ଯେ, ମୋ' ପକ୍ଷରେ ଯାହା ବୀରୋଚିତ, ମୁଁ ତାହାହିଁ କରିଚି ।

(ଗୀତ) ବୀରଭୋଗ୍ୟା ବସୁନ୍ଧରା
ଭୋଗିବି ମୁଁ ନାରୀ ହୀରା,
ବୀରଧର୍ମେ କରିଛି ମୁଁ ଜାନକୀ ହରଣରେ । ୨ ।

ରାବଣ – ମୁଁ ପୁଣି ଥରେ ପଚାରୁଚି, ଏ ଯୁଦ୍ଧରେ ତୋର ସହଯୋଗ ଅଛି ନା ନାହିଁ ?

ବିଭୀଷଣ – ରାମଚନ୍ଦ୍ର ଯଦି ବିନା କାରଣରେ ଲଙ୍କା ଆକ୍ରମ କରିଥାନ୍ତେ...

ରାବଣ – ମୁଁ ତୋର କୌଣସି କଥା ଆଉ ଶୁଣିବାକୁ ଚାହେଁନା ।

(ଗୀତ) ଦେଶଦ୍ରୋହୀ ରାଜଦ୍ରୋହୀ
ହେଲୁ ପୁଣି ଭ୍ରାତୃଦ୍ରୋହୀ,
କୁଳ ପାଂଶୁଳ ତୁ ମୋର ପଦାଘାତ ଘେନରେ । ୩ ।

(ବିଭୀଷଣ ଉପରେ ରାବଣର ପଦାଘାତ)

ବିଭୀଷଣ – ଆପଣ... ଆପଣ ମତେ ପଦାଘାତ କଲେ !!

ରାବଣ – ହଁ, ଏ ପଦାଘାତ ସହ ଆଦେଶ କରୁଚି, ତୁ ଲଙ୍କା ଭୂମି ଛାଡ଼ି ଚାଲିଯା !

Digitized by srujanika@gmail.com

ବିଭୀଷଣ – ଆଦେଶ ଶିରୋଧାର୍ଯ୍ୟ ।

× × × × ×

[ଲଙ୍କାରାଜ୍ୟର ମୁକ୍ତ ପ୍ରାନ୍ତର]

ବିଭୀଷଣ – ରଘୁପତିଙ୍କ ଆଦେଶରେ ସମୁଦ୍ର ତା' ନିଜ ରୂପ ଧରି ଆସି ମଥା ନତ କରି ଠିଆହେଲା । ବିନ୍ଧାଣି ନଳ ସମୁଦ୍ରରେ ସେତୁ ବାନ୍ଧିଲେ । ବର୍ତ୍ତମାନ ଆମେ ରାବଣ ରାଜ୍ୟ ଲଙ୍କା ଭୂମିରେ ଉପସ୍ଥିତ ।

ରାମ – ସମୁଦ୍ରରେ ସେତୁ ବନ୍ଧା ହେବା ଅପେକ୍ଷା ମୋ' ଜୀବନର ବଡ଼ ଘଟଣା ହେଉଚି ତୁମପରି ଜଣେ ମିତ୍ରଲାଭ । ସମୁଦ୍ର ଲଂଘନ ଚିନ୍ତାରେ ମୁଁ ଯେତେବେଳେ ହତାଶ ହୋଇପଡ଼ିଥିଲି, ସେତିକିବେଳେ ତୁମେ ଲଙ୍କା ରାଜ୍ୟ ଆଉ ରାବଣ ପରି ଭାଇକୁ ଛାଡ଼ି ମତେ ଆସି ସାନ୍ତ୍ୱନାର ବାଣୀ ଶୁଣାଇଥିଲ ।

ବିଭୀଷଣ – ଆପଣଙ୍କର ଶରଣପ୍ରାର୍ଥୀ ହୋଇ ମୁଁ ଆସିଥିଲି । ମୋର କୋଟି ଜନ୍ମର ସୁଫଳ, ଆପଣ ମତେ ବନ୍ଧୁଭାବେ ଗ୍ରହଣ କରିଚନ୍ତି ।

ରାମ – ଲଙ୍କାଗଡ଼ ଆକ୍ରମଣ ପୂର୍ବରୁ ମୁଁ ଘୋଷଣା କରୁଚି, ତୁମେ ବିଭୀଷଣ, ରାବଣ ଅନ୍ତେ ତୁମେ ହେବ ଲଙ୍କାର ଅଧିପତି । ...ହଁ, ମିତ୍ର ସୁଗ୍ରୀବ, ବର୍ତ୍ତମାନ କିପରି କି କୌଶଳରେ ଆମେ ରାବଣ ବିପକ୍ଷରେ ଯୁଦ୍ଧରେ ଅବତୀର୍ଣ୍ଣ ହେବା ବିଚାର କରାଯାଉ ।

ସୁଗ୍ରୀବ – ମୋର ନିବେଦନ ପ୍ରଭୁ, ଆମେ ଏହି ମୁହୂର୍ତ୍ତରେ ଲଙ୍କାଗଡ଼ର ଚାରିଦ୍ୱାର ଉପରେ ଏକ ସଙ୍ଗରେ ଆକ୍ରମଣ କରିବା । ...କ'ଣ କହୁଚ ବିଭୀଷଣ ?

ବିଭୀଷଣ – ମୁଁ ତୁମ ସହିତ ଏକମତ । ବର୍ତ୍ତମାନ ରାବଣ ଉତ୍ତର ଦ୍ୱାରରେ ଥିବ ।

ଲକ୍ଷ୍ମଣ – ତା'ହେଲେ ମୁଁ ଉତ୍ତର ଦ୍ୱାରକୁ ଯିବି । ସେଇ ପାପୀ ଦୁରାଚାରୀଟାର ବକ୍ଷରେ ଶରଭେଦ ନ କରିବା ପର୍ଯ୍ୟନ୍ତ ମୁଁ ସ୍ଥିର ରହିପାରିବି ନାହିଁ ।

ବିଭୀଷଣ – ହଁ ବୀର ସୌମିତ୍ରୀ, ସ୍ୱୟଂ ପ୍ରଭୁଙ୍କ ସହିତ ତୁମେ ଉତ୍ତର ଦ୍ୱାର ଆକ୍ରମଣ କରିବ । ତୁମ ସହିତ ମୁଁ ଆଉ ବୀର ସୁଗ୍ରୀବ ରହିବୁ ।

ସୁଗ୍ରୀବ – ସେନାପତି ନଳ ଯା'ନ୍ତୁ ପୂର୍ବ ଦ୍ୱାରକୁ ।

Digitized by srujanika@gmail.com

ବିଭୀଷଣ – ଆଉ ଅଙ୍ଗଦ ତୁମେ ?

ଅଙ୍ଗଦ – ମୁଁ ଦକ୍ଷିଣ ଦ୍ୱାର ଆକ୍ରମଣ କରିବି । ପ୍ରଭୁଙ୍କ ଆକ୍ରମଣ ସହି ନପାରି ରାବଣ ଉତ୍ତର ଦ୍ୱାରରୁ ଦକ୍ଷିଣ ଦ୍ୱାରକୁ ପଳାଇ ଆସିଲେ, ସେଇଠି ମୋ ହାତରେ ତାର ପ୍ରାଣ ଯିବ ।

ସୁଗ୍ରୀବ – ହନୁମାନ ତୁମେ ?

ହନୁମାନ – ପଶ୍ଚିମ ଦ୍ୱାର ଦେଇ ମୁଁ ଲଙ୍କାଗଡ଼ରେ ପ୍ରବେଶ କରିଥିଲି । ମୁଁ ସେଇ ପଶ୍ଚିମ ଦ୍ୱାର ଆକ୍ରମଣ କରିବି ।

ରାମ – ତା'ହେଲେ ଲଙ୍କାଗଡ଼ ଆକ୍ରମଣ କରିବା ପାଇଁ ସମସ୍ତେ ଏକମତ !

ସମସ୍ତେ – ହଁ ପ୍ରଭୁ, ଆମେ ସମସ୍ତେ ଏକମତ ।

ରାମ – ମାତ୍ର ଯୁଦ୍ଧର ନୀତି ହେଲା, ଯୁଦ୍ଧ ପୂର୍ବରୁ ଦୂତ ପ୍ରେରଣ ।

ସମସ୍ତେ – ନା ନା, ଦୂତ ଆଉ କାହିଁକି ଯିବ ?

ସୁଗ୍ରୀବ – ଥରେତ ଆମେ ହନୁମାନଙ୍କୁ ଦୂତ କରି ପଠାଇଥିଲୁ !

ବିଭୀଷଣ – ପୁଣି ଦୂତ ପଠାଇଲେ ରାବଣ ଭାବିବ, ରଘୁପତି ଦୁର୍ବଳ ହୋଇପଡ଼ିଲେଣି ।

ଲକ୍ଷ୍ମଣ – ଆମର ପ୍ରଥମ କର୍ତ୍ତବ୍ୟ ମାତା ଜାନକୀଙ୍କ ଉଦ୍ଧାର ।

ରାମ – ତମମାନଙ୍କର ବିଚାରରେ ମୁଁ ତୃପ୍ତ । ମାତ୍ର, ଦୂତ ଯିବ । ଧର୍ମ ରକ୍ଷା ପାଇଁ ମୁଁ ପିତୃ ସତ୍ୟ ପାଳନକରି ବନବାସ କରିଚି । ସେଇ ଧର୍ମ ବଳରେ ମୁଁ ଲଙ୍କା ଜୟ କରି ସୀତା ଉଦ୍ଧାର କରିବି । ...ଜାମ୍ବବାନ, ତୁମେ ପତ୍ର ଲେଖ । ଥରେ ହନୁମାନ ଯାଇଥିଲା – ଏବେ ରାବଣ ସଭାକୁ ମୋର ଦୂତ ହୋଇ ଯିବ ବାଳୀପୁତ୍ର ଯୁବରାଜ ଅଙ୍ଗଦ ।

× × × × ×

[ଲଙ୍କାର ରାଜସଭା । ଅଙ୍ଗଦ ଆସି ନିଜ ଲାଙ୍ଗୁଳରେ ଆସ୍ଥାନ ପ୍ରସ୍ତୁତ କରି ବସିଲେ ।]

ସ୍ୱର – ଏଁ, କିଏ ଏଇ ବାନର ? ଏକାବେଳକେ ରାଜସଭାରେ ଆସି ଆସ୍ଥାନ ମାଡ଼ି ବସିଲାଣି !

ଇନ୍ଦ୍ରଜିତ – ଇଏ କଣ ହନୁମାନ ? ହନୁମାନ ପୁଣି ଆସିଚି ?

ରାବଣ – ନା ଇନ୍ଦ୍ରଜିତ, ଇଏ ହନୁମାନ ନୁହେଁ । (ଅଙ୍ଗଦକୁ) କିଏ ତୁହି ବାନର ?

Digitized by srujanika@gmail.com

ଅଙ୍ଗଦ – ଜୟ ସୀତାପତି ପ୍ରଭୁ ରାମଚନ୍ଦ୍ରଙ୍କର ଜୟ ।

ରାବଣ – କିଏ ତୁହି ?

ଅଙ୍ଗଦ – ମୁଁ ଅଙ୍ଗଦ ।

ରାବଣ – କେଉଁ ଅଙ୍ଗଦ ?

ଅଙ୍ଗଦ – କିଷ୍କିନ୍ଧ୍ୟାର ବାନରରାଜା ବାଳୀ-ପୁତ୍ର ଅଙ୍ଗଦ ।

ରାବଣ – (ସ୍ୱଗତ) ବାଳୀପୁତ୍ର ଅଙ୍ଗଦ ! ଏଇଟା କାହିଁକି ଆସିଲା ? ବାଳୀ ଆଉ ମୋ' ଘଟଣା ଏଇଟାକୁ ତ ସବୁ ଜଣାଥିବ !

ଅଙ୍ଗଦ – କଣ ଭାବୁଚ ଦଶାନନ ?

ରାବଣ– ଏଁ ! ନା-ନା... ତୁ କହୁଚୁ ତୁ ବାଳୀପୁତ୍ର ଅଙ୍ଗଦ ! କୋଉ ବାଳୀ...

ଅଙ୍ଗଦ – (ହସି) ବାଳୀକୁ ଚିହ୍ନିନ ?

ରାବଣ – (ଭାବିଲାପରି) ବାଳୀ...ବାଳୀ...ବାଳୀ...ହୁଁ...

(ଗୀତ) ମନେପଡ଼େ ଦିନେ ଶୁଣିଥିଲି କାନେ
ବାଳୀ ନାମେ ଥିଲା କେହି,
ନର କି ବାନର କୋଉଠି ତା' ଘର
କିଛି ମୋର ମନେ ନାହିଁ,
କପି ତୁ'ରେ କହିବୁ କି କିଏ ସେହି । ୧ ।

ଅଙ୍ଗଦ – (ଅଳ୍ପ ହସି) କିଛି ମନେ ନାହିଁ ତୁମର ? ଶୁଣ, ମନେ ପକେଇ ଦଉଚି ।

(ଗୀତ) ବାହୁ ତଳେ ତୋତେ ଜାକି ଧରି ଯିଏ
ସମୁଦ୍ରେ କରିଲା ସ୍ନାନ,
ବସ୍ତ୍ର ପାଲଟନ୍ତେ ଖସି ପଡ଼ି ତଳେ
ହୋଇଥିଲୁ ହୀନିମାନ ।
ଲାଙ୍ଗୁଳରେ ବାନ୍ଧି ସପତ ସାଗର
ବୁଲାଇଲା ଯୋଉ ବାଳୀ,
ତୋର ଦୁଇ ଗାଲେ ବୋଳିଥିଲା ଯିଏ
ଦୁଇପଟା ଚୂନ କାଳି
ଦୈତ୍ୟ ଆରେ, ମୋର ପିତା ସେଇ ବାଳୀ । ୨ ।

ଅଙ୍ଗଦ – କଣ ମନେପଡ଼ିଲା ?

Digitized by srujanika@gmail.com

ରାବଣ – ଏଁ ! ହଁ ! (ସ୍ୱଗତ) ଇଏ ସହଜ ଜନ୍ତୁ ନୁହେଁ – ଏଇଟାକୁ ମୋ' ମାୟାରୂପ ଦେଖେଇବି । (ଅଙ୍ଗଦକୁ) ତୁ ମୋ' ରାଜସଭାକୁ କାହିଁକି ଆସିଲୁ ?

(ଗୀତ) କାହିଁକି ଆସିଚୁ କି ବାର୍ତ୍ତା ଆଣିଚୁ
କାହା ପାଖେ ତୋର କାମ ?
କୋଉ ସାହସରେ ପଠେଇଲା ତୋତେ
ଜଟାଜୁଟଧାରୀ ରାମ,
ଜାଣିଲି ମୁଁ, ତୋ କରମ ହେଲା ବାମ । ୩ ।

[ଏତିକିବେଳେ ରାଜସଭାରେ ବହୁ ରାବଣ ଦେଖାଗଲେ]

ଅଙ୍ଗଦ – ମୁଁ-ମୁଁ ଆସିଚି... ଆରେ, ଆରେ, ଆରେ, ଏ ସଭାଟା କ'ଣ ଏକାବେଳକେ ରାବଣମୟ ହୋଇଗଲା ? ଶହେ କି ଦୁଇଶ ରାବଣ ମୁଁ ଏଠି ଦେଖୁଚି । କିଏ ପ୍ରକୃତ ରାବଣ ? କାହାକୁ ମୋ' କଥା ମୁଁ କହିବି ?

(ଗୀତ) ଏ କିବା ରହସ୍ୟ ଦେଖୁଚି ସଭାରେ
ଅନେକ ରାବଣ ରୂପ
ଇନ୍ଦ୍ରଜିତ ଆରେ କହିବୁ କି ବାରେ
କୋଉ ରାବଣ ତୋ ବାପ ?

ଇନ୍ଦ୍ରଜିତ – ମୂଢ଼ ! ତୁ ଜାଣିପାରୁନୁ କିଏ ମୋର ବାପ ?

ଅଙ୍ଗଦ – କେମିତି ଜାଣିବି ?

(ଗୀତ) ପଦେ ଚାପିଥିଲା ସହସ୍ରେ ଅର୍ଜୁନ
ଏକଇ ରାବଣ ମଥା,
ଆରେକ ରାବଣ ପଞ୍ଚବଟୀ ବନୁ
ଚୋରାଇ ଆଣିଲା ସୀତା,
କହ ମତେ, କିଏ ଅଟେ ତୋର ପିତା । ୪ ।

[ପୁଣି ଦେଖାଗଲା ସଭାରେ ସେଇ ଏକମାତ୍ର ରାବଣ]

ଅଙ୍ଗଦ – ଏଁ-ଏଁ-ଏଁ ! ପୁଣି କ'ଣ ସବୁ ଓଲଟି ଗଲା ? ସବୁ ମିଛ ରାବଣଯାକ ଉଭେଇ ଗଲେଣି । ସଭାରେ ସେଇ ଗୋଟିଏ ରାବଣ ଦେଖୁଚି । ...ମୋ ସାଙ୍ଗରେ ଏ ଖେଳ ଖେଳିଲ କାହିଁକି ? ବାପ ପୁଅ ଦୁହେଁ ଅପମାନ ଭୋଗିଲ କାହିଁକି ?

Digitized by srujanika@gmail.com

ରାବଣ – ମୂର୍ଖ ! ମୋ' କଥାର ଉତ୍ତର ଆଗେ ଦେ' । ...କହ, ତୁ କାହିଁକି ଏଠିକି ଆସିଚୁ ?

ଅଙ୍ଗଦ – ମୋର ପ୍ରଭୁ ସୀତାପତିଙ୍କ ବାର୍ତ୍ତା ବହନ କରି ଆସିଚି ।

ରାବଣ – କି ବାର୍ତ୍ତା ?

ଅଙ୍ଗଦ – ନିଅ, ପ୍ରଭୁଙ୍କ ଶ୍ରୀହସ୍ତ ଲିଖିତ ପତ୍ର ପାଠକର ।

(ରାବଣ ପତ୍ର ପାଠକଲା)

ରାମଙ୍କ ସ୍ୱର – (ଗୀତ)

ଆହେ ବିଶ୍ରବାନନ୍ଦନ ରାବଣ, ଦୂତ ହସ୍ତେ ପତ୍ର କଲୁ ପ୍ରେରଣ ।।
ଆଦ୍ୟେ ମଙ୍ଗଳ ମନାସି ତୁମ୍ଭର, ଏବେ ଜଣାଇଲୁ ବାର୍ତ୍ତା ଆମ୍ଭର ।।
ଉଚ୍ଚକୁଳେ ପରା ତୁମ ଜନମ, ଅତି ନୀଚ ମାତ୍ର ତୁମ କରମ ।।
ବଳେ କରି ପରନାରୀ ହରଣ, ନିଜେ ହେଲ ନିଜ ମୃତ୍ୟୁ କାରଣ ।।
ଏବେ ଦଉଚୁ ତୁମ୍ଭଙ୍କୁ ଚେତାଇ, ଭଲେ ଜାନକୀଙ୍କୁ ଦିଅ ଫେରାଇ ।।
ଯୋଡ଼ ହସ୍ତେ ଆସି ପାଶେ ଆମ୍ଭର, ନିଜ ଅପରାଧ କର ସ୍ୱୀକାର ।।
ଯେବେ ଏ ଆଜ୍ଞା ଆମର ପାଳିବ, ଆମ କ୍ଷମାର ଭାଜନ ହୋଇବ ।।
ଯେବେ କରିବ ଆଜ୍ଞାକୁ ଅବଜ୍ଞା, ତେବେ ଶୁଣିରଖ ଆମ୍ଭ ପ୍ରତିଜ୍ଞା ।।
ଯୁଦ୍ଧେ ସଂହାରି ତୁମକୁ ସବଂଶ, ବିଭୀଷଣେ କରାଇବୁ ଲଙ୍କେଶ ।।
ପୂତ ରଘୁକୁଳେ ଆମ୍ଭ ଜନମ, ଦଶରଥ ରାଜା ସୁତ ଶ୍ରୀରାମ ।।

ଅଙ୍ଗଦ – ପତ୍ର ତ ପାଠ କଲ – ଏବେ କୁହ ଦାନବରାଜ, ତୁମଠାରୁ କି ଉତ୍ତର ନେଇ ମୋ' ପ୍ରଭୁଙ୍କ ନିକଟକୁ ମୁଁ ଯିବି ?

ରାବଣ – ଉତ୍ତର ଚାହୁଁ ? ଏଇ ଦେଖ, ଏ ପତ୍ରକୁ ମୁଁ ଏ ରାଜସଭାରେ ମୋର ପଦଦଳିତ କଲି । ତୋ' ପ୍ରଭୁକୁ ଏଇ ମୋର ଉତ୍ତର ।

ଅଙ୍ଗଦ – ଆଉ ଏହାର ଉତ୍ତରରେ ମୁଁ ତମର ଏଇ ରାଜସଭା, ରାଜପଦ ଆଉ ରାଜସିଂହାସନକୁ ପଦାଘାତ କରୁଚି । (ଅଙ୍ଗଦର ପଦାଘାତ)

ଇନ୍ଦ୍ରଜିତ – ଏ କଣ ? ବାନରଟାର ପଦାଘାତରେ ସମସ୍ତ ରାଜସଭା କମ୍ପି ଉଠିଲା ? ଲଙ୍କପତିର ମଥାର ମୁକୁଟ ତଳେ ପଡ଼ିଗଲା ?

ରାବଣ – ଘାତକ ! ଏ ଅଧମ ବାନରଟାର ଦୁଇ ପାଦକୁ ଧରି ଭୂମିରେ କଚାଡ଼ି କଚାଡ଼ି ହତ୍ୟାକର ! ଯାଅ !

ଅଙ୍ଗଦ – ଭଲକଥା । ମୁଁ ଏଇ ରାଜସଭାରେ ମୋର ପାଦ ଥାପି ବସି

Digitized by srujanika@gmail.com

ରହିଲି – କିଏ ଆସୁଚ ଆସ !

ଘାତକର ସ୍ୱର – (ଅଙ୍ଗଦର ପାଦ ଉଠାଇବାକୁ ଚେଷ୍ଟା କରି) ହୁଁ-ହୁଁ-ହୁଁ ! ନା ଦୈତ୍ୟରାଜ, ଏ ବାନରଟାର ପାଦ ଭୂମି ଉପରୁ ଉଠୁନାହିଁ । (ଘାତକ ଫେରିଆସିଲା)

ରାବଣ – ଉଠୁନାହିଁ ନା ତୁ ଉଠାଇପାରୁନୁ ? ...ବୀରବାହୁ ! ତୁମେ ଯାଅ !

ଅଙ୍ଗଦ – ଆସ ବୀରବାହୁ ! ଘାତକ ବାମପାଦ ଧରିଲା, ତୁମେ ଡାହାଣ ପାଦ ଧର ।

ବୀରବାହୁ – ବାମ ନୁହେଁ କି ଡାହାଣ ନୁହେଁ, ଏକାବେଳକେ ତୋ'ର ଦୁଇ ପାଦକୁ ଧରି ...ହୁଁ...ହୁଁ...ହୁଁ...ନା ମହାରାଜ, ମୁଁ ମଧ୍ୟ ପାରୁନାହିଁ । (ବୀରବାହୁ ଫେରିଆସିଲା)

ରାବଣ – ପାରୁନାହଁ !

ଇନ୍ଦ୍ରଜିତ–ମୋର ମନେହେଉଚି ବାନରଟା ଖୁବ୍ ଶକ୍ତିଶାଳୀ । ମୁଁ ନିଜେ ଯାଉଚି ।

ଅଙ୍ଗଦ – ଇନ୍ଦ୍ରଜିତ, ତୁ ? ମୋର ତ ଆଉ ତୃତୀୟ ପାଦ ନାହିଁ ?

ଇନ୍ଦ୍ରଜିତ – ମାତ୍ର ମୋର ତୃତୀୟ ଶକ୍ତି ଅଛି । ହୁଁ... ହୁଁ... (ଇନ୍ଦ୍ରଜିତ ମଧ୍ୟ ନ ପାରି ଫେରିଲା)

ରାବଣ – ଏ କଣ, ଇନ୍ଦ୍ରଜିତ ମଧ୍ୟ ପାରୁନାହିଁ ! ନା, ଏଥର ମୁଁ ନିଜେ ଯାଇ... (ଉଠିଲେ)

ଅଙ୍ଗଦ – ନା-ନା ଲଙ୍କପତି, ଏ ତୁମେ କଣ କରୁଚ ? ତ୍ରିପୁରବିଜୟୀ ବୀର ତୁମେ – ଗୋଟାଏ ବାନରର ପାଦ ଧରିବ ? ହଁ, ପାଦ ଯଦି ଧରିବାର କଥା, ତେବେ ଯାଅ – ତମରି ଲଙ୍କାଭୂମିରେ ବିରାଜମାନ କରିଚନ୍ତି କ୍ଷମାସାଗର ପ୍ରଭୁ ସୀତାପତି ରାମଚନ୍ଦ୍ର । ଯାଅ, ତାଙ୍କରି ପାଦ ଧର । (ରାବଣ ପୁଣି ସିଂହାସନରେ ବସିଲା)

ରାବଣ – ତୋର ଜୀବନ ପ୍ରତି ଯଦି ତୋର ମାୟା ଥାଏ, ଏଇ ମୁହୂର୍ତ୍ତରେ ଏ ରାଜସଭା ଛାଡ଼ି ଚାଲିଯା' ।

ଅଙ୍ଗଦ – ଯାଉଚି ଦଶାନନ ! ତେବେ ଯିବା ପୂର୍ବରୁ ତୁମ ଜୀବନର ମାୟା କଥା ତମକୁ ଚେତାଇଦେଉଚି ।

ରାବଣ – ଯା, ତୋର ପ୍ରଭୁକୁ ଚେତାଇଦେଇ କହିବୁ, ସୀତାକୁ ମୁଁ ଫେରାଇ ଦେବି ନାହିଁ । ସମୁଦ୍ରରେ ଯେଉଁ ସେତୁ ବାନ୍ଧିଚି, ସେଇ

Digitized by srujanika@gmail.com

ସେତୁରେ ସେମାନେ ଫେରିଯାଉ ।

ଅଙ୍ଗଦ – ଯଦି ଫେରି ନ ଯାନ୍ତି ?

ରାବଣ – ତେବେ ଯୋଉ ବାହୁବଳରେ ମୁଁ ସୀତା ହରଣକରି ଆଣିଚି, ମୋର ସେଇ ବଜ୍ରବାହୁର ପରିଚୟ ସେ ଯୁଦ୍ଧକ୍ଷେତ୍ରରେ ପାଇବ । ଯା ।

ଅଙ୍ଗଦ – ଯାଉଚି – ଯୁଦ୍ଧକ୍ଷେତ୍ରରେ ପୁଣି ଦେଖାହେବ ।

× × × × ×

[ଲଙ୍କାପୁରୀର ଏକ ଅଂଶ]

ମନ୍ଦୋଦରୀ – ଏ କଣ ହେଲା ସ୍ୱାମୀ ?

ରାବଣ – ଯୁଦ୍ଧର ନୀତି ଆଉ ପ୍ରକୃତି ଏହା ହିଁ ରାଣୀ ।

ମନ୍ଦୋଦରୀ – ଯୁଦ୍ଧର ଦିନ କେଇଟାରେ ଲଙ୍କା ବାହିନୀର ଏତେ ସେନାପତି ପ୍ରାଣ ଦେଲେ । କୁମ୍ଭକର୍ଣ୍ଣ ପରି ଭାଇ ନିହତ ହେଲା ।

ରାବଣ – ସେଇ କଥା ମନ୍ଦୋଦରୀ, କୁମ୍ଭକର୍ଣ୍ଣ ପରି ଭାଇ ମୋର ନିହତ ହେଲା – ମୁଁ ସ୍ଥିର, ଅବିଚଳ । ମୋ' ଆଖିରେ ଟୋପାଏ ଅଶ୍ରୁ ନାହିଁ । ଶ୍ରୀରାମ ସହିତ ଏ ଯୁଦ୍ଧରେ ମୁଁ ଯେଉଁଦିନ ଜୟଲାଭ କରିବି, ସେଇଦିନ ମୋର ଭାଇ ବନ୍ଧୁ କୁଟୁମ୍ବମାନଙ୍କ ପାଇଁ ମୁଁ ଶୋକ କରିବି, ଆଉ ମୋର ବିଜୟ ପାଇଁ ମୁଁ ଆନନ୍ଦ କରିବି । ତା ପୂର୍ବରୁ ଲଙ୍କପତିର ଏକମାତ୍ର ଲକ୍ଷ୍ୟ– କେବଳ ଯୁଦ୍ଧ ଆଉ ଯୁଦ୍ଧ । ...ହଁ, ଶୁଣ, ଆଜି କୁମାର ଇନ୍ଦ୍ରଜିତ ହେବ ଲଙ୍କା ବାହିନୀର ସେନାପତି, ଆଜି ଇନ୍ଦ୍ରଜିତ ଯିବ ଯୁଦ୍ଧକୁ !

ମନ୍ଦୋଦରୀ – ଇନ୍ଦ୍ରଜିତ ଯିବ ଯୁଦ୍ଧକୁ !

ରାବଣ – ହଁ, ଦିନେ ମୋର ଯୋଉ ବୀରପୁତ୍ର ଇନ୍ଦ୍ରକୁ ଜୟ କରିଥିଲା, ଆଜି ଯୁଦ୍ଧରେ ସେ ରାମ ଲକ୍ଷ୍ମଣଙ୍କୁ... ଏ କ'ଣ ରାଣୀ, ତୁମ ଆଖିକୋଣରେ ଅଶ୍ରୁ ? ଏ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସୀତାକୁ ଫେରାଇଦେବା ପାଇଁ ତୁମେ ମତେ ଅନୁନୟ କରିଥିଲ । ତମ କଥା ମୁଁ ରଖିନଥିଲି । ଆଜି କ'ଣ ପୁଣି ସେଇ ଅନୁନୟ କରିବ ?

ମନ୍ଦୋଦରୀ – ନା ନା ସ୍ୱାମୀ ! ଆଜି ମୋର ପ୍ରିୟ ପୁତ୍ର ଯୁଦ୍ଧକୁ ଯାଉଚି, ଆଜି ମୋର ଆଉ କିଛି କହିବାର ନାହିଁ । ମୁଁ ନିଜେ ଆଜି ତାକୁ ବୀରବେଶରେ ସଜାଇଦେବି ।

ରାବଣ – ହଁ ରାଣୀ ! ତୁମେ ଆଜି ତାକୁ ସଜାଇଦେବ – ମୁଁ ସେଇ

Digitized by srujanika@gmail.com

କଥା ତୁମକୁ କହିବାକୁ ଆସିଥିଲି । ଏଇ ଇନ୍ଦ୍ରଜିତ ଆସିଲାଣି ।

(ଇନ୍ଦ୍ରଜିତ ଆସିଲା)

ଇନ୍ଦ୍ରଜିତ – ମାତା !

ମନ୍ଦୋଦରୀ – ଆ' ବାପ, ମୋ' କୋଳକୁ ଆ ! ତୁ ଆଜି ଲଙ୍କା ବାହିନୀର ସେନାପତି । ମୋର କେଡ଼େ ଗର୍ବ । ପିତା ତୋର ତ୍ରିପୁରବିଜୟୀ – ତୁ ନିଜେ ଇନ୍ଦ୍ରଜିତ । ମୁଁ ଜାଣେ ଏ ସବୁ ସମ୍ମାନ ତୁ ରକ୍ଷା କରିବୁ ।

ଇନ୍ଦ୍ରଜିତ – ତୁମେ ଠିକ୍ କହିଚ ମା ! ପୁତ୍ର ହୋଇ ଯଦି ପିତାଙ୍କର ସମ୍ମାନ ରକ୍ଷା କରି ନ ପାରିବି, ତେବେ ମୋର ଇନ୍ଦ୍ରଜିତ ନାମ ବହନ କରିବା ବୃଥା । ମୁଁ ଆଜି ସେଇ ପଣ, ସେଇ ପ୍ରତିଜ୍ଞା କରି ଯୁଦ୍ଧଯାତ୍ରା କରୁଚି ।

ମନ୍ଦୋଦରୀ – ଆ' ପୁତ୍ର, ମୁଁ ତୋତେ ଯୋଦ୍ଧା ବେଶରେ ସଜାଇଦିଏଁ ।

(ସଜାଇବାକୁ ଆରମ୍ଭ କଲେ)

(ଗୀତ) ମଥାରେ କିରୀଟ ଶୋଭା
କପାଳେ ରକ୍ତ ଚନ୍ଦନ,
ଦେଲି ମୋଦଭରେ କର ତୁ ବାବୁରେ
ଆରତି କୁଳ ମର୍ଦ୍ଦନ । ୧ ।
ଗଳେ ରୁଦ୍ରତାପ ମାଳି
କର୍ଣ୍ଣେ ବିଜୟ କୁଣ୍ଡଳ,
ବାହୁରେ ସାଜିଲି ମହାବଳୀ ବାଜୁ
ବଢୁ ତୋ' ବାହୁର ବଳ । ୨ ।
ବକ୍ଷେ ପିନ୍ଧାଇଲି ସାଞ୍ଜୁ
କାନ୍ଧେ ଅକ୍ଷୟ ତୂଣୀର
କରେ ତୋର ଦେଲି ଧାର କରବାଳ
କୋଷ ଅମୂଲ୍ୟ ମଣିର । ୩ ।
କଟିରେ ଅମୋଘ ପଟି
ଚରଣେ ରତ୍ନ ପାଦୁକା
କର୍ଣ୍ଣେ ଫୁଙ୍କିଦେଲି ମହାଯୋଗ ମନ୍ତ୍ର
ସାହା ତୋ' ଦେବୀ ମାତୃକା । ୪ ।

× × × × ×

Digitized by srujanika@gmail.com

ରାମ – କ'ଣ ହେଲା ବିଭୀଷଣ ?

ବିଭୀଷଣ – ଇନ୍ଦ୍ରଜିତର ଯଜ୍ଞ ଭଗ୍ନ ହୋଇଚି ରଘୁପତି । ନିକୁମ୍ଭିଳା ବଟ ମୂଳେ ବସି ଏକାନ୍ତରେ ଯଜ୍ଞ କରୁଥିଲା । ଏ ଯଜ୍ଞ ପୂର୍ଣ୍ଣ ହୋଇଥିଲେ ଇନ୍ଦ୍ରଜିତ ଅଜେୟ ଅମର ହୋଇ ରହିଥାନ୍ତା । ହନୁମାନ ଅଙ୍ଗଦ ତା' ଯଜ୍ଞ ଭଙ୍ଗ କରିଛନ୍ତି ।

ରାମ – ଇନ୍ଦ୍ରଜିତ କାହିଁ ? ତା'ର ଯଜ୍ଞଭେଦ କଥା ତୁମେ କହି ନ ଥିଲେ ଆମେ ନିରୁପାୟ ହୋଇ ବସିଥାନ୍ତୁ । କାହିଁ ସେ ?

ବିଭୀଷଣ – ଯୁଦ୍ଧ ପାଇଁ ବ୍ୟୂହ ରଚନା କରୁଚି ।

ରାମ–ତେବେ ଚାଲ ମିତ୍ର, ମୁଁ ତା'ର ବ୍ୟୂହ ଭେଦକରି ତାକୁ ନିହତ କରିବି ।

ବିଭୀଷଣ – ନା ପ୍ରଭୁ ! ଇନ୍ଦ୍ରଜିତର ଯାହା ମୃତ୍ୟୁଭେଦ ଆପଣଙ୍କ ହାତରେ ସେ ନିହତ ହେବନାହିଁ ।

ରାମ – କ'ଣ ତା'ର ମୃତ୍ୟୁଭେଦ ?

ବିଭୀଷଣ–ଯିଏ କେବଳ ମାନବ ଅଂଶରେ ଜନ୍ମହୋଇଥିବ–ହୋମ, ଯାଗ, ତପସ୍ୟାଦି କରିନଥିବ – ଆଉ ବାର ବର୍ଷ ଆହାର, ବିହାର, ନିଦ୍ରା ତ୍ୟାଗ କରିଥିବ, କେବଳ ତା'ରି ହାତରେ ହିଁ ଇନ୍ଦ୍ରଜିତର ମୃତ୍ୟୁ ହେବ ।

ରାମ – ମାତ୍ର... ମାତ୍ର ଏପରି ଜଣେ ମାନବ ଏ ପୃଥିବୀରେ ଥିବା ତ ସମ୍ଭବ ନୁହେଁ ବିଭୀଷଣ ?

ବିଭୀଷଣ – ସମ୍ଭବ ହେଇଚି ପ୍ରଭୁ ! ଏପରି ମାନବ ହେଉଚନ୍ତି ଆପଣଙ୍କ ଅନୁଜ ବୀର ଲକ୍ଷ୍ମଣ ।

ରାମ – ଲକ୍ଷ୍ମଣ !...ହଁ, ବାରବର୍ଷ ହୋଇଗଲା, ଲକ୍ଷ୍ମଣ ନିଦ୍ରା ବିହାର ତ୍ୟାଗ କରିଚି – ମୁଁ ଜାଣେ । କିନ୍ତୁ ଆହାର...

ଲକ୍ଷ୍ମଣ – କ୍ଷମା କରିବେ ଭାଇ ! ମୋର ଭୋଜନ ପାଇଁ ଦେବୀ ମତେ ଯାହା ପରଷିଥାନ୍ତି, ଆପଣଙ୍କ ଅଗୋଚରରେ ମୁଁ ତାହା ଆଦିତ୍ୟଙ୍କୁ ସମର୍ପଣ କରିଦିଏ ।

ରାମ – ତା'ହେଲେ ଏ ବାର ବର୍ଷ କାଳ ତୁ ଅନାହାରରେ ରହିଛୁ ! ଆଉ ଅନାହାରରେ ରହିଚୁ ବୋଲି ତୁ ଇନ୍ଦ୍ରଜିତକୁ ଯୁଦ୍ଧରେ ପରାଜିତ କରପାରିବୁ ! ଲକ୍ଷ୍ମଣ, ଭାଇ ମୋର ! ଏଇ ମହାନ୍ ସ୍ୱାର୍ଥତ୍ୟାଗର ଆଦର୍ଶ ରଖିଯିବୁ

Digitized by srujanika@gmail.com

ବୋଲି ତୁ କଳହ କରି ମୋ' ସହିତ ବନବାସକୁ ଆସିଥିଲୁ ! ...ତୋ' ନିକଟରେ ମୁଁ କେତେ ନ୍ୟୂନ, କେତେ ଛୋଟ ହୋଇଯାଉଚି ରେ !

ଲକ୍ଷ୍ମଣ – ଏଇ ଦେଖନ୍ତୁ ଭାଇ ! ଇନ୍ଦ୍ରଜିତ ବ୍ୟୂହ ରଚନାକରି ଏ ଦିଗକୁ ଅଗ୍ରସର ହେଉଚି । ମତେ ଆଦେଶ କରନ୍ତୁ – ମୁଁ ଯାଇ ତା'ର ବ୍ୟୂହ ଭଙ୍ଗକରିବି ।

ରାମ – ଯା' ବାବୁ ! ତୋର ଜୟ ହେଉ !

ଲକ୍ଷ୍ମଣ – କାହିଁଅଛୁ ଇନ୍ଦ୍ରଜିତ ? ଭାବିଚୁ ଏ ବ୍ୟୂହ ରଚନା କରି ଯୁଦ୍ଧରେ ଜୟଲାଭ କରିବୁ ? ଏଇ ଦେଖ, ମୋର ଏ ଶତ ଶର ପ୍ରୟୋଗ କରି ମୁଁ ତୋର ବ୍ୟୂହ ଭେଦକଲି ।

ଇନ୍ଦ୍ରଜିତ – ସାରଥି, ରଥ ଦକ୍ଷିଣ ମୋଡ଼ କର । ଲକ୍ଷ୍ମଣ ଏଇ ଦିଗରୁ ବ୍ୟୂହ ଭେଦ କରିଚି ।

ସାରଥି – ରଥ ମୋଡ଼ ହୋଇପାରିବ ନାହିଁ କୁମାର – ଲକ୍ଷ୍ମଣର ଶରରେ ଦକ୍ଷିଣ ଦିଗ ଆଚ୍ଛାଦିତ ହୋଇଯାଇଚି ।

ଇନ୍ଦ୍ରଜିତ – ତା'ହେଲେ ରଥ ଶୂନ୍ୟମାର୍ଗକୁ ଉଠାଅ ! ...ହଁ, ଏଇଠି । ରେ ଲକ୍ଷ୍ମଣ, ମୋର ଏଇ ଶକ୍ତିଅସ୍ତ୍ର ତୋ'ର ବକ୍ଷ ଭେଦକରିବ ।

ଲକ୍ଷ୍ମଣ – ହାଃ-ହାଃହାଃ – ତୋ କର ମୁକ୍ତ ହେବା ପୂର୍ବରୁ ତୋ'ର ଅସ୍ତ୍ର ମୋ ଶରାଘାତରେ ଦ୍ୱିଖଣ୍ଡିତ ହୋଇଗଲାଣି । ଆଜି ଏଇ ଯୁଦ୍ଧକ୍ଷେତ୍ରରେ ତୁ ନିଜେ ମଧ୍ୟ ତୋ' ଅସ୍ତ୍ରର ଦଶା ଭୋଗିବୁ ।

(ଗୀତ) ଶୁଣ ଆରେ ଇନ୍ଦ୍ରଜିତ, କରିଚି ମୁଁ ପଣ,
ତୋର ସହ ଆଜ ମୋର ହେବ ଶେଷ ରଣ
ଏ ଜନମେ ତୁହି ରେ
ନ ଦେଖିବୁ ଆଉ ଯୁଦ୍ଧଭୂଇଁ ରେ । ୧ ।
ଜିଣିଥିଲୁ ବୋଲି କେବେ ସ୍ୱର୍ଗେ ଶଚୀପତି
ସେ ଗରବେ ତୋର ଆଉ ସ୍ଥିର ନାହିଁ ମତି
ସେ ଇନ୍ଦ୍ରଦେବ ରେ,
ଦେଖିବେ ତୋ ଗର୍ବ ହେଲା ଖର୍ବରେ । ୨ ।

ଇନ୍ଦ୍ରଜିତ – ହାଃ-ହାଃ-ହାଃ...

ଲକ୍ଷ୍ମଣ – ଏ କ'ଣ ବୀର ହନୁମାନ – ଇନ୍ଦ୍ରଜିତକୁ ମୁଁ ଆଉ ଦେଖୁନାହିଁ–

Digitized by srujanika@gmail.com

କେବଳ ତା' ହସର ପ୍ରତିଧ୍ୱନି ଶୁଣୁଚି !

ହନୁମାନ – ମେଘ ଉଢ଼ାଳରେ ଲୁଚିଲେ ଇନ୍ଦ୍ରଜିତ ଯୁଦ୍ଧ କରୁଚି ।

ଲକ୍ଷ୍ମଣ–(ଗୀତ) ମେଘ କୋଳେ ଲୁଚିରହି ତୁ ଆରେ ମେଘନାଦ

ସହି ନ ପାରିବୁ ମୋ ଧନୁର ବଜ୍ରନାଦ

ମୁହିଁ ସଉମିତ୍ରିରେ,

ହେବୁ ଆଜି ମୋ' ହାତେ ନିହତ ରେ । ୩ ।

ଲକ୍ଷ୍ମଣ – ଦେଖୁଚ ତ ହନୁମାନ ! ଇନ୍ଦ୍ରଜିତ ମୋ ଶର-ପ୍ରୟୋଗ ସୀମା ବାହାରକୁ ଚାଲିଗଲାଣି ।

ହନୁମାନ – ମୁଁ କାୟା ବିସ୍ତାର କରୁଚି, ତୁମେ ମୋର ପୃଷ୍ଠଦେଶରେ ବସି ଯୁଦ୍ଧ କର । (ଲକ୍ଷ୍ମଣ ହନୁ ପୃଷ୍ଠରେ ବସିଲେ)

ଲକ୍ଷ୍ମଣ – ହଁ, ତାହା ହିଁ ହେଉ ...ରେ କାପୁରୁଷ ଇନ୍ଦ୍ରଜିତ, ଆଉ ଅନ୍ତରାଳରେ ଲୁଚିନରହି ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହୁଅ ।

ଇନ୍ଦ୍ରଜିତ – ମୁଁ ଏଇ ସୁଯୋଗ ଅପେକ୍ଷାରେ ଥିଲି । ତୋ' ସହିତ ମୋର ଏଇ ସମ୍ମୁଖ ଯୁଦ୍ଧରେ ତୁ ତୋର ମୃତ୍ୟୁର ସମ୍ମୁଖୀନ ହେବୁ ।

(ଯୁଦ୍ଧ ଓ ଇନ୍ଦ୍ରଜିତର ମୃତ୍ୟୁ)

ସ୍ୱର– ଜୟ ବୀରଶ୍ରେଷ୍ଠ ରାମଭ୍ରାତ ଲକ୍ଷ୍ମଣଙ୍କର ଜୟ !

ଜୟ ସୀତାପତି ପ୍ରଭୁ ରାମଚନ୍ଦ୍ରଙ୍କର ଜୟ !

ବିଭୀଷଣ – ଏଇ ଦେଖନ୍ତୁ ରଘୁପତି, ଇନ୍ଦ୍ରଜିତ ନିହତ ହୋଇଚି ବୋଲି ସ୍ୱର୍ଗରୁ ଇନ୍ଦ୍ର ଆଦି ଦେବଗଣ କିପରି ଆନନ୍ଦରେ ପୁଷ୍ପବୃଷ୍ଟି କରୁଛନ୍ତି । ...ଆଉ ଚିନ୍ତାନାହିଁ, ରାବଣର ମୃତ୍ୟୁବେଳ ଏବେ ନିକଟ୍‌ହୋଇଆସିଲା ।

ରାମ – ଜାଣେ – ଧର୍ମର ଜୟ, ଅଧର୍ମର କ୍ଷୟ – ଏଇ ମହାସତ୍ୟକୁ ରାବଣ ଏବେ ଯଦି ସ୍ୱୀକାର କରିପାରନ୍ତା...

× × × × ×

(ରାବଣର ଏକ କକ୍ଷ)

ଦୂତ – (ତ୍ରସ୍ତ କଣ୍ଠରେ) ଅତି ଦୁଃସମ୍ବାଦ ଲଙ୍କପତି !

ରାବଣ–(ଗମ୍ଭୀର ଭଗ୍ନକଣ୍ଠରେ) ଜାଣେ ! ତୁମେ ଯାଅ ! (ଦୂତର ପ୍ରସ୍ଥାନ) ମୁଁ ଲଙ୍କପତି – ମୁଁ ବିଶ୍ୱବିଜୟୀ ରାବଣ । ବ୍ରହ୍ମାବର ଲାଭ ଦିନୁଁ ମୋର ଲକ୍ଷ୍ୟଥିଲା ତ୍ରିପୁର ବିଜୟ – କର୍ମ ଥିଲା ସୁଖ ସମ୍ଭୋଗ – ଧର୍ମ ଥିଲା

Digitized by srujanika@gmail.com

ରାଜସିକ । ଦୁଃଖ ନାହିଁ, ଶୋକ ନାହିଁ, ଅନୁତାପ ନାହିଁ – ଏଇ କଥା ମୁଁ ରାଣୀ ମନ୍ଦୋଦରୀକୁ କହିଥିଲି । ମାତ୍ର ଏ ମୋର କ'ଣ ହେଉଚି ? ଇନ୍ଦ୍ରଜିତର ମୃତ୍ୟୁରେ କାହିଁକି ମୁଁ ଲକ୍ଷ୍ୟଭ୍ରଷ୍ଟ ହେଉଚି – କର୍ମଭ୍ରଷ୍ଟ ହେଉଚି– ଧର୍ମଭ୍ରଷ୍ଟ ହେଉଚି ? ମୋ' ଭିତରର ରାକ୍ଷସ ରାବଣଟା ଏମିତି ଛିନ୍ନଭିନ୍ନ ହୋଇଯାଉଚି ...ନା, ମୁଁ ପାରୁନାହିଁ । ଇନ୍ଦ୍ରଜିତର ମୃତ୍ୟୁକୁ ମୁଁ ସହିପାରୁ ନାହିଁ । ...ଇନ୍ଦ୍ରଜିତ, ପୁତ୍ର ମୋର ! ମାତା ତୋର ତୋତେ ବୀର ବେଶରେ ସଜାଇ ଯୁଦ୍ଧକୁ ପଠାଇଥିଲା – ମୁଁ ଚାହିଁ ବସିଥିଲି ତୋର ବିଜୟ ବାହୁଡ଼ା ପଥକୁ... ତୁ ଫେରିଲୁ ନାହିଁ – ତୁ ଫେରିଲୁ ନାହିଁ ଇନ୍ଦ୍ରଜିତ... ଆମ କୋଳକୁ ତୁ ଆଉ ଫେରିଲୁ ନାହିଁ ।

(ଗୀତ)

ପିତା ଲାଗି ବୀରପୁତ୍ର ଦେଲୁ ପ୍ରାଣ ବଳିରେ
କୋଟି ଜନ୍ମେ ନ ପାଇବି ପୁତ୍ର ତୋହ ଭଳିରେ । ୦ ।
ଧିକ୍ ଧିକ୍ ଏ ଜନମ
ପିତା ନୁହେଁ ମୁହିଁ ଯମ
ମୋର ସ୍ୱାର୍ଥ ଲାଗି ତୋତେ ଦେଲି ରଣେ ବଳିରେ । ୧ ।

(ସଂଶୟସୂଚକ ବାଦ୍ୟ)

ରାବଣ – ଏ କଣ ? ଆଖି ଆଗରେ ମୋର ଅତଳ ଅନ୍ଧକାର ! ଆଉ ସେହି ଭିତରୁ ଏମାନଙ୍କର ଏ ବୀଭତ୍ସରୂପ ଭାସିଆସୁଚି ।

(ଗୀତ) ଅକ୍ଷୟକୁମାର ଇନ୍ଦ୍ରଜିତ ଅକମ୍ପନ
ତରଣୀସେନ ପ୍ରଶସ୍ତ ପୁଣି କୁମ୍ଭକର୍ଣ୍ଣ,
ନାହିଁ ଅଙ୍ଗ ଆଭରଣ ନାହିଁ ଅଙ୍ଗବାସ
କଙ୍କାଳ ସର୍ବସ୍ୱ ଦେଖି ଲାଗେ ମନେ ତ୍ରାସ । ୨ ।

× × × × ×

[ରାବଣର ଅଲକ୍ଷ୍ୟରେ ମନ୍ଦୋଦରୀ ଆସି ସବୁ ଲକ୍ଷ୍ୟକରୁଥିଲେ ।]

ରାବଣ – (ହଠାତ୍ ଗର୍ଜନ କରି) ନା ! ମୁଁ ପୂର୍ବର ସେହି ରାବଣ । ମୁଁ ଭୀତତ୍ରସ୍ତ ହୋଇନାହିଁ । ମୁଁ ଛିନ୍ନଭିନ୍ନ ହୋଇନାହିଁ । ମୋର ସେଇ ଲକ୍ଷ୍ୟ– ସେଇ କର୍ମ – ସେଇ ଧର୍ମ । ମୁଁ ପୂର୍ବର ସେଇ ମହାତାପୀ ରାବଣ– ରାମ ଲକ୍ଷ୍ମଣର ପରମ ଶତ୍ରୁ ।

Digitized by srujanika@gmail.com

(ଗୀତ) କ୍ଷୟ କରି ବଂଶ ମୋର ତୁମେ ଦୁଇ ଭ୍ରାତାରେ
ଭାବିଚ ହୋଇବ ତୁମେ ଲଙ୍କାର ବିଧାତା ରେ ।
ମୋ' ଲଙ୍କାର ମାଟି ଛୁଇଁ
ଶପଥ କରୁଚି ମୁହିଁ
ତୁମରି ବିନାଶ ପାଇଁ ଏ ମୋ ଯୁଦ୍ଧଯାତ୍ରାରେ । ୩ ।

ମନ୍ଦୋଦରୀ – (ଦୃଢ଼ କଣ୍ଠରେ) ନା...

ରାବଣ – ମନ୍ଦୋଦରୀ... ତୁମେ !

ମନ୍ଦୋଦରୀ – ମୋ' ପୁଅର ଅକଲ୍ୟାଣ ଚିନ୍ତା କରିବି ନାହିଁ ବୋଲି ତାକୁ ବୀର ବେଶରେ ସଜାଇ ଯୁଦ୍ଧକୁ ପଠାଇଥିଲି । ପୁଅ ଆଉ ନାହିଁ । ତୁମେ ବର୍ତ୍ତମାନ ଯେମିତି ପୂର୍ବର ସେହି ରାବଣ – ମୁଁ ମଧ୍ୟ ସେମିତି ପୂର୍ବର ସେଇ ମନ୍ଦୋଦରୀ । ସୀତା ହରଣ ଦିନୁଁ ସୀତାକୁ ଫେରାଇ ଦେବା ପାଇଁ କହିଆସିଥିଲି – ଆଜି ସେଇଆ କହୁଚି – ସୀତାକୁ ଫେରାଇଦିଅ । ନିଜ ବଂଶ ନାଶ ହୋଇଚି, ଲଙ୍କାରାଜ୍ୟର ବିନାଶ କରନାହିଁ ।

(ଗୀତ) ରାଜପୁରୀ ହେଲା ଶ୍ମଶାନ
ଆଉ କିବା କୁହ ରହିଲା ବାକି,
କାହାପାଇଁ ଆଉ କରିବ ସମର
କାହାଠାରେ ଆଶା ଭରସା ରଖି । ୦ ।
ଅହଲ୍ୟା ଯେ କଲେ ଉଦ୍ଧାର
ଜଳେ ଭସାଇଲେ ପଥର,
ତାଙ୍କୁ ତୁମେ ତୁଚ୍ଛ ଅରାତି ମଣିଲେ
ଲଙ୍କାର ବିନାଶ ଆଣିବ ଡାକି । ୧ ।

ରାବଣ – ରାବଣର ବିନାଶ ନହେବା ପର୍ଯ୍ୟନ୍ତ ଲଙ୍କାର ବିନାଶ ହୋଇପାରିବ ନାହିଁ ।

ମନ୍ଦୋଦରୀ – (ଗୀତ)

ପରନାରୀ କରି ହରଣ
ବାଳୀ ଅରଜିଲା ମରଣ,
ରାମ ଅବତାର ପାପ କଳୁଷରୁ
ଉଦ୍ଧରିବା ପାଇଁ ଏ ଧରଣୀକି । ୨ ।

Digitized by srujanika@gmail.com

ରାବଣ – ଯେଉଁ ଧରଣୀକୁ ସେ ଉଦ୍ଧାର କରିବ, ସେ ଧରଣୀକୁ ଧ୍ୱଂସ କରିଦେବାର ଶକ୍ତି ମୋର ଅଛି ।

ମନ୍ଦୋଦରୀ –   (ଗୀତ)

ଅଭାଗିନୀ ଲଙ୍କାର ନାରୀ
କି ଆକୁଳେ ଲୋତକ ଢାଳି,
ତୁମ ନାମ ଧରି   କୁହନ୍ତି ଧିକ୍‌କାରୀ
ତୁରିତେ ଫେରାଇ ଦିଅ ଜାନକୀ । ୩ ।

ରାବଣ – ରାବଣର ମୃତ ଦେହ ଉପରେ ପାଦ ରଖି ଶ୍ରୀରାମ ସୀତାକୁ ଫେରାଇ ନେଇପାରେ, ତା'ପୂର୍ବରୁ ନୁହେଁ । ରାତ୍ରି ପ୍ରଭାତ ହେଲାଣି । ମୋର ଯୁଦ୍ଧଯାତ୍ରା ସମୟ ଉପସ୍ଥିତ । ମତେ ବିଦାୟ ଦିଅ ।

(ରାବଣର ପ୍ରସ୍ଥାନ । ଅଦୂରରେ ଯୁଦ୍ଧବାଦ୍ୟ ଓ କୋଳାହଳ)

× × × × ×

[ଯୁଦ୍ଧଭୂମି । ରାବଣର ଶକ୍ତି ପ୍ରୟୋଗରେ ଲକ୍ଷ୍ମଣ ଅଚେତ ହୋଇ ପଡ଼ିଛନ୍ତି]

ରାମ – (କାନ୍ଦି) ଲକ୍ଷ୍ମଣ, ଉଠ୍ ବାବୁ, କଥା କହ । ତୋର ମୁଖକୁ ଚାହିଁ ମୁଁ ଜାନକୀ-ବିଚ୍ଛେଦ ଦୁଃଖ ସହିନେଇଚି । ମୋହ ତ୍ୟାଗ କରି ଉଠ୍ – ମତେ ଚାହାଁ – ମତେ ଧିକ୍‌କାର କରି କହ ଯେ ମୁଁ ଅଧମ, ହୀନବଳ– ରଘୁକୁଳର ଦାୟାଦ ହେବାର ଯୋଗ୍ୟତା ମୋର ନାହିଁ । ରାବଣ ହାତରୁ ସୀତାକୁ ରକ୍ଷା କରି ପାରିଲି ନାହିଁ । ତା' ଶକ୍ତି ପ୍ରୟୋଗରୁ ତୋତେ ବଞ୍ଚାଇ ପାରିଲି ନାହିଁ । ...ରାବଣ, ତୋର ଶତ୍ରୁ ତ ଲକ୍ଷ୍ମଣ ନୁହେଁ – ତୋର ଶତ୍ରୁ ମୁଁ । ତୁ ମୋ ବକ୍ଷରେ ଶକ୍ତିଭେଦ ନକଲୁ କାହିଁକି ?

ବିଭୀଷଣ – ଆପଣ ସ୍ଥିର ହୁଅନ୍ତୁ ରଘୁପତି !

ରାମ – କାହିଁକି ସ୍ଥିର ହେବି ? ତା' ପୁତ୍ରଶୋକ ଭୂଲି ରାବଣ ଯୁଦ୍ଧ କରିପାରିଲା... କିନ୍ତୁ ମୋ ଭ୍ରାତୃଶୋକ...

ବିଭୀଷଣ – (ବାଧାଦେଇ) ଏକଥା କୁହନ୍ତୁ ନାହିଁ ପ୍ରଭୁ ! ହନୁମାନ ଔଷଧ ପାଇଁ ଯାଇଚି ।

ରାମ – କାହିଁ ହନୁମାନ ? ରାତ୍ରି ପାହି ଆସୁଚି – କାହିଁ ସେ !

ବିଭୀଷଣ – ଆକାଶ ମାର୍ଗରେ ଏ କି ଶବ୍ଦ ଶୁଣାଯାଉଚି ?

Digitized by srujanika@gmail.com

ଅଙ୍ଗଦ – ଏଇ ଦେଖନ୍ତୁ ପ୍ରଭୁ – ହନୁମାନ ଆସୁଚି । ପିଠିରେ ଏକ ପର୍ବତ ବହନ କରି ହନୁମାନ ଆକାଶ ମାର୍ଗରୁ ଭୂମି ଉପରକୁ ଖସିଆସୁଚି ।

ରାମ – ହନୁମାନ – ଆସିଚ ତୁମେ ? ଔଷଧ ପାଇଚ ?

ହନୁମାନ – ପ୍ରଭୁଙ୍କର ଜୟ ହେଉ । ଔଷଧ ଚିହ୍ନି ପାରିଲି ନାହିଁ ବୋଲି ଗନ୍ଧମାଦନକୁ ଉପାଡ଼ି ଆଣିଚି ।

ରାମ – ସୁଷେଣ !

ସୁଷେଣ – ହଁ ପ୍ରଭୁ, ଏହା ହିଁ ଗନ୍ଧମାଦନ ପର୍ବତ । ନିମିଷକରେ ମୁଁ ବିଶଲ୍ୟକରଣୀ ଔଷଧ ବାହାର କରି ପ୍ରୟୋଗ କରିବି । ରାତି ପାହିବା ପୂର୍ବରୁ ବୀର ସୌମିତ୍ରୀ ଚେତନା ଲାଭ କରିବେ ।

× × × × ×

[ଲଙ୍କାପୁରୀର ଏକ କକ୍ଷ । ରାବଣ ଓ ମନ୍ଦୋଦରୀ ।]

ରାବଣ – ହୁଁ... ଲକ୍ଷ୍ମଣ ଶକ୍ତିଭେଦ ବିଫଳ ହୋଇଚି । ଲକ୍ଷ୍ମଣ ପୁଣି ତାର ଜୀବନ ଫେରିପାଇଚି । ଆଜି ରାମ ରାବଣର ଶେଷ ଯୁଦ୍ଧ । ଅଥଚ ବାନରମାନେ ଛଦ୍ମବେଶରେ ମୋର ପ୍ରାତଃ ହୋମ କାର୍ଯ୍ୟରେ ବାଧାଦେଲେ– ହୋମ ନଷ୍ଟ କରିଦେଲେ । ମାୟା ରଚନାରେ ସେମାନେ ଅସୁରମାନଙ୍କୁ ପରାଜିତ କଲେ ।

ମନ୍ଦୋଦରୀ – କେବଳ ସେତିକି ନୁହେଁ ସ୍ୱାମୀ – ତୁମର ମୃତ୍ୟୁ ଶର – ବରଦାନବେଳେ ଯାହା ବ୍ରହ୍ମା ତୁମକୁ ଦେଇଥିଲେ...

ରାବଣ – ଜାଣେ । ସେ ଶର ବିନା ଅନ୍ୟ କୌଣସି ଶରରେ ମୋର ମୃତ୍ୟୁ ହେବ ନାହିଁ । ସେ ଶର ତ ମୁଁ ଗୋଟିଏ ଅତି ସୁଦୃଢ଼ ସ୍ତମ୍ଭ ଭିତରେ ଲୁଚାଇ ରଖିଚି ।

ମନ୍ଦୋଦରୀ – ସେ ଶର ଆଉ ନାହିଁ ।

ରାବଣ – ନାହିଁ ?

ମନ୍ଦୋଦରୀ – ଜ୍ୟୋତିଷୀର ଛଦ୍ମବେଶରେ ହନୁମାନ ଆସି ସ୍ତମ୍ଭ ଭାଙ୍ଗି ସେ ଶର ନେଇଯାଇଚି ।

ରାବଣ – ରାଣୀ !

ମନ୍ଦୋଦରୀ – ପୁଣି ମା' ଦୁର୍ଗାଙ୍କର କୃପା ଲାଭପାଇଁ ରାମଚନ୍ଦ୍ର ଅକାଳ ବୋଧନ କରିଚନ୍ତି ।

Digitized by srujanika@gmail.com

ରାବଣ – କିଛି ଲାଭ ହେବ ନାହିଁ । ମୁଁ କାଲି ଅର୍ଦ୍ଧରାତ୍ରିରେ ଚଣ୍ଡିପାଠ କରିଚି ।

ମନ୍ଦୋଦରୀ – ଚଣ୍ଡିପାଠ ବେଳେ ତୁମେ ଅନ୍ୟମନସ୍କ ହୋଇପଡ଼ିଥିଲ ।

ରାବଣ – ଏଁ...ହଁ ...ମୋ' ମାନସପଟରେ ଗୋଟାଏ ବାନରର ଛାୟା ଦେଖି ମୁଁ ଟିକିଏ ବିଚଳିତ ହୋଇପଡ଼ିଥିଲି ।

ମନ୍ଦୋଦରୀ – ପୁଣି ସେଇ ବାନରର ମାୟା ! ତୁମେ ବିଚଳିତ ହେଲ – ଦେବୀ ଅସନ୍ତୁଷ୍ଟ ହୋଇ ତୁମର ସ୍କନ୍ଧ ଛାଡ଼ି ଶ୍ରୀରାମଙ୍କ ସ୍କନ୍ଧରେ ବିଜେ ହୋଇଚନ୍ତି । ସ୍ୱପ୍ନରେ ଦେବୀଙ୍କ ମୁହଁରୁ ଏକଥା ମୁଁ ଶୁଣିଲି ।

ରାବଣ – ହୁଁ...

ମନ୍ଦୋଦରୀ – କ'ଣ ଆଉ ଭାବୁଚ ସ୍ୱାମୀ ?

ରାବଣ – ଭାବୁଚି... ନା, ଗୋଟି ଗୋଟି ହୋଇ ମୋର ସବୁ ଯେତେବେଳେ ଶେଷ ହୋଇଯାଉଚି, ଭାବିବାର ଆଉ କିଛି ନାହିଁ ।

ମନ୍ଦୋଦରୀ – ମୁଁ ସେଇ କଥା କହୁଚି ସ୍ୱାମୀ, ଏବେ ମଧ୍ୟ ସମୟ ଅଛି... ଏ ଯୁଦ୍ଧରୁ ତୁମେ ବିରତ ହୁଅ ।

ରାବଣ – ରାମ-ରାବଣର ଶେଷ ଯୁଦ୍ଧ ପାଇଁ ସମସ୍ତ ବିଶ୍ୱ ଅପେକ୍ଷା କରି ବସିଚି । ମୁଁ ତୁମ ପଣତ ତଳେ ଆତ୍ମଗୋପନ କରି ରହିପାରିବି ନାହିଁ । ମୁଁ ଆଜି ସବୁ ଦୈବୀଶକ୍ତିରୁ ମୁକ୍ତ । ମୋ ନିଜ ଶକ୍ତି ବଳରେ ମୁଁ ଯୁଦ୍ଧ ଜୟ କରିବି, ଏ ଦୃଢ଼ ବିଶ୍ୱାସ ନେଇ ମୁଁ ସମର ଭୂମିକୁ ଯାତ୍ରା କରୁଚି ରାଣୀ ! ବିଦାୟ । (ପ୍ରସ୍ଥାନ)

ମନ୍ଦୋଦରୀ – (କାନ୍ଦି) ଏ କ'ଣ କଲ ପ୍ରଭୁ ? କାହିଁକି ମତେ ଏ ଅଗ୍ନିପରୀକ୍ଷା ଭିତରକୁ ଠେଲିଦେଇଗଲ ? ତମ ଯାତ୍ରା ପୂର୍ବରୁ ତମକୁ ପ୍ରଣାମ ଟିକିଏ କରିପାରିଲି ନାହିଁ... ଏଇଠି ଥାଇ ତୁମକୁ ମୋ ଅନ୍ତରର ପ୍ରଣତି ଜଣାଉଚି – ଆଜି ଏ ଯାତ୍ରା ତମର ସଫଳ ହେଉ – ସଫଳ ହେଉ !

× × × × ×

[ଯୁଦ୍ଧଭୂମି]

ରାବଣ – ଏଇ ସେ ଯୁଦ୍ଧକ୍ଷେତ୍ର । ଦୈବୀଶକ୍ତିବିହୀନ ହୋଇ ମୁଁ ଯୁଦ୍ଧକୁ ଆସିଚି । ମୋ' ନିଜ ଶକ୍ତିକୁ ଦ୍ୱିଗୁଣିତ କରି ଶତ୍ରୁପକ୍ଷକୁ ନିଶ୍ଚିହ୍ନ

Digitized by srujanika@gmail.com

କରିଦେବି, ଏଇ ପଣ ନେଇ ମୁଁ ଆସିଚି । ...ପ୍ରଥମେ ସମସ୍ତଙ୍କ ଉଦ୍ଦେଶ୍ୟରେ ଶର ପ୍ରୟୋଗ କରି ଯୁଦ୍ଧଭୂମିକୁ ଶରାଚ୍ଛନ୍ନ କରିଦିଏଁ, ତା'ପରେ ସେଇ ଅନ୍ଧକାର ଭିତରୁ ମୁଁ ଯୁଦ୍ଧର ଆହ୍ୱାନ ଦେବି । (ଶର ପ୍ରୟୋଗ)

ରାବଣ – କାହିଁ ଅଛ ରାମ ଲକ୍ଷ୍ମଣ ! ଆଜି ମୋ' ସହିତ ତମର ଶେଷ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ – ନାହିଁ ତ ଏ ଯୁଦ୍ଧଭୂମିରେ ତୁମର ଅସ୍ତ୍ର ତ୍ୟାଗକର ।

ରାମ – ଏ କ'ଣ, ଏଇ ଯୁଦ୍ଧକ୍ଷେତ୍ରରେ ଥାଇ ରାବଣ ଆମକୁ ଆହ୍ୱାନ କରୁଚି – ମାତ୍ର ସେ ଦୃଷ୍ଟିଗୋଚର ହେଉନାହିଁ ।

ବିଭୀଷଣ – ଅସଂଖ୍ୟ ଶର ନିକ୍ଷେପ କରି ସେ ଯୁଦ୍ଧଭୂମିକୁ ଆଚ୍ଛାଦିତ କରି ରଖିଚି ।

ଲକ୍ଷ୍ମଣ – ମୂହୂର୍ତ୍ତେ ଅପେକ୍ଷା କରନ୍ତୁ, ମୁଁ ମୋର ବାବଲାଶର ପ୍ରୟୋଗକରି ତା'ର ଏ ଶର ଜାଲକୁ ଛିନ୍ନଭିନ୍ନ କରିଦେଉଚି । (ଶର ପ୍ରୟୋଗ)

ରାବଣ – ହୁଁ, ବର୍ତ୍ତମାନ ଯୁଦ୍ଧକ୍ଷେତ୍ର ପରିଷ୍କାର । ବର୍ତ୍ତମାନ ମୁଁ ଦେଖୁଚି ରାବଣର ସମ୍ମୁଖରେ ରାମ...

ରାମ – ଆଉ ମୁଁ ଦେଖୁଚି ରାମ ସମ୍ମୁଖରେ ରାବଣ ।

ରାବଣ – ଆଉ ସେଇ ରାବଣର ଏ ମୂଷଳ ପ୍ରୟୋଗ....ହାଃ-ହାଃ-ହାଃ... ! ଧିକ୍ ରାମଚନ୍ଦ୍ର ! ଶହେ ହାତ ଘୁଞ୍ଚିଯାଇ ତୋ' ଜୀବନ ରକ୍ଷାକଲୁ ।

ରାମ – ବର୍ତ୍ତମାନ ଶହେ ଯୋଜନ ଘୁଞ୍ଚିଯାଇ ମଧ୍ୟ ତୁମ ଜୀବନ ତୁମେ ରକ୍ଷା କରିପାରିବ ନାହିଁ ଲଙ୍କେଶ୍ୱର ! ...ପ୍ରସ୍ତୁତ ?

ରାବଣ – ପ୍ରସ୍ତୁତ । (ଯୁଦ୍ଧ... ରାବଣ ଭୂପତିତ)

ରାବଣ – ଆଃ...

ସୁଗ୍ରୀବ – ଆପଣଙ୍କ ଶରାଘାତ ରାବଣର ବକ୍ଷ ଭେଦ କରିଚି – ରାବଣ ଭୂପତିତ ହୋଇଚି । ଏଇ ଦେଖନ୍ତୁ, ଦେବଲୋକରୁ ଆନନ୍ଦଧ୍ୱନି ଆଉ ପୁଷ୍ପବୃଷ୍ଟି ହେଉଚି । (ବହୁ ଶଙ୍ଖଧ୍ୱନି)

ସ୍ୱର – ଜୟ, ଦୁରିତନାଶନ ପ୍ରଭୁ ରାମଚନ୍ଦ୍ରଙ୍କର ଜୟ ।।'

ବିଭୀଷଣ – (କାନ୍ଦି) ଯଦି... ଯଦି ମୋ କଥା ଶୁଣିଥାନ୍ତ ଭାଇ – ଯଦି ଦେବୀ ଜାନକୀଙ୍କୁ ଫେରାଇଦେଇଥାନ୍ତ...

Digitized by srujanika@gmail.com

ରାମ – ତୁମକୁ ସାନ୍ତ୍ୱନା ଦେବାର ଭାଷା ମୋର ନାହିଁ ମିତ୍ର ବିଭୀଷଣ ! ତମ ନିକଟରେ ମୁଁ ନିଜକୁ ଅପରାଧୀ ମନେକରୁଚି ।

ବିଭୀଷଣ – ପ୍ରଭୁ !

ରାମ – ଚାଲ, ଦଶାନନଙ୍କ ନିକଟକୁ ଚାଲ ।

(ଦୁହେଁ ରାବଣ ନିକଟକୁ ଆସିଲେ)

ରାବଣ – କିଏ, ରାମଚନ୍ଦ୍ର ! ଆସ ମୁଁ ତୁମକୁ ଅପେକ୍ଷା କରୁଥିଲି...ଆ ବିଭୀଷଣ !

ବିଭୀଷଣ – (କାନ୍ଦି) ଭାଇ !

ରାବଣ – କାନ୍ଦୁଚୁ ତୁ ! କିଏ ମଲା ବୋଲି ତୁ କାନ୍ଦୁଚୁ ? ତୋ ଭାଇ ରାବଣ ମରିନାହିଁ । ତା'ର ଆତ୍ମା ସବୁବେଳେ ତୋ' ପାଖେ ପାଖେ ରହି ଶୁଭକାମନା କରୁଥିବ । ...ମରିଚି ଦୈତ୍ୟକୁଳ ଅଧମ ଦଶାନନ ।

ରାମ – ବ୍ରହ୍ମଜ୍ଞାନୀ ପୁରୁଷ ତୁମେ – ଏ ରାମଚନ୍ଦ୍ରର ସମ୍ମାନ ଗ୍ରହଣ କର ।

ରାବଣ – ଯୋଉ ମୁହୂର୍ତ୍ତରେ ମା' ଦୁର୍ଗା ମୋ' ସ୍କନ୍ଧ ତ୍ୟାଗକରି ତୁମ ସ୍କନ୍ଧରେ ବିଜେହେଲେ, ସେଇ ମୁହୂର୍ତ୍ତରେ ମୁଁ ଜାଣିଥିଲି ଯେ ରାଜା କୁଶଧ୍ୱଜର କନ୍ୟା କୁମାରୀ ବେଦମତୀର ବାଣୀ ସଫଳ ହୋଇଚି । ମୁଁ ଜାଣିଥିଲି ଏ ଯୁଦ୍ଧରେ ତୁମେ ଜୟଲାଭ କରିବ । ତଥାପି ମୁଁ ଯୁଦ୍ଧଯାତ୍ରା କରିଥିଲି... କାହିଁକି ଜାଣ ? ନରରୂପୀ ନାରାୟଣ ତମେ – ତମରି ହାତରେ ପ୍ରାଣ ଦେଇ ମୁଁ ସବୁ ପାପ କଳଙ୍କରୁ ମୁକ୍ତ ହେବି । କେବଳ ଏଇ କାମନା କରି ମୁଁ ଆଜି ଯୁଦ୍ଧଯାତ୍ରା କରିଥିଲି । ମୋର କାମନା ପୂର୍ଣ୍ଣ ହୋଇଚି ।

ରାମ – ଲଙ୍କପତି !

ରାବଣ – ମତେ ତୁମେ ବ୍ରହ୍ମଜ୍ଞାନୀ ବୋଲି ସ୍ୱୀକାର କରିଚ । ମୋର ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ମୁଁ ତୁମକୁ ଦୁଇଟି କଥା କହିଯାଉଚି ।

ରାମ – ଦୁଇଟି କଥା !

ରାବଣ – ହଁ, ଦୁଇଟି ନୀତିକଥା । ...ମୋ'ର ସ୍ୱର୍ଗ ବିଜୟ ବେଳେ ସ୍ୱଚକ୍ଷୁରେ ମୁଁ ଦେଖିଲି ନର୍କବାସୀମାନଙ୍କ ଦୁଃସହ ଯନ୍ତ୍ରଣା । ତ୍ରିପୁର ବିଜୟୀ ମୁଁ – ତ୍ରିପୁରବାସୀ ଦେବ, ଦାନବ, ମାନବ ମୋ ହାତରୁ ବହୁ ଯାତନା, ବହୁ ଲାଞ୍ଛନା ଓ କଷ୍ଟ ଭୋଗକରିଚନ୍ତି ; କିନ୍ତୁ ନର୍କବାସୀମାନଙ୍କ

Digitized by srujanika@gmail.com

ଯନ୍ତ୍ରଣା ମୁଁ ସହ୍ୟ କରପାରିଲି ନାହିଁ । ସଂକଳ୍ପ କଲି, ଲଙ୍କପୁରୀରୁ ସ୍ୱର୍ଗକୁ ନିଶୁଣି ବାନ୍ଧି ନର୍କପୁରୀରୁ ଏମାନଙ୍କୁ ଉଦ୍ଧାର କରିବି । ...ଲଙ୍କା ଫେରିଲି । ପ୍ରତ୍ୟେକ ଦିନ ଚିନ୍ତାକରେ – ଆଜି ନିଶୁଣି ବାନ୍ଧିବି । ତା'ପରେ ମନେ ମନେ ଭାବେ – ସ୍ୱର୍ଗକୁ ନିଶୁଣି ବାନ୍ଧିବା ଅତି ସାମାନ୍ୟ କଥା – ଆଜି ଥାଉ, କାଲିକି ବାନ୍ଧିବି । ...ଏମିତି ବର୍ଷ ପରେ ବର୍ଷ ବିତିଗଲା – ମୋର ଶେଷ ସମୟ ଆସି ଉପସ୍ଥିତ ହେଲା – କିନ୍ତୁ ମୋ ଜୀବନର ଏକ ମହାନ୍ ସଂକଳ୍ପକୁ ମୁଁ ପୂର୍ଣ୍ଣ କରିପାରିଲି ନାହିଁ । ସେଇଥିପାଇଁ କହୁଚି ରାମଚନ୍ଦ୍ର, ରାଜା ତୁମେ – ତମ ଜୀବନରେ କୌଣସି ମହତ୍ କର୍ମର ସୁଯୋଗ ଉପସ୍ଥିତ ହେଲେ ଗୋଟିଏ ମୁହୂର୍ତ୍ତ ବିଳମ୍ବ ନକରି ତାହା ସମ୍ପାଦନ କରିବ ।

ରାମ – ତମର ଦ୍ୱିତୀୟ କଥା . . .

ରାବଣ – ସୂର୍ପଣଖାର ନାସାକର୍ଣ୍ଣ ଛେଦନ ହୋଇଚି ଶୁଣି ମୁଁ ସଙ୍ଗେ ସଙ୍ଗେ ଉତ୍କ୍ଷିପ୍ତ ହୋଇଉଠିଲି – ତମ ପ୍ରତି ପ୍ରତିହିଂସାପରାୟଣ ହୋଇ ପଞ୍ଚବଟୀରୁ ସୀତା ଅପହରଣ କଲି । ଟିକିଏ ଚିନ୍ତା କରି ଦେଖିଲି ନାହିଁ, ଏ ଘଟଣାରେ ପ୍ରକୃତ ଦୋଷୀ କିଏ ଆଉ ତାହାରି ପରିଣାମରେ ଆଜି ଲଙ୍କାପୁରୀ ଧ୍ୱଂସ ପାଇଲା । ଏହା ହିଁ ମୋର ଦ୍ୱିତୀୟ କଥା । ରାମଚନ୍ଦ୍ର, ବିଚାର ବିବେଚନା ନକରି ମୁହୂର୍ତ୍ତକର ଉତ୍ତେଜନାରେ କୌଣସି କାମ କରିବ ନାହିଁ ।

ରାମ – ତମର ଏ ଉପଦେଶ, ଏ ରାଜନୀତି ଶିକ୍ଷା ମୁଁ ମଥାପାତି ଗ୍ରହଣ କଲି ଦଶାନନ !

ରାବଣ – ନାରାୟଣ ତୁମେ, ପରମପୁରୁଷ । ମତେ ତୁମେ ସ୍ପର୍ଶ କର ରାମଚନ୍ଦ୍ର । (ରାମଚନ୍ଦ୍ର ରାବଣର ମଥାରେ ହାତ ରଖିଲେ) ...ଆଃ, ମୋ' ମଥାରେ ତମ ଅମୃତମୟ କରସ୍ପର୍ଶ, ଚକ୍ଷୁ ସମ୍ମୁଖରେ ତମର ଆଲୋକମୟ ଦିବ୍ୟମୂର୍ତ୍ତି ...ନାରାୟଣ ନାରାୟଣ...

(ରାବଣର ମୃତ୍ୟୁ । କିଛିକ୍ଷଣ ପାଇଁ ସମସ୍ତେ ନୀରବ)

ରାମ – ମିତ୍ର ସୁଗ୍ରୀବ, ବିଭୀଷଣ, ହନୁମାନ, ଅଙ୍ଗଦ ସମସ୍ତେ ଶୁଣ – ଯାହା ବିଧିନିର୍ଦ୍ଦେଶ ଥିଲା ତାହା ସମ୍ପାଦିତ ହୋଇଚି । ଆମ ସମ୍ମୁଖରେ ବର୍ତ୍ତମାନ ବହୁ କର୍ତ୍ତବ୍ୟ । ପ୍ରଥମେ ସମସ୍ତ ବିଧିବିଧାନ ଅନୁଯାୟୀ ହେବ ଦଶାନନଙ୍କ ଶବଦାହ । ତା'ପରେ ଲଙ୍କା ସିଂହାସନରେ ହେବ ବିଭୀଷଣଙ୍କର

Digitized by srujanika@gmail.com

ଅଭିଷେକ । ...ଆଉ ହନୁମାନ, ତୁମେ ଅଶୋକ ବନକୁ ଯାଇ ଦେବୀ ଜାନକୀଙ୍କୁ ଆଣିବ ।

ହନୁମାନ – ଦେବୀ ରଥରେ ଆସିବେ ତ ?

ରାମ – ରଥରେ ? ନା ! ଦେବୀ ପାଦରେ ଚାଲି ଚାଲି ଆସନ୍ତୁ ।

ଲକ୍ଷ୍ମଣ – କାହିଁକି ଭାଇ ? ଦେବୀ ଚାଲି ଚାଲି ଆସିବେ କାହିଁକି ?

ବିଭୀଷଣ – ଲକ୍ଷ୍ମଣ ଉଚିତ କଥା କହିଚନ୍ତି ପ୍ରଭୁ ! ପଟ୍ଟବସ୍ତ୍ର ଅଳଙ୍କାର ବିଭୂଷିତା ହୋଇ ଦେବୀ ପୁଷ୍ପକ ବିମାନରେ ଆସିବେ ।

ରାମ – ନା ବିଭୀଷଣ, ଯେଉଁମାନଙ୍କ ସାହାଯ୍ୟରେ ମୁଁ ଜାନକୀକୁ ଉଦ୍ଧାର କରିପାରିଚି, ମୋର ସେଇ ପ୍ରିୟ ବାନର ଆଉ ଋକ୍ଷ ସେନାମାନେ ଦେବୀଙ୍କ ମୂର୍ତ୍ତିକୁ ସ୍ୱଚକ୍ଷୁରେ ଦେଖିବା ଉଚିତ । ସେଇଥିପାଇଁ ଦେବୀ ଚାଲି ଚାଲି ଆସିବେ । ...ଯାଅ, ଆଉ ବିଳମ୍ବ ନକରି ସବୁ କାର୍ଯ୍ୟ ଶେଷକର ।

× × × × ×

[ହନୁମାନ ଓ ଅନ୍ୟମାନଙ୍କ ଗହଣରେ ସୀତା ଚାଲି ଚାଲି ଆସିଲେ]

ସ୍ୱର– ଜୟ ସୀତାପତି ପ୍ରଭୁ ରାମଚନ୍ଦ୍ରଙ୍କର ଜୟ !
ଜୟ ଶ୍ରୀରାମବନିତା ଦେବୀ ଜାନକୀଙ୍କର ଜୟ !

(ସୀତା ରାମଚନ୍ଦ୍ରଙ୍କର ପଦ ବନ୍ଦନାକଲେ)

ରାମ – ଉଠ ଦେବୀ, ଉଠ ! କିଛି କହନ ଯେ ।

ସୀତା – ଏଗାର ମାସ କାଳ ଆହାର ନିଦ୍ରା ତ୍ୟାଗ କରି ବହୁ କଷ୍ଟ ନିର୍ଯ୍ୟାତନା ସହି ଚାତକପରି ଚାହିଁ ବସିଥିଲି ତମ ଶ୍ରୀମୁଖରୁ ପଦେ କଥା ଶୁଣିବାପାଇଁ ।

ରାମ – ମୋର ସମସ୍ତ କର୍ତ୍ତବ୍ୟ ଶେଷ ହୋଇଚି ଜାନକୀ ! ରାବଣ ନିତ ହୋଇଚି । ରାକ୍ଷସପୁରୀରୁ ତୁମେ ଉଦ୍ଧାର ପାଇଚ । ଏହା ପରେ ମୋର ଆଉ କିଛି କରିବାର ନାହିଁ ।

ସୀତା – ବୁଝିପାରିଲି ନାହିଁ ପ୍ରଭୁ !

ରାମ – ଏତେ ଦିନ ତୁମେ ରାବଣପୁରୀରେ ଏକାକିନୀ ବନ୍ଦିନୀ ଥିଲ । ତମ ପ୍ରତି ରାବଣ ମନରେ ପାପ ଆଶା ଜାଗିଥିଲା ।

ସୀତା – ସେଥିପାଇଁ – ସେଥିପାଇଁ ତମେ ମତେ ସନ୍ଦେହ କରୁଚ ?

Digitized by srujanika@gmail.com

ରାମ – ହଁ ଜାନକୀ, ଲୋକ ଅପବାଦ ଦୃଷ୍ଟିରୁ ମୁଁ ତୁମକୁ ସନ୍ଦେହ କରୁଚି । କ୍ଷତ୍ରିୟ ସନ୍ତାନ ମୁଁ – ରାଜକୁଳରେ ମୋର ଜନ୍ମ । ବର୍ତ୍ତମାନ ମୁଁ ତୁମକୁ ମୋ ସ୍ତ୍ରୀରୂପେ ଗ୍ରହଣ କରିପାରିବି ନାହିଁ ।

ଲକ୍ଷ୍ମଣ – ଭାଇ ! ଏ କି ନିଷ୍ଠୁର କଥା ଆପଣ କହୁଚନ୍ତି ଭାଇ !

ରାମ – ଏଇ ଦେଖ ଲକ୍ଷ୍ମଣ ! ମୋର ଏ ନିଷ୍ପତ୍ତିରେ ଏଠି କାହାରି ମୁଖରେ ପଦେ କଥା ନାହିଁ । ସମସ୍ତେ ନୀରବ । ସମସ୍ତେ ମୋ' ନିଷ୍ପତ୍ତିକୁ ସ୍ୱୀକାର କରୁଛନ୍ତି । ...ମୋ' ପରି ତୋର ମଧ ରଘୁକୁଳରେ ଜନ୍ମ – ତୁ ନୀରବ ରହ ।

ସୀତା – ଲକ୍ଷ୍ମଣ ! ତୁମେ ଚିତା ପ୍ରସ୍ତୁତ କର ।

ଲକ୍ଷ୍ମଣ – ଦେବୀ !

ସୀତା – ଅଯୋଧ୍ୟା ରାଜକୁଳର ବଧୂ ମୁଁ । ଲୋକ ଅପବାଦରୁ ମୋ ସ୍ୱାମୀଙ୍କୁ ରକ୍ଷାକରିବା ମୋର ପରମ କର୍ତ୍ତବ୍ୟ । ରାବଣ ବଧ କରି ପ୍ରଭୁ ମତେ ଉଦ୍ଧାର କରି ଆଣିଚନ୍ତି । ମୁଁ ତାଙ୍କ ଚରଣ ବନ୍ଦନା କରିଚି – ଶ୍ରୀମୁଖ ଦର୍ଶନ କରିଚି – ଆଉ ମୋର କିଛି ଲୋଡ଼ା ନାହିଁ । ତୁମେ ଚିତା ପ୍ରସ୍ତୁତ କର ।

ଲକ୍ଷ୍ମଣ – ଭାଇ !

ରାମ – ଦେବୀଙ୍କ ଆଜ୍ଞା ପାଳନ କର ଲକ୍ଷ୍ମଣ ! ଚିତା ପ୍ରସ୍ତୁତ କର !

ସୀତା – ମତେ ବିଦାୟ ଦିଅନ୍ତୁ ପ୍ରଭୁ !

(ଗୀତ)

ସ୍ମରଣ କରି ମୁଁ ଗୁରୁ ଗୁରୁଜନ ପିତୃପିତାମହ ନାମ
ସ୍ମରଣ କରି ମୁଁ ଇକ୍ଷ୍ୱାକୁ ବଂଶର ପୁଣ୍ୟଶ୍ଳୋକ ରାଜାଗଣ,
ସ୍ମରଣ କରି ମୁଁ ମୋ ପତିଦେବତା ଶ୍ରୀରାମଙ୍କ ଶ୍ରୀଚରଣ
ଅନଳେ ପଶୁଚି କରି ଅଗ୍ନିଦେବେ ସାତବାର ପ୍ରଦକ୍ଷିଣ ।

(ଚିତା ପ୍ରଦକ୍ଷିଣ କଲେ)

ଅଗ୍ନି ଦେବତା ହେ, ଏତିକି ମିନତି ମୋର ତବ ଶ୍ରୀଚରଣେ
କରିଥାଏ ଯେବେ ପରପୁରୁଷର ଚିନ୍ତା କେବେ ମୋର ମନେ ।
ମୋର ପତି ବିନା ଆନ ପୁରୁଷରେ ଥାଏ ଯଦି ମନ ବଳି
ତୁମରି ଶିଖାରେ ଏ ମୋର ତନୁକୁ ନିମିଷକେ ଦିଅ ଜାଳି ।

Digitized by srujanika@gmail.com

(ଚିତାରେ ପ୍ରବେଶ କଲେ । କିଛି କ୍ଷଣ ପରେ ଅଗ୍ନିଦେବତା ସୀତାଙ୍କୁ ଧରି ଚିତା ବାହାରକୁ ଆସିଲେ ।)

ଲକ୍ଷ୍ମଣ – ଏଇ... ଏଇ ଦେଖନ୍ତୁ ଭ୍ରାତା ! ଦେବୀ ଜାନକୀଙ୍କ ସହିତ ସ୍ୱୟଂ ଅଗ୍ନିଦେବ ଚିତାଗର୍ଭରୁ ବାହାରିଆସୁଚନ୍ତି ।

ଅଗ୍ନିଦେବ– ରଘୁପତି ! ଲୋକମତକୁ ସମ୍ମାନ ଦେଇ ତୁମେ ଯେପରି ତୁମ ରାଜଧର୍ମ – ତୁମ କୁଳଧର୍ମ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଚ, କୁଳନାରୀର ସତୀତ୍ୱକୁ ସମ୍ମାନ ଦେଇ ସତୀ ସୀତା ସେଇପରି ଅଗ୍ନିପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଚନ୍ତି । ନିଅ ପ୍ରଭୁ – ଦେବୀଙ୍କୁ ଗ୍ରହଣ କର ।

ରାମ – ଆସ ସୀତା, ତୁମ ସ୍ୱାମୀର ସମସ୍ତ ଦୋଷ କ୍ଷମା କରି ଆସ !

ସୀତା – ପ୍ରଭୁ !

ସ୍ୱର – ଜୟ ଜାନକୀବଲ୍ଲଭ ପ୍ରଭୁ ରାମଚନ୍ଦ୍ରଙ୍କର ଜୟ । ଜୟ ମହାସତୀ ସୀତାଙ୍କର ଜୟ !

ରାମ – ଲଙ୍କେଶ୍ୱର ବିଭୀଷଣ ! ବର୍ତ୍ତମାନ ଆମ ଅଯୋଧ୍ୟା ଯାତ୍ରାର ଆୟୋଜନ କର ।

ବିଭୀଷଣ – ସମସ୍ତ ଆୟୋଜନ ସଂପୂର୍ଣ୍ଣ ପ୍ରଭୁ ! ରଥରେ ବିଜେ କରନ୍ତୁ ।

× × × × ×

[ଅଯୋଧ୍ୟା ରାଜସଭା]

(ଗୀତ)

ସ୍ୱର– ଚଉଦ ବରଷ ଅନ୍ତେ
ଚମକି ଚାହିଁଲେ ଅଯୋଧ୍ୟାବାସୀ,
ଖସୁଚି କି ରଙ୍ଗେ ପୁଷ୍ପକ ବିମାନ
ଖସୁଚନ୍ତି କିବା ତାରକା ଶଶୀ । ୦ ।
ଏଇ ସେ ତ୍ରିମୂର୍ତ୍ତି ନୟନର ମଣି
ରାମ ସଉମିତ୍ରୀ ସୀତା ଠାକୁରାଣୀ
ଧନ୍ୟ ସେ ଭରତ ପୂର୍ଣ୍ଣ କରି ବ୍ରତ
ଆନନ୍ଦସାଗରେ ଯାଆନ୍ତି ଭାସି । ୧ ।
ସେଦିନ ଏ ପଥେ ଦୁଃଖ ହାହାକାର
ଝରିଥିଲା କେତେ ଲୋତକର ଧାର

Digitized by srujanika@gmail.com

ଆଜି ସେ ନୟନ ଶ୍ରୀରାମ ଦର୍ଶନ
ଆନନ୍ଦର ଅଶ୍ରୁ ଯାଏ ବରଷି । ୨ ।
ରାଜ ଅନ୍ତଃପୁରେ କଉଶଲ୍ୟା ପାଶେ
କହୁଚନ୍ତି ଆସି କୈକେୟୀ ହରଷେ
ଶ୍ରୀରାମ ଭରତ ଦୁହେଁ ତୁମ ସୁତ
ମୁହିଁ ସିନା ତୁମ ଚରଣଦାସୀ । ୩ ।
ଆକୁଳେ ଚାହିଁଚି ରତ୍ନସିଂହାସନ
ପାଇବ ଆଜି ସେ ରାଜ ଦରଶନ
ଅପସରି ଯିବ ଚରଣ ପାଦୁକା
ବିଜେ ହେବେ ପ୍ରଭୁ ସ୍ୱୟଂ ପ୍ରକାଶି । ୪ ।

ରାମ — ଶୁଣ ଭରତ, ମୋ କଥା ଶୁଣ ! ଚଉଦ ବର୍ଷ ପରେ ଆମେ ଅଯୋଧ୍ୟା ଫେରିଚୁ । ବିଭୀଷଣ, ସୁଗ୍ରୀବ, ହନୁମାନ, ଅଙ୍ଗଦ ପ୍ରଭୃତି ଆସିଚନ୍ତି । ସେମାନେ ଆମ ଅଯୋଧବାସୀଙ୍କ ସହିତ ପରିଚିତ ହୁଅନ୍ତୁ— ଆମେ ରାଜପୁରୀ ଭିତରକୁ ଯାଇ...

ଭରତ — ମୋତେ କ୍ଷମା କରନ୍ତୁ ଭାଇ, ମୁଁ କିଛି ଶୁଣିବି ନାହିଁ । ଆପଣ ଅଯୋଧ୍ୟା ଭୂମିରେ ପାଦ ଦେବା ପରେ ଆଉ କ୍ଷଣକ ପାଇଁ ସୁଦ୍ଧା ଏ ସିଂହାସନର ଅଧିକାରୀ ଆଉ କେହି ହୋଇପାରିବେ ନାହିଁ ।

ରାମ — ଭରତର କଥା ଶୁଣୁଚନ୍ତି ତ କୁଳଗୁରୁ ?

ବଶିଷ୍ଠ — ଭରତ ଉଚିତ କଥା କହିଚନ୍ତି ରାମଚନ୍ଦ୍ର ! ଦେବୀ ସୀତାଙ୍କ ସହ ତୁମେ ଆଗେ ସିଂହାସନରେ ଉପବେଶନ କର ।

ଭରତ — ହଁ, ଦେବୀଙ୍କ ସହିତ ସିଂହାସନରେ ବିଜେ କରନ୍ତୁ ଭାଇ ! ଏଇ ଆପଣଙ୍କର ପାଦୁକା — ଆପଣଙ୍କ ଶ୍ରୀଚରଣରେ ପିନ୍ଧାଇଦିଏଁ । ଲକ୍ଷ୍ମଣ ମତେ ଚାମର ଦେ । ତୁ ଆଉ ଶତ୍ରୁଘ୍ନ ଦୁହେଁ ଆଲଟ ଧର ।

ହନୁମାନ — ମୁଁ ରାମଭକ୍ତ ହନୁମାନ — ମୁଁ ପ୍ରଭୁଙ୍କ ପାଦଦେଶରେ ବସିବି ।

ରାମ — ବସ ହନୁମାନ — ବସ !

ଭରତ — ମୋର ଚଉଦ ବର୍ଷର ତପସ୍ୟା ସାଥର୍କ ହେଲା — ନୟନ ମନ ତୃପ୍ତ ହେଲା ।

ରାମ — ଭରତ, ଭାଇ ମୋର ! ଅଯୋଧ୍ୟା ସିଂହାସନର ମର୍ଯ୍ୟାଦା ରକ୍ଷା

Digitized by srujanika@gmail.com

କରିବା ପାଇଁ ତୋର ଏ ମହାନ୍ ତ୍ୟାଗ ମୋର ଆଦର୍ଶ ହୋଇ ରହିବ ।

ଭରତ – ଆଉ ଯୁଗ ଯୁଗ ପାଇଁ ପରମପୁରୁଷ ଶ୍ରୀରାମ ହେବେ ଏ ଜଗତ୍‌ବାସୀଙ୍କ ଆଦର୍ଶ ।

ସ୍ୱର— (ଗୀତ)

ଜୟ ରଘୁନାଥ ରଘୁବଂଶ ସୁଧାକର
ଇନ୍ଦୀବର ନେତ୍ର ଦୀନଜନ ଦୁଃଖହର ।
କଉଶଲ୍ୟା ହୃଦୟ ଚନ୍ଦନ ସୀତାକାନ୍ତ
ନବଘନ ଶ୍ୟାମଳ ବଚନ ଶୁଦ୍ଧବନ୍ତ ।
ଭକତବତ୍ସଳ ଦୈତ୍ୟକୁଳ-ନିସୂଦନ
ପାପତାପଚୟ କ୍ଷୟ କର ସୁଦର୍ଶନ ।
ଆଦି ମଧ୍ୟ ଅନ୍ତହୀନ ଅବ୍ୟୟ ସ୍ୱରୂ
ପୁରାଣପୁରୁଷ ଦେବଗଣଙ୍କ ଅଧିପ ।

□ □ □

Digitized by srujanika@gmail.com

ଶ୍ରୀ ଗୋପାଳ ଛୋଟରାୟଙ୍କ ଲିଖିତ ପୁସ୍ତକ

ପ୍ରକାଶକ : ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ଜନ୍ମାଷ୍ଟମୀ	ମୀରାବାଈ
ଶ୍ରୀ ଜଗନ୍ନାଥ	ଘରବରଦେଖା
ଅମରବିଳାସ	ସଂପୂର୍ଣ୍ଣ ରାମାୟଣ
ଗଣେଶ	ଫେରିଆ
ଚମ୍ପୂବିନୋଦ	ସେଇଫୁଲଟି
ଶୋଭା	ଗଜପତି ହୀରା ଓ ଅନ୍ୟାନ୍ୟ
ଅମଡ଼ାବାଟ	ପୂରାପୂରି ପାରିବାରିକ
ଶ୍ରୀହରିଙ୍କ ସଂସାର	ପଞ୍ଚ ନାଟିକା
ହାସ୍ୟରସର ନାଟକ	ପେଟେଣ୍ଟ ମେଡ଼ିସିନ୍
ବାଣାପରାଜୟ	ଶତରଂଜି
ମହିଷମର୍ଦ୍ଦିନୀ	ନପାହୁ ରାତି, ନମରୁ ପତି
ସୀତା ଲବକୁଶ	ଘଟକ
ଶ୍ରୀମତୀ ସଂମାର୍ଜ୍ଜନୀ	ସାଧନା

Digitized by srujanika@gmail.com